

ଇମ୍ତିଆଜଙ୍କ ସହ ପୁଣି କାମ କରିବେ ଦିଲଜିତ୍

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-170 ◆TUESDAY ◆16 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୭୦ ◆ମଙ୍ଗଳବାର ◆୧୬ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ବାହା ବଜାରରେ ପୁଣି ସୁନା ମହଙ୍ଗା | ୧୦ ଗ୍ରାମ୍‌କୁ ୧.୩୫ ଲକ୍ଷ ଟପିଲା

■ ଭୁବନେଶ୍ୱର, ୧୫।୧୨ (ଏଜେନ୍ସି): ପୁଣି ଥରେ ହୁ ହୁ ହୋଇ ବଢ଼ୁଛି ସୁନା ଓ ରୁପା ଦର। ଘରୋଇ ବଜାରରେ ସୁନା ଦର ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗିଛି। ଫଳରେ ସୁନା ମୂଲ୍ୟ ୧୦ ଗ୍ରାମ (୨୪ କ୍ୟାରେଟ୍) ପିଛା ୧.୩୫ ଲକ୍ଷ ଟଙ୍କାର ଐତିହାସିକ ରେକର୍ଡ ସ୍ତର ଅତିକ୍ରମ କରିଛି। ଆମେରିକୀୟ ଫେଡେରାଲ ରିଜର୍ଭ ସୁଧ ହାରରେ ହ୍ରାସ ଘଟାଇବା ପରେ ଭାରତୀୟ ବଜାରରେ ଦ୍ରୁତ ବେଗରେ ବଢ଼ୁଛି ସୁନା ଓ ରୁପା ଦର।



ସେହିପରି ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ କିଲୋ ପିଛା ପ୍ରଥମ ଥର ପାଇଁ ୨.୧୩ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଘରୋଇ ବଜାରରେ ଚଳିତବର୍ଷ ସୁନା ଦର ୧୦ ଗ୍ରାମ ପିଛା ୫୭ ହଜାର ଟଙ୍କା ମହଙ୍ଗା ହୋଇଛି। ସୋମବାର ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୫,୨୫୦ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ▶ପୃଷ୍ଠା-୭

### ଶୀତଳ ଯୁଦ୍ଧର ଗୁପ୍ତ ରହସ୍ୟ ଉନ୍ମୋଚିତ | ବିପଦରେ ନନ୍ଦାଦେବୀ, ଗଙ୍ଗା

■ ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ହିମାଳୟରେ ଦୀର୍ଘ ଦିନଧରି ପୋତି ହୋଇ ରହିଥିବା ଶୀତଳ ଯୁଦ୍ଧର ଏକ ଗୁପ୍ତ ରହସ୍ୟ ପୁଣିଥରେ ଲୋକଲୋଚନକୁ ଆସିଛି। ପ୍ରାୟ ୬୦ବର୍ଷ ତଳେ ନନ୍ଦାଦେବୀ ପର୍ବତରେ ହଜିଯାଇଥିବା ଏକ ପରମାଣୁ ଶକ୍ତି ସଞ୍ଚାଳନକାରୀ ଉପକରଣ ଏବେ ନୂଆ ବିପଦ ସୃଷ୍ଟି କରିଛି। ଏହା ଭାରତର ସବୁଠାରୁ ପବିତ୍ର ତଥା ଚିରସ୍ରୋତା ନଦୀ ଗଙ୍ଗାକୁ ବିପଦରେ



ପକାଇଛି। ବିକିରଣ ଆଶଙ୍କା ଯୋଗୁଁ ଗଙ୍ଗା ଉପରେ ନିର୍ଭରଶୀଳ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ମଧ୍ୟ ବିପଦରେ ରହିଛି।

ଶୀତଳ ଯୁଦ୍ଧ ଅବସରରେ ଚୀନ ପରମାଣୁ ପରୀକ୍ଷଣକୁ ଜୋରଦାର କରିଥିଲା। ସେତେବେଳେ ଉପଗ୍ରହ ବ୍ୟବସ୍ଥା ନ ଥିଲା। ତେଣୁ ଏହି ଗତିବିଧି ଉପରେ ନଜର ରଖିବା ପାଇଁ ଆମେରିକା ଓ ଭାରତ ମିଳିତ ଭାବେ ନନ୍ଦାଦେବୀ ପର୍ବତରେ ପରମାଣୁ ନିରୀକ୍ଷଣ ▶ପୃଷ୍ଠା-୭

# ଦିଲ୍ଲୀ ବାୟୁ ପ୍ରାଣଘାତୀ

## ସୂର୍ଯ୍ୟ ଉଭାନ; ମଧ୍ୟାହ୍ନରେ ମଧ୍ୟରାତ୍ରି ସମ ଅନ୍ଧାର ■ ଦୃଶ୍ୟମାନ କ୍ଷମତା ୫୦ ମିଟର ତଳକୁ ଖସିଲା

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୧୫।୧୨ (ଏଜେନ୍ସି): ରାଜଧାନୀ ଦିଲ୍ଲୀ ଓ ଏନ୍‌ସିଆର୍‌ରେ ଅସହ୍ୟ ହେଲାଣି ପ୍ରଦୂଷଣ। ବାୟୁମଣ୍ଡଳ ଏତେ ବିଷାକ୍ତ ହେଲାଣି ଯେ ନିଶ୍ୱାସ ନେବାକୁ ବି ଡର ଲାଗୁଛି। ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ସମଗ୍ର ଜାତୀୟ ରାଜଧାନୀ ପ୍ରଦୂଷିତ ବାୟୁମଣ୍ଡଳ କବଜାରେ ରହିଛି। ପଶ୍ଚିମାଝଡ଼ର ପ୍ରଭାବ କମ୍ ହେବାରୁ ଦିଲ୍ଲୀର ବାୟୁ ସ୍ଥିର ହୋଇଯାଇଛି। ଫଳରେ ଶୀତ ସହିତ କୁହୁଡି ଓ ପ୍ରଦୂଷଣର ଜାଲରେ ଫସିଯାଇଛି ଦିଲ୍ଲୀ। ଗତକାଲି ବର୍ଷର ସବୁଠାରୁ ଘନ କୁହୁଡି ଦେଖିବାକୁ ମିଳିଥିଲା। ଅକ୍ଷରଧାମ ସମେତ ଅନେକ ଅଞ୍ଚଳରେ ଦୃଶ୍ୟମାନ ୫୦ ମିଟର ତଳକୁ ଖସିଆସିଥିଲା। ଦିନରେ ବି କିଛି ଦେଖାଯାଉନି। ପରିସ୍ଥିତି ଏମିତି ହୋଇଛି ଯେ ଆଜି ଦିଲ୍ଲୀରେ ୬୦ଟି ବିମାନକୁ ବାତିଲ କରାଯାଇଥିବା ବେଳେ ୨୫୦ଟି ବିମାନ ବିଳମ୍ବିତ ହୋଇଛି।

### କେତେକ ସ୍ଥାନରେ ଏକ୍ୟୁଆଇ ୫୦୦ ପାର୍
### ୬୦ ବିମାନ ବାତିଲ, ୨୫୦ ଉଡ଼ାଣ ବିଳମ୍ବିତ
### ଭୁବନେଶ୍ୱରରେ ୧୪ ଉଡ଼ାଣ ପ୍ରଭାବିତ

ପ୍ରଦୂଷକ କଣିକା ବାୟୁମଣ୍ଡଳରେ ପରିବ୍ୟାପ୍ତ ହୋଇଛି ଓ ଏହାଦ୍ୱାରା ଦିଲ୍ଲୀ ଏକ ଗ୍ୟାସ ଚାମ୍ବରରେ ପରିଣତ ହୋଇଛି। କେତେକାଞ୍ଚଳରେ ବାୟୁ ▶ପୃଷ୍ଠା-୭



# ଇତିହାସ ପାଲଟିବ ମନରେଗା; ଆସିବ 'ଭିବି ଜି ରାମ ଜି'

■ ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ଏବେ ଇତିହାସ ପାଲଟିଯିବ ମହାତ୍ମା ଗାନ୍ଧୀ ନେସନାଲ ରୁରାଲ ଏମପ୍ଲୟମେଣ୍ଟ ଗ୍ୟାରେଣ୍ଟି ସ୍କିମ୍ ବା ମନରେଗା। ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଉଦ୍ଦିଷ୍ଟ ଏହି ସ୍କିମକୁ ଉଚ୍ଛେଦ କରି ଏହା ବଦଳରେ କେନ୍ଦ୍ର ସରକାର ଏକ

### ଲୋକସଭାରେ ସରକାର ଆଗତ କଲେ ବିଲ୍

ନୂଆ ଯୋଜନା ପ୍ରସ୍ତୁତ କରିବାକୁ ଯାଉଛନ୍ତି। ଏହି ଯୋଜନାର ନାମ ହେବ ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଜୀବିକା ମିସନ-ଗ୍ରାମୀଣ (ଜି ରାମ ଜି)। ଏଥିପାଇଁ ସରକାର ଆଜି ଲୋକସଭାରେ ଏକ ବିଲ୍ ଆଗତ କରିଛନ୍ତି। ଚଳିତ ଅଧିବେଶନରେ ଏହି ବିଲ ଅନୁମୋଦନ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର। ଏହି କାରଣରୁ ସଂସଦରେ ଉପସ୍ଥିତ ରହିବା ଲାଗି ସମସ୍ତ ବିଜେପି ସାଂସଦଙ୍କୁ ହ୍ୱିପ୍ ଜାରି କରାଯାଇଛି। ଅନ୍ୟପକ୍ଷରେ ସରକାରଙ୍କ ଏଭଳି ଯୋଜନାକୁ ନେଇ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ମହାତ୍ମା ଗାନ୍ଧୀଙ୍କ ନାମ ପ୍ରତି ସରକାର କାହିଁକି ଅସହିଷ୍ଣୁ ହୋଇପଡ଼ିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ପ୍ରିୟଙ୍କା ଗାନ୍ଧୀ। ଏହି ବିଲକୁ ନେଇ ସଂସଦରେ ପୁଣି ସରକାର ଓ ବିରୋଧୀ ମୁହାଁମୁହିଁ ହେବା ପ୍ରାୟ ନିଶ୍ଚିତ ହୋଇଯାଇଛି।




୨୦୦୫ରେ ମନମୋହନ ▶ପୃଷ୍ଠା-୭

## ରାଜ୍ୟ କଂଗ୍ରେସରେ କମ୍ପନ

# ମହମ୍ମଦ ମୋକିମ୍ ଦଳରୁ ବହିଷ୍କୃତ

■ ଭୁବନେଶ୍ୱର, ୧୫।୧୨ (ସମିସ): ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ କଂଗ୍ରେସରୁ ବହିଷ୍କୃତ ହୋଇଛନ୍ତି। ଦଳବିରୋଧୀ କାର୍ଯ୍ୟ ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ମୋକିମଙ୍କ ବହିଷ୍କାର ପାଇଁ ଏଆଇସିସିକୁ ସୁପାରିସ କରିଥିଲେ। ଏଆଇସିସି ଏହି ସୁପାରିସକୁ ଅନୁମୋଦନ ଦେବା ପରେ ପିସିସି ପକ୍ଷରୁ ମୋକିମଙ୍କୁ କଂଗ୍ରେସର ପ୍ରାଥମିକ ସଦସ୍ୟତା ପଦରୁ ବହିଷ୍କାର କରାଯାଇଥିବା ନେଇ ଆଜି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

- କଂଗ୍ରେସ ମୋ ବିଚାରଧାରାରେ ରହିବ: ମୋକିମ
- ମୋକିମଙ୍କ ପରି ବ୍ୟକ୍ତିଙ୍କର ଦଳରେ ଆବଶ୍ୟକତା ରହିଛି: ନିରଞ୍ଜନ
- କଟକରେ ଦଳ ଉପରେ ପ୍ରଭାବ ପଡ଼ିବ: ନରସିଂହ
- ଗଣମାଧ୍ୟମରେ ଚିଠି ପ୍ରଘଟ କରିବା ଠିକ୍ ନଥିଲା: କଂଗ୍ରେସ



ମୋକିମଙ୍କ ବହିଷ୍କାର ପରେ କଂଗ୍ରେସ ରାଜନୀତି ଉଷ୍ମ ହୋଇଛି। ବହୁ ବରିଷ୍ଠ ନେତା ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି। କିଛି ନେତା ପରୋକ୍ଷରେ ଏହି ନିଷ୍ପତ୍ତିକୁ ନେଇ ଆପତ୍ତି ଉଠାଇଥିବା ବେଳେ କଂଗ୍ରେସ ଦଳ ପକ୍ଷରୁ ଦଳର ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ ସାମ୍ବାଦିକ ସମ୍ମିଳନୀ କରି ଦଳର ନିଷ୍ପତ୍ତି ସପକ୍ଷରେ ▶ପୃଷ୍ଠା-୭

# ଜାରି ରହିବ ଶୀତ

■ ଭୁବନେଶ୍ୱର, ୧୫।୧୨ (ସମିସ): ରାଜ୍ୟରେ ପ୍ରବଳ ଶୀତ ଜାରି ରହିଛି। ଯଦିଓ ଉପକୂଳ ଓଡ଼ିଶାରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିଛି, ଆଭ୍ୟନ୍ତରରେ ଶୀତ ସ୍ଥିତି ଜାରି ରହିଛି। ଗତ ୨୪ ଘଣ୍ଟାରେ ଫୁଲବାଣୀ ଓ ଦାରିଙ୍ଗବାଡ଼ିରେ ତାମପାତ୍ରା ୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ କୋରାପୁଟରେ ତାପମାତ୍ରା ୬.୮, ନବରଙ୍ଗପୁରରେ ୯, ଭବାନୀପାଟଣାରେ ୯.୨, ଅନୁଗୁଳ ୯.୬, ବୌଦ୍ଧ ୯.୭ ଓ ଝାରସୁଗୁଡ଼ାରେ ତାପମାତ୍ରାରେ ୯.୮ ଡିଗ୍ରୀ ରେକର୍ଡ ହୋଇଛି। ଆସନ୍ତା ୭ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା କମ୍ ଥିବାରୁ ଶୀତ ପ୍ରାୟ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି, ଗତ ୨୪ ଘଣ୍ଟାରେ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି। ସବୁଠାରୁ କମ୍ ତାପମାତ୍ରା କନ୍ଧମାଳ ଜିଲ୍ଲାର ଫୁଲବାଣୀରେ ୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ହୋଇଥିବା ବେଳେ କିଛି କିଛି ସ୍ଥାନରେ ହ୍ରାସ ମଧ୍ୟ ପାଉଛି। ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ଘଟିନାହିଁ। ଗତ ୨୪ ଘଣ୍ଟାରେ ଦୁଇଟି ସ୍ଥାନରେ ଘନ କୁହୁଡ଼ି ଦୃଶ୍ୟମାନ ହୋଇଥିଲା।

### ରାଜ୍ୟରେ 'ପେସା' ଆଇନ ଲାଗୁରେ ଟାଳଟୁଳ ନୀତି

# ବଢୁଛି ଆଦିବାସୀଙ୍କ ରୋଷ

■ ଭୁବନେଶ୍ୱର, ୧୫।୧୨ (ସମିସ): ରାଜ୍ୟରେ ଆଦିବାସୀଙ୍କ ସୁରକ୍ଷା ପାଇଁ ପେସା (ଅନୁସୂଚୀତ ଅଞ୍ଚଳକୁ ପଞ୍ଚାୟତ ସଂପ୍ରସାରଣ) ଆଇନ ଲାଗୁ ନେଇ ରାଜ୍ୟ ସରକାରଙ୍କ ଆନ୍ତରିକତା ଉପରେ ଉଠିଥିବା ପ୍ରଶ୍ନ ଏବେ ଶାସକ ବିଜେପିର ଶିରପୀଡ଼ା ହେବାକୁ ବସିଛି। ସରକାର କେବଳ ସେମାନଙ୍କୁ ଭଣ୍ଡାଉଛନ୍ତି ବୋଲି ଅଭିଯୋଗ କରିବା ସହ ଆଦିବାସୀ ନେତାମାନେ କ୍ରୋଧିତ ହୋଇଛନ୍ତି। ବିଧାନସଭା ଦ୍ୱିତୀୟ ଅଧିବେଶନରେ ପେସା ଆଇନ ଲାଗୁ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ ହେଁ ୫ଟି ଅଧିବେଶନ ପରେ ବି ଏହି ଆଇନ କାର୍ଯ୍ୟକାରୀ ହୋଇପାରି ନାହିଁ।

- ୫ ଅଧିବେଶନ ଶେଷ ପରେ ବି ଆସିଲାନି ଆଇନ
- ବିଭାଗ ଗ୍ରହଣ କରୁନାହିଁ ରାଜ୍ୟପାଳଙ୍କ ପରାମର୍ଶ
- 'ବିଚାର' ମଧ୍ୟରେ ସୀମିତ ମନ୍ତ୍ରୀଙ୍କ ସ୍ପଷ୍ଟୀକରଣ



ଯେଉଁଥିପାଇଁ ଆଦିବାସୀଙ୍କର ବିକାଶ ପାଇଁ ସରକାରଙ୍କର ଆଦୌ ଆନ୍ତରିକତା ନାହିଁ ଏବଂ ରାଜ୍ୟ ସରକାର କେବଳ ଓଡ଼ିଶାବାସୀ, ଆଦିବାସୀଙ୍କୁ ଭୂଆଁ ବୁଲାଇ ଚାଲିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ସଦ୍ୟ ସମାପ୍ତ ବିଧାନସଭା ଶୀତ ଅଧିବେଶନରେ ପେସା ଆଇନ କାର୍ଯ୍ୟକାରିତା ସଂକ୍ରାନ୍ତ ଏକ ପ୍ରଶ୍ନରେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଅସ୍ପଷ୍ଟ ▶ପୃଷ୍ଠା-୭

### ରାଜଧାନୀରେ ଅସୁରକ୍ଷିତ ପର୍ଯ୍ୟଟନସ୍ଥଳୀ

# ପୁରୁଷବନ୍ଧୁଙ୍କୁ ମାଡ଼ ମାରି ନାବାଳିକାକୁ ଗଣଦୁଷ୍କର୍ମ

■ ଭୁବନେଶ୍ୱର, ୧୫।୧୨ (ସମିସ): ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଏବେ ଅସୁରକ୍ଷିତ ହୋଇପଡ଼ିଛି। ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀ ଏବଂ ରାମଚଣ୍ଡୀ ନିକଟରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣା ରାଜ୍ୟବାସୀଙ୍କ ମନରୁ ଲିଭିନଥିବା ବେଳେ ରାଜଧାନୀ ଉପକଣ୍ଠ ଧଉଳିରୁ ପୁଣି ଏଭଳି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ପୁରୁଷବନ୍ଧୁଙ୍କ ସହ ବୁଲି ଯାଇଥିବା ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ଦିନ ଦି'ପହରେ ଦୁର୍ବୃତ୍ତମାନେ ପୁରୁଷବନ୍ଧୁଙ୍କୁ ମାଡ଼ ମାରି ତାଙ୍କ ଆଖି ଆଗରେ ନାବାଳିକାକୁ ଗଣଦୁଷ୍କର୍ମ କରିଛନ୍ତି। ଏହାକୁ ନେଇ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଗତ ୧୦ ତାରିଖରେ ଏହି ବର୍ବର କାଣ୍ଡ ଘଟିଥିବା ବେଳେ ଆଜି ପଦାକୁ ଆସିଛି। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି।

### ୨ ଜଣ ଗିରଫ, ପୁରୁଷବନ୍ଧୁଙ୍କ ବୟାନ ରେକର୍ଡ

ସୂଚନା ମୁତାବକ, ନାବାଳିକାଜଣଙ୍କ ତାଙ୍କ ପୁରୁଷବନ୍ଧୁଙ୍କ ସହ ଧଉଳି ବୁଲିବାକୁ ଆସିଥିଲେ। ପରେ ସେମାନେ ଲିଙ୍ଗିପୁର ନିକଟ ଦୟାନଦୀ କୂଳ ଦେଇ ଘରକୁ ଫେରୁଥିଲେ। ଏହି ▶ପୃଷ୍ଠା-୭

### ଧର୍ମଶାଳାରେ ପୂର୍ବତନ ବିଧାୟକଙ୍କ ଫାର୍ମ ହାଉସରେ ସଂଘବଦ୍ଧ ଆକ୍ରମଣ ଘଟଣା

# ୪ ଗିରଫ, ୪ ମାମଲା ରୁଜୁ

■ ଭୁବନେଶ୍ୱର/କବାଟବନ୍ଧ, ୧୫।୧୨ (ସମିସ): ଜେନାପୁର ଥାନା ଅନ୍ତର୍ଗତ ପନ୍ଥରୀ ଗ୍ରାମ ନିକଟସ୍ଥ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଫାର୍ମହାଉସରେ ରବିବାର ଘଟିଥିବା ସଂଘବଦ୍ଧ ଆକ୍ରମଣ ଘଟଣାକୁ ନେଇ ଅଶାନ୍ତ ହୋଇଛି ଧର୍ମଶାଳା ନିର୍ବାଚନମଣ୍ଡଳୀ। ଏହି ଘଟଣା ବିଧାୟକ ହିମାଂଶୁ ସାହୁଙ୍କ ପ୍ରରୋଚନାରେ ଘଟିଥିବା ଅଭିଯୋଗ କରି ବିଜେଡି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରାଜଧାନୀରେ ଡିଜିଙ୍କ କ୍ୟାମ୍ପ ଅଫିସ ଘେରାଉ ସହ ଅହୋରାତ୍ର ଧାରଣା ଦେଇଛି। ଏହା ମଧ୍ୟରେ ସୋମବାର ବିଳମ୍ବିତ ସନ୍ଧ୍ୟାରେ ଜେନାପୁର ପୁଲିସ ୪ ଜଣଙ୍କୁ ଗିରଫ କରିଛି।

ଜେନାପୁର ଥାନାରେ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଦେଇଥିବା ସୂଚନା ଅନୁସାରେ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଫାର୍ମ ହାଉସରେ ଭଙ୍ଗାରୁଜା ଘଟଣାରେ ପୁଲିସ ନିଜ ଆଡୁ ୪ ଗୋଟି ମାମଲା ରୁଜୁ କରିଛି ଓ ବିଭିନ୍ନ ସ୍ଥାନରୁ ୪ ଜଣଙ୍କୁ ଗିରଫ କରିଛି।





- ଡିଜି ଅଫିସ ସମ୍ମୁଖରେ ବିଜେଡିର ଧାରଣା
- ଜେନାପୁର ଥାନା ଘେରିଲା ବିଜେପି

ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଏସ୍‌ଡିପିଓ କହିଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ଆଜି ଡିଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ବିଜେଡି ନେତାଙ୍କ ସହ ସେଣ୍ଟ୍ରାଲ ରେଞ୍ଜ ଡିଆଇଜି ଆଲୋଚନା କରି ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପ୍ରଦାନ ସହ ଧାରଣାରୁ ଉଠିବାକୁ ଅନୁରୋଧ କରିଛନ୍ତି। ମାତ୍ର ଧର୍ମଶାଳାରେ ପୁଲିସ ପକ୍ଷପାତ ନୀତି ଅବଲମ୍ବନ କରୁଥିବାରୁ ଯେ ପର୍ଯ୍ୟନ୍ତ ସବୁ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ, ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ପ୍ରଣବ ବଳବନ୍ତରାୟ କହିଛନ୍ତି। ଯାଜପୁର ପୁଲିସ ଓ ଜେନାପୁର ଥାନା ଉପରେ ତାଙ୍କର ଭରସା ନାହିଁ। ଏହା ପୂର୍ବରୁ ବହୁବାର ତାଙ୍କ ଉପରେ ଏବଂ ମହିଳା, ଯୁବ, ଛାତ୍ର ସମସ୍ତ କର୍ମୀ ଉପରେ ଏଭଳି ଆକ୍ରମଣ ହୋଇଛି। କିନ୍ତୁ ପୁଲିସ ସବୁ କ୍ଷେତ୍ରରେ ନିରବଦ୍ରଷ୍ଟା ସାଜିଥିବା ସେ କହିଛନ୍ତି।

ସେହିପରି ବିଧାୟକ ଡ. ଅରୁଣ ସାହୁ ଆଇନ୍‌ଶୃଙ୍ଖଳା ପରିସ୍ଥିତି ବୋଲି କିଛି ନାହିଁ ଓ ତାଲିବାନୀ ଶାସନ ଚାଲିଥିବା ଅଭିଯୋଗ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ପର୍ଯ୍ୟନ୍ତ ଆମେ ଧାରଣା ଦେବୁ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ରାଜେନ୍ଦ୍ର ସାହୁ, ପ୍ରୀତି ରଞ୍ଜନ ଘଡାଇ, ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜିବ ମଲ୍ଲିକ, ବରିଷ୍ଠ ନେତ୍ରୀ ଶର୍ମିଷ୍ଠା ସେଠୀ, ଛାତ୍ରବିଜେଡ଼ି ସଭାପତି ଇପ୍‌ସିତା ସାହୁ, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ▶ପୃଷ୍ଠା-୭

# ଶ୍ରୀକ୍ଷେତ୍ର ସିଟି

୧୫/୧୨/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୭,୧୧,୫୩୮/- | ସୁନା: ୦୦.୧୮୦ ଗ୍ରାମ୍ | ରୂପା: ୯୭.୬୮୦ ଗ୍ରାମ୍



ବର୍ଷେ ବିତିଲାଣି

## ଛାତ୍ରୀଙ୍କୁ ମିଳିନି 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଅର୍ଥରାଶି

**ପୁରୀ,୧୫ା୧୨(ସମିସ):** କୌଣସି ପୁରସ୍କାର କିମ୍ବା ସମ୍ମାନ ସେହି କାମରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ। ଆଉ ଯଦି ଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ କୌଣସି ପୁରସ୍କାର ମିଳେ ତାହା ଅଧିକ ଗୁରୁତ୍ୱ ରଖେ। ସମ୍ପୃକ୍ତ ଛାତ୍ରଛାତ୍ରୀ ଆହୁରି ଭଲ ପାଠ ପଢ଼ିବାକୁ ପ୍ରେରଣା ପାଇଥା'ନ୍ତି। ହେଲେ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହେବା ପରେ ଯଦି ନ ମିଳେ ତେବେ ମନ ଭାଙ୍ଗିଯାଏ। ତା' ଭିତରେ ଥିବା ଆଗ୍ରହ ମରିଯାଏ। ଏଭଳି ବାସ୍ତବତାକୁ କିନ୍ତୁ ହୃଦୟଙ୍ଗମ କରିପାରି ନାହାନ୍ତି ସରକାରୀ ବାବୁମାନେ, ଯେଉଁଥିପାଇଁ ଜଣେ ଛାତ୍ରୀ ବର୍ଷେ ପରେ ବି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବାବଦ ଅର୍ଥରାଶିରୁ ବଞ୍ଚିତ ହୋଇଛନ୍ତି। ଏହି ଛାତ୍ରୀ ଜଣକ ହେଉଛନ୍ତି ପୁରୀ ଜିଲ୍ଲା ନିମାପଡ଼ା ଜଗବନ୍ଧୁ ରାୟତସିଂ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରିୟା ମିଶ୍ର।

ରିୟା ଦଶମ ବୋର୍ଡ ପରୀକ୍ଷାରେ ୫୫୨ ନମ୍ବର ରଖି ୨୦୨୪ରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ହେଲେ ଏ ପର୍ଯ୍ୟନ୍ତ ପୁରସ୍କାର ବାବଦ ଅର୍ଥରାଶି (୫୦ ହଜାର ଟଙ୍କା) ତାଙ୍କୁ ମିଳିଲା ନାହିଁ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ, ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ପୁରୀ ଜିଲ୍ଲା ଶିକ୍ଷାଧିକାରୀଙ୍କ ସମେତ ରାଜ୍ୟ ସରକାରଙ୍କ ପଞ୍ଚସଖା ଶିକ୍ଷାସେତୁ ସଂଗଠନ ପକ୍ଷରୁ ତାଙ୍କୁ ପୁରସ୍କାର ବାବଦ ରାଶି ହସ୍ତାନ୍ତର କରିବା ନେଇ ଆବଶ୍ୟକ ପଦକ୍ଷେପ ନିଆ ନ ଯିବା ଫଳରେ ସେ ଏହି ଅର୍ଥ ପାଉନାହାନ୍ତି। ରିୟା ମିଶ୍ର ତୃତୀୟ ଶ୍ରେଣୀରୁ କ୍ରମାଗତ ଭାବେ ବୃତ୍ତି ପାଉଛନ୍ତି। ବିଭିନ୍ନ ବୃତ୍ତି ବାବଦ ଅର୍ଥ ବ୍ୟାଙ୍କର ଯେଉଁ ଆକାଉଣ୍ଟକୁ ଆସେ ସେହି ନମ୍ବର ଦିଆଯାଇଛି। ତେବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବାବଦ ଅର୍ଥ ପାଇବା ନେଇ କେଉଁଠି ସମସ୍ୟା ରହୁଛି ତାହା କେହି ସ୍ପଷ୍ଟ କରୁନାହାନ୍ତି। ପଞ୍ଚସଖା ଶିକ୍ଷାସେତୁ ସଂଗଠନର ଅଧିକାରୀ କିମ୍ବା ଜିଲ୍ଲା ଶିକ୍ଷା ଅଧିକାରୀ ସମ୍ପୃକ୍ତ ଛାତ୍ରୀଙ୍କ ଅଭିଭାବକଙ୍କ ଅଭିଯୋଗ ମଧ୍ୟ ଶୁଣୁନାହାନ୍ତି। ଛାତ୍ରୀ କିଭଳି ତାଙ୍କ ପୁରସ୍କାର ରାଶି ପାଇବେ ସେ ନେଇ ପଦକ୍ଷେପ ମଧ୍ୟ ନେଉନାହାନ୍ତି। ଛାତ୍ରୀଙ୍କ ସହ ଯୋଗାଯୋଗ ମଧ୍ୟ କରାଯାଉନି। ପୁରସ୍କାର ଅର୍ଥକୁ ବର୍ଷେ ହେଲା ଚାହିଁଛନ୍ତି ରିୟା।







ସୂଚନାଯୋଗ୍ୟ ଯେ, ୨୦୨୪ ସେପ୍ଟେମ୍ବର ୫ ତାରିଖରେ ଲୋକସେବା ଭବନ କନ୍‌ଭେନସନ୍ ସେଣ୍ଟରଠାରେ ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସ୍ୱତନ୍ତ୍ର ଗୁରୁଦିବସ କାର୍ଯ୍ୟକ୍ରମ ଅବସରରେ 'ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ'ର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷାବୃତ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଏବଂ ଦ୍ୱାଦଶ ବୋର୍ଡର ଶ୍ରେଷ୍ଠ ବିଦ୍ୟାର୍ଥୀ ଏବଂ ଉଚ୍ଚ ମାଧ୍ୟମିକ ବୋର୍ଡର ୩୯୧ଜଣ ଶ୍ରେଷ୍ଠ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଏହାବ୍ୟତୀତ ଆଭାସୀ ମାଧ୍ୟମରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ୩୦ଟି ଜିଲ୍ଲାର ୪୪ ହଜାର ୭୨୮ ଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟସ୍ତରରେ ୨୮୭, ଜିଲ୍ଲାସ୍ତରରେ ୩୧୨୮, ବ୍ଲକ୍‌ସ୍ତରରେ ୩୨ ହଜାର ୨୦୮ ଏବଂ ମହାନଗର ନିଗମସ୍ତରରେ ୧୯୦୩ ଜଣ ବିଦ୍ୟାର୍ଥୀଙ୍କୁ 'ମେଧାବୀ ବିଦ୍ୟାର୍ଥୀ ପୁରସ୍କାର' ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟର ସର୍ବମୋଟ୍ ୭,୧୬୦ ଜଣ ବିଦ୍ୟାର୍ଥୀଙ୍କୁ 'ଓଡ଼ିଆ ଭାଷା ବୃତ୍ତି' ପୁରସ୍କାର ପ୍ରଦାନ କରାଯାଇଥିଲା। ଏତଦ୍‌ବ୍ୟତୀତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଏବଂ ମାଧ୍ୟମିକ ଶିକ୍ଷା ପରିଷଦର ଦ୍ୱାଦଶ ବୋର୍ଡର ଶ୍ରେଷ୍ଠ ୪୨ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପ୍ରତିଷ୍ଠିତ ଅବସରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଗୁରୁଦିବସ ଅବସରରେ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରିୟା ମିଶ୍ର ପୁରସ୍କୃତ ହୋଇଥିଲେ। ଇତିମଧ୍ୟରେ ୨୦୨୫ର ଗୁରୁଦିବସ ସରିଲାଣି ଅଥଚ୍ ୨୦୨୪ରେ ପୁରସ୍କୃତ ଛାତ୍ରୀ ପୁରସ୍କାର ଅର୍ଥରାଶି ପାଇପାରୁ ନାହାନ୍ତି। ଏ ସମ୍ପର୍କରେ ନିମାପଡ଼ା ବିଇଓ କୈଳାସ ଚନ୍ଦ୍ର ପାଢ଼ୀଙ୍କୁ ପଚାରିବାରେ ଏ ବିଷୟରେ ଅବଗତ ହେଲି। କାର୍ଯ୍ୟାଳୟ ସହିତ କଥା ହେଉଛି। ଆମେ ମଧ୍ୟ ଏକ ଚିଠି କରିବୁ ବୋଲି କହିଛନ୍ତି।

● ଖଣି କାର୍ଯ୍ୟ ବନ୍ଦକୁ ବିରୋଧ

## ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ପ୍ରଦାନ





**ପୁରୀ,୧୫ା୧୨(ସମିସ):** ଖଣି କାମ ବନ୍ଦ କରାଯିବାକୁ ନେଇ ସୋମବାର ଖୋର୍ଦ୍ଧା ଖଣି ମାଲିକ ସଂଘ ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଖୋର୍ଦ୍ଧା ଜିଲ୍ଲାରେ ମହାପ୍ରଭୁଙ୍କର ଅନେକ ପଥର ଖଣି ରହିଛି। ପ୍ରତିବର୍ଷ ପଥର ଖଣିରୁ ୬୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମହାପ୍ରଭୁଙ୍କ ପାଣ୍ଠିକୁ ଆସିଥାଏ। ହେଲେ ଗତ ମାର୍ଚ୍ଚ ମାସରୁ ଖଣି କାମ ବନ୍ଦ କରିଦିଆଯିବାରୁ ଏବେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଖୋର୍ଦ୍ଧାର ଖଣି ମାଲିକ। ସଂଘ ପକ୍ଷରୁ କୁହାଯାଇଛି, ପୂର୍ବରୁ ଏକ ଭୁଲ୍ ପାଇଁ ଆମେ ଅସୁବିଧା ଭୋଗୁଛୁ। ବ୍ଲାଷ୍ଟିଂ ଅନୁମତି ବନ୍ଦ କରିଦିଆଯାଇଛି। ଫଳରେ ଗତ ମାର୍ଚ୍ଚରୁ ଏପର୍ଯ୍ୟନ୍ତ ଖଣି ବନ୍ଦ ରହିଛି। ଏହାକୁ ଚାଲୁ କରିବା ପାଇଁ ଆମେ ମନ୍ଦିର ପ୍ରଶାସନର ଦ୍ୱାରସ୍ଥ ହୋଇଛୁ। ଏବେ ଟେଣ୍ଡର ଡକାଯାଉ। ଓଏମ୍ଏମ୍‌ସି ରୁଲ୍ସ-୨୦୧୬ ଅନୁଯାୟୀ ବିଦ୍ୟମାନ ଲିଜ୍‌ମାନଙ୍କୁ ଅଗ୍ରାଧିକାର ଦିଆଯାଉ। ନୂତନ ଟେଣ୍ଡର ପ୍ରକ୍ରିୟାରେ ଓଏମ୍ଏମ୍‌ସି-୨୦୨୫ରେ ନୂତନ ଏମ୍‌ଜିଓ ହାର ସରକାରୀସ୍ତରରେ ସ୍ଥିର କରାଯାଉ। ଯଦି ଇ-ଲଟେରୀ ଟେଣ୍ଡର ପ୍ରକ୍ରିୟାରେ ଲିଜ୍‌ଧାରୀଙ୍କୁ ଅଗ୍ରାଧିକାର ଦିଆଯିବ ତେବେ ମନ୍ଦିରର ଆର୍ଥିକ କ୍ଷତି ହେବ ନାହିଁ। ପ୍ରତିବର୍ଷ ଏ ବାବଦରେ ଆସୁଥିବା ମନ୍ଦିର ପାଣ୍ଠି ସଞ୍ଚୟ ହୋଇପାରିବ। ଏଥିସହ ବେଆଇନ ଖଣି କାରବାର ବନ୍ଦ ହୋଇପାରିବ।

## ଭାଗବତ ଜନଜୀବନର ବେଦ



**ପୁରୀ,୧୫ା୧୨(ସମିସ):** ଭାଗବତ ଜନ ଜୀବନର ବେଦ। ଭକ୍ତିଭାବ ଉଦୟ ହେଲେ ଭକ୍ତର ଜୀବନ ରସମୟ ହୋଇଉଠେ। ସନାତନ ଧର୍ମ ପରମ୍ପରାରେ ଜଗନ୍ନାଥ ଦାସଙ୍କ କୃତ ଭାଗବତ ଘରେ ଘରେ ପଢ଼ା ହେବାର ନିଶ୍ଚିତ ଆବଶ୍ୟକତା ରହିଛି ବୋଲି ରବିବାର ସ୍ଥାନୀୟ ସିଦ୍ଧ ବକୁଳ ମଠରେ ଅନୁଷ୍ଠିତ ଶ୍ରୀମଦ୍ ଭାଗବତ କଥାମୃତ ଓଡ଼ିଶା ଗ୍ରୁପ୍‌ର ପଞ୍ଚମ ବାର୍ଷିକ ସମାରୋହରେ ଅତିଥିଗଣ ମତବ୍ୟକ୍ତ କରିଛନ୍ତି। ପରମଶାସ୍ତ୍ର ଭାଗବତ ଓ ଶ୍ରୀମଦ୍ ଭାଗବତ କଥାମୃତ ଓଡ଼ିଶା ଗ୍ରୁପ୍‌ର ମିଳିତ ପଞ୍ଚମ ବାର୍ଷିକ ସମାରୋହରେ ଅତିଥି ଭାବେ ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ଓଡ଼ିଶାର ଯଶସ୍ୱୀ ପ୍ରବକ୍ତା ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ଓ ରଥଯାତ୍ରାର ଘୋଷକ ପଣ୍ଡିତ ଶୁକଦେବ ମହାନ୍ତି, ମଠର ମଠାଧୀଶ ମହନ୍ତ ଶ୍ରୀନିବାସ ମହାରାଜ ପ୍ରମୁଖ ଏଭଳି ଆଲୋଚନା ପାଇଁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ବାଲେଶ୍ୱରର ପ୍ରବକ୍ତା ଡ. ପ୍ରଦୀପ୍ତ କୁମାର ମିଶ୍ର ମଞ୍ଚ ଆହ୍ୱାନ, ବେଦପାଠ ପୂର୍ବକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଢେଙ୍କାନାଳର କାର୍ଯ୍ୟକାରୀ ସଭାପତି ପଣ୍ଡିତ ପ୍ରତାପ କିଶୋର ନନ୍ଦ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଥମେ ହବନ କାର୍ଯ୍ୟକ୍ରମରେ ପରିବାରର ବ୍ୟାସ ଗୋପାଳକୃଷ୍ଣ ସେନାପତି ଦାୟିତ୍ୱ ନିର୍ବାହ କରିଥିଲେ। ଏହି ସମାରୋହରେ ଘରେ ଘରେ ଓ ଗାଁ ଗାଁରେ ଭାଗବତର ବ୍ୟାସ ବଦ୍ରି ମିଶ୍ର ଓ ପ୍ରବଚିକା ନିର୍ମଳା ଫତେସିଂହ, ବରିଷ୍ଠ ସେବାୟତ ନୀଳମଣି ଗୁରୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମଗ୍ର ଓଡ଼ିଶା ଓ ଛତିଶଗଡ଼ର ବହୁ ଭାଗବତ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ କିଛି ଭାଗବତପ୍ରେମୀଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମଗ୍ର ଓଡ଼ିଶା ଓ ଛତିଶଗଡ଼ ରାଜ୍ୟରୁ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି ଅବସରରେ ପରିବାରର ବାଲେଶ୍ୱର ପ୍ରବକ୍ତା ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ମୌଳିକ ଗ୍ରନ୍ଥ "ଭାଗବତ ବିଚାର' ପାଠକାର୍ପଣ କରାଯାଇଥିଲା। ଶେଷରେ ପରିବାରର ସଂଗଠକ କୁମାର ମିଟୁ ଧନ୍ୟବାଦ ଅର୍ପଣ କରିଥିଲେ।

ଶ୍ରୀବିଶ୍ୱନୟନ ଐଶ୍ୱରୀୟ ପରିଷଦର ବାର୍ଷିକ ମହୋତ୍ସବ

## 'ଜଗନ୍ନାଥ ସଂସ୍କୃତିରେ ବିଶ୍ୱପ୍ରେମର ନିଦର୍ଶନ ଦେଖିବାକୁ ମିଳେ'



**ପୁରୀ,୧୫ା୧୨(ସମିସ):** ଜିଲ୍ଲା ସଂସ୍କୃତି ଭବନଠାରେ ପାଳିତ ହୋଇଛି 'ଶ୍ରୀବିଶ୍ୱନୟନ ଐଶ୍ୱରୀୟ ପରିଷଦ'ର ସପ୍ତମ ବାର୍ଷିକ ମହୋତ୍ସବ। ଏଥିସହ ପୁସ୍ତକ ଉନ୍ମୋଚନ, ସାରସ୍ୱତ ପ୍ରତିଭା ସମ୍ବର୍ଦ୍ଧନା ଓ 'ବିଶ୍ୱନୟନ ଓ ବିଶ୍ୱ ପ୍ରେମ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଡା. ସୌମ୍ୟକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପରିଷଦର ମୁଖପତ୍ର ବିଶ୍ୱନୟନ ଓ ସମ୍ପାଦିକା ତୃପ୍ତି ପଣ୍ଡାଙ୍କ ପ୍ରବନ୍ଧ ସଙ୍କଳନ "ମଣିଷ ଖୋଜିବାରେ ବେଳ' ଉନ୍ମୋଚନ ହୋଇଥିଲା। ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ ମହୋତ୍ସବକୁ ଉଦ୍‌ଘାଟନ କରି କହିଲେ, ଆମ ସଂସ୍କୃତି ଜଗନ୍ନାଥ ସଂସ୍କୃତି। ଆମର ଲକ୍ଷ୍ୟ ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର କରିବା। ଏହି ଦିଗରେ ଶ୍ରୀ ବିଶ୍ୱନୟନ ଟ୍ରଷ୍ଟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ବହନ କରୁଛି। ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ଧର୍ମ ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ ଅତିଥି ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଏକମାତ୍ର ସଂସ୍କୃତି ଯେଉଁଠାରେ ବିଶ୍ୱପ୍ରେମ ଓ ବିଶ୍ୱ ଭ୍ରାତୃତ୍ୱର ନିଦର୍ଶନ ଦେଖିବାକୁ ମିଳେ ବୋଲି କହିଥିଲେ। ମହିମା ଧର୍ମ ପ୍ରଚାରକ ଓ ସଂସ୍କାରକ ଅମିତ୍ କୁମାର ଜେନା ତାଙ୍କ ବକ୍ତବ୍ୟରେ ପିତାମାତା, ଗୁରୁ, ଗୁରୁଜନଙ୍କ ପ୍ରତି ପିଲାମାନଙ୍କର ଭକ୍ତି ଓ ଭଲପାଇବା କମିଯାଉଛି। ଗାଁ ଗାଁ ବୁଲି ଲୋକମାନଙ୍କ ମଧ୍ୟରେ ଚେତନା ଆଣିବା ନିହାତି ଜରୁରୀ ବୋଲି ପ୍ରକାଶ କରିଥିଲେ। ଡ. ଦେବେନ୍ଦ୍ର ନାଥ ତରେଇ, ଡ. ପ୍ରଭାତ କୁମାର ମହାପାତ୍ର ଏବଂ ଅଧ୍ୟାପକ ପଣ୍ଡିତ ପ୍ରଶାନ୍ତ କୁମାର ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦିକା ତୃପ୍ତି ପଣ୍ଡା ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ମଞ୍ଚ ସଂଯୋଜନା କରିଥିଲେ ଶିକ୍ଷାବିତ୍ ଶିବ ସୁନ୍ଦର ମିଶ୍ର। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଷ୍ଠିତ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧନା ସମାରୋହକୁ ଶ୍ୟାମ ପ୍ରକାଶ ସେନାପତି ଓ ପ୍ରଶନ୍ନ ପଣ୍ଡା ସଞ୍ଚାଳନ କରିଥିଲେ। ମୋହନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଡ. ତପନ କୁମାର ଦାଶ ଓ ଶିବ ପ୍ରସାଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ବିଭାଗ ମଧ୍ୟରେ ରହୁନି ସମନ୍ୱୟ

## ମରାମତି ପରେ ପୁଣି ଖୋଳା ହେଲା ଭିଆଇପି ରୋଡ୍ ପାର୍ଶ୍ୱ

**ପୁରୀ,୧୫ା୧୨(ସମିସ):** ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ରହୁନି। ଫଳରେ ସରକାରଙ୍କ ଟଙ୍କା ପାଣିରେ ପଡ଼ିବା ସାର ହେଉଛି। ମଝିରେ ମଝିରେ ଏଭଳି ଖବର ଆସୁଥିଲେ ହେଁ ଏଥିରେ ଅଧିକାରୀମାନେ କିଛି ଶିଖିବା ଭଳି ମନେ ହେଉନି। ଦିନ ଗଡ଼ିଗଲେ ବାବୁମାନେ ସବୁ ଭୁଲି ଯାଉଛନ୍ତି। ଫଳରେ ଜନସାଧାରଣଙ୍କ ଟିକସ ଅର୍ଥ ବେପରୁଆ ଢଙ୍ଗରେ ଖର୍ଚ୍ଚ କରାଯାଉଛି। ନିକଟରେ ଏମିତି ଏକ ତଥ୍ୟ ସାମ୍ନାକୁ ଆସିଛି। ଏବେ ପୁରୀର ବ୍ୟସ୍ତବହୁଳ ଭିଆଇପି ରୋଡ୍ ପାଶ୍ୱର୍ ଖୋଳାଯାଇଛି। ୱାଟ୍‌କୋ ପକ୍ଷରୁ ତଳେ ପାଣି ପାଇପ୍ ବିଛାଯିବା କାର୍ଯ୍ୟ ଚାଲିଛି। ବର୍ତ୍ତମାନ ଏହି କାମ ଯୋଗୁଁ ମେଡିକାଲ ଛକ ପରଠାରୁ ଅଗ୍ନିଶମ କେନ୍ଦ୍ର ସମ୍ମୁଖ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ରାସ୍ତ ପାଶ୍ୱର୍ ଖୋଳାଯାଇ ବଡ଼ ବଡ଼ କଂକ୍ରିଟ ଖଣ୍ଡ ବିଛାଡ଼ି ହୋଇପଡ଼ିଥିବାରୁ ଲୋକେ ଯାତାୟାତ କରିବାରେ ମଧ୍ୟ ସମସ୍ୟା ଭୋଗୁଛନ୍ତି।



ତେବେ ପାଣି ପାଇପ୍ ମାଟି ତଳେ ବିଛାଯିବା କିଛି ଖରାପ ନୁହେଁ। ଏହା ଜନସାଧାରଣଙ୍କ ସୁବିଧା ପାଇଁ କରାଯାଉଛି। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୨/୩ ମାସ ପୂର୍ବରୁ ଭିଆଇପି ରୋଡ୍ ମରାମତି ହୋଇଛି। ରଥଯାତ୍ରା ପାଇଁ ତରବରିଆ ଭାବେ ପିଚୁ ପକାଯାଇଥିଲା। ରଥଯାତ୍ରା ବେଳକୁ ଏହି କାମ ସରି ନ ଥିଲା। ପୁନଶ୍ଚ ରଥଯାତ୍ରା ପରେ ପୁଣି ରାସ୍ତା ମରାମତି ହୋଇଥିଲା। ୱାଟ୍‌କୋର ଯଦି ପାଣି ପାଇପ୍ ବିଛାଇବାର ଥିଲା ତେବେ ରାସ୍ତା ମରାମତି ପୂର୍ବରୁ ଏହା କରାଯାଇ ପାରିଥା'ନ୍ତା। ଏବେ ୱାଟ୍‌କୋ ରାସ୍ତା ଖୋଳି ପାଇପ ବିଛାଇବା ପରେ ଏହାକୁ ପୋତିବ। ଯଦି ଏହାକୁ ପିଚୁ କରା ନ ଯିବ ଅସୁନ୍ଦର ଲାଗିବା ସହ ଲୋକଙ୍କ ଯାତାୟାତରେ ସମସ୍ୟା ହେବ। ତେଣୁ ପାଣି ପାଇପ୍ ବିଛାଯିବା ପରେ ରାସ୍ତା ମରାମତି ହୋଇଥିଲେ ଏହି ସମସ୍ୟା ନ ଥା'ନ୍ତା। ମରାମତି ପାଇଁ ଟଙ୍କା ଖର୍ଚ୍ଚ ହେଲା। ଏବେ ପୁଣି ପାଣି ପାଇପ୍ ବିଛା ସରିଲେ ଆଉଥରେ ମରାମତି ହେବ। ଲୋକଙ୍କ ଟିକସ ପଇସା ପୁଞ୍ଜି ଖର୍ଚ୍ଚ କରାଯିବ। ଯଦି ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରୁହନ୍ତା ଏଭଳି ଭାବେ ଟଙ୍କା ପାଣିରେ ପଡ଼ନ୍ତାନାହିଁ। ଏହା କେବଳ ଭିଆଇପି ରୋଡ୍ କ୍ଷେତ୍ରରେ କିମ୍ବା ଦୁଇଟି ବିଭାଗ ମଧ୍ୟରେ ନୁହେଁ, ଅନେକ ବିଭାଗରେ ମଧ୍ୟ ଏହିଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ବାସେଳିସାହି ନୀଳମାଧବ ଲାଇନ୍‌ରେ ମଧ୍ୟ ଏମିତି ଦୃଶ୍ୟ ଦେଖିବାକୁ ମିଳିଛି। ପିଏଚ୍‌ଡି ପାଇପ୍ ଲାଇନ୍ ଉପରେ ଡ୍ରେନେଜ୍ କାମ ଚାଲିଛି। ଯଦି ପାଇପ୍ ଲାଇନ୍‌ରେ କିଛି ତ୍ରୁଟି ଦେଖାଦିଏ ବା ଏହାର ମରାମତି ଆବଶ୍ୟକ ପଡ଼େ ସେତେବେଳେ ଡ୍ରେନ୍‌କୁ ଭାଙ୍ଗିବାକୁ ପଡ଼ିବ। ଏଥିପ୍ରତି ପ୍ରଶାସନିକ ଅଧିକାରୀମାନେ ସଚେତନ ହେଲେ ଅଯଥା ଟଙ୍କା ଖର୍ଚ୍ଚ ହୁଅନ୍ତା ନାହିଁ ଏବଂ ଜନସାଧାରଣ ମଧ୍ୟ ଅସୁବିଧା ଭୋଗନ୍ତେ ନାହିଁ ବୋଲି କୁହାଯାଉଛି।

## ଦୌଡ଼ ପ୍ରତିଯୋଗିତାରେ ଜଙ୍ଗଲୀ କ୍ଲବ୍‌ର ସଫଳତା

**ପୁରୀ,୧୫ା୧୨(ସମିସ):** ଭୁବନେଶ୍ୱର ସାଇକେଲିଂ ଏବଂ ଆଡ୍‌ଭେଞ୍ଚର କ୍ଲବ (ବିସିଏସି) ପକ୍ଷରୁ ରବିବାର ପୁରୀ ବିଚ୍ ମାରାଥନ୍ ୫ମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୭ କିମି ଦୌଡ଼ରେ ଜଙ୍ଗଲୀ କ୍ଲବ୍‌ର ପ୍ରତିଯୋଗୀ ସଫଳତା ଲାଭ କରିଛନ୍ତି। କ୍ଲବ୍‌ର ଲାଲୁ କାଲୁଣ୍ଡିଆ ପ୍ରଥମ, ଆଶମାନ ପୂର୍ତ୍ତି ଦ୍ୱିତୀୟ ଓ ଗଣେଶ କାଲୁଣ୍ଡିଆ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାକୁ ବିସିଏସି ସଭାପତି ଅତିରିକ୍ତ ଡିଜିପି ସଞ୍ଜୀବ ପଣ୍ଡା, ଅବସରପ୍ରାପ୍ତ ଆଇପିଏସ୍ ଲଳିତ ଦାସ, ଏସ୍‌ପି ପ୍ରତୀକ୍ ସିଂ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିସହ ସଫଳ ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାର ସହ ପଦକ ପ୍ରଦାନ କରିଥିଲେ। ଜଙ୍ଗଲୀ କ୍ଲବ୍‌ର ସମ୍ପାଦକ ପ୍ରକାଶ ବେହେରା, ସଭାପତି ରବୀନ୍ଦ୍ର ଦାସ ଏବଂ କୋଚ୍ ରମେଶ ପରିଡ଼ା ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିଦ୍ୟୁତ୍ ଅପଚୟକୁ ରୋକିବା ସମସ୍ତଙ୍କ ଦାୟିତ୍ୱ

**ପୁରୀ,୧୫ା୧୨(ସମିସ):** ଅକ୍ଷୟ ଶକ୍ତିର ବ୍ୟାପକ ଉପଯୋଗ ସହ ବିଦ୍ୟୁତ୍ ଅପଚୟକୁ ରୋକିବା ଆମ ସମସ୍ତଙ୍କ ଦାୟିତ୍ୱ। ଏଥିପାଇଁ ସବୁ ସ୍ତରରେ ବ୍ୟାପକ ସତର୍କ ଓ ସଚେତନ କରାଇବା ସମ୍ପର୍କରେ ଗୁରୁତ୍ୱ ଦେଇଛନ୍ତି ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ। ସୋମବାର ଜିଲ୍ଲା ସ୍କୁଲ ପରିସରରେ ଟିପିସିଓଡିଏଲ୍ ପକ୍ଷରୁ ଉର୍ଜା ମେଳା ଅନୁଷ୍ଠିତ ହୋଇଥିଲା। ମେଳାର ବିଭିନ୍ନ ପ୍ରତିଯୋଗିତାକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍, ସ୍ଲୋଗାନ ଲିଖନ ଓ ବିଜ୍ଞାନ ପ୍ରକଳ୍ପ ଅନୁଷ୍ଠିତ ହୋଇଥିଲା।

ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ଶ୍ରୀ ସେଠୀ ପୂର୍ବାପେକ୍ଷା ବିଦ୍ୟୁତ୍ ବ୍ୟବହାର ଓ ଚାହିଦା ଅନେକ ବୃଦ୍ଧି ପାଇଛି। ସେହିପରି ଅପଚୟ ମାତ୍ରା ମଧ୍ୟ ବଢ଼ୁଛି। ଏବେଠାରୁ ଯଦି ଆମେ ସତର୍କ ଓ ସଚେତନ ନ ହେବା ତେବେ ଭବିଷ୍ୟତ ପିଢ଼ି ଆମକୁ କ୍ଷମା କରିବ ନାହିଁ। ସେମାନେ ଏକ ବିଶାଳ ଶକ୍ତି ସଂକଟର ସମ୍ମୁଖୀନ ହେବେ। ସେହିପରି ବିଶ୍ୱ ତାପାୟନ ବା ଗ୍ଲୋବାଲ ୱାର୍ମିଂ ପାଇଁ ମଧ୍ୟ ଆମ ସମସ୍ତେ ଦାୟିତ୍ୱବାନ ହେବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଯୋଗଦେଇ ବିଦ୍ୟୁତ୍ ଅପଚୟକୁ ରୋକିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଆଇନ ପ୍ରାଧିକରଣର ସଦସ୍ୟ ସୁଧୀର ଘୋଷ ଅକ୍ଷୟ ଶକ୍ତିର ଉତ୍ସକୁ ଆହୁରି ଅଧିକ ପରିବ୍ୟାପ୍ତ କରିବା, ଶକ୍ତି ସଂରକ୍ଷଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଟିପିସିଓଡିଏଲ୍ ସର୍କଲ ହେଡ୍ ପ୍ରଦୀପ କୁମାର ଦାସ ଓ ବିଜ୍ଞାନ ସୁପରଭାଇଜର ଶ୍ରୀକୁମାର ଆଚାର୍ଯ୍ୟ ଶକ୍ତି ଉତ୍ପାଦନ, ସଞ୍ଚୟ, ସଂରକ୍ଷଣ ଓ ଅପଚୟ ରୋକିବାକୁ ଅନୁରୋଧ କରିଥିଲେ। ଟିପିସିଓଡିଏଲ୍ ସିଏସ୍‌ଆର୍‌ର ଓଡ଼ିଶା ହେଡ୍ ପ୍ରଦୀପ ଘୋସଲା ଉର୍ଜା ମେଳା ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ମଙ୍ଗଳବାର ଦିଲ୍ଲୀରେ ଜାତୀୟ ମେଳା ଅନୁଷ୍ଠିତ ହେଉଥିବା ଓ ଏଥିରେ ଓଡ଼ିଶାର ୨୩ ଜଣ ପ୍ରତିଭାବାନ ଯୋଗଦେବାକୁ ମନୋନୀତ ହୋଇଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ରଶ୍ମିତା ପଟ୍ଟନାୟକ ସଞ୍ଚାଳନ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## କେବେ ଖୋଲିବ ନେତାଜୀ ସଂଗ୍ରହାଳୟ ?

● ପୁନରୁଦ୍ଧାର କାମ ପାଇଁ ବର୍ଷେ ହେଲାଣି ବନ୍ଦ ପଡ଼ିଛି
● ଫାଟକ ସମ୍ମୁଖରେ ଗଦା ହୋଇଛି ଆବର୍ଜନା

**ପୁରୀ,୧୫ା୧୨(ସମିସ):** ଆଗକୁ ନେତାଜୀ ଜୟନ୍ତୀ। ପୁରୀ ଗୋପାଳ ବଲ୍ଲଭ ରୋଡ୍‌ରେ ଥିବା ନେତାଜୀ ସଂଗ୍ରହାଳୟରେ ନେତା, ଅଧିକାରୀଙ୍କ ପାଦ ପଡ଼ିବ। ବିଭିନ୍ନ ସଂଗଠନ କର୍ମକର୍ତ୍ତା ବି ଯିବେ। ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ବଡ଼ ବଡ଼ ଭାଷଣ ଦେବେ। ନେତାଜୀଙ୍କ ଦେଶପ୍ରେମ ଏବଂ ତ୍ୟାଗପୂତ ଜୀବନୀର ସ୍ମୃତିଚାରଣ କରିବେ। ପୁଣି ସୁଭାଷ ବୋଷ କି ଜୟ... ଧ୍ୱନିରେ ପ୍ରକମ୍ପିତ ହେବ ସଂଗ୍ରହାଳୟ ପରିସର। ଏହି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ ପାଳନରେ ଏକାଠି ହେବା କିଛି ଭୁଲ୍ ନୁହେଁ। ତାଙ୍କୁ ସ୍ମରଣ କରିବା ପ୍ରତ୍ୟେକଙ୍କ ପାଇଁ ସୌଭାଗ୍ୟର ବିଷୟ। ହେଲେ ଏବେ ନେତାଜୀଙ୍କ ଏହି ସଂଗ୍ରହାଳୟକୁ ଦେଖିଲେ ଅନେକ କ୍ଷୋଭ ପ୍ରକାଶ କରିବେ। ଅଣଦେଖା ଏବଂ ଅବହେଳାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ନାମିତ ସଂଗ୍ରହାଳୟ। ଇଚ୍ଛାଶକ୍ତିର ଅଭାବ ଯୋଗୁଁ କୋଣଠେସା ହୋଇପଡ଼ିଛି ନେତାଜୀ ସଂଗ୍ରହାଳୟ। ବହୁ ବାଦବିବାଦ ପରେ ଯଦିଓ ଏହି ସଂଗ୍ରହାଳୟ ଖୋଲାଯାଇଛି କିନ୍ତୁ ଏହା କିପରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ସେ ଦିଗରେ କାହାର ନିଘା ନାହିଁ। ବର୍ଷେରୁ ଉର୍ଦ୍ଧ୍ୱ ହେଲାଣି ପୁନରୁଦ୍ଧାର ନାଁରେ ସଂଗ୍ରହାଳୟ ବନ୍ଦ ରହିଛି। ପର୍ଯ୍ୟଟକମାନେ ଏହି ସଂଗ୍ରହାଳୟକୁ ଏକପ୍ରକାର ଭୁଲିଗଲେଣି। ଖୋଲିବା ପରଠାରୁ ବି ଏଠାକୁ କିପରି ଅଧିକରୁ ଅଧିକ ପର୍ଯ୍ୟଟକ ଆସିବେ ସେ ଦିଗରେ ଧ୍ୟାନ ଦିଆଯାଉ ନ ଥିଲା। ଏବେ ପୁନରୁଦ୍ଧାର ପାଇଁ ବନ୍ଦ ପରେ ଏହା ଏବେ ଅଲୋଡ଼ା ହୋଇପଡ଼ିଛି। ଫାଟକ ଆଗରେ ଆବର୍ଜନା ଜମା ହୋଇଛି। ଟିକଟ୍ କାଉଣ୍ଟର ମୁହଁରେ ଭଙ୍ଗା ଲୁହା ଜିନିଷ ଆଦି ଗଦା ହୋଇରହିଛି।





ଗୋପାଳ ବଲ୍ଲଭ ରୋଡ୍‌ରେ ରହିଛି ନେତାଜୀଙ୍କ ପୈତୃକ ଘର। ପିତା ଜାନକୀ ନାଥ ବୋଷଙ୍କ ନାମରେ ଥିବା ଏହି ପୁରୁଣା କୋଠା ପରବର୍ତ୍ତୀ ସମୟରେ ସଂଗ୍ରହାଳୟର ରୂପ ନେଇଥିଲା। ହେଲେ ଆଇନଗତ ବିବାଦରେ ଛନ୍ଦି ହୋଇ ଶେଷରେ ୨୦୧୯ ଜାନୁଆରୀ ୧୫ରେ ଏହା ଲୋକାର୍ପିତ ହୋଇଥିଲା। ଇତିମଧ୍ୟରେ ୬ ବର୍ଷ ବିତିଗଲାଣି। ହେଲେ ସଂଗ୍ରହାଳୟକୁ ପରିଦର୍ଶକ ଆସୁନାହାନ୍ତି କହିଲେ ଚଳେ। ଖୋଲାଥିବା ସମୟରେ ଦିନକୁ ହାତଗଣତି ପର୍ଯ୍ୟଟକ ଆସୁଥିଲେ। କୋଭିଡ୍ ପାଇଁ ମଝିରେ ଏହା ବନ୍ଦ ରହିଥିଲା। ଏବେ ପୁଣି ମରାମତି ପାଇଁ ବର୍ଷେରୁ ଅଧିକ ହେବ ବନ୍ଦ ରହିଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୁନରୁଦ୍ଧାର କାମ ବହୁ ଧିମା ଚାଲିଛି। ଫଳରେ ଏହା କେବେ ଶେଷ ହେବ ତାହା ଏବେ ଅସ୍ପଷ୍ଟ ରହିଛି। ଫାଟକ ସମ୍ମୁଖରେ ଆବର୍ଜନା ଜମିଛି। ଫଳରେ ଏହି ରାସ୍ତା ଦେଇ ଯାଉଥିବା ପର୍ଯ୍ୟଟକ ଏବଂ ସହରବାସୀ ଏହା ଦେଖି ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ଅନ୍ୟପକ୍ଷରେ ଆଗକୁ ନେତାଜୀଙ୍କ ଜୟନ୍ତୀ। ଏ ବର୍ଷ ମଧ୍ୟ ପର୍ଯ୍ୟଟକ ସଂଗ୍ରହାଳୟ ଦର୍ଶନରୁ ବଞ୍ଚିତ ହେବା ଏକପ୍ରକାର ନିଶ୍ଚିତ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କୁ ପଚାରିବାରେ ପୁନରୁଦ୍ଧାର କାମ ପାଇଁ ସଂଗ୍ରହାଳୟ ବନ୍ଦ ରହିଛି। କିନ୍ତୁ ଫାଟକ ସମ୍ମୁଖରେ ଆବର୍ଜନା ଗଦା ହେବା କଥା ନୁହେଁ। ପୌରସଂସ୍ଥା ପକ୍ଷରୁ ଏହାକୁ ସଫା କରାଯିବା କଥା। ତେବେ କାମ ସମ୍ପୂର୍ଣ୍ଣ କରାଯାଇ ଖୁବ୍‌ଶୀଘ୍ର ସଂଗ୍ରହାଳୟ ଖୋଲାଯିବ ବୋଲି ସଂସ୍କୃତି ଅଧିକାରୀ କହିଛନ୍ତି।

ସୂଚନାଥାଉ କି, ଏହି ସଂଗ୍ରହାଳୟରେ ଏକ ସୋଭନିୟର ସପ୍ ରହିଛି। ସେଠାରେ ନେତାଜୀଙ୍କ ସମ୍ପର୍କିତ ଫଟୋ, ମାଗାଜିନ୍ ଆଦି ଉପଲବ୍ଧ। ଏହାସହିତ ଟିକଟ୍ କାଉଣ୍ଟର ଓ ନେତାଜୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। କୋଠାର ସବୁ କକ୍ଷରେ ଗ୍ୟାଲେରି ରହିଥିଲା। ନେତାଜୀଙ୍କ ପଠନଶାଳା, ସମ୍ମିଳନୀ କକ୍ଷ, ନେତାଜୀଙ୍କ କୋଠରୀ, ଶୟନ କକ୍ଷ, ନେତାଜୀଙ୍କ ପାରିବାରିକ କୋଠରୀ ଆଦି ରହିଥିଲା, ଯାହାକୁ ବୁଲି ଦେଖୁଥିଲେ ପର୍ଯ୍ୟଟକ। ଏତଦ୍‌ବ୍ୟତୀତ ବ୍ରିଟିଶ ଅମଳର କାଠ ପଲଙ୍କ, ଚୌକି, ଆଲମାରୀ, ନେତାଜୀଙ୍କ ବ୍ୟବହୃତ ପୋଷାକ, ଆଜାଦ୍ ହିନ୍ଦ୍ ବାହିନୀ ସହ ଫଟୋ, ଗାନ୍ଧିଜୀ ଏବଂ ଅନ୍ୟ ନେତାଙ୍କ ସହ ପରାମର୍ଶ ଆଲୋଚନା ଏବଂ ନେତାଜୀ ଲେଖିଥିବା କେତେକ ଆବେଗପୂର୍ଣ୍ଣ ଚିଠି ସଂଗ୍ରହାଳୟରେ ରହିଥିଲା। ପୁନରୁଦ୍ଧାର ଚାଲିଥିବାରୁ ଏ ସବୁର ସ୍ଥିତି ଏବେ କ'ଣ ତାହା ସ୍ପଷ୍ଟ ଜଣାପଡ଼ିନାହିଁ।

# ଭୋଗରାଇ ଥାନାଛକରେ ଟ୍ରାଫିକ ସମସ୍ୟାର ସୁଧାର କେବେ?

ବାଲେଶ୍ୱର(ଉତ୍ତର),୧୫।୧୨(ସମିସ)



ସମ୍ପ୍ରତି ଜନସଂଖ୍ୟା ବୃଦ୍ଧି ପାଇବା ସହିତ ଯାନବାହନ ମଧ୍ୟ ବୃଦ୍ଧି ଘଟୁଛି। ସହର ଠାରୁ ମଫସଲ, ଜାତୀୟ ରାଜପଥ ଠାରୁ ରାଜ୍ୟରାଜପଥ, ଗାଁ କୁ ସଂଯୋଗ କରୁଥିବା ରାସ୍ତା ସବୁଠି ଏବେ ବ୍ୟସ୍ତ ବହୁଳ ହେଉଛି। ସହରରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ଥିଲା ବେଳେ ଅର୍ଦ୍ଧ ସହରୀ ଅଞ୍ଚଳରେ ଆଦୌ ଟ୍ରାଫିକ ନିୟନ୍ତ୍ରଣ ର ବ୍ୟବସ୍ଥା ନାହିଁ। ସେହିଭଳି ବାଲେଶ୍ୱର ଜିଲ୍ଲାର ସର୍ବ ବୃହତ ଜନବହୁଳ ଭୋଗରାଇ ବ୍ଲକର ବିଭିନ୍ନ ସ୍ଥାନରେ ଏବେ ଟ୍ରାଫିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି।

ଏହି ବ୍ଲକର କେନ୍ଦ୍ରସ୍ଥଳୀ କୁହାଯାଉଥିବା ଦେହୁର୍ଦ୍ଦା ପଞ୍ଚାୟତର ଥାନାଛକ ଭଳି ଗୁରୁତ୍ୱପୂର୍ଣ୍ଣ ଛକରେ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ବାହାରେ। ମୁଖ୍ୟ ରାସ୍ତା ସହ ଅନ୍ୟ ଦୁଇ ବ୍ୟସ୍ତବହୁଳ ରାସ୍ତାର ସଂଯୋଗ ସ୍ଥଳରେ ଗୋଲେଇ ନିର୍ମାଣ ହୋଇପାରୁ ନ ଥିବାରୁ ସ୍ଥିତି ସଙ୍ଗିନ ହୋଇଛି। ସେହିପରି ଏହି ଛକ ନିକଟରେ ଥିବା ଷ୍ଟେଟବ୍ୟାଙ୍କ ଶାଖା, ଛକକୁ ଲାଗି ଏକ ଲସି ଦୋକାନ, ଆନନ୍ଦ ବଜାର ୟୁକୋ ବ୍ୟାଙ୍କ ଠାରେ ଦୁଇ ଚକିଆ ଏବଂ ଚାରି ଚକିଆ ଯାନ ଗୁଡ଼ିକର ବେଆଇନ ପାର୍କିଂ ପାଇଁ ରାସ୍ତା ସଙ୍କୁଚିତ ହେଉଛି। ଫଳରେ ଚଳାଚଳ କରୁଥିବା ଗାଡ଼ି, ମଟର, ତଥା ପଥଚାରୀ ମାନେ ବିଭିନ୍ନ ସମୟରେ ଦୁର୍ଘଟଣା ଗ୍ରସ୍ତ ହେଉଥିବା ବେଳେ ଆସନ୍ନ ଦୁର୍ଘଟଣା ରୁ ଅନେକ ଲୋକେ ବର୍ତ୍ତି ଯାଉଥିବା ଦେଖିବାକୁ ମିଳୁଛି।

ସୂଚନା ଯୋଗ୍ୟ ଯେ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ସହିତ ଭୋଗରାଇ-ଗଣେଶ୍ୱରପୁର ପି ଡବ୍ଲ୍ୟୁ ରୋଡ଼ ସହିତ ସଂଯୋଗ କରୁଥିବା ଏହି ଛକ ଗୁରୁତ୍ୱ ବହନ କରୁଛି। ପ୍ରତ୍ୟେକ ଦିନ ଜଳେଶ୍ୱର-ଚନ୍ଦନେଶ୍ୱର ମୁଖ୍ୟ ରାସ୍ତାଦେଇ ହଜାର ହଜାର ଗାଡ଼ି ମଟର ଚଳାଚଳ କରୁଥିବା ବେଳେ ଥାନାଛକରୁ ଭୋଗରାଇ ଏବଂ ଦେଉଳା ବଜାରକୁ ମଧ୍ୟ ସବୁବେଳେ ଗାଡ଼ି ଚଳାଚଳ କରୁଛି। ବେସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ ଦୈନିକ ପ୍ରାୟ ୧୦ହଜାର ଲୋକେ ଏହି ଛକ ପାର ହୋଇ ଯାତାୟାତ କରୁଥିବା ବେଳେ ଏହି ଛକକୁ ଲାଗି ସ୍ଥାନୀୟ ବଜାର ରେ ମଧ୍ୟ ପ୍ରବଳ ଗହଳି ହୋଇଥାଏ। ସେହିପରି ନିକଟରେ ଥିବା ଜଳେଶ୍ୱରପୁର ଆର ଆଇ ଏଚ ଏସ କଲେଜ କୁ ପ୍ରତିଦିନ ୩ହଜାର ପିଲା ବସ୍‌ରୁ ଓହ୍ଲାଇ ତଥା ଗାଡ଼ି, ସାଇକେଲ ରେ ଯାଇଥାନ୍ତି।ବ୍ଲକ କାର୍ଯ୍ୟାଳୟ, ଡାକ୍ତରଖାନା, ତହସିଲ କାର୍ଯ୍ୟାଳୟ, କୋର୍ଟକୁ ଲୋକେ ଯାତାୟାତ କରିଥାନ୍ତି। ବିଶେଷ କରି ସକାଳ ୮ଟାରୁ ୧୨ ଟା ଏବଂ ଅପରାହ୍ନ ୪ଟା ଠାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ପ୍ରବଳ ଜନଗହଳି ହେଉଥିବା ବେଳେ ଏଠାରେ ଟ୍ରାଫିକ ନିୟନ୍ତ୍ରଣ କରିବା ମୁସ୍କିଲ ହୋଇଥାଏ। ଅପରପକ୍ଷରେ ଏହି ଛକରେ କୌଣସି ଉପଯୁକ୍ତ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା ନାହିଁ। ଟ୍ରାଫିକ ପୁଲିସ, ଟ୍ରାଫିକ ସିଗନାଲ, ରାସ୍ତା ଚିହ୍ନ ଏବଂ ଉପଯୁକ୍ତ ବ୍ୟାରିକେଡିଂର ଅଭାବ ଯୋଗୁଁ ବାରମ୍ବାର ଟ୍ରାଫିକ ଭିଡ଼ ଏବଂ ଦୈନନ୍ଦିନ ଗାଡ଼ି ସହିତ ଟ୍ରକ, ମାଲ ବୋଝେଇ ଟ୍ରକ ସହ ବିଭିନ୍ନ ପ୍ରକାରର ଗାଡି ଓ ରୋଗୀ ମାନଙ୍କୁ ପରିବହନ କରୁଥିବା ଆମ୍ବୁଲାନ୍ସ ଯିବା ଆସିବା କରିବା ବାଧାପ୍ରାପ୍ତ ହେଉଛନ୍ତି। ଅନ୍ୟପକ୍ଷରେ ଏହି ଛକରେ ପ୍ରସ୍ତାବିତ ଗୋଲେଇ ନିର୍ମାଣ ହୋଇପାରୁ ନ ଥିବାରୁ ଟ୍ରାଫିକ ସମସ୍ୟା

**■ ଦୈନିକ ଘଟୁଛି ଛୋଟ ବଡ଼ ଦୁର୍ଘଟଣା**
**■ ଟ୍ରାଫିକ ନିୟନ୍ତ୍ରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର**

ରାସ୍ତା ଦୁର୍ଘଟଣା ଘଟୁଛି, ଯାହା ପଦଯାତ୍ରୀ, ଛାତ୍ର, ଅଫିସ ଯାଉଥିବା, ବୟସ୍କ ବ୍ୟକ୍ତି ଏବଂ ଯାତ୍ରୀମାନଙ୍କ ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରୁଛି। ଏଠାରେ ଥିବା ଥାନା ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା ପ୍ରତି ଆଦୌ ଗୁରୁତ୍ୱ ନ ଦେବା ପ୍ରଶାସନ ର ଦୁର୍ବଳତା କୁ ପଦାରେ ପକାଇଛି। ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପାଖରେ ପ୍ରତିଦିନ ଶହ ଶହ ଗାଡି ରାଜ୍ୟ ରାଜ ପଥ ଉପରେ ଛିଡା ହେଉଥିବା ବେଳେ ଠିକ ଚାରି ଛକ ଠାରେ ଏକ ଲସି ଦୋକାନ ନିକଟରେ ସେହିଭଳି ରାସ୍ତା ଅଧାରୁ ଶହ ଶହ ଦୁଇଚକିଆ, ଚାରି ଚକିଆ ଗାଡ଼ି ଘଣ୍ଟା ଘଣ୍ଟା ଧରି ଛିଡ଼ା ହୋଇ ରହୁଛି। ତେଣୁ ରାସ୍ତା ରେ ଯିବା ଆସିବା କରୁଥିବା ଯାତ୍ରୀବାହୀ ଉକ୍ରଟ ହେଉଥିବା ଅଭିଯୋଗ ହୋଇଆସୁଛି। ଅପରପକ୍ଷରେ ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ଭୋଗରାଇର ଥାନା ଛକରେ ଟ୍ରାଫିକ କର୍ମଚାରୀ, ଟ୍ରାଫିକ ସିଗନାଲ, ଜେବ୍ରା କ୍ରସିଂ, ସାଇନ୍ ବୋର୍ଡ ଏବଂ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା ନିୟୋଜିତ କରିବା ସହିତ ଏକ ଉପଯୁକ୍ତ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସ୍ଥାପନ ପାଇଁ ତୁରନ୍ତ ଏବଂ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସମାଜସେବୀ ତପନ କୁମାର ଦାସ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଏଠାରେ ପ୍ରତିଦିନ ଉପୁଜୁଥିବା ସମସ୍ୟାର ଜରୁରୀ କାଳୀନ ହସ୍ତକ୍ଷେପ କରି ଦୁର୍ଘଟଣାକୁ ରୋକିବା ଏବଂ ସାଧାରଣ ଜନତାଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଅନୁରୋଧ କରିଛନ୍ତି।

## ସିଆଇଟିୟୁର ୩ଦିନିଆ ରାଜ୍ୟ ସମ୍ମିଳନୀ




ନୀଳଗିରି,୧୫।୧୨ (ସମିସ): ସିଆଇଟିୟୁର ୧୬ତମ ରାଜ୍ୟ ସମ୍ମିଳନୀ ପାରାଦୀପର ମୁନ୍ସି ପାଲିଟି କଲ୍ୟାଣ ମଣ୍ଡପ ପରିସରରେ ଡିସେମ୍ବର ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି। ଉକ୍ତ ସମ୍ମିଳନୀକୁ ସିଆଇଟିୟୁର ବାଲେଶ୍ୱର ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ବାଲେଶ୍ୱରରୁ ୮ ଜଣ ପ୍ରତିନିଧି ଯୋଗ ଦେଇଛନ୍ତି।ଉକ୍ତ ସମ୍ମିଳନୀରେ ସିଆଇଟିୟୁର ସର୍ବଭାରତୀୟ ସମ୍ପାଦକ ତପନ ସେନ୍ ଓ ସର୍ବ ଭାରତୀୟ ସଭାପତି ଡକ୍ଟର କେ. ହେମଲତା ଯୋଗ ଦେଇଥିଲେ। ବର୍ତ୍ତମାନ କେନ୍ଦ୍ର ର ବିଜେପି ସରକାର ଶ୍ରମିକ ବିରୋଧି ଚାରୋଟି ଶ୍ରମ କୋଡ୍‌କୁ ପ୍ରତ୍ୟାହାର କିଭଳି କରିବ, ସେଥି ପାଇଁ ରୋଡ ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ସମ୍ମିଳନୀର ମୁଖ୍ୟ ଆଲୋଚ୍ୟ ବିଷୟ ବସ୍ତୁ କୁହା ଯାଇଛି। ଉକ୍ତ ସମ୍ମିଳନୀରେ ସିଆଇଟିୟୁର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ଉଲ୍ଲାସ ସ୍ୱାଇଁଙ୍କ ସମେତ ସିଆଇଟିୟୁର ସମସ୍ତ ରାଜ୍ୟ ନେତୃତ୍ୱ ଯୋଗଦେବା ସହିତ ୨୦୫ ଜଣ ପ୍ରତିନିଧି ସାଥୀ ଯୋଗ ଦେଇ ଥିବା ଜଣାଯାଇଛି।

## ମୋବାଇଲ ଦୋକାନରୁ ଚୋରି

ଭୋଗରାଇ, ୧୫।୧୨(ସମିସ): ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତରେ ଥିବା ଥାନାଛକ ଆନନ୍ଦ ବଜାରରେ ଏଲ୍ ଏନ୍ ମୋବାଇଲ ଦୋକାନରେ ଗତ ବିଳମ୍ବିତ ରାତିରେ ଚୋରି ହୋଇଛି। ଭୋଗରାଇ ଥାନା ଜଳେଶ୍ୱରପୁର ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମର ଅନନ୍ତ ମହାନ୍ତିଙ୍କ ପୁଅ ସୁଶାନ୍ତ ମହାନ୍ତି ଆନନ୍ଦ ବଜାରରେ ଏଲ୍ ଏନ୍ ମୋବାଇଲ ଦୋକାନ କରିଛନ୍ତି। ସକାଳେ ଦୋକାନ ଖୋଲିବାକୁ ଆସିଥିବା ବେଳେ ଦେଖିଲେ ସେଟର ଭାଙ୍ଗି ଦୁର୍ବୃତ୍ତମାନେ ୨୫ ମୋବାଇଲ ଓ ଗୋଟିଏ ଲାପଟପ୍ ଚୋରି କରି ନେଇଥିବା ଜଣାପଡ଼ିଥିଲା। ଏ ନେଇ ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



ଭୋଗରାଇ, ୧୫।୧୨ (ସମିସ) : ଭୋଗରାଇ ବ୍ଲକ ଗୋପୀନାଥପୁର ସ୍ୱାମୀ ସ୍ୱରୂପାନନ୍ଦ ଗ୍ରହ୍ଣତ ଉଚ୍ଚ ବିଦ୍ୟାଳୟରେ ଆଜି ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ବିଶ୍ୱମ୍ବର ଦାସଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ସିଟ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହିତ ଖେଳ କୁଦ ଛାତ୍ରଛାତ୍ରୀଙ୍କ ଶାରୀରିକ ଓ ମାନସିକ ସ୍ତରରେ ଉତ୍ତମ ପ୍ରଭାବ ପକାଇଥାଏ ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ନମିତା ପଣ୍ଡିତ, ସଦସ୍ୟ ମଧୁସୂଦନ ଗିରି, ମନରଞ୍ଜନ ପ୍ରଧାନ, ଜନ୍ମେଜୟ ସାହୁ, ଅମୂଲ୍ୟ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ବିଶ୍ୱଜିତ ଜେନା ଖେଳ ପରିଚାଳନା କରିଥିବାବେଳେ ଶିକ୍ଷକ ଜୟକୃଷ୍ଣ ସେଠୀ, ସହକାରୀ ଶିକ୍ଷକ ରବିନ୍ଦ୍ର ଗିରି, ଅନନ୍ତ ସୋରେନ, କ୍ଷିତିଶ ମାଝୀ, ଶିକ୍ଷୟିତ୍ରୀ ସୁସ୍ମିତା ଦିଣ୍ଡା, ମାମନୀ ମାଝୀ, ସୋଚନା ସିଂ, ନାରାୟଣ ଘୋଷ, ଅଣଶିକ୍ଷା କର୍ମଚାରୀ କାହ୍ନୁଚରଣ ଜେନା, ଅରୁଣ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଭିନ୍ନ ରାଇସ ମିଲ୍ ବୁଲିଲେ ତହସିଲଦାର

ସୋର,୧୫।୧୨(ସମିସ): ସୋମବାର ମଧ୍ୟାହ୍ନରେ ସୋର ତହସିଲଦାର ଦୈତାରି ମଲ୍ଲିକ ଜିଲ୍ଲା ସହାୟକ ଯୋଗାଣ ଅଧିକାରୀ ଯଶୋଦା ସିଂ ଓ ସୋର ଯୋଗାଣ ଅଧିକାରୀ ଦେବାଶିଷ କର ମିଳିତ ଭାବେ ସୋରରେ ଥିବା ବିଭିନ୍ନ ରାଇସ ମିଲ ବୁଲି ଚାଉଳ ମାନ ପରଖି ଥିଲେ। ଏହି ଟିମ ପୂଜା ରାଇସ ମିଲ ଓ ଯଶୋଦା ରାଇସ ମିଲକୁ ଗସ୍ତ କରି ଗଚ୍ଛିତ ଥିବା ଚାଉଳର ମାନ ପରୀକ୍ଷା କରି ଧାନ ଓ ଚାଉଳର ପରିମାଣ ଦେଖିଥିବା ଜଣାପଡିଛି। ଗଚ୍ଛିତ ଥିବା ଧାନର ମାନ ପରୀକ୍ଷା କରିବା ସହିତ ଆଗାମୀ ଦିନରେ ଅନ୍ୟ ରାଇସ ମିଲକୁ ପରିଦର୍ଶନ କରିବେ ବୋଲି ସୂଚନା ମିଳିଛି।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସମାରୋହ




ସୋର, ୧୫।୧୨(ସମିସ): ସ୍ୱାମୀ ବିବେକାନନ୍ଦ ଯୁବକ ସଙ୍ଘ ଏବଂ ଭାରତ ସରକାରଙ୍କ ମେରା ଯୁବା ଭାରତ, ବାଲେଶ୍ୱର ଶାଖାର ମିଳିତ ଆନୁକୂଲ୍ୟରେ ସୋର ପୌରପାଳିକା ସ୍ଥିତ ଚକବାରାହାପୁର୍ ଖେଳ ପଡିଆରେ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘ ର ସଭାପତି କମଳ ଲୋଚନ ବାରିକ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ପୁରୁଷ ବିଭାଗରେ ଭଲିବଲ୍, ୨୦୦ ମିଟର ଦୌଡ,ବ୍ୟାଡମିଣ୍ଟନ, ମହିଳା ବିଭାଗରେ କବାଡି, ୨୦୦ ମିଟର ଦୌଡ ଏବଂ ବ୍ୟାଡମିଣ୍ଟନ ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ। କବାଡିରେ ସୋର ମହିଳା ମହାବିଦ୍ୟାଳୟ ବିଜୟୀ ହୋଇଥିଲାବେଳେ ସୈନିକ ଫିଜିକାଲ୍ ଏକାଡେମୀ ପରାଜୟ ହୋଇଥିଲା। ସେହିପରି ଭଲିବଲ୍‌ରେ ଲକ୍ଷ୍ମୀ ନାରାୟଣ କ୍ଲବ୍ ବିଜୟୀ ହୋଇଥିଲାବେଳେ ମଉଡ ମଣି ଉଚ୍ଚ ବିଦ୍ୟାଳୟ ପରାଜୟ ହୋଇଥିଲା। ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ ସୋର ଅତିରିକ୍ତ ତହସିଲଦାର ଏବଂ ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ କୃଷ୍ଣ ମୋହନ ସିଂହ, ସ୍ୱତନ୍ତ୍ର ଅତିଥି ଭାବେ ମାଇଁ ଭାରତ ବାଲେଶ୍ୱର କାର୍ଯ୍ୟକ୍ରମ ସଂଯୋଜକ ଅମିରନ୍ ରାଉତ, ପାରିଷଦ ନିଶାକର ମହାନ୍ତି ଉପସ୍ଥିତ ଥିଲେ। ଯୁବକ ସଂଘର ସଭାପତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲା ବେଳେ ସମ୍ପାଦକ ସରୋଜ କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଉପସ୍ଥିତ ଅତିଥିମାନେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହ ଉପସ୍ଥିତ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଯୁବକ ସଂଘ ର ମୁଖ୍ୟ ପରିଚାଳକ ଲଳିତ କୁମାର ଦାସ, କୋଷାଧ୍ୟକ୍ଷ ବିଶ୍ୱରଂଜନ ସାହୁ , ଦେବାଶିଷ ପୋଇ, ପ୍ରଭୂଜ୍ୟୋତି ମହାନ୍ତି, ପରେଶ କୁମାର ବେହେରା, ସ୍ଲୋଗାନ ଦାସ, ସ୍ୱର୍ଣ୍ଣମୟୀ ବିଶ୍ୱାଳ, ଜିତେନ୍ଦ୍ର ବେହେରାଙ୍କ ସହ ଦିଲ୍ଲୀପ ମହାନ୍ତି, ଦିବାକର ମହାନ୍ତି, ଭକ୍ତବନ୍ଧୁ ମହାଳିକ, ଆଲୋକ ପଟ୍ଟନାୟକ, ସୌମ୍ୟା ଶାନ୍ତ ଅମୃତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଅଷ୍ଟମ ବାବା ମୁକ୍ତେଶ୍ୱର ସର୍ବଭାରତୀୟ କ୍ରିକେଟ / ଫାଇନାଲରେ ରାଇଜିଂ ସ୍ପୋର୍ଟିଂ ଝାଡ଼ଖଣ୍ଡ

ସୋର, ୧୫।୧୨(ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୁଠୁଣୀ ପଡିଆରେ ବାବା ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅଷ୍ଟମ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଆଲଫା ଗଞ୍ଜାମକୁ ହରାଇ ରାଇଜିଂ ସ୍ପୋର୍ଟିଂ ଝାଡଖଣ୍ଡ ଫାଇନାଲରେ ପ୍ରବେଶ କରିଛି। ଆଜିର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଗଞ୍ଜାମ ଟସ ଜିତି ଫିଲଡିଂ କରିବାର ନିଷ୍ପତ୍ତି ନେଇଥିଲା। ଝାଡଖଣ୍ଡ ପ୍ରଥମେ ବ୍ୟାଟିଂ କରି ୨୪.୫ ଓଭରରେ ସମସ୍ତ ୱିକେଟ ହରାଇ ୨୨୨ରନ ସଂଗ୍ରହ କରିଥିଲା। ଦଳର ବ୍ୟାଟ୍ସମ୍ୟାନ ବିଜୟ ରୋହିତ ୩୫ଟି ବଲ ଖେଳି ୫୨ ରନ ଏବଂ ରଞ୍ଜିତ ଅଗ୍ରୱାଲ ୨୪ ବଲରେ ୪୬ ରନ ସଂଗ୍ରହ କରିଥିଲେ। ଜବାବରେ ଗଞ୍ଜାମ ଟିମ ୧୭.୪ ଓଭରରେ ସମସ୍ତ ୱିକେଟ ହରାଇ ୧୩୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳର ବ୍ୟାଟ୍ସ ମ୍ୟାନ ସୌମ୍ୟରଞ୍ଜନ ବିଶ୍ୱାଳ ୩୩ ବଲ ଖେଳି ୬୨ ରନ ସଂଗ୍ରହ କରିଥିଲେ। ଝାଡ଼ଖଣ୍ଡ ଅଲରାଉଣ୍ଡର ରଞ୍ଜିତ ଅଗ୍ରୱାଲ ୨୪ ବଲରେ ୪୬ ରନ ଏବଂ ୪. ୪ ଓଭର ବୋଲିଂ କରି ୨୯ ରନ ଦେଇ ୪ ୱିକେଟ ନେଇ ଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ଶିଳ୍ପପତି ସଂଗ୍ରାମ କେଶରୀ ପଟ୍ଟନାୟକ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥଲେ। ଏହି ମ୍ୟାଚକୁ ଓସିଏ ଲେଭୁଲ ଅମ୍ପାୟାର ବିଭୂପ୍ରସାଦ ଚୌଧୁରୀ ଏବଂ ସୌମେନ୍ଦ୍ର ପାତ୍ର ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରାକେଶ ରାଉତ, ଦିବ୍ୟଜ୍ୟୋତି ନାୟକ ଏବଂ ସନ୍ତୋଷ ମହାନ୍ତି କାର୍ଯ୍ୟ ତୁଲାଇ ଥିଲେ। ଭାଷ୍ୟକର ଭାବେ ଯଦୁନାଥ ନାୟକ ଏବଂ ରସିଦ ଖାନ କାର୍ଯ୍ୟ ତୁଲାଇ ଥିଲେ। ଏହି ମ୍ୟାଚକୁ ମୁକ୍ତେଶ୍ୱର କ୍ଲବର ସଦସ୍ୟ ଯଦୁନାଥ ନାୟକ, ବିଶ୍ୱରଂଜନ ଖୁଣ୍ଟିଆ, ସୁରେନ୍ଦ୍ର ବେହେରା, ଗୋପୀନାଥ ପ୍ରଧାନ, ମୁକ୍ତିକାନ୍ତ ନାୟକ, ହରିଶ୍ଚନ୍ଦ୍ର ଜେନା, ରଞ୍ଜନ ମହାନ୍ତି, କୈଳାଶ ପ୍ରଧାନ, ଶ୍ରୀକାନ୍ତ ସାହୁ, ନିର୍ମଳ ବେହେରା, ଗଜେନ୍ଦ୍ର ମହାନ୍ତି, ସିଦ୍ଧେଶ୍ୱର ମହାନ୍ତି, ରତିକାନ୍ତ ସେଠୀ, ମୁକ୍ତିରଞ୍ଜନ ସାହୁ, ଅମିତ ନାୟକ, ମହେନ୍ଦ୍ର ଦେ, ସୁଶାନ୍ତ ସାହୁ, ମାଧବ ନାୟକ, ଗଦାଧର ବିଶ୍ୱାଳ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତାକାଲି ଫାଇନାଲ ମ୍ୟାଚ ରାଇଜିଂ କ୍ରିକେଟ କ୍ଲବ ଝାଡଖଣ୍ଡ ସହିତ ୟୁନିକ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହେବ।




## ଡକାୟତି ଯୋଜନାବେଳେ ମାଡ଼ି ବସିଲା ପୁଲିସ

**ପାଞ୍ଚ ଡକାୟତ ଗିରଫ**

ସୋର,୧୫।୧୨(ସମିସ): ସୋର ବ୍ଲକ ଟେଣ୍ଟେଇ ପଞ୍ଚାୟତରେ ଥିବା ଏକ ମନ୍ଦିର ନିକଟରେ ଡକାୟତି କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ସୋର ପୁଲିସ ଚଢ଼ାଉ କରି ପାଞ୍ଚ ଜଣ ଡକାୟତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ମନ୍ଦିର ନିକଟରେ ଗତକାଲି ରାତିରେ ୫ ଜଣ ଡକାୟତ ଡକାୟତି କରିବା ପାଇଁ ପ୍ରସ୍ତୁତ ହେଉଥିବା ସୋର ପୁଲିସ ଖବର ପାଇ ଚଢ଼ଉ କରିଥିଲା। ଫଳରେ ସେଠାରେ ଥିବା ପଥରପେଣ୍ଠ ଗ୍ରାମର ଶରତ ମହାଳିକ (୨୫), ଖଇରା ଥାନା ଗଣ୍ଡୁଆ ଗ୍ରାମର ଲକ୍ଷ୍ମୀକାନ୍ତ ପଣ୍ଡା (୨୨), ଖନ୍ତାପଡ଼ା ପାଟଣା ଗ୍ରାମର ଯଶୋବନ୍ତ ମଳିକ (୧୯), ଟେଣ୍ଟେଇ ଗ୍ରାମର ମାନସ ମଳିକ (୧୯) ଏବଂ ରାକେଶ ମଳିକ (୨୪)କୁ ଥାନାକୁ ଉଠାଇ ଆଣି ପଚରା ଉଚରା କରିଥିଲେ। ଏ ବାବଦରେ ପୁଲିସ ଥାନାରେ ଏକ ମାମଲା ରୁଜୁ କରି ସମସ୍ତଙ୍କୁ ଗିରଫ କରିଥିଲେ। ପୁଲିସ ସେମାନଙ୍କ ନିକଟରୁ ଏକ ହିରୋ ଏକ୍ସଟ୍ରିମ ଏବଂ ଏକ ପଲସର ବାଇକ, ଖଣ୍ଡା, ତେଲେଙ୍ଗା କଟୁରୀ, ଲୁହାରଡ଼, ଏକ ହାତ ତିଆରି ବୋମା, ୫ଟି ମାସ୍କ ଏବଂ ଏକ ଦଉଡି ଜବତ କରିଛି। ଆଜି ଅପରାହ୍ନରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ପୁଲିସ ସମସ୍ତଙ୍କୁ କୋର୍ଟ ଚାଲାଣ କରି ଅଧିକ ତଦନ୍ତ ଆରମ୍ଭ କରିଛି। ସମସ୍ତ ଅଭିଯୁକ୍ତଙ୍କ ନାମରେ ଜିଲ୍ଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ପୁଲିସ ସୂଚନା ଦେଇଛି।

## ବାଲେଶ୍ୱର ଉତ୍ସବର ତୃତୀୟ ସନ୍ଧ୍ୟା



ବାଲେଶ୍ୱର,୧୫।୧୨(ସମିସ): ବାଲେଶ୍ୱର ଉତ୍ସବର ତୃତୀୟ ସନ୍ଧ୍ୟାରେ ପ୍ରସିଦ୍ଧ ଗାୟକ ଦେବଶଙ୍କର, ତୁଷାର ଓ ଗାୟିକା ରୋଜିଙ୍କ ସଂଗୀତର ତାଳେ ତାଳେ ବେଶ ଝୁମିଥିଲେ ଦର୍ଶକ। ମଞ୍ଚରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ସଭାପତି ପ୍ରସାଦ ହରିଚନ୍ଦନ, ଆଶିଷ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର । ଅନୁଷ୍ଠାନର ଅଧ୍ୟକ୍ଷ ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ। ସମ୍ମାନିତ ଅତିଥି ଭାବରେ ଉପଜିଲ୍ଲାପାଳ ଶିବ ମାଲବ୍ୟ ଯୋଗ ଦେଇଥିଲେ। କମିଟିର ଆଇନ ପରାମର୍ଶ ଦାତା ବିଜୟ ପଣ୍ଡା, ମୁଖ୍ୟ ଉପଦେଷ୍ଟା ଆଲୋକ ସାହୁ, ଉପାଧ୍ୟକ୍ଷ ସୂର୍ଯ୍ୟକାନ୍ତ କର, ମହିଳା ସଭାପତି ରଂଜିତା ମହାପାତ୍ର ଉପସ୍ଥିତ ଥିଲେ। ଯୁବନେତା ଭାଗବତ ସାହୁ, ଉପଦେଷ୍ଟା ପାରିଷଦ ସତ୍ୟଶିବ ସୁନ୍ଦର ଦାଶ, ସୋଭେନିଅର କମିଟି ଅଧ୍ୟକ୍ଷ ଭୁବନ ଦାସ, ସଭ୍ୟା ଭାରତୀ ପାତ୍ର, ଦୀପିକା ପଣ୍ଡା, ସସ୍ମିତା ଦାସ, ସନ୍ଧ୍ୟା ଭୂୟାଁ, ଆଶ୍ରିତା ତରେଇ, ମିନତୀ ସେଠି ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ମଞ୍ଚ ପରିଚାଳନା କରିଥିଲେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବାଲେଶ୍ୱର ଚିତ୍ତରଞ୍ଜନ ପଣ୍ଡା। ଅନୁଷ୍ଠାନର କର୍ମକର୍ତ୍ତା ସାଂସ୍କୃତିକ ସମ୍ପାଦକ ଦୀପକ ମିଶ୍ର, ସାଙ୍ଗଠନିକ ସମ୍ପାଦକ ଖିରୋଦ, ସମ୍ପାଦକ ଆଶିଷ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ନୟନା କୁମାରୀ ସରକାରୀ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବାଲେଶ୍ୱର,୧୫।୧୨(ସମିସ): ମଠସାହିସ୍ଥିତ ନୟନା କୁମାରୀ ସରକାରୀ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା



ଏହି ଉତ୍ସବକୁ ପ୍ରଧାନ ଶିକ୍ଷକ ଶାନ୍ତନୁ ଜେନା ଉଦଘାଟନ କରି ପିଲାମାନଙ୍କୁ ଉଦବୋଧନ ଦେଇଥିଲେ। ଖେଳ ଶିକ୍ଷୟିତ୍ରୀ ରଞ୍ଜନା ରାଉତ ଖେଳ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ସୁଦର୍ଶନ ଜେନା, ଅଶୋକ ନାୟକ, କମଳ ଲୋଚନ ରଣା, ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ, ପଲି ବେହେରା, ଗୀତାରାଣୀ ରାଉଳ, ଜ୍ୟୋତିପ୍ରଭା ପାଣିଗ୍ରାହୀ, କର୍ମଚାରୀ ମଣିଭଦ୍ର ରାଉତ, ସଂଯୁକ୍ତା ତ୍ରିପାଠୀ, ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ, ପୁରାତନ ଛାତ୍ର ସଂଗଠନର ସଚିବ ଅଶୋକ କୁମାର ବେହେରା ଏହି ଖେଳ ଉତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ଅବସରରେ ବାଳିକା ବିଭାଗରେ ଦଶମ ଶ୍ରେଣୀ ଛାତ୍ରୀ ଅମ୍ବିକା ନାୟକଙ୍କୁ ଚାମ୍ପିଅନ ଘୋଷଣା କରାଯାଇଥିଲା।

## ଜଳେଶ୍ୱର ଶାନ୍ତିଆ ଷ୍ଟାଡିୟମ୍‌ର ପୁନରୁଦ୍ଧାର ଦାବି

ଜଳେଶ୍ୱର, ୧୫।୧୨ (ସମିସ)

ଓଡିଶା ଓ ପଶ୍ଚିମବଙ୍ଗ ସୀମାରେ ଥିବା ଖେଳ ପ୍ରେମୀଙ୍କୁ ଆଗକୁ ନେବା ଓ ସେମାନଙ୍କୁ ଅଧିକ ସୁଯୋଗ ଓ ନୂତନ ପିଢ଼ିଙ୍କୁ ପ୍ରୋତ୍ସାହନ ଲାଗି ୧୫ବର୍ଷ ପୂର୍ବରୁ ଜଳେଶ୍ୱର ବିଜ୍ଞାପିତ ଅଞ୍ଚଳରେ ଏକ ଷ୍ଟାଡିୟମର ଭିତ୍ତି ସ୍ଥାପନ କରା ଯାଇଥିଲା । ବ୍ୟୟ ବରାଦ ୩କୋଟିରୁ ୯୬ଲକ୍ଷ ମିଳିଥିବା ବେଳେ ଭିତ୍ତି ପ୍ରସ୍ତର ହୋଇଥିବା ପାଚେରୀ ଭାଙ୍ଗି ପଡିବାରୁ ନିମ୍ନମାନର କାର୍ଯ୍ୟ ଅଭିଯୋଗରେ ଭିଜିଲାନ୍ସ ବିଭାଗ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାମଲକୁ ୧୩ ବର୍ଷ ବିତିଥିଲେ ମଧ୍ୟ ଭିଜିଲାନ୍ସ ବିଭାଗର ସ୍ପଷ୍ଟୀକରଣ ମିଳି ନଥିବାରୁ ଏବେ ନିର୍ମାଣାଧୀନ ପାଚେରୀ, କ୍ଲବ ହାଉସ ଓ ଅନ୍ୟ ନିର୍ମାଣ କାର୍ଯ୍ୟ ଧ୍ୱଂସ ମୁଖରେ। ଉତ୍ତର ବାଲେଶ୍ୱର ଓ ଦକ୍ଷିଣ ମେଦିନୀପୁର ଜିଲ୍ଲା ଭଳି ବଲ, ଫୁଟବଲ, କବାଡି ଇତ୍ୟାଦି ବହୁ ପ୍ରଶଂସା ଓ ଦକ୍ଷତା ଦେଖାଇ ଥିବାରୁ ଗତ ୯-୫-୨୦୧୦ରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଜଳେଶ୍ୱର ବିଜ୍ଞାପିତ ପରିଷଦର ୧୦ନଂ ୱାର୍ଡ ଶାନ୍ତିଆ ଠାରେ ଏକ ସରକାରୀ ସ୍ଥାନରେ ଭିତ୍ତିସ୍ଥାପନ କରିଥିଲେ। ଏଥିରେ ପୌର ପାଳ ପ୍ରବୀର କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ମୁମ୍ବାଇ ସ୍ଥିତ ରାଷ୍ଟ୍ରୀୟ କେମିକାଲ ଆଣ୍ଡ ଫର୍ଟି ଲାଇଜର୍ସ ଲିମିଟେଡ଼ର ଅଧ୍ୟକ୍ଷ ଓ ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଶଙ୍କର ଝା, ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ ଷ୍ଟାଡିୟମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ୩. ୫କୋଟି ଏଷ୍ଟିମେଣ୍ଟ ହୋଇ ପ୍ରଥମ ପର୍ଯ୍ୟାୟରେ ୯୬ଲକ୍ଷ ଟଙ୍କା ମିଳିଥିଲା। ଠିକାଦାର ୧କୋଟି ୨୦ଲକ୍ଷ ଟଙ୍କାର କାର୍ଯ୍ୟ ସାରିଥିବା ବେଳେ ୨ଟି ସ୍ଥାନରେ ପାଚେରୀର କେତେକ ସ୍ଥାନ ଭାଙ୍ଗି ପଡିଥିଲା। ଷ୍ଟାଡିୟମର ଭୂମି, ଚାରି ପଟେ ପାଚେରୀ, ଡ୍ରେନ, ଡ୍ରେସିଂ ହଲ, ମୁଖ୍ୟ ଫାଟକର ଗ୍ରିଲ ଗେଟ, ପାଇଖାନା, ପମ୍ପ ହାଉସ, ଟ୍ୟାଙ୍କ, ପମ୍ପ ହାଉସ, ପ୍ରବେଶ ଦ୍ୱାର, କ୍ଲବ ହାଉସ ନିର୍ମାଣ ହେବାର ଥିବାବେଳେ କୌଣସି କାର୍ଯ୍ୟ ଶେଷ ହୋଇନଥିଲା। ଯାହା ଫଳରେ ଆଜି ଶାନ୍ତିଆ ଷ୍ଟାଡିୟମ୍‌ରୁ ଯୁବ ଖେଳାଳି ମୁହଁ ଫେରାଇବାକୁ ବସିଲେଣି। ତେଣୁ ଏ ଦିଗରେ ସ୍ଥାନୀୟ ନେତୃତ୍ୱ ଗମ୍ଭୀରତା ସହିତ ନେଇ ଏହାର ପୁନରୁଦ୍ଧାର ନ କଲେ ଦିନ ଆସିବ ଏହା ଗୋରୁ ଗାଈ ମାନଙ୍କର ଚରା ଭୂମି ପାଲଟି ଯିବ ବୋଲି ଜଳେଶ୍ୱରବାସୀ ମତ ପ୍ରକାଶ କରିଛନ୍ତି।



## ଧାନ ଅମଳ ପରେ କ୍ଷେତ ପୋଡୁଛନ୍ତି ଚାଷୀ

# ପ୍ରଦୂଷିତ ହେଉଛି ବାୟୁମଣ୍ଡଳ, କୃଷି ବିଭାଗ ପକ୍ଷରୁ ସଚେତନତା ଅଭାବ

ମୋରଡ଼ା,୧୫।୧୨(ସମିସ)

ଚଳିତବର୍ଷ ଧାନ ଫସଲ ଅମଳ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ବଳଦ ଅଭାବରୁ ମେସିନ ସାହାଯ୍ୟରେ ବିଲ ମୁଣ୍ଡରେ ଧାନ ଫସଲ ଅମଳ ହୋଇ ଘରକୁ ଆସିବା ପରେ କେତେକ ସ୍ଥାନରେ ଚାଷୀ ଧାନର ନଡ଼ାକୁଟାକୁ କ୍ଷେତରେ ନିଆଁ ଲଗାଇ ଜାଳି ଦେଉଥିବା ଦେଖିବାକୁ ମିଳିଛି। ଏଥିରୁ ନିର୍ଗତ ଧୂଆଁ ବାୟୁମଣ୍ଡଳକୁ ଦୂଷିତ କରିବା ସହ ପରିବେଶ ଉପରେ ଏହାର କୁପ୍ରଭାବ ପକାଉଛି। କୃଷି ବିଭାଗ ପକ୍ଷରୁ ଏନେଇ କୌଣସି ସଚେତନତା ଓ ଗାଇଡ୍ ଲାଇନ୍ ପ୍ରସ୍ତୁତ କରାଯାଉ ନ ଥିବାରୁ ଏହା ପରିବେଶ ପାଇଁ ବିପଦ ସୃଷ୍ଟି କରିବା ଆଶଙ୍କା ସୃଷ୍ଟି କରିଛି।

ସ୍ଥାନୀୟ ଅଞ୍ଚଳର ଚାଷୀ କହିଛନ୍ତି ଯେ, ଜମିରେ ମେସିନ୍ ସାହାଯ୍ୟରେ ଧାନ ଗଛକୁ କାଟିଲେ ଓ ଧାନ ଝାଡ଼ି ସାରିଲା ପରେ ସେଥିରୁ ବାହାରିଥିବା ନଡ଼ାକୁଟା

- ନଷ୍ଟ ହେଉଛି ଜମିର ଜୈବିକ ଉର୍ବରତା
- ଲୋପ ପାଉଛନ୍ତି ମାଟିରେ ଥିବା ଉପକାରୀ କୀଟ

ଓ ଅନ୍ୟାନ୍ୟ ଆବର୍ଜନାକୁ ଯଦି ଜମିରେ ଛାଡ଼ି ଦିଆଯାଏ, ତେବେ ପରବର୍ତ୍ତୀ ଚାଷ ସମୟରେ ଜମିରେ ଲଙ୍ଗଳ ଚାଲିବ ନାହିଁ।



ସେଥିପାଇଁ ସେଗୁଡ଼ିକୁ ଜାଳିଦେଲେ ସେଥିରୁ ବାହାରୁଥିବା ପାଉଁଶ ମାଟିରେ ମିଶି ଆଗାମୀ ଚାଷ ଋତୁରେ ସାର ଭଳି କାମ ଦେବ। ତେଣୁ ଅମଳ ପରେ ନଡ଼ାକୁଟାକୁ ଟଙ୍କା ଖର୍ଚ୍ଚକରି ଘରକୁ ବୋହି ନେବା ଅପେକ୍ଷା ଏହାକୁ ଜମିରେ ପକାଇ ନିଆଁ ଲଗାଇ ଦେବା ଅଧିକ ସୁବିଧାଜନକ ହେଉଛି। ଏତଦ୍‌ବ୍ୟତୀତ କୁଟା ଖାଇବା ପାଇଁ ଘରେ ଗାଈଗୋରୁ ନାହାନ୍ତି କି ନଡ଼ା ଛପର ପାଇଁ ଚାଳ ଘର ନାହିଁ। ସେଥିପାଇଁ ଏପରି କରାଯାଉଥିବା ଚାଷୀ ମତ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର କୃଷି ଗବେଷକ ନରେନ୍ଦ୍ର ମହାନ୍ତ କହିଛନ୍ତି, ଚାଷଜମିରେ ଏଭଳି କରିବା ଆଦୌ ଅନୁଚିତ। ନିଆଁ ଲଗାଇବା ଦ୍ୱାରା ଜମିରେ ଥିବା ଜୈବିକ ସାର ନଷ୍ଟ ହୋଇଯାଇଥାଏ। ଏଥିସହ ମାଟିରେ ଥିବା ଉପକାରୀ କୀଟର ବଂଶ ମଧ୍ୟ ଲୋପ ପାଇଯାଏ। ଫଳରେ ମାଟିର ଉର୍ବରତା ନଷ୍ଟ ହୋଇଯିବା କାରଣରୁ ଆଗକୁ ଭଲ ଫସଲ ହେବନାହିଁ। ଏ ସମ୍ପର୍କରେ ମୋରଡ଼ା ବ୍ଲକ୍ କୃଷି ଅଧିକାରୀ ସ୍ନେହାଶିଷ ସାହୁଙ୍କୁ ପଚାରିବାରୁ ଏଭଳି ନ କରିବା ପାଇଁ ବିଭାଗ ପକ୍ଷରୁ ବାରମ୍ବାର ଚାଷୀଙ୍କୁ ସଚେତନ କରାଯାଉଛି। ମାତ୍ର ଏହାର ପ୍ରଭାବ ଚାଷୀଙ୍କ ଉପରେ ପଡୁନାହିଁ। ବେଲର ମେସିନ ବିଭାଗ ତରଫରୁ ସବସିଡିରେ ପ୍ରଦାନ କରାଯାଉଛି। ଯାହା ନଡ଼ାଗୁଡ଼ିକ ବାନ୍ଧିବାରେ ସାହାଯ୍ୟ କରିପାରିବ ବୋଲି ସେ ପ୍ରକାଶ କରିଥିଲେ।

### ଅନିୟମିତତା କରି ସରକାରୀ ଅର୍ଥ ହଡ଼ପ ମାମଲା

## ପୂର୍ବତନ ସରପଞ୍ଚ, ସହକାରୀ ଯନ୍ତ୍ରୀ ଓ ଜିଆର୍‌ଏସ୍‌କୁ ୩ ବର୍ଷ ଜେଲ୍

କେନ୍ଦୁଝର,୧୫।୧୨(ସମିସ): ସରକାରୀ ଅର୍ଥକୁ ତଞ୍ଚକତା କରି ତୋଷରପାତ ମାମଲାରେ ୩ ଜଣଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଭଗବାନ ପ୍ରଧାନ ଏକ ମାମଲାର ବିଚାର କରି ଚମ୍ପୁଆ ବ୍ଲକ୍ ଷଡ଼ଙ୍ଗୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ସଦାନନ୍ଦ ନାଏକ, ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ଗୌରହରି ସାହୁ ଏବଂ ଜିଆର୍‌ଏସ୍ ଶ୍ରୀପଦ ନାଏକଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୨୦୧୦-୧୧ରେ ଚମ୍ପୁଆ ବ୍ଲକ୍ ଷଡ଼ଙ୍ଗୀ ପଞ୍ଚାୟତର ଷଡ଼ଙ୍ଗୀଠାରୁ ନୂଆସାହି ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ରାସ୍ତା ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। କାମ ନ କରି ସେହି ବର୍ଷ ୨ ଲକ୍ଷ ୯୩ ହଜାର ଟଙ୍କା ହଡ଼ପ କରି ନିଆଯାଇଥିଲା। ପୁଣି ୨୦୧୧-୧୨ରେ ସେହି ଯୋଜନାରେ କାମ ନ କରି ୧ ଲକ୍ଷ ୯୩ ହଜାର ୩୯୩ ଟଙ୍କା ହଡ଼ପ କରି ନେଇଥିଲେ। ଏନେଇ ଭିଜିଲାନ୍ସ ସୂଚନା ପାଇ ୨୦୧୨ ମେ' ୩୦ ତାରିଖରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି କେସ୍‌ର ଚାର୍ଜସିଟ୍ ମଧ୍ୟ କୋର୍ଟରେ ଦାଖଲ କରିଥିଲେ। କୋର୍ଟ ଏହି ମାମଲାରେ ୨୪ ଜଣ ସାକ୍ଷୀଙ୍କ ବୟାନ, ପ୍ରମାଣକୁ ଆଧାର କରି ଉକ୍ତ ୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଜରିମାନା ଅନାଦେୟ ଅଧିକ ୨ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ଆଦେଶରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପିପି ଦେବଦତ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଥିଲେ ବୋଲି ଜଣାପଡ଼ିଛି।

## ରାଜ୍ୟସ୍ତରୀୟ ଶିଶୁ ନାଟକ:ପିସିପୁର ସ୍କୁଲର ବାଜିମାତ୍



ବାରିପଦା,୧୫।୧୨(ସମିସ): ଭବାନୀପାଟଣାର ସାଂସ୍କୃତିକ ଅନୁଷ୍ଠାନ 'ସଙ୍ଗମ' ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ନାଟକ ପ୍ରତିଯୋଗିତାରେ ବାରିପଦାର ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିବେଷିତ ନାଟକ 'କାନ୍ଦୁଛି ବନାନୀ' ଦର୍ଶକଙ୍କୁ ବିମୋହିତ କରିବା ସହ ୮ଟି ପୁରସ୍କାର ଲାଭ କରି ବିଦ୍ୟାଳୟ ଓ ଜିଲ୍ଲା ପାଇଁ ଗୌରବ ଅର୍ଜନ କରିପାରିଛି। ଶ୍ରେଷ୍ଠ ପ୍ରଯୋଜିତ ନାଟକ, ଶ୍ରେଷ୍ଠ ଆଲୋକ ସଜ୍ଜା, ଶ୍ରେଷ୍ଠ ବେସଭୂଷା ପାଇଁ ବିଦ୍ୟାଳୟ ପୁରସ୍କୃତ ହୋଇଥିବାବେଳେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ତ୍ରିଲୋଚନ ସାହୁ, ଶ୍ରେଷ୍ଠ ନାଟ୍ୟକାର ଭାବେ ଅଜିତ ପାଣିଗ୍ରାହୀ, ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଦେବସ୍ମିତା ସାବତ, ଶ୍ରେଷ୍ଠ ଅଭିନେତା ଭାବେ କ୍ରିଷ୍ଣା ଦତ୍ତ ଓ ତୃତୀୟ ଶ୍ରେଷ୍ଠ ଅଭିନେତା ଭାବେ ବ୍ରଜକିଶୋର ମହାନ୍ତ ପୁରସ୍କୃତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନାଟକରେ ଦେବାଶିଷ ଚୌଧୁରୀ, ରାଜବୀର ଲାମା, ସମ୍ବିତ ପାତ୍ର, ଆକାଶ ମହାନ୍ତ, ପ୍ରିୟାରାଣୀ ବେହେରା ଅଭିନୟ କରିଥିବାବେଳେ ସଂଗୀତରେ ରୂପମ ରାମ ଓ ମଞ୍ଚ ପରିଚାଳନାରେ ସରୋଜ ସାବତ ଓ ବାମା ଚରଣ ବାନରା ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ସୌମ୍ୟ ଦାଶ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ହାତେଇଲା ୮ଟି ପୁରସ୍କାର**

## ଉପଖଣ୍ଡସ୍ତରୀୟ ମହୋତ୍ସବ ଧୁମୁସାର ଦ୍ୱିତୀୟ ସନ୍ଧ୍ୟା



ଉଦଳା, ୧୫।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡସ୍ତରୀୟ ମହୋତ୍ସବ ଧୁମୁସାର ଦ୍ୱିତୀୟ ସନ୍ଧ୍ୟାରେ ଗୀତ ଓ ନୃତ୍ୟରେ ଝୁମିଲେ ଦର୍ଶକ। ଦ୍ୱିତୀୟ ସନ୍ଧ୍ୟାରେ ଉଦଳା ବିଧାୟକ ଭାସ୍କର ମଢ଼େଇ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ପ୍ରମିଳା ପଣ୍ଡା, ନିର୍ବାହୀ ଅଧିକାରୀ ଉଦଳା ଏନଏସି ପ୍ରିୟରଞ୍ଜନ ଜେନା, ବରିଷ୍ଠ ସିନେ ତାରକା ଅସିତ ପତି, ଉଦଳା ଓକିଲ ସଂଘ ସମ୍ପାଦକ ବସନ୍ତ ପରିଡ଼ା ଅତିଥି ଭାବେ ଯୋଗ ଦେଇଥିଲେ। ମିସ ଉଦଳା ଫେସନ ସୋ ଓ ଅସିତ୍ ପତିଙ୍କ ସହ ତରଙ୍ଗିଣୀ ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ

ଉଦଳା, ୧୫।୧୨(ସମିସ): ଉଦଳା-ବାରିପଦା ରାସ୍ତାର ପାଟପୁର ଛକରେ ଦୁର୍ଘଟଣା ଘଟି ଜଣେ ମୃତ୍ୟୁବରଣ କରିଛନ୍ତି। ଉଦଳା ତହସିଲର ଡାଟା ଏଣ୍ଟ୍ରି ଅପରେଟର ମନୋଜ ଜେନା ଅନ୍ୟଜଣେ ବ୍ୟକ୍ତିଙ୍କୁ ବାଇକରେ ବସାଇ ଉଦଳା ଅଭିମୁଖେ ଆସୁଥିଲେ। ପାଟପୁର ଛକ ନିକଟରେ ପଛରେ ବସିଥିବା ବ୍ୟକ୍ତିଙ୍କ ଧୋତି ଚକରେ ଗୋଡାଇ ଯିବାରୁ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଉଭୟ ବାଇକରୁ ଛିଟିକି ପଡ଼ିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ମନୋଜଙ୍କ ସହିତ ଥିବା ବ୍ୟକ୍ତିଙ୍କୁ ମୃତ ଘୋଷଣା କରିଥିଲେ।

## ରାସ୍ତା କଡ଼କୁ ଓଲଟିଲା କାର୍

ମହୁଲଡିହା,୧୫।୧୨(ସମିସ): ୫୩ନଂ ରାଜ୍ୟ ରାଜପଥର ଠାକୁରମୁଣ୍ଡା ଥାନା ଚାଇଁବାଇଁଶୀ ଗ୍ରାମ ନିକଟରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏକ ଟେମ୍ପୋକୁ ସାଇଡ ଦେବାକୁ ଯାଇ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡିଛି। କାର୍‌ଟି ଝାଡ଼ଖଣ୍ଡ ଅଞ୍ଚଳର ବୋଲି ଜଣାପଡିଛି। କାର୍ ଡ୍ରାଇଭର ଫେରାର ହୋଇଯାଇଥିବାବେଳେ ଗାଡ଼ିରେ କେତେଜଣ ଥିଲେ ଜଣାପଡିନାହିଁ। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ପହଞ୍ଚି ଗାଡିକୁ ଜବତ କରି ଜେସିବି ସହାୟତାରେ ଥାନାକୁ ଆଣି ତଦନ୍ତ ଜାରି ରଖିଛନ୍ତି।

## ସାମ୍ବାଦିକଙ୍କ ମାତୃ ବିୟୋଗ

ମହୁଲଡିହା,୧୫।୧୨(ସମିସ): ଠାକୁରମୁଣ୍ଡା ବ୍ଲକର ସାମ୍ବାଦିକ ଦିଲ୍ଲୀପ କୁମାର ମହାନ୍ତଙ୍କ ମାଆ ସରସ୍ୱତୀ ମହାନ୍ତ(୮୦) ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଆଜି କେନ୍ଦୁଝର ମେଡ଼ିକାଲ କଲେଜରେ ଦେହାନ୍ତ ହୋଇଯାଇଛି। ସେ ଦୀର୍ଘଦିନ ଧରି ରକ୍ତହୀନତାରେ ପୀଡିତ ଥିଲେ। ତାଙ୍କୁ ଚିକିତ୍ସା ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁଶଯ୍ୟା ଏକମାତ୍ର ପୁତ୍ର ଦିଲ୍ଲୀପ ମହାନ୍ତ ,ବୋହୂ ରୁକ୍ମଣୀ ମହାନ୍ତ ଉପସ୍ଥିତ ଥିଲେ। ମରଶରୀର ରୁଗୁଡିବେଡା ବାସଭବନକୁ ଅଣାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ସ୍ଥାନୀୟ ବୁଦ୍ଧିଜୀବୀ, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି, ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ।

## ରାଜସ୍ୱ ନିରୀକ୍ଷକଙ୍କ ଅଫିସରୁ ଚୋରି

ବଡ଼ବିଲ,୧୫।୧୨(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ତଥା ବଡ଼ବିଲ ତହସିଲ୍ କାର୍ଯ୍ୟାଳୟ ଅଧୀନରେ ଥିବା ଭଦ୍ରାସାହି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ କେହି କଳାକନା ବୁଲାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ବଡ଼ବିଲ ଭଦ୍ରାସାହି ରାସ୍ତାର ଭୁସୁଗାଁସ୍ଥିତ ବଡ଼ବିଲ ତହସିଲ୍ କାର୍ଯ୍ୟାଳୟ ଅଧୀନରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଚୋରି ହୋଇଥିବା ଜଣାପଡ଼ିଛି। ରବିବାର ରାତିରେ କେହି ଦୁର୍ବୃତ୍ତ କାର୍ଯ୍ୟାଳୟର ତାଲା ଭାଙ୍ଗି କାର୍ଯ୍ୟାଳୟରେ ଥିବା ୩ଟି ଲାପ୍‌ଟପ୍, ୩ଟି ଚାର୍ଜର, ୩ଟି ବ୍ୟାଗ୍, ଗୋଟିଏ ପ୍ରିଣ୍ଟର ମେସିନ୍, ଗୋଟିଏ ସ୍କାନର, ଗୋଟିଏ ଇନ୍‌ଭର୍ଟର୍, ଗୋଟିଏ ଇନ୍‌ଭର୍ଟର ବ୍ୟାଟେରି, ଗୋଟିଏ କାନ୍ଥ ଘଣ୍ଟା ସମେତ ଗୋଟିଏ ସିଲିଂ ଫ୍ୟାନ୍‌ର କଏଲ୍‌କୁ ଚୋରି କରି ନେଇଥିବା ଜଣାପଡ଼ିଛି। ସୋମବାର ସକାଳୁ ଭଦ୍ରାସାହି ରାଜସ୍ୱ ନିରୀକ୍ଷକ ପ୍ରକାଶ ପ୍ରଧାନ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଚୋରି ହୋଇଥିବା ଦେଖି ବଡ଼ବିଲ ତହସିଲ୍‌ଦାର ରାକେଶ କୁମାର ପଣ୍ଡାଙ୍କୁ ଖବର ଦେଇଥିଲେ। ତେବେ ତହସିଲ୍‌ଦାର ଶ୍ରୀ ପଣ୍ଡା ଘଟଣାସ୍ଥଳକୁ ଯାଇ ତନଖି କରିବା ପରେ ଚୋରି ସମ୍ବନ୍ଧରେ ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି।

## ବ୍ଲକ୍ ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷକ ସଂଘ ବୈଠକ

ରାସଗୋବିନ୍ଦପୁର,୧୫।୧୨(ସମିସ):ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଶିକ୍ଷକ ଶାନ୍ତନୁ ବେହେରାଙ୍କ ଆବାହକତ୍ୱରେ ଏକ ଜରୁରିକାଳୀନ ସାଙ୍ଗଠନିକ ବୈଠକ ଡାହିସାହି ନୂତନ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାସଗୋବିନ୍ଦପୁର ବ୍ଲକର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମନ୍ୱୟ ସମିତିର ଏହି ସାଙ୍ଗଠନିକ ବୈଠକରେ ଶାନ୍ତନୁ ବେହେରା, ସେରାଲ ହାଁସଦା, ଜଗନ୍ନାଥ ଟୁଡୁ, ନାରାୟଣ ମାର୍ଣ୍ଡି, ନିରୋଜ ରାମ, ନରେନ୍ଦ୍ର ମୁର୍ମୁ, କମଳଲୋଚନ ସିଂ, ଚନ୍ଦ୍ରମୋହନ ମୁର୍ମୁ, ଶ୍ରୀମନ୍ତ ହେମ୍ବ୍ରମ, ସରସ୍ୱତୀ ଟୁଡୁ, ସମୀର ସିଂ, ହରିହର ସିଂ ଓ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଚାକିରି କ୍ଷେତ୍ରରେ ଥିବା ବିଭିନ୍ନ ଅସଙ୍ଗତ ଓ ସମସ୍ୟା ସଂପର୍କରେ ଆଲୋଚନା କରିବା ସହିତ ଆଗାମୀ ଦିନରେ ଚାକିରି କ୍ଷେତ୍ରରେ ରହି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ସମସ୍ୟାକୁ ସୁଧାର ଆଣିବା ପାଇଁ ସମସ୍ତ ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷକଙ୍କୁ ଏକତା ସୂତ୍ରରେ ବାନ୍ଧି ହୋଇ ରହିବାକୁ ପଡିବ ବୋଲି ମତବ୍ୟକ୍ତ କରିଛନ୍ତି। ଚାକିରି କ୍ଷେତ୍ରରେ ପଦୋନ୍ନତି, ଅନେକ କ୍ଷେତ୍ରରେ ଏହା ଉପରେ ହେଉଥିବା ପାତରଅନ୍ତର ନୀତିକୁ ନେଇ ଉପୁଜୁଥିବା ସମସ୍ୟା ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା। ଶିକ୍ଷକ ତଥା ଆବାହକ ଶାନ୍ତନୁ ବେହେରା ଉପସ୍ଥିତ ଥିବାବେଳେ ଶିକ୍ଷକ କମଳଲୋଚନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନନ୍ଦପୁର ବୈଦିକ ବିଚାର ମଞ୍ଚର ବାର୍ଷିକ ଉତ୍ସବ

ଆନନ୍ଦପୁର,୧୫।୧୨(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଶାଳପଡ଼ାସ୍ଥିତ କଲୋନୀ ପରିସରରେ ଆର୍ଯ୍ୟ ସମାଜ ବୈଦିକ ବିଚାର ମଞ୍ଚର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୈଦିକ ବିଚାର ମଞ୍ଚର ସଭାପତି ଅଶୋକ କୁମାର ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଘସିପୁରା ବିଧାୟକ ପ୍ରାର୍ଥୀ ଡ. ଶମ୍ଭୁନାଥ ରାଉତ, ମୁଖ୍ୟବକ୍ତା ଭାବେ ଓଡ଼ିଶାର ପ୍ରତିଷ୍ଠିତ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ଅତିଥିଭାବେ ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଓ ସାହିତ୍ୟିକ ସରୋଜ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଯଜ୍ଞ ଓ ଧର୍ମ ପ୍ରବଚନର ଏହି



ସାମୂହିକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ପଥଭ୍ରଷ୍ଟ ସମାଜ ଓ କୁସଂସ୍କାରକୁ ରୋକିବା ଦିଗରେ ଆର୍ଯ୍ୟ ସମାଜର ପୁନର୍ଗଠନ ଜନସମାଜକୁ ସଚେତନ କରାଇବା ବୈଦିକ ବିଚାର ମଞ୍ଚର ଅଭିନବ ପ୍ରୟାସ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ସମୟର ସଦୁପଯୋଗ ଓ ଉଚିତ୍ ମାଗଦର୍ଶନ ନିମନ୍ତେ ଏକ ଆଧ୍ୟାତ୍ମିକ ବୈଦିକ ପୁସ୍ତକ କେନ୍ଦ୍ରର ପରିକଳ୍ପନା କରାଯାଇଥିଲା। ଯାହାଦ୍ୱାରା ଶ୍ରଦ୍ଧାଳୁମାନଙ୍କୁ ବିଭିନ୍ନ ପ୍ରକାର ଜ୍ଞାନ ଆହରଣ କରିବାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବୈଦିକ ବିଚାର ମଞ୍ଚର ସଦସ୍ୟ ଅମୂଲ୍ୟ ମିଶ୍ର, ଦେବାଶିଷ ମିଶ୍ର, ଶାନ୍ତନୁ ମିଶ୍ର ଓ ସୁସ୍ମିତା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବୋଲେରୋ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

ଯୋଡ଼ା,୧୫।୧୨(ସମିସ): କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ଅନ୍ତର୍ଗତ କାଟେସାହି ନିକଟରେ ସୋମବାର ଏକ ବୋଲେରୋ ଗାଡ଼ି ବାଇକ୍‌କୁ ସାମ୍ନା ପଟୁ ଧକ୍କା ଦେବାରୁ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ବୋଲେରୋଟି ଫେରାର୍ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ଦିନ ପ୍ରାୟ ୧.୩୦ରେ ବାଇକ୍‌ରେ ୨ ଜଣ ଯୁବକ ଚୋରମାଳଦାରୁ କାଟେସାହି ଅଭିମୁଖେ ଫେରୁଥିବାବେଳେ ଏକ ଅଜଣା ବୋଲେରୋ ଗାଡ଼ି ଦ୍ରୁତଗତିରେ ନିୟନ୍ତ୍ରଣ ହରାଇ ସାମ୍ନା ପଟୁ ଆସୁଥିବା ବାଇକ୍‌କୁ ଧକ୍କା ଦେଇ ସେଠାରୁ ଚୋରମାଳଦା ରାସ୍ତାରେ ଫେରାର୍ ହୋଇଯାଇଥିଲା। ଘଟଣାସ୍ଥଳରେ ହିଁ ୨ ଯୁବକ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ। ସେହି ରାସ୍ତା ଦେଇ ସ୍ଥାନୀୟ ଲୋଇଡାପଦା ସରପଞ୍ଚ ଯାଉଥିବାବେଳେ ସ୍ଥାନୀୟ ଲୋକଙ୍କ ସହଯୋଗରେ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଯୋଡ଼ା ଟାଟା ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ଦୁର୍ଘଟଣାରେ ଆହତ ହୋଇଥିବା ୨ ଜଣ କାଟେସାହି ଗ୍ରାମ ନାୟବାଦୀ ଅଞ୍ଚଳର ରୂପେଶ ମୁଣ୍ଡା ଏବଂ ଅଜୟ ମୁଣ୍ଡା ବୋଲି ଜଣାପଡ଼ିଛି। ଖବର ପାଇ ପୁଲିସ ଗାଡ଼ିଟିକୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିବା ଜଣାପଡ଼ିଛି।

## ଅବକାରୀ ଚଢ଼ଉ; ପୋଚ ଓ ମହୁଲି ଜବତ, ୪ ଗିରଫ

କରଞ୍ଜିଆ,୧୫।୧୨(ସମିସ): ଅବକାରୀ ବିଭାଗ ପକ୍ଷରୁ ଆଜି କରଞ୍ଜିଆ ବ୍ଲକର ବିଭିନ୍ନ ଗ୍ରାମରେ ଚଢ଼ଉ କରାଯାଇ ୭୮୦୦ କିଲୋ ଗ୍ରାମ ପୋଚ ସହିତ ୫୬୦ ଲିଟର ମହୁଲି ମଦ ଜବତ ସହିତ ମଦ ତିଆରି ସାମଗ୍ରୀ ନଷ୍ଟ କରାଯାଇଛି। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଛି ବିଭାଗ। ଝାରବେଡା ଗ୍ରାମରୁ ୫ ହଜାର କେଜି ପୋଚ୍ ସହିତ ୨୮୦ ଲିଟର ମହୁଲି ମଦ, ସୋରିଷବାଡି ଗ୍ରାମରୁ ୨୮୦୦ କେଜି ପୋଚ ଓ ୧୪୦ ଲିଟର ମହୁଲି ମଦ, ପୁରୁଣାପାଣି ଗ୍ରାମର ବଳରାମ ନାଏକଙ୍କଠାରୁ ୫୦ ଲିଟର ମହୁଲି ମଦ ଜବତ ସହ ତାଙ୍କୁ ଗିରଫ କରାଯାଇଛି। ଘୋଡାଘଗୁରି ଗ୍ରାମରୁ ମଦନ ମୋହନ ଦେହୁରୀଙ୍କୁ ଗିରଫ କରିବା ସହିତ ୨୫ ଲିଟର ମହୁଲି ମଦ ଜବତ ଓ ଅନ୍ଧାରଝରି ଗ୍ରାମରୁ ଦଶରଥ ପୂର୍ତ୍ତିକୁ ଗିରଫ କରିବା ସହିତ ୫୦ ଲିଟର ମହୁଲି ମଦ, ପାହାଡ଼ଭଙ୍ଗା ଗ୍ରାମରୁ ବଳରାମ ନାଏକକୁ ଗିରଫ କରିବା ସହିତ ତାଙ୍କଠାରୁ ୫୦ ଲିଟର ମହୁଲି ମଦ ଓ ପୁରୁଣା ପାଣି ଗ୍ରାମର କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଗିରଫ କରିବା ସହିତ ୧୫ ଲିଟର ମହୁଲି ସହିତ ଗୋଟିଏ ବାଇକ୍ ଜବତ କରିଛି ଅବକାରୀ ବିଭାଗ। ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କୁଁଅରଙ୍କ ନିର୍ଦ୍ଦେଶକ୍ରମେ କରଞ୍ଜିଆ ଅବକାରୀ ଇନ୍ସପେକ୍ଟର ଜୟନ୍ତୀ ଆଚାର୍ଯ୍ୟ, ଓଆଇସି ରଶ୍ମିରଞ୍ଜନ ନାୟକଙ୍କ ସହିତ ଅନ୍ୟ କର୍ମଚାରୀ ମିଳିତ ହୋଇ ଚଢ଼ଉ କରିଥିଲେ ବୋଲି ଓଆଇସି ରଶ୍ମିରଂଜନ ନାଏକ ସୂଚନା ଦେଇଛନ୍ତି।

## ମନ୍ତ୍ରୀ ଗଣେଶ ରାମଙ୍କ ରରୁଆଁ ବ୍ଲକ୍ ଅଞ୍ଚଳ ଗସ୍ତ

ଶୁକୃଳି,୧୫।୧୨(ସମିସ): ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ, କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶ ରାମ ଆଜି ରରୁଆଁ ବ୍ଲକର ରରୁଆଁ, ଅଙ୍ଗାରପଦା, ବୈଦ୍ୟନାଥ, ନୂଆଗାଁ, ବୁଡ଼ାମରା, ପାନପତ୍ରିଆ, ଘାଗରବେଡ଼ା ପଞ୍ଚାୟତ ଅଞ୍ଚଳ ଗସ୍ତ କରିଛନ୍ତି। ମନ୍ତ୍ରୀ ଗଣେଶ ରାମ ବୈଦ୍ୟନାଥ ପଞ୍ଚାୟତର ଜମୁନ୍ତି, ନୂଆଗାଁ, ବୁଡ଼ାମରା ଓ ଘାଗରବେଡ଼ାରେ ଅସହାୟ, ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରିଥିଲେ। ପାନପତ୍ରିଆ ପଞ୍ଚାୟତର ଫଗୁ ଓ ଅଙ୍ଗାରପଦାଠାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଘାଗରବେଡ଼ାର ବାଙ୍କିଆହୁଡ଼ି ଓ ଅଙ୍ଗାରପଦା ପଞ୍ଚାୟତର ଜଡ଼ିପଦା ଓ ରରୁଆଁଠାରେ ମିଶନ ଶକ୍ତି ଗୃହ, ରରୁଆଁଠାରେ କୁଡୁମି ସମାଜ, ହୋ ସମାଜ ଭବନ ଓ ରରୁଆଁ ପୁରାଣସାହିରେ ଗୋଷ୍ଠୀ କେନ୍ଦ୍ରର ଶୁଭ ଉଦଘାଟନ କରିଛନ୍ତି। ଏଥିସହିତ ବୁଡାମରା, ଘାଗରବେଡ଼ା, ବୈଦ୍ୟନାଥ, ପାନପତ୍ରିଆ, ନରସଣ୍ଡା, ନୂଆଗାଁ, ରରୁଆଁ ଓ ଅଙ୍ଗାରପଦା ପଞ୍ଚାୟତରେ ନିର୍ମାଣ ହେବାକୁ ଥିବା ନିର୍ମାଣ ହେବାକୁ ୨୧ଟି ବନ ସୁରକ୍ଷା ସମିତି ଗୃହର ଶିଳାନ୍ୟାସ କରିଛନ୍ତି । ମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ରରୁଆଁ ଚେୟାରମ୍ୟାନ ଅଜିତ ତିରିଆ, ବିଡିଓ ଧର୍ମାନନ୍ଦ ବେହେରା, କରଞ୍ଜିଆ ଡିଏଫ୍‌ଓ ବୈଦ୍ୟନାଥ ମାଝୀ, ବିଜେପି ରରୁଆଁ ମଣ୍ଡଳ ସଭାପତି ରଞ୍ଜନ ଦଳେଇ, ଘାଗରବେଡ଼ା ମଣ୍ଡଳ ସଭାପତି ଭରତଚନ୍ଦ୍ର ମହାନ୍ତ, ବୈଦ୍ୟନାଥ ସରପଞ୍ଚ ଚିତ୍ତରଞ୍ଜନ ନାୟକ, ଘାଗରବେଡ଼ା ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

## ପତିତପାବନ କଲେଜରେ ଦିନିକିଆ ପାଠଚକ୍ର




ଆନନ୍ଦପୁର,୧୫।୧୨(ସମିସ): ଘସିପୁରା ବ୍ଲକ୍ ଅନ୍ତର୍ଗତ ସାଇଁକୁଳ ପତିତପାବନ ମହାବିଦ୍ୟାଳୟରେ ଏକଦିବସୀୟ ରାଜ୍ୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଏହି ରାଜ୍ୟସ୍ତରୀୟ ପାଠଚକ୍ରରେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଆସୋସିଏଟ୍ ପ୍ରଫେସର ଡ. ଜ୍ଞାନରଞ୍ଜନ ମହାଲିକ ଓ ସୋଆ ବିଶ୍ୱବିଦ୍ୟାଳୟର ଫ୍ଲୋରିକଲ୍‌ଚର୍ ଓ ଲ୍ୟାଣ୍ଡସ୍କେପିଂ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ସୁବ୍ରତ କୁମାର ସେନାପତି ଯୋଗଦେଇ ଉପାଦେୟ ତଥ୍ୟ ଓ ପାଠଚକ୍ର ବିଷୟରେ ନିଜ ନିଜର ଆଲୋଚନା ରଖିଥିଲେ। ପାଠଚକ୍ରର ପ୍ରଥମ ସୋପାନରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପତିତପାବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ କୁମାର ବିଶ୍ୱାଳ, ପତିତପାବନ ଡିଗ୍ରୀ କଲେଜର ଅଧ୍ୟକ୍ଷ ଶରତ କୁମାର ଜେନା ଏବଂ ଉପଦେଷ୍ଟା ରାଜେନ୍ଦ୍ର କୁମାର ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଦେବେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ରଖିଥିଲେ। ଅଧ୍ୟାପକ ପ୍ରବୀଣ କୁମାର କବି ଅତିଥି ପରିଚୟ ଓ ମଞ୍ଚ ସଞ୍ଚାଳନ କରିଥିବାବେଳେ ଅଧ୍ୟାପିକା ବର୍ଷାରାଣୀ ଜେନା ଧନ୍ୟବାଦ ଜ୍ଞାପନ କରିଥିଲେ। ଡେମୋନ୍‌ଷ୍ଟ୍ରେଟର୍ ଆଦିତ୍ୟ ନାରାୟଣ ଘଡ଼େଇ ଏବଂ ଅମିତ୍ କୁମାର ମିଶ୍ର ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଦ୍ୱିତୀୟ ସୋପାନରେ ଅତିଥି ବକ୍ତା ଡ. ଜ୍ଞାନରଞ୍ଜନ ମହାଲିକ ଏବଂ ଡ. ସୁବ୍ରତ କୁମାର ସେନାପତି ଯୋଗଦେଇ ଆଗାମୀ ପିଢ଼ି ସମ୍ପର୍କରେ ନିଜର ଆଲୋଚନା ରଖିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପାଠଚକ୍ରରେ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଚିନ୍ତାମଣି ବେହେରା ଏବଂ ପତିତପାବନ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକାମାନେ ମଧ୍ୟ ଯୋଗଦେଇଥିଲେ।

### ଶିମିଳିପାଳରେ ବନ୍ୟଜନ୍ତୁ ସୁରକ୍ଷା ପାଇଁ ଆଉଏକ ସଫଳ ଅଭିଯାନ

## ବେଶରପାଣି ଗ୍ରାମରେ ଦେଶୀ ବନ୍ଧୁକ ସମର୍ପଣ



ବାରିପଦା, ୧୫।୧୨(ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳ ଅଭୟାରଣ୍ୟ ଅଞ୍ଚଳରେ ବନ୍ୟଜନ୍ତୁ ସୁରକ୍ଷା ଓ ଶିକାର ରୋକିବା ପାଇଁ ଚାଲିଥିବା ଅଭିଯାନ ଆଉଏକ ସଫଳତା ହାସଲ କରିଛି। ବାରିପଦା ସଦର ଥାନା ଅନ୍ତର୍ଗତ ଶରତଚନ୍ଦ୍ରପୁର ପଞ୍ଚାୟତର ବେଶରପାଣି ଗ୍ରାମରେ ଆୟୋଜିତ ଏକ ବନ୍ଧୁକ ସମର୍ପଣ ଅଭିଯାନରେ ଜଣେ ବ୍ୟକ୍ତି ନିଜର ଦେଶୀ ନିର୍ମିତ ବନ୍ଧୁକ ସ୍ୱେଚ୍ଛାକୃତ ଭାବେ ସମର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ପୀଠାବାଟା ଦକ୍ଷିଣ ବନ୍ୟଜନ୍ତୁ ରେଞ୍ଜରେ ଆୟୋଜିତ ହୋଇଥିଲା। ସ୍ଥାନୀୟ ୱାର୍ଡ ମେମ୍ବର ଦୈତାରୀ ଭକ୍ତଙ୍କ ଉପସ୍ଥିତିରେ ରେଞ୍ଜ ଅଫିସରଙ୍କୁ ଏହି ବନ୍ଧୁକ ହସ୍ତାନ୍ତର କରାଯାଇଥିଲା। ସମର୍ପଣକାରୀ ବ୍ୟକ୍ତି ଚିରକାଳ ପାଇଁ ଶିକାର କାର୍ଯ୍ୟ ତ୍ୟାଗ କରିବା ଓ ବନ୍ୟଜନ୍ତୁ ସଂରକ୍ଷଣରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ମୁଖ୍ୟ ସମାଜକୁ ଫେରିବାକୁ ମଧ୍ୟ ପ୍ରତିଜ୍ଞା କରିଛନ୍ତି।

ଏହି ଅଭିଯାନରେ ପ୍ରାୟ ୫୫ ଜଣ ଗ୍ରାମବାସୀ ଓ ପିଠାବାଟା ଦକ୍ଷିଣ ବନ୍ୟଜନ୍ତୁ ରେଞ୍ଜର କର୍ମଚାରୀ ଉପସ୍ଥିତ ଥିଲେ। ଶିମିଳିପାଳରେ ଏଭଳି ସ୍ୱେଚ୍ଛାକୃତ ବନ୍ଧୁକ ସମର୍ପଣ ଅଭିଯାନ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ପରିବେଶ ସଂରକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ବନ ବିଭାଗର ଏହି ପ୍ରୟାସ ଫଳରେ ଅଞ୍ଚଳରେ ଶିକାର କାର୍ଯ୍ୟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି ଓ ବାଘ ସହ ଅନ୍ୟ ବନ୍ୟଜନ୍ତୁଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଶିମିଳିପାଳର ସୌନ୍ଦର୍ଯ୍ୟ ଓ ବିବିଧତା ସଂରକ୍ଷଣ ପାଇଁ ସ୍ଥାନୀୟ ସମ୍ପ୍ରଦାୟର ଏହି ସହଯୋଗ ପ୍ରଶଂସନୀୟ ଅଟେ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ଉପନିର୍ଦ୍ଦେଶକ ଡ ସମ୍ରାଟ ଗୌଡା କହିଛନ୍ତି।

### ତୁରନ୍ତ ଧାନ ମଣ୍ଡି ଖୋଲିବା ସହ ଷ୍ଟିଲ୍‌ପ୍ଲାଣ୍ଟ ବିରୋଧୀ ନେତାଙ୍କୁ ନ୍ୟାୟ ଦାବି

## ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ

ତୁରୁମୁଙ୍ଗା,୧୫।୧୨(ସମିସ)



କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ୪ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲ୍‌ଦାରଙ୍କୁ ପ୍ରଦାନ କରାଯାଇଛି। ତୁରନ୍ତ ଧାନ ମଣ୍ଡି ଖୋଲିବା ସହ ଷ୍ଟିଲ୍‌ପ୍ଲାଣ୍ଟ ବିରୋଧୀ ନେତାଙ୍କୁ ନ୍ୟାୟ ପ୍ରଦାନ, ବସ୍ତା ପ୍ରତି ମଜୁରୀକୁ ଶ୍ରମିକଙ୍କୁ ମଣ୍ଡି ପକ୍ଷରୁ ପ୍ରଦାନ, ଜିନ୍ଦଲ ପୋସ୍କୋ ଅଞ୍ଚଳର ଜନସାଧାରଣଙ୍କୁ ନ୍ୟାୟ ଦେଇ ମତାମତ ନେଇ ଜମି ଅଧିଗ୍ରହଣ କରାଯିବା ସହ କିଛି ଚାଷୀଙ୍କୁ ବିନା କାରଣରେ ରାତିଅଧରେ ଗିରଫ କରାଯାଇଛି। ସେମାନଙ୍କୁ ତୁରନ୍ତ ଖଲାସ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରି ଏକ ଦାବିପତ୍ର ପାଟଣା ତହସିଲ୍‌ଦାର ଅଶ୍ୱିନୀ ନାଏକଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି।

କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରାୟ ଧାନ ଅମଳ ସରିଯାଇଛି। କିନ୍ତୁ ଧାନ ମଣ୍ଡି ଖୋଲି ନ ଥିବା ଯୋଗୁଁ ଚାଷୀ ସରକାରୀ ଦରରେ ଧାନକୁ ବିକ୍ରି କରିପାରୁ ନାହାନ୍ତି। ୫ ଦିନ ମଧ୍ୟରେ କୌଣସି ସୂଚନା କିମ୍ବା ବିନା କଟ୍‌ନୀଛଟ୍‌ନୀରେ ଧାନ ମଣ୍ଡି ନ ଖୋଲିଲେ ନବ ନିର୍ମାଣ କୃଷକ ସଂଗଠନ ସଦସ୍ୟ ଧାରଣାରେ ବସିବା ସହ ଜିନ୍ଦଲ୍ ପୋସ୍କୋ ପ୍ରସ୍ତାବିତ ଅଞ୍ଚଳରେ ପଦଯାତ୍ରା କରିବେ ବୋଲି ନବ ନିର୍ମାଣ କୃଷକ ସଂଗଠନର ବ୍ଲକ୍ ସଭାପତି ରାଜବଲ୍ଲଭ ମିଶ୍ର, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଖଗେଶ୍ୱର ମହାନ୍ତ, ରମାକାନ୍ତ ମହାନ୍ତ, ସନାତନ ମହାନ୍ତ ପ୍ରମୁଖ ତହସିଲ୍‌ଦାରଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି।





# ନୂଆ ବର୍ଷକୁ ଆଉ ୧୫ ଦିନ

# ପୁଲିସ ଜାରି କରିବ 'ସିଟିଜେନ୍ ସେଫ୍ଟି-ଟିପ୍ସ'

**କଟକ,୧୫ ।୧୨(ସମିସ):** ଆଉ ମାତ୍ର ୧୫ଦିନ ପରେ ନବବର୍ଷ ୨୦୨୬କୁ ସହରବାସୀ ସ୍ୱାଗତ କରିବେ। ଏହି ନୂଆ ବର୍ଷରେ ଲାଗୁ ହେବ ନୂଆ ସୁରକ୍ଷା ବ୍ୟବସ୍ଥା। କମିଶନରେଟ୍ ପୁଲିସ ସହରବାସୀଙ୍କ ସୁରକ୍ଷା ବଢାଇବାକୁ ବିଭିନ୍ନ ସମୟରେ ନୂଆ ଗାଇଡ୍ ଲାଇନ ଜାରି କରିଥାଏ। ନୂଆବର୍ଷକୁ ଦୃଷ୍ଟିରେ ସିଟିଜେନ୍ ସେଫ୍ଟି-ଟିପ୍ସ(ନାଗରିକ ସୁରକ୍ଷା ମନ୍ତ୍ର) ଜାରି କରିବ। ସହରରେ ରହୁଥିବା ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସବୁ ଥାନାକୁ ଏହି ସେଫ୍ଟି ଟିପ୍ସ ଆଜି ପଠାଯାଇଛି। ପୁଲିସର ଏହି ସୁରକ୍ଷା ପ୍ରଦାନ କ୍ଷେତ୍ରରେ ଯେତିକି ଦାୟିତ୍ୱ ରହିଛି, ସାଧାରଣ ଲୋକଙ୍କ ମଧ୍ୟ ଏ ଦିଗରେ ସେତିକି କର୍ତ୍ତବ୍ୟ ରହିଛି। ଏଣୁ ପୁଲିସ ଜାରି କରୁଥିବା ମାର୍ଗଦର୍ଶିକାକୁ ସହରବାସୀ ମାନିବାକୁ ପୁଲିସ ନିବେଦନ କରିଛି। ଏବେ ବଡ଼ଦିନ ପାଇଁ ସହରରେ ପ୍ରତ୍ୟେକ ଅନୁଷ୍ଠାନ, ପରିବାର ଏବଂ ବ୍ୟବସାୟିକ ପ୍ରତିଷ୍ଠାନରେ ଉତ୍ସବ ପାଳନ କରାଯାଉଛି। ଲୋକମାନେ ପିକନିକ୍ କରିବାକୁ ସହର ଛାଡ଼ି ଯାଉଛନ୍ତି। ସେହିପରି ଉତ୍ସବ ପାଳନ କରିବାକୁ ଅନେକ ଆଗନ୍ତୁକ ଏହି ସହରକୁ ଆସୁଛନ୍ତି। ଏସବୁ କ୍ଷେତ୍ରରେ କମିଶନରେଟ୍ ପୁଲିସ ଅଧିକ ଯତ୍ନବାନ ହୋଇ ହାଇ-ପାଟ୍ରୋଲିଂ ବ୍ୟବସ୍ଥାକୁ ଜାନୁଆରୀ ମାସ ଶେଷ ସପ୍ତାହ ପର୍ଯ୍ୟନ୍ତ ବଳବତ୍ତର ରଖିବ ବୋଲି ସୂଚନା ଦେଇଛି। ଅନ୍ୟପକ୍ଷରେ ସାଧାରଣ ସହରବାସୀଙ୍କ ନିମନ୍ତେ ଜାରି ହୋଇଥିବା ସେଫ୍ଟି-ଟିପ୍ସ ବାବଦରେ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ଖୁବଶୀଘ୍ର ସିଟିଜେନ୍ ସେଫ୍ଟି-ଟିପ୍ସ ପୁଲିସ ଜାରି କରିବ। ଏଥିରେ ୧୬ଟି ପଏଣ୍ଟ ଉଲ୍ଲେଖ ରହିଛି। ଜଣେ ସହରବାସୀଙ୍କୁ ନିଜ ସୁରକ୍ଷା ନିମନ୍ତେ କେମିତି ଚଳିବାକୁ ହେବ, ପୁଲସକୁ କେମିତି ସହଯୋଗ କରିବାକୁ ହେବ ଏବଂ କଣ ପଦକ୍ଷେପ ନେବାକୁ ହେବ, ସେ ସମ୍ପର୍କରେ ଏହି ଟିପ୍ସରେ ସୂଚନା ରହିଛି। ପୁଲିସ ଦେଉଥିବା ମାର୍ଗଦର୍ଶିକାକୁ ମାନିଲେ ଆଇନ ଶୃଙ୍ଖଳା ପରିସ୍ଥିତିରେ କୌଣସି ବ୍ୟତିକ୍ରମ ଦେଖାଦେବ ନାହିଁ ବୋଲି ଅତିରିକ୍ତ ଡିସିପି ଶ୍ରୀ ପଣ୍ଡା କହିଛନ୍ତି।

> **ପ୍ରତି ବର୍ଷ ଘରର ତାଲା ବଦଳାଇବାକୁ ସୂଚନା**
>
> **ପଡୋଶୀଙ୍କୁ ଘରୋଇ ତଥ୍ୟ ନ ଦେବାକୁ ତାଗିଦ**
>
> **ଆଲାରାମ୍ ସିଷ୍ଟମ୍, ସିକ୍ୟୁରିଟି ଗେଜେଟ୍ ଓ ସିସିଟିଭି ଉପରେ ଗୁରୁତ୍ୱ**

ସେଫ୍ଟି ଟିପ୍ସରେ ଦର୍ଶାଯାଇଥିବା ସୂଚନା ଅନୁସାରେ, ନିଜ ନିଜ ଘରର ସୁରକ୍ଷା ବ୍ୟବସ୍ଥାକୁ ପ୍ରଥମେ କଡ଼ାକଡ଼ି କରିବାକୁ ହେବ। ପ୍ରତ୍ୟେକ ସମୟରେ ନିଜ ଘରର ଭିତର ପଟ ତାଲାକୁ ଯାଞ୍ଚ କରିବା ଜରୁରୀ। ରାତ୍ର ସମୟରେ ମୁଖ୍ୟ ଫାଟକ ବାହାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ରହିବା ସହିତ ରାତି ସମୟରେ ଘର ସାମ୍ନା ପଟ ଯେମିତି ଅନ୍ଧାର ନେହେବ, ସେ କ୍ଷେତ୍ରରେ ଦୃଷ୍ଟି ଦେବା ଜରୁରୀ। ଘରର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଦଲିଲ୍ ଏବଂ ମୂଲ୍ୟବାନ ସାମଗ୍ରୀକୁ ବ୍ୟାଙ୍କ୍ ଲକର୍‌ରେ ରଖିବାକୁ ନିବେଦନ କରାଯାଇଛି। ଅଧିକ ଟଙ୍କା, ସୁନା ଗହଣା, ଦାମୀ ଅଳଙ୍କାର ଗୁଡ଼ିକ ମଧ୍ୟ ଲକର୍ ମଧ୍ୟରେ ରଖିବା ଆବଶ୍ୟକ। ଗୃହ ବାହାରେ ସିସିଟିଭି, ଆଲାରାମ ସିଷ୍ଟମ୍ ଏବଂ ସିକ୍ୟୁରିଟି ଗେଜେଟ୍ ବ୍ୟବସ୍ଥା ଯଥା ସମ୍ଭବ କରିବା ଦରକାର। ଘର ଭିତରେ ଏକ ସୂଚନା ଫଳକରେ ଜରୁରୀ ଟେଲିଫୋନ୍ ନମ୍ବର ଲେଖି ରଖିବାକୁ ପୁଲିସ ପ୍ରାଥମିକତା ଦେଇଛି। ନୂଆବର୍ଷରେ ଘରର ମୁଖ୍ୟ ଫାଟକ ତାଲାକୁ ବଦଳାଇବାକୁ ପୁଲିସ ନିବେଦନ କରିଛି। ଅର୍ଥାତ ପ୍ରତିବର୍ଷ ଆରମ୍ଭରେ ନୂଆ ତାଲା ପକାଇବାକୁ ଏହି ଟିପ୍ସରେ ଦର୍ଶାଯାଇଛି। ଯଦି ସମ୍ଭବ ହୋଇ ପାରିବ ତେବେ ଡିଜିଟାଲ୍ ତାଲା ମଧ୍ୟ ଲଗେଇବାକୁ ମାର୍ଗଦର୍ଶିକାରେ ପୁଲିସ କହିଛି। ଘରର କବାଟ ଏବଂ ଝରକାରେ ଡୋର୍ ସ୍କ୍ରିନ୍ ଲଗାଇ ଏହାକୁ ନଖୋଲିବା ସହିତ ଘରେ ନଥିବା ସମୟରେ ଝରକା, କବାଟ ଓ ଗୃହକୁ ପ୍ରବେଶ କରିବାର ଅନ୍ୟାନ୍ୟ ପଥକୁ ବନ୍ଦ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଯଦି କୌଣସି କାର୍ଯ୍ୟରେ ବୁଲିବା ପାଇଁ ଘର ଛାଡ଼ି ଯିବାକୁ ହୁଏ, କୌଣସି ଲୋକ ତଥା ପଡୋଶୀଙ୍କୁ ଏ ସଂପର୍କରେ ନଜଣାଇବା ସହ ପରିବାରର କୌଣସି ତଥ୍ୟ ବାହାର ଲୋକଙ୍କୁ ନକହିବା ଆବଶ୍ୟକ। ପ୍ରତ୍ୟେକ ଦିନ ଘରକୁ ଆସୁଥିବା ଲଣ୍ଡ୍ରିବାଲା, କ୍ଷୀରବାଲା, ପରିବାବାଲା, ପେପର୍‌ବାଲାଙ୍କ ସବିଶେଷ ତଥ୍ୟ ଭୋଟର କାର୍ଡ, ଆଧାରକାର୍ଡ ଇତ୍ୟାଦି ପାଖରେ ରଖିବା ଜରୁରୀ। ଘରର ଆଖପାଖରେ କୌଣସି ସନ୍ଦିଗ୍ଧ ବ୍ୟକ୍ତି ବୁଲାବୁଲି କରୁଥିଲେ ସେମାନଙ୍କ ବିଷୟରେ ସ୍ଥାନୀୟ ପୁଲିସ ଷ୍ଟେସନ୍‌ରେ ଜଣାଇବାକୁ କୁହାଯାଇଛି। ନିଜ ଅଞ୍ଚଳରେ କୌଣସି ଅପରାଧମୂଳକ ଦୃଶ୍ୟ ଦେଖିଲେ ବା ସୂଚନା ପାଇଲେ, ତୁରନ୍ତ ପୁଲିସକୁ ଖବର ଦେବାକୁ ଜାରି ହୋଇଥିବା ଟିପ୍ସରେ ଦର୍ଶାଯାଇଛି। ଏବେ ନୂଆବର୍ଷ ନିମନ୍ତେ ପିକନିକ୍ ଏବଂ ବିଭିନ୍ନ ଉତ୍ସବ ପାଳନ କରାଯାଉଥିବାରୁ ସହରରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏକ୍ଷେତ୍ରରେ ଜନସାଧାରଣ ପୁଲିସକୁ ସହଯୋଗ କରିବାକୁ ନାଗରିକ ସୁରକ୍ଷ ମନ୍ତ୍ରରେ ପୁଲିସ ନିବେଦନ କରିଛି।

## ମାଞ୍ଜା ସୂତା ଲାଗି ଯୁବକ ଆହତ

**କଟକ,୧୫ ।୧୨(ସମିସ):** ମକର ସଂକ୍ରାନ୍ତି ପୂର୍ବରୁ ଏବେ ସହରରେ ମାଞ୍ଜାସୂତା ଆତଙ୍କ ଖେଳିଯାଇଛି। ଆଜି ପୁଣି କଟକ ବେଲିଭ୍ୟୁ ଛକରେ ଚାଇନିଜ୍ ମାଞ୍ଜା ସୂତା ଲାଗି ଜଣେ ଯୁବକଙ୍କ ବେକ କଟି ଯିବାରୁ ସେ ଆହତ ହୋଇଛନ୍ତି। ତାଙ୍କୁ ଏସସିବିରେ ଭର୍ତ୍ତି କରାଯାଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି। କଟକଣା ସତ୍ତ୍ୱେ କେଉଁଠୁ ଆସୁଛି ଏହି ବିପଦଜନକ ସୂତା ତାକୁ ନେଇ ପ୍ରଶ୍ନ ଉଠିଛି। ଜିଲ୍ଲା ପ୍ରଶାସନ, ପୁଲିସ, ସିଏମସି ଏନଫୋର୍ସମେଣ୍ଟ ଛୋଟ ଛୋଟ ଦୋକାନ ଦୋକାନ ଗୁଡ଼ିକରେ ଚଢ଼ାଉ କରି ବସ ରହିଥିବା ସହରବାସୀ ଅଭିଯୋଗ କରିଛନ୍ତି। କଟକକୁ ମାଞ୍ଜା ବିପଦ ଲାଗି ରହିଛି। ମକର ପୂର୍ବରୁ କଟକ ଆକାଶରେ ଉଡ଼ିଲାଣି ଗୁଡ଼ି। ବିପଦପୂର୍ଣ୍ଣ ଚାଇନିଜ୍ ସୂତା ଲଗାଇ ଏହି ଗୁଡ଼ି ଉଡ଼ାଉଛନ୍ତି। ଚୌଧୁରୀ ବଜାର, ପିଠାପୁର, ଝୋଲାସାହି ଅଞ୍ଚଳରେ ଥିବା ଗୁଡ଼ି ଦୋକାନରେ ଚଢାଉ କରି ବିପଦଜନକ ସୂତା ଜବତ କରିଯାଇଛି ସତ କିନ୍ତୁ ସାରା ସହରରେ ଏହି ମାଞ୍ଜାସୂତା ଅବାଧରେ ବିକ୍ରି କରାଯାଉଥିବା ଅଭିଯୋଗ ଉଠିଛି।

## ପୁଲିସ ଅତ୍ୟାଚାର ବିରୋଧରେ ଡିଜିପିଙ୍କୁ ସ୍ମାରକପତ୍ର



**କଟକ,୧୫ ।୧୨(ସମିସ):** କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକ୍ ଅନ୍ତର୍ଗତ ଯମୁନାପୋଷୀ ଓ ଚେମେନା ପଞ୍ଚାୟତରେ ଚାଷ ଜମି ଅଧିଗ୍ରହଣ ପୂର୍ବକ ଜିନ୍ଦଲ - ପୋସ୍କୋ କମ୍ପାନୀକୁ ହସ୍ତାନ୍ତର କରିବା ପାଇଁ ସରକାରୀ ନିଷ୍ପତ୍ତିକୁ ସ୍ଥାନୀୟ ଲୋକ ବିରୋଧ କରୁଛନ୍ତି। ଏହାକୁ ଦମନ କରିବାକୁ ଯାଇ ପୁଲିସ କରୁଥିବା ଅତ୍ୟାଚାର ପ୍ରତିବାଦରେ ଆଜି ଡିଜିପିଙ୍କ ଉଦ୍ଦେଶ୍ୟରେ ସିପିଡିଆରଏସ (ସେଣ୍ଟର୍ ଫର୍ ପ୍ରୋଟେକ୍ସନ ଅଫ ଡେମୋକ୍ରାଟିକ୍ ରାଇଟ୍ସ ଆଣ୍ଡ ସେକ୍ୟୁଲାରିଜିମ୍) ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୁଲିସ ପ୍ରଶାସନର ଏତାଦୃଶ ଅଗଣତାନ୍ତ୍ରିକ, ଜନବିରୋଧୀ ଓ ବେଆଇନ କାର୍ଯ୍ୟକଳାପକୁ ପକ୍ଷରୁ ଦୃଢ଼ ନିନ୍ଦା କରିବା ସଙ୍ଗେ ସଙ୍ଗେ ସଂପୃକ୍ତ ଅଞ୍ଚଳରେ ତୁରନ୍ତ ପୁଲିସ ଦମନଲୀଳା ବନ୍ଦ କରିବା, ବେଆଇନ ଭାବରେ ଗିରଫ କରାଯାଇଥିବା ସମସ୍ତ ଆନ୍ଦୋଳନକାରୀଙ୍କୁ ବିନା ସର୍ତ୍ତରେ ଖଲାସ କରିବା, ଅପହରଣ ସମେତ ବିଭିନ୍ନ ଜଘନ୍ୟ ଅପରାଧରେ ଜଡ଼ିତ ତଥା ଦୁର୍ବୃତ୍ତଙ୍କ ପୃଷ୍ଠପୋଷକତା କରୁଥିବା ତୁରୁମୁଙ୍ଗା ଥାନା ଅଧିକାରୀଙ୍କ ବିରୁଦ୍ଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, କୃଷକ ନେତାଙ୍କୁ ଅପହରଣ କରିଥିବା ଦୁର୍ବୃତ୍ତଙ୍କ ବିରୁଦ୍ଧରେ ତୁରନ୍ତ ବିହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ପୁଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ଦିଆଯାଇଛି। ଚିତ୍ତରଞ୍ଜନ ମହାନ୍ତି, ଲକ୍ଷ୍ମୀପ୍ରିୟା ମହାନ୍ତି, ଡାକ୍ତର ବିଶ୍ୱଜିତ୍, ଆଇନଜୀବୀ ସୁକାନ୍ତ ନାୟକ, ଅରବିନ୍ଦ ମଲ୍ଲିକ, ପ୍ରତାପ ମିଶ୍ର ଓ ମାନବାଧିକାର କର୍ମୀ ଅକ୍ଷୟ ରାଉଳ, ଚିତ୍ତରଞ୍ଜନ ନାୟକ ପ୍ରମୁଖ ଏକ ପ୍ରତିନିଧି ଦଳରେ ଯାଇ ଦାବିପତ୍ର ଦେଇଥିଲେ।

## ପେନ୍‌ସନ୍ ଦାବିରେ ଇଂଜିନିୟରିଂ କର୍ମଚାରୀଙ୍କ ଧାରଣା




**କଟକ,୧୫।୧୨(ସମିସ):** ରାଜ୍ୟ ସରକାରଙ୍କ ବିଭିନ୍ନ ଇଂଜିନିୟରିଂ ବିଭାଗ ଅଧୀନରେ ୩୦ରୁ ୪୦ ବର୍ଷ ଚାକିରୀ କରିଥିବା ବହୁ ଏନ୍‌ଏମ୍‌ଆର/ଡିଏଆର ଓ ୱାର୍କଚାର୍ଜଡ୍ ଶ୍ରେଣୀର କର୍ମଚାରୀ ଅବସର ନେବା ପରେ ମଧ୍ୟ ପେନ୍‌ସନ୍ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାର ପ୍ରତିବାଦରେ ସମସ୍ତ ଇଂଜିନିୟରିଂ ବିଭାଗ ସକ୍ରିୟ ସଂଗଠନମାନଙ୍କୁ ନେଇ ଗଠିତ ରାଜ୍ୟ ଇଂଜିନିୟରିଂ ୱାର୍କଚାର୍ଜଡ୍/ନିୟମିତ/ସେବାନିବୃତ୍ତ କର୍ମଚାରୀ ଫୋରମ୍ ତା ୫ ତାରିଖ ଠାରୁ ଭୁବନେଶ୍ୱରର ଲୋୟର ପିଏମ୍‌ଜିରେ ଶୀତ କାକରରେ ଅହୋରାତ୍ର ଧାରଣାରେ ବସିଛନ୍ତି। ଫୋରମର ଦାବି ଅନୁଯାୟୀ, ଜଳସମ୍ପଦ, ନଗର ଉନ୍ନୟନ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ଭଳି ବିଭାଗରେ ତା ୧୨.୦୪.୧୯୯୩ ରିଖ ପୂର୍ବରୁ କାର୍ଯ୍ୟରତ ଏହି କର୍ମଚାରୀମାନେ ଅର୍ଥ ବିଭାଗ ସଂକଳ୍ପ ସଂଖ୍ୟା ୨୨୭୬୪ (ତା ୧୫.୦୫.୧୯୯୭) ଅନୁସାରେ ୧୦ ବର୍ଷ ଚାକିରୀ ପୂରଣ କରି ୨୦୦୩ରେ ନିୟମିତ ନିଯୁକ୍ତି ପାଇବାକୁ ଯୋଗ୍ୟ ଥିଲେ। କିନ୍ତୁ ସେମାନଙ୍କୁ ୨୦୦୯ରୁ ୨୦୧୩ ମସିହା ମଧ୍ୟରେ କେବଳ ୱାର୍କଚାର୍ଜଡ୍ ସଂସ୍ଥାପନକୁ ରୂପାନ୍ତରିତ କରାଯାଇଥିଲା। ଅର୍ଥ ବିଭାଗ ମେମୋରାଣ୍ଡମ୍ ସଂଖ୍ୟା ୫୪୮୩/ଏଫ୍ (ତା ୦୬.୦୩.୧୯୯୦) ଅନୁଯାୟୀ, ୫ ବର୍ଷ ୱାର୍କଚାର୍ଜଡ୍ ଚାକିରୀ ପରେ ଏହି ସମୟ ପେନ୍‌ସନ ପାଇଁ ଯୋଗ୍ୟ ହେବାର ନିୟମ ଥିଲେ ମଧ୍ୟ ଅବସରପ୍ରାପ୍ତ କର୍ମଚାରୀମାନେ କୌଣସି ପେନ୍‌ସନ୍ ପାଉନାହାଁନ୍ତି। ଫୋରମ୍ ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନ ଜଳସମ୍ପଦ ବିଭାଗର ସର୍ବେଶ୍ୱର ଭୂଜବଳ, ହରେକୃଷ୍ଣ ଭୂୟାଁ ଓ ମୂରଲିଧର ଗିରିଙ୍କ ସମେତ ଅନ୍ୟ ୧୦ ଜଣ କର୍ମଚାରୀ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ପେନ୍‌ସନ୍ ପାଉଛନ୍ତି। ଏହାଛଡ଼ା, ରାଜ୍ୟ ସରକାରଙ୍କ ଦ୍ୱାରା ସୁପ୍ରିମ କୋର୍ଟରେ ଆଗତ ୧୨୪ ଗୋଟି ଲିଭ୍ ପିଟିସନ୍ (ସିଭିଲ୍) ଡାଇରି ନଂ ୩୩୪୦୦/୨୦୨୩ ମଧ୍ୟ ତା ୨୪.୦୭.୨୦୨୫ ଆଦେଶରେ ରଦ୍ଦ ହୋଇସାରିଛି। ତେଣୁ ସମସ୍ତ ବ୍ରଟଓଭର ୱାର୍କଚାର୍ଜଡ୍ କର୍ମଚାରୀଙ୍କୁ ଓଡ଼ିଶା ସିଭିଲ୍ ସର୍ଭିସେସ୍ ପେନ୍‌ସନ୍ ନିୟମ ୧୯୯୨ ଭୁକ୍ତ କରି ପେନ୍‌ସନ୍ ଓ ଗ୍ରାଚ୍ୟୁଇଟି ପ୍ରଦାନ କରିବାରେ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ। ବାରମ୍ବାର ନିବେଦନ ପରେ ମଧ୍ୟ ପେନ୍‌ସନ ପ୍ରଦାନରେ ବିଳମ୍ବ ହେତୁ ଏହି ଧାରଣା ଜାରି ରହିଛି।

## ୧୨ ଲକ୍ଷର ବ୍ରାଉନସୁଗର ଜବତ; ଯୁବକ ଗିରଫ

**କଟକ,୧୫।୧୨(ସମିସ):** ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାର୍ଡ ଦ୍ୱାରା ୧୨୬ ଗ୍ରାମ ବ୍ରାଉନ୍‌ସୁଗର ସହ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ଯୁବକ ହେଉଛନ୍ତି ରାଜପୁର ଥାନା ଅଞ୍ଚଳ କାହ୍ନୁପୁର ପ୍ରଧାନ (୩୫)। ସୋମବାର ପୂର୍ବାହ୍ନରେ ରାଜପୁର ଗୋଲେଇ ଛକ ନିକଟରେ ସନ୍ଦେହଜନକ ଭାବେ ଘୁରୁଥିବା ସମୟରେ ଫ୍ଲାଇଂ ସ୍କ୍ୱାର୍ଡ ତାକୁ ଧରିଥିଲା। ତଲାସି ବେଳେ ତାଙ୍କ ନିକଟରୁ ୧୨୬ ଗ୍ରାମ ଓଜନର ବ୍ରାଉନ୍ ସୁଗର ଜବତ ହୋଇଥିଲା, ଯାହାର ବଜାର ମୂଲ୍ୟ ପ୍ରାୟ ୧୨ ଲକ୍ଷ ୬୦ ହଜାର ଟଙ୍କା ବୋଲି ଅନୁମାନ କରାଯାଉଛି। ତଦନ୍ତରୁ ଜଣାପଡ଼ିଛି ଯେ ଗିରଫ ଯୁବକ ଦୀର୍ଘଦିନ ଧରି ଅନୁଗୁଳ ଜିଲ୍ଲାରୁ ବ୍ରାଉନସୁଗର ଆଣି ରାଜପୁର ଅଞ୍ଚଳରେ ବିକ୍ରି କରୁଥିଲା। କୋର୍ଟ ଚାଲାଣ ପରେ ତାକୁ ଜେଲ୍ ପଠାଇ ଦିଆଯାଇଛି।

### କଟକ ସତ୍‌ସଙ୍ଗ ବିହାର ସୁବର୍ଣ୍ଣ ଜୟନ୍ତୀ

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ

**କଟକ, ୧୫।୧୨ (ସମିସ):** ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଆବିର୍ଭାବ ମହୋତ୍ସବ, ବଡ଼ଦା'ଙ୍କ କଟକ ଶୁଭ ଆଗମନ ଦିବସ ଏବଂ କଟକ ସତ୍‌ସଙ୍ଗ ବିହାର ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ଦିନ ବାଲିଯାତ୍ରା ଉପର ପଡ଼ିଆରେ ଅତ୍ୟନ୍ତ ଆଧ୍ୟାତ୍ମିକତା ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ରବିବାର ପ୍ରତ୍ୟୁଷରୁ ବେଦମାଙ୍ଗଳିକ ଓ ନହବତ୍, ଉଷାକୀର୍ତ୍ତନ, ବିନତି ପ୍ରାର୍ଥନା ଏବଂ ଭକ୍ତି ସଙ୍ଗୀତାଞ୍ଜଳି ଭଳି ପାରମ୍ପରିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ବ୍ୟତୀତ, 'ସ୍ୱନ୍ଦନ' ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କ ଅନୁଭୂତି ପରିବେଷଣ ସାଙ୍ଗକୁ ନୃତ୍ୟ ଓ ପ୍ରତୀକାତ୍ମକ ନାଟକ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ 'ଉଜ୍ଜୀବିତା' ନାମକ ଏକ ପତ୍ରିକା ମଧ୍ୟ ଉନ୍ମୋଚିତ ହୋଇଥିଲା। ମହୋତ୍ସବରେ ଦେଓଘର ସତ୍‌ସଙ୍ଗର ସମ୍ପାଦକ ଡା. ବିନାୟକ ମହାପାତ୍ର, ଦିଲ୍ଲୀ ସତ୍‌ସଙ୍ଗ ବିହାରର ସଚିବ ଯତୀନ୍ଦ୍ରନାଥ ମହାନ୍ତି ଓ ଶ୍ରୀଧର ସୁନ୍ଦର ମିଶ୍ରଙ୍କ ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶିଳ୍ପପତି, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ କଳାକାର ଆଦି ସହସ୍ରାଧିକ ଭକ୍ତ ଯୋଗ ଦେଇଥିଲେ। ସମାଜର ବିଭିନ୍ନ ଜନମଙ୍ଗଳ ଓ ଧାର୍ମିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ବ୍ୟକ୍ତିବିଶେଷଗଣଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ କମିଟିର ସଭାପତି ବିଭୂତିଭୂଷଣ ପତି, ସମ୍ପାଦକ ସଞ୍ଜୀବ ନାୟକ, ଉପସଭାପତି ରାମଚନ୍ଦ୍ର ସାହୁ, ସହ ସମ୍ପାଦକ ପ୍ରମୋଦ ଦାସ ଓ ସତ୍‌ସଙ୍ଗ ପରିଚାଳକ ଇଂ. ସନାତନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ।

## ବରିଷ୍ଠ ସାମ୍ବାଦପତ୍ର ବିକ୍ରେତାଙ୍କ ପରଲୋକ

**କଟକ,୧୫ ।୧୨(ସମିସ):** ବରିଷ୍ଠ ସମ୍ବାଦପତ୍ର ହରି ପାଲ ନିଜ ବାସଭବନ ଖଟବିନ ସାହିରେ ସକାଳ ୧୦ଘଟିକା ବୟସ ୮୪ବର୍ଷ ବୟସରେ ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ୨ ପୁଅ, ବୋହୂ, ୩ ଝିଅ ଜ୍ୱାଇଁ ନାତି ଓ ନାତୁଣୀ ଉପସ୍ଥିତ ଥିଲେ। ସମ୍ବାଦପତ୍ର ବିକ୍ରେତା ସଂଘର ସଭାପତି ବିଜୟ କୁମାର ପଢିହାରୀ, ଉପସଭାପତି ପିତାମ୍ବର ବେହେରା, ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ସାହୁ କୋଷାଧକ୍ଷ ଅକ୍ଷୟ ମହାନ୍ତି, ମିଡ଼ିଆ ସେଲ ଅଧକ୍ଷ ପ୍ରଭାସ ପ୍ରଧାନ କମିଟି ସଭ୍ୟ ମନୋଜ ପାଲ, ହାଡିବନ୍ଧୁ ବେହେରା, କେ ବେଣୁ ରାଓ. କାର୍ତିକ ବେହେର, ଦୁର୍ଗା ପ୍ରସାଦ ଛାଟୋଇ, ହିମାଂଶୁ ମହାପାତ୍ର, ହେମନ୍ତ ପଟ୍ଟନାୟ୍କ, ଦୀପ୍ତି ରଞ୍ଜନ ପଟ୍ଟନାୟକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସତୀଚଉରା ଠାରେ ଶବଦାହ କରାଯାଇଥିଲା। ବଡ଼ ପୁଅ ରବି ପାଲ ମୁଖାଗ୍ନି ଦେଇଥିଲେ।



## ଭକ୍ତମଧୁ ବିଦ୍ୟାପୀଠ ୧୯୮୨ ବ୍ୟାଚର ବନ୍ଧୁମିଳନ



**କଟକ,୧୫।୧୨(ସମିସ):** ଭକ୍ତମଧୁ ବିଦ୍ୟାପୀଠ ୧୯୮୨ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସ୍ନେହମୟ ବନ୍ଧୁମିଳନ କାର୍ଯ୍ୟକ୍ରମ ଭକ୍ତମଧୁ ବିଦ୍ୟାପୀଠ ପରିସରରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଏକାଠି ହୋଇ ସହପାଠୀମାନେ ପୁରୁଣା ଦିନର ଅମୂଲ୍ୟ ସ୍ମୃତି, ଶିକ୍ଷକଙ୍କ ସ୍ନେହ ଓ ଛାତ୍ରଜୀବନର ଅନୁଭୂତିକୁ ସ୍ମରଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷାଗତ ଉନ୍ନତି, ଢାଞ୍ଚାଗତ ସୁବିଧା ବୃଦ୍ଧି ଏବଂ ଭବିଷ୍ୟତ ପିଢ଼ି ପାଇଁ କିପରି ଅଧିକ ସୁବିଧା ସୃଷ୍ଟି କରାଯାଇପାରିବ, ସେ ସମ୍ପର୍କରେ ଗଭୀର ଆଲୋଚନା କରାଯାଇଥିଲା। ପୁରାତନ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ସମୂହ ବିକାଶ ପାଇଁ ସହଯୋଗ ଜାରି ରଖିବାର ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଧୃତିଦୀପା ପରିଡା, ପୂର୍ବତନ ଛାତ୍ର ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ଶରତ ଚନ୍ଦ୍ର ସେଠୀ, ପ୍ରତାପ ମହାରଣା, ହରପ୍ରସାଦ ରାଜ, ଅରୁଣ କର, ପ୍ରଦୋଷ ତ୍ରିପାଠୀ, ଶ୍ରୀବତ୍ସ ଲାଛନ୍ନ ଜେନା, ଅଶୋକ ବେହେରା, ଗଜେନ୍ଦ୍ର ଦାସ, ପ୍ରଦୀପ ପ୍ରଧାନ, ଚିତ୍ତ ରଞ୍ଜନ ଘୋଷ, ଗୁରୁପ୍ରସାଦ ମହାପାତ୍ର, ଅଶୋକ ଦେ, ତାପସ ଘୋଷ, ବିବେକ ଶତପଥି, ହେମନ୍ତ ଦାସ, ସୁଶାନ୍ତ ମହାପାତ୍ର, ନମିତା ହୋତା, ମଞ୍ଜୁଶ୍ରୀ ଦାସ, ସନ୍ଦୀପ ମିତ୍ର, ସପନ ଦାସ ପ୍ରମୁଖ ଏହି ବନ୍ଧୁମିଳନରେ ଉପସ୍ଥିତ ଥିଲେ।

### ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ କ୍ରିକେଟ୍

## ସ୍କୁଲ ଅଫ ଇଂଜିନିୟରିଂ ଚାମ୍ପିଅନ



**କଟକ,୧୫।୧୨(ସମିସ):** ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ବିଭିନ୍ନ ଶିକ୍ଷାନୁଷ୍ଠାନ ମଧ୍ୟରେ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସୋମବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଡ୍ରିମ୍‌ସ ସ୍କୁଲ ଅଫ ଇଂଜିନିୟରିଂ ୫ ରନ୍‌ରେ ଫାର୍ମାସୀ ଉଇଙ୍ଗକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା । ଫାର୍ମାସୀ ଉଇଙ୍ଗ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ଆରମ୍ଭ ସହ ନିର୍ଦ୍ଧାରିତ ୮ ଓଭରରେ ୪ ୱିକେଟ ବିନିମୟରେ ୧୧୮ ରନ୍ ସଂଗ୍ରହ କରିଥିଲା। ଏହା ବିପକ୍ଷରେ ସ୍କୁଲ ଅଫ ଇଂଜିନିୟରିଂ ଗୋଟିଏ ଉଇକେଟ୍ ହରାଇ ୬.୪ ଓଭରରେ ୧୨୩ ରନ୍ କରି ବିଜୟୀ ହୋଇଥିଲା। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, 'ଡିନ୍' ଡ. ନୟନ ରଞ୍ଜନ ସାମଲ, ପ୍ରାଧାପିକା ଡ. ଅନୁରେଖା ନାୟକ, ପ୍ରାଧାପକ ଡ. ପ୍ରତାପ ପ୍ରଧାନ, ପ୍ରାଧାପକ ରଶ୍ମୀ ରଞ୍ଜନ ବିଶ୍ୱାଳ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ପ୍ରମୁଖ ବିଜୟୀ ଓ ରନର୍ସଅପ୍ ଦଳକୁ ଅଭିନନ୍ଦନ ଜଣାଇଥିଲେ।

### ମଧୁସ୍ମୃତି ସୁରକ୍ଷା ମଞ୍ଚର ବୁଦ୍ଧିଜୀବୀ ସମ୍ମିଳନୀ

## ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଆନ୍ଦୋଳନ ନିଷ୍ପତ୍ତି

**କଟକ,୧୫।୧୨(ସମିସ):** ଶୈଳବାଳା ରାଜ୍ୟର ସର୍ବପ୍ରାଚୀନ ମହିଳା ମହାବିଦ୍ୟାଳୟ। ଏହାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ନ ଦେବା ମଧୁ ବାବୁ ଓ ଶୈଳବାଳାଙ୍କ ପ୍ରତି ଘୋର ଅପମାନ। ଏଣୁ ଏହାକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପାଇଁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ମଧୁସ୍ମୃତି ସୁରକ୍ଷା ମଞ୍ଚ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଭବନରେ ଅନୁଷ୍ଠିତ ବୁଦ୍ଧିଜୀବୀ ସମ୍ମିଳନୀରେ ଉପସ୍ଥିତ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ବିଶ୍ୱବିଦ୍ୟାଳୟ ମାନ୍ୟତା ନ ଦେଇ ସରକାର କଟକ ସହର ପ୍ରତି ଅଣଦେଖା କରିଛନ୍ତି। ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ଅତିଥିମାନେ କହିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟକାର୍ଡ ଲେଖିଲେ କଟକିଆ



ମଞ୍ଚର ସଭାପତି ଡ. ନଟବର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ଆଜି ବରେଣ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ଶଶୀ ଭୂଷଣ ବେହେରା, ବିଶିଷ୍ଟ ଶିକ୍ଷାବିତ ଡ. ସତ୍ୟକାମ ମିଶ୍ର, ମେୟର ସୁବାସ ସିଂହ, ଇଞ୍ଜିନିୟର ଡ. ପ୍ରଭାକର ସ୍ୱାଇଁ, ଶୈଳବାଳାର ପୂର୍ବତନ ଅଧ୍ୟକ୍ଷା ଡ. ଗାୟତ୍ରୀ ବିଶ୍ୱାଳ, ଡ. ସୁରେଖା ସୁନ୍ଦରୀ ସ୍ୱାଇଁ, ପୁରାତନ ଛାତ୍ରୀ ଆଲୁମିନି ସଂପାଦିକା ପୁଷ୍ପା ସାମଲ, ବିଜେପି ନେତା ଲଲାଟେନ୍ଦୁ ବଡୁ, ରାଜ୍ୟ ଚଳଚ୍ଚିତ୍ର ନିଗମର ପୂର୍ବତନ ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, ମନୋଜ ପତି, କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ଭବାନୀ ମିଶ୍ର, ଲେଖିକା ରୁମଝୁମ ନାୟକ ପ୍ରମୁଖ ଯୋଗଦେଇ ସରକାରୀ ଅବହେଳା ବିରୋଧରେ କ୍ଷୋଭ ପ୍ରକାଶ କରିଥିଲେ। ଏଥିରେ ଶୈଳବାଳା ମହାବିଦ୍ୟାଳୟ ଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ସହ ନିରନ୍ତର ଆନ୍ଦୋଳନ ଜାରି ରଖିବାକୁ ମଞ୍ଚର ସଂପାଦକ ସନ୍ତୋଷ ମହାରଣା ଆହ୍ୱାନ ଦେଇଥିଲେ। ଏହି ଅବସରରେ ମଧୁସ୍ମୃତି ସୁରକ୍ଷା ମଞ୍ଚ ପକ୍ଷରୁ ଏକ ପୋଷ୍ଟ କାର୍ଡ କ୍ୟାମ୍ପେନ୍ ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୈଳବାଳାକୁ ଦ୍ୱିତୀୟ କ୍ୟାମ୍ପସ ପାଇଁ ଜମି ପ୍ରଦାନ ସହ ବିଶ୍ୱବିଦ୍ୟାଳୟ ମାନ୍ୟତା ନିମନ୍ତେ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଆଗାମୀ ଦିନରେ ମଞ୍ଚ ପକ୍ଷରୁ ଗଠିତ ଏକ କମିଟି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଏ ସଂପର୍କରେ ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଦେବୀ ପ୍ରସାଦ ସେଠୀ, କବିନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଜୟିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ସଂଯୋଜକ ଜଗନ୍ନାଥ ମହାନ୍ତି, ପ୍ରଦେଶ କୁମାରୀ ମହାରଣା, ସୁଚିତ୍ରା ସେଠୀ, ସୁବାସ ସଂଗଠନର ସୁରେଶ କୁମାର ମହାନ୍ତି, ବିଜୟଲକ୍ଷ୍ମୀ ନାୟକ, ସରଳା ଦେବୀ ଭାଗିରଥି ଟ୍ରଷ୍ଟର ଲକ୍ଷ୍ମୀପ୍ରକାଶ ମହାପାତ୍ର, ସତ୍ୟଜିତ ଗୋସ୍ୱାମୀ, ମନସ୍ୱିନୀ ରଥ, ଶୁଭଶ୍ରୀ ସାହୁ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ।

## ମିଛ କହି ନିମ୍ନମାନର କାମ କରାଉଛନ୍ତି ଜଳସେଚନ ବିଭାଗ ଅଧିକାରୀ

# ୨୦ଲକ୍ଷର ପ୍ରକଳ୍ପକୁ ୯ ଲକ୍ଷର କାମ କହିଲେ କନିଷ୍ଠ ଯନ୍ତ୍ରୀ

- ଏଷ୍ଟିମେଟ ଦେଖାଉନାହାନ୍ତି
- ବିନା ସୂଚନାଫଳକରେ ଚାଲିଛି ରାସ୍ତା କାମ

ପଟ୍ଟାମୁଣ୍ଡାଇ,୧୫ ।୧୨(ସମିସ): ପଟ୍ଟାମୁଣ୍ଡାଇ ଜଳସେଚନ ବିଭାଗ ତରଫରୁ ମିଛ କହି ଗ୍ରାମବାସୀଙ୍କୁ ନାଲିଆଖି ଦେଖାଇ ଜୋରଜବରଦସ୍ତ କାମ କରୁଥିବା ଅଭିଯୋଗ ହୋଇଛି। ଜଳସେଚନ ବିଭାଗର ୧୬ନଂ କେନାଲ ବାମ ପାଶ୍ୱର୍ରେ ଶାସନ ପଞ୍ଚାୟତ ବାତ୍ୟା କଲୋନୀ ନିକଟରେ କିଛିଦିନ ହେଲା ରାସ୍ତା କାମ ଆରମ୍ଭ ହୋଇଛି। ଆରମ୍ଭରୁ ନିମ୍ନମାନର କାମ ହେଉଥିବା ଏବଂ ରାସ୍ତାର ବର୍ମ ଏରିଆ ଆଦୌ ତିଆରି କରାଯାଇ ନ ଥିବା ଗ୍ରାମବାସୀ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଭିଯୋଗ କରିଥିଲେ। କାର୍ଯ୍ୟସ୍ଥଳୀରେ ସୂଚନା ଫଳକ ଲଗାଇବା ସହ କେତେ ଟଙ୍କାର ପ୍ରକଳ୍ପ ତାହାର ଏଷ୍ଟିମେଟ ଦେଇ ବୁଝାଇବାକୁ କହିଥିଲେ। କିନ୍ତୁ କନିଷ୍ଠ ଯନ୍ତ୍ରୀ ଗ୍ରାମବାସୀଙ୍କୁ ଓଲଟା ନାଲିଆଖି ଦେଖାଇ ଆମର ଜଳସେଚନ ବିଭାଗରେ ସୂଚନା ଲଗାଯାଏ ନାହିଁ ବୋଲି କହିଥିଲେ। କେତେ ଟଙ୍କାର ପ୍ରକଳ୍ପ ଏଷ୍ଟିମେଟ ଦେଇ ବୁଝାନ୍ତୁ କହିବାରୁ ୯ଲକ୍ଷ ଟଙ୍କାର ପ୍ରକଳ୍ପ, ଏଷ୍ଟିମେଟ କାମ ପାଖରେ ଦେଖାଇ ବୁଝାଇ ହେବନି, ଯାହାର ଦରକାର ଅଫିସକୁ ଯାଇ ଦେଖିବ ବୋଲି ଚଡ଼ା ଗଳାରେ କହିଥିଲେ। ଗ୍ରାମବାସୀ କନିଷ୍ଠ ଯନ୍ତ୍ରୀଙ୍କ ଏତାଦୃଶ ବ୍ୟବହାର ସମ୍ପର୍କରେ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଜଣାଇବାରୁ ସୂଚନା ଫଳକ ଲଗାଯାଇ କନିଷ୍ଠ ଯନ୍ତ୍ରୀ ଏଷ୍ଟିମେଟ ବୁଝାଇବା ପରେ ଠିକାଦାର କାମ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରତ୍ୟେକ ଦିନ ଠିକାଦାର କିଛି ନା କିଛି ବାହାନା ଦେଖାଇ ଗ୍ରାମବାସୀଙ୍କୁ ନାଲିଆଖି ଦେଖାଇ ଅତ୍ୟନ୍ତ ନିମ୍ନମନର କାମ କରି ଚାଲିଛନ୍ତି। ବିଗତ ଦିନ ପରି ରବିବାର ମଧ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ଲୋକ ଆଣି କାର୍ଯ୍ୟ ଆରମ୍ଭ କରିଥିଲେ। ବିନା ଏଷ୍ଟିମେଟରେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତରେ କାମ କରିବାକୁ ଗ୍ରାମବାସୀ ତୀବ୍ର ବିରୋଧ କରିଥିଲେ। କିନ୍ତୁ ଠିକାଦାରଙ୍କ ଲୋକ ଗ୍ରାମବାସୀଙ୍କ କଥାକୁ ଖାତିର ନ କରି ଓଲଟା ପୁଲିସ ଲଗାଇ ଉଠାଇ ନେବି ବୋଲି ଧମକ ଦେଇ ଜୋରଜବରଦସ୍ତ କାମ କରିଥିଲେ। ବାରମ୍ବାର ଫୋନ ଲଗାଇବା ସତ୍ତ୍ୱେ କନିଷ୍ଠ ଯନ୍ତ୍ରୀ କିମ୍ବା ଅଧିକ୍ଷଣ ଯନ୍ତ୍ରୀ କେହି ଫୋନ ଉଠାଇ ନ ଥିଲେ। ଶେଷରେ ଗ୍ରାମବାସୀ ସମସ୍ୟା ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଠିକାଦାରଙ୍କ ଲୋକ କାମ ବନ୍ଦ କରି ଚାଲିଯାଇଥିଲେ। ଅନ୍ୟପକ୍ଷରେ ପ୍ରକଳ୍ପର ବି ଓ କ୍ୟୁ ହସ୍ତଗତ ହେବାପରେ ୧୬ନଂ କେନାଲର ୩.୦୩ କିମିଠାରୁ ୩.୬୧୫ କିମି ପର୍ଯ୍ୟନ୍ତ ପ୍ରକଳ୍ପର ଅଟକଳ ମୂଲ୍ୟ ୧୯ ଲକ୍ଷ ୬୨ ହଜାର ୫ଶହ ୨୫ଟଙ୍କା ବୋଲି ଜଣାପଡ଼ିଛି। ପାଖାପାଖି ୨୦ ଲକ୍ଷ ଟାଙ୍କର ପ୍ରକଳ୍ପ ହୋଇଥିଲେ ବି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ସାହୁ ମିଛରେ ୯ଲକ୍ଷ ଟଙ୍କାର ପ୍ରକଳ୍ପ ବୋଲି କାହିଁକି କହୁଥିଲେ ତାହା ପଞ୍ଚାୟତବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଛି। ସରକାର ଦୁର୍ନୀତି ଏବଂ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସାବାଡ଼ କରିବା ପାଇଁ ବାରମ୍ବାର କହୁଥିବା ବେଳେ ପଟ୍ଟାମୁଣ୍ଡାଇରେ ଠିକାଦାରଙ୍କ ଦାଦାଗିରି ଏବଂ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତାକୁ ନେଇ ପଞ୍ଚାୟତବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାସ୍ତା କାମକୁ ସଠିକ ଭାବେ କରିବାକୁ ଅର୍ଜୁନ ସାହୁ, ବିଚିତ୍ର ମଳିକ, ତୀର୍ଥ ପରିଡ଼ା, ରାହାସ ମଳିକ, ଭ୍ରମରବର ନାୟକ, ଦିଲୀପ ମଳିକ ପ୍ରମୁଖ ଦାବି କରିଛନ୍ତି।



# ଡେରାବିଶରେ ମିଳିତ ଅଭିଯୋଗ ଶୁଣାଣି

ଡେରାବିଶ,୧୫ ।୧୨(ସମିସ): ଡେରାବିଶ ବ୍ଲକ ସଭାକକ୍ଷରେ ସୋମବାର ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୭୪ଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୫୫ଟି ବ୍ୟକ୍ତିଗତ ଅଭିଯୋଗ ଓ ୧୯ଟି ସାମୂହିକ ଅଭିଯୋଗ ରହିଥିଲା। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର, ଏସ୍‌ପି ସିଦ୍ଧାର୍ଥ କାଟାରିଆ, ଉପଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ନବକିଶୋର ଜେନା, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ବିଡିଓ ନମିତା ବାରିକ, ତହସିଲଦାର ସରୋଜକାନ୍ତ ନାୟକ, ବ୍ଲକ ଅଧକ୍ଷା ପ୍ରଭାତି ମଳିକ, ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଳିକ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଆବାସ, ଭତ୍ତା, ବିଭିନ୍ନ ମାମଲରେ ପୁଲିସର ବିଳମ୍ବ କାର୍ଯ୍ୟାନୁଷ୍ଠାନ, ରାଶନ କାର୍ଡ ଆଦି ବହୁ ବ୍ୟକ୍ତିଗତ ଅଭିଯୋଗ ଆସିଥିଲା। ଏଥିସହିତ ପଟ୍ଟାମୁଣ୍ଡାଇ ବ୍ଲକରୁ ଆସିଥିବା ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଶିଶୁକୁ ବର୍ଦ୍ଧିତ ଭତ୍ତା ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜଣେ ଅଭିଯୋଗକାରୀ ଏକାଧିକ ଅଭିଯୋଗକୁ ଏକ ଟିଣ ବାକ୍ସରେ ରଖି ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଏହି ଘଟଣା ସମସ୍ତଙ୍କ ମଧ୍ୟରେ ହାସ୍ୟରୋଳ ସୃଷ୍ଟି କରିଥିଲା।

# ଓଷ୍ଟାର ବ୍ଲକସ୍ତରୀୟ ଶିଶୁ ଉତ୍ସବ



ମାର୍ଶାଘାଇ,୧୫ ।୧୨(ସମିସ): ମାର୍ଶାଘାଇ ବ୍ଲକ ପିକରାଳି କପିଳମୁନି ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ଓଷ୍ଟା ପକ୍ଷରୁ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଛି। ମଣ୍ଡଳ ଓଷ୍ଟା ସଭାପତି ବିଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ବିଇଓ ନାରାୟଣ ପ୍ରସାଦ ମନ୍ତ୍ରୀ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଓଷ୍ଟା ପ୍ରାକ୍ତନ ଜିଲ୍ଲା ସମ୍ପାଦକ ତପନ କୁମାର ସିଂ, ନିର୍ମଳ କୁମାର ନାୟକ, ଭଗବାନ ସାହୁ, ଜିଲ୍ଲା ଯୁଗ୍ମ ସମ୍ପାଦିକା ସରୋଜିନୀ ସ୍ୱାଇଁ, ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ କମିଟି ସଭାପତି ଗନ୍ଧର୍ବ ଚରଣ ମହାପାତ୍ର, ଶିକ୍ଷାବିତ ମାଧବ ଚରଣ ନାୟକ, ଓଷ୍ଟା ବ୍ଲକ ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ସ୍ୱାଇଁ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲେଖା ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ପରକୁଳା ସରପଞ୍ଚ ଇଂ ଦୀପ୍ତିରଞ୍ଜନ ମହାପାତ୍ର, ଓଷ୍ଟା ଜିଲ୍ଲା ସଭାପତି ଅଶୋକ କୁମାର ପରିଡ଼ା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମହାପାତ୍ର, ପ୍ରାକ୍ତନ ଜିଲ୍ଲା ଯୁଗ୍ମ ସମ୍ପାଦକ ନବଘନ ମହାରଣା, ମାର୍ଶାଘାଇ ଏବିଇଓ ହିରଣ୍ୟ କୁମାର ବାରିକ, ମହାକାଳପଡ଼ା ବ୍ଲକ ଓଷ୍ଟା ସମ୍ପାଦକ ରଘୁନାଥ ଦାସ, ସାମ୍ବାଦିକ ପ୍ରମୋଦ କୁମାର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ଦାସ ପ୍ରମୁଖ ଯୋଗଦେଇଥିଲେ। ଉଭୟ ସଭାରେ ଓଷ୍ଟାର ମାର୍ଶାଘାଇ ବ୍ଲକ ସଭାପତି ବିଜୟ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଓଷ୍ଟା ବ୍ଲକ ସମ୍ପାଦକ ପ୍ରସନ୍ନ କୁମାର ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଶାନ୍ତନୁ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ବେଳାଭୂମି ଭଲିବଲ ପ୍ରତିଯୋଗିତା ଉଦଯାପିତ



ରାଜନଗର,୧୫ ।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ପେଣ୍ଠ ବେଳାଭୂମିରେ ୬୯ତମ ରାଜ୍ୟସ୍ତରୀୟସ୍କୁଲସମୂହ ବେଳାଭୂମି ଭଲିବଲ ପ୍ରତିଯୋଗିତା ଉଦଯାପିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ରାଜନଗର ବିଧାୟକ ଧ୍ରୁବ ସାହୁ, ମୁଖ୍ୟବକ୍ତା କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ସମ୍ମାନିତ ଅତିଥି ବ୍ଲକ୍ ଅଧକ୍ଷା ପ୍ରତିଭା ପାତ୍ର, ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଜମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ, ସ୍ୱାଗତିକା ସ୍ୱାଇଁ, ଶୁଭସ୍ମିତା ତ୍ରିପାଠୀ, ବ୍ଲକ୍ ଶିକ୍ଷା ଅଧିକାରୀ ମନୋରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇଥିଲେ।
ଏଥିରେ ବାଳକ ବିଭାଗର ୧୮ ଟିମ୍ ଭାଗନେଇଥିଲେ। ପୁଲ୍ ପର୍ଯ୍ୟାୟକୁ ପୁରୀ, ବାଲେଶ୍ୱର, କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୂରଭଞ୍ଜ ଓ ଜଗତସିଂହପୁର ଟିମ୍ ଉନ୍ନୀତ ହୋଇଥିଲେ। କେନ୍ଦ୍ରାପଡ଼ା ସହ ମୟୂରଭଞ୍ଜ, ବାଲେଶ୍ୱର ସହ ପୁରୀ ମଧ୍ୟରେ ସେମି ଫାଇନାଲ ଖେଳାଯାଇଥିଲା। କେନ୍ଦ୍ରାପଡ଼ା ଓ ବାଲେଶ୍ୱର ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ବାଲେଶ୍ୱର ୨-୧ ସେଟ୍‌ରେ ବିଜୟୀ ହୋଇଛି। ସେହିପରି ବାଳିକା ବିଭାଗ ଲିଗ୍ ପର୍ଯ୍ୟାୟରେ କନ୍ଧମାଳ ସହ ପୁରୀ, ଗଞ୍ଜାମ ସହ ବାଲେଶ୍ୱର, ମୟୂରଭଞ୍ଜ ସହ ଖୋର୍ଦ୍ଧା ଓ ନୟାଗଡ଼ ସହ କେନ୍ଦ୍ରାପଡ଼ା ଖେଳିଥିଲେ। ସେମି ଫାଇନାଲରେ କନ୍ଧମାଳ ସହ ବାଲେଶ୍ୱର, ମୟୂରଭଞ୍ଜ ସହ କେନ୍ଦ୍ରାପଡ଼ା ଖେଳିଥିଲେ। ଫାଇନାଲରେ ବାଲେଶ୍ୱର ୨-୦ ସେଟ୍‌ରେ କେନ୍ଦ୍ରାପଡ଼ାକୁ ହରାଇ ବିଜୟୀ ହୋଇଛି। ଶିକ୍ଷକ ସମୀରଣ ମଣ୍ଡଳଙ୍କ ସମେତ ଜିଲ୍ଲାର ସମସ୍ତ ଖେଳ ଶିକ୍ଷକ, ପ୍ରଧାନଶିକ୍ଷକ, ସିଆରସିସି ସହଯୋଗ କରିଥିଲେ। ପଣ୍ଡିତ ବରଦାକାନ୍ତ ଜେନା ସଂଯୋଜନା କରିଥିଲେ।

## ଦୁଇ ବଖରା ଜଳିଗଲା

ରାଜନଗର,୧୫ ।୧୨(ସମିସ): ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ କଣ୍ଡିରା ଗାଁରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ଜଳିଯାଇଛି। ଗାଁର ଅମ୍ବିକା ମହାନ୍ତିଙ୍କ ଘରେ ନିଆଁ ଲାଗି ୨ ବଖରା ଘର ସହ ସମସ୍ତ ଆସବାବପାତ୍ର ପୋଡ଼ି ପାଉଁଶ ହୋଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ସବୁ ପୋଡ଼ି ନଷ୍ଟ ହୋଇସାରିଥିଲା। ବିପନ୍ନ ପରିବାର ଶୀତ ରାତିରେ ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି।

## ସାପ କାମୁଡ଼ାରେ ଯୁବକ ମୃତ

ରାଜନଗର,୧୫ ।୧୨(ସମିସ): ସାପ କାମୁଡ଼ାରେ ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ନଗଡ଼ ଗ୍ରାମର ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ପୁଅ ପ୍ରମୋଦ କୁମାର ପଣ୍ଡା (୩୫)ଙ୍କ ମୃତ୍ୟୁ ହୋଇଛି। ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ପ୍ରମୋଦ ଘର ପଛ ପାଖର୍ ବାଡ଼ିକୁ ଯାଇଥିଲେ। ସେଠାରୁ ଫେରିବାର କିଛି ସମୟ ପରେ ଦେହମୁଣ୍ଡ କ'ଣ ହେଉଛି ବୋଲି କହିଥିଲେ। ପରିବାର ଲୋକେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡାକ୍ତର କହିଛନ୍ତି।

● ଶୋଇଥିବା ବେଳେ ଦୋକାନରେ ନିଆଁ ଲଗାଇବା ଘଟଣା

# ବୃଦ୍ଧଙ୍କ ଏତଲା ଆଧାରରେ ମାମଲା ରୁଜୁ



ମହାକାଳପଡ଼ା,୧୫ ।୧୨(ସମିସ): ଦୋକାନ ଭିତରେ ଜଣେ ବୃଦ୍ଧ ରାତିରେ ଶୋଇଥିବା ସମୟରେ କିଛି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।ଅଭିଯୋଗ ଅନୁଯାୟୀ, ମାର୍ଶାଘାଇ ଥାନା ବଡ଼କୂଳ ପଞ୍ଚାୟତ ଦହିମାଛ ଗ୍ରାମର ବଳରାମ ରାଉତ (୭୯) ଶୁକ୍ରବାର ରାତିରେ ତାଙ୍କ ଦୋକାନ ଭିତରେ ଶୋଇଥିବା ସମୟରେ ବିଳମ୍ବିତ ରାତିରେ ତାଙ୍କ ଗାଁ ସମେତ ପାଖ ଗ୍ରାମର କିଛି ବ୍ୟକ୍ତି ଦୋକାନ କବାଟ ବାଡ଼େଇଥିଲେ। ଫଳରେ ବଳରାମ ଭୟଭୀତ ହୋଇ କବାଟ ଖୋଲି ନ ଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ ବ୍ୟକ୍ତିମାନେ ଦୋକାନ ସ୍କାଏ ଲାଇଟ୍ ଭାଙ୍ଗି ଭିତରକୁ ନିଆଁ ହୁଳା ପକାଇଥିଲେ। ଫଳରେ ଦୋକାନରେ ଥିବା ଫ୍ରିଜ, ଅନ୍ୟାନ୍ୟ ସାମଗ୍ରୀ ଓ ବଳରାମ ଘୋଡ଼ାଇ ହୋଇଥିବା କମ୍ବଳରେ ନିଆଁ ଲାଗି ଜଳିଯାଇଥିଲା। ସେ ଜୀବନ ବିକଳରେ ବାହାରକୁ ଚାଲି ଆସିଥିଲେ। ଦୁର୍ବୃତ୍ତମାନେ ବଳରାମଙ୍କୁ ଅଶାଳୀନ ବ୍ୟବହାର କରିବା ସହ ଟାର୍ଗେଟରେ ତାଙ୍କ ପୁଅ ଥିବା କହି ସେଠାରୁ ଚାଲି ଯାଇଥିଲେ। ଏନେଇ ବଳରାମ ଶନିବାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

# ଡାକ୍ତର ଭାସ୍କର ନାୟକ ସମ୍ବର୍ଦ୍ଧିତ




ଡେରାବିଶ,୧୫ ।୧୨(ସମିସ): ମାନବାଧିକାର ସୁରକ୍ଷା ପରିଷଦ ପକ୍ଷରୁ ୭୭ତମ ବିଶ୍ୱ ମାନବାଧିକାର ଦିବସ ପାଳନ ଅବସରରେ ଜନସାଧାରଣଙ୍କ ସେବା କରିଆସୁଥିବା ଜଷ୍ଟିଲୋ କଳିଙ୍ଗ ଚିକିତ୍ସାଳୟର ଡାକ୍ତର ଭାସ୍କର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଏଏସ୍ ନାଇଡୁଙ୍କ ଅଧ୍ୟକ୍ଷତାରେ କଟକରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ବିଚାରପତି ଶିବଶଙ୍କର ମିଶ୍ର, ଆଇନଜୀବୀ ସୌରଚନ୍ଦ୍ର ମିଶ୍ର, ପୂର୍ବତନ ଜିଲ୍ଲା ଜଜ୍ ଜ୍ଞାନରଞ୍ଜନ ପୁରୋହିତ ଓ ସମାଜସେବୀ ପ୍ରଦୋଷ ମହାନ୍ତି ପ୍ରମୁଖ ଯୋଗଦେଇ ଡାକ୍ତର ନାୟକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ,୧୫ ।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଞ୍ଚଳ ପେଣ୍ଠପାଳ ଗ୍ରାମର ଧର୍ମପ୍ରାଣା ତଥା ସମାଜସେବୀ କ୍ଷୀରପ୍ରଭା ବିଶ୍ୱାଳଙ୍କ ଚତୁର୍ଦ୍ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ନିଜ ବାସଭବନରେ ଅନୁଷ୍ଠିତ ହୋଇଛି। କ୍ଷୀରପ୍ରଭାଙ୍କ ପୁଅ ପୂର୍ବତନ କଟକ-ଚୌଦ୍ୱାର ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଶିକ୍ଷାବିତ, ସମାଜସେବୀ, ରାଜନେତା ଓ ଜନସାଧାରଣ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରିବାର ପକ୍ଷରୁ ତାଙ୍କ ନାତି କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ପୁଅ ଆରତ ରଞ୍ଜନ ବିଶ୍ୱାଳ, ହେମନ୍ତ ବିଶ୍ୱାଳଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। କ୍ଷୀରପ୍ରଭାଙ୍କ ଏକାଦଶାହରେ କଟକ ବାଲିଯାତ୍ରା ପଡ଼ିଆରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝି, ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ମନ୍ତ୍ରୀ, ବିଧାୟକ, ପୂର୍ବତନ ବିଧାୟକ ଓ କଟକ ସହରର ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ। ପରିବାରର ଅଜୟ କୁମାର ବିଶ୍ୱାଳ, ବିଜୟ କୁମାର ବିଶ୍ୱାଳ, ପ୍ରଦୀପ କୁମାର ବିଶ୍ୱାଳ, ସରୋଜ କୁମାର ବିଶ୍ୱାଳ, ମନୋଜ ବିଶ୍ୱାଳ, ପ୍ରକାଶ କୁମାର ବିଶ୍ୱାଳ, ଅଶ୍ୱିନୀ କୁମାର ବିଶ୍ୱାଳ, ଗୁଣମଣି ବିଶ୍ୱାଳ, ଚନ୍ଦନ କୁମାର ବିଶ୍ୱାଳ, ଅଜିତ କୁମାର ବିଶ୍ୱାଳଙ୍କ ସମେତ ଝିଅ ଜ୍ୱାଇଁମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ସେଣ୍ଟ୍ ଜାଭିଅର ପବ୍ଲିକ ସ୍କୁଲରେ ବାର୍ଷିକ କ୍ରୀଡ଼ା

ରାଜନଗର,୧୫ ।୧୨(ସମିସ): ସ୍ଥାନୀୟ ସେଣ୍ଟ୍ ଜାଭିଅର ପବ୍ଲିକ ସ୍କୁଲ ପରିସରରେ ଡିସେମ୍ବର ୧୩ରୁ ୧୫ ତାରିଖ ଯାଏଁ ଦ୍ୱାଦଶ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସୁବେଦାର ମେଜର ଗଗନ ବିହାରୀ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦଘାଟନ କରିଥିଲେ। ଉଦଯାପନୀ ଉତ୍ସବରେ ସୁବେଦାର ମେଜର ଗଗନ ବିହାରୀ ସ୍ୱାଇଁ, ଅବସରପ୍ରାପ୍ତ ସୈନିକ ଅଚ୍ୟୁତାନନ୍ଦ ସ୍ୱାଇଁ, ମାନଗୋବିନ୍ଦ ସ୍ୱାଇଁ ଓ ଇଂଲଣ୍ଡରେ କାର୍ଯ୍ୟରତ ବୈଜ୍ଞାନିକ ପ୍ରିୟବ୍ରତ ପ୍ରଧାନ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଦୁର୍ଗାଚରଣ ପ୍ରଧାନ, ଟ୍ରଷ୍ଟି କବିତା ପ୍ରଧାନ ଓ ପ୍ରଧାନଶିକ୍ଷକ ଶୁକଦେବ ପରିଡ଼ାଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ୫୦୦ ମେଟ୍ରିକ ଟନ କ୍ଷମତା ସମ୍ପନ୍ନ ଶୀତଳ ଭଣ୍ଡାର ଉଦଘାଟିତ



କେନ୍ଦ୍ରାପଡ଼ା,୧୫ ।୧୨(ସମିସ): କେନ୍ଦ୍ରାପଡ଼ା ନିୟନ୍ତ୍ରିତ କମିଟି ବଜାରଠାରେ ୫୦୦ ମେଟ୍ରିକ ଟନ କ୍ଷମତା ସମ୍ପନ୍ନ ଶୀତଳ ଭଣ୍ଡାରକୁ ସାଂସଦ କେନ୍ଦ୍ରାପଡ଼ା ବୈଜୟନ୍ତ ପଣ୍ଡା ଉଦଘାଟନ କରିଛନ୍ତି। ଉଦଘାଟନି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, କେନ୍ଦ୍ରାପଡ଼ା ମୁନିସିପାଲିଟି ଅଧକ୍ଷା ସରିତା ସାହୁ, ଜିଲ୍ଲାପାଳ ରଘୁରାମ ଆର ଆୟର, ଚାଷୀ ନେତା ବିଚିତ୍ର କୁମାର ପ୍ରଧାନ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିଦ୍ୟାଧର ବେହେରା ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ୧ କୋଟି ୮୦ ଲକ୍ଷ ଟଙ୍କାରେ ବ୍ୟୟରେ ନିର୍ମିତ ଶୀତଳ ଭଣ୍ଡାରରେ ୫ ଟି ଚାମ୍ବର ରହିଛି, ଯାହାଫଳରେ କି ଜିଲ୍ଲାର ଚାଷୀମାନେ ତାଙ୍କର ଉତ୍ପାଦିତ ବଳକା ପନିପରିବା ରଖି ଭବିଷ୍ୟତରେ ଲାଭବାନ ହୋଇପାରିବେ। ଏହା ସହିତ ସାଂସଦ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ମତ୍ସ୍ୟ ପ୍ରାଣୀ ସମ୍ପଦ ବିଭାଗର ପ୍ରାଣୀ ଆଶୁ ଚିକିତ୍ସା ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିଛନ୍ତି। ଏବଂ ଖରିଫ ଧାନ ୨୦୨୫-୨୬ର କ୍ରୟ ନିମନ୍ତେ ପ୍ରଚାର ରଥ ଗାଡିର ଶୁଭାରମ୍ଭ କରିଛନ୍ତି।

## ଟାଟା ପାୱାରର ମନମାନି ଓ ଶୋଷଣର ପ୍ରତିବାଦ

# ବିଦ୍ୟୁତ ଉପଭୋକ୍ତାଙ୍କ ଆମରଣ ଅନଶନ




ଡେରାବିଶ,୧୫ ।୧୨(ସମିସ): ଟାଟା ପାୱାରର ମନମାନି ଓ ଉପଭୋକ୍ତାଙ୍କୁ ଶୋଷଣ ବିରୋଧରେ ସୋମବାର ବିଦ୍ୟୁତ୍ ଉପଭୋକ୍ତାମାନେ ଚାଟରାଚକଡ଼ା ପଞ୍ଚାୟତ ଛତାସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ପଣ୍ଡିତ ଶରତ ମିଶ୍ର, କୃତିବାସ ଦାସ, ମହେନ୍ଦ୍ର ସିଂ ପ୍ରମୁଖଙ୍କ ନେତୃତ୍ୱରେ ବ୍ଲକ ଅଞ୍ଚଳର ଶହଶହ ବିଦ୍ୟୁତ୍ ଉପଭୋକ୍ତାମାନେ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସି ରହିବା ସହିତ ଟାଟା ପାୱାରର ମନମାନୀ ସମ୍ପର୍କରେ କହିବା ଏହାର ସମାଧାନ କରିବା ନିମନ୍ତେ ୮ ଦଫା ଦାବି ନେଇ ଅନଶନରେ ବସିରହିଥିଲେ। ଏହି ଦାବି ଗୁଡ଼ିକ ମଧ୍ୟରେ ଠିକ୍ ଭାବେ ଚାଲୁ ରହିଥିବା ମିଟରକୁ ଆଳ ଦେଖାଇ ସ୍ମାର୍ଟ ମିଟରକୁ ପରିବର୍ତନ ନିମନ୍ତେ ବାଧ୍ୟତା ମୂଳକ ନ କରାଯାଉ। ମାସିକ ମିଟର ରିଡ଼ିଂ ଏକ ନିର୍ଦ୍ଦିଷ୍ଟ ତାରିଖରେ ନିଆଯାଉ, ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ କରାନଯାଉ। ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ କାଟ କରାଗଲେ ପ୍ରଶାସନିକ ଅଧିକାରୀଙ୍କ ଅନୁମତି ନିଆଯାଉ। ଯେଉଁ ଅଞ୍ଚଳରେ ବିଦ୍ୟୁତ୍ ମରାମତି ଆବଶ୍ୟକ ପଡୁଛି, କେବଳ ସେହି ଅଞ୍ଚଳର ବିଦ୍ୟୁତ୍ ବିଚ୍ଛିନ୍ନ କରି କାର୍ଯ୍ୟ କରାଯାଉ। ସର୍ବସାଧାରଣଙ୍କ ନିମନ୍ତେ ବ୍ୟବହୃତ ପାନୀଳ ଜଳ ଯୋଗାଣ ପ୍ରକଳ୍ପରୁ କୌଣସି ପରିସ୍ଥିତିରେ ବିଦ୍ୟୁତ୍ ବିଚ୍ଛିନ୍ନ କରାନଯାଉ। ଚେକିଂ ନାଁରେ ଗ୍ରାମାଞ୍ଚଳର ଗରିବ ନୀରିହ ଉପଭୋକ୍ତାଙ୍କୁ ନାଲିଆଖି ଦେଖାନଯାଉ। ପୁରୁଷ ଲୋକ ଘରେ ନଥିବା ବେଳେ ଘରେ ପଶି ଜବରଦସ୍ତ ଚେକିଂ କରାନଯାଉ। ଉପଭୋକ୍ତାଙ୍କର କିଛି ତ୍ରୁଟି ଥିଲେ ଦଣ୍ଡବିଧାନ ପୂର୍ବରୁ ତାଙ୍କୁ ନୋଟିସ୍ ମାଧ୍ୟମରେ ଚେତାବନୀ ଦିଆଯାଉ। ବିଲ ଗୁଡ଼ିକୁ ସମ୍ପୂର୍ଣ୍ଣ ଓଡ଼ିଆ ଭାଷାରେ ଲିପିବଦ୍ଧ କରାଯାଉ। ସର୍ବୋପରି ଦୁହୁରିଆ ଗ୍ରୀଡ୍‌ରୁ ଛତା ବିଦ୍ୟୁତ୍ ସବ୍‌ଷ୍ଟେସନ୍‌କୁ ଆସିଥିବା ୩୩ କେଭି ଲାଇନ୍ ସହିତ ଇନ୍ଦୁପୁରୁ ସେକ୍ସନ୍ ଯୋଡ଼ି ହୋଇଥିବାରୁ ଇନ୍ଦୁପୁର ଅଞ୍ଚଳକୁ ଯାଇଥିବା ବିଦ୍ୟୁତ୍ ତାରରେ କୌଣସି ତ୍ରୁଟି ଘଟିଲେ ଛତା ସେକ୍ସନ ଅଧୀନରେ ରହିଥିବା ବିଦ୍ୟୁତ୍ ଉପଭୋକ୍ତାମାନେ ଅନ୍ଧାରରେ ରହୁଥିବାରୁ ତୁରନ୍ତ ଛତା ସେକ୍ସନ ନିମନ୍ତେ ରହିଥିବା ୩୩ କେଭି ଲାଇନ ସଂଯୋଗରୁ ଇନ୍ଦୁପୁର ସେକ୍ସନ ଲାଇନ୍‌କୁ ଅଲଗା କରାଯିବା ଇତ୍ୟାଦି ଦାବିମାନ କରିଥିଲେ। ଏହି ଅନଶନ କାର୍ଯ୍ୟକ୍ରମ ଚାଲିଥିବାବେଳେ ଖବର ପାଇ ଟିପିସିଓଡ଼ିଏଲ୍‌ର ଅଧିକାରୀ ପ୍ରତାପ ସ୍ୱାଇଁ ଓ ମିତ୍ରଭାନୁ ମହାପାତ୍ର ତୁରନ୍ତ ଅନଶନ ସ୍ଥଳରେ ପହଞ୍ଚି ଅନଶନକାରୀଙ୍କୁ ବୁଝାଶୁଝା କରିଥିଲେ। ତେବେ ଅନଶନକାରୀମାନେ ସେମାନଙ୍କ ଦାବି ପୂରଣ ନେଇ ଅଡ଼ିବସିବାରୁ ବିଭାଗୀୟ ଅଧିକାରୀମାନେ ଆସନ୍ତା ମାସରୁ ଓଡ଼ିଆରେ ବିଦ୍ୟୁତ୍ ବିଲ ପ୍ରଦାନ କରିବା, ସଠିକ୍ ସମୟରେ ବିଦ୍ୟୁତ୍ ବିଲ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ବିଦ୍ୟୁତ୍ ଚୋରିକୁ ରୋକିବା ପାଇଁ ଗ୍ରାମାଞ୍ଚଳର ଲୋକମାନଙ୍କୁ ସଚେତନ କରିବାକୁ କହିଥିଲେ ଏବଂ ବିଦ୍ୟୁତ୍ ମରାମତି ବେଳେ ଆବଶ୍ୟକମତେ ଉପଭୋକ୍ତାଙ୍କୁ ପୂର୍ବରୁ ଅବଗତ କରାଯିବ ଓ ଯେଉଁ ଅଞ୍ଚଳରେ ବିଦ୍ୟୁତ୍ ମରାମତିର ଆବଶ୍ୟକତା ହେବ କେବଳ ସେହି ଅଞ୍ଚଳରେ ବିଦ୍ୟୁତ୍ ସେବା ବିଚଛିନ୍ନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ପାନୀୟ ଜଳ ପ୍ରକଳ୍ପଗୁଡ଼ିକ ସଠିକ୍ ସମୟରେ ବିଦ୍ୟୁତ୍ ବିଲ ପରିଶୋଧ କରୁନଥିବାରୁ ଏ ସମ୍ପର୍କରେ ସେ କିଛି କରିପାରିବେ ନାହିଁ ବୋଲି କହିଥିଲେ। ଆହୁରି ମଧ ସ୍ମାର୍ଟମିଟର ଲଗାଯିବାର ନିଷ୍ପତି ସରକାର ବିଦ୍ୟୁତ୍ ଉପଭୋକ୍ତା ନିୟମ ଅନୁଯାୟୀ ହେଉଥିବାରୁ ଏ ସମ୍ପନ୍ଧରେ ସେ କିଛି କରିପାରିବେ ନାହିଁ ବୋଲି କହିଥିଲେ। ତେବେ ଅନଶନକାରୀମାନେ ସେମାନଙ୍କର ମିଟର ବଦଳରେ ସ୍ମାର୍ଟ ମିଟର ନଲଗାଇବା ଜିଦ୍‌ରେ ଅଡ଼ି ବସିଥିଲେ। ଅଧିକାରୀମାନେ ବହୁ ବୁଝାଶୁଝା ପରେ ବିଦ୍ୟୁତ୍ ଉପଭୋକ୍ତାମାନେ ସେମାନଙ୍କର ଅନଶନ ଭଙ୍ଗ କରିଥିଲେ। ଏହି ଅନଶନରେ ଅଭିମନ୍ୟୁ ରାଉତ, ଭରତ ସିଂ, ରାଜକିଶୋର ମଲ୍ଲ, ବିପିନ ବିହାରୀ ସାହୁ, ଲକ୍ଷ୍ମିପ୍ରିୟା ସାହୁ, ମମତା ରାଉତ, ରୁକ୍ମଣୀ ସାହୁ ପ୍ରମୁଖ ଶତାଧିକ ଉପଭେକ୍ତା ଏହି ଅନଶନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ଶୀତଦିନିଆ ଉଲ ବେପାର ମାନ୍ଦା

# ନାହିଁ ଆଗ ଭଳି ଚାହିଦା; ହଜିଗଲାଣି ହାତ ତିଆରି ଶୀତବସ୍ତ୍ର

**ବାରିପଦା, ୧୫ ।୧୨(ସମିସ)**

ହାଡ଼ଭଙ୍ଗା ଶୀତ ଯେମିତି ବଢ଼ିବାରେ ଲାଗିଛି, ଶୀତବସ୍ତ୍ରର ଚାହିଦା ମଧ୍ୟ ଅନୁରୂପ ଭାବେ ବୃଦ୍ଧି ପାଉଛି। ଭଳିକି ଭଳି ଅତ୍ୟାଧୁନିକ ଷ୍ଟେସର ଶୀତବସ୍ତ୍ର ଆଗରେ ଫିକା ପଡ଼ିଛି ଉଲରୁ ପ୍ରସ୍ତୁତ ହେଉଥିବା ସ୍ୱେଟର କ୍ରେଜ। ବାରିପଦା ସହରର ବିଜୁ ପଟ୍ଟନାୟକ ଗୋଲାଇଠାରେ ରାସ୍ତା କଡ଼ରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଉଲ ମାର୍କେଟ ବସିଛି। ଶୀତର ପସରା ମେଲିବା ସହ କାହିଁ କେତେ ବର୍ଷ ହେବ ବାହାର ରାଜ୍ୟରୁ ଆସି ଏଠାରେ ଉଲ ମାର୍କେଟ ବସାଇଥା'ନ୍ତି। ଏହି ଉଲରୁ ଶୀତବସ୍ତ୍ର ପ୍ରସ୍ତୁତ କରି ଲୋକେ ପିନ୍ଧିଥା'ନ୍ତି। କାଳକ୍ରମେ ଏହି ଉଲରୁ ହାତ ତିଆରି ସ୍ୱେଟରର ଚାହିଦା କମିଛି। ଆଉ ଯାହାର ସ୍ଥାନ ବର୍ତ୍ତମାନ ବଜାରର ରେଡିମେଡ ସ୍ୱେଟର ନେଇଛି। ଫଳରେ ଆଗ ଭଳି ଉକ୍ତ ବଜାରରେ ବିକ୍ରି ହେଉନାହିଁ। କିଛି ଲୋକଙ୍କ ମଧ୍ୟରେ ଆଜି ବି ଉଲରେ ବୁଣା ଶୀତବସ୍ତ୍ରର ଆଦର ଥିବାରୁ ସେହି ଗାଁ ଗାଁ ଲୋକଙ୍କୁ ଉଲ କିଣିବା ପରିଲକ୍ଷିତ ହେଉଛି। ସହରର ବିଜୁ ପଟ୍ଟନାୟକ ଗୋଲାଇ ନିକଟକୁ ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆସାମ ଆଦି ସ୍ଥାନର ବେପାରୀ ଭଳିକି ଭଳି ରଙ୍ଗ ବେରଙ୍ଗର ଉଲ ନେଇ ଆସିଥା'ନ୍ତି। ଏହି ଉଲକୁ କିଣି ଆଣି ଘରେ ମହିଳାମାନେ ହାତରେ ବୁଣି ବିଭିନ୍ନ ରଙ୍ଗ ବେରଙ୍ଗର ସ୍ୱେଟର, ମଫଲର, ଟୋପି ଆଦି ପ୍ରସ୍ତୁତ କରନ୍ତି। କିନ୍ତୁ କାଳକ୍ରମେ ଉକ୍ତ ଉଲ ସ୍ୱେଟରର ଲୋକପ୍ରିୟତା ହ୍ରାସ ପାଉଛି। ଆଜିର ବ୍ୟସ୍ତବହୁଳ ଜୀବନରେ ଆଉ ଉଲ ବୁଣି ଶୀତବସ୍ତ୍ର ପ୍ରସ୍ତୁତ କରିବାର ସମୟ କାହା ପାଖରେ ନାହିଁ। ତାହାର ସ୍ଥାନ ନେଇଛି ଆଜିର ବଜାରର ଅତ୍ୟାଧୁନିକ ଡିଜାଇନର ଶୀତବସ୍ତ୍ର। ଉଲରୁ ଶୀତବସ୍ତ୍ର ପ୍ରସ୍ତୁତ କରିବା ପାଇଁ ଦିନ ଦିନ ଧରି ଲାଗିଥାଏ। ଏବେ ଆଉ ଉଲ ବୁଣି ଶୀତବସ୍ତ୍ର ପ୍ରସ୍ତୁତ କରିବା ମଧ୍ୟ ଭୁଲିଗଲେଣି। ଯାହାକୁ ନେଇ ଉଲର ଚାହିଦା କମିଛି। ତେଣୁ ଆଗ ଭଳି ଆଉ ଉଲ ବିକ୍ରି ହେଉନି, ପୂର୍ବ ବର୍ଷମାନଙ୍କ ତୁଳନାରେ କମ୍ ସଂଖ୍ୟକ ଉଲ ଆଣୁଛନ୍ତି ବୋଲି ଉଲ ବେପାରୀ ସନ୍ତୋଷ ସିଂ କହିଛନ୍ତି। ଅନ୍ୟପଟେ କୋଭିଡ ପରେ ପରେ ବହୁ ବେପାରୀ ନିଜର ବେଉସା ମଧ୍ୟ ପରିବର୍ତ୍ତନ କରିଛନ୍ତି। ଆଗରୁ ଯେପରି ବେପାରୀ ଆସୁଥିଲେ ସେମାନଙ୍କ ସଂଖ୍ୟା ମଧ୍ୟ କମିବା ସହ ହାତ ଗଣତି ୨/୩ଜଣ ବେପାରୀ ଆସୁଛନ୍ତି। ଆଜି ବି ଉଲର ଶୀତବସ୍ତ୍ର ପ୍ରେମୀ ରହିଛନ୍ତି। ଯାହାକୁ ନେଇ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଉଲ ବେପାରୀ ପସରା ମେଲିଛନ୍ତି। ତେବେ ଉଲରୁ ପ୍ରସ୍ତୁତ ଶୀତବସ୍ତ୍ରର ଚାହିଦା ବୃଦ୍ଧି କରିବା ପାଇଁ ଓଡ଼ିଶା ସରକାରଙ୍କ ପଦକ୍ଷେପ ଗ୍ରହଣ କରାଯାଉଛି। ସ୍ଥାନୀୟ ଅଞ୍ଚଳର ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଶୀତବସ୍ତ୍ର ପ୍ରସ୍ତୁତ କରି ବିକ୍ରି କରି ମହିଳାମାନେ ସ୍ୱାବଲମ୍ବୀ ହେଉଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିନା ସୁଧରେ ବ୍ୟାଙ୍କ ଋଣ ଯୋଗାଇ ଦେଉଛନ୍ତି।"

ସ୍ଥାନ ନେଇଛି ରେଡିମେଡ୍ ଶୀତବସ୍ତ୍ର

## ଏମାନେ ଯାହା କୁହନ୍ତି



ଛୋଟ ବେଳୁ ଉଲରେ ପ୍ରସ୍ତୁତ ଶୀତବସ୍ତ୍ର ପିନ୍ଧି ଆସିଛୁ। ଉଲର ଚାହିଦା ଏବେ କମିଛି ସତ, କିନ୍ତୁ ଉଲରେ ପ୍ରସ୍ତୁତ ହେଉଥିବା ଶୀତବସ୍ତ୍ର ଖୁବ ସୁନ୍ଦର ହୋଇଥିବାବେଳେ ଅନେକ ଦିନ ଧରି ରହିଥାଏ। ଆଜିର ଯୁବପିଢି ସେଗୁଡ଼ିକ ଭୁଲିଯିବା ସହ ଅତ୍ୟାଧୁନିକ ରେଡିମେଡ ସ୍ୱେଟର, ଜାକେଟ ଆଦିକୁ ଆପଣେଇ ନେଇଛନ୍ତି। କିନ୍ତୁ ଉଲରୁ ପ୍ରସ୍ତୁତ ଶୀତବସ୍ତ୍ରର ସ୍ୱତନ୍ତ୍ରତା ଆଜି ବି ରହିଛି।

**-ରାଜଶ୍ରୀ ସାହୁ, ଗୃହିଣୀ**



ଶୀତ ଆସିଲେ ଶୀତବସ୍ତ୍ର ଆଗ ଖୋଜା ପଡ଼ିଥାଏ। ତେବେ ଆଜିର ଅତ୍ୟାଧୁନିକ ସମାଜରେ ଶୀତରୁ ବଞ୍ଚିବା ପାଇଁ ଏକ ଷ୍ଟାଇଲିଷ୍ଟ ଲୁକର ଶୀତବସ୍ତ୍ର ପିନ୍ଧିବା ପାଇଁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ବଢ଼ିଯାଇଛି। ଫଳରେ ଉଲରୁ ପ୍ରସ୍ତୁତ ଶୀତବସ୍ତ୍ରର ଚାହିଦା କମିଯାଇଛି। କିନ୍ତୁ ଉଲରୁ ପ୍ରସ୍ତୁତ ଶୀତବସ୍ତ୍ରର ଯେଉଁ ମଜା ଅଛି, ତାହା ଏବେର ଯୁବଗୋଷ୍ଠୀଙ୍କୁ ଅଗୋଚର ରହିଛି।

**-ଗୀତାଞ୍ଜଳି ଭୂୟାଁ, ଗୃହିଣୀ**



ଆଜିର ବ୍ୟସ୍ତବହୁଳ ସମାଜରେ ଉଲ ଶୀତବସ୍ତ୍ର ହଜିଯାଇଛି। ଯାହାର ସ୍ଥାନ ଆଜି ବଜାରରେ ମିଳୁଥିବା ନୂତନ ଟ୍ରେଣ୍ଡ ଓ ଫେସନ୍ ଶୀତବସ୍ତ୍ର ନେଇଛି। ମୋବାଇଲ ଯୋଗେ ଅନଲାଇନ ସର୍ଫିଂ କରି ହାତ ପାହାନ୍ତାରେ କମ୍ ଦରରେ ଭଳିକି ଭଳି ସ୍ୱେଟର, ଜାକେଟ ଆଦି ଶୀତବସ୍ତ୍ର ସହଜରେ ମିଳିଯାଉଛି। ତେଣୁ ଉଲରୁ ପ୍ରସ୍ତୁତ ଶୀତବସ୍ତ୍ରର ଯଦି ଶୋ'ରୁମ ଓ ଅନଲାଇନ ସର୍ଫିରେ ଉପଲବ୍ଧ କରି ପ୍ରଚାର ପ୍ରସାର କରିହେବ, ତେବେ ତାହା ପୁଣି ନିଜର ପୁରୁଣା ପରିଚୟ ଫେରିପାଇପାରେ।

**-ତୃପ୍ତି ପାତ୍ର, କର୍ମଜୀବୀ ମହିଳା**



୧୯୯୨ରୁ ପ୍ରତିବର୍ଷ ଶୀତ ପଡ଼ିଲେ ଆମେ ବିହାରରୁ ଆସି ବାରିପଦାରେ ଉଲ ଦୋକାନ ବସାଇଥାଉ। ପୂର୍ବରୁ ହେଉଥିବା ଉଲର ବେପାର ବର୍ତ୍ତମାନ ଆଉ ନାହିଁ। ରେଡିମେଡ୍ ଶୀତବସ୍ତ୍ର ଚାହିଦା ବୃଦ୍ଧି ଯୋଗୁଁ ଉଲର ଚାହିଦା କମିଛି। ଯେହେତୁ ଆମେ ଏହି ବେପାର ବହୁ ଆଗରୁ କରି ଆସୁଛୁ। ଚାହିଦା କମିଲେ ମଧ୍ୟ ଏହି ବେପାର କରିବା ପାଇଁ ବାଧ୍ୟ ହେଉଛୁ।

**-ବ୍ରଜେନ୍ଦ୍ର ସିଂ, ବେପାରୀ**



ପିଢି ପରେ ପିଢି ଉକ୍ତ ଉଲ ବେପାର କରିଆସୁଥିବାବେଳେ ମୁଁ ମଧ୍ୟ ଉଲ ବିକ୍ରି କରିଆସୁଛି। ପ୍ରତିବର୍ଷ ବାରିପଦାକୁ ଆସି ବିକ୍ରି କରିଥାଉ। ଆଜିର ଆଧୁନିକ ଯୁଗରେ ଉଲର ଚାହିଦା ଆଉ ଆଗ ଭଳି ନାହିଁ। କିନ୍ତୁ ଗତ ସପ୍ତାହ ହେବ ବାରିପଦାରେ ଶୀତର ମାତ୍ରା ବୃଦ୍ଧି ପାଇବା ପରେ ବେପାର କିଛିଟା ବୃଦ୍ଧି ପାଇଛି। ଆଜି କିଛି ଲୋକଙ୍କ ମଧ୍ୟରେ ଉଲରୁ ପ୍ରସ୍ତୁତ ଶୀତବସ୍ତ୍ରର ଆଦର ରହିଛି।

**-ଗୌତମ ସିଂ, ବେପାରୀ**

ଆଶ୍ରମ ବିଦ୍ୟାଳୟରୁ ପିଲା ପାଚେରି ଡେଇଁ ପଳାଇଯିବା ଘଟଣା

# କାରଣ ଦର୍ଶାଓ ନୋଟିସ୍‌ରେ ଅଟକିଛି କାର୍ଯ୍ୟାନୁଷ୍ଠାନ

**ମୋରଡ଼ା, ୧୫।୧୨(ସମିସ):** ମୋରଡା ବ୍ଲକ ଅଧୀନ ଚିକିଟାମାଟିଆ ପଞ୍ଚାୟତରେ ଥିବା ବାଳକ ଆଶ୍ରମ ବିଦ୍ୟାଳୟରୁ ପିଲା ପାଚେରି ଡେଇଁ ପଳାଇଯିବା ଘଟଣା ଓ ବିଭିନ୍ନ ପ୍ରକାରର ଅବ୍ୟବସ୍ଥା ହେଉଥିବା



ଅଭିଯୋଗ ଆଣିଥିଲେ ଉକ୍ତ ପଞ୍ଚାୟତର ଲୋଧା ସମ୍ପ୍ରଦାୟର ନାରୀନେତ୍ରୀ ଦ୍ରୌପଦୀ କୋଟାଳ ଓ ୱାର୍ଡ ମେମ୍ବର ବିଶ୍ୱମିତ୍ର ଭକ୍ତା। ଆଶ୍ରମରୁ ଚାଉଳ ଚୋରି ଭିଡିଓ ଓ ମଦ ବୋତଲ ଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ବିଶେଷ ମାତ୍ରାରେ ଭାଇରାଲ ହେଉଥିବାବେଳେ ଅନେକ ଶିକ୍ଷୟିତ୍ରୀଙ୍କ ପରିବାର ଲୋକେ ଆଶ୍ରମରେ ରହୁଥିବା ନେଇ ଗତ ମାସ ୩୦ ତାରିଖରେ ବିଭିନ୍ନ ଦୈନିକ ଖବରକାଗଜରେ ଅବ୍ୟବସ୍ଥାରେ ଚାଲିଛି ଚିକିଟାମାଟିଆ ବାଳକ ଆଶ୍ରମ ବିଦ୍ୟାଳୟ ଖବର ପ୍ରସାରଣ ହୋଇଥିଲା। ବିଭାଗ ପକ୍ଷରୁ ଆଶ୍ରମ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ମାଗି ବିଭାଗ ଚୁପ ବସିଛି। ପିଲାମାନେ ହଷ୍ଟେଲରୁ ନିଖୋଜ ହୋଇ

**ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଉପରେ ଉଠୁଛି ପ୍ରଶ୍ନ**

ବିପଦପୂର୍ଣ୍ଣ ଜଙ୍ଗଲ ରାସ୍ତାରୁ ଉଦ୍ଧାର ହେବା ଘଟଣା, ଚାଉଳ ଚୋରି ଭିଡିଓ, ପିଲାଙ୍କୁ ଝାଡୁପୋଛା କରାଉଥିବା ଭିଡିଓ ଭାଇରାଲ ହେବା ପରେ ପ୍ରମାଣ ଥାଇ ମଧ୍ୟ ଜିଲ୍ଲା ମଙ୍ଗଳ ଅଧିକାରୀ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ସମ୍ପର୍କରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପାର୍ବତୀ ହାଁସଦାଙ୍କୁ ପଚାରିବାରୁ ସେ କାରଣ ଦର୍ଶାଓ ନୋଟିସ ଦେଇଥିବାବେଳେ ଯେପରି ଭବିଷ୍ୟତରେ ଏଭଳି ଘଟଣା ନ ଘଟେ ସେଥିପାଇଁ ତାଗିଦ କରିଥିବା କଥା କହିଛନ୍ତି।

# ବିଶ୍ୱଶାନ୍ତି ଗ୍ରହଯଜ୍ଞ ପ୍ରସ୍ତୁତି ବୈଠକ

**କରଞ୍ଜିଆ, ୧୫।୧୨(ସମିସ):** କରଞ୍ଜିଆ ଏନଏସିସ୍ଥ ୧୩ ନମ୍ବର ୱାର୍ଡରେ ଥିବା ଶ୍ରୀଶ୍ରୀ ଶନିଶ୍ଚର ମହାଗ୍ରହ ପୀଠରେ ପ୍ରତିବର୍ଷ ମାଘମାସ ସପ୍ତମୀ ତିଥିରେ ତ୍ରିଦିବସୀୟ ବିଶ୍ୱଶାନ୍ତି ଗ୍ରହଯଜ୍ଞ ଅନୁଷ୍ଠିତ ହୋଇଥାଏ। ଏହି ବିଶ୍ୱଶାନ୍ତି ଗ୍ରହଯଜ୍ଞ ଆସନ୍ତାବର୍ଷ ଜାନୁଆରୀ ୨୫ ତାରିଖରୁ ଆୟୋଜନ ପାଇଁ ଆଜି ଶ୍ରୀଶ୍ରୀ ଶନିଶ୍ଚର ମହାଗ୍ରହ ସେବା ଟ୍ରଷ୍ଟର ଆବାହକ ଅଖିଳ ଚନ୍ଦ୍ର ଗ୍ରହଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଯଜ୍ଞ ମହାସମାରୋହରେ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଯଜ୍ଞ ନିୟମ ଅନୁଯାୟୀ ଜାନୁଆରୀ ୨୬ରେ ଅଙ୍କୁରାପଣ ଯଜ୍ଞ ଆରମ୍ଭ ହୋଇ ଜାନୁଆରୀ ୨୭ ତାରିଖରେ ପୂର୍ଣ୍ଣାହୁତି ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତୁତି ବୈଠକରେ ଟ୍ରଷ୍ଟର ସଭାପତି ତ୍ରିଲୋଚନ ପତି ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ଉପସଭାପତି ଦେବାଶିଷ ବେହେରା, କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ସାହା, ପଦ୍ମନାଭ ମହାନ୍ତ, ନାଣ୍ଡି ଦାସ, ଗୌରୀ ସେଠୀ, ଡାକ୍ତର ଯତୀନ ମହାନ୍ତି, ସୁରେଶ ମାଟିଆ ପ୍ରମୁଖ ଯୋଗ ଦେଇଥିଲେ। କର୍ତ୍ତା ଦାୟିତ୍ୱ ରାକେଶ ଦାଶ ଓ ତାଙ୍କ ପତ୍ନୀ ତୁଲାଇବେ। ସରୋଜିନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱାରଶୁଣି ଘାଟି ରାସ୍ତାରେ କଟକଣା

# ପ୍ରତ୍ୟେକ ଗୁରୁ, ଶୁକ୍ରବାର ୩ ଘଣ୍ଟା ବନ୍ଦ ରହିବ

**ବାରିପଦା, ୧୫ ।୧୨(ସମିସ):** ବାଙ୍ଗିରିପୋଷିର ଦ୍ୱାରଶୁଣି ଘାଟି ମଧ୍ୟ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ପାଇଁ କଟକଣା ଲାଗିଛି। ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ପଥର ବିସ୍ଫୋରଣ କାର୍ଯ୍ୟ ପାଇଁ ସତର୍କତା ପଦକ୍ଷେପ ସ୍ୱରୂପ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି କଟକଣା ଆଦେଶ ଜାରି କରାଯାଇଛି। ପ୍ରତ୍ୟେକ ସପ୍ତାହ କେବଳ ଗୁରୁବାର ଓ ଶୁକ୍ରବାର ଦିନ ୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ରାସ୍ତା ମଧ୍ୟ ଦେଇ ଯିବାଆସିବା ବନ୍ଦ ରହିବ। ଏହି ନିଷେଧାଦେଶ ଆସନ୍ତା ୧୮ ତାରିଖରୁ ଆରମ୍ଭ ହୋଇ ଫେବୃଆରୀ ୨୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ଦିନମାନଙ୍କରେ ଦ୍ୱାରଶୁଣି ଘାଟିକୁ ଯୋଡୁଥିବା ଉଭୟ ବାଙ୍ଗିରିପୋଷି ଓ ବିଶୋଇ ପାର୍ଶ୍ୱରେ ଥିବା ପ୍ରବେଶ ପଥ ବନ୍ଦ ରହିବ। ଯେକୌଣସି ଯାନବାହାନ (ଦୁଇଚକିଆରୁ ଊର୍ଦ୍ଧ୍ୱ ସମସ୍ତ ଯାନ) ଓ ପଥଚାରୀ ଏହି ସମୟରେ ଯାତାୟାତ କରିପାରିବେନାହିଁ। ଏଥିସହ ଘାଟି ଆଖପାଖରେ ଗୃହପାଳିତ ପ୍ରାଣୀ ଚାରଣ କରାଇବା ମଧ୍ୟ ବାରଣ କରାଯାଇଛି। ସେହିପରି ଆମ୍ବୁଲାନ୍ସ ଓ ଦମକଳବାହିନୀ ଯାନ ଓ ବିଭିନ୍ନ ଜରୁରିକାଳୀନ ଯାନ ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ପାଖରୁ ଅନୁମତି ମିଳିବା ପରେ ହିଁ ଯାତାୟାତ କରିପାରିବେ। କଟକଣା ସମାପ୍ତ ହେବା ପରେ ପ୍ରାଥମିକତା ଭିତ୍ତିରେ ପ୍ରଥମେ ସାଧାରଣ ଲୋକଙ୍କ ଯାନକୁ ଯାତାୟାତ ପାଇଁ ଛଡାଯିବ। କ୍ଷୁଦ୍ର ଯାନ ବ୍ୟବହାରକାରୀ ସାଧାରଣ ଲୋକ ସୁଗମ ଯାତାୟାତ ପାଇଁ ବ୍ୟବସ୍ଥା ଅନୁଯାୟୀ ବିଶୋଇ-ଅର୍ଗଳବିନ୍ଧା-ଶଙ୍ଖାଭଙ୍ଗା-ଯୋକା-ଚନ୍ଦନପୁର-କତରା ଛକକୁ ବିକଳ୍ପ ରାସ୍ତା ଭାବେ ବ୍ୟବହାର କରିପାରିବେ। ଯେକୌଣସି ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ପୁଲିସ ମୁତୟନ କରିବାକୁ ବିଶୋଇ ଓ ବାଙ୍ଗିରିପୋଷି ଥାନାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି।

# କୀଚକେଶ୍ୱରୀ ପୁସ୍ତକର ଲୋକାର୍ପଣ ଉତ୍ସବ



**ବହଳଦା, ୧୫।୧୨ (ସମିସ):** ସ୍ଥାନୀୟଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀଙ୍କ ଉପରେ ପ୍ରଥମ କରି ୧୯୮୪ରେ 'କୀଚକେଶ୍ୱରୀ' ନାମରେ ପୁସ୍ତକ ଲେଖି ଚର୍ଚ୍ଚାରେ ରହିଥିଲେ ଲେଖକ ଶ୍ରୀକାନ୍ତ ମିଶ୍ର। ଏହି ପୁସ୍ତକ ପ୍ରକାଶିତ ହେବାର ପ୍ରାୟ ଦୀର୍ଘ ୪୧ ବର୍ଷ ପରେ ଏହାର ନୂତନ ସଂସ୍କରଣ ଇତିମଧ୍ୟରେ ପ୍ରକାଶିତ ହୋଇଛି। ବହଳଦାସ୍ଥ ମା' ଚକେଶ୍ୱରୀ ମନ୍ଦିର ପରିସରରେ ନୂତନ ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବହଳଦାସ୍ଥ ମା' କୀଚକେଶ୍ୱରୀ ପୀଠ ସମଗ୍ର ଜିଲ୍ଲାରେ ପ୍ରସିଦ୍ଧ ଶକ୍ତିପୀଠ ରୂପେ ପରିଚିତ। ଶ୍ରୀକାନ୍ତ ମିଶ୍ରଙ୍କ ଦ୍ୱାରା ଲିଖିତ ଓ ୧୯୮୪ରେ ବେତନଟୀରୁ ପ୍ରକାଶିତ ହୋଇଥିବା କୀଚକେଶ୍ୱରୀ ପୁସ୍ତକ ଦେବୀଙ୍କ ଉପରେ ଲିଖିତ ପ୍ରଥମ ଓ ପ୍ରାମାଣିକ ପୁସ୍ତକ ରୂପେ ସ୍ୱୀକୃତ ଓ ଲୋକାଦୃତ। ଏହା ଏବେ ଉପଲବ୍ଧ ହେଉନାହିଁ। ମନ୍ଦିର ପରିସରରେ ଅନୁଷ୍ଠିତ ପୁସ୍ତକ ଲୋକାର୍ପଣ ଉତ୍ସବରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ବହଳଦା ତହସିଲଦାର ଶିବପ୍ରସାଦ ମୁର୍ମୁ ମୁଖ୍ୟଅତିଥି ରୂପେ ଯୋଗଦେଇ ପୁସ୍ତକକୁ ଲୋକାର୍ପିତ କରିଥିଲେ। ଅଶୋକ ସାମନ୍ତରାୟ, ପଣ୍ଡିତ ନୀଳରତନ ସାମନ୍ତରାୟ, ଶିକ୍ଷାବିତ ଅମୀୟ ଦାଶ, ସତ୍ୟନାରାୟଣ ଦୀକ୍ଷିତ, ପଣ୍ଡିତ ଧ୍ରୁବେନ୍ଦ୍ର ମିଶ୍ର, ଅତନୁ ମହାନ୍ତି, ପୂର୍ବତନ ବ୍ୟାଙ୍କ ଅଧିକାରୀ ସତ୍ୟନାରାୟଣ ନାୟକ, ଡାକ୍ତର ଶ୍ରୀନାଥ ମିଶ୍ର, ଶ୍ରୀମନ୍ତ ମିଶ୍ର, ଦୀପ୍ତଭାନୁ ମିଶ୍ର, ରଘୁ ମିଶ୍ର, ଟିକି ମିଶ୍ର, ଅଶୋକ ସାହୁ, ବରିଷ୍ଠ ସାମ୍ବାଦିକ ପ୍ରବୋଧ ଦାସ, ଫନୀନ୍ଦ୍ର ମହାକୁଡ଼, ଆଲୋକ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଲେଖକ ଶ୍ରୀକାନ୍ତ ମିଶ୍ର ସପରିବାର ଉପସ୍ଥିତ ରହି ମା'ଙ୍କ ପୁସ୍ତକ ଲିଖନ ପଛର ଅନୁଭୂତି ବଖାଣିଥିଲେ। ମା' କୀଚକେଶ୍ୱରୀଙ୍କ ଉପରେ ଲିଖିତ ଏହି ପୁସ୍ତକ ମା'ଙ୍କ ଆଗମନୀ, ମନ୍ଦିର ପ୍ରତିଷ୍ଠା, ଇତିହାସ, କିମ୍ବଦନ୍ତୀ ସମ୍ପର୍କରେ ଜାଣିବାରେ ଅନେକ ସହାୟକ ହେବା ସହ ବହଳଦାସ୍ଥ ଦେବୀ କୀଚକେଶ୍ୱରୀଙ୍କ ଉପରେ ଏହା ପ୍ରଥମ ବିଧିବଦ୍ଧ ସଂକଳନ ବୋଲି ଗାଳ୍ପିକ ପ୍ରଭାସ ଦାସ ମତବ୍ୟକ୍ତ କରିଥିଲେ। ଉତ୍ସବ ପରିଚାଳନାରେ ଡାକ୍ତର ଶ୍ରୀନାଥ ମିଶ୍ର, ବୈଦ୍ୟ ଶ୍ରୀମନ୍ତ ମିଶ୍ର, ଉଦ୍ୟୋଗୀ ଦୀପ୍ତଭାନୁ ମିଶ୍ର, ସତ୍ୟବ୍ରତ ମିଶ୍ର ଓ ଦେବବ୍ରତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

୪୬ତମ ବାଣୀପୀଠ ମହୋତ୍ସବ

# ଶେଷ ଦିବସରେ ରାଜ୍ୟସ୍ତରୀୟ କବି, ଲେଖକ ଓ କଳାକାର ସମ୍ମିଳନୀ

**ବଡ଼ସାହି, ୧୫ ।୧୨(ସମିସ)**




ସ୍ଥାନୀୟ ବିବେକାନନ୍ଦ ବିହାରରେ ଚାଲିଥିବା ତିନିଦିନିଆ ବାଣୀପୀଠ ମହୋତ୍ସବ ଉଦ୍‌ଯାପିତ ହୋଇଛି। ପୂର୍ବାହ୍ନରେ ଅବସରପ୍ରାପ୍ତ ବରିଷ୍ଠ ବୈଷୟିକ ପର୍ଯ୍ୟବେକ୍ଷକ ବଦ୍ରି ମହାନ୍ତି ସାରସ୍ୱତ ପତାକା ଉତ୍ତୋଳନ କରିଥିଲେ। କବିତା କୁସୁମାଞ୍ଜଳୀର ପ୍ରଥମ ପର୍ବରେ ସଭାମୁଖ୍ୟ ଭାବେ ବନମୟୂରୀର ସମ୍ପାଦକ କବି ନିରୋଦ ସୁନ୍ଦର ଜେନା ଯୋଗ ଦେଇଥିବାବେଳେ ମୁଖ୍ୟଅତିଥି ଭାବେ ଦିଲ୍ଲୀ ଲୋକ ସେବକ ମଣ୍ଡଳର ଉପାଧ୍ୟକ୍ଷ ଡକ୍ଟର ପ୍ରଭାସ ଆଚାର୍ଯ୍ୟ ଯୋଗଦାନ କରି କବିତା ସୁପ୍ତ ମନକୁ ଜାଗ୍ରତ କରିବା ସହିତ ନିଜର ସତ୍ତାକୁ ଭୁଲାଇ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ, ସମ୍ମାନିତ ଅତିଥି ପ୍ରାଧ୍ୟାପକ ସୁବାସ ଚନ୍ଦ୍ର ସାହୁ ଓ ଡକ୍ଟର ନାରାୟଣ ସେନାପତି ଯୋଗ ଦେଇଥିବାବେଳେ କବିତା ସଂଯୋଜନା ଡକ୍ଟର କେଶବ ଚନ୍ଦ୍ର ଦଳାଇ ଓ କବି ପ୍ରଭାତୀ ମାଝୀ କରିଥିଲେ।

ସେହିପରି କବିତା କୁସୁମାଞ୍ଜଳି ଦ୍ୱିତୀୟ ପର୍ବ କବି ସର୍ବେଶ୍ୱର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ କବି ରକ୍ଷକ ନାୟକ, ମୁଖ୍ୟବକ୍ତା ଭାବେ ଡକ୍ଟର କାଳୀକିଙ୍କର ଓ ଆଦରଣୀୟ ଅତିଥି ଶିଳ୍ପୀ କେଶୁ ଦାସ ଯୋଗଦାନ କରି କବିତା ଯୁଗେ ଯୁଗେ କାଳଜୟୀ ବୋଲି ମତବ୍ୟକ୍ତ କରିଥିଲେ। କବିତା ସଂଯୋଜନା କବି ସସ୍ମିତା ଦାଶ ଓ ଡକ୍ଟର ତାନଶ୍ରୀ ପାଣିଗ୍ରାହୀ ଯୋଗଦାନ କରିଥିଲେ। ସାରା ଓଡ଼ିଶାର ଦୁଇ ଶହରୁ ଊର୍ଦ୍ଧ୍ୱ କବି, ଲେଖକ ଓ କଳାକାର ଯୋଗଦାନ କରିଥିଲେ। କବି ସୂର୍ଯ୍ୟକାନ୍ତୀ ରାଉତ ଧନ୍ୟବାଦ ଦେବାପରେ ଉଦ୍‌ଯାପନୀ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ତଥା କବି ଡକ୍ଟର ପ୍ରସନ୍ନ ପାଟଶାଣୀ ଯୋଗଦାନ କରି ପ୍ରକୃତ ସାହିତ୍ୟ ଗାଁ ଗଣ୍ଡାରେ ଲୁଚି ରହିଛି। ସେହି ଲୁକ୍କାୟିତ ପ୍ରତିଭାକୁ ଆଲୋକକୁ ଆଣିବାରେ ବାଣୀପୀଠର ଉଦ୍ୟମ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ସ୍ୱତନ୍ତ୍ର ଅତିଥି ଭାବେ ଉପଜିଲ୍ଲାପାଳ ଡକ୍ଟର ଦୟାସିନ୍ଧୁ ପରିଡ଼ା, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା କବି ପ୍ରମିଳା ପଣ୍ଡା, ବହିଘର ସଭାପତି କବି ଅଭୟ ଦାସ, ଏସସିବି ଡିଗ୍ରୀ କଲେଜର ଅଧ୍ୟକ୍ଷା ଡ଼କ୍ଟର ଅସୀମା ସାହୁ ଓ ବରିଷ୍ଠ ସାମ୍ବାଦିକ କିଶୋର ଚନ୍ଦ୍ର ମଙ୍ଗରାଜ ଯୋଗଦାନ କରି ବିଶିଷ୍ଟ କବି, ଲେଖକ ଓ କଳାକାର ମାନଙ୍କୁ ଉପାଧି, ଉପାୟନ ଓ ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରର ମାସିକ ଓଡ଼ିଆ ଶିଶୁ ପତ୍ରିକା 'ଆମ ସୁନାଚାନ୍ଦ' ଓ ହିନ୍ଦୀ ମାସିକ ଶିଶୁ ପତ୍ରିକା 'କାକଳୀ' ଓ ବାଣୀପୀଠ ମୁଖପତ୍ର 'ପଲ୍ଲୀପ୍ରଭା' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବାବେଳେ କବି ବଙ୍କିମ ବାରିକ ମଞ୍ଚ ପରିଚାଳନା କରିଥିଲେ। ସହସମ୍ପାଦକ ସମ୍ବିତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୬୯ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ



**କରଞ୍ଜିଆ, ୧୫।୧୨(ସମିସ):** ଆଜି ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପଖଣ୍ଡସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ଅଯୋଜିତ ହୋଇଛି। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ଏସପି ବରୁଣ ଗୁଣ୍ଡାପାଲି ଏହି ମିଳିତ ଜନଅଭିଯୋଗ ଶିବିରରେ ଶୁଣାଣି କରିଥିଲେ। ଶିବିରକୁ ୬୯ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରେ ସାମୂହିକ ଅଭିଯୋଗ ୯ଟି ଥିବାବେଳେ ବ୍ୟକ୍ତିଗତ ୬୦ଟି ଅଭିଯୋଗ ଥିଲା। ରେଡକ୍ରସ ପାଣ୍ଠିରୁ ଯଶିପୁରର ଏସ. ମୁର୍ମୁଙ୍କୁ ୩୦ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଫୁଲଗୁଛା ଗ୍ରାମର ଦମୟନ୍ତୀ ନାୟକଙ୍କୁ ୫ ହଜାର, ରସମତଳାର ଅସିତ ମହାନ୍ତଙ୍କୁ ୫ ହଜାର ଓ ଝାଟିଆଳି ରୁକସନା ବିବିଙ୍କୁ ୫ ହଜାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଶିବିରରେ କରଞ୍ଜିଆ ଉପଜିଲ୍ଲାପାଳ କାଦମ୍ବରି ପଣ୍ଡା, ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ, ସହକାରୀ ଜିଲ୍ଲାପାଳ ନିହାରରଞ୍ଜନ ସେଠୀ, ଏସଡିପିଓଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର, ସିଡିପିଓ, ବନ ବିଭାଗ, ଶିକ୍ଷା, କୃଷି ଉଦ୍ୟାନ, ପୂର୍ତ୍ତ, ଏନଏସି, ଜଳସେଚନ ବିଭାଗ ଅଧିକାରୀ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ।

# ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ବଣିକ ସଂଘ ପକ୍ଷରୁ ରାସ୍ତାରେ ଲାଗିଲା ବ୍ୟାରିକେଡ୍

**ମୋରଡା, ୧୫।୧୨(ସମିସ):** ପ୍ରତିଦିନ ମୋରଡ଼ା ଥାନା ସମ୍ମୁଖରେ ଥିବା ଚାରିଛକରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବାରୁ ସୋମବାର ମୋରଡା ବଣିକ ସଙ୍ଘ ପକ୍ଷରୁ ମୋରଡ଼ା ଛକରୁ ୫୦ ମିଟର ଦୂରରେ ବ୍ୟାରିକେଡ ବସାଯାଇଛି। ବଣିକ ସଂଘ ସଭାପତି ସୌରଭ ମହାନ୍ତିଙ୍କ ସୂଚନା




ମୁତାବକ ମୋରଡା ବଜାର ଏକ ଜନଗହଳିପୂର୍ଣ୍ଣ ବଜାର ହୋଇଥିବାବେଳେ ଏଠାରୁ ପଶ୍ଚିମବଙ୍ଗ, ରାଜଘାଟ, ଚିତ୍ରଡା, ବରକନ୍ଦକୁ ଚାରି ଛକ ରାସ୍ତା ଥିବାରୁ ଦୁର୍ଘଟଣାକୁ ଏଡାଇବା ତଥା ଟ୍ରାଫିକ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ବଜାରର ଚାରୋଟି ସ୍ଥାନରେ ୮ଟି ବ୍ୟାରିକେଡ ବସାଇ ମୋରଡ଼ା ପୁଲିସକୁ ହସ୍ତାନ୍ତର କରିଛନ୍ତି।

# ୧୬ ବର୍ଷରୁ କମ୍ ଆନ୍ତଃରାଜ୍ୟ ଟି-୨୦ କ୍ରିକେଟ୍ ଉଦ୍‌ଘାଟିତ



**ବାରିପଦା, ୧୫ ।୧୨(ସମିସ):** ବାରିପଦା କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ବାରିପଦା ମଧୁବନ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି ଦ୍ୱିତୀୟ ୧୬ ବର୍ଷରୁ କମ୍ ଆନ୍ତଃରାଜ୍ୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ମୟୂରଭଞ୍ଜ କ୍ରୀଡା ସଂସଦ ସମ୍ପାଦକ ବିଜୟ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ସଂସଦ ଉପସଭାପତି ସୁବ୍ରମଣ୍ୟମ ମହାନ୍ତି ଓ ମନୋଜ ସାଓ, ସମାଜସେବୀ କାଶୀନାଥ ରଣା, ମୟୂରଭଞ୍ଜ କ୍ରୀଡ଼ା ସଂସଦ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର, ପୂର୍ବତନ କ୍ରିକେଟର ଅମିତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ଜିଲ୍ଲାର ୭ଟି ଏକାଡେମୀ ଦଳ ସହିତ ଝାଡ଼ଖଣ୍ଡ ର ବହଡାଗୋଡାର ଗୋଟିଏ ଦଳ ଅଂଶଗ୍ରହଣ କରିଛି। ପ୍ରଥମ ଦିବସରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚ୍ ବାରିପଦା ଡିଆର୍‌କେ ଓ ଜେସିଏ ବାଲେଶ୍ୱର, ଦ୍ୱିତୀୟ ମ୍ୟାଚ୍ ବାରିପଦା ବିସିଏ ଓ ଭଦ୍ରକ ଜିଲ୍ଲାର ୟୁନାଇଟେଡ୍ କ୍ରିକେଟ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚ୍‌ରେ ବାରିପଦା ଡିଆରକେ ଦଳ ଜେସିଏ ବାଲେଶ୍ୱରକୁ ୩୬ ରନ୍‌ରେ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ୟୁନାଇଟେଡ କ୍ରିକେଟ ଏକାଡେମୀ ଭଦ୍ରକ ବାରିପଦା ବିସିଏ ଜୁନିୟରକୁ ୩୮ ରନ୍‌ରେ ପରାସ୍ତ କରିଛି। ଆଜି ଖେଳକୁ ଉତ୍ତମ ମହାକୁଡ ଓ ରାହୁଲ ସିଂ ପରିଚାଳନା କରିଥିବାବେଳେ ସ୍କୋରର ଭାବେ ସମ୍ବିତ୍ ମହାରଣା, ଭାଷ୍ୟକାର ଭାବେ ଦୀପକ ଦାସ ମ୍ୟାଚ୍‌ର ଧାରାବିବରଣୀ ପ୍ରଦାନ କରିଥିଲେ। ବାରିପଦା କ୍ରିକେଟ ଏକାଡେମୀ ସଭାପତି ବିକ୍ରମ କେଶରୀ ଜେନା, ସମ୍ପାଦକ ସୁଶାନ୍ତ ଦାସ, ସାଇବା ସିଂ, ମିର୍ ଅକବର ଅଲ୍ଲୀ, ସେକ୍ ନଫିସୁଲ, ହେମନ୍ତ ବଳ, ନାନୁ ମହାକୁଡ ଓ ସୁଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବାଇଓ ମେଟ୍ରିକ୍ ନ ଥିବାରୁ ଛାତ୍ରୀଙ୍କୁ ବିଦ୍ୟାଳୟ ବାରଣ



**ରାଇରଙ୍ଗପୁର, ୧୫।୧୨(ସମିସ):** ଜଣେ ଆଦିବାସୀ ଛାତ୍ରୀଙ୍କ ବାଇଓ ମେଟ୍ରିକ୍ ହୋଇପାରୁ ନ ଥିବାରୁ ବିଦ୍ୟାଳୟ ବାରଣ କରାଯାଇଛି। ଏଭଳି ଅଭାବନୀୟ ଘଟଣା ବାମନଘାଟି ଉପଖଣ୍ଡର ବାଦାମପାହାଡ଼ ସରକାରୀ ଆଶ୍ରମ ବାଳିକା ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଅଧାରୁ ପାଠ ଛାଡ଼ିଥିବା ଓ ଆଦୌ ବିଦ୍ୟାଳୟ ଆସି ନ ଥିବା ପିଲାଙ୍କୁ ମୁଖ୍ୟସ୍ରୋତକୁ ଆଣିବାକୁ ସରକାର ଯୋଜନା କରୁଛନ୍ତି। କିନ୍ତୁ ମୟୂରଭଞ୍ଜ ଜିଲ୍ଲାର କୁସୁମୀ ବ୍ଲକ ଅନ୍ତର୍ଗତ ଏହି ବିଦ୍ୟାଳୟରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। କୁମାରୀ ମାନକ ବାସ୍କେର ବାଇଓ ମେଟ୍ରିକ ସମସ୍ୟା ଯୋଗୁଁ ବିଦ୍ୟାଳୟକୁ ଆସିବା ମନା କରିଦେଇଛନ୍ତି। ପ୍ରାୟ ୪/୫ ମାସ ହେବ ବିଦ୍ୟାଳୟ ଯାଇନାହିଁ ମାନକ। ସେ ଷଷ୍ଠ ଶ୍ରେଣୀରୁ ହଷ୍ଟେଲ ରହିଆସୁଥିଲା। ଏବେ ନବମ ଶ୍ରେଣୀ ଛାତ୍ରୀ ଅଟନ୍ତି। ତାଙ୍କ ବାପା ବି ନାହାନ୍ତି। ବିଧବା ମାଆ ମଧ୍ୟ ଭତ୍ତାରୁ ବଞ୍ଚିତ ରହିଛନ୍ତି। କିନ୍ତୁ ତାଙ୍କୁ ବିଦ୍ୟାଳୟକୁ ନ ଆସିବାକୁ କହିବା ସହିତ ହଷ୍ଟେଲରୁ ବାହାର କରିଦେଇଛନ୍ତି। ଏ ନେଇ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କ ନାମରେ ଅଭିଯୋଗ କରିଛନ୍ତି। ଏପରି ପଦକ୍ଷେପ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

# ଦେଉଳିରେ ବିଜେପି କାର୍ଯ୍ୟାଳୟ ଉଦ୍‌ଘାଟିତ

**ଶୁଳିଆପଦା, ୧୫।୧୨(ସମିସ):** ମୋରଡ଼ା ନିର୍ବାଚନମଣ୍ଡଳୀର ଶୁଳିଆପଦା ବ୍ଲକ ୫୩ନଂ ଜୋନର ଦେଉଳିଠାରେ ବିଜେପି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହାର ଉଦ୍‌ଘାଟନ କରିଛନ୍ତି। ପରେ ମନ୍ତ୍ରୀ ଶ୍ରୀ ମହାପାତ୍ର କେତେକ ଭିନ୍ନକ୍ଷମ ଓ ବିଧବା, ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର, କମ୍ବଳ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ମୋର୍ଚ୍ଚା ରାଜ୍ୟ ସଭାପତି କାହ୍ନା ସୋରେନ, ଜିଲ୍ଲା ବିଜେପି ଉପସଭାପତି ପ୍ରଦୀପ ମହାନ୍ତି, ୫୩ନଂ ମଣ୍ଡଳ ସଭାପତି ମନୋଜ ଦା, ବିଜେପିର ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବଳରାମ ସାହୁ, ଅନ୍ତର୍ଯ୍ୟାମୀ କାନୁନଗୋ, ଦୀପକ ବେହେରା, ରବୀନ ମହାପାତ୍ର, ଓମପ୍ରକାଶ ଘୋଷ, ମୁନା ପାଣି ପ୍ରମୁଖ ବିଜେପି କର୍ମୀ ଉପସ୍ଥିତ ଥିଲେ।

ଅଙ୍ଗନବାଡ଼ିରେ ଗୋ-ମାଂସ ରନ୍ଧା

# ଅଙ୍ଗନବାଡ଼ି କର୍ମୀ ନିଲମ୍ବିତ





**କୋଇଡା, ୧୫।୧୨(ସମିସ)**

କୋଇଡା ବ୍ଲକର ଚୋରଧରା ଅଙ୍ଗନବାଡ଼ି କେନ୍ଦ୍ରରେ ରବିବାର ଗୋ ମାଂସ ରାନ୍ଧିବା ଅଭିଯୋଗରେ ଉକ୍ତ କେନ୍ଦ୍ରର ଅଙ୍ଗନବାଡି ଦିଦି ସୁଶେରୀ ମୁଣ୍ଡାଙ୍କୁ ସୋମବାର ସିଡିପିଓ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ସୂଚନାନୁଯାୟୀ, ରବିବାର କୋଇଡଶ ବ୍ଲକର ଚୋରଧରା ଅଙ୍ଗନବାଡ଼ି କେନ୍ଦ୍ରରେ ଗୋ ମାଂସ ରନ୍ଧା ଚାଲିଥିବା ବେଳେ ଗ୍ରାମବାସୀ ଧରିଥିଲେ। ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଧରା ପଡ଼ିବା ପରେ ଆଙ୍ଗନବାଡ଼ି ଦିଦି ସେଠାରୁ ଫେରାର ହୋଇଯାଇଥିଲେ। ତାଙ୍କ ଝିଅ ଓ ଜ୍ୱାଇଁ ଅଧା ରନ୍ଧା ମାଂସକୁ ଫିଙ୍ଗି ଦେଇଥିଲେ। ଆଙ୍ଗନବାଡ଼ି ଦିଦିଙ୍କ ଜ୍ୱାଇଁ ଏହା ଗୋମାଂସ ବୋଲି ଗ୍ରାମବାସୀଙ୍କ ଆଗରେ ସ୍ୱୀକାର କରିଥିଲେ। ଗ୍ରାମବାସୀ ସେ ସମୟର ଭିଡିଓ ରେକର୍ଡିଂ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ କେ ବଲାଙ୍ଗ ପୁଲିସ ଆସି ସ୍ଥିତି ନିୟନ୍ତ୍ରଣ କରିଥିଲା। ଆଙ୍ଗନବାଡ଼ି ଦିଦିଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ଆଜି ସକାଳେ ଗୋ ମାଂସ ଦେଇ ଯାଇଥିଲେ ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ରବିବାର ଥିବାରୁ ଛୁଆମାନେ ଏହି କେନ୍ଦ୍ରକୁ ଆସିନଥିଲେ। ତେଣୁ କାହା ପାଇଁ ଗୋ ମାଂସ ରନ୍ଧା ଚାଲିଥିଲା ତାହା ତଦନ୍ତ ସାପେକ୍ଷ ହୋଇପଡ଼ିଥିଲା। ଆଙ୍ଗନବାଡ଼ି କେନ୍ଦ୍ରରେ ଗୋ ମାଂସ ରନ୍ଧା ହେବା ଘଟଣାକୁ ନେଇ କୋଇଡା ସିଡିପିଓ ଅନିତା ସାହୁ ଆଜି ଘଟଣାସ୍ଥଳରେ ପହଞ୍ଚି ଘଟଣାର ସତ୍ୟତାକୁ ପରଖି ଉକ୍ତ ଅଙ୍ଗନବାଡ଼ି ଦିଦି ସୁଶେରୀ ମୁଣ୍ଡାଙ୍କୁ ନିଲମ୍ବନ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ଆର୍‌ଏସ୍‌ପି ପକ୍ଷରୁ ଇ-ମାର୍କେଟପ୍ଲେସ୍ ଅଧିବେଶନ

**ରାଉରକେଲା, ୧୫।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ସାମଗ୍ରୀ ପରିଚାଳନା (ଏମଏମ) ବିଭାଗରେ କ୍ରେତା ଏବଂ ବିକ୍ରେତାଙ୍କ ପାଇଁ ସରକାରୀ ଇ-ମାର୍କେଟପ୍ଲେସ୍ (ଜିଇଏମ୍) ଉପରେ ଏକ ଯୋଗାଯୋଗ ଅଧିବେଶନ ଡିସେମ୍ବର ୧୧ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଇଏମ୍‌ର ପ୍ରମୁଖ ପ୍ରକ୍ରିୟା ଏବଂ କାର୍ଯ୍ୟକାରିତା ବିଷୟରେ ଅଂଶଗ୍ରହଣକାରୀଙ୍କୁ ସଚେତନ କରାଯାଇଥିଲା। ଏମଏମ ବିଭାଗର ପିଆଇଡିଡି ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏମଏମ, ପ୍ରକଳ୍ପ ଏବଂ ସିସି (କାର୍ଯ୍ୟ) ବିଭାଗର ଅଧିକାରୀ ଏବଂ ଏମ୍-ଜଙ୍କସନ୍ ଏବଂ ଭେଣ୍ଡର ପ୍ରତିନିଧି ଏହିଭଳି ପ୍ରାୟ ୧୦୦ ଜଣ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ। ଏମଏମ ପର୍ଚ୍ଛେଜ ବିଭାଗର ସିଜିଏମ ଟି. ବିନୋଦ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଅଧିବେଶନରେ ଅଧକ୍ଷତା କରିଥିଲେ। ସନ୍ଧ୍ୟା ଅଧିବେଶନରେ ସିସିଡବ୍ଲ୍ୟୁ ବିଭାଗର ସିଜିଏମ ଆଲୋକ କୁମାର ବେହେରା ଅଧକ୍ଷତା କରିଥିଲେ। ଅଧିବେଶନକୁ ଜିଇଏମ୍ ପ୍ରଶିକ୍ଷକ ଆନନ୍ଦ କିଶୋର ମିଶ୍ର ପରିଚାଳନା କରିଥିଲେ। ଏମଏମ ପର୍ଚ୍ଛେଜ ବିଭାଗର ଜିଏମ ଅସୀମ ଅପୂର୍ବ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ। ଏମଏମ ପର୍ଚ୍ଛେଜ ବିଭାଗର ଡେପୁଟି ମ୍ୟାନେଜର ଏମ୍.ସି. କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



# କାର୍ ଧକ୍କାରେ ୨ ଛାତ୍ର ଗୁରୁତର

**ରାଉରକେଲା, ୧୫।୧୨(ସମିସ):** ରିଙ୍ଗ ରୋଡଠାରେ କାର ଧକ୍କାରେ ୨ ଜଣ ଛାତ୍ର ଗୁରୁତର ହୋଇଛନ୍ତି। ଦୁହିଁଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଯାଇଛି। ସେକ୍ଟର -୧୩ ରିଙ୍ଗ ରୋଡଠାରେ ସୋମବାର ଅପରାହ୍ନ ସମୟରେ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ମୁତାବକ, ସେକ୍ଟର ପଟୁ ଛେଣ୍ଡ ଆଡ଼କୁ ଯାଇଥିବା ରାସ୍ତା ତଥା ସେକ୍ଟର -୧୪ରୁ ସେକ୍ଟର -୧୩ ଯାଏଁ ରାସ୍ତା ମରାମତି କାର୍ଯ୍ୟ ଜାରି ରହିଛି। ତେବେ ଗୋଟିଏ ପାଖ ରାସ୍ତାରେ ଯାତାୟାତ ହେଉଥିଲା। ହଠାତ୍ ସ୍କୁଟିରେ ଯାଉଥିବା ଛାତ୍ର ଦ୍ୱୟଙ୍କୁ କାର ଧକ୍କା ଦେଇଥିଲା। ଫଳରେ ଦୁହେଁ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଅପରପକ୍ଷେ ଦୁର୍ଘଟଣା ଘଟାଇବା ପରେ କାର୍ ଚାଳକ ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ବାଇକ୍ ଧକ୍କାରେ ଯୁବତୀ ଆହତ

**ରାଉରକେଲା, ୧୫।୧୨(ସମିସ):** ମୁଖ୍ୟ ରାସ୍ତାରେ ବାଇକ୍ ଧକ୍କାରେ ଜଣେ ଯୁବତୀ ଆହତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଉଦିତନଗର ପଟୁ ଏସଟିଆଇ ଆଡକୁ ଯାଇଥିବା ରାସ୍ତା ତଥା ଓଭରବ୍ରିଜ ତଳ ରାସ୍ତାରେ ସୋମବାର ଅପରାହ୍ନ ବେଳେ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ମୁତାବକ, ସ୍କୁଟି ଯୋଗେ ଯୁବତୀ ଜଣକ ଯାଉଥିଲେ। ହଠାତ୍ ବାଇକ୍ ଚାଳକ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଯୁବତୀ ରାସ୍ତାରେ ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ବାଇକ୍ ଚାଳକଙ୍କୁ ଧରି ପୁଲିସ ଜିମା ଦେଇଥିଲେ।

# ବାର୍ଷିକ ଖେଳକୁଦ ପ୍ରତିଯୋଗିତା

**ରାଉରକେଲା, ୧୫।୧୨(ସମିସ):** ବନ୍ଧମୁଣ୍ଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ଅନୀଲ ବରଣ ଷଡ଼ଙ୍ଗୀ ଯୋଗ ଦେଇ କ୍ରୀଡ଼ା ହେଉଛି ପ୍ରେରଣା, ସକାରାତ୍ମକ ସାହସ, ଦକ୍ଷତା ଏବଂ ଏକାଗ୍ରତାର ମାଧ୍ୟମ ବୋଲି କହିବା ସହ ଛାତ୍ରମାନଙ୍କ ବିକାଶ ପାଇଁ କ୍ରୀଡା ବିଦ୍ୟାଳୟ ପାଠ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ମୁଖ୍ୟବକ୍ତା ଭାବେ ଗୋଦାବରୀଶ ଶତପ୍ଥୀ କ୍ରୀଡା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ସୁରେନ୍ଦ୍ର କୁମାର ଶତପଥୀ କ୍ରୀଡା, ଦୈନିକ ଜୀବନଯାପନ ଓ ଶୃଙ୍ଖଳାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପରିଚାଳନା ସମିତିର ସଭାପତି ଡି.ଆପ୍ପା ରାଓ ଶାରୀରିକ ଓ ମାନସିକ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ପାଦକ ମନୋଜ ପଣ୍ଡା, କୋଷାଧ୍ୟକ୍ଷ ରାଜେଶ ଦଲେଇ, ସଦସ୍ୟା ଅନୀତା ସାହୁ ଓ ମାନୀନି ସରଦାର୍ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଧନଞ୍ଜୟ ଚୌଧୁରୀ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗିରିଧାରୀ ଦଳେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦୌଡ଼, ଡିଆଁ ଭଳି ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ସନତ୍ ରାୟଙ୍କ ତିରୋଧାନ ଦିବସ



**ରାଉରକେଲା, ୧୫।୧୨(ସମିସ):** କଲଚରାଲ ଏକାଡେମୀ ପରିସରରେ ସନତ୍ ରାୟ ସ୍ମୃତିକମିଟି ଆନୁକୂଲ୍ୟରେ ସଭାପତି ପଶୁପତିନାଥ ଚାଟାର୍ଜୀ ଏବଂ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ଅଧାପକ ସନତ୍ ରାୟଙ୍କ ପଞ୍ଚଦଶତମ ତିରୋଧାନ ଦିବସ ଓ ସାରସ୍ୱତ ସ୍ମୃତି ତର୍ପଣ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ପଶୁପତିନାଥ ଚାଟାର୍ଜୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଭାରତ ଭୂଷଣ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଡ. ପ୍ରଭାତ କୁମାର ମଲ୍ଲିକ, ଡ. ଅଶ୍ୱିନୀ କୁମାର ରାୟ ବରେଣ୍ୟ ବକ୍ତା ରୂପେ ଯୋଗଦେଇଥିଲେ। ଏଥିରେ ମାଲକାନଗିରିରେ ଶିକ୍ଷା ପ୍ରଶିକ୍ଷକ ରୂପେ କାର୍ଯ୍ୟରତ କବି ହେମନ୍ତ କୁମାର ଦଳପତିଙ୍କୁ ସନତ୍ ରାୟ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସନତ୍ ରାୟ କାବ୍ୟ ସମଗ୍ରର ପ୍ରକାଶକ ଶ୍ରୀ ମହାପାତ୍ର ସନତ୍ ରାୟଙ୍କ ତିରୋଧାନ ପରେ କିଭଳି ବିଭିନ୍ନ ବାଧାବିଘ୍ନଭିତରେ ତାଙ୍କର ପାଣ୍ଡୁଲିପିକୁ ସଂଗ୍ରହ କରାଯାଇ ଗ୍ରନ୍ଥାବଳୀ ପ୍ରକାଶନ କରାଯାଇଥିଲା, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସନତ୍‌ଙ୍କ କବିତା ସହିତ ପ୍ରଗତିଶୀଳ କବିତା ପାଠୋତ୍ସବରେ ଡଃ କୃପାସିନ୍ଧୁ ନାୟକ, ପ୍ରଶାନ୍ତ କୁମାର ପତି, ବଳରାମ ରାଉଳ, ତ୍ରିନାଥ ସିଂହ, ଅଙ୍ଗୁରବାଳା ପରିଡ଼ା, ପରେଶ କୁମାର ବିଶ୍ୱାଳ, ମୀନକେତନ ପଶାୟତ, ପ୍ରତାପ କୁମାର ପଣ୍ଡା, ଧୋବେଇ ବେହେରା, ଅଶୋକ କୁମାର ପଟ୍ଟନାୟକ, କୁଞ୍ଜବିହାରୀ ରାଉତ, ଗୀତାରାଣୀ ବେହେରା, ସୁଶାନ୍ତ କୁମାର ନାୟକ, ଗଙ୍ଗାଧର ପୁହାଣ, ସୁସ୍ମିତା ମହାପାତ୍ର, ଭାରତ ଭୂଷଣ ମହାନ୍ତି, ଧନଞ୍ଜୟ ମଲ୍ଲିକ, ସଂଘମିତ୍ରା ମହାରଣା ପ୍ରମୁଖ କବିତା ପାଠ କରିଥିଲେ। ଏହି ସାରସ୍ୱତ ସ୍ମୃତି ସମାରୋହରେ ରାଉରକେଲାର ବିଭିନ୍ନ କଲେଜର ଛାତ୍ରଛାତ୍ରୀ, ଅଧାପକ ତଥା ସାହିତ୍ୟାନୁଷ୍ଠାନର ସଦସ୍ୟ ଗଗନ ବିହାରୀ ଧଳ, ସ୍ୱର୍ଣ୍ଣଲତା ରାୟ, ସୁକାନ୍ତି ତ୍ରିପାଠୀ, ବାସୁଦେବ ସାହୁ, ସୁରେଶ କୁମାର ଶତପଥୀ, ବ୍ରଜେନ୍ଦ୍ର ଦାଶ, ପ୍ରଶାନ୍ତ କୁମାର ବେହେରା, ଅକ୍ଷୟ କୁମାର ସାମଲ, କାଶୀନାଥ ପାତ୍ର, ସଞ୍ଜୀବ ଭୋଇ, ବିଜୟିନୀ ଜେନା, କାଶୀନାଥ ନନ୍ଦୀ, ଡଃ ନଗେନ ଦାସ, ରାଧାମୋହନ ନାୟକ, ଶ୍ରୀଧର ସୁନା, ସୁକାନ୍ତ ମହାପାତ୍ର, ରୋଜାଲିନ ମଲ୍ଲିକ, ଶୁଭସ୍ମିତା ସାହୁ, ସବିତା ପରିଡ଼ା, ନିରୁପମା ନାୟକ, ଗୌତମ ଦାସ, ଅଭିରାମ ପ୍ରଧାନ, ଭଗବାନ ପରିଡ଼ା, ପ୍ରବୀର କୁମାର ଦୁବେ, ମନୋରମା ସାହୁ, ଲକ୍ଷ୍ମୀକାନ୍ତ ମହାପାତ୍ର, ଅଶୋକ କୁମାର ରାଉତ, ଦେବେନ୍ଦ୍ର ମହାରଣା, ଦେବସ୍ମିତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନା କବି ସୁସ୍ମିତା ମହାପାତ୍ର ପରିଚାଳନା କରିଥିଲେ। ପରିଶେଷରେ କବି ପ୍ରତାପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବଣାଇଁରେ ଖୋଲିଲା ଧାନ ମଣ୍ଡି

# ଧାନ ବିକ୍ରି କରିବେ ୨୬୦୨ ଚାଷୀ



**ବଣାଇଁ, ୧୫।୧୨(ସମିସ):** ଆଜି ବଣାଇଁ ନିୟନ୍ତ୍ରୀତ ବଜାର କମିଟି ପକ୍ଷରୁ ଦରେଇକଳା ଠାରେ ଚାଷୀଙ୍କ ଠାରୁ ଧାନ କ୍ରୟ ପାଇଁ ଧାନ ମଣ୍ଡିର ଶୁଭାରମ୍ଭ ହୋଇଯାଇଛି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ଜିଲ୍ଲା ଅଧିକାରୀ ରଶ୍ମିବାଳା ବେହେରା, ସୁନ୍ଦରଗଡ଼ ସମବାୟ ସମିତି ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟ ବୀର ବିଚିତ୍ର ସେନ ନାୟକ, ରାମଚନ୍ଦ୍ର ସାହୁ, ଲ୍ୟାମ୍ପ ସଭାପତି ଭାସ୍କର କିସାନ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ହରେନ୍ଦ୍ର ବାରିକ ପରିଚାଳନା କରିଥିଲେ। ମଣ୍ଡିରେ ଧାନ ବିକ୍ରୟ କରିବାକୁ ୨୬୦୨ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ପାଞ୍ଚ ଜଣ ଚାଷୀଙ୍କ ଠାରୁ ୧୦୫ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଚାଷୀଙ୍କ ଧାନ କ୍ରୟ ପାଇଁ ସରକାରଙ୍କ ପକ୍ଷରୁ ତିନି ଜଣ ମିଲର ନିୟୋଜିତ ହୋଇଥିବା ବେଳେ ଏଫ୍‌ଏକ୍ୟୁମାନକୁ ନେଇ ଚାଷୀ ଓ ମିଲରଙ୍କ ମଧ୍ୟରେ ଟଣା ଓଟରା ଚାଲିଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ମଣ୍ଡିରୁ ଧାନ ଉଠି ନଥିଲା। ବହୁ କଷ୍ଟରେ ଚାଷୀ ତାର ଧାନ ଉପାର୍ଜନ କରି ମଣ୍ଡିକୁ ଧାନ ବିକ୍ରୟ ପାଇଁ ଆସିଥିବା ବେଳେ ମିଲର କିନ୍ତୁ ବିନା କଟନୀରେ ଧାନ କ୍ରୟ କରିବାକୁ ଅମଙ୍ଗ ହେଉଥିବା ଦେଖିବାକୁ ମିଳିଛି। ଲ୍ୟାମ୍ପସ ଅଧିକାରୀ ହସ୍ତକ୍ଷେପ କରିବା ପରେ ଧାନ କ୍ରୟ ସୁରୁଖୁରୁରେ ହୋଇଥିବା ଜଣାପଡ଼ିଛି।

# ମଣ୍ଡଳସ୍ତରୀୟ ଗଜସାଥି ଓ ବିଦ୍ୟୁତ୍ ପ୍ରହରୀଙ୍କ ପ୍ରଶିକ୍ଷଣ




**ବଣାଇଁ, ୧୫।୧୨(ସମିସ):** ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଜି ଗଜସାଥୀ ଓ ବିଦ୍ୟୁତ ପ୍ରହରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିର୍ଦ୍ଦେଶ କ୍ରମେ ଆଜି ରାଉରକେଲା ମଣ୍ଡଳ ପକ୍ଷରୁ ବଣାଇଁ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଉରକେଲା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ରାମା ସ୍ୱାମୀ ପି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚଡି ଧନରାଜ ଯୋଗ ଦେଇଥିଲେ। ବର୍ତ୍ତମାନ ବିଭିନ୍ନ ବନଖଣ୍ଡରେ ଧାନ ଫସଲ ଅମଳ ଚାଲିଥିବା ବେଳେ ହାତୀ ମଣିଷ ଲଢେଇକୁ ପ୍ରତିହତ କରି, ହାତୀଙ୍କ ଗତି ଅନୁଧ୍ୟାନ ଓ ନିୟନ୍ତ୍ରଣ କରିବା, ଗୃହ ଓ ଫସଲ ହାନି ଉପରେ ନଜର ରଖି ଧନ ଜୀବନର ସୁରକ୍ଷା ସହ ଶିକାରୀ ଓ ବିଦ୍ୟୁତ ସଂସ୍ପର୍ଶରୁ ହାତୀଙ୍କୁ ସୁରକ୍ଷା ଦେବା ପାଇଁ ଗଜସାଥୀ ଓ ବିଦ୍ୟୁତ ପ୍ରହରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ମାଷ୍ଟର ଟ୍ରେନର ଭାବେ ଭୁବନେଶ୍ୱର ମୁଖ୍ୟ ବନ ବିଭାଗ କାର୍ଯ୍ୟାଳୟରୁ ସହକାରୀ ବନ ସଂରକ୍ଷକ ସୋମ୍ୟରଞ୍ଜନ ସାହୁ ଏବଂ ଗୁରୁତ୍ୱପୂର୍ଣ୍ଣ ତଦନ୍ତ ଏବଂ ଶିକ୍ଷା କର୍ମଶାଳା ପକ୍ଷରୁ ଡଃ କେକେ ପାଣିଗ୍ରାହୀ ଯୋଗଦେଇ ବନ୍ୟଜନ୍ତୁ ଅପରାଧ ମାମଲା ଉପରେ ବନ କର୍ମଚାରୀ ଓ ଗଜସାଥୀଙ୍କ କର୍ତ୍ତବ୍ୟ ଉପରେ ଆଇନଗତ ବିଶେଷ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସହକାରୀ ବନ ସଂରକ୍ଷକ ରବିକାନ୍ତ ମୀନା, ଦୁର୍ଯ୍ୟୋଧନ ଜେରେଇ, ନଳିନୀ କାନ୍ତ ବେହେରା, ଅରୁଣ କୁମାର ବେହେରା, ଅକ୍ଷୟ ଛତ୍ରିଆ ଉପସ୍ଥିତ ରହିଥିଲେ। କେନ୍ଦୁଝର, ଦେବଗଡ଼ ଓ ବଣାଇଁ ବନଖଣ୍ଡର ୧୮୦ରୁ ଊର୍ଦ୍ଧ୍ୱ ଗଜସାଥି ଓ ବିଦ୍ୟୁତ ପ୍ରହରୀ ପ୍ରଶିକ୍ଷଣ ନେଇଥିଲେ। ତିନୋଟି ବନଖଣ୍ଡର ସମସ୍ତ ରେଞ୍ଜରୁ ସମସ୍ତ ରେଞ୍ଜ ଅଧିକାରୀ, ଫରେଷ୍ଟର ଓ ଅନ୍ୟାନ୍ୟ ବନ କର୍ମଚାରୀ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପିରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ

**ରାଉରକେଲା, ୧୫।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଡିସେମ୍ବର ୧୪ ତାରିଖରେ ଅବଶିଷ୍ଟ ଦେଶବାସୀଙ୍କ ସହ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନରେ ସାମିଲ ହୋଇଛି। ଏହି ଦିବସ ପାଳନ ଉପଲକ୍ଷେ ଶକ୍ତି ପରିଚାଳନା ବିଭାଗ (ଇଏମ୍‌ଡି) ଦ୍ୱାରା ବିଭାଗୀୟ ସମ୍ମିଳନୀ କକ୍ଷରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଇଏମଡି ବିଭାଗର ସିଜିଏମ ପିଏସ୍ କାନ୍ନନ ଅଧକ୍ଷତା କରିଥିଲେ। ଏହି ତଥା ବ୍ୟବସ୍ଥିତ ପଦକ୍ଷେପ ମାଧ୍ୟମରେ ଶକ୍ତି ବ୍ୟବହାର ଓ କାର୍ବନ ଫୁଟ ପ୍ରିଣ୍ଟ ହ୍ରାସ କରିବା ପ୍ରତି ଆରଏସପିର ପ୍ରତିବଦ୍ଧତାକୁ ପୁଣିଥରେ ଦୋହରାଇ ଥିଲେ। ପୂର୍ବରୁ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ସମୟରେ ଏକ ସଚେତନତା ଅଧିବେଶନ ମଧ୍ୟ ଆୟୋଜନ କରାଯାଇଥିଲା। ଯେଉଁଥିରେ ଇଏମଡି ବିଭାଗର ଡିଜିଏମ ବି ପି ପାଣ୍ଡେ ଶକ୍ତି ସଂରକ୍ଷଣ ଉପରେ ଏକ ବ୍ୟାପକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ସେ ଆରଏସପି ଦ୍ୱାରା



ଅବସରରେ ଇଏମଡି ବିଭାଗର ଜିଏମ ସନ୍ତୋଷ ଖାଖା, କେକେ ବାର୍ଲାଙ୍କ ସମେତ ବିଭାଗର ବହୁ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ। ଶ୍ରୀ କାନ୍ନନ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧି ସୁନିଶ୍ଚିତ କରିବାରେ ଶକ୍ତି ସଂରକ୍ଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହିତ ଅଭିନବ ଗ୍ରହଣ କରାଯାଇଥିବା ବିଭିନ୍ନ ଶକ୍ତି ସଞ୍ଚୟ ପଦକ୍ଷେପ ଉପରେ ଆଲୋକପାତ କରି କାର୍ବନ ଫୁଟପ୍ରିଣ୍ଟ ହ୍ରାସ କରିବା ପାଇଁ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଏଥିସହ କାର୍ବନ କ୍ରେଡିଟ୍ ଟ୍ରେଡିଂ ସ୍କିମ୍ (ସିସିଟିଏସ୍) ସହ ଜଡିତ ସବିଶେଷ ବିକାଶ ଉପରେ ମଧ୍ୟ ତଥ୍ୟ ପ୍ରଦାନ କରିଥିଲେ।

# ପ୍ଲାଷ୍ଟିକ୍‌ମୁକ୍ତ ପିକ୍‌ନିକ୍ ଚ୍ୟାଲେଞ୍ଜ କାର୍ଯ୍ୟକ୍ରମ

**କୁତ୍ରା, ୧୫।୧୨(ସମିସ):** ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ୟୁଥ୍ ଫର ୱାଟର ଭଳି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନର ମିଳିତ ସହଯୋଗରେ କାର୍ଯ୍ୟକାରୀ ହୋଇଥିବା ପ୍ଲାଷ୍ଟିକ ମୁକ୍ତ ପିକନିକ ଚ୍ୟାଲେଞ୍ଜ କାର୍ଯ୍ୟକ୍ରମ ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ୍ ଦ୍ୱାରା ଆୟୋଜିତ ହୋଇଯାଇଛି। ପିକ୍‌ନିକ୍ ସ୍ଥଳ ଏବଂ ପର୍ଯ୍ୟଟନ ସ୍ଥଳୀରୁ ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ଆବର୍ଜନା ସଫା କରିବା ଏହି ଅଭିଯାନର ପ୍ରାଥମିକ ଲକ୍ଷ୍ୟ ଅଟେ। ରାଜ୍ୟ ପ୍ରଦୂଷଣ ବୋର୍ଡ ଦ୍ୱାରା ଚିହ୍ନିତ ହୋଇଥିବା ପିତାମହଲ ଡ୍ୟାମରେ ଏହି ଅଭିଯାନଟି ଇକୋ କ୍ଲବ୍ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ଼ଃ ଅମରେଶ ସାହୁ, ଇକୋ କ୍ଲବ୍ ଇନଚାର୍ଜ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ଓ ଏନର୍ଜିକ୍ଲବ ଇନଚାର୍ଜ ଶିକ୍ଷକ ହରେକୃଷ୍ଣ ସାହୁଙ୍କ ମିଳିତ ନେତୃତ୍ୱରେ ଏହି ଅଭିଯାନ ଆୟୋଜନ କରାଯାଇଥିଲା। ପ୍ଲାଷ୍ଟିକର ପରିବେଶ ଉପରେ କୁପ୍ରଭାବ ବିଷୟରେ ଲୋକମାନଙ୍କୁ ଅବଗତ କରାଇବା ସଂଗେ ସଂଗେ ସଚେତନତା ସୃଷ୍ଟି କରାଯାଇଥିଲା। ଏକକ ବ୍ୟବହାର ପ୍ଲାଷ୍ଟିକର ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଇକୋ କ୍ଲବ୍ ଛାତ୍ରଛାତ୍ରୀମାନେ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ବିଶେଷ ନିଜର ଦାୟିତ୍ୱ ବୁଝି ପରିବେଶକୁ ସୁସ୍ଥ ଓ ସୁନ୍ଦର ରଖିବାରେ ସମସ୍ତେ ସହଯୋଗ କରିବା ପାଇଁ ଛାତ୍ରଛାତ୍ରୀମାନେ ଅନୁରୋଧ କରିଥିଲେ। ଏହି ଅଭିଯାନରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ମନଭାଙ୍ଗୀ ନାଏକ, କିରନ ଏକ୍କା, କରିସ୍ମା କେର୍କେଟା, ସୁମିତ୍ରା ବାର୍ଲା, ମାର୍ସିଆ ଟେଟେ, ଅଞ୍ଜଳି ତିଗ୍ଗା, ସାନିକା ଖାଲଖୋ, ରୋମାଞ୍ଚ ତଣ୍ଡିଆ, ଉମାଶଙ୍କର ମଲ୍ଲିକ ଓ ଜର୍ଜ ବରୁଆ ପ୍ରମୁଖ ସହଯୋଗ କରିଥିଲେ।

# କୋକ୍ ଓଭେନ୍ ବ୍ୟାଟେରିରେ ସିସିଟିଭି, ରାଡାର କାର୍ଯ୍ୟକ୍ଷମ

**ରାଉରକେଲା, ୧୫।୧୨(ସମିସ)**



କର୍ମକ୍ଷେତ୍ର ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ସହିତ ଉନ୍ନତ ପ୍ରଯୁକ୍ତିବିଦ୍ୟା ପ୍ରଚଳନତା ଗ୍ରହଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କୋକ୍ ଓଭେନ୍ ବ୍ୟାଟେରୀ ନଂ ୧, ୩, ୪ ଏବଂ ୫ ର ରାମ୍ କାର ଏବଂ ଗାଇଡ୍ କାର୍‌ରେ ସିସିଟିଭି ଏବଂ ରାଡ଼ାର ଆଧାରିତ ନିରୀକ୍ଷଣ ପ୍ରଣାଳୀ ସଫଳତାର ସହିତ କାର୍ଯ୍ୟକାରୀ କରାଯାଇଛି। ଏହି ପ୍ରକଳ୍ପଟି ବିଶାଖାପାଟଣାର ମେସର୍ସ ଲୋଟସ୍ ୱାୟରଲେସ୍ ଟେକ୍ନୋଲୋଜିସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ମାଧ୍ୟମରେ ପ୍ରାୟ ୧.୬୦ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ କରାଯାଇଛି। ଉଲ୍ଲେଖଯୋଗ୍ୟ, ରାମ୍ କାର ଏବଂ ଗାଇଡ୍ କାର୍ ଦ୍ୱାରା ନିଷ୍କାସନ, ଫ୍ରେମ୍ ସଫା କରିବା, କୋକ୍ ପୁସିଂ ଏବଂ ହଟ୍ କୋକ୍‌କୁ କ୍ୱେନଚିଂ କାର୍‌ରେ ଗାଇଡ୍ କରିବା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରାଯାଇଥାଏ। ଅପରେଟର୍ କ୍ୟାବିନ୍ ଏବଂ ବଡ଼ ସଂରଚନାକ ଆସେମ୍ବଲିଗୁଡ଼ିକର ସ୍ଥିତି ଯୋଗୁଁ ଅପରେଟମାନେ କାର୍ଯ୍ୟକ୍ଷମ ଟ୍ରାକ୍ ସହିତ କାମ କରୁଥିବା ଡୋର ମ୍ୟାନ ଏବଂ ଅନ୍ୟ କର୍ମଚାରୀଙ୍କୁ ସୀମିତ ରୂପେ କିମ୍ବା ଦେଖିପାରୁନଥିବା ଯୋଗୁଁ ବିଶେଷକରି ରାତ୍ରିକାଳୀନ କାର୍ଯ୍ୟ ସମୟରେ, ଏହା ଗୁରୁତର ସୁରକ୍ଷା ବିପଦ ସୃଷ୍ଟି କରୁଥିଲା। ଏହି ଆହ୍ୱାନଗୁଡ଼ିକୁ ସମାଧାନ କରିବା ଏବଂ ଆଦୌ ଦୃଶ୍ୟମାନତା ନ ଥିବା ସ୍ଥାନଗୁଡ଼ିକର ସ୍ଥିତି ସମସ୍ୟା ଦୂର କରିବା ପାଇଁ ସିସିଟିଭି ଆଧାରିତ ନିରୀକ୍ଷଣ ବ୍ୟବସ୍ଥାର ଏକ ଅଂଶ ଭାବରେ ୧୬ଟି ରାମ୍ କାର୍ ଏବଂ ଗାଇଡ୍ କାରରେ ଦୃଢ଼ ଆଇପି ୬୭ ଷ୍ଟେନଲେସ୍ ଷ୍ଟିଲ୍ ଏନକ୍ଲୋଜରରେ ରଖାଯାଇଥିବା ୮୦ଟି ଶିଳ୍ପ-ଗ୍ରେଡ୍ ଇନଫ୍ରାରେଡ୍ ନାଇଟ୍-ଭିଜନ୍ କ୍ୟାମେରା ସ୍ଥାପିତ ହୋଇଛି। ଏହି ବ୍ୟବସ୍ଥା ଅପରେଟରମାନଙ୍କୁ ଦିନ ଏବଂ ରାତି ଉଭୟ ସମୟରେ କାର୍ଯ୍ୟକ୍ଷମ ପ୍ଲାଟଫର୍ମ ଏବଂ ଗତି କ୍ଷେତ୍ରର ନିରନ୍ତର ବାସ୍ତବ ସମୟ ଦୃଶ୍ୟମାନତା ପ୍ରଦାନ କରିବ। ଏଥିସହ ମେସିନ୍ ଗତି ବିଷୟରେ କର୍ମଚାରୀମାନଙ୍କୁ ସତର୍କ କରିବା ପାଇଁ ଓଭେନ ମେସିନ୍‌ର ଉଭୟ ପାର୍ଶ୍ୱରେ ସାଇରନ୍ ଏବଂ ଭିଜୁଆଲ୍ ଫ୍ଲାସର୍ ମଧ୍ୟ ସ୍ଥାପିତ ହୋଇଛି। ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ଆଠଟି ଗାଇଡ୍ କାର୍‌ରେ ଏକ ରାଡ଼ାର ଆଧାରିତ ପ୍ରୋକ୍ସିମିଟି ଡିଟେକ୍ସନ୍ ସିଷ୍ଟମ୍ ସ୍ଥାପିତ ହୋଇଛି, ଯାହା କୋକ୍ ଓଭନ୍ ବ୍ୟାଟେରୀ ନମ୍ବର ୧, ୩, ୪ ଏବଂ ୫ରେ ୩୨ ଟି ରାଡାର ସେନ୍ସର ନିୟୋଜିତ ହୋଇଛି। ସିଷ୍ଟମ୍ ସ୍ୱୟଞ୍ଚାଳିତ ଭାବରେ ଗାଇଡ୍ କାର୍ ଟ୍ରାକ୍ ସହିତ ପାଞ୍ଚ ମିଟର ସୁରକ୍ଷା ଜୋନ୍‌ରେ ପ୍ରବେଶ କରୁଥିବା ଯେକୌଣସି ବ୍ୟକ୍ତି କିମ୍ବା ବସ୍ତୁକୁ ଚିହ୍ନଟ କରିବ ଏବଂ ତୁରନ୍ତ ଲମ୍ବା ଯାତ୍ରା ଗତିବିଧିର ଏକ ସ୍ୱୟଞ୍ଚାଳିତ ଷ୍ଟପକୁ ଟ୍ରିଗର କରିବ ଯାହା ଦ୍ୱାରା ଧକ୍କାକୁ ରୋକାଯାଇ ପାରିବ ଏବଂ କେବଳ ଅପରେଟର୍ ଦୃଶ୍ୟମାନତା ଉପରେ ନିର୍ଭରଶୀଳତାକୁ ମଧ୍ୟ ଦୂର କରାଯାଇପାରିବ ବୋଲି କୁହାଯାଇଛି। ଏହି ନୂତନ ବ୍ୟବସ୍ଥାକୁ ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ସିଜିଏମ ହିରାଲାଲ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରିଫ୍ରାକ୍ଟୋରିଜ୍ ବିଭାଗର ସିଜିଏମ ଏସ୍‌ଏସ୍ ପଣ୍ଡା, ସିସିଡି ବିଭାଗର ଜିଏମ୍ ବିକେ ତିୱାରୀ, ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା, ସିଓ ବିଭାଗର ଜିଏମ କେ. ଶ୍ରିନିଭାସୁଲୁ, ସିଓ ଇଲେକଟ୍ରିକାଲ ବିଭାଗର ଜିଏମ ଏବଂ ଏଚଓଏସ ଏକେ ବାରା, ସିଓ ମେକାନିକାଲ ବିଭାଗର ଜିଏମ ଏବଂ ଏଚଓଏସ ଏସ୍. ଚନ୍ଦା, କୋକ ଓଭେନ୍ସ ବିଭାଗର ଡିଏସଓ ଏମ୍. ଚୌରାସିଆଙ୍କ ସମେତ ବିଭାଗର ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପକୁ ସିଓ ସିସିଡି ବିଭାଗର ସିଜିଏମ୍ ଆର୍ ଜୋଶୀଙ୍କ ସକ୍ରିୟ ମାର୍ଗଦର୍ଶନରେ ସିଓ ଇଲେକଟ୍ରିକାଲ ବିଭାଗର ଡିଜିଏମ ଏ.କେ. ପ୍ରଧାନ ଏବଂ ସିଓ ଇଲେକଟ୍ରିକାଲ ବିଭାଗର ଡିଜିଏମ ବି.ସି. ସାହୁ ସଫଳତାର ସହିତ କାର୍ଯ୍ୟକାରୀ ଏବଂ କମିଶନିଙ୍ଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୋକ ଓଭେନ ବିଭାଗର ସିନିୟର ମ୍ୟାନେଜର ଧୀରଜ କୁମାର ସଂଯୋଜନା କରିଥିଲେ।

## ଫାର୍ମହାଉସ ଭଙ୍ଗରୁଜା ଓ ଆକ୍ରମଣ ଘଟଣା

# ୪ ମାମଲା ରୁଜୁ; ୪ ଗିରଫ

**କବାଟବନ୍ଧ, ୧୫।୧୨(ସମିସ)**

ଧର୍ମଶାଳାରେ ପୂର୍ବତନ ବିଧାୟକଙ୍କ ଫାର୍ମହାଉସରେ ବିଜେଡି କର୍ମୀଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ସୋମବାର ରାତି ସୁଦ୍ଧା ୪ ଜଣଙ୍କୁ ଗିରଫ କରାଯାଇଥିବା ପୁଲିସ୍ ସୂଚନା ଦେଇଛି। ଜେନାପୁର ଥାନାରେ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଦେଇଥିବା ସୂଚନା ଅନୁସାରେ, ପୂର୍ବତନ ବିଧାୟକଙ୍କ ଫାର୍ମ ହାଉସରେ ଭଙ୍ଗା ରୁଜା ଘଟଣାରେ ଡିଆଇଜି ଏବଂ ଯାଜପୁର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ନିଜ ଆଡୁ ୪ ଗୋଟି ମାମଲା ରୁଜୁ କରି ବିଭିନ୍ନ ଜାଗାରେ ଚଢ଼ଉ କରି ୪ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି।



ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଯାଜପୁର ରୋଡ୍ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି।

ତେବେ ବିଜେପି ପକ୍ଷରୁ ଜେନାପୁର ଥାନାରେ ଦିଆଯାଇଥିବା ଧାରଣା ସୋମବାର ରାତି ପ୍ରାୟ ୮.୩୦ ମିନିଟରେ ପ୍ରତ୍ୟାହାର ହୋଇଯାଇଛି। ଅନ୍ୟପକ୍ଷରେ ବିଜେଡି ପକ୍ଷରୁ ଚାଲିଥିବା ଧାରଣା ପ୍ରତ୍ୟାହାର ହୋଇନାହିଁ। ନ୍ୟାୟ ପାଇବା ପାଇଁ ଦାବି କରି ତଥା ଆକ୍ରମଣକାରୀଙ୍କୁ ଗିରଫ କରାଗଲେ ଧାରଣାରୁ ଉଠିବୁ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଆକ୍ରମଣକାରୀମାନେ ବିଜେପି ଦଳର ବୋଲି ବିଜେଡି ଅଭିଯୋଗ କରୁଥିବା ବେଳେ ସମାନ ଭାବରେ ପାଲଟା ଅଭିଯୋଗ କରିଛି ବିଜେପି। ବିଜେପିର ସୁନୀଲ ପଣ୍ଡା ନାମକ ଜଣେ କର୍ମୀ ସେହି ରାସ୍ତା ଦେଇ ଢେଙ୍କାନାଳରୁ ଜାରକା ଫେରୁଥିବା ବେଳେ ବିଜେଡିର କିଛି ଯୁବକ ତାଙ୍କୁ ଅଟକାଇ ଆକ୍ରମଣ କରିଥିବା ସେ ଜେନାପୁର ଥାନାରେ ଅଭିଯୋଗ କରିଛନ୍ତି।

## ଶୌଚ ହେବାକୁ ଯାଉଥିବା ବେଳେ ରାସ୍ତାରେ ପଡ଼ି ମୃତ

**ତୁରୁମୁଙ୍ଗା,୧୫।୧୨(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ତୁରୁମୁଙ୍ଗା ତଳ ସାହି କାଜୁ ଜଙ୍ଗଲ ନିକଟ ରାସ୍ତା ଉପରୁ ସୋମବାର ସକାଳୁ ମୃତଦେହ ଉଦ୍ଧାର ହୋଇଥିଲା। ମୃତକ ହେଲେ ତୁରୁମୁଙ୍ଗା ଗ୍ରାମର ଭାସ୍କର ନାଏକଙ୍କ ପୁଅ ସତ୍ୟ ନାରାୟଣ ନାଏକ(୪୭)। ସେ ସକାଳୁ ଶୌଚ ହେବାକୁ ନଦୀକୁ ଯାଉଥିବା ସମୟରେ ରାସ୍ତା ଉପରେ ଖସିପଡ଼ିଥିଲେ। ରାସ୍ତା ଉପରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ତୁରୁମୁଙ୍ଗା ଥାନା ଏସ୍‌ଆଇ ସୁରେଶ ସାହୁ ପହଞ୍ଚି ମୃତଦେହକୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ୩୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଚୋରି କରି ଫେରାର ଥିବା ୫ ଅଭିଯୁକ୍ତ ଗିରଫ

# ଗାଡ଼ି ଓ ଚୋରି ଅଳଙ୍କାର ଜବତ

**ଧର୍ମଶାଳା, ୧୫।୧୨(ସମିସ):** ବିଗତ ୬ ମାସ ହେବ ଧର୍ମଶାଳା ଓ ଏହାର ସୀମାବର୍ତ୍ତୀ ଥାନା ଅଞ୍ଚଳରେ ସଂଗଠିତ ଏକାଧିକ ଘର ଚୋରି ଘଟଣାରେ ପୂର୍ବରୁ ୧୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଏହି ଘଟଣାରେ ଫେରାର ଥିବା ଅନ୍ୟ ୫ ଜଣ ଅଭିଯୁକ୍ତଙ୍କୁ ଧର୍ମଶାଳା ପୁଲିସ ଗିରଫ କରି ଆଜି କୋର୍ଟଚଲାଣ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ ଧର୍ମଶାଳା ଥାନା ଓ ଏହାର ସୀମାବର୍ତ୍ତୀ ଥାନା ଅଞ୍ଚଳରେ ବିଗତ ୬ ମାସ ହେଲା ବ୍ୟାପକ ଚୋରି ହେଉଥିଲା। ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନଥିଲା। ଏହକୁ ନେଇ କେନ୍ଦ୍ରାଞ୍ଚଳ ଡିଆଇଜିଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଏସ୍‌ପି ୟସପ୍ରତାମ ସିମଲଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଗତ ୪ ତାରିଖରେ ଚୋରି ଘଟଣାରେ ସମ୍ପୃକ୍ତ ୧୦ ଜଣ ଚୋର ସମେତ ୪ ଜଣ ରିସିଭରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ତେବେ ଏହି ଚୋରି ଘଟଣାରେ ମୁଖ୍ୟ ଅଭିଯୁକ୍ତମାନେ ଫେରାର ରହିଥିଲେ। ତେବେ ଗତକାଲି ଧର୍ମଶାଳା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ



କରି ଫେରାର ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୧୪ ଗ୍ରାମ ସୁନା ଅଳଙ୍କାର ସହ ଗୋଟିଏ ଟିଆଗୋ କାର୍, ଗୋଟିଏ ମାରୁତି ବାଲାନୋ, ଗୋଟିଏ ମାରୁତି ଇର୍ଟିକ, ଗୋଟିଏ ସ୍କୁଟି ବାଇକ ସହ ୫ଟି ମୋବାଇଲ ଫୋନ ଜବତ କରିଛି। ପୂର୍ବରୁ ଫେରାର ଥାଇ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତମାନେ ବାଲିଚନ୍ଦ୍ରପୁର ଥାନା ଚାରିନଙ୍ଗଳ ଗ୍ରାମର ସେକ ୱାହିଦ(୨୫), ବାଲିଚନ୍ଦ୍ରପୁର ଥାନା ଚାରିନଙ୍ଗଳ ଗ୍ରାମର ସେକ ଲାଲୁଦ୍ଦିନ(୨୩), କେନ୍ଦ୍ରାପଡ଼ା ସଦର ଥାନା ମିର୍ଜାପାଟଣା ଗ୍ରାମର ମିର୍ଜା ମେହେବୁବ ବେଗ (୩୦), ଜମ୍ମୁ ମେରାଇନ ଥାନା ବଡିଘର ଗ୍ରାମର ନାରାୟଣ ବାରିକ (୨୭), କେନ୍ଦ୍ରାପଡ଼ା ଟାଉନ ଥାନା ଅଧିନ ଜୟପୁର ଗ୍ରାମର ସେକ ରମଜାନ (୪୫) ବୋଲି ଜଣାପଡ଼ିଛି। ଆଜି ୫ ଜଣ ଅଭିଯୁକ୍ତଙ୍କୁ ଧର୍ମଶାଳା ପୁଲିସ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ନେଇ ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ବରୀ ଲୋକ ମହୋତ୍ସବ ଉଦ୍‌ଯାପିତ

**ବରୀ, ୧୫ ।୧୨(ସମିସ):** କଳା ସାହିତ୍ୟ ସଂସ୍କୃତି ପରିଷଦ ବରୀ ପକ୍ଷରୁ ଗତ ୧୦ ତାରିଖ ଠାରୁ ଛଅ ଦିନ ବ୍ୟାପୀ ଆରମ୍ଭ ହୋଇଥିବା ତୃତୀୟ ବରୀ ଲୋକ ମହୋତ୍ସବ ସୋମବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ସଭାରେ ମହୋତ୍ସବ କମିଟିର ସଭାପତି ଡାକ୍ତର ରାଜକିଶୋର ପଣ୍ଡା ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଆଶୁତୋଷ ପରିଡ଼ା ଯୋଗ ଦେଇ ବରୀ ମହୋତ୍ସବର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟଅତିଥିଭାବେ ସାହିତ୍ୟି ଓ ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀ ଯୋଗଦେଇଥିଲେ। ଡ. ଅଜୟକୁମାର ଜେନା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଡ. ଗିରିଶି ବିହାରୀ ମିଶ୍ର ଅତିଥି ପରିଚୟ ବିଜୟ କୁମାର ଦାଶ ସ୍ୱାଗତ ଭାଷଣ



ପ୍ରଦାନ କରିଥିଲେ। କମିଟିର ଉପସଭାପତି ଡ. ସୁବାସ ଚନ୍ଦ୍ର ବିଶ୍ୱାଳ ରମାଦେବୀ ଗୋପବନ୍ଧୁ ମଞ୍ଚ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କମିଟିର ସମ୍ପାଦକ ସତ୍ୟରଞ୍ଜନ କର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମହୋତ୍ସବ କମିଟି ପକ୍ଷରୁ ବରୀର ଦୁଇ ପୁରାତନ ଅନୁଷ୍ଠାନ ପୁଷ୍ପଗିରି ପରିଷଦ, ରତ୍ନଗିରି ଓ ପ୍ରଗତି କ୍ଲବ, ବରୀକୁ ସାମଗ୍ରୀକ ସେବା ପାଇଁ ବରୀ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ମନୋରଞ୍ଜନ ପୋଥାଳ ଓ କପିଳ ଚରଣ ସାମଲ ମାନପତ୍ର ପାଠ କରିଥିଲା ବେଳେ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସୀତାକାନ୍ତ ପଣ୍ଡା, ଅଜୟ କୁମାର ଦାସ, ଅଜୟ କୁମାର ସାହୁ ଓ ଦେବେନ୍ଦ୍ର କୁମାର ସାହୁଙ୍କୁ ଚଳିତ ବର୍ଷର ଲୋକ ମହୋତ୍ସବ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଅନ୍ତିମ ସନ୍ଧ୍ୟାରେ ଅନୁଗୁଳର ନାଟକ ରାବଣ ଛାୟା ଓ କାର୍ଯ୍ୟକ୍ରମ ଶେଷରେ ମା'ତାରିଣୀ ନାଟ୍ୟ ପରିଷଦର ନାଟକ 'ଆହେ ନୀଳଶୈଳ' ବେଶ ଆକର୍ଷଣୀୟ ହୋଇ ପାରିଥିଲା। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମହୋତ୍ସବ ଅବସରରେ ଅନୁଷ୍ଠିତ ପୁସ୍ତକ ମେଳା, ମୀନା ବଜାର, ଦୋଳିକୁ ଦର୍ଶକମାନେ ଉପଭୋଗ କରିଥିଲେ। ଝ ପରିଚାଳନାରେ ସୋମନାଥ ଦିୱେଦୀ, ଶରତ କୁମାର ଜେନା, ରଞ୍ଜନ କୁମାର ମଲ୍ଲିକ, ପ୍ରଶାନ୍ତ ବେହୁରିଆ, ପ୍ରଶାନ୍ତ ପଡ଼ିହାରୀ, ହରିଶ୍ଚନ୍ଦ୍ର ଦାସ, ଶୁକଦେବ ପାତ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ମହୋତ୍ସବ କାର୍ଯ୍ୟାଳୟରେ କଳା ବୋଲି ଯୁବକ ଗିରଫ

**ବଡ଼ଚଣା, ୧୫।୧୨(ସମିସ):** ବଡ଼ଚଣା ମହୋତ୍ସବକୁ ନେଇ ବିବାଦ କମିବାରେ ନାଁ ଧରୁନି। ମହୋତ୍ସବର ଦିନ ଯେତେ ଯେତେ ପାଖେଇ ଆସୁଛି, ବିବାଦ ସେତେ ସେତେ ଘନାଇବାରେ ଲାଗିଛି। ଆଜି ମହୋତ୍ସବ କାର୍ଯ୍ୟାଳୟରେ କଳା ବୋଳିବାକୁ କେନ୍ଦ୍ର କରି ଜଣଙ୍କୁ ପୁଲିସ୍ ଗିରଫ କରିଥିବା ଜଣାପଡ଼ିଛି। ବ୍ଲକ ଅନ୍ତର୍ଗତ ଦେଉଳକୁର ଗ୍ରାମ ସ୍ଥିତ ମହୋତ୍ସବ ପଡ଼ିଆର ଥିବା ମହୋତ୍ସବ କାର୍ଯ୍ୟାଳୟରେ ଲେଖା ଯାଇଥିବା ଅକ୍ଷରରେ କଳା ରଙ୍ଗ ବୋଳି ଦେଇଥିଲେ ଜଣେ ଯୁବକ। ପୁଲିସ୍ ତାଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଉଛନ୍ତି ବଡ଼ଚଣା ଥାନା ଅନ୍ତର୍ଗତ ଦେଉଳକୁର ଗ୍ରାମର ବିକାଶ ମଲ୍ଲିକ (୨୯)।

ସୂଚନା ମୁତାବକ ଗତକାଲି ବଡ଼ଚଣା ମହୋତ୍ସବ କମିଟି ପକ୍ଷରୁ ଏହି ପଡ଼ିଆରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଉଥିଲା। ଏହି ସମୟରେ ବିକାଶ କାର୍ଯ୍ୟାଳୟ ଉପରେ ଚଳିତ ବର୍ଷ ଲେଖା ଯାଇଥିବା ଅକ୍ଷରରେ କଳା ବୋଳୁଥିବା ବେଳେ ସେଠାରେ ଉପସ୍ଥିତ ଥିବା ପୁଲିସ ଏହା ଦେଖିବାକୁ ପାଇଥିଲା। ପରେ ପୁଲିସ ବିକାଶଙ୍କୁ ନେଇ ଥାନାରେ ଅଟକ ରଖିଥିଲା। ଆଜି ବିକାଶଙ୍କୁ ପୁଲିସ ଗିରଫ କରିବା ସହିତ ତାଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ବଡ଼ଚଣା ମହୋତ୍ସବକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ସମାନ ତାରିଖରେ ଦୁଇ ଗୋଷ୍ଠୀ ପକ୍ଷରୁ ମହୋତ୍ସବ ପଡ଼ିଆରେ ଉତ୍ସବ କରିବାକୁ ଉଭୟ ଗୋଷ୍ଠୀ ପକ୍ଷରୁ ବିଭିନ୍ନ ସମୟରେ ସାମ୍ବାଦିକ ସମ୍ମିଳନୀ କରାଯାଇ ସୂଚନା ଦେଇଛନ୍ତି। ଗୋଟିଏ ବଡ଼ଚଣା ମହୋତ୍ସବ କମିଟି ଓ ଅନ୍ୟଟି ଆମ ବଡ଼ଚଣା ମହୋତ୍ସବ କମିଟି ଭାବରେ ନାମ ଦିଆଯାଇଛି। ତେବେ ଚଳିତ ବର୍ଷ ବଡ଼ଚଣା ମହୋତ୍ସବକୁ ନେଇ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ଏହାକୁ ନେଇ ବଡ଼ଚଣା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

## କୋରେଇରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



**କୋରେଇ, ୧୫।୧୨(ସମିସ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର କୋରେଇ ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୧୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୮୧ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୬ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଉପଆରକ୍ଷୀ ଅଧିକ୍ଷକ, ରତିକାନ୍ତ ଗିରି, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଭ୍ୟ ଦେବୀପ୍ରସାଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋରେଇ, ଅବନିକାନ୍ତ ସାହୁ, ତହସିଲଦାର, ବ୍ୟାସନଗର, ପ୍ରଶାନ୍ତ କୁମାର ପଣ୍ଡା ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଷୋଳପୁଅ ମା' ଠାକୁରାଣୀ ପୀଠର ବିକାଶ ପାଇଁ ଦାବି

**କୁଦଳ, ୧୫।୧୨(ସମିସ):** ଯାଜପୁର ଜିଲ୍ଲାର ଐତିହ୍ୟ ସମ୍ପନ୍ନ ହୀରକ ତ୍ରିଭୁଜ ମଧ୍ୟବର୍ତ୍ତୀ ଅଞ୍ଚଳରେ ରହିଛି ଷୋଳପୁଅ ମା' ଠାକୁରାଣୀଙ୍କ ପୀଠ। ଏହା ସହିତ ବଡ଼ଚଣା ବ୍ଲକର ଗୋପାଳପୁର ଗ୍ରାମର ଗ୍ରାମ ଦେବତୀ ମା'ଫୁଲଦେଇ ମନ୍ଦିର। ଏହି ଦୁଇ ଗୋଟି ଠାକୁରାଣୀ ପୀଠର ବିକାଶ ଧାରାକୁ ଆଗକୁ ନେବା ପାଇଁ ଜାରି ରହିଛି ପ୍ରୟାସ। ଷୋଳପୁଅ ମା' ବିକାଶ ମଞ୍ଚ ନାମରେ ଏକ ସାମାଜିକ ସଂଗଠନ ଗଠନ କରାଯାଇ ନିକଟସ୍ଥ ପାହାଡ଼ରେ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଜାରିରହିଛି। ବିଶିଷ୍ଟ ପରିବେଶବିତ୍ କ୍ଷୀରୋଦ ଜେନା ଉକ୍ତ ପାହାଡ଼ରେ ବିଭିନ୍ନ ପ୍ରକାର ଫଳ ଗଛ ଲଗାଇ ଲଣ୍ଡା ପାହାଡ଼କୁ ସବୁଜିମାରେ ପରିଣତ କଲେଣି। ଏଥି ସହିତ ଉକ୍ତ ପାହାଡ଼ର ମଧ୍ୟବର୍ତ୍ତି ସ୍ଥାନରେ ଆଶ୍ରୟସ୍ଥଳି ନିର୍ମାଣ, ବଣଭୋଜି ପାଇଁ ଅନେକ ସୁବିଧା



କରିସାରିଲେଣି। ଷୋଳପୁଅ ମା' ବିକାଶ ମଞ୍ଚ ଏବଂ ଭାରତ ବିକାଶ ଫାଉଣ୍ଡେସନ ସହଯୋଗରେ ବିକାଶ ଧାରା ଜାରିରହିଛି। ମାତ୍ର ଏହି ସ୍ଥାନକୁ ଭଲ ରାସ୍ତା ନଥିବା ବେଳେ ଏଠାରେ ଆଲୋକ ଓ ପାଣିର କୌଣସି ବନ୍ଦୋବସ୍ତ ହୋଇପାରିନାହିଁ। ପୀଠର ବିକାଶ ନିମନ୍ତେ ଆଜି ଏକ ପ୍ରତିନିଧି ଦଳ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କୁ ଭେଟି ମା'ଙ୍କ ପୀଠର ବିବିଧ ବିକାଶ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବି ଗୁଡ଼ିକ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଆଲୋକୀକରଣ ବ୍ୟବସ୍ଥା କରିବା ପାଇଁ ବିଧାୟକ ଶ୍ରୀ ନାୟକ ବିଭାଗକୁ ନିର୍ଦ୍ଦେଶ ଦେବା ସହ କିପରି କାର୍ଯ୍ୟକାରୀ ହୋଇପାରିବ ସେ ନେଇ ବ୍ୟବସ୍ଥା କରିଛନ୍ତି। ପରବର୍ତ୍ତି ପର୍ଯ୍ୟାୟରେ ଅନ୍ୟ ଦାବି ଗୁଡ଼ିକ ପ୍ରତି ପଦକ୍ଷେପ ନିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଷୋଳପୁଅ ମା' ବିକାଶ ମଞ୍ଚ ପକ୍ଷରୁ ସମ୍ପାଦକ ପରିବେଶବିତ୍ କ୍ଷୀରୋଦ ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପରିଡ଼ା, ଅବସରପ୍ରାପ୍ତ ସରକାରୀ ଅଧିକାରୀ ପ୍ରମୋଦ କୁମାର ପରିଡ଼ା, ସାମ୍ବାଦିକ ଉତ୍କଳ କେଶରୀ ସାମଲ, ଯୁବ ସମାଜସେବୀ ଇଂ.ପ୍ରିୟବ୍ରତ ସାମଲ ପ୍ରମୁଖ ବିଧାୟକଙ୍କୁ ଭେଟି ସାକ୍ଷାତ ଆଲୋଚନା କରିଥିଲେ।

## ହୃଦ୍‌ଘାତରେ ସରପଞ୍ଚଙ୍କ ଶ୍ୱଶୁର ମୃତ

**ଧର୍ମଶାଳା, ୧୫।୧୨(ସମିସ):** ଧର୍ମଶାଳା ବ୍ଲକ କାଏମା ଶେରପୁର ଗ୍ରାମର ଧର୍ମପରାୟଣ ବ୍ୟକ୍ତି ତଥା କାଏମା ସରପଞ୍ଚ କୁମୁଦୁନୀ ମହାନ୍ତିଙ୍କ ଶ୍ୱଶୁର ବଟକୃଷ୍ଣ ମହାନ୍ତି (୮୨)ଙ୍କ ଆଜି ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ୨୦ ବର୍ଷ ହେଲା ଚାକିରିରୁ ଅବସର ଗ୍ରହଣ କରି ଘରେ ରହି ବିଭିନ୍ନ ଆଧାତ୍ମିକ ସଙ୍ଗଠନ ସହିତ ଜଡିତ ରହିଥିଲେ। ସେ ଆଜି ସକାଳୁ ଉଠି ନିତ୍ୟକର୍ମ ସାରି ଠାକୁର ପୂଜା କରି ଘରେ ରହିଥିବା ବେଳେ ହଠାତ ଅସୁସ୍ଥତା ଅନୁଭବ କରିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଧର୍ମଶାଳ ମେଡିକାଲକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ଘରକୁ ନିଆଯାଇଥିଲା। ସେଠାରେ ତାଙ୍କର ଶେଷ ଦର୍ଶନ ପାଇଁ କାଏମାର ପୂର୍ବତନ ସରପଞ୍ଚ ଅଙ୍କୁର ଚରଣ ନାୟକ, ବିଜେପି ନେତା ଶିଶିର ମାହାଣା, ନିକୁଞ୍ଜ ବେହେରା, କାଏମା ଆର୍‌ଆଇ ମାନସ ବେଜ, ପୋଷ୍ଟ ଅଫିସର ଷ୍ଟାପ ସମେତ ବହୁ ମାନ୍ୟବର୍ଣ୍ୟ ବ୍ୟକ୍ତି ତାଙ୍କ ବାସବବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଏକ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଏକମାତ୍ର ପୁଅ ଧନେଶ୍ୱର ମହାନ୍ତି ମୁଖାଗ୍ନି ଦେଇଥିଲେ।

## ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

**ବିଞ୍ଝାରପୁର, ୧୫।୧୨(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବିଞ୍ଝାରପୁର ପଞ୍ଚାୟତର ତଳସାହି ଠାରେ ପ୍ରତିଷ୍ଠିତ ହେରିଥ ପବ୍ଲିକ ଇଂଲିସ ମିଡିଅମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଞ୍ଝାରପୁର ବ୍ଲକ ବିଇଓ ସତ୍ୟବ୍ରତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ମିର୍ ଅବଦୁଲ ସମୀମ ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟତମ ଅତିଥି ଭାବେ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ, ଯୋଗଦେଇଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ଅଧକ୍ଷ ଇଂ. ମିର୍ ଅବଦୁଲ ମନଜର ଓ ଅଭିଭାବକ ସମେତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଁ ଗାଁରେ ବୁଲୁଛନ୍ତି ଦଲାଲ

# ଚାଷୀଙ୍କ ଦୁଆରୁ ବୋହି ନେଉଛନ୍ତି ଅମଳ ଧାନ

**ଦଶରଥପୁର, ୧୫।୧୨(ସମିସ)**

ଆସନ୍ତା ଜାନୁଆରୀ ୭ ତାରିଖର ଯାଜପୁର ଜିଲ୍ଲାରେ ଆରମ୍ଭ ହେବକୁ ଥିବା ଖରିଫ ଧାନ କିଣା ପକ୍ରିୟାରେ ଅଧିକରୁ ଅଧିକ ଚାଷୀଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱ ଦେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ମଣ୍ଡି ଖୋଲିବାରେ ବିଳମ୍ବର ସୁଯୋଗ ନେଇ ଚାଷୀଙ୍କ ଠାରୁ ବେପାରୀ ମାନେ ଧାନ ବୋହି ନେଉଥିବା ଦେଖିବାକୁ ମିଳିଛି। ବିଶେଷକରି ଅଣପଞ୍ଜିକୃତ ଚାଷୀ ହିଁ ବେପାରୀଙ୍କ ଟାର୍ଗେଟରେ। କିଛି ଅଭାବୀ ଚାଷୀ ଏମାନଙ୍କୁ କମ୍ ଦାମରେ ଧାନ ବିକ୍ରି ପାଇଁ ରାଜି ହେଉଥିବାରୁ ସେମାନଙ୍କ ଦୁଆରେ ଗାଡି ଲଗାଇ ବେପାରୀ ଧାନ ବୋହିବାରେ ଲାଗିଥିବା ବେଳେ ପ୍ରଶାସନର ଅଙ୍କୁଶ ନଥିବାରୁ ଏଭଳି ସ୍ଥିତି ଉପଜିଥିବା ଅଭିଯୋଗ ହୋଇଛି। ପୂର୍ବ ବର୍ଷ ଅପେକ୍ଷା ଚଳିତ ଖରିଫ ଋତୁରେ ଜିଲ୍ଲାରୁ ଅଧିକ ଧାନ କିଣିବାକୁ ଜିଲ୍ଲା ଯୋଗାଣ ବିଭାଗ ବୈଠକରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ମଣ୍ଡି ଖୋଲିବା ପୂର୍ବରୁ ଦଶରଥପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଦଲାଲ ସକ୍ରିୟ ହେବା ଧାର୍ଯ୍ୟ ଲକ୍ଷ୍ୟ ପୂରଣରେ



ବାଧକ ସାଜିବା ବୋଲି ବୋଲି ଆଶଙ୍କା ପ୍ରକାଶ ପାଇଛି। ଚଳିତ ଖରିଫ ଋତୁରେ ଧାନ ବିକ୍ରି ପାଇଁ ପଞ୍ଜିକରଣରେ ନିୟମ କଡ଼ାକଡି କରାଯିବା ସହିତ ଇ-କେୱାଇସି ଏବଂ ଆଇନଗତ ଉତ୍ତରାଧିକାରୀଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଫଳରେ ଜମିର ମାଲିକାନା ଥାଇ ମଧ୍ୟ ପଟ୍ଟା ପାଇନଥିବାରୁ ବହୁ ଚାଷୀ ନିଜ ଜମିର ପରିମାଣ ସଠିକ ଭାବେ ଦର୍ଶାଇବାରୁ ବଞ୍ଚିତ ହୋଇଛନ୍ତି। ଯଦ୍ୱାରା ଜମିରେ ଚାଷ କରିଥିଲେ ମଧ୍ୟ ଅପେକ୍ଷାକୃତ କମ ପରିମାଣରେ ଧାନ ବିକ୍ରି ପାଇଁ ଚାଷୀଙ୍କୁ ଅନୁମତି ମିଳିବ। ଅପରପକ୍ଷେ ଗତ ୧୫ ଦିନ ହେବ ଦଶରଥପୁର ଅଞ୍ଚଳରେ ଧାନ କଟା ଜାରି ରହିଥିବା ବେଳେ ବେଙ୍ଗଲ, ବରଗଡ଼, ବାଲେଶ୍ୱର, ଜଳେଶ୍ୱର ଅଞ୍ଚଳରୁ ଲିଜ୍‌ରେ ଧାନ କଟା ମେସିନ ଆଣିଥିବା ଦଲାଲଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ବିଭିନ୍ନ କାରଣରୁ ମଣ୍ଡିରେ ଧାନ ବିକ୍ରୟ ପାଇଁ ପଞ୍ଜୀକରଣରୁ ବଞ୍ଚିତ ଚାଷୀଠାରୁ ଆରମ୍ଭ କରି ଅନେକ ଅଭାବୀ ଚାଷୀଙ୍କ ସମସ୍ୟାର ଫାଇଦା ଉଠାଇ ସ୍ଥାନୀୟ ଦଲାଲ ଚାଷୀଙ୍କ ଦୁଆରୁ କ୍ୱିଣ୍ଟାଲ ପିଛା ମାତ୍ର ୧୮ ରୁ ୧୯ ଶହ ଟଙ୍କା ଦେଇ ଅମଳ ଧାନକୁ ବୋହି ନେବାରେ ଲାଗିଛନ୍ତି। ଫଳରେ ଖରିଫ ଧାନ ଚାଷୀଙ୍କ ଅବସ୍ଥା ଏବେ ମହରଗରୁ ଯାଇ କାନ୍ତାରରେ ପଡ଼ିବା ଭଳି ହୋଇଛି। ଘଣ୍ଟା ପ୍ରତି ଦଲାଲ ମାନେ ୨୨ଶହରୁ ୨୪ଶହ ଟଙ୍କାରେ ଧାନ କଟା ମେସିନ ଲିଜରେ ଆଣି ଚାଷୀମାନଙ୍କ ଠାରୁ ଘଣ୍ଟା ପ୍ରତି ୩୫୦୦ଟଙ୍କା ଗଣି ନେଉଛନ୍ତି। ବିଳମ୍ବରେ ମଣ୍ଡି ଖୋଲୁଥିବାରୁ ଉପାୟ ନପାଇ ଚାଷୀମାନେ ଦଲାଲଙ୍କ ଶିକାର ବନୁଥିବା ବେଳେ ଧାନ କଟା ମେସିନ ଦର ପ୍ରଶାସନ ନିର୍ଦ୍ଧାରଣ କରିବାକୁ କିଛି ଚାଷୀ ଦାବି କରିବା ସହିତ ମଣ୍ଡି ଖୋଲିବା ପୂର୍ବରୁ ପ୍ରଶାସନ ସ୍ୱତନ୍ତ୍ର ଟିମ ଗଠନ କରି ଗାଁରୁ ଧାନ ବୋହି ନେଉଥିବା ଦଲାଲଙ୍କ ଉପରେ ଅଙ୍କୁଶ ଲଗାଇବାକୁ ଚାଷୀମହଲରେ ଦାବି ହୋଇଛି।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



କୋରୁକୋଣ୍ଡା, ୧୫।୧୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ସ୍ଥିତ ନାକାମାମୁଡ଼ି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଶ୍ମୀ ରଞ୍ଜନ ସେନାପତି ଉପସ୍ଥିତ ରହି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ବିଭିନ୍ନ ସମସ୍ୟା ନେଇ ଆସିଥିବା ଜନ ସାଧାରଣଙ୍କ ଅଭିଯୋଗ ଗୁଡିକୁ ଶୁଣିଥିଲେ। ଏହି ଶିବିରରେ ମୋଟ ୧୧୩ଟି ଅଭିଯୋଗର ଶୁଣାଣି ହୋଇଥିଲା। ତନ୍ମଧ୍ୟରୁ ୫୨ ଗୋଟି ବ୍ୟକ୍ତିଗତ ଥିବା ବେଳେ ୬୧ଟି ସାମୂହିକ ଅଭିଯୋଗ ରହିଥିଲା। ବିଭିନ୍ନ ଯୋଜନାର ହାତ ପାହାନ୍ତାରେ ସେବା ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ୟାମ୍ପ୍ ଆୟୋଜନ କରାଯାଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାର, ସରପଞ୍ଚ ଲକ୍ଷ୍ମୀ ମାଡ଼ି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପ୍ରଶାଦ ଗୁରୁଙ୍କ ସମେତ ବିଭିନ୍ନ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

### ଶାନ୍ତି ବଜାୟ ରଖିବାକୁ ଅପିଲ୍ କଲେ ଜିଲ୍ଲାପାଳ, ଏସ୍ପି

# ରାଖାଲଗୁଡା, ମାରିୱାଡ଼ା, ନିଲିଗୁଡ଼ା ଓ ଏମ୍ଭି ୧୮ ଗ୍ରାମବାସୀଙ୍କ ସହ ଜିଲ୍ଲାପାଳ, ଏସ୍ପିଙ୍କ ଆଲୋଚନା



- ଜିଲ୍ଲାରେ ସ୍ୱାଭାବିକ ହେଲା ଇଣ୍ଟରନେଟ୍ ସେବା
- ଫେକ୍ ନିଉଜ୍, ଗୁଜବ ପ୍ରଚାର କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ମାଲକାନଗିରି/କୋରୁକୋଣ୍ଡା,୧୫।୧୨(ସମିସ): ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଏସ୍ପି ବିନୋଦ ପାଟିଲ ଏଚ୍ ରାଖାଲଗୁଡା, ମାରିୱାଡ଼ା, ନିଲିଗୁଡ଼ା ଓ ଏମଭି ୧୮ ଗାଁ ଗସ୍ତ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି ଯେ ଭବିଷ୍ୟତର ପିଢ଼ି ପାଇଁ ଆମ ସମସ୍ତଙ୍କୁ ଭାଇଚାରାର ବନ୍ଧନରେ ବାନ୍ଧି ହୋଇ ରହିବାକୁ ପଡିବ। ପୁଣି ଥରେ ପରସ୍ପର ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାକୁ ପ୍ରୟାସ କରିବାକୁ ହେବ। ପରସ୍ପର ମଧ୍ୟରେ କଥାବାର୍ତ୍ତା ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିବ ବୋଲି ଜିଲ୍ଲାପାଳ କହିଛନ୍ତି। ନିଜ ନିଜ ମଧ୍ୟରେ ଥିବା ଭୁଲ୍ ବୁଝାମଣାକୁ ଦୂର କରିବାକୁ ହେବ ବୋଲି ଆଜି ୪ଟି ଗ୍ରାମର ଗ୍ରାମବାସୀଙ୍କୁ ବୁଝାଇଛନ୍ତି ଜିଲ୍ଲାପାଳ। ଯେ କୌଣସି ପ୍ରକାର ଆଇନଶୃଙ୍ଖଳା ସମ୍ପର୍କୀତ ବିଷୟ ଗୁଡ଼ିକୁ ସିଧାସଳଖ ଏସ୍ପିଙ୍କୁ ଅବଗତ କରାଇବାକୁ ଏସ୍ପି କହିଛନ୍ତି। ବର୍ତ୍ତମାନ ଭଳି ସମ୍ବେଦନଶୀଳ ପରିସ୍ଥିତିରେ ସୋସିଆଲ ମିଡିଆରେ ଫେକ୍ ନିଉଜ୍ କିମ୍ବା ଗୁଜବ ପ୍ରଚାର କରି ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିବା ନାହିଁ ବୋଲି ଲୋକଙ୍କୁ ସଚେତନ କରିଛନ୍ତି ଏସ୍ପି। ଫେକ୍ ନିଉଜ୍ କିମ୍ବା ଗୁଜବ ପ୍ରଚାରକାରିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଏସ୍ପି ଏହି ଅବସରରେ କହିଛନ୍ତି। ଏଥି ସହିତ ଜିଲ୍ଲାପାଳ ଗ୍ରାମବାସୀଙ୍କର ଗ୍ରାମରେ ରହିଥିବା ମୌଳିକ ସମସ୍ୟା ଗୁଡ଼ିକୁ ଶୁଣିଥିଲେ। ଆଦିବାସୀଙ୍କ ଘରଡିହ ପଟ୍ଟା ଶୀଘ୍ର ପ୍ରଦାନ କରିବାରେ ତତ୍ପର ହେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ନିଲିଗୁଡ଼ା ଗ୍ରାମରେ ଡ୍ରପ୍ ଆଉଟ୍ ହୋଇଥିବା ଏକ ଛାତ୍ରୀ ବିଷୟରେ ଜାଣିବାକୁ ପାଇଥିଲେ ଜିଲ୍ଲାପାଳ। ତୁରନ୍ତ ହଷ୍ଟେଲ ବ୍ୟବସ୍ଥା ଥିବା ନିକଟସ୍ଥ ବିଦ୍ୟାଳୟରେ ତାଙ୍କ ନାମ ଲେଖାଇବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ସେହି ସମୟରେ ଗ୍ରାମରେ ଉପସ୍ଥିତ ଥିବା ଅଭିଭାବକ ମାନଙ୍କୁ ଶିକ୍ଷାର ଗୁରୁତ୍ୱ ଓ ନାରୀ ଶିକ୍ଷା କେତେ ଜରୁରୀ ବୁଝାଇଥିଲେ ଜିଲ୍ଲାପାଳ। ଜିଲ୍ଲାପାଳ ଓ ଏସ୍ପିଙ୍କ କଥା ମାନି ପରସ୍ପର ମଧ୍ୟରେ ଭାଇଚାରା ବଜାୟ ରଖିବେ ବୋଲି ଗ୍ରାମବାସୀ ସହମତି ପ୍ରକାଶ କରିଛନ୍ତି।

## ଖରିଫ୍ ଧାନ କ୍ରୟ ପାଇଁ ସଚେତନତା ରଥର ଶୁଭାରମ୍ଭ



କୋରାପୁଟ,୧୫।୧୨(ସମିସ): ୨୦୨୫-୨୬ ଖରିଫ ଧାନ କ୍ରୟ ନିମନ୍ତେ କୋରାପୁଟ ନୀୟନ୍ତ୍ରିତ ବଜାର କମିଟି (ଆରଏମସି) ଦ୍ୱାରା କୃଷକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଆକାଉଣ୍ଟାଣ୍ଟ ଅଜୟ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଗୌରୀ ଶଙ୍କର ପାଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଦେଖାଇ କୃଷକ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ବଜାର କମିଟି ଦ୍ୱାରା ଦୁଇଟି ସଚେତନତା ରଥ କୋରାପୁଟ ଉପଖଣ୍ଡର ବନ୍ଧୁଗାଁ, ନାରାୟଣପାଟଣା, ଲକ୍ଷ୍ମୀପୁର, ଦଶମନ୍ତପୁର, କୋରାପୁଟ, ସେମିଳିଗୁଡା, ଲମତାପୁଟ, ନନ୍ଦପୁର ଏବଂ ପଟ୍ଟାଙ୍ଗୀ ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଖରିଫ ଧାନ କେବଳ ମଣ୍ଡିରେ ବିକ୍ରି କରି ସଠିକ୍ ଦର ପାଇବାକୁ ସଚେତନ କରିବ ବୋଲି ଜଣାପଡିଛି। ଆରଏମସି କର୍ମଚାରୀ ସତ୍ୟ ନାରାୟଣ ମହାପାତ୍ର, ପ୍ରଫୁଲ ଦେବତା, ବିନୋଦ ପଟ୍ଟନାୟକ, ରମାକାନ୍ତ କଂସାରୀ, ଭରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

● ଜିଆଇଇଟି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ସମାରୋହ

# 'ଅଭିନବ ଚିନ୍ତାଧାରା ଓ କଠିନ ପରିଶ୍ରମ ସଫଳତାର ଚାବିକାଠି'




ଗୁଣୁପୁର, ୧୫।୧୨(ସମିସ): ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଯାଇଛ। ବିଶ୍ୱବିଦ୍ୟାଳୟର ସଭାପତି ଡ.ସତ୍ୟ ପ୍ରକାଶ ପଣ୍ଡା ଆନୁଷ୍ଠାନିକ ଭାବେ ସମାବର୍ତ୍ତନ ଉତ୍ସବର ଶୁଭାରମ୍ଭ ଘୋଷଣା କରିଥିଲେ। ବିଶ୍ୱବିଦ୍ୟାଳୟର ଉପ-କୁଳପତି ଡ଼ ଏଭିଏନଏଲ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ଓ ବିଶ୍ୱବିଦ୍ୟାଳୟର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଅବଗତ କରିଥିଲେ। ପ୍ରୋ ଚାନ୍ସେଲର ପ୍ରଫେସର ଡ. ଲଳିତ ମୋହନ ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଶପଥ ପାଠ କରାଇଥିଲେ। ବିଶ୍ୱବିଦ୍ୟାଳୟର ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗ ଦେଇ ଗବେଷଣା ମାଧ୍ୟମରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି କରିବା ସହ ଶିକ୍ଷା ଓ ଆଧୁନିକ ଚିନ୍ତା ଦ୍ୱାରା ସମାଜ ସେବା ପାଇଁ କହିଥିଲେ। ସଭାପତି ଡ. ସତ୍ୟ ପ୍ରକାଶ ପଣ୍ଡା ଯୋଗଦେଇ ବିଜ୍ଞାନ ଓ ବୈଷୟିକ ଗବେଷଣା କ୍ଷେତ୍ରରେ ଅଧିକ ଉନ୍ନତିର ଆବଶ୍ୟକତା ରହିଛି ବୋଲି କହିବା ସହ କଠିନ ପରିଶ୍ରମ ଓ ଏକାଗ୍ରତା ଦ୍ୱାରା ଲକ୍ଷ୍ୟ ହାସଲ କରି ଭାରତକୁ ଏକ ମହାନ ଦେଶ ଭାବେ ଗଢିବାକୁ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ତଥା ବିଶ୍ୱ ପାଣିପାଗ ସଂଗଠନର ତୃତୀୟ ଉପ ସଭାପତି ଡ. ମୃତ୍ୟୁଞ୍ଜୟ ମହାପାତ୍ର ଯୋଗ ଦେଇ ୧୫ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ସହ ସ୍ନାତକରେ ୩୬୦ ଜଣଙ୍କୁ ଓ ସ୍ନାତକୋତ୍ତରରେ ୧୭୦ ଜଣଙ୍କ ସହ ୩୦ ଜଣଙ୍କୁ ପିଏଚଡି ଡିଗ୍ରୀ ପ୍ରଦାନ କରିଛନ୍ତି। ଏହା ସହ ବଳରାମ ପଣ୍ଡା ସ୍ମାରକୀ ପୁରସ୍କାର ୩ ଜଣ ଓ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ କୃତିତ୍ୱ ପାଇଁ ୩ ଜଣଙ୍କୁ ସମ୍ମାନିତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ବିଶ୍ୱବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଓ ଅବଦାନ ପାଇଁ ପ୍ରଶଂସା କରିବା ସହ ଅଭିନବ ଚିନ୍ତାଧାରା ସଫଳତାର ଚାବିକାଠୀ ଓ ସାଂପ୍ରତିକ ବିଷୟରେ ଗବେଷଣା କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍ଆଇଟି ରାୟପୁରର ନିର୍ଦ୍ଦେଶକ ଡ. ଏନ୍ ଭି ରାମାନା ରାଓ ଯୋଗ ଦେଇ ଉଚ୍ଚ, ନୂତନ ଚିନ୍ତାଧାରା ଓ ଗବେଷଣା ମାଧ୍ୟମରେ ସମାଜର ଉନ୍ନତି ପାଇଁ ଆଗକୁ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ପି ବିଜୟ କୁମାର , ବିଶ୍ୱ ବିଦ୍ୟାଳୟର ବୋଡର୍ ସଦସ୍ୟ ବୃନ୍ଦ, ସଂଯୋଜକ ଡ. ରାଧାକୃଷ୍ଣ ପାଢ଼ୀ, ସମସ୍ତ ବିଭାଗର ଡିନ, ବିଭାଗର ମୁଖ୍ୟ, ଅଧ୍ୟାପକ ,ଅଧ୍ୟାପିକା ଓ ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଶେଷରେ ରେଜିଷ୍ଟ୍ରାର ଡ. ଏନ୍.ଭି.ଜଗନ୍ନାଧା ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

## ରଣୀଡୁଡୁମା ରାସ୍ତା ଅସ୍ଥାୟୀ ମରାମତି ଆରମ୍ଭ



ନନ୍ଦପୁର, ୧୫।୧୨ (ସମିସ): ବହୁ ଉଦ୍ୟମ ପରେ ରଣୀଡୁଡୁମା ରାସ୍ତା ଅସ୍ଥାୟୀ ମରାମତି ଆରମ୍ଭ ହୋଇଛି। ଗତ କିଛିଦିନ ହେବ ପର୍ଯ୍ୟଟନ ସ୍ଥଳୀ ରାଣୀ ଡୁଡୁମା ରେ ଅସଂଖ୍ୟ ଜନ ସମୁଦ୍ର ଦେଖିବାକୁ ମିଳିଥିଲା। ଜିଲ୍ଲା ତଥା ଜିଲ୍ଲା ବାହାରୁ ଓ ପଡୋଶୀ ରାଜ୍ୟ ମାନଙ୍କରୁ ସହ ସହ ସଂଖ୍ୟାରେ ଚାରି ଚକିଆଯାନରେ ରାଣୀ ଡୁଡୁମାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ଲାଗି ପର୍ଯ୍ୟଟକ ମାନଙ୍କ ଭିଡ଼ ଜମୁଛି। ଝରଣା ନିକଟକୁ ଯିବା ରାସ୍ତା ଯାହା ସ୍ଥାନୀୟ ଭୈରବ ମନ୍ଦିର ନିକଟରୁ ପ୍ରାୟ ୭୦୦ ମିଟର ଖାଲଖମା ପୂର୍ଣ୍ଣ ରାସ୍ତାକୁ ଆଜି ମୋରମ ପକାଇ ପର୍ଯ୍ୟଟକଙ୍କ ଯାତାୟାତ ନିମନ୍ତେ ଅସ୍ଥାୟୀ ମରାମତି ଆରମ୍ଭ କରାଯାଇଥିବା ନନ୍ଦପୁର ପର୍ଯ୍ୟଟନ ବିକାଶ ପରିଷଦର ଉପ ସଭାପତି ଗୋପାଳକୃଷ୍ଣ ବେବର୍ତ୍ତା ମତ ପ୍ରକାଶ କରିଛନ୍ତି। ମରାମତି ସହ ଆଗକୁ ନୂଆ ବର୍ଷ ଉପଲକ୍ଷେ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସିବା ଆଶା କରାଯାଇ ଅତିରିକ୍ତ ଗାଡି ପାର୍କିଂ ବ୍ୟବସ୍ଥା କରିବା ସହ ପର୍ଯ୍ୟଟନ ସ୍ଥଳକୁ ସଂଯୋଗ କରୁଥିବା ରାସ୍ତାକୁ ଲମ୍ବିଥିବା ଗଛ ଡ଼ାଳ ଗୁଡ଼ିକୁ କାଟି ସଫା କରାଯିବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଏହା ଛଡ଼ା ଆଗନ୍ତୁକ ମାନଙ୍କ ସମସ୍ତ ସୁବିଧା ସୁଯୋଗ ସୁନିଶ୍ଚିତ କରିବା ଲାଗି ବିକାଶ ପରିଷଦ ଦୃଢ଼ ନିଷ୍ପତି ନେଇଛି ବୋଲି ମଧ୍ୟ ମନ୍ତବ୍ୟ ଦେଇଛନ୍ତି।

## ଜନ ଅଭିଯୋଗ ଶୁଣାଣି ଶିବିର



ନବରଙ୍ଗପୁର ୧୫।୧୨ (ସମିସ): ଉମରକୋଟ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ,ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର , ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୦ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୯ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୧ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗ ମାନଙ୍କୁ ୪ଟି ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ୨ଟି ଅଭିଯୋଗର ସମାଧାନ ତତ୍କ୍ଷଣାତ କରାଯାଇଥିଲା।

### ନନ୍ଦପୁର ବ୍ଲକ୍‌ରେ ବିଜେଡିର କର୍ମୀ ସମ୍ମିଳନୀ

# ସବୁ ମନାନ୍ତର ଭୁଲି ଦଳକୁ ସୁଦୃଢ଼ କରିବାକୁ ପୂର୍ବତନ ବିଧାୟକଙ୍କ ଆହ୍ୱାନ



ନନ୍ଦପୁର,୧୫।୧୨ (ସମିସ): ନନ୍ଦପୁର ବ୍ଲକରେ ରବିବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ୨୪ ବର୍ଷ ଧରି ବିଜେଡି ଶାସନରେ ଓଡ଼ିଶାରେ ଗରିବଙ୍କ ସେବାରେ ପ୍ରିୟ ନବୀନ ବାବୁଙ୍କ ଗୁଣ ଗାନ କରି ଆଗାମୀ ପଞ୍ଚାୟତ ନିର୍ବାଚନରେ ସମସ୍ତ ବିଜୁ କର୍ମୀ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ଦେଢ ବର୍ଷ ମଧ୍ୟରେ ବିଜେପି ସରକାର ଗୋଟିଏ ମଧ ପ୍ରତିଶ୍ରୁତି ପାଳନ କରି ନଥିବାରୁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ସମସ୍ତ ବିଜୁ କର୍ମୀ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ କୋରାପୁଟ ପୂର୍ବତନ ବିଧାୟକ ଶ୍ରୀ ପଡ଼ାଲ। ସବୁ ମାନ ଅଭିମାନ, ମନାନ୍ତର ଭୁଲି ଏକାଠି ହୋଇ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସଜବାଜ ହେବା ସହ ତୃଣମୂଳ ସ୍ତରରେ ଲୋକଙ୍କ ସହ ରହିବାକୁ ସେ ଆହ୍ୱାନ ଦେଇଥିଲେ। ନନ୍ଦପୁର ୫ ବ୍ଲକ ପରି ଜିଲ୍ଲାର ସମସ୍ତ ବ୍ଲକ୍‌ରେ ଏପରି କର୍ମୀ ସମ୍ମିଳନୀ ଆୟୋଜିତ କରି ସଂଗଠନକୁ ମଜଭୁତ କରିବାକୁ ଯୁବ ଗୋଷ୍ଠୀକୁ ସେ ଆହ୍ୱାନ ଦେଇଛନ୍ତି। ଶ୍ରୀ ମାଝୀ ରାଜ୍ୟର ବିଜେପି ସରକାର ନିର୍ବାଚନ ସମୟରେ ଦେଇଥିବା ସମସ୍ତ ପ୍ରତିଶ୍ରୁତିକୁ ନେଇ ଓଡ଼ିଶା ବାସୀଙ୍କୁ ଯେଉଁ ଭୁଆଁ ବୁଲାଇଛନ୍ତି, ଆଗାମୀ ଦିନରେ ସରକାରଙ୍କ ମୁଖା ଖୋଲାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ଇଶ୍ୱର୍ଚନ୍ଦ୍ର ପାଣିଗ୍ରାହୀ, ନୂତନ ଜିଲ୍ଲା ସଭାପତି ଝିନ୍ନ ହିକ୍‌କା, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ପିତମ କୁମାର ପାଢ଼ି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଜିଲ୍ଲା ମହିଳା ସଭାପତି ପାର୍ବତୀ ମସ୍ତି, ପୂର୍ବତନ ଜିଲ୍ଲା ଏସଡିସି ଉପାଧ୍ୟକ୍ଷ ଲକ୍ଷ୍ମୀ ହନ୍ତାଳ, ବ୍ଲକ୍ ମହିଳା ସଭାନେତ୍ରୀ କୁନି ଦଳପତି, ବରିଷ୍ଠ ନେତା କାର୍ତ୍ତିକ ଖେମୁଣ୍ଡୁ, ସୁରେଶ୍ ପଟ୍ଟନାୟକ, ଜିଲ୍ଲା ମିଡ଼ିଆ ସେଲ ଈଶ୍ୱର ଅଳର୍ଡା, ସେକ ବାଜି ସମେତ ବହୁ ଯୁବ କର୍ମୀ ଯୋଗ ଦେଇଥିଲେ।

### ଦାଶ ବେନହୁର ପାଇଲେ ରାୟଗଡା ସାହିତ୍ୟ ସମ୍ମାନ

# 'ସାହିତ୍ୟ ଅକ୍ଷରରେ ନୁହେଁ, ହୃଦୟରେ ବନ୍ଧା'



ରାୟଗଡା, ୧୫।୧୨(ସମିସ): ସାହିତ୍ୟ ସଂସ୍କୃତିର ଉଚ୍ଚତର ଅଙ୍ଗ। ସ୍ଥାପତ୍ୟ ହଜିଯିବ ଓ ନଷ୍ଟ ହୋଇଯିବ। କିନ୍ତୁ ସାହିତ୍ୟ ହଜିବନି। ସବୁ ଅସ୍ଥିର କିନ୍ତୁ ଅକ୍ଷର କୀର୍ତ୍ତି ଚିରସ୍ଥାୟୀ। ସେଥିପାଇଁ ସାହିତ୍ୟ ଅକ୍ଷରରେ ନୁହେଁ, ହୃଦୟରେ ବନ୍ଧା ବୋଲି ରାୟଗଡ଼ ସାହିତ୍ୟ ମହୋତ୍ସବ ଅବସରରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ଯୁଜିଏମ ଆଇଟି ସମ୍ମିଳନୀ ପ୍ରକୋଷ୍ଠରେ ସଭାପତି ଡ. ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରାୟଗଡ଼ ସାହିତ୍ୟ ମହୋତ୍ସବ ୨୦୨୫ ଅବସରରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର ଯୋଗ ଦେଇ କହିଥିଲେ ଯେ, ସମ୍ବେଦନା ହେଉଛି ସାହିତ୍ୟର ମୂଳ ପିଣ୍ଡ। ମାଆର ସ୍ୱର ହେଉଛି ସାହିତ୍ୟର ଆଦ୍ୟ ସ୍ୱର। ଯୁଗେ ଯୁଗେ ରାମାୟଣ ସତ୍ୟର, ଗୀତା ଧର୍ମର ଏବଂ ଭାଗବତ ଭକ୍ତିର କଥା କହି ଆସୁଛି। ଜଗନ୍ନାଥ ମନ୍ଦିର ଶ୍ରେଷ୍ଠ ବିଶ୍ୱ ବିଦ୍ୟାଳୟ ଏବଂ ଓଡ଼ିଆ ଜାତି ସଦା ସର୍ବଦା ନିଜ କଥା ନିଜେ କହି ଆସିଛି ବୋଲି ମତବ୍ୟକ୍ତ କରିଥିଲେ। ସଭାପତି ଡ଼ ମହାନ୍ତି ରାୟଗଡ଼ ସାହିତ୍ୟର ଇତିହାସ ସମ୍ପର୍କରେ ମତବ୍ୟକ୍ତ କରିଥିବା ବେଳେ ମହୋତ୍ସବର ସମ୍ପାଦକ ସୁଶାନ୍ତ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ସାହିତ୍ୟ ମହୋତ୍ସବ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମହୋତ୍ସବ ଉପଦେଷ୍ଟା ଅଶୋକ କୁମାର ଶାରଦା ଓ ଲାବଣ୍ୟ ଶବର ରାୟଗଡା ସାହିତ୍ୟ ପରିବେଶ ସମ୍ପର୍କରେ ଆଲୋକପାତ କରିଥିଲେ। ସାହିତ୍ୟିକ ଦାଶ ବେନହୁରଙ୍କୁ ସ୍ମାରକୀ, ଉପଢୌକନ ସହ ଦଶ ହଜାର ଟଙ୍କାର ପୁରସ୍କାର ରାଶି ସହ ଚଳିତ ବର୍ଷର ରାୟଗଡ଼ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଶ୍ରୀଧର ପଟ୍ଟନାୟକ ସଂଚାଳନ କରିଥିବା ବେଳେ ସଂଗଠନ ସମ୍ପାଦକ ଡ଼ ଦ୍ୱିତୀଚନ୍ଦ୍ର ସାହୁ ରାୟଗଡ଼ର ଗୌରବମୟ ସ୍ୱର୍ଣ୍ଣିମ ଇତିହାସ ସମ୍ପର୍କରେ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହୋତ୍ସବର ମୁଖପତ୍ର ଶବ୍ଦ ରାଗ ଓ କବି ସଙ୍ଗୀତା ମିଶ୍ରଙ୍କ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବୟୋଜ୍ୟେଷ୍ଠ ସାହିତ୍ୟିକ ଶ୍ରୀରଙ୍ଗ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦ୍ୱିତୀୟ ପର୍ବ ଗଳ୍ପ ଅଧିବେଶନରେ ଗାଳ୍ପିକ ଶିବାଶିଷ ପାଢୀ, ଶ୍ରୀଧର ପଟ୍ଟନାୟକ ଓ ରୂପେଶ ସାହୁ ନିମନ୍ତ୍ରିତ ଗାଳ୍ପିକ ଭାବେ ଗଳ୍ପ ପଠନ ସହ ସମ୍ମାନିତ କରାଯାଇଥିଲା। ବେବିରାଣୀ ନନ୍ଦଙ୍କ ସଂଯୋଜନାରେ ପରିଚାଳିତ ଏହି ଆସରରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଗାଳ୍ପିକ ଇଂ. ବିଷ୍ଣୁ ସାହୁ, ମୁଖ୍ୟବକ୍ତା ଭାବେ ଚନ୍ଦ୍ରକାନ୍ତ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ରମେଶ ଟାକ୍ରୀ, ଗାଳ୍ପିକ ରବି ପଣ୍ଡା ଓ ରବି ସ୍ୱାଇଁ ଯୋଗଦେଇ ଓଡ଼ିଆ ଗପର କ୍ରମଧାରା ସମ୍ପର୍କରେ ମତ ରଖିଥିଲେ। ଲାବଣ୍ୟ ମୋହନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସାନ୍ଧ୍ୟ ଅଧିବେଶନରେ ଦକ୍ଷିଣାଞ୍ଚଳ ଆରଡ଼ିସି ସଂଗ୍ରାମ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଚାର ସର୍ବସ୍ୱ ନ ହୋଇ ନିରଳସ ସାହିତ୍ୟ ସାଧନା କରିବାକୁ ସାହିତ୍ୟିକଙ୍କୁ ବୁଝାଇଥିଲେ। ଏହି ଅବସରରେ ବିପିନ ବିହାରୀ ବିଶ୍ୱାଳ ଙ୍କ ଅଧ୍ୟକ୍ଷତାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ତଥା ଜିଲ୍ଲା ବାହାର କବି ଯୋଗଦେଇ କବିତା ପାଠ କରିଥିଲେ। ଏଥିରେ କବି ପ୍ରୀତିଧାରା ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କବି ମାଧୁରୀ ପଣ୍ଡା, ରବି ଶତପଥି, ବିଜୟ ପ୍ରଧାନ ଯୋଗଦେଇ ଓଡ଼ିଆ କବିତା ଉପରେ ନିଜର ମତ ରଖିଥିଲେ। ଅରୁଣ ଲେଙ୍କା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ନିରଞ୍ଜନ ନାୟକ ଏହାକୁ ସଂଚାଳନ କରିଥିଲେ। କବି ମହାଶ୍ୱେତା ପାଣିଗ୍ରାହୀ, ସସ୍ମିତା ମିଶ୍ର, କଲ୍ୟାଣୀ ସାସମଲ, ରବି ଶତପଥି, ଅରୁଣ ପାଣିଗ୍ରାହୀ, ତ୍ରିବେଣୀ ମିଶ୍ର, ସସ୍ମିତା ଆଚାର୍ଯ୍ୟ, ପ୍ରଶାନ୍ତି ସାହୁ ପ୍ରମୁଖ ସଂଯୋଜନା କରିଥିଲେ।

## ବିଷମକଟକରେ ଏବିଭିପିର ବୈଠକ



ବିଷମକଟକ,୧୫।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ସହରର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏଭିବିପି) ତରଫରୁ ପ୍ରଥମ ଥର ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେଶ ର ସର୍ବ ବୃହତ ଛାତ୍ର ସଂଗଠନ ବିଷୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସଂଗଠନ ବିଭାଗ ମନ୍ତ୍ରୀ ସଞ୍ଜୟ ମଲ୍ଲିକ ବିଷମ କଟକରେ ପହଞ୍ଚି ଡୁକୁମ ରୋଡ଼ ସ୍ଥିତ ଶିଶୁ ମନ୍ଦିର ବିଦ୍ୟାଳୟ ପ୍ରାଙ୍ଗଣରେ ବୈଠକ କରିଛନ୍ତି। ସମାଜ ଓ ଦେଶ ଗଠନରେ ଛାତ୍ର ମାନଙ୍କ ଭୂମିକା ଗୁରୁତପୂର୍ଣ ଅଟେ। ବିଷମକଟକର ବିଭିନ୍ନ ବିଦ୍ୟାଳୟ ସମେତ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଏହି ସଂଗଠନରେ ଯୋଡିବା ଏବଂ ସମାଜ ନିର୍ମାଣ ପାଇଁ ଛାତ୍ର ଛାତ୍ରୀ ମାନଙ୍କ ଭୂମିକାକୁ ନେଇ ବୈଠକରେ ଆଲୋଚନା କରାଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସ୍ୱୟଂ ସେବକ ସଂଘର ବରିଷ୍ଠ ସଦସ୍ୟ ମକରଧ୍ୱଜ ଉତ୍ତରାସିଲି, ସମ୍ମାନିତ ଅତିଥି ରୂପେ ଖଣ୍ଡ ସଂଘ ଚାଳକ ନେତ୍ରାନନ୍ଦ ଶତପଥୀ ମୁଖ୍ୟବକ୍ତା ଭାବେ ଭାବେ ଯୋଗ ଦେଇଥିବା ବେଳେ ଏବିଭିପି ସଂଘଠନର ରାୟଗଡା ଓ ଗଜପତି ଜିଲ୍ଲା ବିଭାଗ ସଂଗଠନ ମନ୍ତ୍ରୀ ସଞ୍ଜୟ ମଲ୍ଲିକ ବୈଠକ ପରିଚାଳନା କରିଥିଲେ। ଏହି ଅବସରରେ ସ୍ୱୟଂ ସେବକ ସଂଘର ଅନିଲ କୁମାର ସାହୁ, ଗୋ-ସେବକ ସୁବୋଧ ପ୍ରଧାନୀ, ଶୁଭମ ମହାପାତ୍ର ଏବଂ ସ୍ଥାନୀୟ ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଆଜି ବିଷମକଟକ ଠାରେ ଏବିଭିପିର ମୂଳଦୁଆ ସ୍ଥାପନ ହେଲା ଏବଂ ଆଗାମୀ ଦିନରେ ଦେଶ ହିତର ମୂଳ ଉଦ୍ଦେଶ୍ୟ ନେଇ ବିଷମକଟକ ଅଞ୍ଚଳରେ ରହିଥିବା ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନଙ୍କୁ ଏହି ସଂସଦରେ ସାମିଲ କରାଯିବ ବୋଲି ଶ୍ରୀ ଉତ୍ତରାସିଲି ପ୍ରକାଶ କରିଛନ୍ତି।





## ଲଜ୍ଜାର ଅପାରଗତାକୁ ଲୁଚାଉଛି ପୁଲିସ

# ମାଗିଲେ ଲକ୍ଷେ ଟଙ୍କା, ନ ଦେବାରୁ ଗଣଦୁଷ୍କର୍ମ

ଭୁବନେଶ୍ୱର, ୧୫।୧୨(ସମିସ): ଧଉଳି ଥାନା ଅଞ୍ଚଳରେ ହୋଇଥିବା ଯୁକ୍ତ ୨ ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ପ୍ରଥମ ଦିନରୁ ପୁଲିସ ଘଟଣାକୁ ଚାପିବାରେ ଲାଗିପଡ଼ିଥିଲା। ଏହି ଘଟଣା ମାନବିକତାର ସବୁ ସୀମା ଟପି ପାର କରିଦେଇଛି। ଅଭିଯୁକ୍ତମାନେ ନାବାଳିକା ଏବଂ ତାଙ୍କ ସମ୍ପର୍କୀୟଙ୍କୁ ନିଛାଟିଆ ରାସ୍ତାରେ ଅଟକାଇ ପ୍ରଥମେ ଲୁଟ୍ କରିଥିଲେ। ସେମାନଙ୍କ ଠାରୁ ଅଧିକ ଟଙ୍କା ନ ମିଳିବାରୁ ଉଭୟଙ୍କୁ ଜଙ୍ଗଲ ଭିତରକୁ ନେଇ ମାଡ଼ ମାରିଥିଲେ। ଲକ୍ଷେ ଟଙ୍କା ଦେଇ ଦିଅ ଛାଡିଦେବୁ। ଏତେ ଟଙ୍କା ନାହିଁ ବୋଲି କହିବାରୁ ସମ୍ପର୍କୀୟଙ୍କୁ ନିସ୍ତୁକ ମାଡ଼ ମାରି ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। ଏହି ଘଟଣାରେ ମୋଟ୍ ୪ଜଣ ଅଭିଯୁକ୍ତ ଥିଲା ବେଳେ ପୁଲିସ ମାତ୍ର ଦୁଇ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଆଉ ଦୁଇ ଜଣ ଏବେ ବି ଫେରାର ଅଛନ୍ତି। ପୁଲିସର ସମସ୍ତ ଅଭିଯୁକ୍ତଙ୍କୁ ଧରିବାରେ ଅହେତୁକ ବିଳମ୍ବ କରୁଛି କିନ୍ତୁ ଏହି ଘଟଣାରେ ନିଜର ଅପରାଗତାକୁ ଲୁଚାଇବାକୁ କୌଣସି କସର ଛାଡୁ ନାହିଁ। ଯାହାକୁ ନେଇ ପୁଲିସ ଭୂମିକା ଏବେ ସନ୍ଦେହ ସୃଷ୍ଟି କରୁଛି।

- କୁଆଡ଼େ ଗଲେ ପୁଲିସର ପାଟ୍ରୋଲିଂ ବ୍ୟବସ୍ଥା
- ପାଞ୍ଚଦିନ ପରେ ବି ୨ ଅଭିଯୁକ୍ତ ଫେରାର୍



ମିଳିଥିବା ସୂଚନା ମୁତାବକ ନାବାଳିକା ଜଣଙ୍କ ଯୁକ୍ତ ୨ରେ ପାଠ ପଢ଼ନ୍ତି। ସେ ତାଙ୍କ ସମ୍ପର୍କୀୟ ସହ ଶାନ୍ତିସ୍ତୁପ ଧଉଳି ବୁଲିବାକୁ ଆସିଥିଲେ। ଧଉଳି ବୁଲାବୁଲି କରିବା ପରେ ସେ ଘରକୁ ଫେରୁଥିଲେ। ଗତ ୧୦ ତାରିଖ ସନ୍ଧ୍ୟା ୬ଟା ସମୟରେ ଧଉଳି ଥାନାସ୍ଥିତ ଲିଙ୍ଗିପୁର କେନାଲ ରୋଡ ନିକଟରେ ତାଙ୍କୁ ପ୍ରଥମେ ୨ ଜଣ ବ୍ୟକ୍ତି ଅଟକାଇ ଗାଡି ଚାବି ଛଡାଇ ନେଇଥିଲେ। ତାଙ୍କ ଠାରୁ ଲୁଟ୍ କରି ଗଣଦୁଷ୍କର୍ମ କରିଥିଲେ।

### ଲୁଟ୍, ପରେ ଗଣଦୁଷ୍କର୍ମ

ଲୁଟେରାମାନେ ସେମାନଙ୍କ ଗାଡ଼ି ଅଟକାଇବା ପରେ ପ୍ରଥମେ ଲୁଟ୍ ଏବଂ ପରେ ଗଣଦୁଷ୍କର୍ମ କରିଥିଲେ ଏବଂ ନାବାଳିକାଙ୍କୁ ମାଡ ମାରିଥିଲେ। ତାଙ୍କ ଅଳଙ୍କାର ଛଡାଇବାକୁ ଚେଷ୍ଟା କଲେ। ଅନ୍ଧାରରେ ୨୦ଗ୍ରାମ୍ ସୁନା ଚେନ୍ ଏବଂ ୫ଗ୍ରାମ୍‌ର ରୁପା ଅଳଙ୍କାର ଜୋର ଜବରଦସ୍ତି ଛଡାଇ ନେଇଥିଲେ।

### ପ୍ରତିବାଦ କରିବାରୁ ପୁରୁଷ ବନ୍ଧୁଙ୍କ ଆଖି ନଷ୍ଟ କରିବାକୁ ଉଦ୍ୟମ

ଲୁଟେରା ଛାତ୍ରୀଙ୍କୁ ଗଣଦୁଷ୍କର୍ମ କଲା ବେଳେ ପୁରୁଷବନ୍ଧୁ ଦୃଢ ପ୍ରତିବାଦ କରିଥିଲେ। ପୁରୁଷ ବନ୍ଧୁଙ୍କୁ ତଳେ ପକାଇ ଦୁର୍ବୃତ୍ତମାନେ ନିସ୍ତୁକ ମାଡ ମାରିଥିଲେ। ନାବାଳିକାଙ୍କୁ ଛାଡିଦିଅ ବୋଲି ଯେତେ ଗୁହାରି କରିଥିଲେ। ସୋମାନେ ଆଦୌ ଶୁଣି ନ ଥିଲେ। ବିଧା, ଚାପୁଡା ମାରି ମାରି ମୁହଁ ଫୁଲାଇ ଦେଇଥିଲେ। ଏହାପରେ ଲୁଟେରାମାନେ ପୁରୁଷ ବନ୍ଧୁଙ୍କ ଆଖି ନଷ୍ଟ କରିବାକୁ ଉଦ୍ୟମ କରିଥିଲେ। ପରେ ତଣ୍ଟି ଚିପି ଦେଇଥିଲେ। ଏଭଳି କରି ନାବାଳିକାଙ୍କୁ ପୁରୁଷବନ୍ଧୁଙ୍କ ସାମ୍ନାରେ ଗଣଦୁଷ୍କର୍ମ କରିଥିଲେ।

### ପୀଡ଼ିତାଙ୍କୁ ପଥରରେ ଛେଚିଲେ

ଦୁଷ୍କର୍ମ ଉଦ୍ୟମ ବେଳେ ପୀଡ଼ିତା ପ୍ରତିବାଦ କରିବାରୁ ତାଙ୍କୁ ନିସ୍ତୁକ ମାଡ ମାରିଥିଲେ ଦୁର୍ବୃତ୍ତ। ସେ ଯେତେ ନେହୁରା ହେଲେ ମଧ୍ୟ ଜଣେ ବି କେହି ଶୁଣି ନ ଥିଲେ। ଏହାପରେ ପଥରରେ ତାଙ୍କୁ ବାରମ୍ବାର ଛେଚି ଦେଉଥିଲେ। ଏଣୁ ତାଙ୍କ ଗୋଡ ଏକ ହାତରେ ଗଭିର ଆଘାତ ଲାଗିବା ସହ କ୍ଷତାକ୍ତ ହୋଇଥିଲା।

### ବ୍ଲାକ୍‌ମେଲିଂ ପାଇଁ କରିଥିଲେ ନଗ୍ନ ଭିଡିଓ

ଦୁଷ୍କର୍ମ ପରେ ଅପରାଧ ଲୁଚାଇବାକୁ ଅପରାଧୀମାନେ କରିଥିଲେ ଆଉ ଏକ ଅପରାଧ। ନାବାଳିକାଙ୍କୁ ଏସମ୍ପର୍କରେ କାହାରିକୁ କିଛି ନ ଜଣାଇବାକୁ କୁହାଯାଇଥିଲା। ନାବାଳିକା ଜଣଙ୍କ ସେମାନଙ୍କ କଥା ମାନି ଯାଇଥିଲେ ମଧ୍ୟ ଧମକ ଦିଆଯାଇଥିଲା। ଏହାସତ୍ତ୍ୱେ ଅପରାଧୀମାନେ ନାବାଳିକଙ୍କ ବସ୍ତ୍ରହରଣ କରିଥିଲେ। ଆଉ ନିଃବସ୍ତ୍ର ଭିଡିଓ ଉତ୍ତୋଳନ କରିଥିଲେ। ବହୁ ସମୟ ଧରି ନାବାଳିକାଙ୍କୁ ଏଭଳି ଅତ୍ୟାଚାର କରିଥିଲେ। ଏହାପରେ ଭିଡିଓ ନାବାଳିକାଙ୍କୁ ଦେଖାଇଥିଲେ ଏବଂ ମୁହଁ ଖୋଲିଲେ ଭିଡିଓ ଭାଇରାଲ କରିଦେବୁ ବୋଲି ଧମକ୍ ଦେଇଥିଲେ ଦୁର୍ବୃତ୍ତ। ଫଳରେ ନାବାଳିକା ପ୍ରଥମ ଦିନ କେବଳ ଲୁଟ୍ ଅଭିଯୋଗ କରି ଚାଲି ଯାଇଥିଲେ।

### ସୁରକ୍ଷା ଦେଇ ପାରୁନି ପୁଲିସ

ପୁଲିସ ସବୁବେଳେ ପେଟ୍ରୋଲିଂ କରୁଛି। ପିସିଆର୍ ଏକାଧିକ କର୍ମଚାରୀଙ୍କୁ ନେଇ ସହରରେ ପଇଁତରା ମାରୁଛି। ହେଲେ ସନ୍ଧ୍ୟା ୬ଟାରେ ଜଣେ ନାବାଳିକା ରାଜଧାନୀରେ ଅସୁରକ୍ଷିତ ହୋଇପଡ଼ିଲେ। ଲୁଟ୍ ପରେ ମାତ୍ର ଲକ୍ଷେ ଟଙ୍କା ନ ଦେବାରୁ ଯୌନ ପୀପାସୁ ଅପରାଧୀମାନେ ତାଙ୍କୁ ତାଙ୍କୁ ଦୁଷ୍କର୍ମ କରିଥିଲେ।

### ଦୁଇ ଘଟଣା ପାଇଁ ଥାନା ଅଧିକାରୀଙ୍କୁ ବଦଳି

ପୁଲିସ ନିଜର ଦୋଷ ତ୍ରୁଟି ଲୁଚାଇବାକୁ ଥାନା ଅଧିକାରୀଙ୍କୁ ବଦଳାଇ କରିଥିଲା। ଗତ ୧୦ ତାରିଖ ଦିନ ଏହିଥାନା ଅଧୀନରେ ଦୁଇଟି ବଡ଼ ଘଟଣା ଘଟିଥିଲା। ଗୋଟିଏ ହେଲେ ନାବାଳିକାଙ୍କୁ ଦୁଷ୍କର୍ମ ଆଉ ଗୋଟିଏ ହେଲେ ହତ୍ୟା ଅଭିଯୁକ୍ତ ଥାନାରୁ ଚମ୍ପଟ ମାରିବା। ରାଜା ନାମକ ହତ୍ୟା ଅଭିଯୁକ୍ତ ଏହି ଦିନ ଥାନାର କାଚ ଝରକା ଭାଙ୍ଗି ଚାଲି ଯାଇଥିଲା। ହେଲେ ଧଉଳି ଥାନା ପୁଲିସ ଟେର ପାଇ ନ ଥିଲା। ଧଉଳୀ ଥାନାର ଥାନା ଅଧିକାରୀ ଏଭଳି କଣ କରୁଥିଲେ ଯେ, ନାଆ ଥାନା ଭିତରେ ସେ ସଜାଗ ରହି ପାରିଲେ, ନା ଥାନା ବାହାରେ ନାବାଳିକାଙ୍କୁ ଲୁଟେରାଙ୍କ ଠାରୁ ସୁରକ୍ଷା ଦେଇ ପାରିଲେ। ତାଙ୍କ ବଦଳରେ ଆଉ କିଏ ଥିଲେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଥାନ୍ତା ହେଲେ ପୂର୍ବତନ ଥାନା ଅଧିକାରୀ କିଛି ବଡ଼ ବାବୁଙ୍କ ଅତି ପ୍ରିୟ ଥିବାରୁ ବଦଳି ନେଇ ଅନ୍ୟତ୍ର ଚାଲିଗଲେ।

---

**● ଚାକିରି ଦେବା ଆଳରେ ୩ କୋଟି ଠକେଇ ଘଟଣା**

# ଦିଲ୍ଲୀରୁ ଗିରଫ ହେଲା ବିହାରୀ ଠକ



- ପୂର୍ବରୁ ଗିରଫ ହୋଇଥିଲେ ମାଷ୍ଟରମାଇଣ୍ଡଙ୍କ ସମେତ ୩

ଭୁବନେଶ୍ୱର, ୧୫।୧୨(ସମିସ): ଚାକିରି ଦେବା ନାଁରେ ଓଡ଼ିଶା ସମେତ ୧୭ ରାଜ୍ୟର ପ୍ରାୟ ଦେଢ଼ଲକ୍ଷ ଆଶାୟୀଙ୍କଠାରୁ ୩ କୋଟିରୁ ଅଧିକ ଟଙ୍କା ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଆଉ ଜଣେ ଅଭିଯୁକ୍ତଙ୍କୁ ଦିଲ୍ଲୀରୁ ଗିରଫ କରିଛି। ସେ ହେଲେ ବିହାର ଖଗରିଆ ଜିଲ୍ଲାର ଗୌତମ କୁମାର। ଗୁରୁବାର ନୂଆଦିଲ୍ଲୀ ରୋହିନି ଅଞ୍ଚଳରୁ ତାଙ୍କୁ ଗିରଫ କରାଯିବା ପରେ ରୋହିନି ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଗୌତମଙ୍କୁ ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ସୋମବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯିବା ପରେ ଜେଲକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ମାଷ୍ଟରମାଇଣ୍ଡ ଧରମପାଲ ସିଂ, ସହଯୋଗୀ ଜୟରାମ ତିଓ୍ୱାରୀ ଓ ଅମିତ ସିଂଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନାଁରେ ଇଓଡବ୍ଲ୍ୟୁ ଚାର୍ଜଶିଟ୍ ଦାଖଲ କରିସାରିଛି। ବହୁଦିନ ଧରି ଫେରାର ରହିବା ପରେ ଗୌତମଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା ଏନ୍‌ବିଡବ୍ଲ୍ୟୁ ଆଧାରରେ ଇଓଡବ୍ଲ୍ୟୁ ତାଙ୍କୁ ଗିରଫ କରିଛି ଗ୍ରାମୀଣ ରୋଜଗାର ସଂସ୍ଥାନ ଆକାଉଣ୍ଟରୁ ଗୌତମଙ୍କ ଆକାଉଣ୍ଟକୁ ୬୯.୨୦ ଲକ୍ଷ ଯାଇଥିବା ଇଓଡବ୍ଲ୍ୟୁ ତଦନ୍ତରୁ ପ୍ରମାଣ ପାଇଛି। ସୂଚନାନୁସାରେ, ଧରମପାଲ ସହଯୋଗୀମାନଙ୍କ ସହ ମିଶି ଗ୍ରାମୀଣ ରୋଜଗାର କଲ୍ୟାଣ ସଂସ୍ଥାନ ନାଁରେ ଏକ ନକଲି ସରକାରୀ ୱେବ୍‌ସାଇଟ୍ ଖୋଲିଥିଲେ। ଦିଲ୍ଲୀରେ ଏହାର ପଞ୍ଜୀକୃତ କାର୍ଯ୍ୟାଳୟ ଥିବାବେଳେ ମୁମ୍ବାଇ, ଭୋପାଳ ଓ ଡେରାଡୁନ୍‌ରେ ମଧ୍ୟ ଶାଖା ଖୋଲିଥିଲେ। ଧରମପାଲ ଏହି ସଂସ୍ଥାନର ସମ୍ପାଦକ ରହି ଥିବାବେଳେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, କେରଳ, ତାମିଲନାଡୁ, ତେଲଙ୍ଗାନା, ଆସାମ, ହିମାଚଳପ୍ରଦେଶ, ପଞ୍ଜାବ ଆଦି ୧୭ଟି ରାଜ୍ୟରେ ନିଜର ନେଟ୍‌ଓ୍ୱର୍କ ତିଆରି କରିଥିଲେ। ପରେ ଉକ୍ତ ୱେବ୍ସାଇଟ୍ରେ ସରକାରୀ ବିଜ୍ଞାପନ ଢାଞ୍ଚାରେ ବିଜ୍ଞାପନ ଦେଇ ଯୁବତୀଯୁବକ ଓ ଚାକିରି ଆଶାୟୀଙ୍କୁ ଫସାଇବାକୁ ଜାଲ ବିଛାଇଥିଲେ। ଏପରି କି ବିଶ୍ୱାସ ଜନ୍ମାଇବା ଲାଗି କିଛି ଖବରକାଗଜ ଜରିଆରେ ବିଜ୍ଞାପନ ଦେଉଥିଲେ ଏଥିରେ ଜିଲା ଓ ବ୍ଲକ କୋଅର୍ଡିନେଟର, କମ୍ପ୍ୟୁଟର ଅପରେଟର ଆଦି ବହୁ ପଦବୀ ପାଇଁ ନିଯୁକ୍ତି ବାହାର କରୁଥିଲେ ଅନ୍‌ଲାଇନ୍ ଫି ବାବଦକୁ ସାଧାରଣ ବର୍ଗ ପାଇଁ ୩୭୦ ଟଙ୍କା ଥିବାବେଳେ ଜନଜାତି ପିଲାଙ୍କ ଲାଗି ୧୭୦ ଟଙ୍କା ରହିଥିଲା। ସମସ୍ତ ଆଶାୟୀଙ୍କୁ ଅଯୋଗ୍ୟ କହି କାଟିଦେବା ସହ କୌଣସି ଚାକିରି ଦେଉ ନ ଥିଲେ। ତେବେ ଆବେଦନ ଫି ବାବଦକୁ ଏପରି ଭାବେ ସେ ବହୁ କୋଟି ଟଙ୍କା ଠକି ନେଉଥିଲେ।

---

**● ପରିବା ଗାଡ଼ିରେ ଚାଲାଣ ହେଉଥିଲା ମଦ**

## ଦୁଇହଜାର ଲିଟର ମଦ ଜବତ; ୩ ଗିରଫ



ଭୁବନେଶ୍ୱର, ୧୫।୧୨(ସମିସ): ଭୁବନେଶ୍ୱର ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ମଦ ଜବତ କରାଯାଇଛି। ଅବକାରୀ ବିଭାଗକୁ ଚକମା ଦେବାକୁ ଏକ ପରିବା ଗାଡିରେ ଅଭିନବ ଉପାୟରେ ମଦ ଚାଲାଣ କରୁଥିବା ଅଭିଯୋଗରେ ଅବକାରୀ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିବା ସହ ୨ହଜାର ଲିଟର ମଦ ଜବତ କରିଛି। ଏହାସହ ଅପରାଧରେ ବ୍ୟବହୃତ ଦୁଇଟି କାର ଜବତ କରାଯାଇଛି ବୋଲି ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟ ଦେବାଶିଷ ପଟେଲ କହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲ୍ଲାର ବିକାଶ ଗୌଡ, ଜଗଦିଶ ପାତ୍ର ଏବଂ ମନୋଜ କୁମାର ପାତ୍ର।

ମିଳିଥିବା ସୂଚନା ମୁତାବକ ଏମାନେ ଗଞ୍ଜାମ ଜିଲ୍ଲାରୁ ନିୟମିତ ଭାବେ କାର୍‌ରେ ଦେଶୀ ମଦ ଭୁବନେଶ୍ୱରକୁ ଚାଲାଣ କରନ୍ତି। ସୋମବାର ମଦ ନେଇ ଯାଉଥିଲା ବେଳେ ଅବକାରୀ ବିଭାଗକୁ ଖବର ମିଳିଥିଲା। ଅବକାରୀ ବିଭାଗ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ପିତାପଲ୍ଲୀ ନିକଟରେ ଛକିଥିଲା। ଦିନ ବେଳେ ଏମାନଙ୍କ ଗାଡିକୁ ମାଡି ବସିଥିଲା। ଗାଡି ଡ୍ରାଇଭର ମାନେ ପ୍ରଥମେ ନିଜକୁ ପରିବା ବ୍ୟବସାୟୀ ବୋଲି କହିଥିଲେ। ଉପରେ ପରିବା ତଳେ ମଦ ଥିଲା। ଅବକାରୀ ଟିମ୍ ପରିବା ହଟାଇବା ପରେ ବିପୁଳ ପରିମାଣରେ ମଦ ପାଇଥିଲା। ବେଆଇନ୍ ଭାବେ ମଦ ଚୋରା ଚାଲାଣ କରୁଥିବା ଅଭିଯୋଗରେ ଅବକାରୀ ବିଭାଗ ୩ ଜଣଙ୍କୁ ଗିରଫ କରିଥିଲା।

## ଆକ୍ରମଣ, ଲୁଟ୍ ଅଭିଯୋଗରେ ଜଣେ ଗିରଫ

ଭୁବନେଶ୍ୱର, ୧୫।୧୨(ସମିସ): ଆକ୍ରମଣ ଏବଂ ଲୁଟ୍ ଅଭିଯୋଗାରେ ମୈତ୍ରୀ ବିହାର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ତାରାଣି ନଗର ସାହିଆସାହିର ଜଗନ୍ନାଥ ମହାନ୍ତି। ସୂଚନାଯୋଗ୍ୟ ଯେ ଅଭିଯୋଗକାରୀ ଜଣକ ପରିବାର ସହ ସାଲିଆ ସାହି ଅନ୍ତର୍ଗତ ଟ୍ରାକ୍ଟର ପଡ଼ିଆ ଅଞ୍ଚଳରେ ରୁହନ୍ତି। ଗତ ୨୦ ଅପରାହ୍ନ ପ୍ରାୟ ୪ଟା ସମୟରେ ଅଭିଯୋଗକାରୀ ତାଙ୍କ ଭଉଣୀଙ୍କୁ ଇଡକୋ ପଡ଼ିଆ ମାର୍କେଟରେ ଛାଡ଼ି ନିଜ ମୋଟରସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଜଗା ଓରଫ ଜଗନ୍ନାଥ ମହାନ୍ତି ତାଙ୍କୁ ଲିଫ୍ଟ ମାଗି ସାଙ୍ଗରେ ଆସିଥିଲେ। ଇଡକୋ ପଡ଼ିଆ ନିକଟରେ ଅଭିଯୁକ୍ତ ଜଗା, ତାଙ୍କ ସହଯୋଗୀ ଅନିଲ ଓ ସାନୁ ସହ ମିଶି ଜୋରଜବରଦସ୍ତ ତାଙ୍କୁ ନିକଟସ୍ଥ ଏକ କ୍ଲବ୍ ହାଉସ୍ ଭିତରକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ଜିଆଇ ପ୍ଲାଷ୍ଟିକ ପାଇପରେ ମାଡ ମାରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଅଭିଯୁକ୍ତ ମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଛୁରି, ବ୍ଲେଡ୍‌ରେ ତାଙ୍କ ହାତ ମଧ୍ୟ କାଟିଦେଇଥିଲେ। ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହା ବ୍ୟତୀତ ସେମାନେ ଜୋରଜବରଦସ୍ତି ତାଙ୍କ ନିକଟରୁ ୧୦, ୦୦୦ ଟଙ୍କା ସହିତ ମୋଟରସାଇକେଲର ଚାବି ମଧ୍ୟ ଛଡାଇ ନେଇଯାଇଥିଲେ। ସ୍ଥାନୀୟ ଲୋକମାନଙ୍କ ହସ୍ତକ୍ଷେପ ଫଳରେ ଅଭିଯୁକ୍ତମାନେ ଘଟଣା ସ୍ଥଳରୁ ଖସି ପଳାଇ ଯାଇଥିଲେ। ପୁଲିସ ବିଶ୍ୱସ୍ତ ସୂତ୍ର ଆଧାରରେ ଅଭିଯୁକ୍ତ ଜଗା ଓରଫ ଜଗନ୍ନାଥ ମହାନ୍ତିଙ୍କୁ ଆଜି ଗିରଫ କରିବାରେ ସକ୍ଷମ ହୋଇଥିଲା।

## ମହିଳାଙ୍କୁ ଆକ୍ରମଣ ଅଭିଯୋଗ; ଜଣେ ଗିରଫ

ଭୁବନେଶ୍ୱର, ୧୫।୧୨(ସମିସ): ମହିଳାଙ୍କୁ ଆକ୍ରମଣ ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଜୟପ୍ରକାଶ ପ୍ରଧାନ। ତାଙ୍କ ଠାରୁ ଅପରାଧରେ ବ୍ୟବହୃତ ଏକ କଟୁରି ଜବତ ହୋଇଛି।

ସୂଚନାଯୋଗ୍ୟ ଗତ ୩୦ ରାତି ପ୍ରାୟ ୯ଟା ସମୟରେ ଅଭିଯୁକ୍ତ କିଶୋର ନାୟକ, ଜୟପ୍ରକାଶ ପ୍ରଧାନ, ସାଗରିକା ପ୍ରଧାନ ଅନ୍ୟ ଦୁଇଜଣଙ୍କ ସହ ବେଆଇନ ଭାବରେ ଏକତ୍ରିତ ହୋଇ ଅଭିଯୋଗକାରିଣୀଙ୍କ ବଡ଼ପୁଅ ଯୋଗୀ ନାୟକଙ୍କୁ ତାଙ୍କ ଘର ସମ୍ମୁଖରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଯେତେବେଳେ ଅଭିଯୋଗକାରିଣୀ ଏହାର ପ୍ରତିବାଦ କରିଥିଲେ ଅଭିଯୁକ୍ତମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ କିଛିଦୂର ଟାଣି ନେଇଥିଲେ। ଯାହା ଫଳରେ ସେ ନିଶ୍ୱାସ ପ୍ରଶ୍ୱାସ ନେଇ ପାରି ନ ଥିଲେ। ପରିବାର ସଦସ୍ୟମାନେ ତାଙ୍କୁ ଅଭିଯୁକ୍ତମାନଙ୍କ କବଳରୁ ଉଦ୍ଧାର କରିଥିଲେ। ଅଭିଯୁକ୍ତମାନେ ଅଭିଯୋଗକାରିଣୀ ଏବଂ ତାଙ୍କ ପରିବାର ସଦାସୀଙ୍କୁ ହତ୍ୟା କରିବାକୁ ବାରମ୍ବାର ଧମକ ଦେଇଥିଲେ।ଥାନାରେଅଭିଯୋଗହେବାରୁପୁଲିସଏକମାମଲାରୁଜୁତଦନ୍ତଆରମ୍ଭକରିଥିଲା।

## ଦୁଇ ହୁକ୍କା ବାର୍ ସିଲ୍; ମ୍ୟୁଜିକ୍ ସିଷ୍ଟମ ଜବତ

ଭୁବନେଶ୍ୱର, ୧୫।୧୨(ସମିସ): ସହିଦନଗର ଥାନା ପୁଲିସ ଚଢ଼ାଉ କରି ଦୁଇ ହୁକ୍କା ବାରକୁ ସିଲ୍ କରିଥିବା ବେଳେ ୨ ବାରରେ ମ୍ୟୁଜିକ୍ ସିଷ୍ଟମ୍ ଜବତ କରିଛି। ଏଥିସହ ବହୁ ହୁକ୍କା ସାମଗ୍ରୀ ଜବତ କରିଛି। ରବିବାର ରାତିରେ ପୁଲିସ ଟିମ୍ ମିଳିତ ଭାବେ ବିଭିନ୍ନ ବାର୍ ଓ ରେଷ୍ଟୋରାଁରେ ଚଢ଼ଉ କରିଥିଲା। ସହିଦନଗରରେ ଥିବା ହୁକା ବାର୍, ଏସ୍‌ପ୍ଲାନେଡ୍ ମଲରେ ଥିବା ଲର୍ଡ ଅଫ୍ ଡ୍ରିଙ୍କ୍ସ ଓ ଜୟଦେବ ବିହାରସ୍ଥିତ ଡିଷ୍ଟ୍ରିକ୍ ହାଇ ବାର୍ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ହୁକ୍କା ବାର୍‌ରେ ବେଆଇନ ଭାବେ ହୁକ୍କା ଟଣାଯାଉଥିବା ବେଳେ ଲର୍ଡ ଅଫ୍ ଡ୍ରିଙ୍କ୍ସ ଓ ଡିଷ୍ଟ୍ରିକ୍ ହାଇ ବାର୍‌ରେ ବିଳମ୍ବିତ ରାତି ଯାଏ ମ୍ୟୁଜିକ୍ ସିଷ୍ଟମ୍ ଚାଲିଥିଲା। ପୁଲିସ ହୁକ୍କା ସାମଗ୍ରୀ ସିଜ୍ କରି ଏହାକୁ ସିଲ୍ କରିଥିବା ବେଳେ ଅନ୍ୟ ଦୁଇ ବାରକୁ ମ୍ୟୁଜିକ୍ ସିଷ୍ଟମ୍ ଆଦି ଜବତ କରିଥିଲା। ସେହିପରି ସୋମବାର ରାତିରେ ଭବାନୀ ମଲରେ ଥିବା ଚାଏ ବ୍ରେକ୍ ଉପରେ ପୁଲିସ ଟିମ୍ ଚଢ଼ଉ କରିଥିଲା। ସେଠାରେ ବେଆଇନ ଭାବେ ହୁକ୍କା ଟଣାଯାଉଥିଲା। ପୁଲିସ୍ ଟିମ୍ ହୁକ୍କା ସାମଗ୍ରୀ ଜବତ କରି ବାର୍‌କୁ ସିଲ୍ କରିଦେଇଛି।

# ଇତିହାସର ବିକୃତୀକରଣ; ମୁହଁ ଖୋଲିଲେ କୃଷ୍ଣା

ବାଲିଅନ୍ତା, ୧୫।୧୨(ସମିସ): ଆଜିର ଘଟଣା ଆଗାମୀ କାଲିର ଇତିହାସ; ମାତ୍ର ବେଳେବେଳେ ଅଜ୍ଞାନତା ଇତିହାସକୁ ବିକୃତ କରେ ଓ ଏହା ଭବିଷ୍ୟତ ପିଢ଼ିକୁ ଭୁଲ ବାଟରେ ନେଇଯାଏ। ଅନୁରୂପ ଏକ ଘଟଣା ଘଟିଛି ରାଜଧାନୀରେ ଅନୁଷ୍ଠିତ ସପ୍ତମ ରାଜ୍ୟସ୍ତରୀୟ ପୁସ୍ତକମେଳାରେ। ଆୟୋଜକଙ୍କ ଅଜ୍ଞାନତା ଓ ତ୍ରୁଟି ସ୍ୱାଧୀନତା ସଂଗ୍ରାମର ଇତିହାସକୁ ବିକୃତ କରିଛି। ସାଧାରଣ ଲୋକମାନେ ଏ ସମ୍ପର୍କରେ ମୁହଁ ଖୋଲି ନ ଥିଲେ ହେଁ ବିଶିଷ୍ଟ ଗାନ୍ଧୀବାଦୀ କୃଷ୍ଣା ମହାନ୍ତି ଉଠାଇଛନ୍ତି ଆପତ୍ତି। ତାଙ୍କ ଫଟୋ ରାଜ୍ୟର ପ୍ରଖ୍ୟାତ ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କ ମେଳରେ ସ୍ଥାନ ପାଇଥିବାକୁ ନେଇ ସେ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ଦେଶ ସ୍ୱାଧୀନତା ପାଇବା ବେଳକୁ ତାଙ୍କୁ ମାତ୍ର ସାତରୁ ଆଠ ବର୍ଷ ହୋଇଥିଲା, ସ୍ୱାଧୀନତା ଆନ୍ଦୋଳନରେ ତାଙ୍କର ସାମାନ୍ୟତମ ଅବଦାନ ନାହିଁ। ତେଣୁ ସ୍ୱାଧୀନତା ସଂଗ୍ରାମୀଙ୍କ ସୂଚୀରେ ତାଙ୍କ ନାମକୁ ସ୍ଥାନୀତ କରି ଅନ୍ୟ ପ୍ରଥିତଯଶା ସ୍ୱାଧୀନତା ସଂଗ୍ରାମୀଙ୍କୁ ଅପମାନିତ କରାଯାଇଛି ଓ ଇତିହାସର ବିକୃତ କରାଯାଇଛି ବୋଲି ସେ କହିଛନ୍ତି।

- ସ୍ୱାଧୀନତା ସଂଗ୍ରାମୀଙ୍କ ଷ୍ଟଲରେ ତାଙ୍କ ଫଟୋକୁ ନେଇ ଉଠାଇଲେ ଆପତ୍ତି
- ଦେଶ ସ୍ୱାଧୀନତା ପାଇବା ବେଳକୁ ତାଙ୍କୁ ମାତ୍ର ୮ ବର୍ଷ ହୋଇଥିଲା

ପୁସ୍ତକମେଳାରେ ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କର ଏକ ଫଟୋ ଗ୍ୟାଲେରୀ କରାଯାଇଛି। ଏଥିରେ ରମା ଦେବୀ ଚୌଧୁରୀ, ମାଳତୀ ଚୌଧୁରୀ, ନିର୍ମଳା ଦେବୀ, କୁନ୍ତଳାକୁମାର ସାବତଙ୍କ ପରି ବିଦୂଷୀ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋ ରହିଛି। ଏମାନଙ୍କ ସହ ସେଠାରେ ଗାନ୍ଧୀବାଦୀ କୃଷ୍ଣା ମହାନ୍ତିଙ୍କର ଏକ ଫଟୋ ମଧ୍ୟ ସ୍ଥାନ ପାଇଛି। ମାତ୍ର ସ୍ୱାଧୀନତା ଆନ୍ଦୋଳନରେ କୃଷ୍ଣା ମହାନ୍ତିଙ୍କ କୌଣସି ଭୂମିକା ନାହିଁ ଓ ଏହା ଏକ ଗୁରୁତର ତ୍ରୁଟି ବୋଲି ନିଜେ କୃଷ୍ଣା ମହାନ୍ତି କହିଛନ୍ତି। ପୁସ୍ତକମେଳାକୁ ଅନେକ ବୁଦ୍ଧିଜୀବୀ ଜ୍ଞାନୀ ଏବଂ ମେଧା ଛାତ୍ରଛାତ୍ରୀ ତଥା ସାହିତ୍ୟିକ ଆସିଥାନ୍ତି। ଏଠାରୁ କେବଳ ବହି କିଣନ୍ତି ନାହିଁ ବରଂ ଅନେକ ଜ୍ଞାନ ନେଇ ଫେରିଥାନ୍ତି। ଏପରିସ୍ଥଳେ ମୋର ସ୍ୱାଧୀନତା ସଂଗ୍ରାମରେ କୌଣସି ଭୂମିକା ନ ଥିଲେ ମଧ୍ୟ ମୋତେ ସ୍ୱାଧୀନତା ସଂଗ୍ରାମୀ ବୋଲି ଦର୍ଶାଯିବା କ୍ଷୋଭର ବିଷୟ। ୧୯୩୯ ମସିହାରେ ତାଙ୍କର ଜନ୍ମ ଓ ଦେଶ ସ୍ୱାଧୀନତା ପାଇବା ବେଳକୁ ତାଙ୍କୁ ମାତ୍ର ୮ ବର୍ଷ ହୋଇଥିଲା। ତାଙ୍କର ଫଟୋ ଏହି ଗ୍ୟାଲେରୀରେ ସ୍ଥାନୀତ କରିବା ଆଦୌ ଉଚିତ୍ ନୁହେଁ ବୋଲି କୃଷ୍ଣା କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ କନ୍ୟା କୃଷ୍ଣା ମହାନ୍ତି ଜଣେ ବିଶିଷ୍ଟ ଗାନ୍ଧୀବାଦୀ। ସେ ଅନୁଗୁଳଠାରେ ବାଜିରାଉତ ଛାତ୍ରାବାସ ପ୍ରତିଷ୍ଠା କରିଛନ୍ତି।



---

**ଆମ ରାଜଧାନୀ ଆମ ଐତିହ୍ୟ**

# ପଞ୍ଚରଥ ବିଶିଷ୍ଟ ମାର୍କଣ୍ଡେଶ୍ୱର ମନ୍ଦିର



ଭୁବନେଶ୍ୱର, ୧୫।୧୨(ସମିସ): ମନ୍ଦିରମାନଙ୍କର ସମୂହ ହେଉଛି ରାଜଧାନୀ। ଏଠାରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ଯାହା କେବଳ ଐତିହ୍ୟ କିର୍ତ୍ତୀରାଜିର ମୁକ ସାକ୍ଷୀ ନୁହଁ ବରଂ ଲୋକଙ୍କ ଆଧ୍ୟାତ୍ମିକ ଭାବନା ସହ ମଧ୍ୟ ଜଡିତ। ସେଥିମଧ୍ୟରୁ ଅନ୍ୟତମ ହେଉଛି ପୁରୁଣା ଭୁବନେଶ୍ୱରର ବଡୁ ସାହିରେ ଥିବା ମାର୍କଣ୍ଡେଶ୍ୱର ମନ୍ଦିର। ଏହା ବିନ୍ଦୁସାଗରର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ।

ସୋମେଶ୍ୱର ଶିବ ମନ୍ଦିର ପରି କେଶରୀମାନେ ମାର୍କଣ୍ଡେୟ ଋଷିଙ୍କ ଗସ୍ତକୁ ସ୍ମରଣୀୟ କରିବା ପାଇଁ ଏହି ମାର୍କଣ୍ଡେଶ୍ୱର ଶିବ ମନ୍ଦିର ନିର୍ମାଣ କରିଥିଲେ ବୋଲି କୁହାଯାଏ। ଏହି ମନ୍ଦିରଟି ପୂର୍ବ ଦିଗକୁ ମୁହଁ କରି ରହିଛି। ଏହି ମନ୍ଦିରଟି ଶିବଙ୍କୁ ଉତ୍ସର୍ଗୀକୃତ। ମନ୍ଦିରଟି ଦଶମରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ ହୋଇଥିଲା। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ ମାର୍କଣ୍ଡେଶ୍ୱର ମନ୍ଦିର ଏପରି ଏକ ସ୍ଥାନ ଯେଉଁଠାରେ ଋଷି ମାର୍କଣ୍ଡେୟ ଭଗବାନ ଶିବଙ୍କୁ ଧ୍ୟାନ କରିଥିଲେ। ମନ୍ଦିର ଗଠନ କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ହୋଇଥିବାବେଳେ ଏହାର ଜଗମୋହନ ରେଖା ଦେଉଳ ଶୈଳୀରେ ନିର୍ମିତ ଏବଂ ଏହା ପଞ୍ଚରଥ ବିଶିଷ୍ଟ। ପାର୍ଶ୍ୱଦେବତା ଭାବେ କାର୍ତ୍ତିକେୟଙ୍କ ଉପରେ ବାମ ହାତରେ ମୟୂର ଏବଂ ତଳ ଡାହାଣ ହାତରେ ଏକ ମୟୂର ଧାରଣ କରିଛନ୍ତି। ଉତ୍ତର ପାର୍ଶ୍ୱରେ ପଦ୍ମ ଆସନ ଉପରେ ଦଣ୍ଡାୟମାନ ପାର୍ବତୀଙ୍କ ଏକ ଭଗ୍ନ ପ୍ରତିମା ରହିଥିବାବେଳେ ମନ୍ଦିରର ଶିଖର କାରୁକାର୍ଯ୍ୟ ପୂର୍ଣ୍ଣ ଅଟେ। ସେହିପରି ମନ୍ଦିରର ଗର୍ଭଗୃହ ଦ୍ୱାରରେ ସର୍ବପରିଚିତ ନବଗ୍ରହମାନେ ରହିଛନ୍ତି। ଏହି ମନ୍ଦିରର ପରିସରକୁ ଲାଗି ରହିଛି ଆଉ ଏକ ଐତିହ୍ୟ ମନ୍ଦିର ଯାହା ଅଖଣ୍ଡଚଣ୍ଡୀ ମନ୍ଦିର ଭାବେ ପରିଚିତ।

### ଏବେ କେମିତି ରହିଛି



ଚାରିପାଖରୁ ମନ୍ଦିରକୁ ଘରଗୁଡିକ ଘେରିରହିଛି। ଫଳରେ ଏହି ପୁରାତନ ଐତିହ୍ୟ ମନ୍ଦିରଟି ବର୍ତ୍ତମାନ ସମୟରେ ଲୁଚି ଯାଉଛି ଏବଂ ଅଜଣା ମଧ୍ୟ ହୋଇଯାଉଛି। ଏତେ ସୁନ୍ଦର କାରୁକାର୍ଯ୍ୟଭରା ମନ୍ଦିରକୁ ଯିବାକୁ ବାଟ ନପାଇବାରୁ ପର୍ଯ୍ୟଟକ ଏଠାକୁ ଆସିପାରୁ ନାହାନ୍ତି। ଏହା ସହିତ ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିରର ବାହାର ପାର୍ଶ୍ୱର ରଙ୍ଗ ବଦଳିବା ସହ କାରୁକାର୍ଯ୍ୟ ମଧ୍ୟ କ୍ଷୟ ହେବାକୁ ଲାଗିଲାଣି। ସେହିପରି ବର୍ଷାଦିନେ ମନ୍ଦିର ମଧ୍ୟରେ ଛାତରୁ ପାଣି ପଡୁଥିବା ସ୍ଥାନୀୟ ଲୋକଙ୍କଠୁ ଜାଣିବାକୁ ମିଳିଥିଲା। ମନ୍ଦିରର ଇତିହାସ କିମ୍ବା ତାର ସଂକ୍ଷିପ୍ତ ବୀବରଣୀ ବା ବୋର୍ଡ ନ ଥିବାରୁ ଏହା କେଉଁ ମନ୍ଦିର ଏବଂ ତାର ସ୍ଥାପତ୍ୟ ସବୁ ଅଜଣା ରହିଯାଉଛି। ମନ୍ଦିରଟି ଜରାଜୀର୍ଣ୍ଣ ଅବସ୍ଥାକୁ ଗତିକରୁଥିବା ଏହି ମାର୍କଣ୍ଡେଶ୍ୱର ମନ୍ଦିରକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି କିଛି ଐତିହାସିକ।



## ଭୁବନେଶ୍ୱର ସିଟି

# ଆସୁଛି ବଡ଼ଦିନ; ଜମିଲାଣି ଖ୍ରୀଷ୍ଟମାସ ବଜାର

■ ଛୋଟ ସାନ୍ତାର ଦାମ୍ ୫୦, ହଜାରେ ଟଙ୍କାରେ ବଡ଼ ସାନ୍ତା
■ ୪୦ରୁ ଆରମ୍ଭ ୧୦ ହଜାର ଟଙ୍କାରେ ମିଳୁଛି ଖ୍ରୀଷ୍ଟମାସ୍ ଟ୍ରି





ଭୁବନେଶ୍ୱର, ୧୫।୧୨(ସମିସ): ଆଉ ମାତ୍ର ଦିନ କେତେଟା ପରେ ବଡ଼ଦିନ। ଖ୍ରୀଷ୍ଟ ସମ୍ପ୍ରଦାୟର ବଡ଼ପର୍ବ ଖ୍ରୀଷ୍ଟ ମାସ। ଏଥିପାଇଁ ରାଜଧାନୀରେ ଜମିଲାଣି ଖ୍ରୀଷ୍ଟମାସ ବଜାର। ଚାରିଆଡ଼େ ଆରମ୍ଭ ହୋଇଗଲାଣି ପ୍ରସ୍ତୁତି। ବଡ଼ଦିନ ପାଇଁ ସହରର ପ୍ରମୁଖ ସ୍ଥାନଗୁଡିକରେ ଖୋଲିଲାଣି ଖ୍ରୀଷ୍ଟମାସର ପସରା। ଖ୍ରୀଷ୍ଟମାସ ଟ୍ରି, ଷ୍ଟାର୍, ସାନ୍ତାକ୍ଲଜ୍, ହ୍ୟାଙ୍ଗିଙ୍ଗ ବଲ୍, ବେଲ୍, ସାନ୍ତା ଟଏ, ସାନ୍ତା ଟୋପି, ମୋଜା, ପୋଷାକ, ଖ୍ରୀଷ୍ଟମାସ ବ୍ୟାଣ୍ଡ, ଖ୍ରୀଷ୍ଟମାସ କାର୍ଡ, ଝୁମର୍, ଜରିମାଳ, ମଦର ମେରୀଙ୍କ ଷ୍ଟାଚ୍ୟୁ, ମ୍ୟୁଜିକାଲ ସାନ୍ତା ଓ ଡ୍ୟାନ୍ସିଂ ସାନ୍ତା ଆଦି ସାମଗ୍ରୀରେ ସଜେଇ ହୋଇଛି ରାଜଧାନୀ ରାସ୍ତାକଡ଼ ଠାରୁ ଆରମ୍ଭ କରି ବିଭିନ୍ନ ସପ୍। ଘର ସଜାଇବାଠାରୁ ଆରମ୍ଭ କରି ଆକର୍ଷଣୀୟ ଉପହାର ସାମଗ୍ରୀ। ରାସ୍ତାକଡ଼ରେ ସାନ୍ତା ଡ୍ରେସ ବିକ୍ରି କରାଯାଉଛି। ଛୋଟ ସାନ୍ତାର ମୂଲ୍ୟ ୫୦ଟଙ୍କାରୁ ଆରମ୍ଭ ହୋଇ ୧ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଏଥର ଖ୍ରୀଷ୍ଟମାସ ପାଇଁ ରହିଛି ସ୍ୱତନ୍ତ୍ର ମ୍ୟୁଜିକାଲ୍ ସାନ୍ତା। ଯାହାର ମୂଲ୍ୟ ବିଭିନ୍ନ ସାଇଜ୍ ଅନୁସାରେ ରହିଛି। ସେହିପରି ଖ୍ରୀଷ୍ଟମାସ ଟ୍ରି ଗୁଡ଼ିକ ବେଶ୍ ଆକର୍ଷଣୀୟ ହୋଇଛି। ଖ୍ରୀଷ୍ଟମାସ ଟ୍ରି ଗୁଡ଼ିକର ମଧ୍ୟ ସାଇଜ୍ ଅନୁସାରେ ଦର ରହିଛି। ଟ୍ରିଗୁଡ଼ିକର ମୂଲ୍ୟ ୪୦ ଟଙ୍କାରୁ ଆରମ୍ଭ କରି ୧୦ହଜାର ଟଙ୍କା ରହିଛି। ସବୁଠାରୁ ଉଚ୍ଚତା ଏହାସହିତ ଆମେରିକାନ୍ ଚେରୀ ଟ୍ରି ମଧ୍ୟ ରହିଛି। ଟ୍ରି ଗୁଡ଼ିକ ରଙ୍ଗ ବେରଙ୍ଗର ଲାଇଟ୍ ଓ ଷ୍ଟାରରେ ସଜା ଯାଇଛି। ତେବେ ଏହିସବୁ ସାମଗ୍ରୀ ଗୁଡ଼ିକ କେବଳ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ନୁହଁନ୍ତି ବିଭିନ୍ନ ସମ୍ପ୍ରଦାୟ, ବ୍ୟବସାୟୀ ଓ ଶିକ୍ଷାନୁଷ୍ଠାନ ଆଦିରେ ସଜାଇବାକୁ କିଣୁଥିବା ବ୍ୟବସାୟୀମାନେ କହିଛନ୍ତି। ଏଜି ଛକ, ସତ୍ୟନଗର ଅଞ୍ଚଳରେ ଖ୍ରୀଷ୍ଟମାସର ସାମଗ୍ରୀର ପସରା ଦେଖିବାକୁ ମିଳିଛି। ଘର ସଜାଇବାଠାରୁ ଆରମ୍ଭ କରି ଉପହାର ଦେବା ପାଇଁ ଏଥିରେ ଭରି ହୋଇ ରହିଛି ଖ୍ରୀଷ୍ଟମାସ ସାମଗ୍ରୀ। ଏହିସବୁ ଖ୍ରୀଷ୍ଟମାସ ସାମଗ୍ରୀ ଦିଲ୍ଲୀ, ମୁମ୍ବାଇ ଏବଂ ବେଙ୍ଗାଲୁରୁରୁ ଆସୁଥିବା ବ୍ୟବସାୟୀମାନେ କହିଛନ୍ତି। ତେବେ କେବଳ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ନୁହଁନ୍ତି ବରଂ ସବୁ ସମ୍ପ୍ରଦାୟର ଲୋକ ଏହିସବୁ ସାମଗ୍ରୀ କିଣୁଛନ୍ତି। ବିଶେଷ କରି ଛୋଟ ପିଲାମାନଙ୍କୁ ସାନ୍ତା ବେଶ କରିବା ସୁସଜ୍ଜିତ ଖ୍ରୀଷ୍ଟମାସ ଟ୍ରି ନିକଟରେ ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ଏକ ଟ୍ରେଣ୍ଡ ପାଲଟିଛି। ଯେଉଁଥିପାଇଁ ଏହି ସମାଗ୍ରୀ କିଣିବାକୁ ସମସ୍ତ ବର୍ଗର ଲୋକଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ଖ୍ରୀଷ୍ଟମାସ ଉଦ୍ଦେଶ୍ୟରେ ଉପହାର ଦେବା ପାଇଁ ମଧ୍ୟ ବିଭିନ୍ନ ଆଖିଦୃଶିଆ ଗିଫ୍ଟ ଆଇଟମ୍ ବିକ୍ରି ହେଉଛି। ସନ୍ଧ୍ୟା ହେଲେ ଆଖି ଝଲସା ଆଲୋକରେ ସୁସଜ୍ଜିତ ଏହି ଖ୍ରୀଷ୍ଟମାସ ବଜାର ସମସ୍ତଙ୍କୁ ଆକର୍ଷିତ କରୁଛି। ଅଧିକାଂଶ ରେଷ୍ଟୋରାଁ ଓ ସୋ ରୁମ୍‌ରେ ସାଜସଜ୍ଜା ପାଇଁ କିଣି ନେଇ ସାଜସଜ୍ଜା ଆରମ୍ଭ କରିଦେଲେଣି। ରାସ୍ତା ଉପରେ ଝଲସୁଥିବା ଖ୍ରୀଷ୍ଟମାସ ଟ୍ରିଠାରୁ ଆରମ୍ଭ କରି ସାନ୍ତାକ୍ଲଜଗୁଡିକ ଶୋଭା ବର୍ଦ୍ଧନ କରୁଛି। ଚଳିତବର୍ଷ ଅଧିକ ବ୍ୟବସାୟ ହେବ ବୋଲି ଆଶାପ୍ରକଟ କରିଛନ୍ତି। ଏହାସହ ଖ୍ରୀଷ୍ଟମାସ ପାଇଁ ଚଳଚଞ୍ଚଳ ହେଲାଣି ରାଜଧାନୀର ଚର୍ଚ୍ଚ ପରିସର। ଯୀଶୁଙ୍କ ଜନ୍ମ ଦିବସକୁ ବଡ଼ଦିନ ଭାବେ ପାଳନ କରାଯାଉଥିବା ବେଳେ ରାଜଧାନୀରେ ଥିବା ପ୍ରାୟ ୩୫ଟି ଚର୍ଚ୍ଚରେ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ଚର୍ଚ୍ଚକୁ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ଲାଗିପଡ଼ିଛନ୍ତି ଚର୍ଚ୍ଚର କର୍ମକର୍ତ୍ତାମାନେ।

ପ୍ରତ୍ୟେକ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଏହି ମହାନ ପର୍ବରେ ସମସ୍ତେ ନିଜ ଘରକୁ ରଙ୍ଗୀନ ଆଲୋକମାଳାରେ ସଜାଇଥାନ୍ତି। ଭଳି କି ଭଳି ଲାଇଟ୍, ବେଲ୍, ଘଣ୍ଟି ଛୋଟ ପିଲାମାନେ ସାଣ୍ଟା ଡ୍ରେସ୍ ପିନ୍ଧି ଏହି ଦିବସକୁ ବେଶ୍ ଆନନ୍ଦରେ ପାଳନ କରିଥାନ୍ତି।

## ଅନ୍ୟା ଓ ଅରବ୍ ଜାତୀୟସ୍ତରରେ ପୁରସ୍କୃତ



ଭୁବନେଶ୍ୱର, ୧୫।୧୨(ସମିସ): ମହାରାଷ୍ଟ୍ରର ପୁନେସ୍ଥିତ ଦି ଟର୍‌ନିସ ଇଣ୍ଡିଆ ଆନୁକୂଲ୍ୟରେ ସ୍କୁଲସ୍ତରୀୟ ଜାତୀୟ ବ୍ୟାଣ୍ଡ ପ୍ରତିଯୋଗିତାରେ ଅନ୍ୟା ବ୍ରହ୍ମା ଏବଂ ଅରବ୍ ବ୍ରହ୍ମା ଶ୍ରେଷ୍ଠ ଡ୍ରମର ଏବଂ ଶ୍ରେଷ୍ଠ ବଂଶୀ ବାଦକ ଭାବେ ପୁରସ୍କୃତ ହୋଇଛନ୍ତି। ଉଭୟ ଖଣ୍ଡଗିରି ମଦର୍ସ ପବ୍ଲିକ ସ୍କୁଲରେ ଛାତ୍ରଛାତ୍ରୀ। ସେମାନେ ଭୁବନେଶ୍ୱରର ଶାଶ୍ୱତ ବ୍ରହ୍ମା ଏବଂ ସରିତା ବ୍ରହ୍ମାଙ୍କ ସନ୍ତାନ। ନିଜର କଠିନ ପରିଶ୍ରମ ଦ୍ୱାରା ବାଦ୍ୟ ସଙ୍ଗୀତକୁ ନୂତନତାର ଶିଖରରେ ପହଞ୍ଚାଇବାର ପ୍ରୟାସ କରୁଥିବାବେଳେ ଅରବ୍ ପାରମ୍ପରିକ ଶୈଳୀକୁ ଆୟତ କରିବା ସହିତ ନିଜର ସୃଜନଶୀଳତାକୁ ବଂଶୀ ବାଦନରେ ସମ୍ମିଳିତ କରିଛନ୍ତି ବୋଲି ଏନେଇ ପରିବାର ଲୋକ ପ୍ରକାଶ କରିଛନ୍ତି।

## ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁ ସମ୍ବର୍ଦ୍ଧନା ଉତ୍ସବ



ବଡ଼ରଘୁନାଥପୁର, ୧୫।୧୨(ସମିସ): ଦିନକୁ ଦିନ ଗୁରୁଶିଷ୍ୟ ପରମ୍ପରା କ୍ରମେ ଲୋପ ପାଇବାକୁ ବସିଥିବା ବେଳେ ରାଜଧାନୀ ଉପକଣ୍ଠସ୍ଥିତ ମଦନପୁର ହାଇସ୍କୁଲ ଏବଂ ମଧ ଇଂରାଜୀ ବଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏହାକୁ ବଞ୍ଚାଇ ରଖିବା ପାଇଁ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ବିଦ୍ୟାଳୟର ୧୯ ୯୫ ମସିହାର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁଙ୍କ ମଧ୍ୟରେ ବସନ୍ତ ବଳିୟର୍ସିଂ, ବିଶ୍ୱନାଥ ମିଶ୍ର, କାଳନ୍ଦୀ ମାନସିଂହ, ପ୍ରଦୀପ କୁମାର ଦାସ, କୃଷ୍ଣଚନ୍ଦ୍ର ମହାପାତ୍ର, ଅନ୍ତର୍ଯ୍ୟାମୀ ବେହେରା, ହୃଷୀକେଶ ଜୟସିଂହ, ନୃସିଂହ ଜୟସିଂଙ୍କୁ ୧୯ ୯୫ ମସିହାର ପୁରାତନ ଛାତ୍ରଛାତ୍ରୀମାନେ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ପର୍କ କିଭଳି ବଜାୟ ରହିଛି ଏବଂ ଆଗକୁ ରହିବ ସେ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ଆଜିର କାର୍ଯ୍ୟକ୍ରମକୁ ଆ।।ୟୋଜନ କରିଥିଲେ ଅସିତ୍ କୁମାର ସୁବୁଦ୍ଧି ଏବଂ ଅମିୟ ରଞ୍ଜନ ପାଇକରାୟ, କାଳନ୍ଦୀ ଦାସ, ବିଶ୍ୱନାଥ ବେହେରା, ବନ୍ଦିତା ମଞ୍ଜରୀ ପଟ୍ଟନାୟକ, ବିଦ୍ୟୁତ୍ ପ୍ରଭା ସାହୁ।

## ସୋଆ ପକ୍ଷରୁ ପଠାଣି ସାମନ୍ତଙ୍କ ଜୟନ୍ତୀ



ଭୁବନେଶ୍ୱର, ୧୫।୧୨(ସମିସ): ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କର ୧୯୦ ତମ ଜୟନ୍ତୀ ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ପୂର୍ବତନ ନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ଯୋଗ ଦେଇଥିଲେ। ଏହାସହ ଛାତ୍ରଛାତ୍ରୀଙ୍କୁ ଡ. ପଟ୍ଟନାୟକ ତିଥି, ବାର, ପଞ୍ଜିକା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଞ୍ଜୁଳା ଦାସ ପଠାଣିଙ୍କ ଜୀବନୀ ଆଲୋଚନା କରିବା ସହିତ କିଭଳି ପ୍ରତିକୂଳ ପରିସ୍ଥିତି ମଧ ତାଙ୍କର ବାଟ ଓଗାଳି ପାରି ନ ଥିଲା ସେ ବିଷୟରେ କହିବା ସହ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଯୁଗରେ ମଧ ଆମେ ପଠାଣି ସାମନ୍ତଙ୍କ ଜ୍ୟୋତିର୍ବିଜ୍ଞାନକୁ ଅନୁସରଣ କରୁଛୁ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମକୁ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସଭାପତିତ୍ୱ କରିଥିବା ବେଳେ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସ କାନ୍ତ ମହାନ୍ତି, ସୋଆ ଇଣ୍ଡିଆନ୍ ନଲେଜ ସିଷ୍ଟମ (ଭାରତୀୟ ଜ୍ଞାନ ପରମ୍ପରା) କେନ୍ଦ୍ରର ମୁଖ୍ୟ ତଥା ସୋଆ ଆଉଟରିଚ୍ ଓ ଆନ୍ତର୍ଜାତିକ ସମ୍ପର୍କର ନିର୍ଦ୍ଦେଶକ ପ୍ରଫେସର ନଚିକେତା କେ. ଶର୍ମା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ପୁସ୍ତକ ମେଳାରେ ପ୍ରଜନ୍ମ ସାହିତ୍ୟ ଉତ୍ସବ



ଭୁନେଶ୍ୱର, ୧୫ ।୧୨(ସମିସ): ସପ୍ତମ ରାଜ୍ୟସ୍ତରୀୟ ପୁସ୍ତକ ମେଳାରେ ଖୁସି ପ୍ରକାଶନୀ ଦ୍ୱାରା ଆୟୋଜିତ ପ୍ରଜନ୍ମ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁସ୍ତକ ଉନ୍ମୋଚନ, ପ୍ରଜନ୍ମ ସାହିତ୍ୟ ସମ୍ମାନ ପ୍ରଦାନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ, କବି ଡ. ମନୋରମା ବିଶ୍ୱାଳ ମହାପାତ୍ର, ସାହିତ୍ୟ ଏକାଡେମୀର ପୂର୍ବତନ କ୍ଷେତ୍ରଅଧିକାରୀ (ପୂର୍ବାଞ୍ଚଳ) ଡ. ମିହିର କୁମାର ସାହୁ, ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ତଥା କଥାକାର ଦେବପ୍ରସାଦ ଦାସ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ଅତିଥି ଭାବରେ ଯୋଗଦେଇଥିଲେ। ଏହି ଉତ୍ସବରେ କଥାକାର ଅଜୟ ସ୍ୱାଇଁଙ୍କୁ 'ପ୍ରଜନ୍ମ ଆରଣ୍ୟକ ସମ୍ମାନ', କଥାକାର ଭୀମ ପୃଷ୍ଟିଙ୍କୁ 'ପ୍ରଜନ୍ମ ପରଜା ସମ୍ମାନ', ନାଟ୍ୟକାର ଆନନ୍ଦ ଚନ୍ଦ୍ର ପହିଙ୍କୁ 'ପ୍ରଜନ୍ମ ଅଭିଯାନ ସମ୍ମାନ', କବି ଗୌତମ ଜେନାଙ୍କୁ 'ପ୍ରଜନ୍ମ ଶ୍ରୀରାଧା ସମ୍ମାନ' ଏବଂ ପ୍ରାବନ୍ଧିକ ରବୀନ୍ଦ୍ର ବିହାରୀଙ୍କୁ 'ପ୍ରଜନ୍ମ ବିବେକୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ଖୁସି ପ୍ରକାଶନୀ ଦ୍ୱାରା ପ୍ରକାଶିତ ମହେଶ୍ୱର ପାଢ଼ିଙ୍କ ସମ୍ପାଦିତ 'କବି ଗୌତମ ଜେନାଙ୍କ ପ୍ରେମ କବିତା', ରବୀନ୍ଦ୍ର ବିହାରୀଙ୍କ ସମ୍ପାଦିତ କବି ଗୌତମ ଜେନାଙ୍କ ଜୀବନବାଦୀ କବିତା', ଡ. ଦେବାନନ୍ଦ ଦାସଙ୍କ ସମ୍ପାଦିତ 'ସତ୍ୟପ୍ରିୟଙ୍କ ବନ୍ୟମନସ୍କ', ଡ. ଦୁର୍ଗାମାଧବ ପୃଷ୍ଟିଙ୍କ ସମ୍ପାଦିତ 'ପ୍ରାଣୀଙ୍କ ହିତେ ଭାଗବତ', ପ୍ରକାଶ ପରିଡ଼ାଙ୍କ ରଚିତ 'ଅନ୍ୟମନସ୍କ', ସତ୍ୟପ୍ରିୟ ମହାଲିକଙ୍କ ଆ।।ଜୀବନୀ 'ଅପ୍ରାପ୍ତ ବୟସ୍କ' ଏବଂ ସ୍ୱୟଂସିଦ୍ଧା ଫାଉଣ୍ଡେସନ ଦ୍ୱାରା ପ୍ରକାଶିତ ଜଗଦୀଶ ମିଶ୍ରଙ୍କ ରଚିତ 'ଲ୍ୟାଣ୍ଡ ସିଷ୍ଟମ୍ ଇନ୍ ଆନ୍‌ସିଏଣ୍ଟ ଓଡ଼ିଶା' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଉତ୍ସବକୁ ପ୍ରଜନ୍ମର ସମ୍ପାଦକ ଡ. ଦେବାନନ୍ଦ ଦାସ ଓ ସହ ସମ୍ପାଦକ ମଙ୍ଗରାଜ ମହାପାତ୍ର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସୁଶୀଳ କୁମାର ବାଗ୍, କବି ଉମାକାନ୍ତ ରାଉତ, ସୁରେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ବହୁ ବିଶିଷ୍ଟ କବି, ଲେଖକ ଉପସ୍ଥିତ ଥିଲେ। ଏଅବସରରେ ଆୟୋଜିତ କବିତା ପାଠୋତ୍ସବରେ ୫୦ ରୁ ଅଧିକ ଯୁବକବି କବିତା ପାଠ କରିଥିଲେ।

## ଓଡ଼ିଶା ପ୍ରକାଶକ ସଂଘର ବାର୍ଷିକ ଅଧିବେଶନ ଓ କବିତା ପାଠୋତ୍ସବ

ଭୁବନେଶ୍ୱର, ୧୫।୧୨(ସମିସ): ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ମୁଖ୍ୟ ମଞ୍ଚରେ ରାଜ୍ୟର ସର୍ବବୃହତ୍ ପ୍ରକାଶକ ସାମ୍ମୁଖ୍ୟ 'ଓଡ଼ିଶା ପ୍ରକାଶକ ସଂଘ'ର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସୋମବାର ସଂଧାରେ ଆୟୋଜିତ ଏହି ଉତ୍ସବରେ ଲେଖକ ତରୁଣକାନ୍ତି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଲେଖିକା ବନଜ ଦେବୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ସଂଘ ସଭାପତି କ୍ଷୀରୋଦ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବନଜ ଦେବୀଙ୍କ ଦୁଇଟି ଗଳ୍ପ ପୁସ୍ତକ ପୁସ୍ତକ ପେନ୍ ଇନ୍ ବୁକ୍ସ ପ୍ରକାଶିତ 'ବାଧିଲା ଜାଣି କ୍ଷମା' ଓ ଟାଇମପାସ ପ୍ରକାଶିତ 'କାଠପୁଅ ଓ ଅନ୍ୟାନ୍ୟ ଗଳ୍ପ', ଅପୂର୍ବା ପ୍ରକାଶିତ ପାରମିତା ଶତପଥୀଙ୍କ ଉପନ୍ୟାସ 'ଅପଥଚାରିଣୀ', ପକ୍ଷୀଘର ପ୍ରକାଶନୀ ପ୍ରକାଶିତ ପ୍ରଣତି ଆଚାର୍ଯ୍ୟ ମିଶ୍ରଙ୍କ ପ୍ରବନ୍ଧ ସଂକଳନ 'ଶବ୍ଦର ସଂଳାପ', ବୁଲବୁଲ ବୁକ୍ସ ପ୍ରକାଶିତ ନିମାଇଁ ପଣ୍ଡାଙ୍କ କବିତା ପୁସ୍ତକ 'ଉତ୍କଳ ଅନୁଚିନ୍ତା', ବିଶ୍ୱମୁକ୍ତି ପ୍ରକାଶିତ ଗିରିଜା ଶଙ୍କର ସାହୁଙ୍କ ପ୍ରବନ୍ଧ ସଂକଳନ 'ତବ ବାଧତି ବାଧତେ' ଓ ଜ୍ଞାନଯୁଗ ପ୍ରକାଶିତ ସନ୍ତୋଷ କୁମାର ପଣ୍ଡାଙ୍କ ସଙ୍ଗୀତ ଶାସ୍ତ୍ର ଗ୍ରନ୍ଥ 'ସ୍ୱରସ୍ମୃତି' ଉନ୍ମୋଚିତ ହୋଇଯାଇଛି। ସଂଘର ଉପ ସଭାପତି ବନୋଜ ତ୍ରିପାଠୀ ଅନୁଷ୍ଠାନର ଆଭିମୁଖ୍ୟ ବିଷୟରେ ବକ୍ତବ୍ୟ ରଖିଥିବାବେଳେ ସମ୍ପାଦକୀୟ ଅଭିବ୍ୟକ୍ତି ରଖିଥିଲେ ଶୁଭ୍ରାଂଶୁ ପଣ୍ଡା ଏବଂ ଶେଷରେ ଅନୁଷ୍ଠାନର ଅନ୍ୟତମ ଉପସଭାପତି ସରୋଜ ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ 'ତାରୁଣ୍ୟ ତୀରେ' ଶୀର୍ଷକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସୁଧୀର ମଉଡ଼ମଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ଉତ୍ସବରେ ତୁଷାର ବରଣ ସାହୁ ଓ ପବିତ୍ର ବ୍ରହ୍ମପୁତ୍ର ନାୟକ ଉପସ୍ଥିତ ଥିଲେ। ଅଂଶୁମାନ ସାହୁଙ୍କ ସଂଯୋଜନାରେ ଆୟୋଜିତ କବିତାପାଠୋତ୍ସବରେ ୩୦ରୁ ଅଧିକ ତରୁଣ କବି କବିତା ପାଠ କରିଥିଲେ।



## ବାପୁଜୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ନନ୍ଦନକାନନ, ୧୫।୧୨(ସମିସ):ବରିମୁଣ୍ଡ ପଞ୍ଚାୟତସ୍ଥିତ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆଜି ଉଦଘାଟିତ ହୋଇଛି। ଏହି କ୍ରୀଡା ପ୍ରତିଯୋଗିତାକୁ ପଞ୍ଚାୟତର ସରପଞ୍ଚ ସୁପ୍ରିୟା ମଲ୍ଲିକ ଉଦଘାଟନ କରିଛନ୍ତି। ତାଙ୍କ ସହିତ ପ୍ରଧାନ ଶିକ୍ଷୟତ୍ରୀ ଦମୟନ୍ତୀ ମଲ୍ଲିକ, ବିଦ୍ୟାଳୟର ଅଧକ୍ଷ ଶରତ ଚନ୍ଦ୍ର ପରିଡ଼ା, ପୂର୍ବତନ କ୍ରୀଡା ଶିକ୍ଷକ ଅନନ୍ତ ସାହୁ, କ୍ରିଷ୍ଣା ମିଶ୍ର, କାଳନ୍ଦୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ୨୦ଟି କ୍ରୀଡାକୁ ନେଇ ଏହି ପ୍ରତିଯୋଗିତା ଦୁଇଦିନ ଧରି ହେବ।

## ପ୍ରଦୀପ ବିଶ୍ୱାଳ ଓ ସତ୍ୟପ୍ରିୟ ରଥଙ୍କ ପୁସ୍ତକ ଲୋକର୍ପିତ



ଭୁବନେଶ୍ୱର, ୧୫।୧୨(ସମିସ): ପ୍ରଦୀପ କୁମାର ବିଶ୍ୱାଳ ଓ ସତ୍ୟପ୍ରିୟ ରଥଙ୍କ ଲିଖିତ 'ରିଫର୍ମସ ଇନ୍ ଇନଡାଇରେକ୍ଟ ଟ୍ୟାକ୍ସସେସ ଇନ ଓଡ଼ିଶା : ଫ୍ରମ୍ ସେଲ୍‌ଫସ ଟ୍ୟାକ୍ସ ଟୁ ଭିଏଟି ଆଣ୍ଡ ଜିଏସଟି' ପୁସ୍ତକର ଲୋକାର୍ପଣ ଉତ୍ସବ ଗୀତଗୋବିନ୍ଦ ସଦନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଯୋଗଦେଇ ବିଗତ ଦୁଇ ଦଶନ୍ଧିରେ ଓଡ଼ିଶାର ଆର୍ଥିକ ପ୍ରଗତିର ରୂପରେଖ ଉପରେ ଆଲୋକପାତ କରିବା ସହ ବିକ୍ରିକର ବ୍ୟବସ୍ଥାର ସଂସ୍କାର କିପରି ରାଜ୍ୟ ରାଜସ୍ୱ ବୃଦ୍ଧିରେ ସହାୟକ ହୋଇଥିଲା ତାହା ଉଲ୍ଲେଖ କରଥିଲେ। ମୁଖ୍ୟବକ୍ତା ପୂର୍ବତନ ଅର୍ଥ ସଚିବ ଡ. ରବି ନାରାୟଣ ସେନାପତି, ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ ଦିଲ୍ଲୀପ କୁମାର ବିଶୋୟୀ ପୁସ୍ତକର ସବିଶେଷ ସମୀକ୍ଷା କରି ଏହାର ବିଶେଷତ୍ୱ ପ୍ରତିପାଦନ କରିଥିଲେ। ବାଣିଜ୍ୟକର ଅଧିକାରୀ ଲୋପାମୁଦ୍ରା ସିଂହ ଏହା କିପରି ଅଧିକାରୀମାନଙ୍କ ପାଇଁ ଉପାଦେୟ ତାହା ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଉଭୟ ଲେଖକ ପୁସ୍ତକ ସମ୍ପର୍କରେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ପ୍ରକାଶକ ପରେଶ କୁମାର ପଟ୍ଟନାୟକ ଉତ୍ସବ ପରିଚାଳନା କରିଥିଲେ।

## ଇଂଲିଶ ମିଡିୟମ ସ୍କୁଲ୍‌ର ବାର୍ଷିକୋତ୍ସବ

ଯାଁଳା, ୧୫।୧୨(ସମିସ): ଖୋର୍ଦ୍ଧା ନିକଟସ୍ଥ ଅଙ୍ଗାରଗଡ଼ାଠାରେ ଥିବା ଭଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ୍‌ର ୯ମ ବାର୍ଷିକୋତ୍ସବ ଅଧ୍ୟକ୍ଷା ଅନ୍ତର୍ଯ୍ୟାମୟୀ ଦାଶଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଶଶାଙ୍କ ଶେଖର ପତି, ମୁଖ୍ୟବକ୍ତା ଭାବେ ଡ. ସୂର୍ଯ୍ୟପ୍ରକାଶ ପତି, ସମ୍ମାନିତ ଅତିଥି ଭାବେ ଅଙ୍ଗାରଗଡ଼ା ସରପଞ୍ଚ ମମତା ସାହୁ ଉପସ୍ଥିତ ଥିଲେ। ଶିକ୍ଷକ ହିମାଂଶୁ ଶେଖର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସ୍କୁଲ୍‌ର ପରିଚାଳନା ସମ୍ପାଦକ ବସନ୍ତ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଶକ୍ତିପ୍ରକାଶ ପତି ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଜଗତ୍‌ଜିତ ରାଉତ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ୯ମ ପେନ୍-ଇନ୍-ବୁକ୍ସ ଯୁବ ଲେଖକ ସମ୍ମାନ ସମାରୋହ

# ସମ୍ମାନିତ ହେଲେ ୧୦ ଯୁବ ଲେଖକ

ଭୁବନେଶ୍ୱର,୧୫।୧୨(ସମିସ): ପ୍ରକାଶନୀ ସଂସ୍ଥା 'ପେନ୍ ଇନ୍ ବୁକ୍ସ' ପକ୍ଷରୁ ନବମ 'ଯୁବ ଲେଖକ ସମ୍ମାନ' ସମାରୋହ ଅନୁଷ୍ଠିତ ହୋଇଯାଇଛି। ସୋମବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି ଉତ୍ସବରେ ୧୦ଜଣଯୁବ ଲେଖକ ସେମାନଙ୍କ ପାଣ୍ଡୁଲିପି ନିମନ୍ତେ ୨୦୨୫ ମସିହା ପାଇଁ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଅନୁରୂପ ଭାବେ ୨୦୨୪ରେ ସମ୍ମାନିତ ଲେଖକଙ୍କ ପୁସ୍ତକ ମଧ ଏ ଅବସରରେ ପ୍ରକାଶ ପାଇଛି।

### ୧୦ ପୁସ୍ତକ ଲୋକାର୍ପିତ

ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ଲେଖକ ଓ ଚିନ୍ତକ ଦାଶ ବେନହୁର ଏଭଳି ପ୍ରୟାସର ପ୍ରଶଂସା କରିବା ସହ ତରୁଣଙ୍କ ମନରେ ଆଶା ଓ ଆତ୍ମବିଶ୍ୱାସ ବୃଦ୍ଧିରେ ଏ ଉତ୍ସବ ସହାୟକ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ କଥାଶିଳ୍ପୀ ତଥା କାଦମ୍ବିନୀର ସମ୍ପାଦିକା ଡ. ଇତିରାଣୀ ସାମନ୍ତ କହିଥିଲେ, ସଂଘର୍ଷ ନଥିଲେ ସଫଳତା ମିଳେ ନାହିଁ। ପୁରସ୍କାର ଜଣେ ଲେଖକକୁ ଅଧିକ ଦାୟିତ୍ୱବାନ କରିବା ସହ ଆଗକୁ ବାଟ କଢ଼ାଇନିଏ ବୋଲି କହିଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି ସମ୍ମାନର ପ୍ରବର୍ତ୍ତକ ତଥା କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା କହିଥିଲେ, ଧୈର୍ଯ୍ୟ ଓ ଆତ୍ମସମୀକ୍ଷା ଜଣେ ଲେଖକର ସବୁଠୁ ବଡ଼ ଅଳଙ୍କାର।



ସୂଚନା ଅନୁସାରେ, ୨୦୧୭ ମସିହାଠାରୁ ପ୍ରତିବର୍ଷ ପେନ୍ ଇନ୍ ବୁକ୍ସ ପକ୍ଷରୁ ୪୦ବର୍ଷରୁ କମ ବୟସର ୧୦ଜଣ ଯୁବ ଲେଖକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଛି। ଗଳ୍ପ ପାଣ୍ଡୁଲିପି 'ଡେଣା ନଥିବା ଚଢ଼େଇ' ପାଇଁ ଶୁଭାଶିଷ ପଟ୍ଟନାୟକ, ଗଳ୍ପ ପାଣ୍ଡୁଲିପି 'ଭୟଙ୍କର ବର୍ଷାରାତି' ନିମନ୍ତେ ପ୍ରତିମା ପାତ୍ର, ଗଳ୍ପ ପାଣ୍ଡୁଲିପି 'ଦହିହାଣ୍ଡି' ପାଇଁ ଜିତେନ୍ଦ୍ର ସାହୁ, ଉପନ୍ୟାସ ପାଣ୍ଡୁଲିପି 'ଅଜ୍ଞାତବାସ' ପାଇଁ ଜନ୍ମେଜୟ ପଣ୍ଡା ଓ ଗଳ୍ପ ପାଣ୍ଡୁଲିପି 'ଟିସୁପେପର' ପାଇଁ ସ୍ରୋତସ୍ୱିନୀ ପରିଡ଼ାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଅନୁରୂପ ଭାବେ କବିତା ପାଣ୍ଡୁଲିପି 'ତ୍ୟାଗର ଈଶ୍ୱରୀ' ପାଇଁ କୌଶିକ ଗିରି, ଗଳ୍ପ ପାଣ୍ଡୁଲିପି 'ଶେଷରାକ୍ଷୀ ଓ ଅନ୍ୟାନ୍ୟ ଗଳ୍ପ' ପାଇଁ ସୁବ୍ରତ ପାତ୍ର, ଗଳ୍ପ ପାଣ୍ଡୁଲିପି 'ସ୍କେଚ୍' ପାଇଁ ଶିବ ଚରଣ ମହାପାତ୍ର, କବିତା ପାଣ୍ଡୁଲିପି 'କେହିଜଣେ ପ୍ରେମିକ ପୁରୁଷ' ପାଇଁ ଶୁଭସ୍ମିତା ତ୍ରିପାଠୀ ଓ କବିତା ପାଣ୍ଡୁଲିପି 'ଫୁଲ ଫୁଟିବାର ବେଳ' ପାଇଁ ଶୁଭଶ୍ରୀ ତନିମା ନାୟକଙ୍କୁ 'ପେନ୍ ଇନ୍ ବୁକ୍ସ ଯୁବ ଲେଖକ ସମ୍ମାନ-୨୦୨୫' ପ୍ରଦାନ କରାଯାଇଛି। ଆସନ୍ତା ବର୍ଷ ୧୦ମ ସମ୍ମାନ ଉତ୍ସବ ଅବସରରେ ସେମାନଙ୍କ ପୁସ୍ତକ ପ୍ରକାଶ ପାଇବ ବୋଲି ପେନ୍ ଇନ୍ ବୁକ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ଉପଲକ୍ଷେ ୨୦୨୪ ମସିହାରେ ୮ମ ସଂସ୍କରଣରେ ସମ୍ମାନିତ ହୋଇଥିବା ୧୦ଜଣ ଲେଖକଙ୍କ ପୁସ୍ତକକୁ ଆଜି ଅତିଥିମାନେ ଲୋକାର୍ପଣ କରିଛନ୍ତି। ୨୦୨୫ ମସିହା ପାଇଁ ମୋଟ ୬୪ଟି ପାଣ୍ଡୁଲିପି ଗ୍ରହଣ କରାଯାଇଥିବା ବେଳେ ବିଚାରକ ମଣ୍ଡଳୀ ଦ୍ୱାରା ୧୦ ପାଣ୍ଡୁଲିପିକୁ ଚୟନ କରାଯାଇଛି। ଜଣାଶୁଣା ଲେଖକ ପ୍ରକାଶ ମହାପାତ୍ର, ପ୍ରବୀଣା ମହାନ୍ତି ଓ ଆଶିଷ କୁମାର ଗଡ଼ନାୟକ ଏଥର ବିଚାରକ ରହିଥିଲେ। ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ସହମହାପ୍ରବନ୍ଧକ ତଥା କବି ପବିତ୍ର ମୋହନ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ସୁଗୁଡା ବିଟ୍ ଅଞ୍ଚଳରେ ହାତୀ ଉପଦ୍ରବ

# ଭାଙ୍ଗିଲେ ପାଚେରୀ, ଖାଇଲେ ଧାନ ଓ ପନିପରିବା



ଦେବଗଡ,୧୫।୧୨(ସମିସ): ଦେବଗଡ ବନାଞ୍ଚଳ ତଥା ଦେବଗଡ ଫରେଷ୍ଟ ସେକ୍ସନ ସୁଗୁଡ଼ା ବିଟ୍ ଅଞ୍ଚଳରେ ଗତ କିଛିଦିନ ହେଲା ହାତୀ ଉପଦ୍ରବ ଚରମ ସୀମାରେ ପହଞ୍ଚିଛି। ବନ ବିଭାଗ ଦ୍ୱାରା "ଗଜେନ୍ଦ୍ର' ନାମରେ ନାମିତ ଦନ୍ତା ହାତୀ ସୁଗୁଡ଼ା ବିଟ ଅଞ୍ଚଳର ଗୁଣ୍ଡୁରିପୋଶି ଆଦି ଗ୍ରାମରେ ପଶି ଧାନ ସମେତ ବିଭିନ୍ନ ପନି ପରିବା ଖାଇବା ସହ ଦଳି ନଷ୍ଟ କରିଥିଲା। ଉକ୍ତ ହାତୀଟି ୨ରୁ ୩ ଦିନ ହେଲା ରିଆମାଳ ବନାଞ୍ଚଳର ରେଙ୍ଗାଲବେଡା ସେକ୍ସନ ଅଞ୍ଚଳକୁ ଚାଲି ଯାଇଥିବା ବେଳେ "ବିବିଓ-୧' ନାମରେ ନାମିତ ଗୋଠଛଡା ଦନ୍ତାହାତୀ ସମେତ ୪୬ଟି ହାତୀର ଅନ୍ୟ ଏକ ଦଳ ସୁଗୁଡା, ଝୁଟିଆପାଲି, ବୁଢିବିଲ, ଗୁଣ୍ଡୁରିପୋଶି ଓ ବାସୁଦେବପୁର ସମେତ ଆଖପାଖ ବିଭିନ୍ନ ଗ୍ରାମରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଉଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ହାତୀମାନେ ବାସୁଦେବପୁର ଗ୍ରାମରେ ଥିବା ସୁଗୁଡା ଗ୍ରାମର ଟିକି ସାହୁଙ୍କ କଦଳୀ ବଗିଚାକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟକରିବା ସହ ଗୁଣ୍ଡୁରିପୋଶି ଗ୍ରାମର ଏକାଧିକ ଚାଷୀଙ୍କ ଧାନ ଓ ଟମାଟୋ ଫସଲ ନଷ୍ଟକରିଥିବା ଜଣାପଡିଛି। ବାସୁଦେବପୁର ଗ୍ରାମରେ ଥିବା ବାବା ବସୁଧେଶ୍ୱର ମନ୍ଦିରର ପାଚେରୀ ଭାଙ୍ଗିବା ସହ ନିକଟସ୍ଥ ସରକାରୀ ଖଳାରେ ଗଚ୍ଛିତ ଥିବା ଏକାଧିକ ଚାଷୀଙ୍କର ଅମଳ ଯୋଗ୍ୟ ଧାନ ଖାଇଦେଇଥିଲେ। ଅନୁରୂପ ଭାବେ ଗତକାଲି ରାତ୍ରିରେ ସୁଗୁଡ଼ା ସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଚେରୀ, ସେଥିରେ ଲାଗିଥିବା ଲୁହା ଗ୍ରୀଲ ଓ ମୁଖ୍ୟ ଫାଟକ ଭାଙ୍ଗିଦେଇଥିବା ଜଣାପଡିଛି। ସେହିପରି ବୁଢିବିଲ ଗ୍ରାମର ଇନ୍ଦୁଭୂଷଣ ଗୁରୁଙ୍କ ଚାଷ ଜମିରେ ଥିବା ୨୦୦ ବିଡାରୁ ଊର୍ଦ୍ଧ୍ୱ ଧାନ ଖାଇଦେଇଥିବା ସୂଚନା ମିଳିଛି। ଫଳରେ ଆଖପାଖ ଅଞ୍ଚଳର ଚାଷୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଇତିମଧ୍ୟରେ ୪୬ ଟିକିଆ ହାତୀ ଦଳ ବାସୁଦେବପୁର ନିକଟସ୍ଥ ରମ୍ଭାଦେବୀ ସଂରକ୍ଷିତ ଜଙ୍ଗଲକୁ ଚାଲିଯାଇଥିଲେ ହେଁ ବର୍ତ୍ତମାନ ଗୋଠଛଡା "ବିବିଓ-୧' ଦନ୍ତାହାତୀଟି ବୁଢିବିଲ ଓ ଶ୍ରୀନିବାସପୁର ଗ୍ରାମ ନିକଟରେ ରହିଥିବାରୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏଣୁ ବନ ବିଭାଗ କର୍ତ୍ତୃପକ୍ଷ ଉକ୍ତ ହାତୀଟିକୁ ଜଙ୍ଗଲ ମଧ୍ୟକୁ ଘଉଡାଇବାର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# କୋଲାବିରାରେ ୩୨ ଟିକିଆ ହାତୀ ପଲ



କୋଲାବିରା,୧୫ ।୧୨(ସମିସ): କୋଲାବିରା ବନାଞ୍ଚଳକୁ ୩୨ ଟିକିଆ ହାତୀ ପଲ ପଶି ଆସିଥିବା ଦେଖିବାକୁ ମିଳିଛି। ଜମନକିରା ଅଞ୍ଚଳରୁ ବାହାରି କୁଚିଣ୍ଡା ଦେଇ କୋଲାବିରା ବନାଞ୍ଚଳ ଲରିଆପାଲିକୁ ରବିବାର ରାତିରେ ଏହି ହାତୀ ପଲ ପଶି ଆସିଥିବା ଜଣାପଡିଛି। ବନବିଭାଗ ପକ୍ଷରୁ ଡ୍ରୋନ୍ ସାହାର୍ଯ୍ୟରେ ଉତ୍ତୋଳନ କରାଯାଇଥିବା ଚିତ୍ରରୁ ଏହା ସ୍ପଷ୍ଟ ହୋଇଛି। ତେବେ ଏତେ ସଂଖ୍ୟକ ହାତୀଙ୍କ ଉପସ୍ଥିତି ବନ ବିଭାଗ ପାଇଁ ଚିନ୍ତାର କାରଣ ସାଜିଛି। ଜନସାଧାରଣ ଆତଙ୍କିତ ଅଛନ୍ତି। ଏପର୍ଯ୍ୟନ୍ତ କାହାରି କିଛି କ୍ଷତି କରିନଥିବା ବେଳେ ହାତୀ ପଲ ଗୋଟିଏ ଦିନ ରହିବାପରେ ଲରିଆପାଲି ଜଙ୍ଗଲରୁ ବାହାରି ନିକଟସ୍ଥ ଜାମଚୁଆଁ ଜଙ୍ଗଲକୁ ପ୍ରବେଶ କରିଥିବା ଜଣାପଡ଼ିଛି। ବନ ବିଭାଗ ପକ୍ଷରୁ ହାତୀଙ୍କ ଜଗିବାର ବ୍ୟବସ୍ଥା କରାଯାଇଛି। ଏନେଇ କୋଲାବିରା ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲାଙ୍କୁ ପଚାରିବାରୁ ନିଜେ ଘଟଣା ସ୍ଥଳରେ ଉପସ୍ଥିତ ରହି ମୋନିଟରିଙ୍ଗ କରୁଥିବା ଓ ଜିଲ୍ଲା ମୁଖ୍ୟାଳୟ ବ୍ୟତିତ ଅନ୍ୟାନ୍ୟ ରେଞ୍ଜର କର୍ମଚାରୀଙ୍କୁ ନେଇ ଗଠିତ ୬ଟି ଟିମ୍ ହାତୀ ପଲଙ୍କ ଗତିବିଧି ଉପରେ ନଜର ରଖିଥିବା କହିଛନ୍ତି। ଏଥିସହ ଏହି ଅଭିଯାନରେ ଅଞ୍ଚଳର ୫୦ ଜଣ ଗଜସାଥି ମଧ୍ୟ ସାମିଲ ହୋଇଛନ୍ତି। ଡ୍ରୋନ ସାହାର୍ଯ୍ୟରେ ହାତୀଙ୍କ ଗତୀବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଏହା ସହିତ ଜଙ୍ଗଲ ସୀମାବର୍ତ୍ତି ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଭୋର ସକାଳୁ ଏବଂ ସଂଧ୍ୟା ପରେ ବାହାରକୁ ନ ବାହାରିବା ପାଇଁ ସଚେତନ କରାଯାଉଛି। ଏଥିସହ ହାତୀ ପଲ ଯେପରି କୌଣସି କ୍ଷୟକ୍ଷତି ନ କରନ୍ତି ସେଥିପ୍ରତି ମଧ୍ୟ ସତର୍କତା ଅବଲମ୍ବନ କରାଯାଉଛି। ହାତୀଗୁଡିକ ଯେଉଁ ଅଞ୍ଚଳ ଦେଇ ଗତି କରୁଛନ୍ତି ସେ ଅଞ୍ଚଳକୁ ଘେରାବନ୍ଦି କରାଯାଇ ଜନବସତି ଭିତରକୁ ଯେପରି ହାତୀମାନେ ପଶି ନ ପାରନ୍ତି ସେ ଉପରେ ଦୃଷ୍ଟି ରଖାଯାଇଛି। ତୁରନ୍ତ ନହେଲେ ମଧ୍ୟ କିଛି ବ୍ୟବଧାନ ମଧ୍ୟରେ ହାତୀ ପଲ ଦୂର ସ୍ଥାନକୁ ଚାଲିଯିବାର ଅନୁମାନ କରାଯାଉଛି ବୋଲି କହିଛନ୍ତି ରେଞ୍ଜର ଶ୍ରୀ ଜଗଦଲା।

# ଠିକା କାମ ପିସି ମଗାକୁ କେନ୍ଦ୍ରକରି ପିଇଓଙ୍କୁ ମାଡ଼ ଅଭିଯୋଗ

ଦେବଗଡ଼,୧୫।୧୨(ସମିସ): ବାରକୋଟ ବ୍ଲକ ଦନ୍ତାରୀବାହାଲ ପଞ୍ଚାୟତ ପିଇଓ ତୁଳନ ସିଂ ନାଏକଙ୍କୁ ଆଜି କାର୍ଯ୍ୟାଳୟ ପରିସରରେ ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପିଇଓ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗ ଆଧାରରେ ଦେବଗଡ଼ ପୁଲିସ ଅଭିଯୁକ୍ତ ବିରୁଦ୍ଧରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ପିଇଓ ଶ୍ରୀ ନାଏକଙ୍କ ବିରୁଦ୍ଧରେ ମଧ୍ୟ ପାଲଟା ଅଭିଯୋଗ ଆଧାରରେ ପୁଲିସ ଅନ୍ୟ ଏକ ମାମଲା ରୁଜୁ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଦନ୍ତାରୀବାହାଲ ଗ୍ରାମ ପଞ୍ଚାୟତ ପିଇଓ ତୁଳନ ସିଂ ନାଏକ ଆଜି ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ଟଙ୍କା ବାଣ୍ଟୁଥିବା ସମୟରେ ସେହି ଗ୍ରାମର କ୍ଷୀରୋଦ କୁମାର ଭୋଇ ନାମକ ଯୁବକ ତାଙ୍କ ନିକଟକୁ ଆସି ଗାଳି ଗୁଲଜ କରିବା ସହ ମାଡ଼ ମାରି ହତ୍ୟା ଧମକ ଦେଇଥିବା ନେଇ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ଼ ଥାନାପୁଲିସ ବିଭିନ୍ନ ଦଫାରେ କ୍ଷୀରୋଦ ନାମରେ ମାମଲା ରୁଜୁ କରିଥିବା ବେଳେ କ୍ଷୀରୋଦ ପଞ୍ଚାୟତର ଏକ କଂକ୍ରିଟ କେନାଲ କାର୍ଯ୍ୟ କରିଥିଲେ ମଧ୍ୟ ପଞ୍ଚାୟତ ପକ୍ଷରୁ ତାଙ୍କ ପ୍ରାପ୍ୟ ପ୍ରଦାନ କରାଯାଉନଥିବାରୁ ସେ ଆଜି ତାଙ୍କ ପ୍ରାପ୍ୟ ସମ୍ପର୍କରେ ପିଇଓଙ୍କ ସହ କଥାବାର୍ତ୍ତା ହେବାକୁ ଯାଇଥିବା ବେଳେ ପିଇଓ ଶ୍ରୀ ନାଏକ ତାଙ୍କୁ ୩୦ ପ୍ରତିଶତ ପିସି ମାଗିବାରୁ କଥାକଟାକଟି ହୋଇଥିଲା। ପିଇଓ ଶ୍ରୀ ନାଏକ ତାଙ୍କୁ ଟଣାଓଟରା କରି ମାଡ଼ ମାରିବା ସହ ତାଙ୍କ ଟି ସାର୍ଟ ଚିରି ଦେଇଥିବା ଏବଂ ମାଓବାଦୀଙ୍କ ସହ ତାଙ୍କ ସମ୍ପର୍କ ଥିବା ଦର୍ଶାଇ ଜୀବନରୁ ମାରିଦେବା ଧମକ ଦେଇଥିବା ନେଇ ପିଇଓଙ୍କ ବିରୁଦ୍ଧରେ କ୍ଷୀରୋଦ ମଧ୍ୟ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। କ୍ଷୀରୋଦଙ୍କ ଅଭିଯୋଗ ଆଧାରରେ ପୁଲିସ ଅନ୍ୟ ଏକ ମାମଲା ରୁଜୁ କରିଥିବା ଜଣାପଡିଛି। ଏହି ଘଟଣା ଆଜି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଝାରସୁଗୁଡ଼ା ଜିଲ୍ଲାରେ ଧାନ କିଣା ଠପ୍

# ଖୋଲା ଆକାଶ ତଳେ ପଡିଛି ବସ୍ତା ବସ୍ତା ଧାନ



- ଦିଆଯାଇନି ଟାର୍ଗେଟ, ମିଲର୍ସ ଟ୍ୟାଗ
- ମଣ୍ଡି ଆରମ୍ଭ ନେଇ ଯୋଗାଣ ଅଧିକାରୀଙ୍କ ପାଖରେ ନାହିଁ ସଠିକ୍ ସୂଚନା

ଝାରସୁଗୁଡା,୧୫।୧୨(ସମିସ):

ଝାରସୁଗୁଡ଼ା ଜିଲ୍ଲାରେ ଠପ୍ ହୋଇଛି ଧାନ କିଣା। ଗତ ୯ ତାରିଖରୁ ଧାନ କିଣା ଆରମ୍ଭ କରାଯାଇଥିଲେ ହେଁ ଚାଷୀମାନେ ବିକ୍ରି କରି ପାରୁନାହାନ୍ତି ଧାନ। ସମବାୟ ସମିତି ପକ୍ଷରୁ ଏଯାଏଁ ଟାର୍ଗେଟ ଦିଆଯାଇ ନଥିବା ବେଳେ ମିଲର୍ସ ଟ୍ୟାଗ ମଧ୍ୟ କରାଯାଇ ନାହିଁ। ଯାହାଫଳରେ ଧାନ କିଣାରେ ଅଚଳ ଅବସ୍ଥା ଦେଖାଦେଇଛି। ଫଳରେ ଝାରସୁଗୁଡ଼ା ଜିଲ୍ଲାରେ ଏବେ ସବୁଠି ପଡିଛି ଗଦାଗଦା ଧାନ। ଏହି ଧାନ ରଖିବା ପାଇଁ ଚାଷୀଙ୍କ ପାଖରେ ଜାଗା ନଥିବାରୁ ଖୋଲା ଆକାଶ ତଳେ ଗାଁ ଦାଣ୍ଡରେ ପଡି ରହିଛି ବସ୍ତା ବସ୍ତା ଧାନ। ବିଲରୁ ଅମଳ କରି ଆଣିଥିଲେ ହେଁ ସୁରକ୍ଷିତ ଭାବରେ ଧାନକୁ ରଖି ପାରୁ ନାହିଁ ଚାଷୀ। ଅନେକ ଗାଁରେ ଗ୍ରାମ ଖଳା ନଥିବାରୁ ଗାଁ ଦାଣ୍ଡରେ ଚାଷୀର ଧାନ ପଡିରହିଥିବା ଦେଖିବାକୁ ମିଳିଛି। ଯାହାଦ୍ୱାରା ଧାନଗୁଡିକ ଗାଁ ଦାଣ୍ଡରେ ପଡିରହି ଗାଈଗୋରୁ, ମୂଷା, ପାରା ପରି ପଶୁପକ୍ଷୀଙ୍କ ଦ୍ୱାରା ନଷ୍ଟ ହେଉଛି। ବେଶୀ ଦିନ ଏହି ଖୋଲା ଆକାଶ ତଳେ ପଡି ରହିଲେ ଧାନର ମାନ ମଧ୍ୟ ହ୍ରାସ ପାଇବାର ଆଶଙ୍କା ରହିଛି। ଯାହା ଏବେ ଚାଷୀଙ୍କ ଚିନ୍ତାକୁ ବଢ଼ାଇଛି। କିଛି ଚାଷୀ ଏହି ଧାନକୁ ଅଖା ବସ୍ତାରେ ଭର୍ତ୍ତି କରି ଘର ବାରଣ୍ଡାରେ ରଖିଛନ୍ତି। କେବେ ଟୋକନ ମିଳିବ ଏବଂ ଧାନ ବିକ୍ରି କେବେ କରିବେ ସେନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ଅନ୍ୟପଟେ ଯୋଗାଣ ବିଭାଗର ଅବହେଳା ଯୋଗୁଁ ଧାନ ବିକ୍ରି ପୂର୍ବରୁ କ୍ୱିଣ୍ଟାଲ ପ୍ରତି ୫୦ ଟଙ୍କା କ୍ଷତି ସହୁଛନ୍ତି ଚାଷୀ। ଅନ୍ୟପଟରେ ଚାଷୀଙ୍କୁ ଚଳିତ ବର୍ଷ ଧାନ ଭର୍ତି କରିବା ପାଇଁ ମିଲର୍ସମାନଙ୍କ ପକ୍ଷରୁ ଆଗୁଆ ଅଖା ବସ୍ତା ମଧ୍ୟ ଯୋଗାଇ ଦିଆଯାଇ ନାହିଁ। ଯାହାଫଳରେ ଚାଷୀ ଗୋଟିଏ ବସ୍ତାକୁ ୨୦ ରୁ ୨୫ ଟଙ୍କା ଦେଇ ବଜାରରୁ କିଣି କ୍ୱିଣ୍ଟାଲ ପ୍ରତି ୪୦ ରୁ ୫୦ ଟଙ୍କା କ୍ଷତି ସହିବାକୁ ବାଧ୍ୟ ହେଉଛନ୍ତି। କିଛି ଚାଷୀ ପ୍ଲାଷ୍ଟିକ ବସ୍ତା କିଣି ନିଜ ଧାନ ଭର୍ତ୍ତି କରିଥିଲେ। କିନ୍ତୁ ପ୍ଲାଷ୍ଟିକ ବସ୍ତାରେ ଭର୍ତ୍ତି କରାଯାଇଥିବା ଧାନକୁ କିଣିବା ପାଇଁ ମିଲରମାନେ ମନା କରୁଥିବାରୁ ଏହି ଧାନକୁ ପୁଣି ଅଖା ବସ୍ତାରେ ଭର୍ତ୍ତି କରିବା ପାଇଁ ଅଧିକ ଖର୍ଚ୍ଚାନ୍ତ ହେବ ଚାଷୀ। ତେଣୁ ସରକାର ଶୀଘ୍ର ଧାନ କିଣିବାର ବ୍ୟବସ୍ଥା କରନ୍ତୁ, ନଚେତ ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଝାରସୁଗୁଡ଼ା ଜିଲ୍ଲାର ଚାଷୀକୁଳ କହିଛନ୍ତି। ଅନ୍ୟପଟେ ଜିଲ୍ଲାରେ କେବେଠୁ ଧାନ କିଣା ସ୍ୱାଭାବିକ ହେବ ସେନେଇ ସଠିକ୍ ସୂଚନା ନାହିଁ; ତଥାପି ଆଉ ଦିନେ ଦୁଇ ଦିନ ମଧ୍ୟରେ ଧାନ କିଣା ସ୍ୱାଭାବିକ ହେବ ବୋଲି ପ୍ରତିକ୍ରିୟା ଦେଇଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ।

# କ୍ରୀଡା ସଂସଦର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍ଯାପିତ

ଝାରସୁଗୁଡ଼ା,୧୫।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଅଥଲେଟିକ ଆସୋସିଏସନ ତଥା କ୍ରୀଡା ସଂସଦ ପକ୍ଷରୁ ବ୍ରଜରାଜନଗର ମଣ୍ଡଳିଆ ଭିଏସଏସ ଷ୍ଟାଡିୟମଠାରେ ଚାଲିଥିବା ଦ୍ୱି ଦିବସିୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ରବିବାର ଉଦ୍ଯାପିତ ହୋଇଯାଇଛି। ମହାନଦୀ କୋଇଲା କମ୍ପାନୀ ଇବିଭେଲି ଏରିଆ ସହାୟତାରେ ଆୟୋଜିତ ଏହି କ୍ରୀଡ଼ା ପ୍ରତିଯୋଗିତର ଶନିବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜେନେରାଲ ମ୍ୟାନେଜର ଏମ୍‌ସିଏଲ ଇବଭେଲି ଏରିଆ ଜିତେନ୍ଦ୍ର ତିୱାରି ଯୋଗଦେଇଥିଲେ। ଏପିଏମ୍ ଏମ୍‌ସିଏଲ ଦ୍ୱାରିକା ପ୍ରସାଦ, ଡିଏଭି ସ୍କୁଲ ପ୍ରିନ୍ସିପାଲ ସୁଶାନ୍ତ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଜିଲ୍ଲା ଅଥଲେଟିକ ଆସୋସିଏସନର କାର୍ଯ୍ୟକାରୀ ସଭାପତି ତାପସ ରାୟ ଚୌଧୁରୀ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ବ୍ରିଜେଶ ଶର୍ମା,ସନ୍ଦୀପ ଅବସ୍ତି, ବିଜୟ ଦାସ, ବିଜୟ ବେହେରା, ଗଣେଷ ନାୟକ,ଜୀବନ ମହାନ୍ତି, ମାନସ ଆଚାର୍ଯ୍ୟ, ସୁଶାନ୍ତ ମାଲି,ରୋମାଞ୍ଚ ପଟେଲ, ପ୍ରତିଭା ମହାପାତ୍ର, କୈଳାଶ ନାୟକ,ସଂଗ୍ରାମ ପାଇକରାୟ, ସତପାଳ ସିଂହ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତାରେ ୬୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ୧୩୦ ଗୋଟି ଇଭେଣ୍ଟ ଆୟୋଜନ କରାଯାଇଥିଲା। ଆୟୋଜିତ ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଜିଲ୍ଲା ଅଥଲେଟିକ ଆସୋସିଏସନର ୪୦ ଜଣରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ। ରବିବାର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରୁ କୃତିତ୍ୱ ଅର୍ଜନ କରି ଚୟନ ହୋଇଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଧାନ ବିକ୍ରି ଅନିୟମିତତା ପ୍ରତିବାଦରେ ଦାବିପତ୍ର



ଇବଥର୍ମାଲ,୧୫।୧୨(ସମିସ): ଲଖନପୁର ବ୍ଲକ୍ କୃଷକ ସଙ୍ଗଠନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସିଂହାରପୁର ଶିବ ମନ୍ଦିର ପ୍ରାଙ୍ଗଣରେ ବିରଞ୍ଚି ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ସବୁ ପଞ୍ଚାୟତ ଅଞ୍ଚଳରେ ଥିବା ଅଗ୍ରଣୀ ଚାଷୀମାନେ ଯୋଗଦେଇ ଚଳିତ ବର୍ଷର ଖରିଫ ଧାନ କିଣାରେ ଅବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ପ୍ରାୟ ୭୦ ଭାଗ ଚାଷୀଙ୍କ ପଞ୍ଜୀକରଣ ଅନୁସାରେ ଟୋକନ ଆସି ନଥିବା କାରଣରୁ କ୍ଷୋଭ ପ୍ରକାଶ କରିଥିଲେ। ପରେ ଲଖନପୁର ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆସନ୍ତା ବୁଧବାର ସୁଦ୍ଧା ଚାଷୀଙ୍କ ଦାବି ପୂରଣ ନହେଲେ କୃଷକ ସଂଗଠନ ପକ୍ଷରୁ ରାଜରାସ୍ତାରେ ଧାନ ରଖି ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏଥିପାଇଁ ଯାହା କିଛି ସମସ୍ୟା ସୃଷ୍ଟି ହେବ ସରକାର ଦାୟୀ ରହିବେ।

■ ବିପିଏମ୍ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଫୁଟବଲ କପ୍

# କୁଡାଲୋଇ ଏଫସି ଚାମ୍ପିଅନ୍



ଝାରସୁଗୁଡା,୧୫।୧୨(ସମିସ): ଭଗବାନ ପ୍ରଧାନ ମେମୋରିଆଲ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଭଇଁରଖୋଲ ଖେଳ ପଡିଆରେ ସୁବର୍ଣ୍ଣ ଜୟନ୍ତୀ ଫୁଟବଲ କପ୍ ଅନୁଷ୍ଠିତ ହୋଇଛି। ଏହି ଏକ ଦିବାସୀୟ ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ମୋଟ ୮ ଟି ଦଳ ଅଂଶ ଗ୍ରହଣ କରଥିଲେ। ଫାଇନାଲ ମ୍ୟାଚ୍ ଭଇଁରଖୋଲ ଏଫସି ଏବଂ କୁଡାଲୋଇ ଏଫସି ଦଳ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଖେଳ ଅମିମାଂସିତ ରହିଥିଲା। ଏହାପରେ ଉଭୟ ଦଳ ମଧ୍ୟରେ ହୋଇଥିବ ପେନାଲ୍ଟି ସୁଟଆଉଟରେ ୮-୭ ଗୋଲରେ କୁଡାଲୋଇ ଏଫସି ଦଳ ବିଜୟୀ ହୋଇଛି। ବିଜୟୀ କୁଡାଲୋଇ ଏଫସି ଦଳକୁ ୧୨ ହଜାର ଟଙ୍କା ଏବଂ ଉପ ବିଜେତା ଭଇଁରଖୋଲ ଦଳକୁ ୮ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ବିଜେତା ଏବଂ ଉପ ବିଜେତା ଟ୍ରଫି ଆସନ୍ତା ୨୧ ତାରିଖ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଅବସରରେ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଆଜିର ଏହି ପ୍ରତିଯୋଗିତାରେ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଡିଗୀ, ଶିକ୍ଷକ ପ୍ରସନ୍ନ ପ୍ରଧାନ, ଅଞ୍ଚଳର ବୁଦ୍ଧିଜୀବୀ ଭାସ୍କର ପ୍ରଧାନ, ଶିବ ନାରାୟଣ ନାୟକ, ପ୍ରଦୀପ ପ୍ରଧାନ, ଖିରୋଦ ବିହାରୀ ପ୍ରଧାନ, ଦୟାନିଧି ପ୍ରଧାନ, କେଦାର ଭୋଇ, ପ୍ରଫୁଲ୍ଲ ପ୍ରସାୟଦଙ୍କ ସହ ଅଞ୍ଚଳବାସୀ, ବିଦ୍ୟାଳୟର ପୂର୍ବତନ ଛାତ୍ରମାନେ ଉପସ୍ଥିତ ଥିଲେ।

● ଝାରସୁଗୁଡ଼ା ଡିଏଭି ଛାତ୍ରଛାତ୍ରୀଙ୍କ ସଫଳତା

# ରାଜ୍ୟସ୍ତରକୁ ଆୟନ ଓ ସ୍ନେହା ମନୋନୀତ




ଝାରସୁଗୁଡ଼ା,୧୫।୧୨(ସମିସ): ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ବ୍ରଜରାଜନଗର ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ହୋଇଯାଇଥିବା ୨୯ତମ ଜିଲ୍ଲା କ୍ରୀଡ଼ା ସମାରୋହରେ ଉତ୍କୃଷ୍ଟ ପ୍ରଦର୍ଶନ ସହ ୨ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ୧୮ ବର୍ଷରୁ କମ୍ ପୁରୁଷ ବର୍ଗ ୧୦୦ ମିଟର ଦୌଡ଼ରେ ଆୟନ ଜେନା ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ୧୪ ବର୍ଷରୁ କମ୍ ମହିଳା ବର୍ଗ ଟ୍ରାଏଥଲନରେ ସ୍ନେହା ସିଂହଦେଓ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୧୪ ବର୍ଷରୁ କମ୍ ପୁରୁଷ ବର୍ଗ ଟ୍ରାଏଥଲନରେ ମାନସ ଷଣ୍ଢ ରୌପ୍ୟ, ୧୬ ବର୍ଷରୁ କମ୍ ପୁରୁଷ ବର୍ଗ ଉଚ୍ଚ ଡିଆଁରେ ଶୁଭଙ୍କର ପଲେଇ ରୌପ୍ୟ ଓ ୧୬ ବର୍ଷରୁ କମ୍ ମହିଳା ବର୍ଗ ଥାଳିଆ ଫିଙ୍ଗାରେ ରାଜଶ୍ରୀ ପ୍ରଧାନ ରୌପ୍ୟ ପଦକ ହାସଲ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ସମସ୍ତ କୃତି ଖେଳାଳିଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ବିଦ୍ୟାଳୟର ଖେଳ ଶିକ୍ଷକ ବିଜୟ ଦାଶ ଓ ଖେଳ ଶିକ୍ଷୟିତ୍ରୀ ପୁନମ କୃତି ଖେଳାଳିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ସୂଚନାଯୋଗ୍ୟ, ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲାସ୍ତରରେ ମନୋନୀତ ହୋଇଥିବା ଆୟନ ଜେନା ଓ ସ୍ନେହା ସିଂହଦେଓ ଆସନ୍ତା ୨୭ ଓ ୨୮ ରେ କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରୀଡ଼ା ସମାରୋହରେ ଭାଗନେବାକୁ ମନୋନୀତ ହୋଇଛନ୍ତି।

# ଆମ ପୁଲିସ ସମିତି ବୈଠକ

ଝାରସୁଗୁଡ଼ା,୧୫।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ପରିସରରେ ଆଜି ସନ୍ଧ୍ୟାରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆମ ପୁଲିସ ସମିତି ବୈଠକରେ ଥାନା ଅଞ୍ଚଳର ଅନେକ ବିଶିଷ୍ଟ ବ୍ୟକ୍ତି ଓ ସ୍ଥାନୀୟ ଜନସାଧାରଣ, ପୁଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ବୈଠକରେ ଅଞ୍ଚଳର ବିଭିନ୍ନ ଛକ ଓ ଜନଗହଳି ପୂର୍ଣ୍ଣ ସ୍ଥାନମାନଙ୍କରେ ଟ୍ରାଫିକ ସମସ୍ୟା, ଦୁର୍ଘଟଣା ମାନଙ୍କରେ ରୋକ ଲଗାଇବା ପାଇଁ ପଦକ୍ଷେପ, ମହିଳା ସୁରକ୍ଷା, ସାଇବର କ୍ରାଇମ ସହିତ ଅନ୍ୟାନ୍ୟ ଅପରାଧ ରୋକିବାକୁ ନେଇ ଆଲୋଚନା କରାଯାଇଥିଲା। ପୁଲିସ ଓ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ସହ ପରସ୍ପର ନିକଟତର ହୋଇ ସମସ୍ତ କାର୍ଯ୍ୟ କରିବା ଏବଂ ଜନସାଧାରଣଙ୍କ ମନରେ ପୁଲିସ ପ୍ରତି ରହିଥିବା ଭୟ ଦୂର କରିବାକୁ ଥାନା ଅଧିକାରୀ ମତବ୍ୟକ୍ତ କରିଥିଲେ। ବ୍ରଜରାଜନଗର ଥାନା ଆମ ପୁଲିସ ସମିତିର ସମସ୍ତ ସଦସ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ।

# ଡଂରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଦେବଗଡ,୧୫।୧୨(ସମିସ): ବାରକୋଟ ସ୍ଥିତ ଡଂରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷୀକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଯାତ୍ରାକର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡଂରା ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର ସାହୁ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିବା ସହ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ କ୍ରୀଡାର ଆବଶ୍ୟକତା ଓ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସମ୍ମାନୀତ କରାଯାଇଥିଲା। ପ୍ରତିଯୋଗିତା ଆୟୋଜନରେ ଅନୁଷ୍ଠାନର ବହୁ ଅଧ୍ୟାପକ ଅଧ୍ୟାପିକା ଓ ଅଣ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# ରାଧାକୃଷ୍ଣ ସାହିତ୍ୟ ସଂସଦର ସାମ୍ବତ୍ସରିକ ଉତ୍ସବ



ରିଆମାଳ,୧୫।୧୨(ସମିସ): ରିଆମାଳ ବ୍ଲକ ରେଙ୍ଗାଲବେଡା ରାଧାକୃଷ୍ଣ ସାହିତ୍ୟ ସଂସଦର ଏକବିଂଶ ତମ ସାମ୍ବତ୍ସରିକ ଉତ୍ସବ ଆଜି ରେଙ୍ଗାଲବେଡା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଲୋକନାଥ ବେହେରାଙ୍କ ସଭାପତିତ୍ୱରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଧିବେଶନରେ ପ୍ରଫୁଲ୍ଲ କୁମାର ମହାପାତ୍ର ମୁଖ୍ୟଅତିଥି, ଡ. ଭାରତ ଭୂଷଣ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅଥିତି ଭାବେ ହରିଶ୍ଚନ୍ଦ୍ର ବିଶ୍ୱାଳ, ମୁରଲୀଧର ନାୟକ, ସନ୍ଧ୍ୟାରାଣୀ ପାତ୍ର ଓ ଶରତ କୁମାର ସାହୁ ଯୋଗଦେଇଥିଲେ। ସଂସଦର ସହ ସମ୍ପାଦକ ମହେନ୍ଦ୍ର କୁମାର ସାହୁ ମଞ୍ଚାସୀନ ଥିଲେ। ଉକ୍ତ କବିତା ଆସରରେ ପଣ୍ଡିତ ପ୍ରକାଶ ଚନ୍ଦ୍ର ପ୍ରଧାନ ଓ ଟିକେଶ୍ୱର ସାହୁଙ୍କ ସଂଯୋଜନାରେ ୭୦ ଜଣ କବି ନିଜସ୍ୱ ରଚିତ କବିତା ପାଠ କରିଥିଲେ। ସମିତିର ଉପ ସଭାପତି ଯତୀନ୍ଦ୍ର ପ୍ରଧାନ ଅତିଥିଙ୍କ ପରିଚୟ ପ୍ରଦାନ ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନ ସଂସଦର ସ୍ଥାୟୀ ସଭାପତି ଉଦୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ରେଢାଖୋଲ ଭୀମଭୋଇ ମହାବିଦ୍ୟାଳୟର ଅଧ୍ୟାପକ ମାନ ଭଞ୍ଜନ କହଁର ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ରିଆମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, କାନ୍ଦର୍ପ ବେହେରା ଓ ଅବନୀକାନ୍ତ ପାଣି ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ବିପିନ ବିହରୁ ପୃଷ୍ଟି ବିବରଣୀ ପାଠ କରିଥିଲେ।

## ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ଉଦ୍ଯାପିତ

# ଅନ୍ତିମ ସନ୍ଧ୍ୟାରେ 'ମିଥ୍ୟାବାଦୀ ଜିନ୍ଦାବାଦ' ମଞ୍ଚସ୍ଥ



ଦେବଗଡ଼,୧୫।୧୨(ସମିସ):

ରାଜ୍ୟର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲ ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ଗତ ବୁଧବାର ଠାରୁ ଆରମ୍ଭ ହୋଇଥିବା ୨୧ ତମ ସର୍ବଭାରତୀୟ ନାଟକ ଓ ନୃତ୍ୟ ମହୋତ୍ସବ ରବିବାର ଉଦ୍ଯାପିତ ହୋଇଯାଇଛି। ଉଦଯାପନୀ ସଂଧ୍ୟାରେ ପାରାଦ୍ୱୀପର କାନମାସ ଅନୁଷ୍ଠାନ ପକ୍ଷରୁ ପରେଶ ପଟ୍ଟନାୟକଙ୍କ ରଚିତ ଓ ଶ୍ରୀମନ ନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶିତ ଓଡିଆ ନାଟକ "ମିଥ୍ୟାବାଦୀ ଜିନ୍ଦାବାଦ' ମଞ୍ଚସ୍ଥ ହୋଇଥିଲା। ଯାହା ଦର୍ଶକଙ୍କ ମନମୋହିଥିଲା। ଅନୁଷ୍ଠାନର ସଭାପତି ଅଶୋକ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯପାନୀ କାର୍ଯ୍ୟକ୍ରମରେ ଅତିଥିଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ଜିଲ୍ଲା ଓକିଲ ସଂଘର ସଂପାଦକ ସିଦ୍ଧେଶ୍ୱର ଗୁରୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଚଳିତ ବର୍ଷ ନାଟକ ମହୋତ୍ସବକୁ ସ୍ୱର୍ଗତ ମଙ୍ଗଳ ମହାଙ୍କୁର ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଥିବାବେଳେ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦେବଗଡ଼ର ବରିଷ୍ଠ କଳାକାର ପ୍ରକାଶ ଚନ୍ଦ୍ର ଦେବତା ଓ ଜିଲ୍ଲା ବାହାରର କଳାକାର ଅଶୋକ କରଙ୍କୁ ଜାଗରଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଅନୁଷ୍ଠାନର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସଂପାଦକ ସୁଜିତ ପାତ୍ର ପ୍ରସିଦ୍ଧ ଧନୁଯାତ୍ରାରେ କଳାକାର ଚୟନରେ ବିଚାରକ ଥିବାରୁ ତାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଯୁବ ଅଭିନେତା ଅମ୍ଳାଂଶୁ ପୂଜାରୀଙ୍କ ସମେତ ନୃତ୍ୟ ପରିବେଷଣ କରିଥିବା କଳାକାର ଏବଂ ଭଜନ ପରିବେଷଣ କରିଥିବା କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂପାଦକ ସୁଜିତ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କାର୍ଯ୍ୟକ୍ରମକୁ ଜନ୍ମାଜୟ ନାୟକ ପରିଚାଳନା କରିଥିଲେ।

# ଭୁବନେଶ୍ୱର ସିଟି



# ପୁଅ ଚାଲିଗଲା ପରେ ଅନ୍ୟପିଲାଙ୍କ ପାଇଁ ପ୍ରେରଣା

ଭୁବନେଶ୍ୱର, ୧୫।୧୨(ସମିସ): ଇଚ୍ଛାଶକ୍ତି ଆଗରେ ହାର୍ ମାନିଛି ବୟସ। ୭୨ ବର୍ଷ ବୟସରେ ଜଣେ ବ୍ୟକ୍ତି ଚାକିରି ଆଶାୟୀଙ୍କ ପାଇଁ ପ୍ରେରଣା ପାଲଟିଛିନ୍ତି। ଚାକିରି ଆଶାୟୀଙ୍କ ସହିତ ମିଶି ଆଜିବି ଦୌଡ଼ିବା ସହିତ ଦୌଡ଼କୁଦ ବାବଦରେ ପ୍ରଶିକ୍ଷଣ ଦେଉଛନ୍ତି। ପ୍ରାୟ ୪, ୦୦୦ ଯୁବ ଯୁବକ-ଯୁବତୀ ତାଙ୍କଠାରୁ ପ୍ରଶିକ୍ଷଣ ନେଇ

- **ଇଚ୍ଛାଶକ୍ତି ଆଗରେ ହାର ମାନିଛି ବୟସ**
- **ଚାରି ହଜାର ଯୁବଗୋଷ୍ଠୀଙ୍କୁ ଦେଲେଣି ପ୍ରଶିକ୍ଷଣ**

କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ୍), ସଶସ୍ତ୍ର ବାହିନୀ, ପୁଲିସ, ଅଗ୍ନିଶମ ସେବା, ଜଙ୍ଗଲ, ରେଳବାଇ ସମେତ ବିଭିନ୍ନ କ୍ଷେତ୍ରରେ ଚାକିରି ପାଇ ସାରିଛନ୍ତି।

ଅର୍ଥ ବିଭାଗରେ ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟକରିଥିବା ଗୋପୀନାଥ ସେଠୀ ଅବସରପ୍ରାପ୍ତ ପରେ ପ୍ରତିଦିନ ସକାଳେ ଡୁମୁଡୁମାସ୍ଥିତ ତାଙ୍କବାସଭବନରୁ ଆସି ନିକୋ ପାର୍କ ପାଖରେ ପହଞ୍ଚି ପିଲାମାନଙ୍କୁ ପ୍ରଶିକ୍ଷଣ ଦେଇଥାନ୍ତି। ସେ ଯୁବକ ଯୁବତୀଙ୍କୁ ବିନା ପାଇସାରେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ସେ ପିଲାଙ୍କୁ



ସାମରିକ, ଅର୍ଦ୍ଧ ସାମରିକ, ପୁଲିସ ଏବଂ ଅନ୍ୟାନ୍ୟ ସରକାରୀ ଚାକିରିରେ ଆବଶ୍ୟକ ଶାରୀରିକ ଏବଂ ଦକ୍ଷତା ପରୀକ୍ଷା ଦେବା ପୂର୍ବରୁ ତାଲିମ ଦେବାରେ ସାହାଯ୍ୟ କରି ଆସୁଛନ୍ତି। ବିଶେଷକରି ସେ ସେମାନଙ୍କୁ ଦୌଡ଼ିବା ଏବଂ ନିଶ୍ୱାସ ନେବା ପାଇଁ କୌଶଳ ଶିଖାଉଛନ୍ତି। ୨୦୦୭ରେ ରେଳବାଇରେ ଗ୍ରୁପ୍-ଡି ଚାକିରି ପାଇଁ ତାଙ୍କର ଏକ ମାତ୍ର ପୁଅ ଗୌତମ ପ୍ରସ୍ତୁତ ହେଉଥିଲେ। ହେଲେ ଶାରୀରିକ ପରୀକ୍ଷା ପ୍ରସ୍ତୁତି ସମୟରେ ପୁଅର ଅକାଳ ବିୟୋଗ ଘଟିଥିଲା। ସେହିଦିନଠାରୁ ସେ ଆଶାୟୀ ଯୁବକଙ୍କୁ ପରୀକ୍ଷା ପାଇଁ ସଠିକ୍ ଉପାୟରେ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବାକୁ ନିଷ୍ପତ୍ତି କରିଥିଲେ। ସେବେଠାରୁ ଆଶାୟୀ ଯୁବକ ଯୁବତୀ ତାଙ୍କଠାରୁ କିଛି ଶିକ୍ଷା କରିବାକୁ ଚାହାନ୍ତି ଫୋନ୍ କଲେ ସେ ତତ୍କାଳ ସେଠାରେ ପହଞ୍ଚି ପ୍ରଶିକ୍ଷଣ ଦିଅନ୍ତି।

ଶ୍ରୀ ସେଠୀ କହନ୍ତି ଯେ ମୁଁ ମୋ ଯୁବକ ଅବସ୍ଥାରେ ଜଣେ ମାରାଥନର୍ ଥିଲି। ଓଡ଼ିଶା ଓ ବାହାରେ ମାରାଥନ୍‌ରେ ଜିତିବା ସହ ଅନେକ ପୁରସ୍କାର ସହ ଅର୍ଥ ରାଶି ଜିତିଥିଲି। ୧୦ କିଲୋମିଟର ୧୫ କିଲୋମିଟର ଏବଂ ୨୦ କିଲୋମିଟର କ୍ରୀଡ଼ାରେ ଦୌଡ଼ିଥିଲି। ୩୪ ବର୍ଷ ବୟସରେ ମୁଁ ଦୌଡ଼ିବା ଆରମ୍ଭ କରିଥିଲି। ସେ ସମୟରେ ସିଆର୍‌ପିଏଫ ଏବଂ ପୁଲିସ ଚାକିରି ପାଇଁ ଅଭ୍ୟାସ କରୁଥିବା କିଛି ଯୁବକ ମୋ ସହିତ ଯୋଗ ଦେଇଥିଲେ। ସେବେଠାରୁ ଯୁବକମାନେ ମୋ ସହିତ ଦୌଡ଼ିବା କୌଶଳ ଶିକ୍ଷା ନେଉଛନ୍ତି। କେହି ମୋ ପୁଅ ଭଳି ପରିସ୍ଥିତିର ସମ୍ମୁଖୀନ ଯେମିତି ନ ହୁଅନ୍ତୁ ସେଥିପାଇଁ ଏଭଳି ପ୍ରଶିକ୍ଷଣ ଦେଉଛି ବୋଲି ସେ କହିଛନ୍ତି।



## ଦୋକାନରୁ ଦାଦାବଟି ମାଗି ଗିରଫ

ଭୁବନେଶ୍ୱର, ୧୫।୧୨(ସମିସ): ଦୋକାନରୁ ବଟି ମାଗିବା ଅଭିଯୋଗରେ ଭରତପୁର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପବିତ୍ର ମହାରଣା। ଅଭିଯୋଗକାରିଣୀ ଦୀପାଞ୍ଜଳି ନାହାକଙ୍କ ଲିଖିତ ରିପୋର୍ଟ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଥିଲା। ପୁଲିସ ସୂଚନା ମୁତାବକ, ଅଭିଯୋଗକାରିଣୀ ଏବଂ ତାଙ୍କ ସ୍ୱାମୀ ମୁକେଶ ପ୍ରଜାପତି ଗତ ୨ ବର୍ଷ ଧରି ଭରତପୁରର ଷ୍ଟୁଡିଓ ଛକର ତାରିଣୀ ମାର୍କେଟରେ ଏକ ଜଲେବି-ପକୋଡି ଦୋକାନ ଚଳାଉଛନ୍ତି। ଅଭିଯୁକ୍ତ ପବିତ୍ର ମହାରଣା ପୂର୍ବରୁ ସେମାନଙ୍କ ଦୋକାନକୁ ଆସୁଥିଲେ। ସାଧାରଣତଃ ମାଗଣାରେ ଜଲେବି-ପକୋଡି ଖାଉଥିଲେ। ଗତକାଲି ସନ୍ଧ୍ୟା ୫ଟା ସମୟରେ ଯେତେବେଳେ ଅଭିଯୋଗକାରିଣୀ ଏବଂ ତାଙ୍କ ସ୍ୱାମୀ ଦୋକାନରେ ଥିଲେ ପବିତ୍ର ମହାରଣା ସେଠାକୁ ଆସି ପ୍ରତିଦିନ ତାଙ୍କୁ ୫୦୦ ଟଙ୍କା ଦାଦାବଟି ଏବଂ ମାଗଣାରେ ଜଲେବି ଏବଂ ପକୋଡି ଦେବାଲାଗି କହିଥିଲେ। ଅଭିଯୋଗକାରିଣୀ ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେ ତାଙ୍କୁ ଏବଂ ତାଙ୍କ ସ୍ୱାମୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ତାଙ୍କ ସ୍ୱାମୀଙ୍କୁ ଖୁବ ଜୋରରେ ଠେଲି ଦେଇଥିଲେ। ଅଭିଯୁକ୍ତ ପେମେଣ୍ଟ ସାଉଣ୍ଡ ବକ୍ସ ଏବଂ ଲାଇଟ୍ ନେଇ ଭାଙ୍ଗି ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପବିତ୍ର ମହାରଣାଙ୍କୁ ଜିଏ କଲୋନୀ ଅଞ୍ଚଳରୁ ଗିରଫ କରିଥିଲା।

## ଦୁଇଟି ସ୍ଥାନରେ ଖଣ୍ଡା ବୁଲାଇ ଦୁଇ ଯୁବକ ଗିରଫ

ଭୁବନେଶ୍ୱର, ୧୫।୧୨(ସମିସ): ପୂର୍ବବିବାଦକୁ କେନ୍ଦ୍ର କରି ଖଣ୍ଡା ବୁଲାଇ ପଡୋଶୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକାଇବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ସନ୍ନ୍ୟାସୀ ନାୟକ ନାମକ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଠାରୁ ପୁଲିସ ଏକ ଖଣ୍ଡା ଜବତ କରିଛି। ରବିବାର ସନ୍ନ୍ୟାସୀ ନିଶାସକ୍ତ ଅବସ୍ଥାରେ ଅଭିଯୋଗକାରିଣୀଙ୍କ ଘରକୁ ଏକ ଖଣ୍ଡା ଧରି ଯାଇଥିଲେ। ଯଦି ସେ ବାହାରକୁ ଆସନ୍ତି ତେବେ ମୁଣ୍ଡ କାଟି ଦେବେ ବୋଲି ଧମକ ଦେଇଥିଲେ।

ସେହିଭଳି ଖଣ୍ଡା ଦେଖାଇ ଦାଦାବଟି ଆଦାୟ କରୁଥିବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ପ୍ରଫୁଲ୍ଲ କୁମାର ସେଠୀ। ପୁଲିସ ତାଙ୍କ ଠାରୁ ଖଣ୍ଡା ଜବତ କରିଛି। ସୂଚନାଯୋଗ୍ୟ ଯେ, ଥାନା ପେଟ୍ରୋଲିଂ ଟିମ ଗତ କାଲି ସନ୍ଧ୍ୟାରେ ନିଜ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ପ୍ରଫୁଲ୍ଲ ବିଜୁପଟ୍ଟନାୟକ କଲେଜ ଓ ମଇଳା ଟାଙ୍କି ଅଞ୍ଚଳକୁ ଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଏକ ଖଣ୍ଡା ଧରି ସର୍ବସାଧାରଣରେ ଆତଙ୍କ ସୃଷ୍ଟି କରୁଥିଲା।

## ସୁନା ଦୋକାନରୁ ଟଙ୍କା ହେରଫେର; ଆଉ ଜଣେ ଗିରଫ

ଭୁବନେଶ୍ୱର, ୧୫।୧୨(ସମିସ): ଖାରବେଳନଗର ଥାନା ଏକ ସୁନା ଦୋକାନର କ୍ୟାସ୍ କାଉଣ୍ଟରରୁ ଟଙ୍କା ହେରଫେର ଅଭିଯୋଗରେ ପୁଲିସ ଦୋକାନ କର୍ମଚାରୀ ବାପି ନାୟକଙ୍କୁ ଗିରଫ କରିଛି। ପୂର୍ବରୁ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜେ ଆଣ୍ଡ ଟି ଜେମ୍ସ ଆଣ୍ଡ ଜୁଏଲାରୀ ସୋ-ରୁମର ଷ୍ଟୋର ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ଗତ ୨୭ ତାରିଖରେ ସୋ-ରୁମର ମାଲିକ ଆକାଉଣ୍ଟ ଯାଞ୍ଚ କରୁଥିବା ସମୟରେ ଉକ୍ତ ଆକାଉଣ୍ଟରେ ୭ ଲକ୍ଷ ୮୭ ହଜାର ଟଙ୍କାର ରାଶି ହେରଫେର ହୋଇଥିବାର ଜାଣିବାକୁ ପାଇଥିଲେ। ମାଲିକଙ୍କ ଯାଞ୍ଚରୁ ଦୋକାନରେ ଥିବା ଚାରିଜଣ କ୍ୟାସିୟର ଘଟଣାରେ ସମ୍ପୃକ୍ତ ଥିବାର ଦର୍ଶାଇଥିଲେ। ଏନେଇ ମ୍ୟାନେଜର ଦୀନବନ୍ଧୁ ମିଶ୍ର ଗତ ୫ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଦୁଇଲକ୍ଷ ଟଙ୍କା ମଧ୍ୟ ଜବତ କରିଥିଲେ। ଏହି ମାମଲାର ଅଧିକ ତଦନ୍ତ କାଳରେ ପୁଲିସ ଆଜି ଅଭିଯୁକ୍ତ ବାପି ନାୟକଙ୍କୁ ଆଇଡିବିଆଇ ଛକ ନିକଟରୁ କାବୁ କରିବାରେ ସକ୍ଷମ ହୋଇଥିଲା।



ଫାୟାର ଷ୍ଟେସନ ଫ୍ଲାଏଓଭର ଉପରେ ମର୍ମନ୍ତୁଦ ଦୁର୍ଘଟଣାରେ ୨ ଗୁରୁତର

## ବିଜେବି କଲେଜ ଗଣମାଧ୍ୟମ ଓ ସାମ୍ବାଦିକତା ବିଭାଗର ଆଲୁମିନି ମିଟ୍

ଭୁବନେଶ୍ୱର, ୧୫।୧୨(ସମିସ): ବିଜେବି ମହାବିଦ୍ୟାଳୟ ସାମ୍ବାଦିକତା ଓ ଗଣମାଧ୍ୟମ ବିଭାଗର ଆଲୁମିନି ଆସୋସିଏସନ୍‌ର ଦ୍ୱିତୀୟ ବାର୍ଷିକ ଉତ୍ସବ ଭୁବନେଶ୍ୱର ଉପକଣ୍ଠ ଧଉଳି ପାଦ ଦେଶରେ ପାଳିତ ହୋଇଯାଇଛି। ଧଉଳି ଗାର୍ଡେନ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପୁରାତନ ଓ ସଦ୍ୟଛାତ୍ରଛାତ୍ରୀ ଯୋଗଦେଇ ପରସ୍ପର ମଧ୍ୟରେ ଭାବ ଆଦାନପ୍ରଦାନ କରିଥିଲେ। ଏହାସହିତ ମହିଳା ସାମ୍ବାଦିକତାମାନେ ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏଥିରେ ଅତିଥି ଭାବେ ଅନୁଷ୍ଠାନର ଉପଦେଷ୍ଟା ତଥା ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ବିଭୂତି ନାୟକ, ସଭାପତି ଦିଲ୍ଲୀପ କୁମାର ରାଉତ, ଉପସଭାପତି ସୁବ୍ରତ କୁମାର ନାୟକ, ସାଧାରଣ ସମ୍ପାଦକ ଲିପୁନ୍ କୁମାର ପରିଡ଼ା, ଯୁଗ୍ମ ସମ୍ପାଦକ ବିବର୍ତ୍ତନ ପଣ୍ଡା, ଶାନ୍ତସ୍ୱରୂପ ରାଉତ, ରଶ୍ମି ରଞ୍ଜନ ରାଉତ, ସୁପ୍ରିୟା ରାଉତରାୟ ଏବଂ ଲିପ୍ସା ପ୍ରମୁଖ ଯୋଗଦେଇ ସ୍ମରଣିକା ଉନ୍ମୋଚନ କରିଥିଲେ। ଏହି ପୁସ୍ତିକାରେ ଶତାଧିକ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଲିଖିତ ସୃଜନାତ୍ମକ ଆଲେଖ୍ୟ ସ୍ଥାନ ପାଇଛି। ଏହାପରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।




ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସ୍ମୃତି ପ୍ରିୟଦର୍ଶନୀ, ଅତୁଲ୍ୟ ବାଉତ, ଶ୍ୟାମାକାନ୍ତ ସାହୁ ଏବଂ କାର୍ଯ୍ୟକାରୀ ସଦସ୍ୟ ଆଶୁତୋଷ ପାଣିଙ୍କ ସମେତ ଶତାଧିକ ସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ପୁସ୍ତକ ମହୋତ୍ସବ ଅବସରରେ କବିତା ପାଠ ଓ ପୁସ୍ତକ ଉନ୍ମୋଚନ



ଭୁବନେଶ୍ୱର, ୧୫।୧୨(ସମିସ):ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ନବମ ଦିନରେ ଇଙ୍କ ଡ୍ରୁ ପକ୍ଷରୁ କବି ରମାକାନ୍ତ ରଥ ମଞ୍ଚରେ କବିତା ପାଠ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ କବିତା ପାଠ ଅନୁଷ୍ଠିତ ହୋଇଥିବା ବେଳେ ଅତିଥି ଭାବେ ସାହିତ୍ୟିକା ଇପ୍ସିତା ଷଡ଼ଙ୍ଗୀ, ସିନେ ପ୍ରଯୋଜକ ତଥା ଲେଖକ ସ୍ମିତ ପଟ୍ଟନାୟକ ଯୋଗଦେଇଥିଲେ। ଏଥିରେ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଅତିଥି ଭାବେ ଇତିଶା ଫାଉଣ୍ଡେସନ ମୁଖ୍ୟ ଶାସ୍ତ୍ରୀ ବାହାଦୁର ପ୍ରଧାନ, କର୍ପୋରେଟର ଓ କଣ୍ଠଶିଳ୍ପୀ ପ୍ରୀତିନନ୍ଦା ରାଉତରାୟ, ବିଶିଷ୍ଟ ସାହିତ୍ୟିକା ବଙ୍ଗାଳୀ ନନ୍ଦ, ଇଙ୍କ ଡ୍ରୁର ଉପଦେଷ୍ଟା ବୁଲୁ ହୋତା, ସମ୍ପାଦକ ଅଶୋକ ପଟ୍ଟନାୟକ, ପ୍ରତିଷ୍ଠାତା ଡ. ମନୋଜ କୁମାର ନାୟକ ପ୍ରମୁଖ 'ମା'ପରି ଝିଅଟିଏ' ଶୀର୍ଷକରେ ବାଲ୍ୟ ବିବାହ ମୁକ୍ତ ଭାରତର ସପ୍ନ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ଲେଖିକା ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କ ପୁସ୍ତକ 'ଟୁ ପେଜ୍ ଅଫ ଲାଇଫ' ଓ ସ୍ମିତ ପଟ୍ଟନାୟକଙ୍କ ଅଲୋଡା ଆକାଶ ସହ ଅନ୍ୟାନ୍ୟ ପୁସ୍ତକକୁ ରଅତିଥିମାନେ ଉନ୍ମୋଚନ କରିଥିଲେ।

## ଓୟୁଟିଆର୍‌ରେ ଜିଓସିନ୍ଥେଟିକ୍ସ ସଂକ୍ରାନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୫।୧୨(ସମିସ): ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍) ର ସିଭିଲ୍ ଇଞ୍ଜିନିୟରିଂ ବିଭାଗରେ 'ସଡ଼କ ଢାଞ୍ଚା ପ୍ରକଳ୍ପରେ ଜିଓସିନ୍ଥେଟିକ୍ସର ପ୍ରୟୋଗ' ବିଷୟରେ ପାଞ୍ଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ସିଏସ୍‌ଆଇଆର, ସେଣ୍ଟ୍ରାଲ୍ ରୋଡ୍ ରିସର୍ଚ୍ଚ ଇନ୍ସଟିଚ୍ୟୁଟ୍(ସିଆରଆରଆଇ) ନୂଆଦିଲ୍ଲୀ ଏବଂ ଜାତୀୟ ପ୍ରାୟୋଗିକ ବସ୍ତ୍ର ମିଶନ (ଏନ୍‌ଟିଟିଏମ୍) ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଯୁଗ୍ମ ଆୟୋଜନରେ ଏବଂ ଓୟୁଟିଆର୍‌ର ସହଯୋଗରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦକ୍ଷତା ଉନ୍ନୟନ ଓ ପ୍ରାୟୋଗିକ ଶିକ୍ଷା ବିଭାଗ କମିଶନର କମ୍ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ଯୋଗଦେଇ ସିଭିଲ୍ ଇଞ୍ଜିନିୟରିଂ କ୍ଷେତ୍ରର ବିସ୍ତୃତ ଭବିଷ୍ୟତ ସମ୍ଭାବନା ଉପରେ ଆଲୋକପାତ କରି ଛାତ୍ରଛାତ୍ରୀଙ୍କୁ ନିରନ୍ତର ଦକ୍ଷତା ବୃଦ୍ଧି, ବହୁବିଧ ବିଷୟ ଜ୍ଞାନ ଅର୍ଜନ ଓ ବୃତ୍ତିଗତ ସର୍ଟିଫିକେସନ୍ ମାଧ୍ୟମରେ ଆଗାମୀ ପ୍ରାୟୋଗିକ ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବାକୁ ପରାମର୍ଶ ଦେଇଥିଲେ। ସିଏସ୍‌ଆଇଆର ଏବଂ ସିଆରଆରଆଇ ନୂଆଦିଲ୍ଲୀର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ପରିଡ଼ା ଉଦଘାଟନୀ ଭାଷଣ ଦେଇଥିବା ବେଳେ ଓୟୁଟିଆର୍‌ର ସହକାରୀ ପ୍ରଫେସର ପ୍ରମୋଦ କୁମାର ବେହେରା, ସିଏସ୍‌ଆଇଆର ଏବଂ ସିଆରଆରଆଇ ନୂଆଦିଲ୍ଲୀର ମୁଖ୍ୟ ବୈଜ୍ଞାନିକ ଓ ପ୍ରକଳ୍ପ ନେତା ଡ଼. ପିଏସ୍. ପ୍ରସାଦ, ବୈଜ୍ଞାନିକ ଏବଂ କୋର୍ସ ସମନ୍ୱୟକ ଡ଼. ଜି ଭାରତ୍ରାଥ, ଓୟୁଟିଆର୍‌ର ସ୍କୁଲ୍ ଅଫ୍ ଇନ୍‌ରାଷ୍ଟ୍ରକ୍‌ଚର ଆଣ୍ଡ ପ୍ଲାନିଂର ମୁଖ୍ୟ ଡ଼. ସବିତା ଦାଶ ଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଉପସ୍ଥିତ ଥିଲେ। ସିଏସ୍‌ଆଇଆର ଏବଂ ସିଆରଆରଆଇ ନୂଆଦିଲ୍ଲୀର ବରିଷ୍ଠ ବୈଜ୍ଞାନିକ ଡ଼. ରବି ଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକତତ୍ତ୍ୱ ଓ ସାରଳା ମହାଭାରତ ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର, ୧୫।୧୨(ସମିସ): ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ମେଳାରେ ଡ. ନଳିନୀ ପ୍ରଭା ମହାପାତ୍ରଙ୍କ ପୁସ୍ତକ 'ଲୋକତତ୍ୱ ଓ ସାରଳା ମହାଭାରତ' କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଡକ୍ଟର ବୈଷ୍ଣବ ଚରଣ ସାମଲଙ୍କ ଦ୍ୱାରା ଉନ୍ମୋଚିନ ହୋଇଛି। ପୁସ୍ତକଟି ବିଜୟିନି ପବ୍ଲିକେସନ ଦ୍ୱାରା ପ୍ରକାଶିତ ହୋଇଥିବାବେଳେ ଡ. ମହାପାତ୍ରଙ୍କର ଏହା ଚତୁର୍ଥ ପୁସ୍ତକ। ସେ ମହର୍ଷି କଲେଜ ଅଫ୍ ନ୍ୟାଚୁରାଲ ଲ', ସହୀଦ ନଗରର ପୂରାତନ ଅଧ୍ୟକ୍ଷା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଏହି ସଭାରେ ଡ. ରମେଶ ଚନ୍ଦ୍ର ବେହେରା, ଡ. ଅନୁରାଧା ମହାପାତ୍ର, ଉମେଶ ଚନ୍ଦ୍ର ପ୍ରଧାନ, ଅମରେନ୍ଦ୍ର ମହାପାତ୍ର, ରବୀନ୍ଦ୍ରନାଥ ମିଶ୍ର, ଇଂ ଚଣ୍ଡୀ ପ୍ରସାଦ ମହାପାତ୍ର, ସାହିତ୍ୟିକା ବିମଳା ସିଂ, ସାମ୍ବାଦିକ ଦୁର୍ଗା ସାମନ୍ତରାୟ ଉପସ୍ଥିତ ଥିଲେ।

## ବୟସ୍କ ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ

ଭୁବନେଶ୍ୱର, ୧୫।୧୨(ସମିସ): ଆଦ୍ୟାଂଶ୍ ଯୁବ ସାମାଜିକ ସଂଗଠନ ଏବଂ ଯଶୋଦା ମା ଫାଉଣ୍ଡେସନର ମିଳିତ ସହଯୋଗରେ ହରେକୃଷ୍ଣ ନଗରରେ ଥିବା ତେଲୁଗୁ ବସ୍ତିର ବୟସ୍କ ବୃଦ୍ଧା ମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏଥିରେ ଆଦ୍ୟାଂଶ୍ ଯୁବ ସାମାଜିକ ସଂଗଠନର ପ୍ରତିଷ୍ଠାତା ବିଶ୍ୱଜିତ ସ୍ୱାଇଁ, ଯୁବ ସମାଜସେବୀ ପ୍ରତ୍ୟୁଷ ଭଞ୍ଜ, ସୀତାନାଥ ନଗର ବର୍ଣ୍ଣବୋଧ ପାଠଶାଳାର ଗୁରୁମା ରଞ୍ଜୁବାଳା ଲେଙ୍କା, ଯୁବ ପ୍ରତିଭା ଶୁଭମ୍ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଯଶୋଦା ମା ଫାଉଣ୍ଡେସନ ପ୍ରତିଷ୍ଠାତ୍ରୀ ନିବେଦିତା ଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶୀ ସଙ୍ଗୀତ ସନ୍ଧ୍ୟା 'ପରମ୍ପରା'




ଭୁବନେଶ୍ୱର, ୧୫।୧୨(ସମିସ): ଜାଗୃତି ସାଂସ୍କୃତିକ ଏକାଡେମୀ ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଓଡ଼ିଶୀ ସଙ୍ଗୀତ ଉପରେ ଆଧାରିତ ସାଂସ୍କୃତିକ ସନ୍ଧ୍ୟା 'ପରମ୍ପରା' ଗୁରୁ କେଳୁଚରଣ ମହାପାତ୍ର ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଓଡ଼ିଶୀ କଣ୍ଠଶିଳ୍ପୀ ଗୁରୁ ଡ. ବିଜୟ କୁମାର ଜେନାଙ୍କୁ 'ଗୁରୁ କ୍ଷୀରୋଦ ଚନ୍ଦ୍ର ପାତ୍ର ସ୍ମୃତି ସମ୍ମାନ ୨୦୨୫' ପ୍ରଦାନ କରାଯାଇଛି। ସନ୍ଧ୍ୟାର ମୁଖ୍ୟ ଅତିଥିଭାବେ ଓଡ଼ିଶୀ ସଙ୍ଗୀତ ଗୁରୁ ରାମହରି ଦାସ, ସମ୍ମାନିତ ଅତିଥିଭାବେ ମର୍ଦ୍ଦଳ ଗୁରୁ ନିରଞ୍ଜନ ପାତ୍ର ଓ ଓଡ଼ିଶୀ ସଙ୍ଗୀତର ଗବେଷକ ଡ. କୀର୍ତ୍ତନ ନାରାୟଣ ପାଢ଼ୀ ଯୋଗଦେଇ ଓଡ଼ିଶୀ ସଙ୍ଗୀତ ସନ୍ଧ୍ୟାକୁ ଉଦଘାଟନ କରିଥିଲେ। ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଜାଗୃତି ସାଂସ୍କୃତିକ ପରିଷଦର ବରିଷ୍ଠ ଶିଳ୍ପୀ ତଥା ସ୍ୱର୍ଗତ ଗୁରୁ କ୍ଷୀରୋଦ ଚନ୍ଦ୍ର ପାତ୍ରଙ୍କ ଛାତ୍ରୀ ଅନିନ୍ଦିତା, ଗୋଧୂଳି ଲଗ୍ନା ଓ ନିହାରୀକାଙ୍କ ତ୍ରୟ ଓଡ଼ିଶୀ କଣ୍ଠ ସଙ୍ଗୀତରୁ ଆରମ୍ଭ ହୋଇଥିଲା। ପରେ ଶ୍ରୁତି ମିଶ୍ର, ଗୁରୁ ନରସିଂହ ସାହୁ ଓ ଗୁରୁ ଡ. ବିଜୟ କୁମାର ଜେନାଙ୍କ ଏକକ ଓଡ଼ିଶୀ ଗାୟନ ପରିବେଷଣ ହୋଇଥିଲା। ସନ୍ଧ୍ୟାର ସହଯୋଗୀ ଶିଳ୍ପୀ ଭାବରେ ମର୍ଦ୍ଦଳରେ ଗୁରୁ ନିରଞ୍ଜନ ସାହୁ, ସୌମ୍ୟ ରଞ୍ଜନ ନାୟକ ଓ ବଂଶୀରେ ଡ. ଜବାହର ମିଶ୍ର ସହାୟତା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନ ମ୍ୟାନେଜିଂ ଟ୍ରଷ୍ଟି ତଥା ସମ୍ପାଦକ ନିରଞ୍ଜନ ସାହୁ ପରିଚାଳନା କରିଥିଲେ।

## ଭିଙ୍ଗାରପୁର ପଞ୍ଚାୟତରେ ଯୁଗ୍ମ ଅଭିଯୋଗ ଶୁଣାଣି

ବାଲିଅନ୍ତା, ୧୫।୧୨(ସମିସ): ଭିଙ୍ଗାରପୁର ଗ୍ରାମ ପଞ୍ଚାୟତ ସ୍ଥିତ କଲ୍ୟାଣ ମଣ୍ଡପଠାରେ ସୋମବାର ଜିଲ୍ଲା ଏବଂ ବ୍ଲକ ପ୍ରଶାସନ ମିଳିତ ସହଯୋଗରେ ଯୁଗ୍ମ ଅଭିଯୋଗ ଶୁଣାଣି ଜନିତ "ପଲ୍ଲୀରେ ପ୍ରଶାସନ" କାର୍ଯ୍ୟକ୍ରମ ସକାଳ ୧୧.୦୦ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଭିଯୋଗ ଶୁଣାଣିରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ, ରୁଦ୍ର ନାରାୟଣ ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁ, ଭୁବନେଶ୍ୱର ଉପ-ଜିଲ୍ଲାପାଳ ମନୋରଞ୍ଜନ ସାହୁ, ବାଲିଅନ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ତହସିଲଦାର ଲିଲନ୍ ପ୍ରସାଦ ସାହୁ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ବିଜୟ ମହାରଣା, ଉପାଧ୍ୟକ୍ଷ ଇତିଶ୍ରୀ ଜେନା,



ଜିଲ୍ଲା ପରିଷଦ ସଭ୍ୟ, ଜୋନ ନଂ ୧୬, ମହେଶ୍ୱର ଦାସ, ଭିଙ୍ଗାରପୁର ଗ୍ରା.ପ.ର ସରପଞ୍ଚ ହୃଷିକେଶ ବେହେରା, ଭିଙ୍ଗାରପୁର ଗ୍ରା.ପ.ର ସମିତି ସଭ୍ୟ ଗଗନ ବିହାରୀ ସାହୁ ଏବଂ ଜିଲ୍ଲା ସ୍ତରୀୟ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଅଭିଯୋଗ ଶୁଣାଣୀରେ ସର୍ବମୋଟ ୧୨୧ ଗୋଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଅଛି। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୬୦ ଗୋଟି, ଭତ୍ତା ସମ୍ବନ୍ଧୀୟ ୮ ଗୋଟି, ଯୋଗାଣ ବିଭାଗ ସମ୍ବନ୍ଧୀୟ ୮ ଗୋଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୪୫ ଗୋଟି ଅଭିଯୋଗ ହସ୍ତଗତ ହୋଇଅଛି। ବିଧାୟକ ବାଲିଅନ୍ତା ଗ୍ରାମର ୪୭ ବର୍ଷୀୟ ଦିବ୍ୟାଙ୍ଗ ମହଳା ମଞ୍ଜୁଲତା ଭୋଇ ଏବଂ ଭିଙ୍ଗାରପୁର ଗ୍ରାମର ୩୩ ବର୍ଷୀୟା ମହିଳା ମଞ୍ଜୁଲତା ବେହେରାଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିଥିଲେ।

### ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୫୧ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ



**ବାସୁଦେବପୁର,୧୫ ।୧୨(ସମିସ):** ବାସୁଦେବପୁର ପୌରପାଳିକାର ନୀଳମଣି ଟାଉନ ହଲ୍‌ରେ ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଏସ୍‌ପି ମନୋଜ ରାଉତ, ସିଡିଓ ଶୁଭେନ୍ଦୁ ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ସିଡିଏମ ଏଣ୍ଡ ପିଏଚଓ ଡଃ. ସୁଧିରଞ୍ଜନ ନାୟକ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ତହସିଲଦାର ପ୍ରିୟବ୍ରତ ଦାସ, ବିଡିଓ ତନ୍ମିତା କର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ସ୍ୱାଇଁ ଓ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ ଯୋଗ ଦେଇଥିଲେ। ଆଜି ୧୫୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ଜିଲ୍ଲାପାଳ ଏହାର ତଦନ୍ତ କରିଥିଲେ। ବିଭିନ୍ନ ରୋଗରେ ପୀଡ଼ିତ ୧୦ ଜଣ ରୋଗୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ ଓ ରେଡକ୍ରସ ଫଣ୍ଡରୁ ଜିଲ୍ଲାପାଳ ପ୍ରଦାନ କରିଥିଲେ।

## ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅଧିକାରୀ ଅଭାବ

**ବାରିକପୁର,୧୫ ।୧୨(ସମିସ):** ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ଅଧିକାରୀ ନ ଥିବାବେଳେ କେତେକ ପଦବୀ ଖାଲିପଡ଼ିଛି। ଫଳରେ ଶିକ୍ଷାଭିତ୍ତିକ ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଦୈନିକ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ କାର୍ଯ୍ୟ ପାଇଁ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରୁଥିବା ଦେଖାଯାଉଛି।




ସୂଚନା ମୁତାବକ, କାର୍ଯ୍ୟାଳୟରେ ମୁଖ୍ୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପଦବୀ ଦୀର୍ଘଦିନ ହେବ ଫାଙ୍କା ପଡିଛି। ଏଠାରେ ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧିର ତରାଇଙ୍କୁ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନ ଥାଇ ଜିଲ୍ଲା ପ୍ରଶାସନ ଅନ୍ୟତ୍ର ବଦଳି କରିଛି। ପ୍ରାୟ ୪ ମାସରୁ ଅଧିକ ହେବ ତାଙ୍କ ସ୍ଥାନରେ ଧାମନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ସାହୁଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଶ୍ରୀ ସାହୁ ମଧ୍ୟ ଧାମନଗର ବ୍ଲକର ୨ଟି ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏଭଳି ସ୍ଥଳେ ଶିକ୍ଷା ବିଭାଗର କେବଳ କେତୋଟି ସଭାସମିତିରେ ଶ୍ରୀ ସାହୁ ଉପସ୍ଥିତ ରହୁଥିବାବେଳେ ସମୟ ଅଭାବରୁ କାର୍ଯ୍ୟାଳୟକୁ ଆସି ନିଜର ପ୍ରମୁଖ ଦାୟିତ୍ୱ ତୁଲାଇବା ତାଙ୍କ ପକ୍ଷେ ଅସମ୍ଭବ ହେଉଛି। ଏଥିସହ ତିନିଜଣ ସହ ଶିକ୍ଷା ଅଧିକାରୀ ପଦବୀ ଭିତରୁ ଦୁଇଜଣ ଅଧିକାରୀ ମଧ୍ୟ ନାହାନ୍ତି। ଏତଦବ୍ୟତୀତ ଜଣେ ଡାଟା ଏଣ୍ଟ୍ରି ଷ୍ଟାଫଙ୍କ ସମେତ ହିସାବରକ୍ଷକ ପଦବୀ ମଧ୍ୟ ଦୀର୍ଘ ବର୍ଷ ଧରି ଖାଲିପଡ଼ିଛି। କାର୍ଯ୍ୟାଳୟରେ ଏବେ ମାତ୍ର ଜଣେ ସହକାରୀ ଶିକ୍ଷା ଅଧିକାରିଣୀ ରହିଥିବାବେଳେ ବହୁ କଷ୍ଟରେ କିଛି କାର୍ଯ୍ୟ ହେଉଥିଲେ ମଧ୍ୟ ପ୍ରମୁଖ କାର୍ଯ୍ୟ ଏକପ୍ରକାର ଠପ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଭଳି ସ୍ଥିତିରେ ଶିକ୍ଷା ବିଭାଗ ଅଧୀନସ୍ଥ ବିଦ୍ୟାଳୟରେ କେଉଁ ଭଳି ଶୈକ୍ଷିକ ବାତାବରଣ ସୃଷ୍ଟି ହେଉଥିବ, ଏଥିରୁ ସ୍ପଷ୍ଟ ଅନୁମେୟ ହେଉଛି। ପ୍ରମୁଖ ଅଧିକାରୀଙ୍କ ବିନା କାର୍ଯ୍ୟାଳୟରେ ମଧ୍ୟ ଏକପ୍ରକାର ଅଚଳାବସ୍ଥା ଦେଖାଦେଇଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ



**ବାସୁଦେବପୁର,୧୫ ।୧୨(ସମିସ):** ସ୍ଥାନୀୟ ଅଟଳ ବିହାରୀ ହାଇସ୍କୁଲରେ ୭ଦିନ ଧରି ଚାଲିଥିବା ସାଂସଦ ଖେଳ ମହୋତ୍ସବ ଉଦଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବର ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଡିଓ ତନ୍ମିତା କର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ, ସହକାରୀ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ, ପୌରନିର୍ବାହୀ ଅଧିକାରୀ ସୁଧାଂଶୁ ସ୍ୱାଇଁ ଯୋଗଦେଇଥିଲେ। ଜିଲ୍ଲାପାଳ ଶ୍ରୀ ରାଉତରାଏ କହିଥିଲେ, ଖେଳ ଆମ ଶରୀରକୁ ସୁସ୍ଥ ସବଳ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ। ପ୍ରତିଯୋଗିତାର ହାରିବା ଓ ଜିତିବା ବଡ କଥା ନୁହେଁ। ଆମ ଭିତରେ ପ୍ରତିଯୋଗିତା ମନୋଭାବ ଥିଲେ ଆଗକୁ ଆମକୁ ସଫଳତାର ସ୍ୱାଦ ମିଳିବ। ବାସୁଦେବପୁର ଓ ତିହିଡି ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ଖେଳର ଶ୍ରେଷ୍ଠ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ସୁକାନ୍ତ ଜେନାଙ୍କୁ ଜିଲ୍ଲାପାଳ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଜୟପ୍ରକାଶ ମଲ୍ଲିକ ସଭାକୁ ସଂଯୋଜନା କରିଥିଲେ। ଉଦୟ ନାରାୟଣ ମଲ୍ଲିକ, ଉମାକାନ୍ତ ଖୁଣ୍ଟିଆ, ମଧୁସୂଦନ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

## ସାରସ୍ୱତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗରେ ଜିଏସ୍‌ଟି ଉପରେ ଆଲୋଚନାଚକ୍ର

**ଭୁବନେଶ୍ୱର, ୧୫ ।୧୨(ସମିସ):** ସାରସ୍ୱତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗରେ ଜିଏସ୍‌ଟି ଉପରେ ଦ୍ୱିତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଡମ୍ବରୁଧର ଭୋଳ ସଭାପତି ଭାବରେ କାର୍ଯ୍ୟ ସମ୍ପାଦନ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ଆଲୋଚନା ଚକ୍ରର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଲେଫ୍ଟିନାଣ୍ଟ ପ୍ରଶାନ୍ତ କୁମାର ନାୟକ ଅତିଥି ପରିଚୟ ପ୍ରଦାନ ସହିତ ବିଷୟ "ଜିଏସ୍‌ଟି କାଉନ୍‌ସିଲ୍ ଆଣ୍ଡ ଜିଏସ୍‌ଟିଆର'ବିଷୟରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଆଦ୍ୟାଶା ଦାସ ଜିଏସ୍‌ଟିର ପ୍ରକାର ଏବେ ରେଟ୍ ଉପରେ ମତ ପ୍ରଦାନ କରିଥିଲେ। ଅନ୍ୟତମ ଆଲୋଚକ ଭାବେ ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଶାନ୍ତ କୁମାର ମହନ୍ତ, ସୋର କଲେଜର ଉପେନ୍ଦ୍ର ନାଥ ଯୋଗ ଦେଇ ବିଷୟ ଉପରେ ଗଭୀର ଆଲୋଚନା କରିଥିଲେ। ଅଧ୍ୟାପକ କ୍ଷମାସାଗର ବେହେରା "ଜିଏସ୍‌ଟି ରେଜିଷ୍ଟ୍ରେସନ ଉପରେ ନିଜର ମତ ପ୍ରଦାନ କରିଥିଲେ। +୩ ତୃତୀୟ ବର୍ଷର ଛାତ୍ରୀ ମୋନାଲିସା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସସ୍ମିତା ବେହେରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଛାତ୍ର ଗୋପୀନାଥ ମହାପାତ୍ର ବେଦ ପାଠ ପଠନ କରିଥିଲେ। ଛାତ୍ର ଅଜିତ୍ କୁମାର ବେହେରା, ସତ୍ୟାନନ୍ଦ ବେହେରା ଓ ରୁନୁ ଲତା ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।(ରଞ୍ଜନା)




## ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ପ୍ରତିଯୋଗିତା




**ବନ୍ତ/ଆଗରପଡ଼ା,୧୫।୧୨(ସମିସ):** ବର୍ତ୍ତମାନ ସମୟରେ ଶକ୍ତିର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଶକ୍ତିକୁ ସଂରକ୍ଷଣ କରି ଏହାର ସୁବିନିଯୋଗ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏ ପରିପ୍ରେକ୍ଷୀରେ ବନ୍ତସ୍ଥ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅରୁନ୍ଧତି ସେନାପତିଙ୍କ ସଭାପତିତ୍ୱରେ ଶକ୍ତି ସଂରକ୍ଷଣ ପାଇଁ ଅଧ୍ୟୟନରତ ଛାତ୍ରୀଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ପ୍ରବନ୍ଧ, ଚିତ୍ରାଙ୍କନ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହେବା ସହ ଛାତ୍ରୀମାନେ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଜନସଚେତନ କରିଥିଲେ। ସାଧାରଣ ଜ୍ଞାନ ଛାତ୍ରୀ ଏଲିନନ୍ଦିତା ସାହୁ, ଶୁଭଲକ୍ଷ୍ମୀ ସ୍ୱାଇଁ, ସୁପ୍ରିୟା ସିଂହ, ପ୍ରବନ୍ଧରେ ଏଲିନା ସାହୁ, ଦେବଯାନୀ ମାଝୀ, ଶୁଭଲକ୍ଷ୍ମୀ ସ୍ୱାଇଁ, ଚିତ୍ରାଙ୍କନରେ ଗଙ୍ଗାରାଣୀ ବେହେରା, ଏଲିନା ତ୍ରୀପାଠୀ, ଦିବ୍ୟାଞ୍ଜଳି ମାଝୀ ଅଂଶଗ୍ରହଣ କରି ଯୋଗ୍ୟ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଶିକ୍ଷାବିତ୍ ତ୍ରିଲୋଚନ ପଣ୍ଡା ଯୋଗ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## କବୟତ୍ରୀ ରାଜଶ୍ରୀ ଓଝା ସମ୍ବର୍ଦ୍ଧିତ

**ବାରିକପୁର,୧୫ ।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା କଲ୍ୟାଣପୁର ଗ୍ରାମର କବୟତ୍ରୀ ରାଜଶ୍ରୀ ଓଝା ସମ୍ବର୍ଦ୍ଧିତ ହୋଇଛନ୍ତି। ଧାମନଗର ବ୍ଲକ ଅସୁରାଳି ଶିଶୁ ମନ୍ଦିରରେ ଶ୍ରୀଚକ୍ର ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ କବିତା ପାଠୋତ୍ସବରେ ଅତିଥିମାନେ ରାଜଶ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଗୌତମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରାମଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଦୀପକ ବାରିକ, ନିମନ୍ତ୍ରିତ ଅତିଥି କବିତା ଦେବ ବନ୍ଦିତା ଦାସ ପ୍ରମୁଖ ଯୋଗଦେଇ ସାଂପ୍ରତିକ ସମୟରେ ଓଡ଼ିଆ ଭାଷା ସାହିତ୍ୟକୁ ଉଜ୍ଜୀବିତ କରିବାକୁ ହେଲେ ଯୁବ ଲେଖକ ଓ କବିଙ୍କ ସୃଜନଶୀଳତା ଏକାନ୍ତ ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ଏ ଅବସରରେ ଉଚ୍ଚକୋଟୀର ଲେଖନୀ ଚାଳନା ଓ କବିତା ରଚନା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ରାଜଶ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



## କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦିବସ

**ଭଦ୍ରକ,୧୫।୧୨(ସମିସ):** ଭଦ୍ରକ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟଅତିଥି ରୂପେ ଯୋଗଦେଇ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ରଛାତ୍ରୀ ଅତିଥି ରୂପେ ଯୋଗ ଦେଇଥିଲେ। ଅଧ୍ୟକ୍ଷା ପଦ୍ମାବତୀ ଦ୍ୱିବେଦୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟକ୍ଷା ପଦ୍ମାବତୀ ଦ୍ୱିବେଦୀ, ପ୍ରଧାନଶିକ୍ଷକ ଦୀଲେଶ୍ୱର ସାହୁ, ସୁରେନ୍ଦ୍ର ରାଉତ ଓ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଶପଥ ଗ୍ରହଣ କରିଥିଲେ।



## ଆଗରପଡ଼ାରେ ହସ୍ତଶିଳ୍ପ ସପ୍ତାହ

**ବନ୍ତ/ଆଗରପଡ଼ା,୧୫।୧୨(ସମିସ):** ବନ୍ତ ବ୍ଲକ୍ ବିଟିପୁର ପଞ୍ଚାୟତ ଅନ୍ତର୍ଗତ ବିଟିପୁର ଗ୍ରାମରେ ଜିଲ୍ଲାସ୍ତରୀୟ ହସ୍ତଶିଳ୍ପ ସପ୍ତାହ ପାଳନ କରାଯାଇଛି। ସହକାରୀ ନିର୍ଦ୍ଦେଶକ ପ୍ରକାଶ ମିଶ୍ର, ହସ୍ତଶିଳ୍ପ ବିକାଶ ଅଧିକାରୀ ସତ୍ୟରଞ୍ଜନ କର, ଦିଲ୍ଲୀପ ବିଶ୍ୱାଳ, ଟେରାକୋଟା ଶିଳ୍ପୀ ପଦ୍ମନାଭ ସେଠୀ, କୁଶ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ୩୦ ଜଣ ଟେରାକୋଟା ଶିଳ୍ପୀ ଯୋଗ ଦେଇଥିଲେ। ଟେରାକୋଟା ନିପୁଣ ଶିଳ୍ପୀ ନିରୁପମା ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ମାନସ ଭୂୟାଁ ଓ ବିକାଶ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଭଣ୍ଡାରିପୋଖରୀରେ ସାଂସଦ ଖେଳ ମହୋତ୍ସବ




**ଭଣ୍ଡାରିପୋଖରୀ,୧୫।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ବିଷ୍ଣୁପୁର ପଞ୍ଚାୟତ ଆଦମପୁର ମିନି ଷ୍ଟାଡିୟମରେ ସାଂସଦ ଖେଳ ମହୋତ୍ସବ ଆଜି ଉଦଯାପିତ ହୋଇଛି। ଉଦଯାପନ ଦିବସର କବାଡି ପ୍ରତିଯୋଗିତାର ୧୭ ବର୍ଷ ବୟସରୁ କମ ଓ ୧୭ ବର୍ଷରୁ ଅଧିକ ପିଲାମାନେ ଦଳଗତ ଭାବେ ଅଂଶଗ୍ରହଣ କରିଥିଲେ। ୧୭ ବର୍ଷରୁ କମ ପ୍ରତିଯୋଗିତାରେ ୧୪ଟି ଦଳ ଅଂଶଗ୍ରହଣ କରିଥିଲେ। ୧୭ ବର୍ଷରୁ ଅଧିକ ଦଳରେ ବାରିକପୁର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ଓ ବଳଦେବଜୀଉ ଦଳ ଅଂଶଗ୍ରହଣ କରିଥିଲେ। ଉଭୟ ବର୍ଗର ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ଅମୂଲ୍ୟ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ନାଟ୍ୟକାର ଡ. ସୁଧାଂଶୁ ଶେଖର ନାୟକ ମୁଖ୍ୟଅତିଥି, ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା, ସାଂସଦ କ୍ରୀଡା ମହୋତ୍ସବ ଜିଲ୍ଲା ସଂଯୋଜକ କିଶୋର କିଙ୍କର ପଢ଼ିହାରୀ, ତପନ ପାତ୍ର ଓ ନିରଞ୍ଜନ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡା ମହୋତ୍ସବର ଅଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ଲକ୍ କ୍ରୀଡ଼ା ଶିକ୍ଷକ ଜୋନ ସମ୍ପାଦକ ଜିତେନ୍ଦ୍ର ସାହୁ ଅତିଥି ପରିଚୟ ଓ କ୍ରୀଡ଼ା ଶିକ୍ଷକ ଦେବାଶିଷ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ରହିତାଦେଶ ପ୍ରକଳ୍ପ କାର୍ଯ୍ୟକୁ ନେଇ ଅସନ୍ତୋଷ

**ବାରିକପୁର,୧୫ ।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତ କୁମ୍ଭାରିଆଠାରେ କିଛି ସରକାରୀ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏଫଡିଆର ଦାନା ସହାୟତା ପ୍ରକଳ୍ପ ଜରିଆରେ କୁମ୍ଭାରିଆ ସ୍କୁଲ ମରାମତି, କମ୍ୟୁନିଟି ସେଣ୍ଟର ନିର୍ମାଣ ସହିତ ହରିଜନ ସାହି ରାସ୍ତାର ନବୀକରଣ କାର୍ଯ୍ୟ ହୋଇଛି। ଦାନା ପ୍ରକଳ୍ପ ଉପରେ ନ୍ୟାୟିକ ରହିତାଦେଶ ଜାରି ହୋଇଥିବାବେଳେ ଜୋର ଜବରଦସ୍ତ ଏଭଳି କାର୍ଯ୍ୟ କରାଯାଉଥିବା କେତେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ସେମାନେ ଏହି କାମ ବିଷୟରେ କିଛି ଜାଣି ନ ଥିବା କହୁଛନ୍ତି। ନାମଫଳକ ଲେଖାଯାଇ ସମସ୍ତ କାର୍ଯ୍ୟ ହେଉଥିବା ଜଣାପଡ଼ିଛି। ଏହା ଉପରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଧର୍ମପ୍ରାଣାଙ୍କ ସ୍ମୃତିସଭା

**ଧାମନଗର,୧୪ ।୧୨(ସମିସ):** ପାଳସାହି ପଞ୍ଚାୟତ ଅଧୀନ ଗଡ଼ଗଡି ଗ୍ରାମର ଧର୍ମପ୍ରାଣ ଶାନ୍ତିଲତା ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ପ୍ରସନ ଧଳ, ପୂର୍ବତନ ସରପଞ୍ଚ ରମଣୀ ରଞ୍ଜନ ଦାସ, ପରମାନନ୍ଦ ସାୟନ୍ତ ଓ ଅନୀଲ ଦାସ, ଆଲୋକ ସ୍ୱାଇଁ, ନବଜୀବନ ଫାଉଣ୍ଡେସନ ମୁଖ୍ୟ ମାନସ ସାହୁ, ବରିଷ୍ଠ ସାମ୍ବାଦିକ ବୈକୁଣ୍ଠ ନାଥ ସାହୁ, ଜଗବନ୍ଧୁ ବେହେରା, ସନ୍ତୋଷ ଦାସ, ରତିକାନ୍ତ ନାୟକ, ରାଜେଶ ବିଶ୍ୱାଳ, ତ୍ରିଲୋଚନ ରାଉତ, ବିକ୍ରମ ମହାପାତ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁତ୍ର ତଥା ଆଇନଜୀବୀ ରମେଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## 'ସମାଜ ପ୍ରତି ସମର୍ପିତ ବ୍ୟକ୍ତିତ୍ୱ ଥିଲେ ଗୋଲକ ସାମଲ'

**ତିହିଡି,୧୫ ।୧୨(ସମିସ):** ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଅବହେଳିତ ଦୁସ୍ଥ ଲୋକଙ୍କ ସେବାକୁ ପ୍ରାଥମିକତା ଦେଇ ଜୀବନର ଶେଷ ପର୍ଯ୍ୟନ୍ତ ସେବା କାର୍ଯ୍ୟ କରୁଥିଲେ ପୂର୍ବତନ ସରପଞ୍ଚ ସ୍ୱର୍ଗତ ଗୋଲକ ଚନ୍ଦ୍ର ସାମଲ। କେବଳ ଯେ ଜଣେ ସମାଜସେବୀ ଥିଲେ, ତାହା ନୁହେଁ ସେ ଜଣେ ଆଦର୍ଶ ଚିକିତ୍ସକ ଭାବେ ଦୀର୍ଘ ୫ ଦଶନ୍ଧି ଧରି ବୋଡ଼କ ତଥା ଆଖପାଖ ୫ଟି ପଞ୍ଚାୟତରେ ରୋଗୀ ସେବା ମାଗଣାରେ କରିଆସୁଥିଲେ। ସେହିପରି ଜଣେ ଆଦର୍ଶ ସରପଞ୍ଚ ଭାବେ ମଧ୍ୟ ଅନେକ ଜନକଲ୍ୟାଣ କାର୍ଯ୍ୟ କରି ସମସ୍ତଙ୍କ ନିକଟରେ ସ୍ମରଣୀୟ। ତାଙ୍କ ବିୟୋଗରେ ବୋଡ଼କ ଅଞ୍ଚଳ ଜଣେ ଆଦର୍ଶ ଗାନ୍ଧୀବାଦୀ ଜନସେବକଙ୍କୁ ହରାଇଲା ବୋଲି ଶୋକସଭାରେ ଦଳମତ ନିର୍ବିଶେଷରେ ବିଭିନ୍ନ ବର୍ଗର ଲୋକେ ମତ ପ୍ରକାଶ କରିଛନ୍ତି। ବୋଡ଼କ ବଜାରରେ ବୋଡ଼କ ପଞ୍ଚାୟତ, ନାୟକାଣୀ ପାଲା କମିଟି, ବୋଡ଼କ ଦେଶ ଦୋଳ ମେଳଣ କମିଟି, ସାର୍ବଜନୀନ ଦୁର୍ଗାପୂଜା କମିଟି ଓ ଶୁଭମ ସ୍ୱେଚ୍ଛାସେବୀ ସଂଗଠନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳିରେ ଶିକ୍ଷାବିତ ସୁଭାଷ ଦାସ ଓ ପ୍ରାକ୍ତନ ସରପଞ୍ଚ ଶଶଧର ସାମଲ ମିଳିତ ସଂଯୋଜନା କରିଥିଲେ। ଦଳିତ ନେତା ଅକ୍ଷୟ ମଲ୍ଲିକ, ସରପଞ୍ଚଙ୍କ ପ୍ରତିନିଧି ବିଷ୍ଣୁମୋହନ ଜେନା, ସମିତିସଭ୍ୟ ଜୟପ୍ରକାଶ ମଲ୍ଲିକ, ପ୍ରଧାନଶିକ୍ଷକ ରମେଶ ବେହେରା, ସାମ୍ବାଦିକ ନରେନ୍ଦ୍ର ସାମଲ, ପ୍ରଶାନ୍ତ ଖୁଣ୍ଟିଆ, ଶିକ୍ଷାବିତ ହରିହର ପାକଳ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



## ଲଛମନ ଦାସ ଶିଶୁ ଆଶ୍ରମରେ ସ୍ମୃତିସଭା



**ଦୋଳସାହି,୧୫ ।୧୨(ସମିସ):** ତିହିଡ଼ି ବ୍ଲକ ଅଧୀନ ଦୋଳସାହି ପଞ୍ଚାୟତରେ ଅବସ୍ଥିତ ଲଛମନ ଦାସ ଶିଶୁ ଯତ୍ନ ଆଶ୍ରମରେ ଆଜି ଆଶ୍ରମର ପୂର୍ବତନ ସଭାପତିଙ୍କ ଦଶମ ସ୍ମୃତିସଭା ପାଳିତ ହୋଇଯାଇଛି। ଦୋଳସାହି ପଞ୍ଚାୟତର ଗୋରୁହାଟଠାରେ ଲଛମନ ଦାସ ଶିଶୁ ଯତ୍ନ ଆଶ୍ରମର ପୂର୍ବତନ ସଭାପତି ସମାଜସେବୀ ସ୍ୱର୍ଗତ ଦୁର୍ଯ୍ୟୋଧନ ମହାନ୍ତିଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମ ଆଶ୍ରମର ୪୫ ଜଣ ଅନ୍ତେବାସୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତିଙ୍କ ପୁତ୍ର ସମାଜସେବୀ ସୁରେଶ ମହାନ୍ତି ଓ ଆଶ୍ରମର ସଦସ୍ୟ ଲୋକନାଥ ପତି, ଅଶୋକ ନାୟକ, ବାଇଧର ଲେଙ୍କା, ରାଜେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆଶ୍ରମର ସଭାପତି ଶ୍ରୀ ମହାନ୍ତିଙ୍କ ଦ୍ୱାରା ଆଶ୍ରମର ଅନ୍ତେବାସୀଙ୍କ ରହିବା ପାଇଁ ୩ ଲକ୍ଷ ଟଙ୍କା ବ୍ୟୟରେ ଏକ ଗୃହ ନିର୍ମାଣ କରିବା ସହ ପ୍ରତିବର୍ଷ ଅନ୍ତେବାସୀଙ୍କୁ ପରିଭ୍ରମଣ କରିବାଠାରୁ ଶୀତବସ୍ତ୍ର ବଣ୍ଟନ, ନିୟମିତ ଭୋଜନ ଆଦି ସମସ୍ତ ଦାୟିତ୍ୱ ତୁଲାଇ ଆସୁଛନ୍ତି।

### ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପଞ୍ଜୀକରଣ କେନ୍ଦ୍ର, ତହସିଲ କାର୍ଯ୍ୟାଳୟ

# କର୍ମଚାରୀ ଅଭାବ, ଲୋକେ ଅସୁବିଧାର ସମ୍ମୁଖୀନ

**ଧାମନଗର,୧୫ ।୧୨(ସମିସ):** ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ ତଥା ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପଞ୍ଜୀକରଣ କେନ୍ଦ୍ର, ତହସିଲ କାର୍ଯ୍ୟାଳୟରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ। ଏ ସମ୍ପର୍କରେ ମେଡିକାଲ ଅଫିସର ସହ ଯୋଗାଯୋଗ କରିବାରୁ ପଞ୍ଜୀକରଣ କେନ୍ଦ୍ରରେ ଜଣେ କାର୍ଯ୍ୟ କରୁଛନ୍ତି। କର୍ମଚାରୀ ଅଭାବ ଯୋଗୁଁ ଜନ୍ମ ପ୍ରମାଣପତ୍ର ପାଇବାରେ ବିଳମ୍ବ ହେଉଛି ବୋଲି ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

ସରକାରଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ଥାନା ଅଞ୍ଚଳରେ ପୁଲିସ ପକ୍ଷରୁ ବାଂଲାଦେଶୀଙ୍କ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ପରେ ଲୋକଙ୍କ ମଧ୍ୟରେ ତତ୍ପରତା ଦେଖାଦେଇଛି। ଏହି କ୍ରମରେ ପଞ୍ଜୀକରଣ କେନ୍ଦ୍ର ଓ ତହସିଲ କାର୍ଯ୍ୟାଳୟରେ ଲୋକଙ୍କ ଭିଡ଼ ବଢ଼ିବାରେ ଲାଗିଛି। କିଛିଦିନ ଧରି ଜନ୍ମ ପ୍ରମାଣପତ୍ର ଓ ତାରିଖ ସଂଶୋଧନ, ବାସିନ୍ଦା ପ୍ରମାଣପତ୍ର, ଆଧାର କାର୍ଡ ସଂଶୋଧନ ନିମନ୍ତେ ବିଭିନ୍ନ ଆଫିଡେଫିଟ ପାଇଁ ଲୋକେ ବହୁ ସଂଖ୍ୟାରେ ଲମ୍ବା ଲାଇନ୍‌ରେ ଠିଆ ହୋଇଥିବା ତହସିଲ କାର୍ଯ୍ୟାଳୟରେ ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଧାମନଗର ପୁଲିସ ପକ୍ଷରୁ ଚାଲୁଥିବା ଚିହ୍ନଟ ପ୍ରକ୍ରିୟା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏଥିସହିତ ସଠିକ କାଗଜପତ୍ର ନ ଦେଖାଇଲେ ଆଗାମୀ ଦିନରେ ସରକାରୀ ସ୍ତରରେ ବହୁ ଅସୁବିଧାରେ ସମ୍ମୁଖୀନ ହେବାକୁ ଲକ୍ଷ୍ୟରେ ସଠିକ କାଗଜପତ୍ର ପାଇଁ ପ୍ରସ୍ତୁତ କରି ରଖୁଥିବା ଲୋକେ କହିଛନ୍ତି। ଏ ଦିଗରେ ସ୍ଥାନୀୟ ବିଧାୟକ, ଜିଲ୍ଲାପାଳ, ଜିଲ୍ଲା ଚିକିତ୍ସା ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ୟାର ସମାଧାନ ନିମନ୍ତେ ଉକ୍ତ ବିଭାଗରେ ଆଉ ଜଣେ କର୍ମଚାରୀଙ୍କୁ ନିଯୁକ୍ତ କରିବା ପାଇଁ ସାଧାରଣରେ ଦାବି ହେଉଛି।



# ରିଲାଏନ୍ସ କ୍ଷତିଗ୍ରସ୍ତ ପ୍ରଜାଙ୍କ ଆନ୍ଦୋଳନ ଷଷ୍ଠ ଦିନରେ

ଢେଙ୍କାନାଳ,୧୫ ।୧୨(ସମିସ):



ରିଲାଏନ୍ସ କାରଖାନାକୁ ଜମିଦେଇ କ୍ଷତିଗ୍ରସ୍ତ ପ୍ରଜାମାନେ ନିଯୁକ୍ତି ନ ପାଇ ଉଭୟ କମ୍ପାନୀ ଓ ପ୍ରଶାସନଠାରୁ ବାରମ୍ବାର ପ୍ରତାରିତ ହେବା ପରେ ଆମରଣ ଅନଶନରେ ବସିଛନ୍ତି। ତେବେ ଇତିମଧ୍ୟରେ ୬ ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ

## ପ୍ରଶାସନର ନିଘା ନାହିଁ

କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଶୀତକାକରରେ ଜମିହରା ପ୍ରଜାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ପଡ଼ିରହିଛନ୍ତି। ସୋମବାର ପୂର୍ବତନ ସାଂସଦ ମହେଶ ସାହୁ ଅନଶନ ସ୍ଥଳରେ ପହଞ୍ଚି ଲୋକଙ୍କ ଦାବି ପ୍ରତି ସମର୍ଥନ ଜଣାଇଥିଲେ। ଜମିହରା ପ୍ରଜାଙ୍କୁ ସମ୍ବୋଧିତ କରି ସେ କହିଲେ ଯେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାରେ ଶିଳ୍ପ ଓ କାରଖାନା ବହୁଳ ଭାବେ ଗଢ଼ିଉଠିଥିଲେ ମଧ୍ୟ କମ୍ପାନୀମାନଙ୍କର ମନମାନି ଧୀରେ ଧୀରେ ବଢ଼ିବାରେ ଲାଗିଛି। ଶ୍ରମିକ, ମୂଲିଆ ଓ ସାଧାରଣ ଲୋକେ ଜମି ଦେଇ ମଧ୍ୟ କ୍ରମାଗତ ଭାବେ ଅନ୍ୟାୟର ଶିକାର ହୋଇ ଆସୁଛନ୍ତି। ସରକାର ଓ ପ୍ରଶାସନ ଲୋକଙ୍କ ଏ ସମସ୍ୟା ଦୂର କରିବାରେ ଏକ ପ୍ରକାରେ ବିଫଳ ହୋଇଛି। ଯଥାଶୀଘ୍ର ଜମିହରାମାନଙ୍କ ଦାବି ପୂରଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଅହୁରି ତୀବ୍ର ହେବ ବୋଲି ସାହୁ ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ସମାଜସେବୀ ସରୋଜ ଶତପଥୀ କହିଥିଲେ ଯେ ରିଲାଏନ୍ସ କମ୍ପାନୀ କେବଳ ଜମିହରାମାନଙ୍କୁ ନୁହେଁ ତା' ସହିତ କମ୍ପାନୀ ଶ୍ରମିକଙ୍କ ପ୍ରତି ଅନ୍ୟାୟ କରୁଛି। କମ୍ପାନୀ କ୍ଲୋଜର ନୋଟିସ୍ ନ ଦେଇ ଶ୍ରମିକମାନଙ୍କୁ ବେଆଇନ୍ ଭାବେ ଛଟେଇ କରିଛି। ଜିଲ୍ଲା ପ୍ରଶାସନ ସବୁ ଜାଣିଶୁଣି ଚୁପ୍ ରହିବା ବଡ଼ ସନ୍ଦେହ ସୃଷ୍ଟି କରୁଛି ବୋଲି ସେ କହିଥିଲେ। ସଦାଶିବପୁର ସରପଞ୍ଚ ଧରିତ୍ରୀ ମଲ୍ଲିକ କହିଥିଲେ ଯେ ଦରକାର ପଡ଼ିଲେ ଛଟେଇ ଶ୍ରମିକ, କର୍ମଚାରୀମାନେ ମଧ୍ୟ ଜମିହରାମାନଙ୍କ ସହିତ ଗୋଟିଏ ମଞ୍ଚରେ ଯୋଗଦେବେ। ଏଥି ସହିତ ସଂଘର ସଭାପତି ଅରୁଣ ସାହୁ ଏ ଅନଶନ ଜାରି ରହିବ ବୋଲି ସୂଚନା ଦେଇ ଧନ୍ୟବାଦ ଅର୍ପଣ କରିଥିଲେ। ଅନଶନରେ ଶତାଧିକ ଜମିହରା ପ୍ରଜା ସାମିଲ ହୋଇଛନ୍ତି।

## ■ କୁଟୁରିଆ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

# ୭୮ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ




କଙ୍କଡ଼ାହାଡ଼୧୫ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ପ୍ରଶାସନ ପକ୍ଷରୁ କଙ୍କଡ଼ାହାଡ଼ ବ୍ଲକ କୁଟୁରିଆ ପଞ୍ଚାୟତ କାର୍ଯ୍ୟାଳୟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକେ ଆସି ସେମାନଙ୍କ ଆପତ୍ତି ଅଭିଯୋଗ ଜଣାଇଥିଲେ। ବିଡିଓ ଯଶୋବନ୍ତ ଦେହୁରୀ, ଏବିଡିଓ ସୁଚିସ୍ମିତା ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଯୋଗାଣ ଅଧିକାରୀ ମୋନାଲିସା ଜେନା, କୃଷି ଅଧିକାରୀ ମଧୁସ୍ମିତା ଶତପଥୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭମ ସି, ସହକାରୀ ମତ୍ସ୍ୟ ଅଧିକାରୀ ପ୍ରଣୟ ପ୍ରଭାତ କୁମାର, କୁଟୁରିଆ ସରପଞ୍ଚ ରଞ୍ଜିତ କୁମାର ସାହୁ, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ପିଇଓ ପ୍ରିୟତମା ସିଂହ, ଏଡିଇଓ ଆଲୋକ ପଣ୍ଡାଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ୪୩ ଅଭିଯୋଗ ହୋଇଥିଲା। ଏହାର ସମାଧାନ ଦିଗରେ ଅଧିକାରୀମାନେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଶିବିରରେ ମହାବିରୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡା. ଶୁଭକାନ୍ତ ବଳ ଉପସ୍ଥିତ ରହି ୭୮ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ

ଢେଙ୍କାନାଳ,୧୫ ।୧୨(ସମିସ): ସେପ୍ଟେମ୍ବର ୫ରୁ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସାଂସଦ ଖେଳ ମହୋତ୍ସବ ଉଦଯାପିତ ହୋଇଛି। ଓଏସଏପି ପ୍ରଥମ ବାଟାଲିଅନଠାରେ ଆୟୋଜିତ ଉତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁଦରେ ନିରନ୍ତର ଅଭ୍ୟାସ କଲେ ଆଗକୁ ପଥ ପ୍ରଶସ୍ତ ହେବ ବୋଲି କହିଥିଲେ। ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର ୧୩ ବ୍ଲକରେ ଅନୁଷ୍ଠିତ ୧୦୦ମି, ୨୦୦ମି ଦୌଡ଼, ଡିସକସ୍ ଥ୍ରୋ, ଖୋଖୋ, କବାଡ଼ି ଓ ସଟପୁଟ ପ୍ରତିଯୋଗତାର କୃତୀ ପ୍ରତିଯୋଗୀଙ୍କ ମଧ୍ୟରେ ୧୩ ଓ ୧୪ ତାରିଖ ଦୁଇଦିନ ଧରି



ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଆସନ୍ତା ଜାନୁଆରୀ ୨୫ ତାରିଖ ଦିଲ୍ଲୀଠାରେ ହେବାକୁ ଥିବା ଖେଳକୁଦ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି। ଉତ୍ସବରେ ବିଧାୟକ ଶତ୍ରୁଘ୍ନ ଜେନା, ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକାଙ୍କ ପ୍ରତିନିଧି ବରୁଣ ସର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ବିକାଶ ଫାଉଣ୍ଡେସନ ସଭ୍ୟ ନମିଶା ପ୍ରଧାନ ନିଶାନ୍ତ ପ୍ରଧାନ, ସମାଜସେବୀ ପବିତ୍ର କୁମାର ବିଶ୍ୱାଳ, ଅନୁଗୋଳ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଦୀପ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ

**କାମାକ୍ଷାନଗର,୧୫ ।୧୨(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ କାନପୁରା ସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ବ୍ଲକ ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ଜିଲ୍ଲା ଓଷ୍ଟା ସଭାପତି ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ଶିକ୍ଷାବିତ ଲୋକନାଥ ଷଡ଼ଙ୍ଗୀ ମୁଖ୍ୟଅତିଥି, ପ୍ରମୋଦ କୁମାର ମିଶ୍ର, କୈଳାସ ଚନ୍ଦ୍ର ପୃଷ୍ଟି, ଉପେନ୍ଦ୍ରନାଥ ପଣ୍ଡା, ବ୍ଲକ ନୋଡାଲ ଅଧିକାରୀ ସୁରେନ୍ଦ୍ର କୁମାର ବେହେରା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଶିକ୍ଷକ ନିରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକ ଓଷ୍ଟା ସଭାପତି ସୁରେଶ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ଗଜେନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ମହେଶ୍ୱର ବେହେରା, କେଶବ ଭୋଇ, ବାନାର୍ଜୀ ମହାନ୍ତି ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ଅବସରରେ ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ଆବୃତି, ଗଳ୍ପ ଲିଖନ, କବିତା ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ, କୁଇଜ ପ୍ରତିଯୋଗିତା ହୋଇଥିଲା। ପ୍ରତି ବିଭାଗରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ସଭାପତି ସୂଚନା ଦେଇଛନ୍ତି।

# ଆମ ଆଦମୀ ପାର୍ଟିର ସାଙ୍ଗଠନିକ ବୈଠକ




ଢେଙ୍କାନାଳ,୧୫ ।୧୨(ସମିସ): ସ୍ଥାନୀୟ ଯାଉଁଳି ପୋଖରୀ ମଠ ପ୍ରାଙ୍ଗଣରେ ଢେଙ୍କାନାଳ ପୌରାଞ୍ଚଳର ବିଭିନ୍ନ ୱାର୍ଡର କାର୍ଯ୍ୟକର୍ତ୍ତାଙ୍କୁ ନେଇ ନଗର ସଭାପତି ଦେବାଶିଷ ନନ୍ଦଙ୍କ ସଭାପତିତ୍ୱରେ ଆମ୍ ଆଦ୍‌ମୀ ପାର୍ଟିର ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଦଳର ରାଜ୍ୟ ସଙ୍ଗଠନ ସମ୍ପାଦକ ଭରତ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସାଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଜିଲ୍ଲା ସମ୍ପାଦକ ଅନୀଲ ସାମଲ ପ୍ରମୁଖ ଯୋଗଦେଇ ଦଳର ନୀତି ଆଦର୍ଶ, ବିଭିନ୍ନ ରାଜ୍ୟରେ ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ ପୌରାଞ୍ଚଳରେ ଆଗାମୀ ନିର୍ବାଚନ ପୂର୍ବରୁ ସଙ୍ଗଠନକୁ ମଜଭୁତ କରିବା ପାଇଁ ୱାର୍ଡ ସଭାପତିମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା ପାର୍ଟିର ନୀତିଆଦର୍ଶ ଓ କାର୍ଯ୍ୟଶୈଳୀ ଉପରେ କର୍ମୀମାନଙ୍କୁ ସୂଚିତ କରିଥିଲେ। ବରିଷ୍ଠ ସଦସ୍ୟ ପୀତାମ୍ବର ସାମନ୍ତରାୟ ସ୍ୱାଗତ ଭାଷଣ ଦେଇଥିଲେ। ମହିଳା ସଭାନେତ୍ରୀ ରୁକ୍ମଣୀ ଦଳେଇଙ୍କୁ ବିଧାନସଭା ଦାୟିତ୍ୱ ନେବାପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ସେହିପରି ୧୨ଟି ୱାର୍ଡର ସଭାପତି ନିଜ ୱାର୍ଡ ଦାୟିତ୍ୱ ନେଇ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ୫ ଜଣିଆ ୱାର୍ଡ କମିଟି କରିବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯୁବ ସଭାପତି ଇଂ ସ୍ୱାଗତ ସିଂହ, ଶିବାଜୀ ମଲିକ, ଇଂ ପୀତାମ୍ବର ଦାସ, ଅନିଲ ନାଥ, ରାକେଶ ପରିଡ଼ା, ସୁରେଶ ପଟ୍ଟନାୟକ, କଳାକାର ଯୁଧିଷ୍ଠିର ଦାସ, ଜୟଦେବ ବେହେରା, ନଗର ଉପସଭାପତି ବିଜୟ କୁମାର ଦାସ, ନଗର ସମ୍ପାଦକ ଜିତେନ୍ଦ୍ରୀୟ ପଣ୍ଡା, ସୁକାନ୍ତି ରାଉତ, ନିତ୍ୟାନନ୍ଦ ପଣ୍ଡା, ସୁନୀଲ ସାହୁ, ମିଟୁ ମହାପାତ୍ର ପ୍ରମୁଖଙ୍କ ସହ ଅନେକ କର୍ମୀ ଯୋଗଦେଇଥିଲେ। ଚିନ୍ମୟ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# କାମରେ ଆସୁନି ମହୁଲପାଳ ଗୋଷ୍ଠୀ ଶୌଚାଳୟ

ଭୁବନ,୧୫ ।୧୨(ସମିସ): ସ୍ୱଚ୍ଛ ଭାରତ ମିଶନ ଯୋଜନା ଅନୁଯାୟୀ ଭୁବନ ବ୍ଲକ ମହୁଲପାଳଠାରେ ପାଣ୍ଡରା ନାଳ କୂଳରେ ୨ ବର୍ଷ ହେଲା ନିର୍ମାଣ ହୋଇଥିବା ଶୌଚାଳୟ ଲୋକଙ୍କ କାମରେ ଆସୁନି। ୨୦୨୪ ଫେବୃଆରୀ ୧୮ ରେ ଏହାକୁ ଅତ୍ୟନ୍ତ ତରବରିଆ ଭାବେ ଉଦଘାଟନ କରାଯାଇଥିଲା। ୬ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ଶୌଚାଳୟରେ ୩ଟି ପୁରୁଷ ୩ଟି ମହିଳା ଓ ୩ଟି ଦିବ୍ୟାଙ୍ଗଙ୍କ ନିମନ୍ତେ ଶୌଚ ବ୍ୟବସ୍ଥା ରହିଛି। ତେବେ ବ୍ୟବହାର ତଥା ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଏହି ପାଇଖାନାଗୁଡ଼ିକ ମଧ୍ୟରୁ କେତେକ ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। ପାଣି ଟାଙ୍କି ଅଛି କିନ୍ତୁ ପାଣି ସଂଯୋଗ ନାହିଁ। ମଳ ଟାଙ୍କି ସହ ପାଇପଗୁଡ଼ିକର ସଂଯୋଗ ମଧ୍ୟ ହୋଇନାହିଁ। ତେବେ ଏହି ଶୌଚାଳୟ କାହା ପାଇଁ ନିର୍ମାଣ ହୋଇଛି ବୋଲି ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ସ୍ୱଚ୍ଛ ଭାରତ ମିଶନ ଯୋଜନା ଏଠି ପ୍ରହସନ ପାଲଟିଛି।



## ■ ପୋକରା ଚାଉଳରେ ମଧ୍ୟାହ୍ନଭୋଜନ ରୋଷେଇ

# ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗ ସଦସ୍ୟଙ୍କ ପରିଦର୍ଶନ



**କାମାକ୍ଷାନଗର,୧୫ ।୧୨(ସମିସ):** କାମାକ୍ଷାନଗର ବ୍ଲକ ଡୁମୁସିଙ୍ଗାସ୍ଥିତ ପିଏମଶ୍ରୀ ପଞ୍ଚସଖା ଉଚ୍ଚ ବିଦ୍ୟାଳୟରେ ପୋକରା ଚାଉଳରେ ମଧ୍ୟାହ୍ନଭୋଜନ ରୋଷେଇ ହେଉଥିବା ଅଭିଯୋଗ ହୋଇଛି। ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା ସୋମବାର ଅଚାନକ ବିଦ୍ୟାଳୟ ପରିଦର୍ଶନ କରି ତଦନ୍ତ କରିଛନ୍ତି। ରୋଷେଇ ଗୃହ ଓ ପିଲାଙ୍କୁ ଦିଆଯାଉଥିବା ଖାଦ୍ୟ ସାମଗ୍ରୀ ଯାଞ୍ଚ କରିଛନ୍ତି। ବିଦ୍ୟାଳୟରେ ବର୍ତ୍ତମାନ ପ୍ରାୟ ୨୪ ବସ୍ତା ପୋକରା ଚାଉଳ ଥିବା ବେଳେ ପିଲାଙ୍କୁ ଅନ୍ୟ ବିଦ୍ୟାଳୟରୁ ଚାଉଳ ଆଣି ଖାଇବାକୁ ଦିଆଯାଉଥିବା ପ୍ରଧାନଶିକ୍ଷକ ସରୋଜକାନ୍ତ ସ୍ୱାଇଁ କହିଛନ୍ତି। ତେବେ ବର୍ଷା ସମୟରେ ଚାଉଳ ବିଦ୍ୟାଳୟକୁ ଦିଆଯାଇଥିବା ବେଳେ ପାଣି ଲାଗି ସେଥିରେ ପୋକ ଲାଗିଥିବା ପ୍ରଧାନଶିକ୍ଷକ କହିଛନ୍ତି। ଅନ୍ୟ ପଟେ ବିଦ୍ୟାଳୟରେ ନିମ୍ନମାନର ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରାଯାଉଥିବା ବେଳେ ଅପରିଷ୍କାର ପରିବେଶରେ ରୋଷେଇ ହେଉଥିବା କହିଛନ୍ତି ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗ ସଦସ୍ୟ। ପିଲାମାନଙ୍କୁ ବିଦ୍ୟାଳୟ ତରଫରୁ ସାବୁନ, ହ୍ୟାଣ୍ଡୱାସ ଦିଆଯାଉ ନ ଥିବା ବେଳେ ତୁରନ୍ତ ବିଭିନ୍ନ ସମସ୍ୟାର ପ୍ରତିକାର କରିବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗ ସଦସ୍ୟ ବେହେରା।

# ବିଦ୍ୟୁତ ବିଭାଗର ଅତିରିକ୍ତ ସିକ୍ୟୁରିଟି ଜମା ମେସେଜର ପ୍ରତିବାଦ

## ● ଜିଲ୍ଲାପାଳଙ୍କୁ ଅଭିଯୋଗ

ଢେଙ୍କାନାଳ,୧୫ ।୧୨(ସମିସ): ବିଦ୍ୟୁତ ବିଭାଗର ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ ମେସେଜକୁ ନେଇ ବିକେଏମୟୁ ଜିଲ୍ଲା ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଛି। ଉପଭୋକ୍ତାମାନେ ବିଦ୍ୟୁତ ସଂଯୋଗ ସମୟରେ ସିକ୍ୟୁରିଟି ଟଙ୍କା ଡିପୋଜିଟ କରି ବିଦ୍ୟୁତ ବ୍ୟବହାର କରି ଆସୁଛନ୍ତି। ସେହି ବିଦ୍ୟୁତ ଉପଭୋକ୍ତାଙ୍କୁ ବର୍ତ୍ତମାନ ବିଦ୍ୟୁତ ବିଭାଗ ଅତିରିକ୍ତ ସିକ୍ୟୁରିଟି ଟଙ୍କା ଦାଖଲ କରିବାକୁ ମେସେଜ ଦେଉଛି। ବିଦ୍ୟୁତ ସଂଯୋଗ କଲାବେଳେ ସିକ୍ୟୁରିଟି ଟଙ୍କା ଦାଖଲ ହୋଇଥିବା ବେଳେ ଏବେ କାହିଁକି ଅତିରିକ୍ତ ସିକ୍ୟୁରିଟି ଟଙ୍କା ଆବଶ୍ୟକ ହେଲା ତାହାର ସ୍ପଷ୍ଟୀକରଣ ଦେବାର ଅବଶ୍ୟକତା ରହିଛି ବୋଲି ଅଭିଯୋଗରେ କୁହାଯାଇଛି। ଏହାର ତଦନ୍ତ କରିବା ସହ ବିଦ୍ୟୁତ ବିଭାଗକୁ ନିର୍ଦ୍ଦେଶ ଦେଇ ଏହି ଅତିରିକ୍ତ ସିକ୍ୟୁରିଟି ଟଙ୍କାକୁ ବିଦ୍ୟୁତ ଉପଭୋକ୍ତାଙ୍କଠାରୁ ନ ନେବା ପାଇଁ ଭାରତୀୟ କ୍ଷେତ ମଜଦୁର ୟୁନିୟନ ସମ୍ପାଦକ ରବି ରଥ ଜିଲ୍ଲାପାଳଙ୍କ ପାଖରେ ଦାବି କରିଛନ୍ତି।

# ଜନଶୁଣାଣି ଶିବିରରେ ବିଭିନ୍ନ ସମସ୍ୟାର ସମାଧାନ

ପରଜଙ୍ଗ,୧୫ ।୧୨(ସମିସ): ପରଜଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଏସ୍‌ପି ଅଭିନବ ସୋନକରଙ୍କ ଅଧ୍ୟକ୍ଷରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତର ଲୋକେ ଯୋଗଦେଇ ଆପତ୍ତି ଅଭିଯୋଗ ଦାଖଲ କରିଥିଲେ। ସମୁଦାୟ ୧୧୯ଟି ଅଭିଯୋଗ ଆସିଥିଲା। ଦୁଇ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୪୦ ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦିଆଯାଇଛି। ରାସନ୍, ଆବାସ ଗୃହ, ଏନଜିଟିଙ୍କ ରାୟ ପରେ ଜବରଦଖଲ ଉଚ୍ଛେଦ ପକ୍ରିୟା ତ୍ୱରାନ୍ୱିତ, ବ୍ଲକ ଅଧୀନ ଅନନ୍ତଶୟନ ଓ ଦଦରାଘାଟି ପର୍ଯ୍ୟଟନସ୍ଥଳୀର ବିକାଶ ଆଦି ସମ୍ବନ୍ଧରେ ଅଭିଯୋଗ ରହିଥିଲା। ଶିବିରରେ ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାଏକ, ଏସ୍‌ଡିପିଓ ରଜନୀକାନ୍ତ ସାମଲ, ତହସିଲଦାର ସୁଦେବ ପୃଷ୍ଟି, ବିଡିଓ ସୌଭାଗ୍ୟ କୁମାର ବେହେରା, ଥାନା ଅଧିକାରୀ ଧୀରେନ କୁମାର ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ବ୍ଲକ ଶିକ୍ଷା ଅଧିକାରିଣୀ ପ୍ରିୟଦର୍ଶିନୀ ନାୟକଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ନିମନ୍ତେ ପରଜଙ୍ଗ ଥାନା ଏସ୍‌ଆଇ ସୁଶ୍ରୀ ଅନାମିକା ଓ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ଜେବିଆର ହସ୍ପିଟାଲ ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ପରଜଙ୍ଗ,୧୫ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ସାମ୍ନାରେ ଜେବିଆର ହସ୍ପିଟାଲ ଆନୁକୂଲ୍ୟରେ ରେଡ ନାଇଟ କ୍ଲବ ସହଯୋଗରେ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରରେ ଜେବିଆର ହସ୍ପିଟାଲର ଅଭିଜ୍ଞ ଭେଷଜ ବିଶେଷଜ୍ଞ ଡଃ. ଶକ୍ତିବ୍ରତ ଚୈଧୁରୀ, ଡଃ.ସ୍ୱେତାସୀନ ରାୟ, ଶିଶୁ ବିଭାଗ ବିଶେଷଜ୍ଞ ଡଃ ଚନ୍ଦନ ମାରାଣ୍ଡି, ଅସ୍ଥି ଶରୀର ବିଭାଗର ଅଭିଜ୍ଞ ଡଃ କେ କେ ଦାସ, ଚିକିତ୍ସାଳୟ କର୍ମଚାରୀ ଅର୍ଚ୍ଚନା ସାହୁ, ସୁଶୀଲ ମହାନ୍ତି, ଶିବାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ମୋଟ ୩୦୦ ଜଣ ରୋଗୀ ବିଭିନ୍ନ ବିଭାଗର ପଞ୍ଜିକୃତ ହୋଇଥିବାବେଳେ ସମସ୍ତ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ଡାକ୍ତରି ପରୀକ୍ଷା ଓ ରୋଗ ଅନୁସାରେ ଉପସମ ପାଇଁ ମାଗଣା ଔଷଧମାନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ଡାକ୍ତରମାନେ ଧର୍ଯ୍ୟର ସହ ଲୋକଙ୍କୁ ଚିକିତ୍ସା କରିଥିବା ବେଳେ ରେଡ ନାଇଟ କ୍ଲବ ର କ୍ରିସ ସାମଲ, ବବୁଲୁ ସାହୁ, ରାଜା ଦଳବେହେରା, ଇପୁ ସାମଲ, ସିକୁ ସାମଲ, ରାଜା ଦଳବେହେରା, ହିମାଂଶୁ ସାହୁ, ଅଜିତ ସାମଲ,ଆଶୁ ସିଂହ, ଲୋକନାଥ ଦଳବେହେରା, ଅପରାଜିତା ସାମଲ,ସମେତ ସମସ୍ତ କର୍ମ କର୍ତ୍ତା ଓ ସଭ୍ୟ ବୃନ୍ଦ ସଠିକ ଭାବେ ନିଜ ନିଜର ଦାୟିତ୍ୱ ତୁଲାଇ ଥିଲେ।

# ମନ୍ତ୍ରୀଙ୍କ ଦ୍ୱାରା ଦୁଇ ପ୍ରକଳ୍ପ ଉଦ୍‌ଘାଟିତ



ଗଁଦିଆ,୧୫ ।୧୨(ସମିସ): ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ବିଜ୍ଞାନ ପ୍ରଯୁକ୍ତି ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଁଦିଆ ବ୍ଲକ ବିଧାରପୁର ପଞ୍ଚାୟତରେ ନିର୍ମିତ ଦୁଇଟି ପ୍ରକଳ୍ପର ଉଦଘାଟନ କରିଛନ୍ତି। ଏଥିସହ ସ୍ଥାନୀୟ ସରପଞ୍ଚ ଅଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଯୋଗଦେଇ ଲୋକଙ୍କ ବିଭିନ୍ନ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ମନ୍ତ୍ରୀ ପ୍ରଥମେ ମା' ମଙ୍ଗଳା ଏବଂ ଶନିଶ୍ଚରଙ୍କ ମଣ୍ଡପ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ମହାନ୍ତି, ଗଁଦିଆ ପଞ୍ଚାୟତ ସମିତି ଅଧକ୍ଷା ରୀନାରାଣୀ ଖଟୁଆ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ରତିକାନ୍ତ ସାହୁ, ବିଡିଓ ପବିତ୍ର ବେହେରା, କାବେରା ସମିତି ସଭ୍ୟ ଶତ୍ରୁଘନ ରାଉତ, ଜିଲ୍ଲା ବିଜେପି ଯୁବ ସଭାପତି ଏମଜେ ମହିମା, ନିହଲପ୍ରସାଦ ମଣ୍ଡଳ ସଭାପତି ଆନନ୍ଦ ଚନ୍ଦ୍ର ସାହୁ, କପିଳାସ ମଣ୍ଡଳ ସଭାପତି ପ୍ରତାପ ପତିଙ୍କ ସମେତ ଶତାଧିକ ଲୋକ ଉପସ୍ଥିତ ଥିଲେ।

# ଶିକ୍ଷାବିତ୍‌ଙ୍କ ପରଲୋକ

ଭୁବନ,୧୫ ।୧୨(ସମିସ): ଭୁବନର ବରିଷ୍ଠ ଶିକ୍ଷାବିତ ଜଗବନ୍ଧୁ ସାହୁ(୯୬)ଙ୍କର ମୃଦଙ୍ଗାସ୍ଥିତ ବାସଭବନରେ ଶନିବାର ରାତିରେ ପରଲୋକ ହୋଇଛି। ଜଗବନ୍ଧୁ ହେଉଛନ୍ତି ବ୍ଲକର ପ୍ରଥମ ବ୍ୟକ୍ତି ଯିଏ ଓଡ଼ିଆ ଭାଷା ସାହିତ୍ୟରେ ପଶ୍ଚିମବଙ୍ଗର ବିଶ୍ୱଭାରତୀ ଶାନ୍ତି ନିକେତନରୁ ଏମଏ ପାସ କରିଥିଲେ। ସେ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ହରିପୁର ମହାଦେବ ସ୍କୁଲରୁ ଶିକ୍ଷକତା ଆରମ୍ଭ କରିଥିଲେ। ମହୁଲପାଳସ୍ଥିତ ଜାତୀୟ ବିଦ୍ୟା ନିକେତନରେ ଦୀର୍ଘବର୍ଷ ଶିକ୍ଷକତା କରିଥିଲେ। ପାରାଦୀପ ପୋର୍ଟ ହାଇସ୍କୁଲ, କେନ୍ଦୁପଡ଼ା ହାଇସ୍କୁଲରୁ ଅବସର ନେଇଥିଲେ। ଅବସର ପରେ ନୂଆହାଟରେ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁଅ ଗୌରୀଶ ସାହୁ ମୁଖାଗ୍ନି ଦେଇଥିଲେ।

# ରାଜନୈତିକ ଆକ୍ରୋସରୁ ପାନୀୟ ଯୋଗାଣ ବନ୍ଦ

## ଉପଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ହିନ୍ଦୋଳ/ଖଜୁରିଆକଟା,୧୫ ।୧୨(ସମିସ):



ରାଜନୈତିକ ଆକ୍ରୋସ ରଖି ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଣ ବନ୍ଦ କରିବା ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଛି। ହିନ୍ଦୋଳ ବ୍ଲକ ଗାଲପଡ଼ା ପଞ୍ଚାୟତ ବେରୁଆଁପାଳ ଗ୍ରାମବାସୀଙ୍କୁ ଆଜକୁ ଦୁଇମାସ ହେବ ସରପଞ୍ଚ ପାଣି ବନ୍ଦ କରିଦେଇଥିବ ଉପଜିଲ୍ଲାପାଳଙ୍କ ନିକଟରେ ସୋମବାର ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ସରପଞ୍ଚ ଉକ୍ତ ଅଞ୍ଚଳରୁ ଅଧିକ ଭୋଟ ପାଇ ନ ଥିବାରୁ ଗାଲାପଡ଼ାର ଜଣେ ପ୍ରଭାବଶାଳୀ ନେତାଙ୍କ ନିର୍ଦ୍ଦେଶରେ ଉଦ୍ଦେଶ୍ୟମୂଳକ ଭାବେ ଜଳ ଯୋଗାଣ ବିଭାଗକୁ ଦରମା ବନ୍ଦ କରିବାକୁ ଧମକ ଦେଇ ପାଣି ବନ୍ଦ କରାଯାଇଛି। ସେହିପରି ଗ୍ରାମରେ କୌଣସି ଉନ୍ନୟନ କାର୍ଯ୍ୟ ନ କରି ଲୋକଙ୍କୁ ନାଲିଆଖି ଦେଖାଉଛନ୍ତି। ଏ ନେଇ ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀଙ୍କୁ ଅଭିଯୋଗ କଲେ ସରପଞ୍ଚ ଚାହୁଁଛନ୍ତି ଲୋକେ ତାଙ୍କ ନିକଟକୁ ଆସନ୍ତୁ। ଲୋକେ ଆସୁ ନ ଥିବାରୁ ସରପଞ୍ଚ ଏବଂ ପିଇଓଙ୍କ ନିର୍ଦ୍ଦେଶରେ ଜଳ ଯୋଗାଣ ବନ୍ଦ କରାଯାଇଛି ବୋଲି କହୁଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପଟେ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ଉପଜିଲ୍ଲାପାଳ ପ୍ରଭାସ ବେଉରା ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଅଭିଯୋଗପତ୍ର ପ୍ରଦାନ ବେଳେ ଗ୍ରାମର କିଶୋର ମାଝୀ, ଅଜୟ ମାଝୀ, ପ୍ରମୋଦ ପାଣିଗ୍ରାହୀ, ପ୍ରଦୀପ ପାଣିଗ୍ରାହୀ, କ୍ଷୀରୋଦିନୀ ଭୂତିଆ, ରଞ୍ଜନ ସାହୁ, କାହ୍ନା ବାରିକ, କୁନି ବେହେରା, ରଞ୍ଜିତା ବେହେରା, ପଙ୍କଜିନୀ ବେହେରା, ରଞ୍ଜୁକ୍ତା ବେହେରା, ସୁଜନ ବେହେରା, ବିଭୂତି ବେହେରା, ବାବୁ ବେହେରା, ଦମୟନ୍ତୀ ବାରିକ, ରାହାସ ସେନାପତି ପ୍ରମୁଖ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ପାନୀୟ ଜଳ ବିଭାଗ ଯନ୍ତ୍ରୀ ସୂର୍ଯ୍ୟକାନ୍ତି ସ୍ୱାଇଁଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ଗ୍ରାମବାସୀ ଦୀର୍ଘଦିନ ହେବ ପାଣି ପାଉ ନ ଥିବା ଘଟଣା ସତ୍ୟ। ଗ୍ରାମବାସୀଙ୍କଠାରୁ ଅଭିଯୋଗ ପାଇଛୁ। ସରପଞ୍ଚଙ୍କୁ କହିଥିଲୁ। ସେ ଘଟଣାର ସମାଧାନ କରିବା ପାଇଁ ନାରାଜ। ଆସନ୍ତାକାଲି ଆମେ ଗ୍ରାମକୁ ଯାଇ ତଦନ୍ତ କରିବୁ ବୋଲି ସେ କହିଛନ୍ତି।

# ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ପିଓଏମ୍ଏସ୍ ଭାରତ ଅନ୍ତର୍ଜାତୀୟ ସମ୍ମିଳନୀ

**ସମ୍ବଲପୁର, ୧୫।୧୨ (ସମିସ)**

ଅଗ୍ରଣୀ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ପ୍ରଡକ୍ସନ୍ ଆଣ୍ଡ ଅପରେସନ୍ସ ମ୍ୟାନେଜମେଣ୍ଟ ସୋସାଇଟି (ପିଓଏମ୍ଏସ୍) ଭାରତ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ପିଓଏମ୍ଏସ୍ ଇଣ୍ଡିଆ ଚାପ୍ଟର ସହଯୋଗିତାରେ ଆୟୋଜନ କରାଯାଇଥିବା ଏହି ସମ୍ମିଳନୀରେ ବିଶ୍ୱର ଅଗ୍ରଣୀ ପ୍ରତିଭା, ଶିଳ୍ପ ଲିଡର୍ ଓ ଶିକ୍ଷାବିତ୍‌ମାନେ ଅଂଶଗ୍ରହଣ କରିଥିଲେ। ପିଓଏମ୍ଏସ୍ ହେଉଛି ଏକ ଅନ୍ତର୍ଜାତୀୟ ପେସାଦାର ସଂସ୍ଥା ଯେଉଁଥିରେ ସାରା ବିଶ୍ୱର ଅପରେସନ୍ସ (ପରିଚାଳନା) ଓ ଯୋଗାଣ ଶୃଙ୍ଖଳ ପରିଚାଳନା ପେସାଦାରମାନେ ରହିଛନ୍ତି। ଭୂରାଜନୈତିକ ସଙ୍କଟ, ମହାମାରୀ ଓ ପ୍ରଯୁକ୍ତିରେ ଦ୍ରୁତ ପରିବର୍ତ୍ତନ କିଭଳି ଯୋଗାଣ ଶୃଙ୍ଖଳକୁ ନୂଆ ଆକାର ପ୍ରଦାନ କରି ତାହାକୁ ସ୍ଥାୟୀ, ଡିଜିଟାଲ ସମନ୍ୱିତ ଓ ସ୍ଥିର କରୁଛି ତାହା ଉପରେ ଆଲୋକପାତ କରାଯାଇଥିଲା।

ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି ଯେ, ବିଶ୍ୱରେ ବିଭ୍ରାଟ ନିଶ୍ଚିତ, ତାହା କେବଳ ବ୍ୟବସାୟ ନୁହେଁ, ଭବିଷ୍ୟତର ଲିଡରଙ୍କୁ ପ୍ରଶିକ୍ଷଣ ଦେଉଥିବା ଅନୁଷ୍ଠାନକୁ ମଧ୍ୟ ପ୍ରଭାବିତ କରିଥାଏ। ଡିଜିଟାଇଜେସନ, ଡିକାର୍ବନାଇଜେସନ ଓ ଡେମୋକ୍ରାଟିଜେସନ ପରିଚାଳନାକୁ ବଦଳାଉଛି ଏବଂ ଭବିଷ୍ୟତର ପ୍ରବନ୍ଧକମାନେ ନୂଆ ପ୍ରଯୁକ୍ତିକୁ ଶିଖିବା, ସ୍ଥାୟିତ୍ୱ ଏବଂ ଅନ୍ତର୍ଭୁକ୍ତୀକରଣ ବ୍ୟବସାୟ




ରଣନୀତିକୁ ଗ୍ରହଣ କରିବା ଜରୁରୀ। ଗ୍ଲୋବାଲ କାପାବିଲିଟି ସେଂଟରର ହବ୍ ଭାବେ ଭାରତ ଉଭା ହେଉଛି, ବିଶ୍ୱର ୫୩% ଜିସିସି ଭାରତରେ ରହିଛି ଯାହା ଏହାକୁ ସେବା ପାଇଁ ବିଶ୍ୱ ଡିଜିଟାଲ ଯୋଗାଣ ଶୃଙ୍ଖଳର ଗୁରୁତ୍ୱପୂର୍ଣ୍ଣ ଅଂଶରେ ପରିଣତ କରିଛି।

କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ମୁଖ୍ୟଅତିଥି ଶଶି ଶେଖର ମହାନ୍ତି, ନ୍ୟାସନାଲ ଏଜୁକେସନ ଟେକ୍ନୋଲୋଜି ଫୋରମ (ଏନଇଏଫଟି)ର ଅଧ୍ୟକ୍ଷ ଡକ୍ଟର ଅନିଲ ସହସ୍ରବୁଦ୍ଧେ, ପିଓଏମଏସର ସଭାପତି ପ୍ରଫେସର ଶୋଭା କୁମାର, ପିଓଏମଏସ ଭାରତ ଚାପ୍ଟରର ସଭାପତି ପ୍ରଫେସର ସଞ୍ଜୀବ ଏ ଜର୍ଜ, ଇଣ୍ଡିଆନ ସ୍କୁଲ ଅଫ ବିଜନେସ୍‌ର (ଆଇବିଏସ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ପ୍ରାକ୍ଟିସ ପ୍ରଫେସର ପ୍ରଫେସର ଚନ୍ଦନ ଚୌଧୁରୀ, ପିଓଏମଏସର ସହକାରୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ନାଗେଶ ମୂର୍ତ୍ତି, ସମ୍ମିଳନୀର ଅଧ୍ୟକ୍ଷ ପ୍ରଫେସର କୌସ୍ତୁଭ ଚକ୍ରବର୍ତ୍ତୀ ଓ ସମ୍ମିଳନୀର ସହ-ଅଧ୍ୟକ୍ଷ ଆଇଆଇଏମ ସମ୍ବଲପୁରର ପ୍ରଫେସର ସନ୍ଦୀପ ମୁଖୋପାଧ୍ୟାୟ ଉପସ୍ଥିତ ଥିଲେ। ସମ୍ମିଳନୀରେ ମିଚିଗାନ ବିଶ୍ୱବିଦ୍ୟାଳୟ, ସେଲର କଲେଜ ଅଫ ବିଜନେସ, ପାମ୍ପଲିନ କଲେଜ ଅଫ ବିଜନେସ, ଫକ୍ସ ସ୍କୁଲ ଅଫ ବିଜନେସ, ଆଇଆଇଟି ବମ୍ବେ, ଆଇଆଇଏମ ଅହମଦାବାଦ, ଆଇଆଇଏମ କୋଜିକୋଡ ଓ ଇଣ୍ଡିଆନ ସ୍କୁଲ ଅଫ ବିଜନେସରୁ ବିଶିଷ୍ଟ ବକ୍ତାମାନେ ଯୋଗ ଦେଇଥିଲେ। ଏଥିସହିତ ମିଟ୍ ୱାର୍ଲ ପିଜ୍ ୟୁନିଭର୍ସିଟି, ରୟାଲ ହୋଲୋୱେ ୟୁନିଭର୍ସିଟି ଅଫ ଲଣ୍ଡନ, ଶଶକାଚେୱାନ ୟୁନିଭର୍ସିଟି, ୟୁନିଭର୍ସିଟି ଅଫ ଲିଭରପୁଲ, ଆଇଆଇଟି ବମ୍ବେ, ଆଇଆଇଟି ଦିଲ୍ଲୀ, ଆଇଆଇଟି ମାଡ୍ରାସ, ଆଇଆଇଟି କାନପୁର, ଆଇଆଇଟି ଖଡ୍ଗପୁର, ଆଇଆଇଟି ଧାନବାଦ, ଆଇଆଇଏମ ବାଙ୍ଗାଲୋର, ଆଇଆଇଏମ ଅହମଦାବାଦ, ଆଇଆଇଏମ କୋଲକାତା, ଆଇଆଇଏମ ଲକ୍ଷ୍ନୌ, ଆଇଆଇଏମ କୋଜିକୋଡ, ଆଇଆଇଏମ ସମ୍ବଲପୁର, ଆଇଆଇଏମ ରାଞ୍ଚି, ଆଇଆଇଏମ ବିଶାଖାପାଟଣା, ଆଇଆଇଏମ ଉଦୟପୁର, ଏନଆଇଟି ପାଟନାର ୫୦୦ରୁ ଅଧିକ ଛାତ୍ରଛାତ୍ରୀ, ଗବେଷକ, ଶିକ୍ଷାବିତ୍ ଓ ଶିଳ୍ପ ଲିଡର ଅଂଶଗ୍ରହଣ କରିଥିଲେ।

## ସୁଧୁରୁନି ଟୋକନ ସମସ୍ୟା: ଆନ୍ଦୋଳନମୁହାଁ ଅନ୍ନଦାତା

# ଆଜି ରାଜରାସ୍ତାରେ ଧାନ ଧରି ବସିବ ଚାଷୀ

**ସମ୍ବଲପୁର, ୧୫।୧୨ (ସମିସ) :** ହନ୍ତସନ୍ତ ହେଉଛନ୍ତି ସମ୍ବଲପୁର ଜିଲ୍ଲାର ଚାଷୀ। ଖରିଫ୍ ଧାନ ଚାଷ କରି ଏବେ ଧାନଗଣ୍ଡାକ ବିକ୍ରୟକରି ପୁଣି ରବି ଫସଲ ଆରମ୍ଭ କରିବାକୁ ଅନେଇ ବସିଥିବାବେଳେ ଟୋକନ ଦେଉନାହାନ୍ତି ସରକାର। ଟୋକନ ଦାବି କଲେ ଚାଷୀକୁ ମିଳୁଛି ଗିରଫଦାରୀ। ଏବେ ଚାଷ କରିଥିବା ଧାନକୁ ଜଗି ବସିରହିଛି ଚାଷୀ। ଧାନ ବିକ୍ରୟକୁ ନେଇ ଏବେ ଆନ୍ଦୋଳନମୁହାଁ ହେଲାଣି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଆସନ୍ତା ୧୯ ତାରିଖ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଥିବାବେଳେ ଆସନ୍ତାକାଲି ୧୬ ତାରିଖ ଅଭିନବ ଢଙ୍ଗରେ ଚାଷୀ ପ୍ରତିବାଦ କରିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

ସମ୍ବଲପୁର ଜିଲ୍ଲାରେ ଗତ ୨୮ ତାରିଖ ମଣ୍ଡି ଖୋଲିବା ସତ୍ତ୍ୱେ ଡିସେମ୍ବର ୧ ତାରିଖରେ ସିନ୍ଦୂରପଙ୍କ ତୁମ୍ବେସିଂହା ଛକରେ ଅର୍ଥନୈତିକ ଅବରୋଧ କରିବାପରେ ହିଁ ଧାନ ଉଠିଥିଲା। ତେବେ, ଟୋକନ ସମସ୍ୟାର ସମାଧାନ ନହେବାରୁ ଚାଷୀମାନେ ପୁଣି ଗତ ୧୨ ତାରିଖ ରେମେଡ ଛକ, ସିନ୍ଦୂରପଙ୍କ ତୁମ୍ବେସିଂହା ଛକ ଓ ଧମା ହୁମା ଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଚାଷୀମାନଙ୍କ ସମସ୍ୟା ସମାଧାନ ନକରି ପୁଲିସ ସେମାନଙ୍କୁ ଗିରଫ କରିଥିଲା। ଏହାକୁ ନେଇ ରବିବାର ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ବରେଇପାଲି ବଜାର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଟିଏ ମାସ ବିଳମ୍ବରେ ମଣ୍ଡି ଖୋଲିବା ସତ୍ତ୍ୱେ ମଣ୍ଡି ବ୍ୟବସ୍ଥାକୁ ବ୍ୟବସ୍ଥିତ କରିନପାରିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି। ଛତିଶଗଡ଼ ଓ ଓଡ଼ିଶାରେ ଗୋଟିଏ ଦଳର ସରକାର ଥିବାବେଳେ ଛତିଶଗଡ଼ରେ ମଣ୍ଡି ବ୍ୟବସ୍ଥା ସୁରୁଖୁରୁରେ ଚାଲିଥିବା ବେଳେ ଓଡ଼ିଶାରେ ଏ ଅଚଳାବସ୍ଥା ଓଡ଼ିଶା ସରକାରଙ୍କ ରାଜନୈତିକ ଇଚ୍ଛା ଶକ୍ତିର ଅଭାବକୁ ସ୍ପଷ୍ଟ ସୂଚଉଛି ବୋଲି ଚାଷୀମାନେ ମତ ରଖିଛନ୍ତି। ୧୯ ତାରିଖରେ ସମ୍ବଲପୁର ବନ୍ଦ ଡାକରାରେ ସହରବାସୀ, ଶ୍ରମିକ ସଂଗଠନ, ବ୍ୟବସାୟିକ ପ୍ରତିଷ୍ଠାନ, ପରିବହନ ସହ ଜଡ଼ିତ ସମସ୍ତ ଅନୁଷ୍ଠାନ, ସାମାଜିକ- ସାଂସ୍କୃତିକ ସଂଗଠନଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଆସନ୍ତାକାଲି ବସ୍ତାରେ ଧାନ ଆଣି ରାଜରାସ୍ତାରେ ବସିବ ଚାଷୀ। ଜିଲ୍ଲାପାଳ କାର୍ଯ୍ୟାଳୟଠାରୁ ଗୋଲବଜାର ପର୍ଯ୍ୟନ୍ତ ରାସ୍ତାରେ ଧାନ ଧରି ସରକାରଙ୍କ ଅପାରଗତା ବିଷୟରେ ଲୋକଙ୍କୁ ଅବଗତ କରିବ। ଲୋକମାନଙ୍କୁ ସରକାର ଧାନ କିଣୁନାହାନ୍ତି ଏବଂ ଅନ୍ନଦାତାର ସ୍ଥିତି ବିଷୟରେ ଜଣାଇବ ବୋଲି ଶ୍ରୀ ଠାକୁର ସୂଚନା ଦେଇଛନ୍ତି।

# ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ସମୀକ୍ଷା

**ସମ୍ବଲପୁର, ୧୫।୧୨ (ସମିସ) :** ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ରଙ୍କ ଅଧ୍ୟକ୍ଷତାରେ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଆଜି ଅପରାହ୍ଣରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆୟୋଗ ଅଧ୍ୟକ୍ଷା ଶ୍ରୀମତୀ ପାତ୍ର ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଜିଲ୍ଲା ପ୍ରଶାସନ କାମକୁ ପ୍ରଶଂସା କରିଥିଲେ। ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକ ପରିଦର୍ଶନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ, ଏହା ତଳସ୍ତରର କର୍ମଚାରୀଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇବ ଓ ସେମାନେ ଭଲଭାବେ କାମ କରିବେ ବୋଲି କହିଥିଲେ। ସମସ୍ତଙ୍କୁ ନିଷ୍ଠାପରତାର ସହ କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ସ୍କୁଲକୁ ଯାଇ ପିଲାମାନଙ୍କ ଡ୍ରପ ଆଉଟ୍ କାହିଁକି କରୁଛନ୍ତି ତା'ର ଯାଞ୍ଚ କରିବାକୁ କହିଥିଲେ, ତାହା ତୃଣମୂଳସ୍ତରରେ ସମାଧାନ କରିବାକୁ କହିଥିଲେ। ଏହାଦ୍ୱାରା କେବଳ ଗୋଟିଏ ସମସ୍ୟା ନୁହେଁ ବରଂ ତିନୋଟି ସମସ୍ୟା - ସ୍କୁଲ ଡ୍ରପ୍ଆଉଟ୍, ବାଲ୍ୟବିବାହ, ଶିଶୁ ଶ୍ରମିକ ଭଳି ସମସ୍ୟା ସମାଧାନ ହୋଇପାରିବ ବୋଲି ଶ୍ରୀମତୀ ପାତ୍ର କହିଥିଲେ। ବାଲ୍ୟ ବିବାହକୁ ଉଚ୍ଛେଦ କରିବାପାଇଁ ବାଲ୍ୟ ଗ୍ରାମ୍ୟସଭା ଭଳି ସଚେତନତା କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସମୀକ୍ଷା ବୈଠକରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ବାଲ୍ୟବିବାହକୁ ଉଚ୍ଛେଦ କରିବା ଅନେକ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ସହିତ ବାଲ୍ୟ ବିବାହମୁକ୍ତ ଗ୍ରାମପଞ୍ଚାୟତ କରିବା ପାଇଁ ତୃଣମୂଳସ୍ତରର ଜିଲ୍ଲା ପ୍ରଶାସନ କାମ କରୁଛି ବୋଲି ସୂଚନା ଦେଇଥିଲେ।

ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ଏବଂ ସଦସ୍ୟା ଚନ୍ଦନା ଦାସ ଓ କସ୍ତୁରୀ ମିଶ୍ର ଆଜି ସମ୍ବଲପୁରର ବିନାଖଣ୍ଡି ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ପ୍ରାକ୍-ସ୍କୁଲ ପିଲାମାନଙ୍କ ସହିତ ଆଲୋଚନା କରିଥିଲେ। ରୋଷେଇ ଘର ତଦାରଖ କରିଥିଲେ ଏବଂ ରେଜିଷ୍ଟର ଯାଞ୍ଚ କରିଥିଲେ। ତା'ପରେ ସେ କୁଚିଣ୍ଡା ବ୍ଲକ ଅନ୍ତର୍ଗତ ତିହାଡିପାଲି ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ ଏବଂ ପ୍ରାକ୍-ସ୍କୁଲ ପିଲାମାନଙ୍କ ସହିତ ଆଲୋଚନା କରିଥିଲେ। କୁଚିଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟରେ ବାଲ୍ୟବିବାହ ଉପରେ ସଚେତନତା ବୈଠକରେ ଯୋଗ ଦେଇଥିଲେ। କୁଚିଣ୍ଡା ଏସଏସଡି ହଷ୍ଟେଲ, ରେଙ୍ଗାଲି ବ୍ଲକର ରାଧାରାଣୀ ଗୋଷ୍ଠୀ, କଟାପାଲି ଏବଂ ଧନକଉଡ଼ା ବ୍ଲକରେ ଥିବା ବାଳନିକେତନ ପରିଦର୍ଶନ କରିଥିଲେ।

## ଦୁଇ ବାଇକ୍ ଧକ୍କା;ଜଣେ ମୃତ, ଦୁଇ ଗୁରୁତର

**କୁଚିଣ୍ଡା, ୧୫।୧୨(ସମିସ):** ବାମରା କଲେଜ୍‌ରୋଡ ସ୍ଥିତ ଆମମୁଡ଼ା ଛକ ଠାରେ ଦୁଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ହେବାରୁ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ବାଇକ୍‌ରେ ଥିବା ୨ ଜଣ ଗୁରୁତର ଓ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ବଣେଇ କେନ୍ଦ୍ରିକଳାଗ୍ରାମର ଛବିଲ ପଣ୍ଡା ବାମରାରୁ ସନ୍ଧ୍ୟାରେ ବାଇକରେ ସାଧପଡ଼ାକୁ ଯାଇଥିଲେ। ସେଠାରୁ ବାମରାକୁ ଫେରୁଥିବା ବେଳେ ବାମରା କୁଚିଣ୍ଡା ମୁଖ୍ୟ ରାସ୍ତାସ୍ଥିତ ଆମମୁଡ଼ା ଛକରେ ଅନ୍ୟ ଏକ ବାଇକ୍ ତାଙ୍କୁ ପଛପଟୁ ଧକ୍କା ଦେବାରୁ ସେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସୂଚନା ପାଇ ଗୋବିନ୍ଦପୁର ପୁଲିସ ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ତାଙ୍କୁ ଧକ୍କା ଦେଇଥିବା ବାଇକ୍ ମଧ୍ୟ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେଥିରେ ଥିବା ବାଇକ୍ ଆରୋହୀ କୁସମଡିହି ଗ୍ରାମର ଶିବ କିସାନ ଓ ଲରିଆପାଲି ଗ୍ରାମର ସବିର କିସାନ ଗୁରୁତର ହୋଇଥିବା ବେଳେ ମହୁଲଡିହି ଗ୍ରାମର ଆକାଶ କିସାନ ଆହତ ହୋଇଛନ୍ତି। ଆହତଙ୍କ ଚିକିତ୍ସା ପରେ ତାଙ୍କୁ ସୁନ୍ଦରଗଡ଼ ମେଡ଼ିକାଲକୁ ରେଫର କରାଯାଇଛି। ସେମାନେ ଲାରିଆପାଲିରୁ ବାଗଡ଼ିହିର ଏକ ରାଇସ ମିଲରେ କାମ କରିବା ପାଇଁ ଯାଉଥିବା ସମୟରେ ଦୁର୍ଘଟଣା ଘଟିଥିଲା। ସୂଚନା ପାଇ ଗୋବିନ୍ଦପୁର ଥାନା ଇନ୍ସପେକ୍ଟର ଆଶିଷ ପ୍ରଧାନ ଓ ଶକ୍ତିଧର ରାଉତ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ରହିଛି।

# ହୀରାକୁଦ-ରେମେଡ ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ ଦାବି

**ସମ୍ବଲପୁର, ୧୫।୧୨ (ସମିସ) :** ହୀରାକୁଦ ଜନସାଧାରଣ ହୀରାକୁଦ-ରେମେଡ ରାସ୍ତା ଉପରେ ନିର୍ଭରଶୀଳ। ସେଥିପାଇଁ ଏହି ରାସ୍ତାଟିକୁ ବିଳମ୍ବିତ ରାତିପର୍ଯ୍ୟନ୍ତ ବ୍ୟସ୍ତବହୁଳ ରହୁଛି। ଏହି ରାସ୍ତାରେ ଭାରୀଯାନ



ଯିବାଆସିବା କରୁଛି। ବହୁଦିନରୁ ଚାଲିଥିବା ହୀରାକୁଦ ରେମେଡ ରାସ୍ତା ଉପରେ ଭାରୀଯାନ ଚଳାଚଳକୁ ସକାଳ ୫ଟାରୁ ରାତି ୧୧ଟା ଘଣ୍ଟା ପର୍ଯ୍ୟନ୍ତ ବନ୍ଦ କରିବା ପାଇଁ ହୀରାକୁଦବାସୀ ଦାବି କରିଛନ୍ତି। ଆଜି ହୀରାକୁଦ ସଚେତନ ନାଗରିକ ମାନଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ଏବଂ ପୁଲିସ ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତକରି ହୀରାକୁଦ ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ଏହାସହ ଅନ୍ଧାରିପାଟ ଖେଳପଡ଼ିଆର ଉନ୍ନତିକରଣ ଏବଂ ବିହାରୀପଡ଼ା ରେଲୱେ ଲେଭେଲକ୍ରସିଂଠାରୁ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାର ମଧ୍ୟ ଉନ୍ନତି ପାଇଁ ପ୍ରସ୍ତାବ ଦିଆଯାଇଥିଲା। ହୀରାକୁଦ ସମ୍ବଲପୁର ମହାନଗର ନିଗମରେ ସାମିଲ ହେବା ପରେ ରାସ୍ତାଘାଟ, ପରିମଳ ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ନିୟମିତ ସଫେଇ ହେଉନଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ହୀରାକୁଦରେ ପରିମଳ ବ୍ୟବସ୍ଥା ଓ ହୀରାକୁଦ ରେମଡ଼ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ତାକୁ ପୂନର୍ବାର ନିର୍ମାଣ କରାଯାଉ ବୋଲି ଦାବି ଜଣାଇଛନ୍ତି। ଏଥିରେ ହୀରାକୁଦ ସହରର ଉମାଶଙ୍କର ଗୌଡ଼, ମଞ୍ଜୁ ଓରାମ, ଉତ୍ତମ ବାଗ, କବିସୂର୍ଯ୍ୟ ଗୌଡ଼, ସନ୍ତୋଷ ହସ୍ତୀ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ। ଏନେଇ ଏସ୍‌ପି ଶୀଘ୍ର ନୋ ଏଣ୍ଟ୍ରି ଲଗେଇବା ପାଇଁ ପ୍ରତିଶ୍ରୁତି ଏବଂ ଅନ୍ୟ ସମସ୍ୟା ଗୁଡ଼ିକର ଯଥାଶୀଘ୍ର ସମାଧାନ କରାଯିବ ବୋଲି ଆଶ୍ୱାସନା ମିଳିଥିବା ପ୍ରକାଶ।

# ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠ ଉନ୍ନତି କାର୍ଯ୍ୟ ତଦାରଖ



**ସମ୍ବଲପୁର, ୧୫।୧୨ (ସମିସ) :** ଆଜି ରେଙ୍ଗାଲି ବ୍ଲକକୁ ଅଭିଯୋଗ ଶୁଣାଣୀ ପାଇଁ ଯାଇଥିବା ସମୟରେ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଭୂମି ଖିଣ୍ଡାରେ ଜନ୍ମପୀଠର ଉନ୍ନତି କାର୍ଯ୍ୟ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ତଦାରଖ କରିଛନ୍ତି। ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠର ସୌନ୍ଦର୍ଯ୍ୟକରଣ କେମିତି ହେବ ଏବଂ ଅଧିକରୁ ଅଧିକ ପର୍ଯ୍ୟଟକ ଆକର୍ଷିତ ହେବେ ସେନେଇ ଜିଲ୍ଲାପାଳ ଆଲୋଚନା କରିଥିଲେ। ଏହାସହ ଗାଁକୁ ରାସ୍ତା, ପରିମଳ ସଫେଇ, ଖିଣ୍ଡାର ପ୍ରତିଟି ଘରକୁ ଜଳଯୋଗାଣ ଆଦି ବିଷୟରେ ସମୀକ୍ଷା କରିବାସହ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତଧ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଆରଡବ୍ଲୁଏସ୍ଏସ୍ ଅଧିକାରୀ, ରେଙ୍ଗାଲି ତହସିଲଦାର ତକ୍ଷରାଜ ଭିତିରିଆ, ବିଡିଓ ପ୍ରୀତମ ତନ୍ତି ତଥା ଅଧିକାରୀମାନେ ଉପସ୍ଥିତ ଥିଲେ। ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ପାଳନ ଗତବର୍ଷ ଅପେକ୍ଷା ଅଧିକ ଭଲ ଭାବରେ ପାଳନ କରିବା ଉପରେ ଗୁରୁତ୍ୱ ଦେବାସହିତ ଜିଲ୍ଲାପାଳ ଗ୍ରାମବାସୀ ଓ ସୁରେନ୍ଦ୍ର ସାଏ କମିଟି ସହିତ ଆଲୋଚନା କରିଥିଲେ। ପରିଚାଳନା କମିଟି ସଭାପତି ବିରେନ୍ଦ୍ର ସାଏ, ସମ୍ପାଦକ ହେମନ୍ତ ରାଉତ, କୋଷାଧ୍ୟକ୍ଷ କିଶୋର ସାହୁ, ଖିଣ୍ଡା ପଞ୍ଚାୟତ ସମିତିସଭ୍ୟା ଅନିତା ସାଏ, ସୁନିଲ ଦାସ, ହିତେଶ୍ୱର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଫେସର ଧର୍ମାନନ୍ଦ ରାଉତ ଗୁରୁକୁଳ ପ୍ରକଳ୍ପର ରାଷ୍ଟ୍ରୀୟ ସଚିବ

**ସମ୍ବଲପୁର, ୧୫।୧୨ (ସମିସ) :** ପ୍ରଫେସର ଧର୍ମାନନ୍ଦ ରାଉତ ସଂସ୍କୃତ ସଂସ୍କୃତି ବିକାଶ ସଂସ୍ଥାନର ଗୁରୁକୁଳ ପ୍ରକଳ୍ପର ରାଷ୍ଟ୍ରୀୟ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ବର୍ତ୍ତମାନ ପୂର୍ବଭାରତ ଅଧ୍ୟକ୍ଷ ରୂପେ ମଧ୍ୟ କାର୍ଯ୍ୟନିର୍ବାହ କରୁଛନ୍ତି।



ବର୍ତ୍ତମାନ ପ୍ରଫେସର ରାଉତ ଦିଲ୍ଲୀସ୍ଥିତ ଲାଲ ବାହାଦୂର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସାହିତ୍ୟ ବିଭାଗରେ ବରିଷ୍ଠ ପ୍ରଫେସର୍ ରୂପେ କାର୍ଯ୍ୟରତ। ପୂର୍ବରୁ ସେ ସଂସ୍କୃତ ସଂସ୍କୃତି ବିକାଶ ସଂସ୍ଥାନର ଦିଲ୍ଲୀ ଅଧ୍ୟକ୍ଷ ଭାବେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ବର୍ତ୍ତମାନ ତାଙ୍କୁ ଗୁରୁକୁଳ ପ୍ରକଳ୍ପର ରାଷ୍ଟ୍ରୀୟ ସଚିବ ଭାବେ ଦାୟିତ୍ୱ ମିଳିଛି ତତ୍‌ସହିତ ପୂର୍ବଭାରତ ତଥା ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଇତ୍ୟାଦି ରାଜ୍ୟର ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି। ଦାୟିତ୍ୱ ଗ୍ରହଣ କରିବାପରେ ପ୍ରଫେସର ରାଉତ କହିଛନ୍ତି ସେ ଏହି ସଂସ୍ଥାନକୁ ଉଚ୍ଚସ୍ତରକୁ ନେଇକି ଯିବେ। ପ୍ରଭୁ ଜଗନ୍ନାଥ ଓ ମା' ସମଲେଇଙ୍କ ଆଶୀର୍ବାଦରେ ଓଡ଼ିଶାରେ ଏକ ଭବ୍ୟ ଗୁରୁକୁଳ ସହିତ କନ୍ୟା ଗୁରୁକୁଳ ଓ ଗୋଶାଳା ପାଇଁ ବହୁତ୍ ଶୀଘ୍ର ଜାଗା ଚିହ୍ନଟ କରାଯିବ ଓ ଭୂମି ପୂଜନ ମଧ୍ୟ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ୧୯ରେ ଚାଷୀଙ୍କ ସମ୍ବଲପୁର ବନ୍ଦ ଡାକରା

# ବିଜେଡି ସମର୍ଥନ କରିବା ସହ ସାମିଲ ହେବ: ରୋହିତ

**ସମ୍ବଲପୁର, ୧୫।୧୨ (ସମିସ) :** ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ଏକ ପ୍ରେସ ବିବୃତି ମାଧ୍ୟମରେ ଜଣାଇଛନ୍ତି ଯେ, କୃଷକ ସଂଗଠନ ପକ୍ଷରୁ ଖରିଫ୍ ୨୦୨୫- ୨୬ ଋତୁରେ ରାଜ୍ୟରେ ବିଜେପି ଶାସିତ ସରକାର ଦ୍ୱାରା ଧାନସଂଗ୍ରହ ପ୍ରକ୍ରିୟାରେ ଯେଉଁ ଅବ୍ୟବସ୍ଥା ସୃଷ୍ଟି ହୋଇଛି ଏବଂ ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷର ବହ୍ନି ଉଦ୍‌ଗୀରଣ ହେବାସହ ଆନ୍ଦୋଳନାତ୍ମକ ପନ୍ଥା ନିଆଯାଇଛି। ଚାଷୀମାନେ ରାସ୍ତାରୋକ ଆନ୍ଦୋଳନର ଅୟମାରମ୍ଭ କରି ଜାତୀୟ ରାଜପଥକୁ ଠପ୍ କରିବା ପରେ ସରକାରଙ୍କ ଦ୍ୱାରା ଗିରଫ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଚାଷୀମାନଙ୍କ ଜାତୀୟ ରାଜପଥ ଅବରୋଧ କରିବାର ତିନିଦିନ ବିତି ସାରିଥିବା ପରେ ମଧ୍ୟ ସରକାରଙ୍କ ନିଦ ନଭାଙ୍ଗିବା ଅତ୍ୟନ୍ତ ଚିନ୍ତାଜନକ। ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣତାନ୍ତ୍ରିକ ଉପାୟରେ ନିଜର କଷ୍ଟଅର୍ଜିତ ଶସ୍ୟ ଜରିଆରେ ନିଜର ପରିବାରକୁ ଏବଂ ନିଜର ଆର୍ଥିକ ସ୍ଥିତିକୁ ବଞ୍ଚାଇ ରଖିବା ଅପରାଧ ନୁହେଁ। କିନ୍ତୁ ବର୍ତ୍ତମାନର ବିଜେପି ଶାସିତ ସରକାର ଚାଷୀମାନଙ୍କ ତର୍ଣ୍ଣିଚିପି ସେମାନଙ୍କୁ ଭୟଭୀତ କରି ବ୍ରିଟିଶ୍ ଶାସନଠାରୁ ମଧ୍ୟ ଅଧିକ ନିଷ୍ଠୁର ହୋଇ ଚାଷୀଙ୍କ ହକ୍ କୁ ଚାପି ଦେବାର ଉଦ୍ୟମ ନିନ୍ଦନୀୟ। ତେଣୁ ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରଜା ହିସାବରେ ଗିରଫ ହୋଇ ଫେରିବା ପରେ ପୁଣିଥରେ ନିଜର ହକ୍‌ର ଲଢେଇ ପାଇଁ ପୁନର୍ବାର ଆସନ୍ତାକାଲି ୧୬ ତାରିଖ ସ୍ଥାନୀୟ ଗୋଲବଜାରଠାରେ ଅଭିନବ ପ୍ରତିବାଦ କରିବାପାଇଁ ଏବଂ ୧୯ ତାରିଖ ରେ ସାରା ସମ୍ବଲପୁର ବନ୍ଦ ପାଇଁ ବିଭିନ୍ନ ଚାଷୀ ସଂଗଠନ ନିଷ୍ପତ୍ତି ନେଇଛନ୍ତି। ଏହାକୁ ମୁଁ ବ୍ୟକ୍ତିଗତ ଭାବେ ଏବଂ ସମ୍ବଲପୁର ଜିଲ୍ଲା ବିଜୁ ଜନତା ଦଳ ସଭାପତି ଭାବରେ ଦୃଢ଼ ସମର୍ଥନ କରୁଛି ବୋଲି ଇଂ ପୂଜାରୀ ଘୋଷଣା କରିଛନ୍ତି। ଆହୁରି ମଧ୍ୟ ସେ କହିଛନ୍ତି ଯେ ବିଜେପି ସରକାର ଏବଂ ନେତା ମାନଙ୍କର ଚାଷୀ ମାନଙ୍କ ପ୍ରତି ଇନପୁଟ ସବସିଡି ଭାବରେ ୮୦୦ ଟଙ୍କା ଏବଂ ଏମ୍ ଏସ ପି ବାବଦରେ ୬୯ ଟଙ୍କା ଘୋଷଣା କରି ଚାଷୀମାନଙ୍କୁ ପ୍ରଦାନ ନକରିବା ଆଗାମୀ ଦିନରେ ବହୁ ମହଙ୍ଗା ପଡ଼ିବ ବୋଲି ସେ ଉଲ୍ଲେଖ କରିଛନ୍ତି।

# ସାବାସ ଅଙ୍ଗନବାଡ଼ି କର୍ମୀ

**କୁଚିଣ୍ଡା, ୧୫।୧୨(ସମିସ):** କୁଚିଣ୍ଡା ପଞ୍ଚାୟତ ସମିତି କୁଟୁରାଚୁଆଁ ପଞ୍ଚାୟତ ସାତକମା-୧ ଅଙ୍ଗନବାଡ଼ି କେନ୍ଦ୍ରର ଅଙ୍ଗନବାଡ଼ି କର୍ମୀ ପ୍ରବେଶ ପଥର ମୁଖ୍ୟ ଦ୍ୱାର ଉପରକୁ ଚଢି ନିଜେ କେନ୍ଦ୍ରର ନାମ ରଙ୍ଗତୁଳୀ ଧରି ନିଜେ ଲେଖୁ ଥିବାର ଦେଖିବାକୁ ମିଳିଥିଲା ଏପରି ଦୃଶ୍ୟ ଦେଖି ଯେ ବି ଅଟକି କର୍ମୀଙ୍କ ଏପରି ମହତ କାର୍ଯ୍ୟକୁ ଦେଖି ପ୍ରଶଂସା ନକରି ରହି ପାରୁ ନଥିଲେ। ଅଙ୍ଗନବାଡ଼ି କର୍ମୀଙ୍କୁ ପଚାରିବାରୁ କାହାକୁ କହିବି ନିଜ ଦ୍ୱାର ଯେତେ ବେଳେ ହେଉଛି ତେବେ କାହାକୁ କାହିଁକି କହିବି ବୋଲି ଉତ୍ତର ଦେଇଥିଲେ।



# ରାମଚଣ୍ଡୀ ସମ୍ବଲପୁରୀ କ୍ୟାଲେଣ୍ଡର ଲୋକାର୍ପିତ



**ସମ୍ବଲପୁର, ୧୫।୧୨ (ସମିସ) :** ସମ୍ବଲପୁର ଦାନୀପାଲିସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ପରିସରରେ ୨୦୨୬ ବର୍ଷର ନୂତନ ରଣେଶ୍ୱର ରାମଚଣ୍ଡୀ ସମ୍ବଲପୁରୀ କେଲେଣ୍ଡର ଲୋକାର୍ପିତ ହୋଇଯାଇଛି। କେଲେଣ୍ଡରଙ୍କୁ ପ୍ରଥମେ ରଣେଶ୍ୱର ରାମଚଣ୍ଡୀଙ୍କ ପାଖରେ ପୂଜା କରାଯାଇ ଅର୍ପଣ କରାଯାଇଥିଲା। ସଭାପତି କୃପାସିନ୍ଧୁ ଖମାରୀଙ୍କର ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂଜକ ଦେବୀ ପ୍ରସାଦ ଭୋଇ ରଣେଶ୍ୱର ରାମଚଣ୍ଡୀଙ୍କ ମନ୍ତ୍ରପାଠ କରି ନୂତନ କେଲେଣ୍ଡରର ଶୁଭାରମ୍ଭ କରିଥିଲେ। ରଣେଶ୍ୱର ରାମଚଣ୍ଡୀ ସମ୍ବଲପୁରୀ କେଲେଣ୍ଡର ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ରଣେଶ୍ୱର ରାମଚଣ୍ଡୀ ମନ୍ଦିର ମାନଙ୍କରେ ଗୋଟିଏ ଦିନରେ ଲୋକାର୍ପିତ ହୋଇଯାଇଛି। ଏହି କେଲେଣ୍ଡର ଗତ ୨୦୨୦ ମସିହାରୁ ବରଗଡ଼ ଅତାବିରା ରେଙ୍ଗାଲିପାଲିର ସମାଜସେବୀ ସୁବାସ ପ୍ରଧାନଙ୍କର ପ୍ରଚେଷ୍ଟାରେ ଦୀର୍ଘ ୬ବର୍ଷ ହେବ ପ୍ରକାଶିତ ହୋଇଆସୁଛି। କେଲେଣ୍ଡରରେ କୁଲତା ଜାତିର ପର୍ବପର୍ବାଣି, ବିସାଶହେ ବର୍ଗ, ଆଦି ପୀଠ, ପୀଠ, ଗୁଡ଼ି ପାର୍ଶ୍ୱ ଦେବାଦେବୀ, ଗୃହ ଦେବାଦେବୀ, ସମସ୍ତ ଗୌତ୍ର ଆଦି ତଥ୍ୟ ରହିଛି।

# ଓଏସ୍ଓୟୁରେ ଶିକ୍ଷା ସମ୍ମିଳନୀ 'ପ୍ରୟାସ' ଉଦ୍‌ଯାପିତ

**ସମ୍ବଲପୁର, ୧୫।୧୨ (ସମିସ)**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍ଓୟୁ) ଦ୍ୱାରା ଆୟୋଜିତ ଜାତୀୟ ସମ୍ମିଳନୀ 'ପ୍ରୟାସ' ଆଜି ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିବସ ପ୍ରାରମ୍ଭରେ ମାତୃଭାଷା ଓ ଶିକ୍ଷାଶାସ୍ତ୍ର ଆଧାରିତ ଅଧିବେଶନ ଆୟୋଜିତ ହୋଇଥିଲା। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ସବିତା ତ୍ରିପାଠୀ ସଭାପତିତ୍ୱ କରିଥିବାବେଳେ ଏନ୍ଆଇଟିଟିଆର୍ ଭୋପାଳର ପ୍ରଫେସର ଡ. ସୁମନ ପଟ୍ଟନାୟକ ଉପସଭାପତି ଦାୟିତ୍ୱ ନିର୍ବାହ କରିଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ଅଧ୍ୟାପକ ଅଧ୍ୟାପିକା, ଗବେଷକମାନେ ପତ୍ର ଉପସ୍ଥାପନ କରିଥିଲେ। ଆଜି ଦ୍ୱିତୀୟ ଅଧିବେଶନର ମୂଳ ଆଧାର ଥିଲା ନୀତି, ଅନ୍ତର୍ଭୁକ୍ତି ଓ ସମାନତା। ଏହାର ସଭାପତି ଥିଲେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାଶ ଏବଂ ଉପସଭାପତି ଭାବେ ପୂର୍ବତନ ପିଜିଆଇ, ଚଣ୍ଡିଗଡ଼ର ଡ. ସ୍ୱପ୍ନା ଜନ୍। ଏଥିରେ ମଧ୍ୟ ବିଭିନ୍ନ ପ୍ରକାରର ପତ୍ର ଉପସ୍ଥାପିତ ହୋଇଥିଲା।

ତୃତୀୟ ଅଧିବେଶନରେ ଭାରତୀୟ ଜ୍ଞାନ ପ୍ରଣାଳୀକୁ ମୁଖ୍ୟ ବିଷୟ ଭାବରେ ଗ୍ରହଣ କରାଯାଇଥିଲା। ଉତ୍ତର ମାଲେସିଆ ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ପି.ପି.




ମିଶ୍ର ସଭାପତିତ୍ୱ କରିଥିବାବେଳେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗୀୟ ମୁଖ୍ୟ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଉପସଭାପତି ଥିଲେ। ଚତୁର୍ଥ ଅଧିବେଶନରେ ସାମଗ୍ରିକ ଶିକ୍ଷା ବିକାଶ ଆଧାରିତ ଅଧିବେଶନ ଅନୁଷ୍ଠିତ ହୋଇଥିବାବେଳେ ବିଜୁ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନର କୁଳପତି ପ୍ରଫେସର ଅମୀୟ ରଞ୍ଜନ ରଥ ସଭାପତି ଏବଂ ଏନ୍ଆଇଟିଟିଟିଆର୍, ଚଣ୍ଡିଗଡ଼ର ପ୍ରଫେସର ବଲବିନ୍ଦର ସିଂ ଧାଲିୱାଲ୍ ଉପସଭାପତି ଥିଲେ। ଏଥିରେ ମୋଟ ୯ଟି ପତ୍ର ଉପସ୍ଥାପନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ପ୍ରବନ୍ଧ ଉପସ୍ଥାପନା ନିମନ୍ତେ ଦୁଇଟି ଅଧିବେଶନ ଆୟୋଜନ କରାଯାଇଥିଲା। ଗୋଟିଏରେ ସଭାପତିତ୍ୱ କରିଥିଲେ ପ୍ରଫେସର ଶଙ୍କର ପ୍ରସାଦ ପତି, ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାରର ଉପାଧ୍ୟକ୍ଷ ଏବଂ ଏନ୍ଆଇଟିଟିଟିଆର୍ ଭୋପାଳର ଗବେଷଣା ଅଧିକାରୀ ସଞ୍ଜୟ କୁମାର ମିଶ୍ର ଉପସଭାପତିତ୍ୱ କରିଥିଲେ। ଅନ୍ୟଟିରେ ଯନ୍ତ୍ରୀ ଓ ସମାଜସେବୀ ସୁଧୀର ରଞ୍ଜନ ବହିଦାର ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ଓ ମାନବିକ ବିଦ୍ୟାଳୟର ନିର୍ଦ୍ଦେଶକ ଡ. ସଚ୍ଚିଦାନନ୍ଦ ବକ୍ସି ସଭାପତି ଓ ଉପସଭାପତି ଥିଲେ। ଗ୍ରହଣ କରାଯାଇଥିବା ୧୬୦ଟି ପତ୍ର ମଧ୍ୟରୁ ଦୁଇଦିନରେ ୧୩୮ ଟି ପତ୍ର ଉପସ୍ଥାପିତ ହୋଇଥିଲା।

'ପ୍ରୟାସ'ର ଉଦଯାପନୀ ସମାରୋହରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଦ୍ୱିଦିବସୀୟ ପ୍ରୟାସ ସମ୍ମିଳନୀର ରିପୋର୍ଟ ପାଠ କଲେ ଇଂରାଜୀ ବିଭାଗର ଡ. ଜିତେନ୍ଦ୍ର ଓ ଓଡ଼ିଆ ବିଭାଗର ରାଧାକାନ୍ତ ସୁନା। ଏହାପରେ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଚିତ୍ତରଞ୍ଜନ ସାହୁ ଅତିଥିମାନଙ୍କୁ ଅଭିବାଦନ ଜଣାଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ପଶ୍ଚିମ ପ୍ରାନ୍ତ ପ୍ରଚାରକ ଶଙ୍କର ପଣ୍ଡା 'ପ୍ରୟାସ' ସମ୍ପର୍କରେ ନିଜ ମତାମତ ପ୍ରଦାନ କରିଥିଲେ। ଆଇଆଇଏମ୍, ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ମୁଖ୍ୟଅତିଥି ଏବଂ ବିଜୁ ପଟ୍ଟନାୟକ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନର କୁଳପତି ପ୍ରଫେସର ଅମୀୟ ରଞ୍ଜନ ରଥ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଶେଷରେ ଅଭିନନ୍ଦନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କୁବା ଡାଇଭ୍‌ରେ ତିସ୍ୟାଙ୍କ ନୂଆ ରେକର୍ଡ

# ୫୦ତମ ମାଇଲଖୁଣ୍ଟ ଡାଇଭ୍ ସମ୍ପୂର୍ଣ୍ଣ କଲେ

**ସମ୍ବଲପୁର, ୧୫।୧୨ (ସମିସ) :** ସମ୍ବଲପୁରରେ ଜନ୍ମିତ, ଦୁବାଇ ବାସିନ୍ଦା ଓଡ଼ିଆ ସ୍କୁବା ଡାଇଭର୍ ୧୫ ବର୍ଷୀୟ ତିସ୍ୟା ପାଣିଗ୍ରାହୀ କିଛିଦିନ ପୂର୍ବେ ନିଜର ୫୦ତମ ଡାଇଭ୍ କରି ରେକର୍ଡ କରିଛନ୍ତି। ମାଳଦ୍ୱୀପର 'କାଣ୍ଡୁମା ଥିଲା' ଡାଇଭ୍‌ସ୍ଥଳରେ ତିସ୍ୟା ନିଜର ୫୦ତମ ଡାଇଭ୍ ପୂରା କରିଛନ୍ତି। ପ୍ରଖର ସ୍ରୋତ, ଗଭୀର ଜଳରାଶି ଓ ସୁଦୃଶ୍ୟ



ଜଳଜୀବଙ୍କ ଆ‡ାସ୍ଥଳୀ 'କାଣ୍ଡୁମା ଥିଲା' - ମାଳଦ୍ୱୀପର ଗୋଟିଏ ଜଣାଶୁଣା ଏବଂ ରୋମାଞ୍ଚକାରୀ ଡାଇଭ ସାଇଟ୍। ତାଲିମ ଦୃଷ୍ଟିକୋଣରୁ ଅତ୍ୟନ୍ତ କଠିନ ଓ ହୃଦୟସ୍ପର୍ଶୀ ସ୍ଥାନରେ ୧୦୦ ଫୁଟ ଗଭୀର ସମୁଦ୍ର ମଧ୍ୟରେ ଡାଇଭିଂ କରି ତିସ୍ୟା ତାଙ୍କର ୫୦ତମ ଡାଇଭ୍‌ର ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ଯାହା ତିସ୍ୟା ପାଣିଗ୍ରାହୀଙ୍କୁ ଗଭୀର ସମୁଦ୍ରରେ ୫୦ ଡାଇଭ୍ ପୂରଣ କରିଥିବା ସବୁଠାରୁ କନିଷ୍ଠ ଓଡ଼ିଆ ଡାଇଭର୍ ଭାବେ ସ୍ଥାପିତ କରେ। ଏହି ଡାଇଭ୍ ଦକ୍ଷିଣ ଆଫ୍ରିକାର ସ୍କୁବା ଡାଇଭିଂ ଇନଷ୍ଟ୍ରକଟର ଲୁକା ବୋଥାଙ୍କ ନିରୀକ୍ଷଣରେ ଘଟିଥିଲା। ଏହି ରେକର୍ଡର ମାଇଲଖୁଣ୍ଟ ସ୍ଥାପନରେ ତାଙ୍କ ବାପା ତଥା ଦୀର୍ଘ ସମୟର ଡାଇଭ୍ ପାର୍ଟନର ଆଡଭାନ୍ସଡ ସ୍କୁବା ଡାଇଭର ପ୍ରିୟଦର୍ଶୀ ପାଣିଗ୍ରାହୀ ସାଥ୍ ଦେଇଥିଲେ। ସ୍କୁବା ଡାଇଭିଂ କ୍ଷେତ୍ରରେ ଭାରତବର୍ଷରେ ଏହି ଓଡ଼ିଆ ବାପ-ଝିଅ ଯୋଡ଼ି କିର୍ତ୍ତୀ ସ୍ଥାପନ କରିପାରିଛନ୍ତି। ସାର୍କ ଓ ଇଗଲରେ ଭଳି ସାମୁଦ୍ରିକ ଜୀବଙ୍କୁ ଅତି ନିକଟରୁ ଦେଖିବା ସଦାସ୍ମରଣୀୟ ହୋଇ ରହିବ ବୋଲି ତିସ୍ୟା ଓ ପ୍ରିୟଦର୍ଶୀ କହିଛନ୍ତି।

ତିସ୍ୟା ପୂର୍ବତନ ମନ୍ତ୍ରୀ ଓ ସାଂସଦ ସ୍ୱର୍ଗୀୟ ଶ୍ରୀବଲ୍ଲଭ ପାଣିଗ୍ରାହୀ ଓ ଶିକ୍ଷାବିତ୍ ସ୍ୱର୍ଗୀୟ ସୁନନ୍ଦା ପାଣିଗ୍ରାହୀଙ୍କର ନାତୁଣୀ। ସେ ସମ୍ବଲପୁରର ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କର ମଧ୍ୟ ନାତୁଣୀ। ସମ୍ବଲପୁରରେ ୨୦୧୦ରେ ଜନ୍ମିତ ତିସ୍ୟା ଗତ ୧୩ ବର୍ଷ ଧରି ଦୁବାଇରେ ରହିଆସୁଛନ୍ତି। ତାଙ୍କୁ ଯେତେବେଳେ ୧୦ ବର୍ଷ ହୋଇଥିଲା, ୨୦୨୦ରୁ ସେ ସ୍କୁବା ଡାଇଭିଂ ଆରମ୍ଭ କରିଥିଲେ। ଏହାରି ଭିତରେ ଓଡ଼ିଶାର ସର୍ବକନିଷ୍ଠ ସ୍କୁବା ଡାଇଭର୍, ସର୍ବକନିଷ୍ଠ ଆଡଭାନସଡ ସ୍କୁବା ଡାଇଭର୍ ଓ ସମୁଦ୍ରର ୧୦୦ ଫୁଟ୍ ଗଭୀର ଜଳରାଶିରେ ଡାଇଭିଂ କରିବାର ସର୍ବକନିଷ୍ଠ ଓଡ଼ିଆ ସ୍କୁବା ଡାଇଭର୍ ହେବାର ରେକର୍ଡ ହାସଲ କରି ଗୌରବ ଅର୍ଜନ କରିଛନ୍ତି।

## ଶିକ୍ଷକ ଦାବିରେ ବିଦ୍ୟାଳୟ ମୁଖ୍ୟ ଗେଟ୍‌ରେ ତାଲା

# ଧାରଣାରେ ଛାତ୍ରଛାତ୍ରୀ ଓ ପରିଚାଳନା କମିଟି

**ରେଢ଼ାଖୋଲ, ୧୫ ।୧୨(ସମିସ)**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବଂଶାଜାଲ ପଞ୍ଚାୟତସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷକ ଦାବିରେ ସୋମବାର ଦିନ ବିଦ୍ୟାଳୟ ମୁଖ୍ୟ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଲେ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି। ସୂଚନା ଯୋଗ୍ୟ ଯେ ବଂଶାଜାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୪୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ



କରୁଥିବା ବେଳେ ୫ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ରହିଥିଲେ। କିନ୍ତୁ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକଙ୍କ ଅବସର ଗ୍ରହଣ ପରେ ସ୍କୁଲରେ ରହିଲେ ତିନିଜଣ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ। ସ୍କୁଲର ଛାତ୍ରଛାତ୍ରୀ ମାନେ ଖରାରେ ବାହାରେ ବସି ରହିଥିବା ବେଳେ, ବିଭାଗୀୟ ଅଧିକାରୀଙ୍କୁ ଅଭିଭାବକ ଫୋନ ଯୋଗେ ଜଣାଇଥିଲେ। କିନ୍ତୁ କେବଳ ସିଆରସି ଆସିଥିଲେ। ଏହାପରେ ଅଭିଭାବକ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଏଥିରେ ଗ୍ରାମୀଣ ଉନ୍ନୟନ ରାସ୍ତାକୁ ଅବରୋଧ କରି ଆନ୍ଦୋଳନ କରାଯାଇଥିଲା। ଦୀର୍ଘ ୬ ଘଣ୍ଟା ପରେ ରେଢ଼ାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜିତ ଭୋଇ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରି ଶିକ୍ଷକ ଦେବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ପଶ୍ଚିମ ଓଡ଼ିଶା ଦିବ୍ୟ ଜୀବନ ସଂଘ ଆଧ୍ୟାତ୍ମିକ ସମ୍ମିଳନୀ ଉଦ୍‌ଯାପିତ



**ସମ୍ବଲପୁର, ୧୫।୧୨ (ସମିସ) :** ପଶ୍ଚିମ ଓଡ଼ିଶା ଦିବ୍ୟ ଜୀବନ ସଂଘ, ସମନ୍ୱୟ ସମିତି ତରଫରୁ ସମ୍ବଲପୁର ଶାଖାର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ପ୍ରେକ୍ଷାଳୟରେ ଆୟୋଜିତ ତ୍ରିଦିବସୀୟ ଆଧ୍ୟାତ୍ମିକ ସମ୍ମିଳନୀ ଆଜି ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଆଜି ତୃତୀୟ ଦିବସ ସକାଳ ଅଧିବେଶନରେ ପ୍ରାର୍ଥନା, ଜପ, ଧ୍ୟାନ, ଯୋଗାସନ ଓ ପ୍ରାଣାୟମ ତଥା ଆଦି ଶଙ୍କରାଚାର୍ଯ୍ୟକୃତ 'ସାଧନା ପଞ୍ଚକମ୍' କରାଯାଇଥିଲା। ପୂର୍ବାହ୍ନ ଅଧିବେଶନରେ ଭଜନ ପରେ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ 'ଶ୍ରୀମଦ୍ ଭାଗବତରେ ବୃତ୍ତାସୁର ପ୍ରସଙ୍ଗ', ସ୍ୱାମୀ ବ୍ରହ୍ମସାକ୍ଷାତକାରାନନ୍ଦ ସରସ୍ୱତୀ 'ସ୍ୱାମୀ ଚିଦାନନ୍ଦଙ୍କ ଜୀବନ ଦର୍ଶନ-ମାନବ ସମାଜକୁ ବାର୍ତ୍ତା', ସ୍ୱାମୀ ଧର୍ମନିଷ୍ଠାନନ୍ଦ ସରସ୍ୱତୀ 'ଦିବ୍ୟ ଜୀବନ କଣ, କାହିଁକି ଓ କିପରି?' ଏବଂ ସ୍ୱାମୀ କୃଷ୍ଣାଦାସାନନ୍ଦ ସରସ୍ୱତୀ 'ସ୍ୱାମୀ ଶିବାନନ୍ଦଙ୍କ ସାଧନା ତତ୍ତ୍ୱ' ଉପରେ ପ୍ରବଚନ ଦେଇଥିଲେ। ଶେଷରେ ସ୍ୱାମୀ ଅଦ୍ୱୈତାନନ୍ଦ ସରସ୍ୱତୀ ମହାରାଜ ଆଶୀର୍ବଚନ ଓ ଶାନ୍ତିପାଠ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ପ୍ରଫେସର ମଧୁସୂଦନ ପତି, ପ୍ରଫେସର ଗୋପବନ୍ଧୁ ବେହେରା ଓ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ 'ଗୁରୁ ମହିମା' ଉପରେ ବକ୍ତବ୍ୟ ରଖିଥିଲେ। ପଶ୍ଚିମ ଓଡ଼ିଶା ଦିବ୍ୟ ଜୀବନ ସଂଘ ଆଧ୍ୟାତ୍ମିକ ସମ୍ମିଳନୀ ଆବାହକ ଡକ୍ଟର ମୀନକେତନ ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସାଧୁସନ୍ଥ ଓ ବିଶିଷ୍ଟ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବ୍ୟ ଜୀବନ ସଂଘ ମୁଖ୍ୟ କାର୍ଯ୍ୟାଳୟ, ଋଷିକେଶର ଉପସଭାପତି ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜଙ୍କ ଆଶୀର୍ବଚନ ଓ ଶାନ୍ତିପାଠ ସହ ଏହି ତିନିଦିନିଆ ଆଧ୍ୟାତ୍ମିକ ସମ୍ମିଳନୀ ଉଦ୍‌ଯାପିତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଆଜି ସକାଳେ ଦିବ୍ୟଜୀବନ ସଂଘ ସମ୍ବଲପୁର ଶାଖା ପରିସରରେ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ ମନ୍ତ୍ର ଦୀକ୍ଷା ଦେଇଥିଲେ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ବିଜେପୁର, ୧୫ । ୧୨(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ଜାମପାଲି ଗ୍ରାମର ପୁରନ ସାହୁଙ୍କ ପୁତ୍ର ଅଙ୍କୁଶ ସାହୁ (୨୮)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ରବିବାର



ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଅଙ୍କୁଶ ସାହୁ ଲାଉମୁଣ୍ଡା ଧାନମଣ୍ଡିରେ କାମସାରି ବାଇକ୍‌ରେ ଘରକୁ ଫେରୁଥିଲେ। କିନ୍ତୁ ରାତି ହେବା ସତ୍ତ୍ୱେ ଘରକୁ ନ ଫେରିବାରୁ ପରିବାରଲୋକେ ତାଙ୍କୁ ଫୋନ୍ କରିଥିଲେ ମାତ୍ର ତାଙ୍କ ମୋବାଇଲ୍ ସୁଇଚ୍ ଅଫ୍ ଥିଲା। ଏହାପରେ ପରିବାର ଲୋକେ ରାତି ସାରା ତାଙ୍କୁ ଖୋଜାଖୋଜି କରୁଥିଲେ। ରାତ୍ରି ପ୍ରାୟ ୨ଟା ସମୟରେ ଲାଉମୁଣ୍ଡା ମହେଶ୍ୱରୀ ମନ୍ଦିର ନିକଟରେ ଅଙ୍କୁଶ ସାହୁ ଗୁରୁତର ଅବସ୍ଥାରେ ପଡ଼ିଥିବା ସହ ତାଙ୍କ ଦେହଉପରେ ବାଇକ୍ ପଡ଼ିଥିବା ଦେଖିଥିଲେ। ପରିବାର ଲୋକେ ସାଙ୍ଗେସାଙ୍ଗେ ତାଙ୍କୁ ଉଦ୍ଧାର କରି ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ବଡ଼ ମେଡିକାଲକୁ ରେଫର କରାଯାଇଥିଲା। କିନ୍ତୁ ବୁର୍ଲାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ମୃତକଙ୍କ ଅଜା ହରିଲାଲ ସାହୁ ବିଜେପୁର ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଛି କି ଅନ୍ୟ କୌଣସି କାରଣରୁ ମୃତ୍ୟୁ ହୋଇଛି ସେନେଇ ପୁଲିସ ତଦନ୍ତ କରିବାକୁ ଦାବି କରାଯାଇଛି। ମୃତକ ଅଙ୍କୁଶ ସାହୁଙ୍କ ଗୋଟିଏ ମାତ୍ର ଝିଅ ସାତ ଦିନର ହୋଇଥିବାବେଳେ ଏହି ଅକାଳ ମୃତ୍ୟୁ ପରିବାର ବର୍ଗ ଭାଙ୍ଗି ପଡୁଛନ୍ତି। ଏହି ଦୁଃଖଦ ଘଟଣାକୁ ନେଇ ଜାମପାଲି ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ସ୍ନାତକୋତ୍ତର ଓଡ଼ିଆ ବିଭାଗର କ୍ଷେତ୍ର ଅଧ୍ୟୟନ

# କବିତୀର୍ଥ ବରପାଲି ବାନ୍ଧକଳା ପାଇଁ ମଧ୍ୟ ଗର୍ବିତ

**ବରପାଲି, ୧୫। ୧୨(ସମିସ):** କବିତୀର୍ଥ ବରପାଲି କବି ଗଙ୍ଗାଧରଙ୍କ ଅମର କୃତି ନିମନ୍ତେ ଯେପରି ମହିମାମଣ୍ଡିତ ସେହିପରି ବାନ୍ଧକଳା ପାଇଁ ମଧ୍ୟ ଗର୍ବିତ। କଳା, ସାହିତ୍ୟ, ସଂସ୍କୃତି ଓ ବୟନଶିଳ୍ପର ଏକ ଉନ୍ନତ ପ୍ରୟୋଗଶାଳା ବରପାଲି ବୋଲି ସ୍ଥାନୀୟ ପଞ୍ଚାୟତ ମହାବିଦ୍ୟାଳୟ ର ସ୍ନାତକୋତ୍ତର ଓଡ଼ିଆ ବିଭାଗର ଛାତ୍ରଛାତ୍ରୀଙ୍କ କ୍ଷେତ୍ର ଅଧ୍ୟୟନରେ ମତପ୍ରକାଶ ପାଇଥିଲା। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଆତ୍ମନିର୍ଭରଶୀଳ ଭାରତର ପ୍ରୟୋଗ ଓ ପ୍ରସାର ନିମନ୍ତେ ସଂସ୍କୃତି ସମ୍ପନ୍ନ ଓ ଆତ୍ମନିର୍ଭରଶୀଳ ହବ୍ ବରପାଲିକୁ କ୍ଷେତ୍ର ଅଧ୍ୟୟନ ନିମନ୍ତେ ଓଡ଼ିଆ ସ୍ନାତକୋତ୍ତର ଛାତ୍ରଛାତ୍ରୀ ପରିଭ୍ରମଣ କରିଥିଲେ। ଏହି କର୍ମଶାଳାରେ ଛାତ୍ରଛାତ୍ରୀମାନେ ସମ୍ବଲପୁରୀ ବାନ୍ଧକଳା ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୀବନ, ସୃଜନ ତଥା ଦର୍ଶନ ସମ୍ପର୍କରେ ବିଶେଷ ଅଧ୍ୟୟନ କରିଥିଲେ। ପ୍ରଥମେ ସାଇ ମନ୍ଦିର ଦର୍ଶନ କରି ସାଇଙ୍କ ଭଜନ ଓ କୀର୍ତ୍ତନ କରିଥିଲେ ଛାତ୍ରଛାତ୍ରୀ। ପରେ କବି ଗଙ୍ଗାଧର ମେହେରଙ୍କ ପାବନ ଜନ୍ମପୀଠ ଓ ସାଧନା ସ୍ଥଳୀକୁ ଯାଇ ଗଙ୍ଗାଧର ସାହିତ୍ୟ ସମ୍ବନ୍ଧରେ ଜ୍ଞାନ ଆହରଣ କରିବା ସହ ସାମୂହିକ ଗଙ୍ଗାଧର ସଙ୍ଗୀତ ପରିବେଷଣ କରିଥିଲେ। ବିଭାଗ ମୁଖ୍ୟ ଡ. ଶେଷନ ବିଶି, ଅଧ୍ୟାପକ ଶାନ୍ତନୁ ସୁନା, ସ୍ନାତକୋତ୍ତର ଛାତ୍ର ଉତ୍ତମ ସାହୁ ଓ ଚିରନ୍ତନ



ଦାଶ 'ମୋ ଦୃଷ୍ଟିରେ ଗଙ୍ଗାଧର' ପ୍ରସଙ୍ଗରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ବଲପୁରୀ ବାନ୍ଧକଳାର ସ୍ୱରୂପ ଓ ବୟନଶିଳ୍ପର କୌଶଳ ସମ୍ପର୍କରେ ବୁଣାକାରମାନଙ୍କ ସହ ସାକ୍ଷାତକାର କରି ବାନ୍ଧକଳାର ଗବେଷଣାତ୍ମକ ଅଧ୍ୟୟନ କରିଥିଲେ ଛାତ୍ରଛାତ୍ରୀ। ଏହି ଅବସରରେ ସେମାନେ ଶିଳ୍ପଗୁରୁ ପଦ୍ମଶ୍ରୀ କୁଞ୍ଜବିହାରୀ ମେହେରଙ୍କ କଳାଭବନ ପରିଦର୍ଶନ କରି ତାଙ୍କ ସୁପୁତ୍ର ବାନ୍ଧଶିଳ୍ପୀ ଡ. ସୁରେନ୍ଦ୍ର ମେହେରଙ୍କ ସହ ଅନ୍ତରଙ୍ଗ ଆଳାପ କରିଥିଲେ। ବାନ୍ଧଶିଳ୍ପୀ ଡ. ମେହେର ସମ୍ବଲପୁରୀ ପାଟବସ୍ତ୍ର ବୟନର କୌଶଳ ଓ କାରିଗରୀ ସମ୍ପର୍କରେ ବ୍ୟାଖ୍ୟା କରି ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଥିଲେ। ଉକ୍ତ କର୍ମଶାଳାକୁ ଡ. ଅନନ୍ତ ମେହେର, ଯୋଗେନ୍ଦ୍ର ମେହେର, ଡ. ସ୍ମିତା ପାଣିଗ୍ରାହୀ, ଛନ୍ଦାରାଣୀ ବେସନ, ଶାନ୍ତନୁ ସୁନା ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଆୟୋଜନରେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନକୁଳ ସେଠ୍ ଆନୁଷ୍ଠାନିକ ଭାବେ କ୍ଷେତ୍ର ଅଧ୍ୟୟନ କର୍ମଶାଳାକୁ ଉଦ୍‌ଘାଟନ କରିଥିବା ବେଳେ ପରିଚାଳନା କରିଥିଲେ ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଶେଷନ ବିଶି।

# ଝାରବନ୍ଧରେ ଗୀତାଶ୍ଳୋକ ଆବୃତ୍ତି ପ୍ରତିଯୋଗିତା

**ଝାରବନ୍ଧ, ୧୫ ।୧୨(ସମିସ):** ହରିହରାନନ୍ଦ ଗୀତା ପାଠଶାଳା ତରଫରୁ ବାର୍ଷିକ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ଏବିଇଓ ଦୟାନିଧି କୈବର୍ତ୍ତ, ବିସିକେଶନ ଶତପଥୀ, ପୂର୍ବତନ ଜିଲ୍ଲା ପରିଷଦ ହରିହର ସାହୁ, ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଦୀପ ପ୍ରମୁଖ ଯୋଗଦେଇ ସମାଜରେ 'ଗୀତା'ର ଭୂମିକା ବିଷୟରେ ଆଲୋଚନା କରିଥିଲେ। ଏହି ପ୍ରତିଯୋଗିତା ମୋଟ ୪୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ଯାଜ୍ଞସେନୀ ନାୟକ, ଶିକ୍ଷୟିତ୍ରୀ ଅନୁପମା ପ୍ରଧାନ, ଶିକ୍ଷକ ସୁଧୀର ସାହୁ, ରକ୍ଷପାଳ ସାହୁ, ଈଶ୍ୱର ନାଏକ, ଗୁଣମଣୀ ତ୍ରିପାଠୀ, ଗୋକୁଳାନନ୍ଦ ସାହୁ ପ୍ରମୁଖ ବିଚାରକ ଭାବେ ଉପସ୍ଥିତ ଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୃତିତ୍ୱ

**ଜମନକିରା, ୧୫।୧୨ (ସମିସ):** ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଓଡ଼ିଶା ଭୁବନେଶ୍ୱର ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମୁଣ୍ଡେନପାଲିର ଛାତ୍ରଛାତ୍ରୀ ମାନେ କୃତିତ୍ୱ ଅର୍ଜନ କରିଛନ୍ତି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଡିସେମ୍ବର ୧୩ ଓ ୧୪ ତାରିଖ ଅନୁଷ୍ଠିତ ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ମାନେ ୫ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ହାସଲ କରି ବିଦ୍ୟାଳୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ବାଳକ ବର୍ଗରେ ପ୍ରତୀକ ପ୍ରଧାନ ଚମ୍ପିଆନ ହୋଇଛନ୍ତି। କୃତି ଛାତ୍ରଛାତ୍ରୀଙ୍କୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମୁଣ୍ଡେନପାଲିର ସଭାପତି, ସମ୍ପାଦକ, ଗୁରୁଜୀ ଗୁରୁମା ତଥା ଅଭିଭାବକ ମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଘେଁସ ସର୍କଲସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା




**ମେଲଛାମୁଣ୍ଡା, ୧୫ ।୧୨(ସମିସ):** ସୋହେଲା ଗୋଷ୍ଠୀ ଶିକ୍ଷାବିଭାଗ ଅଧୀନସ୍ଥ ଘେଁସ ସର୍କଲ ପ୍ରାଥମିକ ଶିକ୍ଷକ ସଂଘର ସର୍କଲସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଘେଁସ ସର୍କଲ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁରେନ୍ଦ୍ର ମୋହନ ସାହୁଙ୍କ ସଭାପତିତ୍ୱ ରେ ସ୍ଥାନୀୟ ଗୁରୁଭବନ ଠାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ପଦ୍ମଶ୍ରୀ ଡ. ହଳଧର ନାଗ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବାବେଳେ ଘନଶ୍ୟାମ ସାହୁ, ସୋହେଲା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମନୋହର ଉଟି, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଲୋକେଶ୍ୱର ସିଂ ବରିହା ଓ ଘେଁସ ସର୍କଲ ଶିକ୍ଷକ ସଂଘର ସମ୍ପାଦକ ଲକ୍ଷ୍ମଣ ବରିହା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରଶେଖର ପୁରୋହିତ, ଉମାକାନ୍ତ ମିଶ୍ର, ଘାସିରାମ ସାହୁ, କୀର୍ତ୍ତିଚନ୍ଦ୍ର ସାବତ, ସୌକେଶଚନ୍ଦ୍ର ଚୌହାନ, ଯୋଗେନ୍ଦ୍ର ସାହୁ, ଓକିଲ ସା, ଡୋଲାମଣି ଭୋଇ, ଗୁରୁଦେବ ଭୋଇ, ପ୍ରଫୁଲ୍ଲ କୁମାର ମିଶ୍ର, ଅଶ୍ୱିନୀ ପୁରୋହିତ, ବିଜୟଲକ୍ଷ୍ମୀ ସାହୁ, ସୁରେଶ ମେହେର, ସ୍ୱାଧିନ ଭୋଇ, ଲବ ରାଉତ, ବାସନ୍ତୀ ଦାଶ, ପ୍ରଫୁଲ୍ଲ କୁମାର ସାବତ, ଜୟମିତ୍ର ସୁନା ଓ ଜୟନ୍ତ ବରିହା ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକ ଏପରି ମୋଟ ୧୯ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ନୂଆଭାବରେ ଯୋଗଦାନ କରିଥିବା ଶିକ୍ଷକ ଅଭୟକୁମାର ସୁନା, ରିଙ୍କି ପ୍ରଧାନ, ସ୍ୱାଧୀନ ସାବତ, ଟିକେଶ୍ୱରୀ ସାହୁ, ବାଳକୃଷ୍ଣ ନାଏକ, ବେଦବ୍ୟାସ ଭୋଇ, ବାବୁଲୁ ପ୍ରଧାନ ଓ ତପସ୍ୱିନୀ ଭୁଏ ପ୍ରମୁଖ ଏପରି ଆଠଜଣ ନବାଗତ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ମଧ୍ୟ ଜଣାଯାଇଥିଲା। ଶିକ୍ଷକ ଗୁଣନିଧି ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ହେମକାନ୍ତ ବାରିକ ଧାରାବିବରଣୀ ପଠନ ଓ ଲକ୍ଷ୍ମଣ ବରିହା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ ଟିକେଶ୍ୱର ପଧାନ, ଗୁଣନିଧି ଭୋଇ, ଅଚ୍ୟୁତାନନ୍ଦ ମୋହାପାତ୍ର, କ୍ଷୀରୋଦ୍ର ବାରିକ, ଗୌର କନ୍ଧ, ଧର୍ମେନ୍ଦ୍ର ସାହୁ ସହଯୋଗ କରିଥିଲେ। ଶିକ୍ଷକ ପ୍ରମୋଦ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚଳିତବର୍ଷର ଉଦୟନ ନାଟ୍ୟ ସମ୍ମାନ ପାଇବେ କନକ ତନସନା

**ସମ୍ବଲପୁର, ୧୫।୧୨ (ସମିସ) :** ପଶ୍ଚିମ ଓଡ଼ିଶାର ସ୍ୱନାମଧନ୍ୟ ମଞ୍ଚ ଅଭିନେତ୍ରୀ କନକ ତନସନା ଚଳିତବର୍ଷର 'ଉଦୟନ ନାଟ୍ୟ ସମ୍ମାନ' ପାଇବା ନିମନ୍ତେ ମନୋନୟନ କମିଟି ଦ୍ୱାରା ମନୋନୀତ ହୋଇଛନ୍ତି। ସମ୍ବଲପୁର ଝାଡୁଆପଡ଼ାର



ଯୁବଉଦୟନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇ ଆସୁଥିବା ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଅବସରରେ ପ୍ରଦାନ କରାଯାଉଥିବା ଏହି ସମ୍ମାନ ନିମନ୍ତେ ସମ୍ବଲପୁରୀ ନାଟକ ପ୍ରତି ସମର୍ପିତ ବହୁ ନାଟ୍ୟକର୍ମୀଙ୍କ ମଧ୍ୟରୁ କନକଙ୍କୁ ମନୋନୀତ ହୋଇଥିଲେ। ସେ ଦୀର୍ଘ ୨୫ବର୍ଷ ହେଲା ମଞ୍ଚ ନାଟକ ସହ ଜଡିତ ରହି ତାଙ୍କ ଉଚ୍ଚାଙ୍ଗ ଅଭିନୟ ନିମନ୍ତେ ବହୁ ପୁରସ୍କାର ଓ ସମ୍ମାନ ଅର୍ଜନ କରିଛନ୍ତି। ବିଶେଷ କରି ସମ୍ବଲପୁରୀ ନାଟକ କ୍ଷେତ୍ରରେ ତାଙ୍କ ଅତୁଳନୀୟ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଥିବା ଯୁବ ଉଦୟନ ସଭାପତି ସଞ୍ଜୟ ମିଶ୍ର ପ୍ରକାଶ କରିଛନ୍ତି। ଆସନ୍ତା ୨୯ ତାରିଖ ବୀର ସୁରେନ୍ଦ୍ର ସାଏ ୨୭ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଶେଷଦିବସ ଏବଂ ପୁରସ୍କାର ବିତରଣୀ ସଭାରେ ଏହି ସମ୍ମାନ ପ୍ରଦାନ କରାଯିବ।

## ୧୮ରୁ ମାରୱାଡି ମହୋତ୍ସବ

# ୩ ରାଜ୍ୟର ଐତିହ୍ୟ, ସଂସ୍କୃତି, ପରମ୍ପରାର ମହାମିଳନ

**ସମ୍ବଲପୁର, ୧୫।୧୨ (ସମିସ) :** ଦୀର୍ଘ ୧୨ ବର୍ଷ ପରେ ଆସନ୍ତା ୧୮ରୁ ୨୨ ତାରିଖ ପାଞ୍ଚଦିନ ବ୍ୟାପୀ ସମ୍ବଲପୁର ମାଟିରେ ପୁଣିଥରେ ଆୟୋଜିତ ହେବ ମାରୱାଡ ମହୋତ୍ସବ। ମାରୱାଡି ଯୁବା ମଞ୍ଚ, କ୍ଷେତରାଜପୁର ଶାଖା ଏବଂ ରାଜସ୍ଥାନ ଫାଉଣ୍ଡେସନ, ଓଡ଼ିଶା ମିଳିତ ଆନୁକୂଲ୍ୟରେ ଏହା ରେମେଡ ଛକ ନିକଟସ୍ଥ ଲରପଙ୍କର ପ୍ରଭୁ ଚନ୍ଦ୍ରା ହୀରାକୁଦ ରିସୋର୍ଟଠାରେ ହେବ। ଓଡ଼ିଶା, ରାଜସ୍ଥାନ ଓ ହରିୟାଣା ତିନୋଟି ରାଜ୍ୟର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ମହାମିଳନ ହେବ ଏହି ମହୋତ୍ସବ ବୋଲି ଭିଏସଏସ ମାର୍ଗସ୍ଥିତ ଏକ ଘରୋଇ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମ ଚେୟାରମେନ୍ ମାଧବ ଡାଲମିଆ, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ପରାଗ ଅଗ୍ରୱାଲ, ଉପଦେଷ୍ଟା ପ୍ରଫୁଲ୍ଲ ହୋତା, ଯୁପିଏମ୍ଏସ୍, ଓଡ଼ିଶା ପୂର୍ବତନ ରାଜ୍ୟ ସଭାପତି ଅଶୋକ ଜଲାନ, ଶ୍ରୀକ୍ରିଷ୍ଣା ଗୋଶାଲା, ସଭାପତି ଚନ୍ଦ୍ରକୁମାର ସରାଫ, ଗଣେଶ ଅଗ୍ରୱାଲ, ମାନସ ବକ୍ସି, ଯୁପିଏମ୍ଏସ୍, ଓଡ଼ିଶା ରାଜ୍ୟ ଉପସଭାପତି ମଙ୍ଗତୁ ରାମ ଅଗ୍ରୱାଲ, ଗଣମାଧ୍ୟମ ସଂଯୋଜକ ମୁକେଶ ଜରିୱାଲ ପ୍ରମୁଖ ଉପସ୍ଥିତ ଥିଲେ।

ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ, 'ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍' ପରିକଳ୍ପନାର ଅଂଶବିଶେଷ ହେଉଛି ଏହି ମାରୱାଡ ମହୋତ୍ସବ। ଏହାର ମୂଳ ଲକ୍ଷ୍ୟ ହେଉଛି ପରିଚୟ, ଭାବନାର ଆଦାନପ୍ରଦାନ, କଳା, ସଂସ୍କୃତି ଓ ପରମ୍ପରାର ପ୍ରଦର୍ଶନ ଓ ମହାସଙ୍ଗମ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ହେବାକୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜସ୍ଥାନର ସୁପ୍ରସିଦ୍ଧ ଲୋକଗାୟକ ପଦ୍ମଶ୍ରୀ ମହାବୀର ସିଂ ଗୁଡ୍ଡୁ, ମାମେ ରୱାନ, ମରୁ କୋକିଲା, ସୀମା ମିଶ୍ର, ବଲିଉଡ ଗାୟକ ପବନଦୀପ ରାଜନ, ରୂପଲି ଜଗ୍ଗା, ସୁପ୍ରସିଦ୍ଧ ସମ୍ବଲପୁରୀ ଗାୟକ ମଣ୍ଟୁ ଛୁରିଆ, ଉମାକାନ୍ତ ବାରିକ ଭଳି କଳାକାର ମାନେ ଯୋଗଦେବେ। ଏହାସହ ସମ୍ବଲପୁରୀ ଲୋକନୃତ୍ୟ, ଓଡ଼ିଶୀ ନୃତ୍ୟ, ଗୋଟିପୁଅ ନାଚ, ଘୁଡକା ନୃତ୍ୟ, ଘୁମୁରା ନୃତ୍ୟ, ମଟ୍‌କା ନୃତ୍ୟ ଆଦି ପରିବେଷଣ କରାଯିବ ବୋଲି ଜଣାପଡ଼ିଛି। ମହୋତ୍ସବରେ ଏକ ବିଶାଳ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଛି। ପ୍ରଦର୍ଶନୀ ସ୍ଥଳରେ ଭାରତର ବିଭିନ୍ନ କଳା, ସଂସ୍କୃତି, ପରମ୍ପରା, ଐତିହ୍ୟର ଝଲକ ଦେଖିବାକୁ ମିଳିବ। ସମ୍ବଲପୁରୀ ବସ୍ତ୍ର, ରାଜସ୍ଥାନୀ ବସ୍ତ୍ର ତଥା ଓଡ଼ିଆ, ରାଜସ୍ଥାନୀ, ସମ୍ବଲପୁରୀ ପାରମ୍ପରିକ ଖାଦ୍ୟପେୟ ଷ୍ଟଲ କରାଯିବ ବୋଲି କୁହାଯାଇଛି। ଏହି ମହୋତ୍ସବରେ ପଦ୍ମ ସମ୍ମାନରେ ସମ୍ମାନିତ ବ୍ୟକ୍ତିବିଶେଷଙ୍କ ସମେତ ପ୍ରମୁଖ ରାଜନୈତିକ ବ୍ୟକ୍ତିବିଶେଷ, ଶିଳ୍ପପତି, ସାମ୍ବାଦିକ, ଲୋକ କଳାକାର, କବି, ଲେଖକ, ସମାଜସେବୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହେବାପାଇଁ ସହମତି ପ୍ରଦାନ କରିଥିବା ସୂଚନା ଦିଆଯାଇଛି।

## ବୀର ସୁରେନ୍ଦ୍ର ସାଏ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଜିଏଫସି ସମ୍ବଲପୁର ଚାମ୍ପିଅନ

**ଜମନକିରା, ୧୫।୧୨ (ସମିସ)**

ଜମନକିରା ବ୍ଲକ ତୁଲୁବ ବୀର ସୁରେନ୍ଦ୍ର ସାଏ କପ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି। ଉଦଘାଟନ ସମାରୋହରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଆର୍ମି ଅଫିସର ବେଣୁ ଧର ନାଏକ ଯୋଗଦେଇ ଫୁଟବଲ ଖେଳକୁ ଆରମ୍ଭ କରିଥିଲେ। ଆଜି ଦ୍ୱିତୀୟ ଦିବସରେ ମଧ୍ୟ ୪ଟି ଫୁଟବଲ ଟିମ୍ ଖେଳରେ ଭାଗ ନେଇଥିଲେ। ଫାଇନାଲ ଖେଳରେ ମୁଖ୍ୟ ଅତିଥି ଭାବରେ ଜମନକିରା ଅତିରିକ୍ତ ତହସିଲଦାର ସୌରଭ ସାହୁ, ସମ୍ମାନୀତ ଅତିଥି ଭାବରେ ଜମନକିରା ଥାନା ଏସଆଇ ମନୋରଞ୍ଜନ ଦାସ ଯୋଗ ଦେଇଥିଲେ। ଫାଇନାଲ ଲିହାନ ବ୍ଲାଷ୍ଟର ସହ ଜିଏଫସି ସମ୍ବଲପୁର ମଧ୍ୟରେ ହୋଇଥିଲା। ସମୟ ସୀମା ମଧ୍ୟରେ କେହି କାହାରିକୁ ଗୋଲ ଦେଇ ନପାରିବାରୁ ଶେଷରେ ଟ୍ରାଇବେକର୍ ସାହାଯ୍ୟ ନେଇଥିଲେ। ଏଥିରେ ଜିଏଫସି ସମ୍ବଲପୁର ଚମ୍ପିଆନ ହୋଇଥିଲା। ଚମ୍ପିଆନ ଓ ରନର୍ସଅପ ଦଳକୁ ଅତିଥିମାନେ ଟ୍ରଫି ଓ ନଗଦ ରାଶି ପ୍ରଦାନ କରିଥିଲେ। ଅମିତ୍ ପାଣ୍ଡେ ମେନ୍ ଅଫ ଦି ସିରିଜ୍ ଓ ଦିନେଶ ଓରାମ ମେନ୍ ଅଫ ଦି ମ୍ୟାଚ ପ୍ରଦାନ କରା ଯାଇଥିଲା। ଖେଳକୁ ଅଶ୍ୱିନୀ ବେରିହା, ରତ୍ନାକର ରାଏ, ଚନ୍ଦ୍ର କିସାନ, ତନ୍ମୟ କିସାନ, ରାଜ ମଣ୍ଡଳ, ଅନିଲ କିସାନ ଓ ଧିରଜ ଲୁହାର ପରିଚାଳନା କରିଥିଲେ। ଧାରା ବିବରଣୀ ମନୋଜ ଧର ପ୍ରଦାନ କରିଥିଲେ। ବୀର ସୁରେନ୍ଦ୍ର ସାଏ କ୍ଲବର




ସରୋଜ ଧର, ଗୟାନିଧି ଝାଙ୍କର, ରାଜୀବ ନାୟକ, ବୁଧୁଆ ତିର୍କୀ, କୌଲାସ ରାଓ, ଦେବେନ୍ଦ୍ର ଧର, ମନମୋହନ ନାଏକ, ଚନ୍ଦ୍ର ଝାଙ୍କର, ବ୍ରଜ ମୋହନ ନାଏକ, ନୃପଲାଲ ବେହେରା, ମୋହନ ମହାନନ୍ଦ, ଲୋକନାଥ ପଟେଲ, ଶରତ ପଟେଲ, ସଞ୍ଜୀବ ନାୟକ, ଶ୍ରୀକାନ୍ତ ପଟେଲ, ଅଶୋକ ରୋଉନା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଏନ୍ଏସି କଲେଜ ସ୍ନାତକୋତ୍ତର ଓଡ଼ିଆ ବିଭାଗର ଆଲୋଚନାଚକ୍ର

**ସମ୍ବଲପୁର, ୧୫।୧୨ (ସମିସ) :** ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ 'ମାଟିର ମହାକବି ସାରଳା ଦାସଙ୍କ ମହାଭାରତ' ଶୀର୍ଷକ ସାପ୍ତାହିକ ଆଲୋଚନାଚକ୍ର ଆଜି ଅନୁଷ୍ଠିତ ହୋଇଯାଇଛି। ପାଠଚକ୍ର ସମ୍ପାଦକ ସ୍ନାତକୋତ୍ତର ଦ୍ୱିତୀୟବର୍ଷ ଛାତ୍ର ପର୍ଶୁରାମ ରାଉଳଙ୍କ ସଂଯୋଜନା ତଥା ବିଭାଗୀୟ ମୁଖ୍ୟ ଡକ୍ଟର ଶ୍ୟାମ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଭାଗମୁଖ୍ୟ ଡ. ଭୋଇ ସ୍ୱାଗତ ସମ୍ଭାଷଣ ସହିତ ମାଟିର ମହାକବି ସାରଳା ଦାସଙ୍କ କବିତ୍ୱ ଓ କୃତିତ୍ୱ ସମ୍ପର୍କରେ ସୂଚନା ଏବଂ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହାପରେ ସ୍ନାତକୋତ୍ତର ପ୍ରଥମବର୍ଷ ଛାତ୍ରୀ ପ୍ରିୟଙ୍କା ତନସନା 'ସାରଳା ମହାଭାରତରେ କବିଙ୍କ ମୌଳିକତା' ଓ ସୋନାଲି ବିଶ୍ୱାଳ 'ସାରଳା ମହାଭାରତରେ ଚରିତ୍ର ଚିତ୍ରଣ' ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶାନ୍ତନୁ ତାଣ୍ଡି ଏବଂ ପର୍ଶୁରାମ ରାଉଳ ମଧ୍ୟ ଆଲୋଚିତ ପ୍ରସଙ୍ଗ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହାପରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭାଗର



ସହକାରୀ ପ୍ରଫେସର ଡ. ଶ୍ରଦ୍ଧାମୟୀ ପୁରୋହିତ, ସହକାରୀ ପ୍ରଫେସର ଡ. ରଶ୍ମିତା ରାଉତରାୟ ଏବଂ ଅଧ୍ୟାପକ ରୋଶନ ଭୋଇ ପ୍ରମୁଖ ସାରଳା ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶେଷରେ ପାଠଚକ୍ର ସହ-ସମ୍ପାଦିକା ତଥା ସ୍ନାତକ ପ୍ରଥମ ବର୍ଷ ଛାତ୍ରୀ ଭାରତୀ ଲୁହା ଧନ୍ୟବାଦ ଅର୍ପଣ କରିଥିଲେ।

### ପଲ୍ଲୀରୁ ଯାଇ ଦିଲ୍ଲୀରେ ସମ୍ମାନିତ

# ଜଗନ୍ନାଥ କୁମ୍ଭାରଙ୍କୁ ଭଗବାନ ବୁଦ୍ଧ ଜାତୀୟ ସମ୍ମାନ

**ବରଗଡ଼, ୧୫।୧୨(ସମିସ):** ଦୃଢ଼ ଇଚ୍ଛାଶକ୍ତି ଆଗରେ ହାର ମାନିଛି ସମସ୍ୟା, କିଛି ସମାଜ ପାଇଁ କଳା ସଂସ୍କୃତି ସାହିତ୍ୟ ଦିଗରେ କିଛି ନୂଆଁ କରିବାର ପରିଶ୍ରମ ଆଜି ସଫଳତାର ଗୋଟିଏ ପାଦ ଦେଇଛି। ଗାଁ ମାଟିରୁ ଯାଇ ଦିଲ୍ଲୀ ଦରବାରେ ମିଳିଛି ସମ୍ମାନ। ଚଳିତ ଡିସେମ୍ବର ୧୨ ଓ ୧୩ ତାରିଖ ଦିଲ୍ଲୀରେ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ତରଫରୁ ଅନୁଷ୍ଠିତ ହୋଇଥିଲା ରାଷ୍ଟ୍ରୀୟ ଦଳିତ ସାହିତ୍ୟକାର ସମ୍ମିଳନୀ କାର୍ଯ୍ୟକ୍ରମ।ଏହି କାର୍ଯ୍ୟକ୍ରମ ରେ ସମ୍ମାନିତ କରିବା ପାଇଁ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଚାରପାଲି ଗ୍ରାମର ଜଗନ୍ନାଥ କୁମ୍ଭାରଙ୍କୁ ଡାକରା ହୋଇଥିଲା। ସେ ଜଣେ ଏକାଧାରରେ କବି, ଲେଖକ, ଗାୟକ ତଥା ସାମ୍ବାଦିକ ଅଟନ୍ତି। ଗାଁ ମାଟିର କଥା, ସମସ୍ୟା ଲୋକ ଲୋଚନ କୁ ଆଣିବା ସହିତ ମାଟି ର ପ୍ରତିଭା, କଳା ସଂସ୍କୃତି, ପରମ୍ପରା, ସାହିତ୍ୟ, ନୃତ୍ୟ ଗୀତ କୁ ଜୀବିତ ରଖିବା ପାଇଁ ଅହରହ ଉଦ୍ୟମରତ।ଦିଲ୍ଲୀର ଏହି ରାଷ୍ଟ୍ରୀୟ ସମ୍ମିଳନୀ ମଞ୍ଚରେ 'ଭଗବାନ ବୁଦ୍ଧ ଜାତୀୟ ସମ୍ମାନ-୨୦୨୫ ସହିତ ଉତ୍ତରୀୟ, ଫଳକ, ପୁଷ୍ପ ଗୁଚ୍ଛ ପ୍ରଦାନ କରି ଏକାଡେମୀର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ.ସୋହାନପାଳ ସୁମନକ୍ଷର, ସାଧାରଣ ସମ୍ପାଦକ ଜୟ ସୁମନକ୍ଷର, ସାଂସଦ ନିରଞ୍ଜନ ବିଶି, ଓଡ଼ିଶା ରାଜ୍ୟ ସଭାପତି ନିହାଲ ସିଂ, ଉପସଭାପତି ମୋମିନା ଖାତୁନ, ଗଦାଧର ନିଆଲ, ବିପ୍ରଚରଣ ଜୟପୁରିଆ ସମେତ ସାରା ଦେଶର ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତରେ ଚାରପାଲି ମାଟିର ସନ୍ତାନ ଜଗନ୍ନାଥ କୁମ୍ଭାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।



# ପଦ୍ମପୁର ସଂକୁଳସ୍ତରୀୟ କ୍ରୀଡ଼ା ସମାରୋହ

**ପଦ୍ମପୁର, ୧୫।୧୨(ସମିସ):** ପଦ୍ମପୁର ଉପଖଣ୍ଡ ସର୍ଗିବାହାଲ ସରସ୍ୱତୀ ଶିଶୁ ମନ୍ଦିରରେ ସଂକୁଳସ୍ତରୀୟ କ୍ରୀଡା ସମାରୋହ ଆଦିବାସୀ ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଇଚ୍ଛାପାଲି ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ସୁମନ୍ତ ପଧାନ ଯୋଗଦେଇ ଧ୍ୱଜାରୋହଣ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପରିଚାଳନା ସମିତିର ସଭାପତି ପ୍ରେମାନନ୍ଦ ବାରିକ ପଦ୍ମପୁର ସଂକୁଳ ସଂଯୋଜକ ଚୈତନ୍ୟ ଭୋଇ, ବିଦ୍ୱତ୍ ପରିଷଦ ସଦସ୍ୟ ଦାଉଦ୍ କୁଅଁର, ୯ଟି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ, ମାତୃଭାରତୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ପ୍ରହଲ୍ଲାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋପ ସମୟରେ ମୁଖ୍ୟ ଅତିଥି ଭାବେ ଡ.ଶ୍ରୀବତ୍ସ ଶାସ୍ତ୍ରୀ ଯୋଗ ଦେଇଥିଲେ। ଶାରୀରିକ ଜ୍ଞାନ ବିଷୟରେ ମାର୍ଗଦର୍ଶନ ଦେଇଥିଲେ ଓ ଧ୍ୱଜାଅବତରଣ କରିଥିଲେ। ସ୍ଥାନୀୟ ପ୍ରଧାନଆଚାର୍ଯ୍ୟ ପ୍ରମୋଦ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ।ଏହି ସଂକୁଳ ସ୍ତରୀୟ କ୍ରୀଡା ସମାରୋହକୁ ବିଭାଗ ଶାରୀରିକ ପ୍ରମୁଖ ନରସିଂହ ସାହୁ ଓ ସଂକୁଳ ଶାରୀରିକ ପ୍ରମୁଖ ପ୍ରଦୀପ ରାଜହଂସ ପରିଚାଳନା କରିଥିଲେ। ମୋଟ ୧୯୫ ଜଣ ଶିଶୁ ଭାଇଭଉଣୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅତିଥିଙ୍କ ଦ୍ୱାରା ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଭାପତି ପ୍ରେମାନନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗ କରିଥିଲେ।



# ଉପଜିଲ୍ଲାପାଳ ଅଫିସ ସମ୍ମୁଖରେ ଚାଷୀଙ୍କ ଧାରଣା

## କୃଷକ ସଂଗଠନ ସହିତ ଉପଜିଲ୍ଲାପାଳଙ୍କ ଆଲୋଚନା

**ପଦ୍ମପୁର, ୧୫।୧୨(ସମିସ)**

ରାଜବୋଡାସମ୍ବର କୃଷକ ସଂଗଠନ ତରଫରୁ ପଦ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାରଣା ଦେଇଛନ୍ତି। ଧାନ କିଣାବିକା ଗୋଳକଧନ୍ଦାରେ ଚାଷୀ ସନ୍ଦିହାନ ହୋଇ ଧୈର୍ଯ୍ୟର ସୀମାଲଙ୍ଘି ଚାଷୀ ମଣ୍ଡି ବଦଳରେ ପ୍ରଶାସନିକ ଅଧିକାରୀ ପାଖକୁ ଦୌଡୁଛି। ଆନ୍ଦୋଳନ ମୁହାଁ ଚାଷୀ ଆଜି ପଦ୍ମପୁର ଉପାଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାନ ପକାଇ ଆନ୍ଦୋଳନ କରିବାକୁ ଘୋଷଣା କରିଥିଲେ ହେଲେ ପ୍ରଶାସନ ପୁଲିସ ଲଗାଇ ପଦ୍ମପୁର ସହରକୁ ଚାରିପଟୁ ଘେରାବନ୍ଦୀ କରି ପ୍ରତ୍ୟେକ ଲୋକଙ୍କୁ ଯାଞ୍ଚ କରୁଥିଲେ ଯେପରି ଗୋଟିଏ ବସ୍ତା ଧାନ ମଧ୍ୟ ସହରକୁ ପଶିବ ନାହିଁ। ଯେଉଁ ଚାଷୀମାନେ ଧାନ ଧରି ଆସୁଥିଲେ ସେମାନଙ୍କୁ ଅଟକାଇ ଦେଉଥିଲେ। ଧାନ ଗାଡି ମୋଟର ଗୁଡିକୁ ଫେରାଇ ଦେଉଥିଲେ। ଶେଷରେ ଚାଷୀମାନେ ଖାଲି ହାତରେ ଆସି ଉପାଜିଲ୍ଲାପାଳ ଅଫିସ ସମ୍ମୁଖରେରେ ଧାରଣାରେ ବସିଲେ। ଧାରଣା ଚାଲିଥିବା ସମୟରେ ଉପାଜିଲ୍ଲାପାଳ ସ୍ନେହା ଆରୁଗୁଳା ଧାରଣାସ୍ଥଳକୁ ଆସି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଚାଷୀମାନେ ମଣ୍ଡିରେ ପଡ଼ିଥିବା ଧାନ ଶୀଘ୍ର ଉଠାଇବା ସହିତ ସମସ୍ତ ଚାଷୀଙ୍କ ଟୋକନ ଜାରି କରାଯାଉ ବୋଲି ଦାବି କରିଥିଲେ। ମଣ୍ଡିରେ ମିଲ ଏଜେଣ୍ଟ ମାନେ ଚାଷୀଙ୍କ ଧାନର ମାନ ନିର୍ଣ୍ଣୟ କରି ୩ରୁ ୪କେଜି କଟଣି ଦେବାକୁ ବାଧ୍ୟ କରୁଛନ୍ତି। ଏହାକୁ ଚାଷୀମାନେ ପ୍ରତିବାଦ କରି ଆରଏମ୍‌ସି କିମ୍ବା ସୋସାଇଟି



କର୍ମଚାରୀମାନ ନିର୍ଣ୍ଣୟ କରନ୍ତୁ ଏବଂ ମିଲରମାନେ ହସ୍ତକ୍ଷେପ କରନ୍ତୁ ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଥିଲେ। ଚଳିତ ବର୍ଷ ବହୁତ ଚାଷୀଙ୍କ ଜମି ତୁଳନାରେ ଅତି କମ ଟୋକନ ଆସୁଥିବାରୁ ଉପାଜିଲ୍ଲାପାଳଙ୍କ ଅଫିସରେ ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନେଇ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଉ ଓ କିପରି ଠିକ ଭାବେ ଟୋକନ ଆସିବ ତାହାର ବ୍ୟବସ୍ଥା କରାଯିବାକୁ ଦାବି କରିଥିଲେ। ସରକାର ବିଧାୟକମାନଙ୍କ ଦରମା ୩ଗୁଣା ବୃଦ୍ଧିକରି ପାରିଲେ ଅଥଚ ଚାଷୀଙ୍କୁ ବର୍ଦ୍ଧିତ ୬୯ ଟଙ୍କା ଦେବାକୁ କୁଣ୍ଠାବୋଧ କରୁଛନ୍ତି। ଏଣୁ ଚାଷୀଙ୍କୁ କଇଣ୍ଟାଲ ପିଛା ୩୧୬୯ଟଙ୍କା ତୁରନ୍ତ ଦିଆଯାଉ ନଚେତ ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ବିଲ କୁ ସରକାର ପ୍ରତ୍ୟାହାର କରନ୍ତୁ ବୋଲି ଦାବିକୁ ରାଜ୍ୟସରକାରଙ୍କ ନିକଟକୁ ପଠାଇବାକୁ ଦାବି କରିଥିଲେ। ଉପାଜିଲ୍ଲାପାଳ ସମସ୍ତ ଦାବିକୁ ଆଲୋଚନା କରି ଆସନ୍ତା ୨୦ ତାରିଖ ଭିତରେ ସମସ୍ତ ଚାଷୀଙ୍କ ଟୋକନ ଆସିବ ଓ ଟାର୍ଗେଟ ବୃଦ୍ଧିକରି ଶୀଘ୍ର ଧାନ ଲିଫଟିଙ୍ଗ ହେବ ଓ ମିଲରମାନଙ୍କ ହସ୍ତକ୍ଷେପ ରହିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଆଲୋଚନା ପରେ ଚାଷୀମାନେ ୨୦ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନକୁ ସ୍ଥଗିତ ରଖିଥିବା ନଚେତ ୨୧ ତାରିଖ ସରକାରୀ କାର୍ଯ୍ୟାଳୟ, ରାସ୍ତାଘାଟ, ସ୍କୁଲ କଲେଜ, ବ୍ୟାଙ୍କ ସବୁ ଅଚଳ କରାଯିବ ବୋଲି ସଭା ରେ ଘୋଷଣା କରିଥିଲେ। ଆଲୋଚନା ରେ ରାଜବୋରାସମ୍ବର କୃଷକ ସଂଗଠନର ଆଇନ ପରାମର୍ଶଦାତା ଅଜିତ ଶତପଥି, ଆବାହକ ଅଶୋକ ସାହୁ, ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ସଦସ୍ୟ ରମେଶ ମହାପାତ୍ର ଭାଗ ନେଇଥିବା ବେଳେ ଧାରଣାରେ ପଦ୍ମପୁର ବ୍ଲକ ସଭାପତି ପଞ୍ଚାନନ ସାହୁ, ଉପସଭାପତି

**ଦାବି ପୂରଣ ନ ହେଲେ ୨୧ରୁ ଆନ୍ଦୋଳନ**

ସୁବାଷ ସାମନ୍ତରାୟ, ଗାଇସିଲଟ ସଂଗଠନ ସଭାପତି ଅରବିନ୍ଦ ପଣ୍ଡା, ସରୋଜ ସାହୁ, ପାଇକମାଳ ବ୍ଲକରୁ ଅରକ୍ଷିତ ପଧାନ, ପଦ୍ମପୁର ଏନଏସିରୁ କାହ୍ନୁଚରଣ ମେହେର, ରୁକ୍ମନ ବରିହା, ଜଳେଶ ରଣା, ନିରାକାର ସାହୁ, ବିଜୟ ସାହୁ, କେନ୍ଦୁମୁଣ୍ଡା ଗୌନ୍ତିଆ, ରୋହିତ ପ୍ରଧାନ, ଅଶୋକ ଦାନୀଙ୍କ ସମେତ ଝାରବନ୍ଧ ବ୍ଲକରୁ ଜୟପତି ଭୋଇ, ଚିତ୍ତରଞ୍ଜନ ପଟେଲଙ୍କ ସମେତ ଶହ ଶହ ଚାଷୀ ଉପସ୍ଥିତ ଥିଲେ।

# ଜିଲ୍ଲାପାଳ, ଏସ୍‌ପିଙ୍କ ଅଭିଯୋଗ ଶୁଣାଣି ଶିବିର

**ଅମ୍ବାଭୋନା, ୧୫।୧୨ (ସମିସ):** ଅମ୍ବାଭୋନା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କୁବେର ମହନ୍ତ, ଅମ୍ବାଭୋନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲଳିତ ବାଗ ଏବଂ ବ୍ଲକ ଅଧ୍ୟକ୍ଷ କୀର୍ତ୍ତି ଚନ୍ଦ୍ର ଦୁଆନ, ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ସବୁଆ ମାଝୀ, ଅବକାରୀ ଅଧିକ୍ଷକ ସୁବର୍ଣ୍ଣ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟଜଳ ଯୋଗାଣ, ରାସନକାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୧୯୭ଟି ଅଭିଯୋଗ ମଧ୍ୟରୁ ୧୭୭ଟି ବ୍ୟକ୍ତିଗତ, ୨୦ଟି ସାମୂହିକ ଅଭିଯୋଗ ଏବଂ ୪ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପୂର୍ଣ୍ଣଚନ୍ଦ୍ର ପୁରୋହିତଙ୍କ ପରଲୋକ

**ପଦ୍ମପୁର, ୧୫।୧୨(ସମିସ):** ପଦ୍ମପୁର ସହର ୱାର୍ଡ ନମ୍ବର-୩ ବଡବନ୍ଧପଡ଼ା ନିବାସୀ ପୂର୍ଣ୍ଣଚନ୍ଦ୍ର ପୁରୋହିତଙ୍କ ୮୭ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି।ସେ କିରାଣୀ ଭାବରେ ବରଗଡ଼, ପଦ୍ମପୁର, ସମ୍ବଲପୁର, ସୁନ୍ଦରଗଡ଼ ଏବଂ ରାଉରକେଲା ଆଦି କୋର୍ଟରେ ଚାକିରି କରି ୧୯୯୭ ମସିହାରେ ଅବସର ଗ୍ରହଣ କରିଥିଲେ।ମୃତ୍ୟୁ ଶଯ୍ୟା ନିକଟରେ ପରିବାରଜନ ଏବଂ ପ୍ରିୟଜନ ସମସ୍ତେ ଉପସ୍ଥିତ ଥିଲେ। ପଦ୍ମପୁର ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଡୋଳାମଣି ମୁଖାଗ୍ନି ଦେଇଥିଲେ।

## ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଆତ୍ମରକ୍ଷା ଶିବିର

**ଭଟଲି, ୧୫।୧୨(ସମିସ):** ବରଗଡ଼ ଜିଲ୍ଲାର ଭଟଲି ବ୍ଲକ ଗୌଡ଼ଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ପାଇଁ 'ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ଦୀପ୍ତିମୟୀ ଝାଙ୍କର ଓ ସୁଚିତ୍ରା ମିର୍ଦ୍ଧା ସାଧନ କର୍ମୀ ଭାବେ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ବିଷୟରେ ତାଲିମ ପ୍ରଦାନ କରିଥିଲେ। ଗୌଡ଼ଗାଁ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତୀ ଭୋଇ ଓ ଦୁର୍ଲ୍ଲଭୀ ସିଦାର ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ପରିତୋଶ କୁମାର ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଝିଲିମିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ମେଳା

**ବରଗଡ଼, ୧୫।୧୨(ସମିସ):** ବରଗଡ଼ ଜିଲ୍ଲା ଅତାବିରା ଥାନା ଝିଲିମିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ତ୍ରିପତି ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ସମସ୍ତଙ୍କ ଶୁଭ କାମନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମକୁନ୍ଦ ମହାରଣା ଉଦ୍ଦେଶ୍ୟଜ୍ଞାପନ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ।ସୁଶ୍ରୀ କୁନ୍ତୀ ପ୍ରଧାନ ଶିଶୁ ମେଳା ବିଷୟରେ ମାର୍ଗ ଦର୍ଶନ ଦେଇଥିଲେ। ସମାଜସେବୀ ସତ୍ରାଜିତ ମେହେର ମଞ୍ଚାସୀନ ଥାଇ ଶିଶୁ ମେଳାର ଲକ୍ଷ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଶୁ କାର୍ଯ୍ୟକ୍ରମକୁ ତାପସ ଭୋଇ ପରିଚାଳନା କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଅଭିଭାବକ, ଶିଶୁ ଭାଇ ଭଉଣୀଙ୍କ ଦ୍ୱାରା ଶିଶୁ ମେଳାରେ ୪୭ଟି ବିଭିନ୍ନ ପ୍ରକାରର ଜିନିଷ କିଣା ବିକା ଚାଲିଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ଦୀପକ କୁମାର ଭୋଇଙ୍କ ଦେହାନ୍ତ

**ମେଲଛାମୁଣ୍ଡା, ୧୫।୧୨ (ସମିସ):** ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ମେଲଛାମୁଣ୍ଡା ଗ୍ରାମର ଗୌନ୍ତିଆ ଦୀପକ କୁମାର ଭୋଇ(୬୭)ଙ୍କ ଦେହାନ୍ତ ହୋଇଯାଇଛି। କିଛିଦିନ ହେବ ସେ ରାୟପୁରସ୍ଥିତ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶନିବାର ସନ୍ଧ୍ୟାରେ ମେଲଛାମୁଣ୍ଡାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ପୂର୍ବତନ ସରପଞ୍ଚ ସିଦ୍ଧାର୍ଥ ମିଶ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ସାଧୁ ଚରଣ ଗଡ଼ତିଆ, ଡାକ୍ତର ଦିଲିପ କୁମାର ଭୋଇ, ପ୍ରଶାନ୍ତ କୁମାର ଦେବତା, ସଞ୍ଜୀବ ନାୟକ, ସଞ୍ଜୀବ ସାହୁ, ଅମୀୟ ଆଚାର୍ଯ୍ୟଙ୍କ ସମେତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ସମାଜସେବୀ ଗୋପାଳ ଅଗ୍ରୱାଲ, ଅବସରପ୍ରାପ୍ତ ଶିକ୍ଷକ ପର୍ଶୁରାମ ମିଶ୍ର, ସମାଜସେବୀ ମାଙ୍ଗୁ ରାମ ଜୈନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଆତ୍ମାର ସଦଗତି କାମନା କରିଛନ୍ତି। ବଡ ପୁଅ ଶକ୍ତି ରାଜ ଭୋଇ ମୁଖାଗ୍ନି ଦେଇଥିଲେ।



# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଉଦ୍‌ଯାପିତ

**ବରପାଲି, ୧୫।୧୨(ସମିସ):** ଶିକ୍ଷକମାନେ ଗୁରୁ ହେବାକୁ ଅନୁରୋଧ ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ବାଗବାଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶତବାର୍ଷିକୀ ଉଦ୍‌ଯାପନୀ ଉତ୍ସବରେ ବକ୍ତବ୍ୟ ରଖିଥିଲେ। ଉତ୍ସବ କମିଟି ସଭାପତି ପ୍ରମୋଦ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶତବାର୍ଷିକ ଉତ୍ସବକୁ ମୁଖ୍ୟଅତିଥି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ଘାଟନ କରି ଗୁରୁ ଶିଷ୍ୟର ପରମ୍ପରାକୁ ସବୁବେଳେ ବଜାୟ ରଖିବା ଦରକାର ବୋଲି କହିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀନା ରଇତ, ତହସିଲଦାର ରୁକ୍ମଣ ମେହେର, ଜିଲ୍ଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଜିଲ୍ଲାପରିଷଦ ସଭ୍ୟ ଗୋବିନ୍ଦ ସାହୁ, ବିଡ଼ିଓ ସୁମନ୍ତ କୁମ୍ଭାର, ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ମାହାର, ବାଗବାଡି ପଞ୍ଚାୟତ ସରପଞ୍ଚ ସୁଷମା ଭୋଇ, କନବାର ସରପଞ୍ଚ ଅଧିକାରୀ ବାରିକ, ସମିତି ସଭ୍ୟା ଚତୁରୀ ମେହେର ଯୋଗଦେଇଥିବା ବେଳେ ଅତିଥିମାନଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଦୟ ଶଙ୍କର ନାୟକ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାକୁ ସଂଯୋଜନା କରିଥିଲେ ଗୋବିନ୍ଦ ବାରିକ ଓ ଆନନ୍ଦ ବାରିକ। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ବିବେଚିତ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# କୁଲତା ସମାଜ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

**ଗାଇସିଲେଟ, ୧୫।୧୨(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ସରଧାପାଲି ଗ୍ରାମ ଗିରିଧାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରବିବାର ଦିନ କୁଲତା ସମାଜ, ଗାଇସିଲେଟ ବ୍ଲକ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି।ଶିବିର ବାଲାଜୀ ହସ୍ପିଟାଲ୍ ରାୟପୁରର ଡାକ୍ତରମାନଙ୍କ ସହଯୋଗରେ ଆୟୋଜିତ ହୋଇଥିଲା। ଡ.କମଳାକାନ୍ତ ଭୋଇଙ୍କ ସହ ପାଞ୍ଚ ଜଣ ବିଶେଷଜ୍ଞ ଡାକ୍ତର ଏବଂ ତାଙ୍କ ଟିମ୍ ଚାରି ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ପ୍ରଦାନ କରିଥିଲେ। ଡ.ଭୋଇ ତାଙ୍କ ଉଦବୋଧନରେ ସ୍ୱାସ୍ଥ୍ୟ ସଚେତନତା, ନିୟମିତ ଚିକିତ୍ସା, ପରୀକ୍ଷା ଓ ସୁସ୍ଥ ଜୀବନଶୈଳୀର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ।କାର୍ଯ୍ୟକ୍ରମ କୁଲତା ସମାଜ, ଗାଇସିଲେଟ ବ୍ଲକର ସଭାପତି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱାଦଶ ପଧାନ ସଂଯୋଜନା କରିଥିଲେ। ଶିବିରରେ ରକ୍ତଚାପ, ରକ୍ତ ଶର୍କରା ଓ ଇସିଜି ପରୀକ୍ଷା କରାଯାଇଥିଲା। ଶିବିରରେ କୁଲତା ସମାଜ ଗାଇସିଲେଟ ବ୍ଲକର ସମ୍ପାଦକ ନରହରି ନାଏକ, ବରିଷ୍ଠ ସଦସ୍ୟ ବସନ୍ତ ସାହୁ, କଂଗ୍ରେସ ସାହୁ, ଯୁବସଦସ୍ୟ ଯଜ୍ଞେଶ୍ୱର ପଧାନ, ମନୋରଞ୍ଜନ ପଧାନ, କ୍ଷୀରୋଦ୍ର ପଧାନ, ପରଦେଶି ପଧାନ, ଆନନ୍ଦ ପଧାନ, ବିନୟ ସାହୁ, ଈଶ୍ୱର ପଧାନ, ସୁଭେନ୍ଦୁ ସାହୁ, ଝସକେତନ ପଧାନ, ପ୍ରଦୀପ୍ତ ପଧାନ, ଉମାକାନ୍ତ ପଧାନ, ସୁଜିତ ପଧାନ ପ୍ରମୁଖ ଯୋଗଦେଇ ସଫଳତାର ସହ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ।

# ଡଭାରେ ଯୁକ୍ତ ତିନି ମହାବିଦ୍ୟାଳୟ ଖୋଲିବାକୁ ଦାବିପତ୍ର

**ଝାରବନ୍ଧ, ୧୫।୧୨(ସମିସ):** ଝାରବନ୍ଧ ବ୍ଲକ ଡଭା ଠାରେ ଯୁକ୍ତ ତିନି ମହାବିଦ୍ୟାଳୟ ଖୋଲିବା ପାଇଁ ଓଡ଼ିଶା ସରକାରଙ୍କର ଉଚ୍ଚଶିକ୍ଷା ଓ କ୍ରୀଡ଼ା ଯୁବସେବାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଏକ ପ୍ରତିନିଧି ଦଳ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପଦ୍ମପୁର ଲୋକ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଆସିଥିବା ମନ୍ତ୍ରୀଙ୍କୁ ଭେଟି ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ଥିବା ସମସ୍ୟାର ଆଲୋଚନା ପୂର୍ବକ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କ ଉପସ୍ଥିତି ଏବଂସୁପାରିଶକ୍ରମେ ଦାବିପତ୍ର ପ୍ରଦାନ କରିଛନ୍ତି। ଯୁବସମାଜ ସେବୀ ବସନ୍ତ କୁମାର ସାହୁ, ଛୋଟଅନକୀ ସରପଞ୍ଚ ଚିନ୍ତାମଣି ରାଉତ, ବରିଷ୍ଠ ବିଜେପି ନେତା ଦୁର୍ଗା ପ୍ରସାଦ ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ।

## ଶକ୍ତି ସଂରକ୍ଷଣ ଦିବସ ଅବସରରେ କୁଇଜ୍, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା

**ବରଗଡ଼ ୧୫।୧୨(ସମିସ):** ରାଣା ପ୍ରତାପ ହାଇସ୍କୁଲ ଏନର୍ଜି କ୍ଲବ୍ ଆନୁକୂଲ୍ୟରେ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଶିକ୍ଷୟିତ୍ରୀ ନିଳୀମା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାକୁ ପ୍ରଧାନଶିକ୍ଷକ ସୁଦୀପ କୁମାର ରଥ ଉଦ୍‌ଘାଟନ କରିଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଆଲୁମିନି ସଦସ୍ୟ କପିଳ ବାଗ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।କୁଇଜ୍ ପ୍ରତିଯୋଗିତାରେ ଶାଳିନି ସା, ଏସ ଶୁଭଶ୍ରୀ, ଶ୍ରୀତମ ମିଶ୍ର, ଚିତ୍ରାଙ୍କନରେ ସୋମେନ୍ଦ୍ର ବରାଡ, କାହ୍ନା ବାରିକ, ଅମ୍ବିକା ଦୋରା, ତର୍କ ପ୍ରତିଯୋଗିତାରେ ସାଲିନୀ ସା, ସୋମେନ୍ଦ୍ର ବରାଡ, କ୍ରୀଷ୍ଟିନା ମେହେର ଯଥା କ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ବବିତା ନାଏକ, ସୀମା ଭୋଇ, ବରିଷ୍ଟ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ, ମିତା ସାହୁ ଜ୍ୟୋତି ବେହେରା, ସୁନୀତା ମିଶ୍ର, ଗୀତା ଜାଲ ତପସ୍ୱୀନୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଶକ୍ତି ସଂରକ୍ଷଣରେ ହିଁ ଜୀବନ ରକ୍ଷା ବୋଲି ଉଲ୍ଲେଖ କରିଥିଲେ।ଏହି ଅବସରରେ ଶକ୍ତି ସଂରକ୍ଷଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

### ବରଗଡ଼ ଧନୁଯାତ୍ରା ମହୋତ୍ସବ ପାଇଁ ଜୋରଦାର ପ୍ରସ୍ତୁତି

# ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବଜାର ଆଲୋକୀକରଣ ପାଇଁ ଆହ୍ୱାନ





**ବରଗଡ଼, ୧୫।୧୨(ସମିସ)**

ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ ଭାବରେ ପ୍ରଶଂସିତ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆମର ସାଂସ୍କୃତିକ ଗର୍ବ, ଏକତା ଏବଂ ଐତିହ୍ୟର ପ୍ରତୀକ। ଆସନ୍ତା ୨୪ ଡିସେମ୍ବର ୨୦୨୫ ରୁ ୩ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଏଗାର ଦିନ ପର୍ଯ୍ୟନ୍ତ ସମଗ୍ର ବରଗଡ଼ ସହର ମଥୁରା ନଗରୀରେ ପରିଣତ ହେବ। ସେହିଭଳି ଅମ୍ବାପାଲି ଗୋପପୁର ଏବଂ ଜୀରା ନଦୀ ଯମୁନାର ରୂପ ଧାରଣ କରିବ। ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପ୍ରମୁଖ କଳାକାରଙ୍କ ସମେତ ୨୫୦ରୁ ଊର୍ଦ୍ଧ୍ୱ ସଞ୍ଚାରମଣ୍ଡଳୀ, ସ୍ଥାନୀୟ, ଜାତୀୟ ତଥା ଅନ୍ତର୍ଜାତୀୟ ସାଂସ୍କୃତିକ ଦଳ ପ୍ରାୟ ୨୨ରୁ ଅଧିକ ଖୋଲା ମଞ୍ଚରେ ଅଭିନୟ ତଥା ନୃତ୍ୟ ପ୍ରଦର୍ଶନ କରି ଜୀବନ୍ତ କରିବେ ମଥୁରା ନରେଶ କଂସଙ୍କ ରାଜୁତି ଏବଂ ଦିବ୍ୟ ଶ୍ରୀକୃଷ୍ଣ ଲୀଳା। ସାଂସ୍କୃତିକ ଶୋଭାଯାତ୍ରା, ରଙ୍ଗୋଲି ଏବଂ ଚିତ୍ରକଳା ପ୍ରଦର୍ଶନୀ, ଚିତ୍ରଶିଳ୍ପୀ ଶିବିର, ହସ୍ତତନ୍ତ ମେଳା, ମୀନା ବଜାର ଏବଂ ପଲ୍ଲିଶ୍ରୀମେଳା ଭଳି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସମୃଦ୍ଧ ହେବ ଜିଲ୍ଲାର ବାଣିଜ୍ୟ ଏବଂ ହସ୍ତଶିଳ୍ପ। ପ୍ରତିବର୍ଷ ଭଳି ଦେଶ ବିଦେଶରୁ ଆସିବେ ୧୫ ଲକ୍ଷରୁ ଅଧିକ ପରିଦର୍ଶକ। ଉତ୍ସବକୁ ଦୃଷ୍ଟିରେ ରଖି, ଅମ୍ବାପାଲି ଏବଂ ବରଗଡ଼ ବଜାର ଅଞ୍ଚଳର ସମସ୍ତ ଦୋକାନ ମାଲିକ ତଥା ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା କାର୍ଯ୍ୟାଳୟ ଗୁଡ଼ିକୁ ଧନୁଯାତ୍ରା ସମୟରେ ନିଜ ନିଜର ଦୋକାନ ତଥା କାର୍ଯ୍ୟାଳୟ ପରିସରକୁ ଆଲୋକମାଳାରେ ସୁସଜ୍ଜିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।ଆକର୍ଷଣୀୟ ଆଲୋକ ଏବଂ ଉତ୍ସବ ସାଜସଜ୍ଜା ଯୋଗୁଁ ଲକ୍ଷାଧିକ ପରିଦର୍ଶକ ଙ୍କ ସମ୍ମୁଖରେ ବରଗଡ଼ ମାଟିର ସାମୂହିକ ଭାବନାକୁ ପ୍ରତିଫଳିତ କରି ଗୋପପୁର ଏବଂ ମଥୁରା ନଗରୀର ଶୋଭାକୁ ଦ୍ୱିଗୁଣିତ କରିବ ବୋଲି ଜିଲ୍ଲାପାଳ ଆଦିତ୍ୟ ଗୋୟଲ କହିଛନ୍ତି। ୭୮ତମ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ସ୍ମରଣୀୟ ଏବଂ ସଫଳ କରିବା ପାଇଁ ସମସ୍ତେ ଜିଲ୍ଲା ପ୍ରଶାସନ ତଥା ପୋଲିସ ପ୍ରଶାସନଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।କଲ୍ୟାଣ ମଣ୍ଡପ ଠାରେ କଳାକାରଙ୍କ ଆଖଡ଼ା ଖୁବ୍ ଜୋରସୋର୍‌ରେ ଚାଲିଛି।ନିଶାମଣି ସ୍କୁଲ ପଡ଼ିଆ ଠାରେ ମହାରାଜ କଂସଙ୍କ ରଙ୍ଗ ମହଲର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ହାଟପଦାରେ ରାଜ ଦରବାର ନିର୍ମାଣ ଚାଲିଛି। ନିର୍ମାଣ କାର୍ଯ୍ୟ ତଦାରଖ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ତହସିଲଦାର ସୋନାଲି ପଟ୍ଟନାୟକ ତଥା ଅକ୍ରୁର ମଲ୍ଲିକ ପ୍ରମୁଖ ପହଞ୍ଚି ଥିଲେ।

# ଭେଡେନ ସଂକୁଳସ୍ତରୀୟ କ୍ରୀଡ଼ା ଉଦ୍‌ଯାପିତ

**ଭେଡେନ, ୧୫।୧୨ (ସମିସ):** ଭେଡେନସ୍ଥିତ ରଣଜିତା ଖେଳ ପଡ଼ିଆରେ ଭେଡେନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଂକୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ସମରୋହ ସଂକୁଳ ପ୍ରମୁଖ ଅଶ୍ୱିନୀ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନରେଶ ଶତପଥୀ ରେଶମ ମହାବିଦ୍ୟାଳୟ ଅଧ୍ୟକ୍ଷ ଦୀପ ପ୍ରଜ୍ୱଳନ ପୂର୍ବକ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ।ସଂକୁଳ ସଂଯୋଜକ ଅଶ୍ୱିନୀ କୁମାର ବାରିକ ସ୍ୱାଗତ ଭାଷଣ ତଥା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କାଳିଚରଣ ହୋତା ସମେତ ଶିଶୁମାନେ ହନୁମାନ ମନ୍ଦିରରୁ ମଶାଲ ଆଣି ଗ୍ରାମ ପରିକ୍ରମା କରି ଉତ୍ସବସ୍ଥଳରେ ମଶାଲ ସ୍ଥାପନ କରାଇଥିଲେ। କାର୍ଯ୍ୟକ୍ରମକୁ ମହେନ୍ଦ୍ର ରାଏ ପରିଚାଳନା କରିଥିଲେ। ଶେଷରେ ଭୋଜରାଜ ଦୁଆନ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ପଙ୍କଜିନୀ ପଶାୟତ ଲୁହାଖଣ୍ଡି ପଞ୍ଚାୟତ ସମିତି ସଭ୍ୟାଓ ରଶ୍ମିତା ପାଣ୍ଡେ ଭେଡେନ ସମିତି ସଭ୍ୟା ଯୋଗ ଦେଇ ଧ୍ୱଜା ଅବତରଣ ଓ ଅଗ୍ନି ନିର୍ବାପଣ କରିଥିଲେ। ୯ଟି ବିଦ୍ୟାଳୟରୁ ୧୯୬ ଜଣ ପ୍ରତିଭାଗୀ ଅଂଶ ଗ୍ରହଣ କରିଥିଲେ। ସମ୍ଭାଗ ଶାରୀରିକ ପ୍ରମୁଖ ଶିବାନନ୍ଦ ଦାଶ, ସଂକୁଳ ଶାରୀରିକ ପ୍ରମୁଖ ପଦ୍ମଲୋଚନ ପଟେଲ ସମେତ ୧୫ଜଣ ପରିଚାଳକ ଖେଳ ପରିଚାଳନା କରିଥିଲେ।ସଂକୁଳ ଶାରୀରିକ ପ୍ରମୁଖ ପଦ୍ମଲୋଚନ ପଟେଲ ବୃତ୍ତ ପଠନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ଅଧିକାରୀମାନେ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଭୋଜରାଜ ଦୁଆନ, ମକୁନ୍ଦ ମହାରଣା, ନରେନ୍ଦ୍ର ରଣା, କ୍ଷୀରେନ୍ଦ୍ର ରଣା ସମେତ ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ, ସେବକ ଓ ସେବିକା ସହଯୋଗ କରିଥିଲେ। ଶେଷରେ ସଂକୁଳ ପ୍ରମୁଖ ଅଶ୍ୱିନୀ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



# ୨ ଦିନରେ ଧାନ କିଣା ନ ହେଲେ ଆନ୍ଦୋଳନ



**ଡୁଙ୍ଗୁରିପାଲି, ୧୫ ।୧୨(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକରେ ଗତ ୯ ତାରିଖରୁ ମଣ୍ଡି ଖୋଲିଛି; ହେଲେ ଧାନ ଉଠୁନି। ଏହା ଫଳରେ ୧୫ରୁ ୨୦ ଦିନ ହେବ ଚାଷୀ ଧାନ କାଟି କିଏ ଖଳାରେ ତ ଆଉ କିଏ ଘରେ ଗଚ୍ଛିତ କରି ରଖିଛି। ମଣ୍ଡି ଖୋଲିଥିଲେ ମଧ୍ୟ ଚାଷୀଙ୍କ ଟୋକନ ଆସିନି। ଏହାକୁ ନେଇ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁରର ଶତାଧିକ ଚାଷୀ ମେଳି ହୋଇଥିଲେ। ନାଇକେନପାଲି ପଡ଼ିଆରେ ଚାଷୀସଂଗଠନ ସଭାପତି ଉମେଶ ପୂଜାରୀଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାମପୁର ଅଞ୍ଚଳରେ ୭ ସହ ଚାଷୀ ପଞ୍ଜୀକରଣ କରିଥିବା ବେଳେ କେବଳ ୪ରୁ ୫ ଜଣଙ୍କ ଟୋକନ ଆସିଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀ ରାମପୁର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ ଚାଷୀଙ୍କ ଟୋକନ ଶୀଘ୍ର ଦିଆଯାଉ। ବିନା କଟନି ଛଟନିରେ ଧାନ ଉଠୁନି। ୨ ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ଚାଷୀ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

# ମଣ୍ଡି ଖୋଲିବାକୁ ତହସିଲଦାରଙ୍କୁ ଦାବିପତ୍ର

**ସଇଁତଲା, ୧୫ ।୧୨(ସମିସ):** ସଇଁତଲା ଅଞ୍ଚଳରେ ଚାଷୀ ଚଳିତ ବର୍ଷ ଚାଷୀ ଖରିଫ ଧାନ ଅମଳ କରି ସାରିଛନ୍ତି; ହେଲେ ମଣ୍ଡି ଖୋଲିନି। ଏହାକୁ ନେଇ ଚାଷୀ ମହଲରେ



ହାତକୁ ଧାନ ଟେକି ଦେଉଛି। ତେବେ ଏଭଳି ପରିସ୍ଥିତିରେ ଏଯାଏ ସଇଁତଲା ବ୍ଲକରେ ଧାନ ମଣ୍ଡି ଖୋଲା ଯାଇନି। ଶୀଘ୍ର ଧାନ ମଣ୍ଡି ଖୋଲିବା ପାଇଁ ଅତିରିକ୍ତ ତହସିଲଦାର ମୋହନ ମୁଣ୍ଡାଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଚାଷୀ ନେତା ସତ୍ୟ ପଣ୍ଡା, ଅସନ୍ତୋଷ ଦେଖା ଦେଇଛି। ଅନ୍ୟ ବର୍ଷ ଏହି ସମୟରେ ମଣ୍ଡି ଖୋଲା ଆରମ୍ଭ ହୋଇଥାଏ। ତେବେ ବିଲରୁ ଧାନ ଅମଳ କରି ସାରିବା ପରେ ଧାନକୁ ନେଇ ଏବେ ଚିନ୍ତାରେ ଚାଷୀ। ବିଲରେ ବନ୍ୟ ଜନ୍ତୁ ଭୟରେ ରାତିରେ ଚାଷୀ ଧାନ ଜଗୁଛି। କିଏ ପୁଣି ଧାନ ଅମଳ କରିବା ପରେ ରାସ୍ତା କଡ଼ରେ ରଖୁଛି। ଏବେ ଗାଁ ଗାଁରେ ଧାନ କିଣିବା ପାଇଁ ଦଲାଲ ସକ୍ରିୟ। ବାଧ୍ୟ ହୋଇ ଅଳ୍ପ ଟଙ୍କାରେ ଚାଷୀ ଦଲାଲ ଗଦା ଧର ସାହୁ, ସରପଞ୍ଚ ଅଶୋକ ସାହୁ, କପିଳ ଭୋଇ, କୃଷ୍ଣଚନ୍ଦ୍ର ସାହୁ, ସରପଞ୍ଚ ସୁବ୍ରତ ନାଗ, ବ୍ଲକ ଉପାଧ୍ୟକ୍ଷ ଗୁଣ ସାଗର ମାଝୀ, ସମିତି ସଭ୍ୟ ଉମାକାନ୍ତ ରଣାଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ଶିବତୁଲାରେ ମଣ୍ଡି ଉଦ୍‌ଘାଟିତ

**ତରଭା, ୧୫ ।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଶିବତୁଲାରେ ସୋମବାର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ମଣ୍ଡି ଉଦ୍‌ଘାଟିତ ହୋଇଛି। ସନ୍ଧ୍ୟା ୫.୩୦ରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ, ବିଏମପୁର ବିଧାୟକ ରଘୁନାଥ ଜଗଦଲା, ସୋନପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ଏସ୍‌ପି ନାରାୟଣ ନାୟକ ପହଞ୍ଚିଥିଲେ। ଏହାପରେ ପ୍ୟାକ୍ସ ସଭାପତି ତପନ ଅଗ୍ରୱାଲ, ବଲାଙ୍ଗୀର ସାଂସଦ ସଙ୍ଗୀତା ସିଂହଦେଓଙ୍କ ସୋନପୁର ଜିଲ୍ଲା ପ୍ରତିନିଧି ସାନନ୍ଦ ମେହେର, ପ୍ୟାକ୍ସ ସଭ୍ୟ ଭବାନୀ ମିଶ୍ର, ଶିବାନନ୍ଦ ବିଶ୍ୱାଳ, ଜିତେନ୍ଦ୍ରୀୟ ମିଶ୍ର, ପରୀକ୍ଷ ସା, ସୁଦାମ ଭୁଏ, ଉମେଶ ନାଏକ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଶିବତୁଲା ପ୍ୟାକ୍ସ ଅଧୀନରେ ଥିବା ୮୧୨ ଜଣ ଚାଷୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୨ ଜଣଙ୍କୁ ଟୋକାନ ଇସ୍ୟୁ ହୋଇଥିବା ତଥା ୩୩୮୦ କୁଇଣ୍ଟାଲ ଧାନ ଉଠାଇବାକୁ ଟାର୍ଗେଟ ରହିଛି। ମହିମା, ଗୋପାଳ ଓ ରାଧାମୋହନ ରାଇସମିଲର ଟ୍ରକ ଛିଡା ହୋଇଥିଲେ ହେଁ ରାତି ହୋଇଯିବାରୁ ମଙ୍ଗଳବାର ଧାନ ଉଠିବ ବୋଲି ସଭାପତି ଶ୍ରୀ ଅଗ୍ରୱାଲ କହିଛନ୍ତି। ପ୍ରଥମେ ଶିବତୁଲାର ଚାଷୀ ଗୋପାଳ ନାଏକଙ୍କ ୨୩ କୁଇଣ୍ଟାଲ ୮୦ କେଜି ଓ ଘାଟକଇଁନ୍ତରାର ସୁବାଷ କର୍ଣ୍ଣଙ୍କ



୭୫ କୁଇଣ୍ଟାଲ ଧାନ ଉଠିବା ପରେ ଅନ୍ୟ ଚାଷୀଙ୍କ ଧାନ ଉଠିବ। ଟୋକାନ ପାଇଥିବା ୯୨ ଜଣ ଚାଷୀଙ୍କ ମୋଟ ୪୫୦ କୁଇଣ୍ଟାଲ ଧାନ ଉଠିବ। ପ୍ୟାକ୍ସର ସଭ୍ୟ ଭବାନୀ ମିଶ୍ର ପ୍ୟାକ୍ସରେ ଧାନ ରଖିବା ପାଇଁ ଆବଶ୍ୟକ ସ୍ଥାନାଭାବ ସମ୍ବନ୍ଧରେ ଉପମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସେଡ୍ ନିର୍ମାଣ, ୫୭ ନମ୍ବର ଜାତୀୟ ରାଜପଥରୁ ପ୍ୟାକ୍ସକୁ ଆସିବା ରାସ୍ତାର ଦୁରାବସ୍ଥା ସମ୍ବନ୍ଧ ଜଣାଇ ପ୍ରତିକାରର ବ୍ୟବସ୍ଥା ପାଇଁ କହିଥିଲେ। ପ୍ୟାକ୍ସ ପରିସରରେ ଗୋଟିଏ ଶୀତଳ ଭଣ୍ଡାର ଖୋଲିବା ପାଇଁ ନିବେଦନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୋନପୁର ସିସିଏସଓ ନିରଜ ରଞ୍ଜନ ଦାସ, ସିଏସଓ କେଦାରନାଥ ନାୟକ, ଆରଏମସି ସେକ୍ରେଟାରୀ ଅବକାଶ ବେହେରା, ଡିଆରସିଏସ ସଞ୍ଜୟ ତ୍ରିପାଠୀ, ଚାଷୀ ଉପସ୍ଥିତ ଥିଲେ।

# ଟିଟିଲାଗଡ଼ ବ୍ଲକ୍ ଶିହିନି କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା

**ଟିଟିଲାଗଡ଼, ୧୫ ।୧୨(ସମିସ):** କେନ୍ଦୁମୁଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଟିଟିଲାଗଡ଼ ବ୍ଲକ ଶିହିନି କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବବୁଲୁ ଜାଲଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦୁମୁଣ୍ଡି ସ୍କୁଲ ପ୍ରଧାନ ଶିକ୍ଷକ ବିଶ୍ୱମ୍ବର ବଗର୍ତ୍ତୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିହିନୀ ପଞ୍ଚାୟତ ସରପଞ୍ଚ ବୀରବର ସାହୁ ଯୋଗ ଦେଇଥିଲେ। ଅଧାରୁ ପାଠ ଛାଡିଥିବା ଓ ଆଦୌ ନାମ ଲେଖାଇ ନ ଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ସହ ଯୋଡ଼ି ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଉପଦେଶ ଦେଇ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା। ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ କିପରି ନାମ ଲେଖାଇବା ପାଇଁ ସମସ୍ତେ ଯତ୍ନବାନ ହେବେ ସେଥିପ୍ରତି ସାମୂହିକ ଶପଥ ପାଠ କରିଥିଲେ। ଏହି ଅବସରରେ ସିହୀନି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୮ ବୟସରୁ କମ୍ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ସେମାନଙ୍କୁ ଉତ୍ସାହିତ କରି ଉପଢୌକନ୍, ବହିପତ୍ର ସହ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ମୁଖ୍ୟ ସ୍ରୋତରେ ସାମିଲ କରାଯାଇଥିଲା। ଏହା ପରେ କେନ୍ଦୁମୁଣ୍ଡୀ ଗ୍ରାମରେ ଏକ ସଚେତନତା ପଦଯାତ୍ରା କରାଯାଇଥିଲା। ଏହି ସଭାରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରେ ସୁଶାନ୍ତ ପଣ୍ଡା, କବିତା ସାହୁ, ସୁନିଲ ତାଣ୍ଡି, ଅଜୟ ରାଉତ, ରଜତ ଛତର ରେଣୁକା ନାଗ, ପ୍ରଶାନ୍ତ ସାହୁଙ୍କ ସମେତ ଅଭିଭାବକ ମଣ୍ଡଳୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଯୋଗ ଦେଇଥିଲେ। ମାର୍ଲାଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରଜତ ଛତର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବ୍ଲକ୍ ଅଫିସ୍ ସମ୍ମୁଖରେ ଧାରଣା

**ବୀରମହାରାଜପୁର, ୧୫ ।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ଏସୟୁସିଆଇ ମଣ୍ଡଳ ତରଫରୁ ବୀରମହାରାଜପୁର ବ୍ଲକ ସମ୍ମୁଖରେ ବିକ୍ଷୋଭ ସହ ଧାରଣା ଦିଆଯାଇଛି। ସଭାପତି ହୃଷୀକେଶ ମେହେରଙ୍କ ନେତୃତ୍ୱରେ ପ୍ରାୟ ୪୦ଜଣରୁ ଅଧିକ ମହିଳା ଓ ପୁରୁଷ ବୀରମହାରାଜପୁର ବସଷ୍ଟାଣ୍ଡରୁ ଏକ ଶୋଭଯାତ୍ରାରେ ବାହାରି ସହର ପରିକ୍ରମା କରି ବୀରମହାରାଜପୁର ବିଡିଓଙ୍କୁ ଦାବି ପ୍ରଦାନ କରିବା ସହ ଏକ ପ୍ରତିବାଦ ସଭା କରିଥିଲେ। ରାଜ୍ୟ କମିଟି ସଭ୍ୟ ସରୋଜିନୀ ନାୟକ, ସଂଗଠିକା ବିନୋଦିନୀ ମେହେର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଇବାରୀ ମେହେର,




ତିଳୋତ୍ତମା ଷାଣ୍ଢ, ପଦ୍ମିନୀ ପୋଡ, କାଇନ୍ତା ବଗର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୁବଳୟା ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା, ସୁରୁବାଳି ଜୋରରୁ ବୋରିଂ ଯୋଗେ ପ୍ରତ୍ୟେକ ଘରକୁ ପାଣି ଯୋଗାଣ, ଗାଆଁର ଚାରି କୋଣରେ ଅମୃତ ଧାରା ପାନୀୟ ଜଳ ଯୋଗାଣ, ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ଓ ନର୍ସ ଯୋଗାଇଦେବା, ସୁବଳୟରେ ଶିକ୍ଷକ ନିଯୁକ୍ତି, ଡ୍ରେନ୍ ନିର୍ମାଣ, ସ୍ମାର୍ଟ ବିଦ୍ୟୁତ୍ ମିଟର ବସାଇବା ବନ୍ଦ କରିବା ଦାବିରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ୭ ଦିନ ଭିତରେ ସମାଧାନ ନ ହେଲେ ରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି।

# ଜିଲ୍ଲାପାଳଙ୍କ ମଣ୍ଡି ପରିଦର୍ଶନ

**ଶଗଡ଼ା, ୧୫ ।୧୨(ସମିସ):** ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ କୁଲୁତା ଜୋର, ମନମୁଣ୍ଡା ଓ କଣ୍ଟାମାଳ ମଣ୍ଡି ପରିଦର୍ଶନ କରିଛନ୍ତି। ମଣ୍ଡିରେ ହୋଇଥିବା ଆବଶ୍ୟକ ପ୍ରସ୍ତୁତି ବୁଲି ଦେଖିବା ସହ ପ୍ରସ୍ତୁତି ଓ ଧାନକିଣା ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମଣ୍ଡିରେ ହୋଇଥିବା ସମସ୍ତ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ କିଭଳି ସୁରୁଖୁରୁରେ ଧାନ କିଣାହେବ ସେ ନେଇ ଆବଶ୍ୟକ ପ୍ରସ୍ତୁତି ଚୂଡାନ୍ତ କରିବାକୁ ଅଧିକାରୀଙ୍କୁ କହିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ଶ୍ରୀ ନାୟକଙ୍କ ସହିତ ଉପଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାଷ ଚନ୍ଦ୍ର ଦଣ୍ଡସେନା ଏବଂ ପ୍ୟାକ୍ସ ସମ୍ପାଦକମାନେ ଉପସ୍ଥିତ ଥିଲେ।

# ଶ୍ରୀଲଙ୍କା ପର୍ଯ୍ୟଟକ ଲୁଟ୍‌ର ଶିକାର

**ବୌଦ୍ଧ, ୧୫ ।୧୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ଗ୍ରାମର ଖେଳ ପଡ଼ିଆ ନିକଟରେ ଶ୍ରୀଲଙ୍କାର ଜଣେ ପର୍ଯ୍ୟଟକ ଅସହାୟ ଅବସ୍ଥାରେ ବୁଲୁଥିବା ବେଳେ ସ୍ଥାନୀୟ ଲୋକଙ୍କ ନଜରକୁ ଆସିଛନ୍ତି। ସେ ପୁରୀ ବୁଲି



ଆସିଥିଲେ। ତେବେ ଓଡ଼ିଶାର ଅନ୍ୟ ପର୍ଯ୍ୟଟନ ସ୍ଥଳ ବୁଲାଇବାକୁ ପ୍ରତିଶ୍ରୁତି ଦେଇ ଜଣେ ଯୁବକଙ୍କ ଦ୍ୱାରା ସେ ଟ୍ରେନ୍‌ରେ ଲୁଟ୍‌ର ଶିକାର ହୋଇଥିଲେ। ସରସରାସ୍ଥିତ ବୌଦ୍ଧ ଷ୍ଟେସନଠାରେ ଓହ୍ଲାଇଥିଲେ। ଏହାପରେ ସରସରା ଗ୍ରାମର ଖେଳ ପଡ଼ିଆ ନିକଟରେ ପହଞ୍ଚି ଲୋକଙ୍କୁ ସହାୟତା ମାଗିଥିଲେ।

# କାନ୍ଦୁଲବୁଢ଼ା ଯାତ୍ରାର ନିଷାନିଆ ଗଂଶ ସୁନାଙ୍କ ପରଲୋକ

**ଦେଓଗାଁ, ୧୫ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବନ୍ଧପଡ଼ା ଅଞ୍ଚଳର ପ୍ରସିଦ୍ଧ କାନ୍ଦୁଲବୁଢ଼ା ଯାତ୍ରାରେ ନିଷାନିଆ ଭାବେ ପରିଚିତ ସିଂହାମୁଣ୍ଡା



ପଞ୍ଚାୟତ ଘାଟୁଲ ଗାଁର ଗଂଶ ସୁନାଙ୍କ ସୋମବାର ସକାଳେ ପରଲୋକ ହୋଇଛି। ଏହି ଖବର ପ୍ରଚାରିତ ହେବାପରେ ବନ୍ଧପଡ଼ା ଅଞ୍ଚଳ ସହ କାନ୍ଦୁଲବୁଢ଼ା ଯାତ୍ରା କମିଟି ଓ ଦେହୁରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡପୁଅ ବସନ୍ତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି।

# ସାମ୍ବାଦିକ ପୁଷ୍ପକେତୁ ବେହେରାଙ୍କ ମାତୃ ବିୟୋଗ

**କଣ୍ଟାବାଞ୍ଜି, ୧୫ ।୧୩(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିର ସାମ୍ବାଦିକ



ପୁଷ୍ପକେତୁ ବେହେରାଙ୍କ ମା' କମଳା ବତୀ ବେହେରା (୫୪) ଆଉ ନାହାନ୍ତି। ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘ ୪ ବର୍ଷ ହେଲା ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ଥିଲେ। ସୋମବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର କଣ୍ଟାବାଞ୍ଜି ମେଡ଼ିକାଲରେ ମୃତ୍ୟୁ ଘଟିଛି। ପୁଅ ପୁଷ୍ପକେତୁ ବେହେରା ମୁଖାଗ୍ନି ଦେଇଥିଲେ।

# କାନ୍ଦୁଲଡଙ୍ଗର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଦେଓଗାଁ, ୧୫ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବନ୍ଧପଡ଼ା ଖେଳପଡ଼ିଆରେ ସୋମବାର କାନ୍ଦୁଲଡଙ୍ଗର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଆଲୋକ ସିଂ ନିନାଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ଗଉନ୍ତିଆ ଗୋପାଳ ସିଂ ନିନା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସରେ ସିଆଳଯୋର ଓ ମାଟୁପାଲି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ମାଟୁପାଲି ଦଳ ନିର୍ଦ୍ଧାରିତ ଓଭର ମଧ୍ୟରେ ୧୧୫ରନ୍ କରିଥିବା ବେଳେ ସିଆଳଯୋର ଦଳ ମାତ୍ର ୭ ଓଭରରେ ଆବଶ୍ୟକ ୧୧୫ରନର ଲକ୍ଷ୍ୟକୁ ହାସଲକରି ବିଜୟୀ ହୋଇଥିଲେ। ଖେଳକୁ ମାରୁତି ଜେନା, ବିଜୟ ନାୟକ, ରଜତ ଗହୀର, ପିନୁ ସିଂ ନିନା, ବାପୁନ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ମାଧପୁର ବନାଞ୍ଚଳରୁ କଲରା ପତରିଆ ବାଘ ଚମଡା ଜବତ



**ବୌଦ୍ଧ, ୧୫ ।୧୨ (ସମିସ):** ବୌଦ୍ଧ ବନଖଣ୍ଡ ଅଧୀନ ମାଧପୁର ବନାଞ୍ଚଳ ଅଞ୍ଚଳରୁ ବନ ବିଭାଗ ଭିଜିଲାନ୍ସ ଟିମ୍ ଗୋଟିଏ କଲରା ପତରିଆ ବାଘ ଚମଡ଼ା ଜବତ କରି ଜଣେ ଶିକାରୀକୁ ଗିରଫ କରିଛି। ଗିରଫ ଶିକାରୀର ନାଁ ଜୟନାୟକ ବୋଲି ସୂଚନା



ମିଳିଛି। ଅଭିଯୁକ୍ତ ଶିକାରୀ ନାଁରେ ବନ୍ୟ ପ୍ରାଣୀ ସୁରକ୍ଷା

**ଶିକାରୀ ଗିରଫ**

ଆଇନର ଧାରା ୫୧ ଅନୁଯାୟୀ ମାମଲା ରୁଜୁ କାରାଯାଇ ତଦନ୍ତ ଚାଲିଥିବା ବନ ବିଭାଗ ଭିଜିଲାନ୍ସ ଟିମ ପକ୍ଷରୁ ଜଣା ପଡ଼ିଛି।

# ଆୟୁଷ୍ମାନ କାର୍ଡ ବଣ୍ଟନ ବେଳେ ଆଶାକର୍ମୀଙ୍କୁ ମାଡ଼

**ପାଟଣାଗଡ଼, ୧୫ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ବାଞ୍ଜୀଝାଲ ଗାଁରେ ସରକାରଙ୍କ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ ବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ସେହି ଗାଁର ବିର ବରିହା ଆଶା କର୍ମୀ ଭବାନୀ ବରିହାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିବା ନେଇ ପାଟଣାଗଡ଼ ଥାନାରେ ଅଭିଯୋଗ ହୋଇଛି। ତେବେ ଏହି ଘଟଣାର ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୁଲିସ ଅଭିଯୁକ୍ତକୁ ଗିରଫ କରିନାହିଁ। ଏହାରି ପ୍ରତିବାଦରେ ସୋମବାର ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ପାଟଣାଗଡ଼ ବ୍ଲକ ପକ୍ଷରୁ ଶତାଧିକ ଆଶାକର୍ମୀ ଏକତ୍ରିତ ହୋଇ ଥାନା ଘେରଉ କରିଥିଲେ। ପୁଲିସ ଅଭିଯୁକ୍ତକୁ ଗିରଫ ନ କଲେ ଆନ୍ଦୋଳନ ଜାରି ରହିବା ସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ କରିବାକୁ ଆନ୍ଦୋଳନକାରୀ ଚେତାବନୀ ଦେଇଥିଲେ। ଏସମ୍ପର୍କରେ ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟାଙ୍କୁ ପଚାରିବାରୁ ଆଶାକର୍ମୀଙ୍କ ଏତଲା ଆଧାରରେ ଏକ ମାମଲା ରୁଜୁ କରାଯାଇ ଏହାର ତଦନ୍ତ ଜାରି ରହିଛି। ଖୁବଶୀଘ୍ର ଅଭିଯୁକ୍ତ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି।

# ଜେସିଆଇ ବଲାଙ୍ଗିର ସିଟିର ଶପଥଗ୍ରହଣ ସମାରୋହ

## ୨୫ ନୂତନ ସଦସ୍ୟ ନେଲେ ସଦସ୍ୟତା ଶପଥ

**ବଲାଙ୍ଗିର, ୧୫ ।୧୨(ସମିସ):** ବଲାଙ୍ଗିରସ୍ଥିତ ବିଦ୍ୟା ହେଭେନ୍ସରେ ଜେସିଆଇ ବଲାଙ୍ଗିର ସିଟିର ୧୮ତମ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୫ଜଣ ନୂତନ ସଦସ୍ୟ ଏହି ପ୍ରତିଷ୍ଠିତ ସଂଗଠନରେ ଯୋଗ ଦେବା ପାଇଁ ସଦସ୍ୟତା ଶପଥ ଗ୍ରହଣ କରିଥିଲେ। ୨୦୨୫ ବର୍ଷର ସଭାପତ ଜେସି ଅବିନାଶ ଅଗ୍ରୱାଲ ଚଳିତ ବର୍ଷ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ସମୃଦ୍ଧିକୁ ବର୍ଣ୍ଣନା କରି ବାର୍ଷିକ ବିବରଣୀ ପାଠ କରିଥିଲେ। ୨୦୨୬ ବର୍ଷ ପାଇଁ ଜେସି କମଲ ଚୌଧୁରୀ ସଭାପତି ଭାବେ ଏବଂ ଜେସି ରାଜୀ ଗୋୟଲ ସମ୍ପାଦକ ଭାବରେ ଶପଥ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଜୋନ ୨୭ ଜେସିଆଇ ଇଣ୍ଡିଆର ପ୍ରତିଷ୍ଠାତା ଜୋନ ସଭାପତି ଜେସି ପ୍ରଣବ ଲାଠ ଯୋଗଦେଇ ଜେସିଆ ଏବଂ ଜୋନ ପାଇଁ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୋନ ଉପସଭାପତି ଜେସି ରୁପମ ଦାସ ଯୋଗ ଦେଇଥିଲେ। ଶେଷରେ ସମ୍ପାଦକ ଜେସି ରାଜୀବ ଗୋୟଲ ଧନ୍ୟବାଦ ଅର୍ପଣ କରିଥିଲେ।



# ତରଭା ବାଳକ ହାଇସ୍କୁଲରେ କୁଇଜ୍ ପ୍ରତିଯୋଗିତା

**ତରଭା, ୧୫ ।୧୨(ସମିସ):** ତରଭା ପିଏମଶ୍ରୀ ବାଳକ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅଧୀନ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠିତ ବୈଠକରେ ତରଭା ବ୍ଲକ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର ଅଧ୍ୟକ୍ଷତା କରିଥଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ମୁରଲୀଧର ବିଶ୍ୱାଳ ଏବଂ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଜୟ ପ୍ରକାଶ ନାରାୟଣ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ବିଜ୍ଞାନ, ଗଣିତ, ସାମାଜିକ ପାଠ ଓ ସାମ୍ପ୍ରତିକ ଘଟଣାବଳୀ ଆଦି ବିଷୟ ଉପରେ ବରିଷ୍ଠ, ଜୁନିଅର ଓ ସବ ଜୁନିଅର ବିଭାଗରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସବ ଜୁନିଅର ବିଭାଗରେ ତୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆର୍ଯ୍ୟାସ୍ମିତା ମିଶ୍ର ପ୍ରଥମ, ତରଭା ବାଳକ ଉଚ୍ଚ ବିଦ୍ୟାଳୟର ସୁଭ୍ରକାନ୍ତି ସା ଦ୍ୱିତୀୟ ଓ ରଙ୍ଗପୁର ଉପ୍ରା ବିଦ୍ୟାଳୟର ଅଂଶୁମାନ ନାଗ ତୃତୀୟ ସ୍ଥାନ ହାସଲ କରିଥଲେ। ଜୁନିଅର ବିଭାଗରେ ତୁଲୁଣ୍ଡା ଉପ୍ରା ବିଦ୍ୟାଳୟର ଶାଳିନି ପଧାନ ପ୍ରଥମ, ସରଗଜ ଉଚ୍ଚ ବିଦ୍ୟାଳୟର ପ୍ରିତମ ମହଲା ଦ୍ୱିତୀୟ ଓ ତରଭା ବାଳିକା ଉଚ୍ଚ ବିଦ୍ୟାଳୟର ଶୀତଲ ମେହେର ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ବରିଷ୍ଠ ବିଭାଗରେ ଶିବତୁଲା ଉଚ୍ଚ ବିଦ୍ୟାଳୟର ବିଶ୍ୱଜିତ ଛତ୍ରିଆ ପ୍ରଥମ, ସରଗଜ ଉଚ୍ଚ ବିଦ୍ୟାଳୟର ପ୍ରତୀକ ମିଶ୍ର ଦ୍ୱିତୀୟ ଓ ମେଣ୍ଡା ଉଚ୍ଚ ବିଦ୍ୟାଳୟର ରାଧାନାଥ ମେହେର ତୃତୀୟ ସ୍ଥାନ ହାସଲ କରିଛନ୍ତି। ତରଭା ବ୍ଲକର ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ରବି ନାରାୟଣ ସାହୁ, ସୁଶାନ୍ତ ମେହେର, ଜୟନ୍ତ ମେହେର, ସଚ୍ଚିଦାନନ୍ଦ ମେହେର, ଆଶିଷ ନାଏକ, ଦିବ୍ୟ ରଞ୍ଜନ ବିଭାର, ପ୍ରତ୍ୟୁଷ ସାହୁ ଓ ବସନ୍ତ ଦଲାଇ ବିଚାରକ ଥିଲେ। ଶିକ୍ଷକ ପରାଗ ମେହେର ପଞ୍ଜିକରଣ କାର୍ଯ୍ୟ ସମ୍ପାଦନ କରିଥିଲେ। ସିଆରସିସି ସଞ୍ଜୀବ ସେଠି ମଞ୍ଚ ପରିଚାଳନା କରିଥିଲେ। ବ୍ରଜମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ତରଭା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ହିସାବ ରକ୍ଷକ ସଞ୍ଜୀବ ସା, ତ୍ରିନାଥ ସାମଲ, କୁଳମଣି ସାମଲ, ସିଆରସିସି ଶଙ୍କର ମହଲା, ଅର୍ଜୁନ ନାଗ, ମନୋରଞ୍ଜନ ଚୌହାନ, ରମେଶ ବାଗ, ସାରଙ୍ଗ ପଧାନ, ସ୍ନିତାଞ୍ଜଳି ପଟ୍ଟନାୟକ, ଧନେଶ୍ୱର ଅମାତ, ହରିଶ୍ଚନ୍ଦ୍ର ସା, ସୁରେଶ ଘିବେଲା, ବ୍ୟାସଦେବ ମହାକୁର, ଶିକ୍ଷକ ଦାଶରଥି ସେଠ, ନିଲାଞ୍ଚଳ ଭୋଇ, ପ୍ରଦ୍ୟୁମ୍ନ ମହାନ୍ତି, ପ୍ରହ୍ଲାଦ ଚୌହାନ ପ୍ରମୁଖ ସହଯୋଗ କରିଥିଲେ। ପ୍ରତି ବିଭାଗର ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

## କଣ୍ଟାବାଞ୍ଜି ଲୋକାଲ ଲିଗ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

# ରାଜେନ୍ଦ୍ର ନଗର କ୍ରିକେଟ କ୍ଲବ୍ ବିଜୟୀ

**କଣ୍ଟାବାଞ୍ଜି, ୧୫ ।୧୨(ସମିସ)**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରେଲୱେ ଖେଳ ପଡ଼ିଆରେ ଆର୍‌ଏସ୍‌ଆର୍‌ଏସ୍ କ୍ଲବ୍ ତରଫରୁ ଆୟୋଜିତ ଲୋକାଲ ଲିଗ୍ କ୍ରିକେଟ ପ୍ରତିଯୋଗିତା ସୋମବାର ଫାଇନାଲ ମ୍ୟାଚ୍ ସହ ଉଦ୍‌ଯାପିତ ହୋଇଛି। ଫାଇନାଲ ମୁକାବିଲାରେ ସେଭେନ୍ ଷ୍ଟାର ଦଳକୁ ପରାଜିତ କରି ରାଜେନ୍ଦ୍ର ନଗର କ୍ରିକେଟ କ୍ଲବ୍ ବିଜୟୀ ହୋଇଛି। ରୋମାଞ୍ଚକ ଫାଇନାଲ ମ୍ୟାଚ୍‌ରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ଯୋଗିନ୍ଦ୍ର ରଣାଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଘୋଷଣା କରାଯାଇଥିଲା। ମ୍ୟାଚ୍‌ଟିକୁ ଓସିଏ ପ୍ୟାନେଲ ସ୍ମିଥ ଦଳାଇ ଓ ଜିତୁ ଖମାରୀ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ବୋଲର ଭାବେ ଅଶୋକ ବେହେରା, 'ମ୍ୟାନ୍ ଅଫ୍ ଦି ସିରିଜ' ଭାବେ ରୁଦ୍ର ବାଗ ଏବଂ ସର୍ବଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ବିଶାଳ କୁମାରଙ୍କୁ ସମ୍ମାନିତ କରାଯାଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଙ୍ଗୋମୁଣ୍ଡାର ସରପଞ୍ଚ ଅଜିତ ଯୋଶୀ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ସମାଜସେବୀ ସନ୍ତୋଷ ଅଗ୍ରୱାଲ, ଯୁବ ବିଜେଡ଼ି ନେତା ତପନ ବଏ, ରାଜ୍ୟ ସାମ୍ବାଦିକ ସଂଘ ବଲାଙ୍ଗୀର



ଜିଲ୍ଲା ଉପ ସଭାପତି ରୋହନ ମହତ, ସିଆରସିସି ଦିନେଶ ମହାନନ୍ଦ, ସାମ୍ବାଦିକ ତୁଳସୀରାମ ଜଗତ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ କମିଟି ପକ୍ଷରୁ ଅଧ୍ୟକ୍ଷ ଯୁଗଳ କିଶୋର ଶବର, ସଭାପତି ମହମ୍ମଦ ସେହ୍‌ୱାଜ୍ ଖାଁ, ସହ ଆରିଫ ଖାଁ, ରାକେଶ ସିଂ, ଶିବରାଜ ପାଣିଗ୍ରାହୀ, ମିଥୁନ ତାଣ୍ଡି, ବାଦଲ ହାତୀ, ଅମିତ୍ ଯୁଏଡ୍, ଜୀତେଶ ବଗର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ।

# ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ସାଂସ୍କୃତିକ ମୂଲ୍ୟବୋଧର ଅଭାବ

**ଟିଟିଲାଗଡ଼, ୧୫ ।୧୨(ସମିସ):** ଟିଟିଲାଗଡ଼ ବହିହାଟର ତୃତୀୟ ସଂଧ୍ୟାରେ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ସାଂସ୍କୃତିକ ମୂଲ୍ୟବୋଧର ଅଭାବକୁ ନେଇ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ଛାୟାକାନ୍ତ ଷଡ଼ଙ୍ଗୀ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଏଡିଇଓ ପ୍ରବୀର ପଣ୍ଡା, ଡକ୍ଟର ପରମେଶ୍ୱର ମୁଣ୍ଡ, ଡକ୍ଟର ସଞ୍ଜୟ ମିଶ୍ର, ସରୋଜ ମିଶ୍ର, ମନୋଜ ପଟ୍ଟନାୟକ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ଏହି କ୍ରମରେ ସମ୍ପ୍ରତି ଶିକ୍ଷା ବ୍ୟବସ୍ଥାରେ କିପରି ସାଂସ୍କୃତିକ ଚେତନାର ଅଭାବ ରହିଛି ଓ କ୍ରମେ ଏହାର ମୂଲ୍ୟବୋଧ ହ୍ରାସ ପାଉଛି ତାହା ଆଲୋଚନା ହୋଇଥିଲା। ବହିହାଟ କମିଟିର ସାଧାରଣ ସମ୍ପାଦକ ଅଧ୍ୟାପକ ଦିଲୀପ ପସାୟତ ମଞ୍ଚ ପରିଚାଳନା କରିଥିବା ବେଳେ ଜ୍ୟୋତି ପ୍ରକାଶ ଗଡ଼ତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।

# କନ୍ଧଧୂମାଲ ପ୍ରାଥମିକ ବିଦ୍ୟାଳୟ ଶୈକ୍ଷିକ ପରିଭ୍ରମଣ

**ବୌଦ୍ଧ, ୧୫ ।୧୨ (ସମିସ):** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ କନ୍ଧଧୂମାଲ ପ୍ରାଥମିକ ବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କ ଏକ ଶୈକ୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶବର ସେଠିଙ୍କ ତତ୍ତ୍ୱାବଧାନରେ ୩୦ ଜଣ ଶିକ୍ଷାର୍ଥୀ ବୌଦ୍ଧ ଜିଲ୍ଲାର ଐତିହ୍ୟ ସମ୍ପନ୍ନ ଗନ୍ଧରାଡ଼ିର ଚାରିଶମ୍ଭୁ, ସିଦ୍ଧ ହନୁମାନ ମନ୍ଦିର ବୌଦ୍ଧ, ବୁଦ୍ଧ ପାର୍କ, ଓଡ଼ସିଙ୍ଗାର ଉଷ୍ମ ପ୍ରସ୍ରବଣ ଓ ମାନଯୋର ଡ୍ୟାମ୍ ଭ୍ରମଣ କରିଥିଲେ। ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ ପ୍ରଧାନ ଓ ଗୋଛାପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନନ୍ଦୀ କିଶୋର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମସ୍ତ ସ୍ଥାନର ବିଶେଷତ୍ୱ ସମ୍ପର୍କରେ ବୁଝାଇଥିଲେ। ମୁଣ୍ଡାପଡ଼ା ସିଆରସିସି ପ୍ରଶାନ୍ତ ଝାଙ୍କର, ଏସଏମସି ସଭାପତି ମକରଧ୍ୱଜ ମଲ୍ଲିକ, ମୋ ସ୍କୁଲ ଅଭିଯାନର ସଭାପତି ସୁମନ୍ତ ମାଝୀ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

# ସିଦ୍ଧଯୋଗୀ ଚନ୍ଦ୍ରମଣି ଦାସଙ୍କ ସ୍ମୃତିସଭା

**ବୀରମହାରାଜପୁର, ୧୫ ।୧୨ (ସମିସ):** ପ୍ରସିଦ୍ଧ ବକୁଳ ଯାତ୍ରା ମହୋତ୍ସବ-୨୦୨୫ ଅବସରରେ ତୃତୀୟ ସାଂସ୍କୃତିକ ସନ୍ଧ୍ୟାରେ ସିଦ୍ଧଯୋଗୀ ଚନ୍ଦ୍ରମଣି ଦାସଙ୍କ ତିରୋଧାନ ଦିବସ ଅବସରରେ ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି ଗୋରେଖନାଥ ସାହୁ ଯୋଗଦେଇ ଚନ୍ଦ୍ରମଣି ଦାସଙ୍କ ସାହିତ୍ୟ ଦର୍ଶନ ଏବଂ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲା ନାରିଜାଗରଣ କେନ୍ଦ୍ରର ସଭାନେତ୍ରୀ ମିନା ମହାରଣା, ଡ. ଅନିରୁଦ୍ଧ କୁରକୁରିଆ ଯୋଗ ଦେଇଥିଲେ। ଶିକ୍ଷକ ମକୁନ୍ଦ ଧରୁଆ ସଭା ପରିଚାଳନା କରିଥିଲେ। ସରୋଜ ବେଦବଗ. ପଞ୍ଚାନନ ମନ୍ନା, ଶିକ୍ଷକ ଅଚ୍ୟୁତ କୁରକୁରିଆ, ଶଶିଶେଖର ଉଡାନ, ଭୁବନେଶ୍ୱର ଉଡାନ ପ୍ରମୁଖ ଯୋଗ ଦେଇଥିଲେ।

### ଅବକାରୀ ବିଭାଗ ପଞ୍ଝାରେ ୨ ନିଶାବେପାରୀ

# ୨୧ ଗ୍ରାମ ବ୍ରାଉନସୁଗର, ୯୫୦ ଗ୍ରାମ୍ ଗଞ୍ଜେଇ ଜବତ

**ଜଗତସିଂହପୁର/ ବାଲିକୁଦା,୧୫।୧୨(ସମିସ)**

ସୋମବାର ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ଉ କରି ୨ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ବିଭାଗ। ବାଲିକୁଦା ଥାନା ଅନ୍ତର୍ଗତ ଡେଙ୍ଗାପୋଲ ବଜାରରେ ଦୀର୍ଘ ଦିନ ହେବ ବ୍ରାଉନସୁଗର କାରବାର ଲୁଚାଛପାରେ ଚାଲୁଥିବା ବେଳେ ଏକ ବିଶେଷ ସୂତ୍ରକୁ ଆଧାର କରି ବାଲିକୁଦା ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର ରବି ବେହେରା ନିଜ ଟିମ୍ ସହ ଚଢ଼ଉ କରିଥିଲେ। ଅଭିଯୁକ୍ତ ଜଣଙ୍କ ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ତାକୁ କାବୁ କରିନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୨୧ ଗ୍ରାମର ବ୍ରାଉନସୁଗର ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୨.୧୦ ଲକ୍ଷ ଟଙ୍କା ହେବ। ଗିରଫ ଅଭିଯୁକ୍ତ ଜଣକ ହେଲେ ଦାଦପୁର ଗ୍ରାମର ପ୍ରଶାନ୍ତ ମହାରଣାଙ୍କ ପୁଅ ମୃତ୍ୟୁଞ୍ଜୟ ମହାରଣା(୨୮)। ସେହିପରି ଅନ୍ୟ ଏକ ଘଟଣାରେ ଜଗତସିଂହପୁର ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର ନରେଶ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ଜଗତସିଂହପୁର ଥାନା ଅନ୍ତର୍ଗତ ଗୁମୁଟିପୁର ଗ୍ରାମରେ ଚଢ଼ଉ କରି ୯୫୦ ଗ୍ରାମର ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ବେପାରରେ ଜଡ଼ିତ ଥିବା ଗୁମୁଟିପୁର ଗ୍ରାମର ସ୍ୱର୍ଗତ ଗୋବିନ୍ଦ ଖଟୁଆଙ୍କ ପୁଅ ବିଷ୍ଣୁ ଚରଣ ଖଟୁଆ(୬୫)ଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୯,୫୦୦ ଟଙ୍କା ହେବ। ଆଜିର ଏହି ଚଢ଼ଉରେ ବାଲିକୁଦା ଅବକାରୀ ଥାନାର କନଷ୍ଟେବଲ ଦୀନବନ୍ଧୁ ସେଠୀ, ପ୍ରତିମା ଜେନା, ଶୁଭଶ୍ରୀ ବିଶ୍ୱାଳ ଏବଂ ଜଗତସିଂହପୁର ଅବକାରୀ ଥାନାର ଏଏସ୍‌ଆଇ ଶୁଭଦର୍ଶିନୀ ସାହୁ, କନଷ୍ଟେବଲ ବର୍ଷାରାଣୀ ଖୁଣ୍ଟିଆ, ଅନୁରାଗ ସୂର୍ଯ୍ୟବଂଶୀ ପ୍ରମୁଖ ସାମିଲ ଥିଲେ। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଦୁଇଟି ଅଲଗା ଅଲଗା ମାମଲାରେ କୋର୍ଟଚାଲାଣ କରାଯାଇଥିବା ବେଳେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।



### ● ଟ୍ରକ୍ ପଛରେ ପିଟି ହେଲା ବାଇକ୍

## ବାଇକ ଚାଳକ ଗୁରୁତର

ପାରାଦୀପ,୧୫।୧୨(ସମିସ): ଟ୍ରକ୍ ପଛରେ ଜଣେ ବାଇକ୍ ଚାଳକ ପିଟି ହୋଇ ଗୁରୁତର ଆହତ ହୋଇଛନ୍ତି। ଏଭଳି ଘଟଣା ପାରାଦୀପ ନେହୁରବଙ୍ଗଳା ରାସ୍ତାରେ ଘଟିଛି। ଘଟଣା ଅନୁଯାୟୀ ଆଜି ସକାଳ ୫.୩୦ ସମୟରେ ନେହୁରବଙ୍ଗଳା ଅଞ୍ଚଳରେ ରହୁଥିବା କୈଳାଶ ଦଳେଇଙ୍କ ପୁଅ ତପନ ଦଳାଇ ନିଜ ଗାଁ ଅସ୍ତରଙ୍ଗକୁ ଯାଉଥିବା ବେଳେ ନେହୁରବଙ୍ଗଳା ରାସ୍ତାରେ ବାଟରେ ଠିଆ ହୋଇଥିବା ଏକ ଟ୍ରକ୍ ପଛରେ ପିଟି ହୋଇଯାଇଥିଲେ। ଫଳରେ ତାଙ୍କର ମୁଣ୍ଡ, ଗୋଡ ଓ ଅଣ୍ଟାରେ ଶକ୍ତ ଆଘାତ ଲାଗିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତୁରନ୍ତ ତାଙ୍କୁ ସ୍ଥାନୀୟ ଅଠରବାଙ୍କୀ ମେଡିକାଲ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯିବା ପରେ ସ୍ୱାସ୍ଥ୍ୟ ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ଅଶ୍ୱିନୀ ହସ୍ପିଟାଲ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ଏବେ ସେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ତେବେ ଉକ୍ତ ଯୁବକଙ୍କର ମୁଣ୍ଡ ଫାଟି ଯିବା ସହ, ଗୋଡ ଭାଙ୍ଗି ଯାଇଛି ଓ ଅଣ୍ଟାର ମେରୁଦଣ୍ଡ ହାଡ ଭାଙ୍ଗି ଯାଇଥିବା ଜଣାପଡିଛି। ଖବର ପାଇ ମେରାଇନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିବା ସହ ଟ୍ରକ୍ ଡ୍ରାଇଭରକୁ ଥାନାକୁ ଆଣିଛି। ତେବେ ସେହି ନେହୁରବଙ୍ଗଳା ରାସ୍ତାରେ ଜେଏସଡବ୍ଲୁର ସହ ସହ ଟ୍ରକ ରାସ୍ତା କଡରେ ବିନା ସିଗନାଲରେ ଛିଡା ହେଉଛନ୍ତି। ଯେହେତୁ ଜେଏସଡବ୍ଲୁର କୌଣସି ଟ୍ରକ ପାର୍କିଂ ପାଇଁ ଜାଗା ନାହିଁ, ତା' ସହିତ ଡ୍ରାଇଭର ମାନଙ୍କ ବେପରୁଆ ଗାଡି ଚାଳନା ଓ ଦ୍ରୁତ ଗତିରେ ସେହି ରାସ୍ତାରେ ଗାଡ଼ି ଚଳାଇବା ଦ୍ୱାରା ପ୍ରତ୍ୟେକ ଦିନ କିଛି ନା କିଛି ଦୁର୍ଘଟଣା ଘଟୁଛି। ଏଥିପ୍ରତି ଦୃଷ୍ଟି ଦେବାକୁ ନେହୁରବଙ୍ଗଳା ଅନ୍ତେବାସୀ ଦାବି ଜଣାଇଛନ୍ତି।

### ● ବାଲି ମାଫିଆଙ୍କ ସହିତ ସମ୍ପର୍କ ଅଭିଯୋଗ

## ଜିଲ୍ଲା ଖଣି ଅଧିକାରୀଙ୍କ ନାମରେ ଏତଲା

ଜଗତସିଂହପୁର,୧୫।୧୨(ସମିସ): ଜଗତସିଂହପୁର ଜିଲ୍ଲା ଖଣି ଅଧିକାରୀ ସତୀଶ ତରାଇଙ୍କ ନାମରେ ଆସିଛି ସଙ୍ଗୀନ ଅଭିଯୋଗ। ଚୋରା ବାଲି କାରବାର ଚଲାଇ ଆସିଥିବା ମାଫିଆ ମାନଙ୍କ ସହିତ ଭିତିରିଆ ସଂପର୍କ ଅଭିଯୋଗରେ ଜଗତସିଂହପୁର ସଦର ଥାନାରେ ଖଣି ଅଧିକାରୀଙ୍କ ନାମରେ ଏତଲା ଦେଇଛନ୍ତି ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ। ଅଭିଯୋଗ ପାଇବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେପଟେ ବାଲି ମାଫିଆଙ୍କୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ଥିବାରୁ ତୁରନ୍ତ ଖଣି ଅଧିକାରୀଙ୍କୁ ଗିରଫ କରିବା ପାଇଁ ଜଗତସିଂହପୁର ଜିଲ୍ଲା ଜନ ସାମ୍ମୁଖ୍ୟ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## ପୁସ୍ତକମେଳା ସ୍ମରଣିକା ସବ୍‌କମିଟି ବୈଠକ

ଜଗତସିଂହପୁର,୧୫।୧୨(ସମିସ): ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆସନ୍ତା ଜାନୁଆରୀ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ୨୭ତମ ଜଗତସିଂହପୁର ପୁସ୍ତକମେଳାର ସ୍ମରଣିକା ସବକମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ମରଣିକା "ସ୍ମୃତିପତ୍ର'ର ମୁଖ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକର ନିଷ୍ପତି ଅନୁଯାୟୀ ସ୍ମରଣିକା ପାଇଁ ଲେଖା ଆସନ୍ତା ୨୦ ତାରିଖ ସୁଦ୍ଧା ସ୍ମୃତିପତ୍ରର ମୁଖ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଆଚାର୍ଯ୍ୟ କିମ୍ବା ସାଂସ୍କୃତିକ ପରିଷଦର ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଦାସଙ୍କ ନିକଟରେ ପହଞ୍ଚିବାକୁ ଅନୁରୋଧ କରାଯାଇଛି। ଏହି ସ୍ମୃତିପତ୍ର ପୁସ୍ତକମେଳାର ଉଦଯାପନୀ ସନ୍ଧ୍ୟା ଜାନୁଆରୀ ୨୧ ତାରିଖରେ ଲୋକାର୍ପିତ କରାଯିବାକୁ ସ୍ଥିର ହୋଇଛି। ସ୍ମୃତିପତ୍ର ନିମନ୍ତେ ଲେଖା ଦେବାକୁ ଇଚ୍ଛୁକ ବନ୍ଧୁମାନଙ୍କୁ ଜଗତସିଂହପୁର ଐତିହ୍ୟ ସଂପର୍କୀୟ ଲେଖା ଦେବା ପାଇଁ ଅନୁରୋଧ କରାଯାଇଛି। ଏହି ବୈଠକରେ ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଉପାଧ୍ୟକ୍ଷ ବିଜୟ କୁମାର ରାଉତ, ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ମାନସ କୁମାର କାନୁନଗୋ, ସ୍ମରଣିକା କମିଟିର ସଦସ୍ୟ ଡ. ଜ୍ୟୋତିର୍ମୟୀ ମହାନ୍ତି, ଡ. ସୁରେନ୍ଦ୍ରନାଥ ତ୍ରିପାଠୀ, ଡା. କୈଳାସ ମଲ୍ଲିକ, ନିକୁଞ୍ଜ କିଶୋର ବେହେରା, ମନୋଜ ଦାଶ, ଉତ୍କଳ ରଞ୍ଜନ ମହାନ୍ତି, ସୁଦର୍ଶନ ବେହେରା, ପରିକ୍ଷିତ ପାଢ଼ୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## 'ମୁଁ ନାରୀ ନୁହେଁ; ନାରାୟଣୀ'



ତିର୍ତ୍ତୋଲ, ୧୫।୧୨(ସମିସ): ରତ୍ନପର୍ଣ୍ଣା କଳା ସାହିତ୍ୟ ସଂସଦ ପକ୍ଷରୁ ତିର୍ତ୍ତୋଲ ନିକଟ ତେନ୍ତୁଳିପଦା ସାରଳା ରୋଡ୍ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ସଂସଦର ସମ୍ପାଦିକା ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ 'ମୁଁ ନାରୀ ନୁହେଁ ନାରାୟଣୀ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ମହିଳା ମାନଙ୍କୁ ନେଇ ଅନୁଷ୍ଠିତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମକୁ ଶାଶ୍ୱତ ସେତୁ ସମ୍ପାଦିକା ଡ. ଆରତୀ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ସାଇ ରତ୍ନପର୍ଣ୍ଣା ପ୍ରାରମ୍ଭିକ ସଙ୍ଗୀତ ଓ ପାୟଲ ମଣ୍ଡଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ପ୍ରାଧ୍ୟାପିକା ଡ. ବିଷ୍ଣୁପ୍ରିୟା ଦାସ ଯୋଗଦେଇ ନାରୀ ମାନେ ସର୍ବଗୁଣ ସମ୍ପୂର୍ଣ୍ଣା ବୋଲି କହିଥିଲେ। ମୁଖ୍ୟବକ୍ତା ସମାଜସେବୀ କନକଲତା ସୁତାର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୀତା ଦାସ, ଗୋଲାପରାଣୀ ସାହୁ, ପ୍ରତିଭା ମିଶ୍ର, କବିତା ମିଶ୍ର, ଶ୍ରଦ୍ଧାଞ୍ଜଳି ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ପାଦିକା ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ ତାଙ୍କ ବକ୍ତବ୍ୟରେ ନାରୀ ମାନଙ୍କୁ ଆର୍ଥିକ ଓ ମାନସିକ ଭାବେ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଞ୍ଜନା ମହାନ୍ତି, ପଦ୍ମାବତୀ ମିଶ୍ର, ବିଦ୍ୟୁତଲତା ମହାପାତ୍ର, ମିନତୀ ପ୍ରଭା ସାହୁ, ଛବିରାଣୀ ଦାସ, ଶୁଭଲକ୍ଷ୍ମୀ ମଲ୍ଲିକ, ମିନତୀ ଦାସ, ଗୀତାଞ୍ଜଳି ପୃଷ୍ଟି, ତପସ୍ୱିନୀ ବାରିକ, ଲିଲିବାଲା ସେଠୀ, ସିଲାରାଣୀ ମଲ୍ଲିକଙ୍କ ସମେତ ଜିଲାର ବିଭିନ୍ନ ବ୍ଲକରୁ ମହିଳା ମାନେ ଯୋଗଦେଇଥିଲେ। କାବେରିକା ଆଚାର୍ଯ୍ୟ ଧନ୍ୟବାଦ୍ ଦେଇଥିଲେ।

## ଜଳସେଚନ ଗଣନା ଉପରେ କ୍ଷେତ୍ର ପରୀକ୍ଷା ଓ ସମୀକ୍ଷା



ଜଗତସିଂହପୁର,୧୫।୧୨(ସମିସ): ଜଗତସିଂହପୁର ବ୍ଲକର ଇଟାପଡା ଗ୍ରାମ ଏବଂ ତିର୍ତ୍ତୋଲ ବ୍ଲକର ସଅାଁରା ଗ୍ରାମରେ ୭ମ କ୍ଷୁଦ୍ର ଜଳସେଚନ ଗଣନା, ୨ୟ ଜଳାଶୟ ଗଣନାର କ୍ଷେତ୍ର ତଦାରଖ କରାଯାଇଛି। ଏହି ସର୍ଭେ କାର୍ଯ୍ୟ ଏସ୍‌ଏଫଏସ ପଙ୍କଜିନୀ ଖଟୁଆ ଓ ପିନାକୀ ପ୍ରସାଦ ଶତପଥି ସର୍ବେକ୍ଷଣକାରୀଙ୍କ ଦ୍ୱାରା କରାଯାଇଥିଲା। ତଦାରଖ ସମୟରେ ଜିଲ୍ଲା ଯୋଜନା ଏବଂ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଜଗତସିଂହପୁରର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଡ. ନନ୍ଦ ଗଣନା କରାଯାଇଥିବା ଜଳ ଉତ୍ସ ଏବଂ କ୍ଷୁଦ୍ର ଜଳ ସେଚନ ଯୋଜନା ଗୁଡ଼ିକୁ ଯାଞ୍ଚ କରିବା ସହ ତ୍ରୁଟି ସୁଧାରିଥିଲେ। ତତ୍ପରେ ଜିଲ୍ଲା ଯୋଜନା ଏବଂ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଜଗତସିଂହପୁରର ନିର୍ଦ୍ଦେଶକ ଡ. ବିଜୟ ଭୂଷଣ ନନ୍ଦଙ୍କ ଅଧ୍ୟକ୍ଷତାରେ ରିଫ୍ରେସର୍ ଟ୍ରେନିଂ ପ୍ରୋଗ୍ରାମ ଆୟୋଜିତ ହୋଇଥିଲା। ଏହି ବୈଠକରେ ଡ. କୈଳାଶ ଚନ୍ଦ୍ର ପାଣି (ବିଷୟ ବିଶେଷଜ୍ଞ ), ସରୋଜ କୁମାର ସେଠୀ (ଯୁଗ୍ମ ନିର୍ଦ୍ଦେଶକ, କେନ୍ଦ୍ରାଞ୍ଚଳ, କଟକ) ଏବଂ ଗୀତା ରାୟ, ସହକାରୀ ନିର୍ଦ୍ଦେଶକ, କେନ୍ଦ୍ରାଞ୍ଚଳ, କଟକ ଯୋଗ ଦେଇଥିଲେ। ଅତିଥିମାନେ ୭ମ କ୍ଷୁଦ୍ର ଜଳସେଚନ ଗଣନାର ପ୍ରକ୍ରିୟା, ପଦ୍ଧତି ଓ ମୌଳିକ ଧାରଣା ସମ୍ପର୍କରେ ଗଣନାକାରୀମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇ ସେମାନଙ୍କର ସମସ୍ତ ସନ୍ଦେହ ଓ କ୍ଷେତ୍ର ସମସ୍ୟା ନିରାକରଣ କରିଥିଲେ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ଜଗତସିଂହପୁର,୧୫।୧୨(ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୧୧୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୫ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୫ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୪ଟି, ଆବାସ ଯୋଜନା ସମ୍ପର୍କୀୟ ୧୨ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୪ଟି, ଭତ୍ତା ପାଇବା ପାଇଁ ୯ଟି, ପୋଲିସ ସହାୟତା ପାଇବା ପାଇଁ ୮ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୨୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ତେବେ ମାତ୍ର ୧୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଡିଏଫ୍‌ଓ, ରାଜନଗର, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅଜୀଙ୍କ୍ୟା ମାଣେ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

## ସୋମପୁର 'ବୁଢ଼ା ପୀର'ଙ୍କ ବାର୍ଷିକ ଉତ୍ସବ




ଏରସମା,୧୫।୧୨(ସମିସ): ଏରସମା ବ୍ଲକର ସୋମପୁର ପଞ୍ଚାୟତର ସୋମପୁର ଗ୍ରାମ ମସ୍‌ଜିଦ ନିକଟରେ ଅବସ୍ଥିତ ବୁଢ଼ା ପୀରଙ୍କର ବାର୍ଷିକ ଉତ୍ସବ ଓ ପ୍ରବଚନ କାର୍ଯ୍ୟକ୍ରମ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏହି ମସ୍‌ଜିଦ ପରିସରରେ ବିଭିନ୍ନ ପ୍ରକାର ମୀନା ବଜାର ଓ ବ୍ୟବସାୟିକ ମେଳା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନ ଉତ୍ସବରେ ବୁଢା ପୀର ଉତ୍ସବ କମିଟିର ମୁଖ୍ୟ ଟୁକୁନ ସାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ମୁଖ୍ୟବକ୍ତା ବରିଷ୍ଠ ଆଇନଜୀବୀ ଡ. ବୀର ନାରାୟଣ ପାତ୍ର ଯୋଗଦେଇ ସମାଜରେ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସଂହତି, ସଦ୍‌ଭାବ ଓ ଭାଇଚାରା ପ୍ରତିଷ୍ଠା ଦିଗରେ ସମସ୍ତେ ଯତ୍ନବାନ ହେଲେ ସମାଜରେ ଶାନ୍ତି ଓ ସଂହତି ପ୍ରତିଷ୍ଠା ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଦୁଷ୍ମନ୍ତ ସେଠୀ, ସନାତନ ନାୟକ, କ୍ଷେତ୍ରମୋହନ ମହାରଣା ପ୍ରମୁଖଙ୍କ ସହିତ ବିଶିଷ୍ଟ ଅତିଥିମାନେ ଯୋଗଦେଇଥିଲେ। ସୋମପୁର ହାଇସ୍କୁଲର ଗତ ଦଶମ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର, ଉପଢୌକନ ପ୍ରଦାନ କରିଥିଲେ। ଏହି ଦୁଇଦିନ ବ୍ୟାପି କାର୍ଯ୍ୟକ୍ରମରେ ବୁଢା ପୀରଙ୍କ ମସଜିଦରେ ବିଭିନ୍ନ ପ୍ରକାର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ୟାରୁ ସାହା, ମନୋହର ଅଲ୍ଲୀ, ଶେଖ ଜିନ୍ନା, କାଳନ୍ଦୀ ବେହେରା, ନିକୁଞ୍ଜ ଓଝା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ବାଲିଆ କଣି ଓ ଗାରିଆ କ୍ଲଷ୍ଟରରେ ଶିକ୍ଷାସଭା




ଏରସମା,୧୫।୧୨(ସମିସ): ଏରସମା ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନ ବାଲିଆକଣି କ୍ଲଷ୍ଟରରେ 'ଆସ ସ୍କୁଲ୍ ଯିବା' କାର୍ଯ୍ୟକ୍ରମ ପାଇଁ ଶିକ୍ଷା ସଭା ପଞ୍ଚପଲ୍ଲୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୋଖରିଆପଡା ପ୍ରଧାନ ଶିକ୍ଷକ ଅନିଲ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ଆସ ସ୍କୁଲ୍ ଯିବା' ପାଇଁ ଏକ ସଚେତନତା ସଭାରେ ମୁଖ୍ୟଅତିଥି ରୂପେ ଏରସମା ବିଡିଓ ଦାଶରଥୀ ଜେନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପୋଖରଆପଡା ସରପଞ୍ଚ ଗଦାଧର ମଲ୍ଲିକ, ନାରଦିଆ ପଞ୍ଚାୟତର ସମିତି ସଭ୍ୟ ପ୍ରଫୁଲ୍ଲ ପାଲ, ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମହାପାତ୍ର, ୱାର୍ଡ ସଭ୍ୟ ଅମୁଲ୍ୟ ଦାସ, ସ୍କୁଲ୍ ପରିଚାଳନା କମିଟି ସଭାପତି ହିମାଂଶୁ ସାହୁ ଯୋଗ ଦେଇଥିଲେ। କ୍ଲଷ୍ଟର ସଂଯୋଜିକା ନିବେଦିତା ଜେନା ଆସ ସ୍କୁଲ୍ ଯିବା ଓ ସରକାରୀ ସ୍କୁଲ୍‌ର ଉପକାରିତା ଉପରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ଶଙ୍କର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ଲଷ୍ଟରରୁ ୫ ଜଣଙ୍କୁ ଅଧାରୁ ପାଠ ଛାଡ଼ି ଥିବା ପିଲାଙ୍କ ଭିତରୁ ସୌମ୍ୟରଞ୍ଜନ ମହାନ୍ତିଙ୍କୁ ବିଡିଓ ଫୁଲ ତୋଡା ଦେଇ ଆଗକୁ ପାଠ ଅଧିକ ପଢ଼ିବା ପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟତ୍ରୀ ଏଲିନା ପଣ୍ଡା, ସନ୍ଧ୍ୟାରାଣୀ ପାତ୍ର, କବିତା ଷଡ଼ଙ୍ଗୀ ନିରୁପମା ସ୍ୱାଇଁ, ବୀଣାପାଣି ସ୍ୱାଇଁ, ଚନ୍ଦ୍ରମା ଚୌଧୁରୀ, ଶିକ୍ଷକ ସନ୍ତୋଷ ମହାନ୍ତି, ରାକେଶ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

## ଚକ୍ଷୁ ଚିକିତ୍ସା ଶିବିର ଓ ଚଷମା ବଣ୍ଟନ



ବାଲିକୁଦା,୧୫।୧୨(ସମିସ): ବାଲିକୁଦା ବ୍ଲକ ବଡ଼ଗାଁ ପଞ୍ଚାୟତ ମା' କରକେଇ ପୀଠରେ ଏକ ଚକ୍ଷୁ ଚିକିତ୍ସା ଶିବିର ଓ ଚଷମା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆଖପାଖ ଅଞ୍ଚଳରୁ ଶତାଧିକ ମହିଳା ଓ ପୁରୁଷ ଚକ୍ଷୁ ପରୀକ୍ଷା କରାଇଥିଲେ। ଜଗତସିଂହପୁର ଭୂମିକା ଚକ୍ଷୁ ହସ୍ପିଟାଲ ଡା. ଧନେଶ୍ୱର ପ୍ରଧାନ, ଡା. ଶୁଭ୍ରଜିତ ସେଠି, ଜିଏନ୍‌ଏମ୍ ମଧୁସ୍ମିତା କାଣ୍ଡି, ଲୋପାମୁଦ୍ରା ସିଂ, ବିଶ୍ୱଜିତ ମହାନ୍ତି, ପ୍ରଜ୍ଞା ପରିମିତା, ସୋନି ପ୍ରଧାନ, ପରିଚାଳକ ତ୍ରୈଲୋଚନ ସ୍ୱାଇଁ, ସହ ପରିଚାଳକ ଅଜୟ ଦାସ, ଗୀତାଞ୍ଜଳି ସ୍ୱାଇଁ ପ୍ରମୁଖ ଶିବିରରେ ପଞ୍ଜୀକରଣ କରାଇଥିବା ୩୩୭ ଜଣ ରୋଗୀଙ୍କୁ ଚକ୍ଷୁ ଚିକିତ୍ସା ଯୋଗାଇ ଦେଇଥିଲେ। ଏଥିମଧ୍ୟରୁ ୧୬ ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିବା ବେଳେ ଅସ୍ତ୍ରୋପଚାର ପାଇଁ ୯ ଜଣ ଭୂମିକା ହସ୍ପିଟାଲ ଯାଇଥିଲେ। ୨୯୦ ଜଣ ରୋଗୀଙ୍କୁ ମାଗଣାରେ ଚଷମା ଓ ଔଷଧ ପ୍ରଦାନ କରାଯାଇଥିଲା। ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ଯୁବ ନେତା ତଥା ସମାଜସେବୀ ସଂଜୀବ ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପିଙ୍କୁ ଦଳାଇ, କାର୍ତ୍ତିକ ବିଶ୍ୱାଳ, ତାପସ ରାଉତ, ପ୍ରଦୀପ୍ତ ନାୟକ, ସଂଗ୍ରାମ କିଶୋର ମହାନ୍ତି ପ୍ରମୁଖ ସହଯେଗା କରିଥିଲେ।

### ଲାମକୋକ୍‌ର ବାଟମାରଣା ଅଭିଯୋଗ

# ବାଟରେ କାଢ଼ି ବିକି ଦେଉଛନ୍ତି ଟ୍ରକ୍ ଚାଳକ

ପାରାଦୀପ,୧୫।୧୨(ସମିସ): ପଣ୍ୟ ପରିବହନରେ ବାଟମାରଣା ହେଉଥିବା ନେଇ ଆଜି ଏକ ବଡ଼ ଧରଣର ଖୁଲାସା ହୋଇଛି। ଟ୍ରକ୍ ଡ୍ରାଇଭରମାନେ କ୍ୱିଣ୍ଟାଲ କ୍ୱିଣ୍ଟାଲ ପଣ୍ୟ ରାସ୍ତାରେ ଆସିବା ବାଟରେ ଟ୍ରକ୍‌ରୁ କାଢ଼ି ବିକ୍ରି କରିଦେଉଛନ୍ତି। ଏ ସବୁ ଟ୍ରକ ମାଲିକମାନଙ୍କ ସହମତିରେ କରାଯାଉଥିବା ଜଣାପଡିଛି। ଆଜି ପୋର୍ଟ ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବା ଏମ୍‌ସିଏଚପି ପ୍ଲଟରେ ପଣ୍ୟ ଖାଲି କରିବା ବେଳେ ସନ୍ଦେହରେ ତିନିଟି ଟ୍ରକ୍‌କୁ ଧରାଯାଇଛି। ଟ୍ରକ୍ ସହ ଡ୍ରାଇଭରମାନଙ୍କୁ ମଧ୍ୟ ଅଟକ ରଖାଯାଇ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ତେବେ ଦୋଷୀ ନିଶ୍ଚିତ ଧରାପଡିବ ବୋଲି ପୁଲିସ କହିଛି।

ସୂଚନା ମୁତାବକ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ କମ୍ପାନୀ ଯାଜପୁର ସ୍ଥିତ ଜିନ୍ଦଲ କୋକ୍ ଲିମିଟେଡ୍ ରୁ ଲାମକୋକ ହାଜିରା ପ୍ଲାଣ୍ଟକୁ ଜଳପଥରେ ପଣ୍ୟବାହି ଜାହାଜ ସାହାଯ୍ୟରେ ନିୟମିତ ଭାବେ ପଠାଇ ଆସୁଛନ୍ତି। ତେଣୁ ଇଷ୍ଟର୍ଣ୍ଣ ଷ୍ଟିଭେଡୋର୍ସଙ୍କୁ ଏହି ପଣ୍ୟ ପରିବହନ କାର୍ଯ୍ୟରେ ଜିନ୍ଦଲ କୋକ ଲିମିଟେଡ ପ୍ଲାଣ୍ଟରୁ ପାରାଦୀପ ପୋର୍ଟ ପ୍ଲଟ ପର୍ଯ୍ୟନ୍ତ ପରିବହନ କରିବା ପାଇଁ ନିୟୋଜିତ କରିଛନ୍ତି। କିନ୍ତୁ ପଣ୍ୟ ଗୁଡିକ ବାଟରେ ଟ୍ରକ ସାହାଯ୍ୟରେ ଆସିବା ପରେ ସେଥିରୁ ପଣ୍ୟ ଗୁଡିକ କେତେକାଂଶରେ ବାଟମାରଣା ହେଉଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ ଗତ ଦୁଇ ତିନି ଦିନ ମଧ୍ୟରେ ୧୩ଟି ଟ୍ରକ୍ ଉପରେ ସନ୍ଦେହ ଆସିବାରୁ ପଣ୍ୟ ଖଲାସ ବନ୍ଦ ରଖାଯାଇଛି। ଆଜି ଦିନ ୧୧ଟା ସମୟରେ ପ୍ଲଟରେ ପଣ୍ୟ ଖଲାସ ବେଳେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଅଧିକାରୀ ସ୍ମୃତିରଞ୍ଜନ ସାମନ୍ତରାୟ, ସିକ୍ୟୁରିଟି ଇନଚାର୍ଜ କାମେଶ୍ୱର ଶର୍ମା ଓ ଟ୍ରାନ୍ସପୋର୍ଟ ପ୍ରତିନିଧି ପ୍ରଭାତ ସ୍ୱାଇଁ ଏବଂ ଷ୍ଟିଭେଡୋର୍ସର ପ୍ରତିନିଧି ଓଏସଏଲର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଉପସ୍ଥିତରେ ଉକ୍ତ ସନ୍ଦେହଜନକ ଟ୍ରକ୍ ଗୁଡିକରୁ ପାଲ ଖୋଲାଯାଇଥିଲା। ଟ୍ରକ ନଂ ଓଡି୦୪କିଉ-୦୦୫୪, ଓଡି୦୬ଜେଡ-୧୦୯୫ ଓ ଓଡି୦୫କିୟୁ-୯୫୨୭ର ପାଲ ଖୋଲାଯିବା ପରେ ସେଥିରୁ ପ୍ରଚୁର ପରିମାଣରେ ଧୂଳି, ପାଉଁଶ ଓ ପାଣି ଭିଜା କାର୍ଗୋ ମିଳିଥିଲା। ଉକ୍ତ ଗାଡ଼ିରେ ନିୟୋଜିତ ଡ୍ରାଇଭର ବିଜୟ ନେହା, ବିଜୟ ଖଟୁଆ ଓ ସୁମନ ଦେହୁରୀଙ୍କୁ ପଚାରିବାରୁ ସେମାନେ ଗାଡ଼ିରୁ ଲାମକୋକ ବାହାର କରି ବିକ୍ରୟ କରିଛନ୍ତି। ତାହା ବଦଳରେ ସେହି ପରିମାଣରେ ଧୂଳି, ପାଉଁଶ ଓ ପାଣି ମିଶ୍ରଣ କରିଛନ୍ତି ବୋଲି ସ୍ୱୀକାର କରିଥିଲେ। ଡ୍ରାଇଭରଙ୍କ କହିବା ଅନୁଯାୟୀ ଏଥିରେ ତାଙ୍କ ମାଲିକଙ୍କର ସମ୍ପୃକ୍ତି ଅଛି। ମାଲିକଙ୍କ ନିର୍ଦ୍ଦେଶରେ ଏହା କରାଯାଇଛି। ରାସ୍ତାରେ ଏଭଳି ପଣ୍ୟର ବାଟମାରଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।



# କାୟାକଳ୍ପ ଟିମ୍‌ର କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ




କିଶୋରନଗର,୧୫ ।୧୨(ସମିସ)

କାୟାକଳ୍ପ ଟିମ୍ ମଙ୍ଗଳବାର କିଶୋରନଗର କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଡାକ୍ତରଖାନାର ସ୍ୱଚ୍ଛତା, ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା, ପାନୀୟ ଜଳ ବ୍ୟବସ୍ଥା, ସଂକ୍ରମଣରୁ ରକ୍ଷା ଓ ତାର ପରିଚାଳନା, ପରୀକ୍ଷାଗାର, ବହିଃବିଭାଗ, ନିରାମୟ ଔଷଧ ବଣ୍ଟନ, ଅନ୍ତର୍ବିଭାଗ, ଶିଶୁ ଓ ପ୍ରସୂତି ବିଭାଗ ପରିଦର୍ଶନ କରି ସଠିକ୍ ଭାବେ କାର୍ଯ୍ୟକାରୀ ହେଉଛି ନା ନାହିଁ ତାହା ଅନୁଧ୍ୟାନ କରିଥିଲେ। ପରେ ଡାକ୍ତର, ସମସ୍ତ କର୍ମଚାରୀ ଓ ରୋଗୀଙ୍କ ସହିତ ଆଲୋଚନା କରିଥିଲେ। କାୟାକଳ୍ପ ଟିମରେ ବନ୍ତଲା ଡାକ୍ତରଖାନାର ଡା. ସତ୍ୟନାରାୟଣ ସାହୁ, ବିପିଏମ ରୋଜାଲିନ ସାହୁ, ଦେବାଶିଷ ମିଶ୍ର ସାମିଲ ଥିଲେ। କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡା. ଯତୀନ୍ଦ୍ର ପ୍ରସାଦ ହୋତା, ଡା. ଜେୱା ତ୍ରିପାଠୀ, ବିପିଏମ୍ ଅଜିତ୍ କୁମାର ସାହୁ, ପ୍ରମୋଦ କୁମାର ସିଂହ, ବିଡିଏମ୍ ଅଜିତ୍ କୁମାର ପ୍ରଧାନ, କ୍ୱାଲିଟି ସୁପରଭାଇଜର ଦିବ୍ୟରଞ୍ଜନ ସାହୁ, ବାହାମଳିନ ହାଂସଦା, ସ୍ୱାଗତିକା ପ୍ରଧାନ, ଲିଓନ କୁମାର ସାହୁ, ଦୁଲା ମାଝୀ, ଦମୟନ୍ତୀ ଆଚାର୍ଯ୍ୟ, ଲକ୍ଷ୍ମୀକାନ୍ତ ଘିୱାଲ, ଅନିଲ୍ କୁମାର ପ୍ରଧାନ, ମନୋଜ୍ କୁମାର ନାୟକ, ମିନତି ବେହେରା, ଜିତେନ୍ଦ୍ର ବେହେରା, ସୀମା ନାଏକ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଅନୁଗୋଳ ଡିଫେନ୍ସ ଭେଟରାନର ସମାବେଶ



ଅନୁଗୋଳ,୧୫ ।୧୨(ସମିସ): ଅନୁଗୋଳ ଡିଫେନ୍ସ ଭେଟରାନର ବାର୍ଷିକ ସମାବେଶ କୁକୁଡ଼ାଙ୍ଗ ସତ୍ୟନାରାୟଣ ଉଦ୍ୟାନରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୨୦୦ରୁ ଅଧିକ ଅବସରପ୍ରାପ୍ତ ସୈନିକ ତଥା ସେନା ଅଧିକାରୀ ଯୋଗଦେଇଥିଲେ। ଅନୁଗୋଳ ଡିଫେନ୍ସ ଭେଟରାନ୍‌ର ସଂଗଠନ, ହବ୍ ଇନ୍‌ଚାର୍ଜ ନିଯୁକ୍ତି, ସେନା କର୍ମଚାରୀଙ୍କ ପେନସନ, ବ୍ୟାଙ୍କ୍, ଲାଇଫ ସାର୍ଟିଫିକେଟ ସମସ୍ୟା, କ୍ୟାଣ୍ଟିନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା ହୋଇଥିଲା। ସମାରୋହରେ କ୍ୟାପଟେନ ଏସଏନ୍ ମହାନ୍ତି, ଭେଟରାନ ବନମାଳୀ ନାୟକ, ଭାଗବତ ପ୍ରଧାନ, ନିର୍ବାଚନ କମିଟି ସଦସ୍ୟ ଯୁଗଳ କିଶୋର ସାହୁ, ଚିତ୍ତରଞ୍ଜନ ନାଥଙ୍କ ସମେତ ସମସ୍ତ ହବ୍ ଇନ୍‌ଚାର୍ଜଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଏବଂ ସ୍ମୃତି ଫଳକ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଗୋଳ ଡିଫେନ୍ସ ଭେଟେରାନର ସଭାପତି ଅନିଲ କୁମାର ମହାନ୍ତି ଏବଂ ଉପସଭାପତି ରଞ୍ଜିତ ଜେନାଙ୍କ ତତ୍ତ୍ୱାବଧାନରେ ସମାବେଶ ହୋଇଥିଲା।

# ମା' ବାଉତି କ୍ରିକେଟ ଟୁର୍ଣ୍ଣାମେଣ୍ଟ; ନୂଆହତା ଚାମ୍ପିଅନ

ବଅଁରପାଳ,୧୫ ।୧୨(ସମିସ): ବଅଁରପାଳ ଥାନା ଗଡ଼ ବୁଢ଼ାପଙ୍କ ପଞ୍ଚାୟତ ପନ୍ଦରଭରଣିଆ ଗ୍ରାମରେ ଗ୍ରୀନ୍ ଟେନିସ ବଲ



କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୧୬ ଟିମ୍ ଅଂଶଗ୍ରହଣ କରିଥିଲେ। ତିନି ମ୍ୟାଚ୍ ବିଶିଷ୍ଟ ଫାଇନାଲ୍ ମ୍ୟାଚ ନୂଆହତା ଦୁଇଟିରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଅନିଲ ସାମଲ, ସଞ୍ଜୟ ସାମଲ ଖେଳ ପରିଚାଳନା କରିଥିଲେ। ଭଏସ ଓଫ ଓଡ଼ିଶା କ୍ରିକେଟ ଆସୋସିଏସନର ମାନସ କୁମାର ଦାସ, ଅମିତ ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ, ସମ୍ମାନିତ ଅତିଥି ଭାବେ ସମାଜସେବୀ ପିଣ୍ଟୁ ଭୁତିଆ, ବଅଁରପାଳ ମଣ୍ଡଳ ସଭାପତି ସୁବ୍ରତ ସାହୁ, ଭୋଗବେରିଣି ସରପଞ୍ଚ ଚାପ୍ଲିନ ସାହୁ, କମଳାଙ୍ଗ ସରପଞ୍ଚ ଜିତେନ୍ଦ୍ର ବେହେରା, ଶିଳ୍ପପତି ଟୁନା ରଞ୍ଜନ ଧୀର, ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିଅନ ଦଳକୁ ମୁଖ୍ୟଅତିଥି ୨୫ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସଅପ ଦଳକୁ ସମ୍ମାନିତ ଅତିଥି ୧୫ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ।

# ମଣିଷ, ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ସ୍ମାରକପତ୍ର

ଅନୁଗୋଳ,୧୫ ।୧୨(ସମିସ): ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ଜଙ୍ଗଲ ଅଧ୍ୟୁଷିତ କୁଲାସିଙ୍ଗା, ଗୁରୁଧି, ପୋକୋଣ୍ଡା ଏବଂ ମଣିକାଜୋଡ଼ି ଅଞ୍ଚଳରେ ଜନସାଧାରଣଙ୍କ ସୁରକ୍ଷା, ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଓଭର ହେଡ ବିଦ୍ୟୁତ୍ ଲାଇନଗୁଡ଼ିକୁ ଭୂତଳ କେବଲିଂ ବ୍ୟବସ୍ଥା ଦାବି କରି ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ଜିଲ୍ଲାପାଳଙ୍କ ଜରିଆରେ ଗ୍ରାମବାସୀ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି ଯେ ନିକଟସ୍ଥ ପୁରୁଣାଗଡ଼ରୁ ମଣିକାଯୋଡ଼ି ଏବଂ ପୁରୁଣାଗଡ଼ରୁ ଶରଧାପୁର ପର୍ଯ୍ୟନ୍ତ ଚାଲୁଥିବା ଓଭରହେଡ୍ ବିଦ୍ୟୁତ୍ ସପ୍ଲାଇ ଏବଂ ବଣ୍ଟନ ଲାଇନଗୁଡ଼ିକ ଜଙ୍ଗଲ ନିକଟ ଏବଂ ବନ୍ୟପ୍ରାଣୀ ଯାତାୟାତ କରିଡର ଦେଇ ଯାଇଥାଏ, ଯେଉଁଠାରେ ହାତୀ ଏବଂ ଅନ୍ୟ ବନ୍ୟପ୍ରାଣୀଙ୍କ ଚଳପ୍ରଚଳ ହୋଇଥାଏ। ଓଭରହେଡ୍ ବିଦ୍ୟୁତ୍ ଲାଇନଗୁଡ଼ିକ ବନ୍ୟପ୍ରାଣୀ ଏବଂ ଗ୍ରାମବାସୀଙ୍କ ଜୀବନ ଏବଂ ସୁରକ୍ଷା ପାଇଁ ଗୁରୁତର ବିପଦ ସୃଷ୍ଟିକରେ। ବିଶେଷକରି ପ୍ରତିକୂଳ ପାଗ ଯଥା; ଝଡ଼ତୋଫାନ ସମୟରେ ଖୁଣ୍ଟଗୁଡ଼ିକ ଭାଙ୍ଗି ଅଧିକ ବିପଦ ସୃଷ୍ଟିକରେ। ଏହାବ୍ୟତୀତ ଉପରୋକ୍ତ ଓଭରହେଡ୍ ଲାଇନଗୁଡ଼ିକ ବାରମ୍ବାର ବାଧାପ୍ରାପ୍ତ ହେବା ସମ୍ଭାବନା ଅଧିକ। ଫଳରେ ଦୀର୍ଘ ଏବଂ ବାରମ୍ବାର ବିଦ୍ୟୁତ୍ କାଟ ହୁଏ। ଏହାଦ୍ୱାରା କୁଲାସିଙ୍ଗା, ଗୁରୁଧି, ପୋକୋଣ୍ଡା ଏବଂ ମାଣିକାଯୋଡ଼ି ଗ୍ରାମବାସୀଙ୍କ ଘରୋଇ ଜୀବନ, କୃଷି, ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସାମଗ୍ରିକ ସାମାଜିକ-ଆର୍ଥିକ ବିକାଶ ଗୁରୁତର ଭାବେ ପ୍ରଭାବିତ ହୁଏ। ତେଣୁ ସମସ୍ୟା ସମାଧାନ ପାଇଁ ଓଭର ହେଡ ବିଦ୍ୟୁତ୍ ଲାଇନଗୁଡ଼ିକୁ ଭୂତଳ କେବଲିଂ ପାଇଁ ଦାବି କରାଯାଇଛି। ମାଣିକଯୋଡ଼ି ସରପଞ୍ଚଙ୍କ ସମେତ ଶରଧାପୁର ସରପଞ୍ଚ ଲକ୍ଷ୍ମୀପ୍ରିୟା ସାହୁ, ଶରଧାପୁର ପିଏସ ମେମ୍ବର ରାଧାକାନ୍ତ ପଲେଇଙ୍କ ସମେତ ବହୁ ଗ୍ରାମବାସୀ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ସ୍ମାରକପତ୍ରର ନକଲ ଅନୁଗୋଳ ଜିଲ୍ଲାପାଳ, ଏସପି, ଆରସିସିଏଫ, ସାତକୋଶିଆ ବନ୍ୟପ୍ରାଣୀ ଡିଏଫଓ ଏବଂ ବିଦ୍ୟୁତ ବିଭାଗକୁ ପ୍ରଦାନ କରାଯାଇଛି।

# ଫସଲ ପର୍ଯ୍ୟାୟ ଭିତ୍ତିକ ପ୍ରଶିକ୍ଷଣ ଶିବିର

କିଶୋରନଗର,୧୫ ।୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ୍ ଆମ୍ବସରମୁଣ୍ଡା ପଞ୍ଚାୟତ ସିଆରିମଳିହାଠାରେ ଫସଲ ପର୍ଯ୍ୟାୟ ଭିତ୍ତିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୩୦ ଚାଷୀଙ୍କୁ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଡାଲି ଚାଷର ଉତ୍ପାଦନ ଉପରେ ପ୍ରଶିକ୍ଷଣ ଦିଆଯାଇଛି। ମୃତ୍ତିକା ପରୀକ୍ଷା, ଅଣୁସାର, ଘାସମରା, କୀଟନାଶକ, ସନ୍ତୁଳିତ ସାର ପ୍ରୟୋଗ ଉପରେ ତାଲିମ ଦିଆଯାଇଅଛି। ଶିବିରରେ ବ୍ଲକ କୃଷି ଅଧିକାରୀ ଜଗନ୍ନାଥ ବାରିକ, କୃଷି ଜିଲ୍ଲା ଅଧିକାରୀ ବିନୋଦ ଦଳେଇ, ଗ୍ରାମ୍ୟ କୃଷି କର୍ମଚାରୀ ସୁନୀଲ କୁମାର ପ୍ରଧାନ



ଉପସ୍ଥିତ ଥିଲେ। ଗ୍ରାମର ଜଳନ୍ଧର ମାଝୀ, ଜ୍ୟୋତିର୍ମୟ ସାହୁ, ଲିଙ୍ଗରାଜ ସାହୁ ପ୍ରମୁଖ ଚାଷୀ ସହଯୋଗ କରିଥିଲେ।

# ଉଚ୍ଚମାଧ୍ୟମିକ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଉଦଘାଟିତ



ତାଳଚେର,୧୫ ।୧୨(ସମିସ): ଗଡ଼ତଳ ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଧାୟକଙ୍କ ପାଣ୍ଠିରୁ ୯ ଲକ୍ଷ ୯୦ ହଜାର ଟଙ୍କାରେ ନିର୍ମିତ ଅତିରିକ୍ତ ଶ୍ରେଣୀଗୃହ ସୋମବାର ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ତାଳଚେର ପଞ୍ଚାୟତ ସମିତି ଅଧ୍ୟକ୍ଷା ହେମଲତା ମହାନ୍ତି, ଉପାଧ୍ୟକ୍ଷା ଆଞ୍ଚଳ ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟା ସତ୍ୟଭାମା ସାହୁ, ବିଡିଓ ସୁଶାନ୍ତ ବରାଳ, ସନ୍ଥପଡ଼ା ସରପଞ୍ଚ ସହଦେବ ସାହୁ, ସମିତି ସଭ୍ୟା ବୈଜୟନ୍ତୀ ମହାନ୍ତି, ଗୁରୁଜାଙ୍ଗୁଲି ସରପଞ୍ଚ ଲିନା ସାହୁ, ସମିତି ସଭ୍ୟା ରୁନୁ ସିଂ, ଜଗନ୍ନାଥପୁର ସରପଞ୍ଚ ଶୁଭଶ୍ରୀ ଦେବତା, ସମିତି ସଭ୍ୟା ବିନତି ପରିଡ଼ା, ବନ୍ତୁଲ ସରପଞ୍ଚ ଜୟନ୍ତିଲତା ପ୍ରଧାନ, ସମିତି ସଭ୍ୟା ଅମ୍ରିତା ପାଣି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପାଇକରାୟ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ହାତୀ ଘଉଡ଼ାଇବା ପାଇଁ ବୈଠକ

ବଅଁରପାଳ,୧୫ ।୧୨(ସମିସ): ଲଙ୍ଗୁଲିଆବେଡ଼ା ଗ୍ରାମ ସଭାପତି ବ୍ରଜବନ୍ଧୁ ବିଶ୍ୱାଳଙ୍କ ସଭାପତିତ୍ୱରେ ତୁଳସୀପାଳ ଲଙ୍ଗୁଲିଆବେଡା ଓ ଗାଡରଖାଇ ଗ୍ରାମବାସୀଙ୍କ ଏକ ବୈଠକ ତୁଳସୀପାଳ ପାଲମଣ୍ଡପରେ ଅନୁଷ୍ଠିତ ହୋଇଛି। ହାତୀପଲ ଏ ଅଞ୍ଚଳରେ ଦୀର୍ଘ ୫ବର୍ଷ ହେବ ରହି ସବୁ ସମୟରେ ଫସଲ ନଷ୍ଟ କରିବା ସହ ଅନେକ ଲୋକଙ୍କ ଜୀବନ ନେଲେଣି। ବୈଠକରେ ଏ ବିଷୟରେ ଆଲୋଚନା କରାଯାଇ ପ୍ରଶାସନକୁ ଜଣାଇବାକୁ ନିଷ୍ପତ୍ତି ହୋଇଛି। ଯଥାଶୀଘ୍ର ହାତୀ ପାଲକୁ ଅଞ୍ଚଳରୁ ତଡ଼ିବା ପାଇଁ ଅନୁରୋଧ କରାଯିବ। ନଚେତ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ହୋଇଛି। ସଭାରେ ଅଜୟ ସାହୁ, ଧୀରେନ୍ଦ୍ର ଗଡ଼ନାୟକ, ବିକାଶ ସାହୁ, ନିର୍ମଳ ଗଡ଼ନାୟକ, ସୁଜିତ ବିଶ୍ୱାଳ, ପୀତବାସ ବିଶ୍ୱାଳ, ଛକଡ଼ି ସାହୁ, ଦୁଃଖବନ୍ଧୁ ବିଶ୍ୱାଳ, ଉଦୟ ଦାସ, ଗୋପାଳ ନାୟକ ପ୍ରମୁଖ ଯୋଗଦେଇଥିଲେ।



# ରାଜ୍ୟସ୍ତରୀୟ ଚଷା ମହାସମ୍ମିଳନୀ ପ୍ରସ୍ତୁତି ବୈଠକ



ତାଳଚେର,୧୫ ।୧୨(ସମିସ): ଡିସେମ୍ବର ୨୮ ତାରିଖ ଆଠମଲ୍ଲିକ୍ ଉପଖଣ୍ଡ ବାମୁରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଚଷା ମହାସମ୍ମିଳନୀ ପାଇଁ ରେଙ୍ଗାଳିସ୍ଥିତ ଶଙ୍ଖଜ୍ୟୋତି ପବ୍ଲିକ୍ ସ୍କୁଲ୍‌ରେ ତାଳଚେର କେନ୍ଦ୍ରୀୟ ଚଷା ସମାଜର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କେନ୍ଦ୍ରୀୟ ଚଷା ସମାଜ ତାଳଚେର ସଭାପତି ମକୁନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବରିଷ୍ଠ ସଭ୍ୟ ଜୀବନ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ସମ୍ମିଳନୀକୁ ସଫଳ କରିବା ପାଇଁ ସମସ୍ତ ବିଷୟରେ ଆଲୋଚନା ହୋଇଥିଲା। ୫ଟି ଅଞ୍ଚଳର ସଦସ୍ୟ ଓ ବୁଦ୍ଧିଜୀବୀ ମହାସମ୍ମିଳନୀରେ ଯୋଗଦେବା ପାଇଁ ସଭାପତି ଅନୁରୋଧ କରିଥିଲେ। କଣିହାଁ ଅଞ୍ଚଳ ସଭାପତି ଦେବଦତ୍ତ ପ୍ରଧାନ ଓ କେନ୍ଦ୍ରୀୟ କମିଟି ଉପସଭାପତି ଚୈତନ୍ୟ ପ୍ରଧାନ ତାଳଚେର ଉପଖଣ୍ଡର ଚଷା ଭାଇମାନଙ୍କ ସାମୂହିକ ସମସ୍ୟା ସମ୍ମିଳନୀରେ ଉପସ୍ଥାପନ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଶୃଙ୍ଖଳିତ ସମାଜ ଗଠନ ପାଇଁ ନିଶା ନିବାରଣ, ବିବାହ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମରେ ଡିଜେ ବ୍ୟବହାର କଟକଣା କରିବା ପାଇଁ କଣିହାଁ କଲେଜର ପୂର୍ବତନ ଅଧ୍ୟକ୍ଷ ଡା. ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରସ୍ତବ ରଖିଥିଲେ। ଲିଙ୍ଗରାଜ ପ୍ରଧାନ, ଶତ୍ରୁଘ୍ନ ପ୍ରଧାନ, ସୁମନ୍ତ ପ୍ରଧାନ, ତ୍ରିପୁରାରୀ ପ୍ରଧାନ, ବିନୟ ପ୍ରଧାନ, କାଳନ୍ଦୀ ପ୍ରଧାନ, ଯତୀନ୍ଦ୍ର କୁମାର ସାହୁ, ଗୌତମ ସାହୁ, ଯୋଗେଶ୍ୱର ସାହୁ, ମଦନ ସାହୁ, ଚିତ୍ତରଞ୍ଜନ ପ୍ରଧାନ, ସମାଜସେବୀ କ୍ଷିରୋଦ ସାହୁ, ମେଘମାଳ ସାହୁ, ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ରାମଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

# ପାଲଲହଡ଼ାରେ ଯୁଗ୍ମ ଜନଶୁଣାଣି ଶିବିର



ପାଲଲହଡ଼ା,୧୫ ।୧୨(ସମିସ): ପାଲଲହଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅବଦଲ ଏମ ଅଖତର ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ସମୁଦାୟ ୮୪ ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୭୪ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ଅଭିଯୋଗର ଶୁଣାଣି କରାଯାଇଥିଲା। ୭ ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା। ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହାନ୍ତ, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ, ବିଡିଓ ନିଶାନ ମିଶ୍ର, ତହସିଲଦାର ଆକାଂକ୍ଷା ମହାପାତ୍ର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶୋଭିତ କୁମାର ବିଶି ସମେତ ଜିଲ୍ଲା ଓ ଉପଖଣ୍ଡସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଅପରାହ୍ଣରେ ଜିଲ୍ଲାପାଳ ଅଖତର ପାଲଲହଡ଼ା ଉପକାରାଗାର ପରିଦର୍ଶନ କରି ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। କାରାଗାରର ସୁରକ୍ଷା ବ୍ୟବସ୍ଥା, ଅନ୍ତେବାସୀଙ୍କ ମାନବୀୟ ସୁବିଧା ଓ ପରିଷ୍କାର ପରିଚ୍ଛନ୍ନତା ସମ୍ବନ୍ଧରେ ଅନୁଶୀଳନ କରିଥିଲେ।

# ଚୋରି ଅଭିଯୋଗରେ ଜଣେ ଗିରଫ

ଅନୁଗୋଳ,୧୫ ।୧୨(ସମିସ): ଆଠମଲ୍ଲିକ ଥାନା ଭେଟନାରି ଛକରେ ଥିବା ଏକାଧିକ କ୍ୟାବିନ୍ ତାଡ଼ି ଚୋରି ମାମଲାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଠମଲ୍ଲିକ ଖଣ୍ଡହତା ଗାଁର ଡିଲ ଖାନ୍। ଆଠମଲ୍ଲିକ ଥାନା ଖଦାଳ ସାହିର କାଳିଆ ବେହେରାଙ୍କ କ୍ୟାବିନରୁ ଗ୍ୟାସ ସିଲିଣ୍ଡର ଚୋରି ହୋଇଥିବା ଡିସେମ୍ବର ୧୧ ତାରିଖ କାଳିଆ ଥାନାରେ ଅଭିଯୋଗ କରିଥିଲେ। ସେହିଭଳି ମହେନ୍ଦ୍ର ହାଇସ୍କୁଲ ସାମନା ଏକ ଦୋକାନରୁ କିଛିଦିନ ତଳେ ସିଲିଣ୍ଡର, ଚୁଲା ଆଦି ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଥାନା ଏଏସଆଇ ନେପାଳ ପଟ୍ଟା ତଦନ୍ତ କରି ଡିଲ ଖାନ୍‌ଙ୍କୁ ଗିରଫ କରିଛନ୍ତି। ତାଙ୍କଠାରୁ ଚୋରି ସାମଗ୍ରୀ ମଧ୍ୟ ଉଦ୍ଧାର କରାଯାଇଛି। ସୋମବାର ଡିଲଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଦୀପଶିଖା ଏସଏସଭିଏମର ବାର୍ଷିକ କ୍ରୀଡ଼ା



କଣିହାଁ,୧୫ ।୧୨(ସମିସ): ସ୍ଥାନୀୟ ଏନଟିପିସି ଦୀପଶିଖା ଏସଏସଭିଏମର ବାର୍ଷିକ କ୍ରୀଡ଼ା ପ୍ରତଯୋଗିତା ଡିସେମ୍ବର ୧୨ ଓ ୧୩ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏନଟିପିସି କଣିହାଁର ମୁଖ୍ୟ ମହାପ୍ରବନ୍ଧକ ସତ୍ୟ ରାମାକୃଷ୍ଣ, ସମ୍ମାନିତ ଅତିଥି ଭାବେ ମାନବ ସମ୍ବଳ ମୁଖ୍ୟ ନବନୀତ କୁମାର, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ତଥା ଅତିରିକ୍ତ ମହାପ୍ରବନ୍ଧକ ଅଲେଖ ବେହେରା ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ ୩୯୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଭାଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦଯାପନ ଦିବସରେ ମୁଖ୍ୟଅତିଥି ଭାବେ ସିଆଇଏସଏଫ ଡେପୁଟି କମାଣ୍ଡାଣ୍ଟ ଆଲୋକ ପାଣ୍ଡେ ଓ ବିଦ୍ୟାଳୟ ପରିଚାଳନା ସମିତି କୋଷାଧ୍ୟକ୍ଷ ଲୋକନାଥ ସାମନ୍ତ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁମାନେ ସଙ୍କୁଳସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିଭାଗ ଅଧିକାରୀ ରାମ ଅବତାର ବଞ୍ଜାରା ଓ ସିଭିଲ ବିଭାଗ ଉପ ମହାପ୍ରବନ୍ଧକ ରାମ ସତ୍ୟମ ସହଯୋଗ କରିଥିଲେ। ପ୍ରଧାନଆଚାର୍ଯ୍ୟ ସୁଶାନ୍ତ ତ୍ରିପାଠୀଙ୍କ ସମେତ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ।

# ଠେଲକନାଳୀ ପଞ୍ଚାୟତରେ ଜନଶୁଣାଣି

କିଶୋରନଗର,୧୫ ।୧୨(ସମିସ): କିଶୋରନଗର ବ୍ଲକ ଠେଲକନାଳୀ ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। ସରପଞ୍ଚ ଅମିତ ସାହୁ, ଡିଏସଏସଓ ଝସକେତନ ସାହୁ, ବିପିସି (ଆରଏଚ) ସୌମ୍ୟରଞ୍ଜନ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ସ୍ମିତାରାଣୀ ସାହୁ, ଆରଡବ୍ଲ୍ୟୁଏସଏସ୍ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର କର୍ମଚାରୀ ଉପସ୍ଥିତ ଥିଲେ।



# ନିରାଶ୍ରୟ, ବାସହୀନଙ୍କୁ କମ୍ବଳ ବଣ୍ଟନ

ଅନୁଗୋଳ,୧୫ ।୧୨(ସମିସ): ଅନୁଗୋଳର ଚେତନା ଏ ମିଶନ ଦ୍ୱାରା ରାତ୍ରିରେ ପ୍ରଚଣ୍ଡ ଶୀତ ଲହରୀରେ ପ୍ରଭାବିତ ନିରାଶ୍ରୟ ଓ ବାସହୀନ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରା ଯାଇଥିଲା। ରାସ୍ତା କଡ଼ରେ, ହସ୍ପିଟାଲରେ ଓ ବିଭିନ୍ନ ସ୍ଥାନରେ ଶୀତରେ କଷ୍ଟ ପାଉଥିବା ବ୍ୟକ୍ତିଙ୍କ ନିକଟକୁ ଯାଇ ଚେତନାର ପ୍ରତିଷ୍ଠାତ୍ରୀ ବାଣୀ ଦେବ ଓ କର୍ମଚାରୀ ରଞ୍ଜିତ ବେହେରା କମ୍ବଳ ପ୍ରଦାନ କରିଥିଲେ।

# 'ନବୀନଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ'

ତାଳଚେର,୧୫ ।୧୨(ସମିସ): ବିରୋଧୀଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବର୍ଦ୍ଧିତ ଦରମା ଓ ଭତ୍ତା ନେବେ ନାହିଁ ବୋଲି ପ୍ରକାଶ କରିଥିବା ଘଟଣା ତାଳଚେର ବିଜେଡି ମହଲରେ ଖୁସିର ଖବର ହୋଇଛି। ବିଧାୟକମାନଙ୍କ ଦରମା ବୃଦ୍ଧିକୁ ନେଇ ତାଳଚେରବାସୀ ଆଶ୍ଚର୍ଯ୍ୟ ହେବା ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକଙ୍କ ସେବକ କହି ଆସନରେ ବସିଥିବା ବେଳେ ଏବେ ରାଜ୍ୟ ସରକାର କିପରି ବିଧାୟକଙ୍କ ଦରମା ୩ଗୁଣ କରିଛନ୍ତି ତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ମାତ୍ର ଏକଟଙ୍କା ଦରମା ନେଉଥିଲେ। ନବକୃଷ୍ଣ ଚୌଧୁରୀ ଟଙ୍କାଟିଏ ଗ୍ରହଣ କରୁ ନ ଥିଲେ। କାହିଁକି ନା ଏହି ଅର୍ଥ ରାଜକୋଷକୁ ପ୍ରଭାବିତ କରିବା ସହ ଜନମଙ୍ଗଳ ରାଷ୍ଟ୍ରରେ ସେବକମାନଙ୍କ ଦରମା କେତେ ଯୁକ୍ତିଯୁକ୍ତ ଓ ଏକାବେଳେ ଏତେଶୟ ଦରମା ବୃଦ୍ଧି କରିବା ତାହା ସମୀକ୍ଷା କରିବା ଆବଶ୍ୟକତା ଥିଲା ବୋଲି ମତ ପ୍ରକାଶ ପାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ସ୍ୱାଗତଯୋଗ୍ୟ ଅଞ୍ଚଳରେ ମତ ପ୍ରକାଶ ପାଇଛି।

● ପାଲଲହଡ଼ା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିରେ କେନ୍ଦୁଝର ୟୁନିକ କ୍ଲବ



ପାଲଲହଡ଼ା,୧୫ ।୧୨(ସମିସ)

ପାଲଲହଡ଼ା କବ୍ସ କ୍ଲବର ରୌପ୍ୟ ଜୟନ୍ତୀ ଅବସରରେ ସୋମବାର ପାଲଲହଡ଼ା ଷ୍ଟାଡିୟମରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। କ୍ଲବ ସଭାପତି ସନ୍ତୋଷ କୁମାର ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ବରିଷ୍ଠ ବିଜେପି ନେତା ଇଂ ଭରତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ନିଜଗଡ଼ ସରପଞ୍ଚ ଶଶିଭୂଷଣ ଆଚାର୍ଯ୍ୟ ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚ ଅନୁଗୋଳ ଓ କେନ୍ଦୁଝର ୟୁନିକ କ୍ଲବ ମଧ୍ୟରେ ଅନୁଷ୍ଠିତ ହେଇଥିଲା। କେନ୍ଦୁଝର ବିଜୟୀ ହୋଇଛି। କେନ୍ଦୁଝର ଟସ ଜିଣି ଅନୁଗୋଳକୁ ବ୍ୟାଟିଂ କରିବା ପାଇଁ ଆମନ୍ତ୍ରଣ କରିଥିଲା। ଅନୁଗୋଳ ଦଳ ୨୧ ଓଭରରେ ସମସ୍ତ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲା। ଜବାବରେ କେନ୍ଦୁଝର ଦଳ ୩ ଉଇକେଟ ହରାଇ ୧୨୭ ରନ କରି ବିଜୟୀ ହେବା ସହ ପୁଲ-ଏର ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଅଭିଷେକ ସାହୁ ଓ କରୁଣାକର ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ଭୂପେନ କୁମାର ନାଏକ, ଶିବପ୍ରସାଦ ସାମଲ, ଶୁଭାଶିଷ ଜିତ ସ୍କୋରର ଦାୟିତ୍ୱ ତୁଲାଇଥିଲେ। କେନ୍ଦୁଝରର ତାପସ କୁମାର ରାଉତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ କବ୍ସ କ୍ଲବର ପ୍ରାକ୍ତନ ସଭାପତି ସ୍ୱର୍ଗତ ଅଜିତ କୁମାର ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କ୍ଲବ ସମ୍ପାଦକ ସୁବ୍ରତ କୁମାର ମହାନ୍ତିଙ୍କ ସମେତ ଚିତ୍ତରଞ୍ଜନ ପ୍ରଧାନ, ହରିହର ପାଣି, ବିଷ୍ଣୁପ୍ରସାଦ ଦାସ, ମନୋରଞ୍ଜନ ପ୍ରଧାନ, ପ୍ରଶାନ୍ତ ଦାସ, ସକ୍ରାର ସାହୁ, ଦିଲୀପ କୁମାର ସାହୁ, ସୁମନ ନାଏକ, ରଞ୍ଜିତ କୁମାର ସାମଲ, ଲିଙ୍ଗରାଜ ଜେନା, କାର୍ତ୍ତିକ ସାହୁ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ। ମଙ୍ଗଳବାର ସମ୍ବଲପୁର ଓ ଝାରସୁଗୁଡ଼ା ମଧ୍ୟରେ ମ୍ୟାଚ୍ ଖେଳାଯିବ।

# ପୋଲ ନିର୍ମାଣ ଅସମ୍ପୂର୍ଣ୍ଣ; ତାତିଲେ ୩ ପଞ୍ଚାୟତବାସୀ

ବାଲେଶ୍ୱର,୧୫।୧୨(ସମିସ)

କେବେ ସରିବ କାଶୀପୁର କସମିଳା ପୋଲ, ଆଉ ଯାତାୟାତର ସୁବିଧା ପାଇବେ ୩ଟି ପଞ୍ଚାୟତ ବାସିନ୍ଦା। ପ୍ରାୟ ୮୦ ପ୍ରତିଶତ କାମ ସରିଛି। ପୋଲ କାମରେ ବାକି ରହିଛି ଗୋଟିଏ ଖୁଣ୍ଟ ଓ ଦୁଇଟି ସ୍ଲାବ।

ନଗ୍ରମ୍, ବୁଆଁଳ, ସିନ୍ଧିଆ ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତର ପାଖାପାଖି ୩୦ ହଜାରରୁ ଅଧିକ ଲୋକ ବାଲେଶ୍ୱର ସହର ଉପରେ ନିର୍ଭର କରନ୍ତି। ପିଲାମାନଙ୍କ ସ୍କୁଲ ହେଉ କି କଲେଜ ଛାତ୍ରଛାତ୍ରୀ ଯିବା ପାଇଁ ହେଲେ ରେଲୱେ ପାଦଚଲା ସେତୁ ଉପରେ ନିର୍ଭର କରିବାକୁ ପଡେ ନଚେତ ଫୁଲାଡ଼ି ହୋଇ ୧୫ କିମି ବୁଲିଯିବାକୁ ପଡେ। ସେହିପରି ଆମ୍ବୁଲାନ୍ସ କିମ୍ବା ଅଗ୍ନିଶମ ଗାଡ଼ି ପହଞ୍ଚିବାରେ ବିଳମ୍ବ ଘଟୁଛି। ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ଯାତାୟାତ ସୁବିଧା ନ ଥିବାରୁ ପନିପରିବା ବ୍ୟବସାୟରେ କ୍ଷତି ସହୁଛନ୍ତି।

ପ୍ରକାଶ ଯେ, ବାଲେଶ୍ୱର ସହର ଉପକଣ୍ଠ କସିମିଳା ଅଞ୍ଚଳ ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ପୋଲ କାର୍ଯ୍ୟ ଅଟିକି ରହିଛି। ୨୦୧୮ ମସିହାରେ ତତ୍କାଳୀନ ବିଜେଡି ସରକାର ସମୟରେ ବିଜୁ ସେତୁ ପ୍ରକଳ୍ପ ଯୋଜନାରେ ଏହି କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ସଦର ବ୍ଲକ ଅଧିନ ନଗ୍ରମ, ବୁଆଁଳ, ସିନ୍ଧିଆ ଆଦି ପଞ୍ଚାୟତର ହଜାର ହଜାର ଲୋକେ ସହଜରେ ବାଲେଶ୍ୱର ସହରକୁ ଯାତାୟାତ କରିପାରିବେ। କିନ୍ତୁ ଗତ ୨୦୨୪ ମସିହା ମଇ ମାସରୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ଏ ନେଇ ଆଞ୍ଚଳିକ ଉନ୍ନୟନ କମିଟି ପକ୍ଷରୁ ବେଡ଼ପଛ ଅରାଡ଼ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲ ନିର୍ମାଣ କାର୍ଯ୍ୟ ଅଟିକି ରହିଥିବାରୁ ସ୍ଥାନୀୟ ବାସିନ୍ଦା ପୂର୍ବ ଭଳି ରେଳ ବ୍ରିଜ ସାଇଟ ରେ ଥିବା ପାଦ ଚଲା ବ୍ରିଜ ଦେଇ ନିଜ ଜୀବନକୁ ବାଜି ଲଗାଇ ସହରକୁ ଯିବାଆସିବା କରୁଛନ୍ତି। ନଚେତ ଫୁଲାଡ଼ି ଛକ ହୋଇ ଦୀର୍ଘ ୧୫ କିଲୋମିଟର ଅତିକ୍ରମ କରିବାକୁ ପଡୁଛି ସହରକୁ ଆସିବା ପାଇଁ। ତେବେ ଜାହାଜ ଚଳାଚଳ ବିଭାଗର ଆପତ୍ତି ପରେ ନଦୀ ଉପରେ ଏହି ସେତୁ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଦିଆଯାଇଛି ବୋଲି ଉପସ୍ଥିତ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ତେବେ ବୁଢ଼ାବଳଙ୍ଗ ନଦୀ ଉପରେ ଅନେକ ସେତୁ କାର୍ଯ୍ୟକାରୀ ହେଉଥିବା ବେଳେ କାଶୀପୁର-କସିମିଳା ପୋଲ କାର୍ଯ୍ୟକୁ ବିଭିନ୍ନ ଆଳ ଦେଖାଇ ବିଭାଗ ପକ୍ଷରୁ ବନ୍ଦ କରିବା ଦୁର୍ଭାଗ୍ୟର ବିଷୟ ବୋଲି ଉପସ୍ଥିତ ନେତୃମଣ୍ଡଳୀ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଏହି ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରା ନ ଗଲେ ସେଠାରେ ରେଳ ରୋକ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆଞ୍ଚଳିକ ଉନ୍ନୟନ କମିଟିର ସଭାପତି ହରିଷ ଚନ୍ଦ୍ର ସାହାଣୀ, ନଗ୍ରମ ଗ୍ରାମପଞ୍ଚାୟତର ସରପଞ୍ଚ ବନିତା ଭୂୟାଁ, ପୂର୍ବତନ ସରପଞ୍ଚ ସର୍ବେଶ୍ୱର ମହାନ୍ତି, ଗିରିଶ ଚନ୍ଦ୍ର ଦାସ, ଭାସ୍କର ଜେନା, ରଘୁନାଥ ଲେଙ୍କା, ଚତୁର୍ଭୁଜ ପ୍ରଧାନ, ରଞ୍ଜନ ପାଣୀ, ଉଜ୍ଜଳ କର, କୃଷ୍ଣଚନ୍ଦ୍ର ନାୟକ, ରାଜେନ୍ଦ୍ର ସାହାଣୀ, ଭାଗବତ ଜେନା, ବାଇଧର ନାୟକ, କାଶୀନାଥ ମିସ୍ତ୍ରି, ରତ୍ନମଣି ସାହୁ, ଜୟନ୍ତୀ ନାୟକ ପ୍ରମୁଖ ଯୋଗ ଦେଇ ପୋଲ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଦାବି କରିଥିଲେ। ଯଦି ପୋଲ ନିର୍ମାଣ ସଂପୂର୍ଣ୍ଣ ନ ହୁଏ ତେବେ ଆନ୍ଦୋଳନ ସହ ରେଳରୋକ୍ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।




**ରେଳରୋକ ଚେତାବନୀ ଦେଲା ଆଞ୍ଚଳିକ ଉନ୍ନୟନ କମିଟି**

## ୟଙ୍ଗ୍ ଇଣ୍ଡିଆନ ବାଲେଶ୍ୱର ଚାପ୍ଟରର ସ୍ଥାପନା ଦିବସ

ବାଲେଶ୍ୱର,୧୫।୧୨(ସମିସ): ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ଯୁବ ସଂଗଠନ ୟଙ୍ଗ ଇଣ୍ଡିଆନ ବାଲେଶ୍ୱର ଚାପ୍ଟରର ବାର୍ଷିକ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ନେତୃତ୍ୱ ପରାକାଷ୍ଠା ଓ ନୂତନ ଶୁଭାରମ୍ଭ ଲକ୍ଷ୍ୟ ନେଇ ରେମୁଣା ଗୋଲେଇସ୍ଥିତ ଷ୍ଟାର ୱେ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଫ୍ରିକା ମହାଦେଶ ପାଇଁ ଭାରତ ସରକାରଙ୍କ ସ୍ୱତନ୍ତ୍ର ରାଷ୍ଟ୍ରଦୂତ ତଥା ପ୍ରେରଣାଦାୟୀ ବକ୍ତା ଡ. ଦୀପକ ଭୋରା ଯୋଗ ଦେଇ ବିକଶିତ ଭାରତର ଜୟଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଓ ଶିକ୍ଷାବିତ ଡ. ଶାନ୍ତନୁ ପାଣି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ୟଙ୍ଗ ଇଣ୍ଡିଆନ ବାଲେଶ୍ୱର ଚାପ୍ଟର ଅଧ୍ୟକ୍ଷ ଶ୍ରୁତି ସରାଓଗୀ ଏଥିରେ ପୌରହିତ୍ୟ କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ୨୦୨୬ ବର୍ଷ ପାଇଁ ମନୋନୀତ ଅଧ୍ୟକ୍ଷ ଅରୁଣ ରାଠୀ କାର୍ଯ୍ୟକ୍ରମ ପରିଚାଳନା ସହ ୟଙ୍ଗ ଇଣ୍ଡିଆନ ବାଲେଶ୍ୱର ଚାପ୍ଟରର କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ୟଙ୍ଗ ଇଣ୍ଡିଆନ ବାଲେଶ୍ୱର ଚାପ୍ଟରର ମେଣ୍ଟର ସୋନାଲ ମୋର, ସହ ଅଧ୍ୟକ୍ଷ ଡାକ୍ତର ଶେଖ ଇରଫାନ ଅଲୀ, ୨୦୨୬ ବର୍ଷ ପାଇଁ ମନୋନୀତ ସହ-ଅଧ୍ୟକ୍ଷା ଶ୍ୱେତା ଅଗ୍ରୱାଲ, ରୋହିତ ଅଗ୍ରୱାଲ, ଆଦିତ୍ୟ ବେହେରା, ଆଦର୍ଶ ଭଟ୍ଟର, ସୌମ୍ୟା ସାହୁ, ସାଲୋନୀ ସିଂଘାନିଆ, ମୋହିତା ମହାପାତ୍ର, ପଙ୍କଜ ଅଗ୍ରୱାଲ, କେଶବ ମୋଦି ପ୍ରମୁଖଙ୍କ ସହ ସଂଗଠନର ସଂଖ୍ୟାଧିକ ସଦସ୍ୟ ଉପସ୍ଥିତ ଥିଲେ।




## 'ବଳରାମ ଦାସ ଓ ଲକ୍ଷ୍ମୀପୁରାଣ' ଆଲୋଚନାଚକ୍ର



ବାଲେଶ୍ୱର,୧୫।୧୨(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ 'ବଳରାମ ଦାସ ଓ ଲକ୍ଷ୍ମୀପୁରାଣ' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବରିଷ୍ଠ ଗବେଷକ ଡ. ହରିଶ୍ଚନ୍ଦ୍ର ବେହେରା ଓ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡଃ. ସନ୍ତୋଷ କୁମାର ନାୟକ ଓ ଗବେଷକ ଡ. ରମାକାନ୍ତ ନାୟକ ବକ୍ତା ଭାବେ ଯୋଗଦେଇ ଲକ୍ଷ୍ମୀପୁରାଣ ସଂପର୍କରେ ଆଲୋଚନା କରିଥିଲେ। ଷୋଡ଼ଶ ଶତାବ୍ଦୀରେ ବଳରାମ ଦାସ ଲକ୍ଷ୍ମୀପୁରାଣ ମାଧ୍ୟମରେ ଜାତିପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ସ୍ୱଚ୍ଛତା, ସମାଜ ସଚେତନତା ଓ ନାରୀମାନଙ୍କ ଆଚାର ବ୍ୟବହାର ସଂପର୍କରେ ଅନେକ କଥା ଉଲ୍ଲେଖ କରିଛନ୍ତି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ କଲ୍ୟାଣୀ ନନ୍ଦ, ବାସନ୍ତୀ ଦେ, ସ୍ନିଗ୍ଧା ସାମନ୍ତରାୟ, ଅର୍ଚ୍ଚନା କର, ତୃପ୍ତିରଣୀ ପାତ୍ର, ପୁଷ୍ପଲତା ଚକ୍ରବର୍ତ୍ତୀ, ଅମିତା ଚାନ୍ଦ, ପ୍ରିୟାରାଣୀ ମଲ୍ଲିକ, କୃଷ୍ଣା ପ୍ରଧାନ ଓ ସଙ୍ଗୀତା ରଥ ପ୍ରମୁଖ ଲକ୍ଷ୍ମୀପୁରାଣର କିଛି ଅଂଶ ଗାନ କରିଥିଲେ। ସଂଗଠନ ସଂପାଦକ ତପନ ରାୟ ପ୍ରାକ୍ କଥା ରଖିଥିବା ବେଳେ ଦୀପକ ବୋଷ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ମଞ୍ଚ ଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଦିବଙ୍ଗତ ସାରସ୍ୱତ ସାଧକ ଡ. ବଂଶଧର ଚୌଧୁରୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ରାଉତ, ଡ. ଶିରୀଶ ଚନ୍ଦ୍ର ଜେନା, ଅରୁଣା ରାୟ, ଡ. ଲକ୍ଷ୍ମଣ ବିଶ୍ୱାଳ, ଶରତ ମହାପାତ୍ର, ଡ. ଅରୁଣ ମହାପାତ୍ର, ହେମେନ୍ଦ୍ର ମହାପାତ୍ର, ସୁନାମଣା ଜେନା, ରିତେଶ ଦାଶ, ଦେବାଶିଷ ସିଂହ, ଶାନ୍ତନୁ ଜେନା, ଲମ୍ବୋଦର ନାୟକ, ବେଣୁଧର ସାହୁ, କମଳାକାନ୍ତ ରଣା, ମଞ୍ଜୁଲତା ଦାସ, ରଞ୍ଜନା ଦାସ, ଉର୍ମିଳା ନାୟକ, ଅନାଦି ଚରଣ ଜେନା, କରୁଣାକର ସ, ରତିକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଆମ ପରମ୍ପରା ଟ୍ରଷ୍ଟର ବାର୍ଷିକ ଉତ୍ସବ

ବାଲେଶ୍ୱର,୧୫।୧୨(ସମିସ): 'ଆମ ପରମ୍ପରା ଟ୍ରଷ୍ଟ'ର ଏକାଦଶତମ ବାର୍ଷିକ ଉତ୍ସବ "ସମ୍ପର୍କ" ୨୦୨୫ ଟ୍ରଷ୍ଟର ସଭାପତି ବିକର୍ତ୍ତନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ ଉଦଘାଟନ କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ମୁରଲୀଧର ନାୟକ ପ୍ରାକ୍ ସୂଚନା ଦେଇଥିଲେ। ପରେ ନଅଟି ସଂକୀର୍ତ୍ତନ ମଣ୍ଡଳୀ ଯଥା ଜଗନ୍ନାଥପୁର, କୁକୁଡାପଦା, ବାରବାଟିଆ, ନରସିଂହପୁର, ଛଚିନା, ପାଟଣା ରାୟପୁର, କଷାଫଳ, ବସ୍ତା ଓ ସିଲଡକୁ ନେଇ ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟା ଅଧିବେଶନରେ ମୁଖ୍ୟଅତିଥି ଭାବେ ସହଦେବଖୁଣ୍ଟା ଥାନାଅଧିକାରୀ ବିରଞ୍ଚି ନାରାୟଣ ସାହୁ, ପଣ୍ଡିତ ମନ୍ମଥ ମିଶ୍ର, ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ହରିହର ନାୟକ, ଏବିଇଓ ମୁକ୍ତେଶ୍ୱର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଦିବସ ବ୍ୟାପୀ ସଙ୍କୀର୍ତ୍ତନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ସିଲଡ, ଦ୍ୱିତୀୟ ସ୍ଥାନ ବାରବାଟିଆ ଓ ତୃତୀୟ ସ୍ଥାନ ପାଟଣା ରାୟପୁର ଅଧିକାର କରିଥିଲେ। ନଅଟି ସଂକୀର୍ତ୍ତନ ମଣ୍ଡଳୀଙ୍କୁ ସଂକୀର୍ତ୍ତନ ଗୁରୁ ତ୍ରିଲୋଚନ ପରିଡା ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ସାରସ୍ୱତ ସାଧକ ନିରଞ୍ଜନ ଖୁଣ୍ଟିଆଙ୍କୁ ଟ୍ରଷ୍ଟ ସମାଜସେବୀ ସମ୍ବର୍ଦ୍ଧନା, ସାମ୍ବାଦିକା ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତିଙ୍କୁ ଶୁଭଙ୍କର ପିରି ଯୁବ ସାମ୍ବାଦିକ ସମ୍ବର୍ଦ୍ଧନା, ସମ୍ପୂର୍ଣ୍ଣା ସାହୁଙ୍କୁ ନିତ୍ୟାନନ୍ଦ ନାୟକ ସମ୍ମାନ ପ୍ରଦାନ କରାଯାଇଥିଲା। ସତ୍ୟଭାମା ମୁଦୁଲି ମଞ୍ଚ ଆହ୍ୱାନ ଏବଂ ଅମରେନ୍ଦ୍ର ଦାସ, ରଞ୍ଜିତ ପରିଡ଼ା, ଚନ୍ଦ୍ରକାନ୍ତ ବେହେରା ମାନପତ୍ର ପାଠ କରିଥିଲେ। ମହେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସୁରେଶ ଚନ୍ଦ୍ର ଜେନା, ନିରଞ୍ଜନ ସାହୁ ଓ ଜଗଦୀଶ ଚନ୍ଦ୍ର ଦେ ବିଚାରକ ଭାବେ ଯୋଗ ଦେଇଥିବା ବେଳେ ସଭ୍ୟ ବିଥିକାରାଣୀ ପଟ୍ଟନାୟକ, ଅମୃତି ଦାସ, ସଂଗୀତା ରଥ, ଗୌର ଗୋପାଳ ଦେ, କଞ୍ଚମଣି ସ୍ୱାଇଁ, ଲୋକନାଥ ପିରୀ ଅମ୍ରିତା ପିରୀ, କଳ୍ପନା ନାୟକ, ଦିଲ୍ଲୀପ ରାଉତ, ଗୀତାଞ୍ଜଳି ପାଣିଗ୍ରାହୀ ଓ ପଦ୍ମାବତୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୃହରକ୍ଷୀ ପରୀକ୍ଷା ଦେଲେ ୬ ହଜାର ଆଶାୟୀ



ବାଲେଶ୍ୱର,୧୫।୧୨(ସମିସ): ବାଲେଶ୍ୱରରେ ହୋମଗାର୍ଡ (ଗୃହରକ୍ଷୀ) ଚାକିରି ପାଇଁ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପୁଲିସ ପକ୍ଷରୁ ଏହି ପରୀକ୍ଷା ପୁଲିସ ଲାଇନ ପଡିଆରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୯ ହଜାର ୩ଶହ ଆଶାୟୀ ପରୀକ୍ଷା ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ ୬ହଜାର ଆଶାୟୀ ପରୀକ୍ଷା ଦେଇଥିଲେ। ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ଆଶାୟୀମାନେ ଶାରୀରିକ ପରୀକ୍ଷା ଦେବେ।

## ମଡର୍ଣ୍ଣ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା




ବାଲେଶ୍ୱର,୧୫।୧୨(ସମିସ): ମେଘଡମ୍ବରୁସ୍ଥିତ ମଡର୍ଣ୍ଣ ପବ୍ଲିକ ସ୍କୁଲର ୨୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଆଜି ଉଦ୍‌ଘାଟିତ ହୋଇଯାଇଛି। ମହିଳା ହକି ଷ୍ଟାର ନମିତା ଟପ୍ପୋ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁଇ ଦିନିଆ କ୍ରୀଡା ଉତ୍ସବକୁ ଉଦଘାଟନ କରି କ୍ରୀଡା ପ୍ରତି ଆଗ୍ରହୀ ଛାତ୍ରଛାତ୍ରୀଙ୍କୁ ପାରିବାରିକ ସ୍ତରରୁ ପ୍ରୋତ୍ସାହନ ଦେବା ଆବଶ୍ୟକ। କଠିନ ପରିଶ୍ରମ ତଥା ଅଧ୍ୟବସାୟ ଫଳରେ ଜଣେ ସଫଳ କ୍ରୀଡାବିତ ହୋଇପାରିବେ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗଦେଇ କ୍ରୀଡା ଉତ୍ସବରେ ଅଂଶ ଗ୍ରହଣ କରିଥିବା ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମ ଚେୟାରମ୍ୟାନ ସଞ୍ଜୟ ଦାସ ଯୋଗଦେଇ ବିଦ୍ୟାଳୟର ଶିକ୍ଷାଦାନର ଧାରା ସାଙ୍ଗକୁ କ୍ରୀଡାକୁ ପ୍ରୋତ୍ସାହନ ଦିଆଯାଉଥିବା ସମ୍ପର୍କରେ ମତ ରଖିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ପ୍ରଜ୍ଞା ପାରମିତା ପୃଷ୍ଟି ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ୧୫ଶହରୁ ଅଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଉପାଧ୍ୟକ୍ଷ ରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

## ରକ୍ତଦାନ ଶିବିର; ଶହେ ୟୁନିଟ୍ ସଂଗୃହୀତ

ବାଲେଶ୍ୱର,୧୫।୧୨(ସମିସ): ମହାରାଜା ବୈକୁଣ୍ଠ ନାଥ ଦେବ ସ୍ମୃତି ସଂସଦ ପକ୍ଷରୁ ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ମାଣିଖମ୍ବସ୍ଥିତ ରାଜବାଟୀ ଛକଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ବ୍ରିଟର ପୂର୍ବତନ ଅଧ୍ୟକ୍ଷ ଆଲୋକ ସାହୁ, କାଉନସିଲର ମୀନା ମହାନ୍ତି, ପୂର୍ବତନ ପୌର ଉପାଧ୍ୟକ୍ଷା ରଶ୍ମିରେଖା ଦେବ, ଯୁବ ନେତା ସରୋଜ ଲେଙ୍କା, ଗୌରାଙ୍ଗ ଦାସ ପ୍ରମୁଖ ଏହି ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ସ୍ୱର୍ଗତ ମହାରାଜା ବୈକୁଣ୍ଠ ନାଥ ଦେବଙ୍କ ସ୍ମୃତିରେ ଆୟୋଜିତ ଏହି ମହତ କାର୍ଯ୍ୟ ବେଶ୍ ପ୍ରଶଂସନୀୟ ବୋଲି କହିଥିଲେ। ପୂର୍ବତନ କାଉନସିଲର ଉମାକାନ୍ତ ଶତପଥୀ, ବରିଷ୍ଠ ନେତା ରବି ନାରାୟଣ ମହାପାତ୍ର, ରାଜେନ୍ଦ୍ର ଚାଟାର୍ଜୀ, ଧିରଜ୍ ମହାନ୍ତି, ସମାଜସେବୀ ଆଶ୍ରିତା ତରେଇ ପ୍ରମୁଖ ଏଥିରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ମହାରାଜା ବୈକୁଣ୍ଠ ନାଥ ଦେବ ସ୍ମୃତି ସଂସଦର ସଭାପତି ସୁଜିତ୍ ଦେବ ଶିବିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ଶିବିରକୁ ସ୍ମୃତି ସଂସଦର ସମ୍ପାଦକ ରାମନାରାୟଣ ଦେଙ୍କ ସମେତ ଗୋପାଳ ଚନ୍ଦ୍ର ଆଢ୍ୟ, ସୁରଜକାନ୍ତ ରଣା, ଶଶୀଭୂଷଣ କର, ହରେକୃଷ୍ଣ ବାରିକ, ପଙ୍କଜ ଦାସ, ଦୀପକ କର, ସଞ୍ଜୟ ଭୂଷଣ କର, ସୁଦର୍ଶନ ମାଝୀ, ବାଦଲ ଚନ୍ଦ୍ର ବାରିକ, ରବୀନ୍ଦ୍ର ମାଝୀ, ସଞ୍ଜୟ ବାରିକ, କରୁଣାକର ସେନାପତି ବିକାଶ ନାୟକ ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ। ଶିବିର ଶେଷସୁଦ୍ଧା ଶହେରୁ ଅଧିକ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।



## ଏସ୍‌ୟୁସିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ




ବାଲେଶ୍ୱର,୧୫।୧୨(ସମିସ): ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଲୋକାଲ କମିଟି ଉଦ୍ୟମରେ ଆଜି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରଥମେ ଏକ ଶୋଭାଯାତ୍ରା ଫାଣ୍ଡି ଛକରୁ ବାହାରି ସହରର ବିଭିନ୍ନ ରାସ୍ତା ପରିକ୍ରମା କରି ଜିଲ୍ଲାପାଳ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲ, ଜିଲ୍ଲା ମୁଖ୍ୟ ହସ୍‌ପିଟାଲ, ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସାସ୍ଥ୍ୟକେନ୍ଦ୍ର ଗୁଡିକରେ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମୀ ନିଯୁକ୍ତି କରିବା, ସମସ୍ତ ଭୂମିହୀନମାନଙ୍କୁ ଘରବାଡି ପଟ୍ଟା ସହିତ ଆବାସ ଯୋଜନାରେ ଦୁଇବଖରା ପକ୍କା ଘର ଯୋଗାଇଦେବା, ଭୂମିହୀନଙ୍କୁ ବିନା ସର୍ତ୍ତରେ ଆୟ, ଜାତି ଓ ବାସିନ୍ଦା ପ୍ରମାଣପତ୍ର ଦେବା, ସରକାର ବନ୍ଦ କରିଥିବା ସମସ୍ତ ପ୍ରାଥମିକ ସ୍କୁଲଗୁଡିକୁ ଅବିଳମ୍ବେ ଖୋଲି ନାମଲେଖା ଆରମ୍ଭ, ମାଦକ ଦ୍ରବ୍ୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ଉଠାଦୋକାନୀଙ୍କୁ ଉପଯୁକ୍ତ ଭାବେ ଥଇଥାନ, ମ୍ୟୁନିସିପାଲଟି ସଫେଇ କର୍ମୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଆଦି ଶୋଭାଯାତ୍ରାରେ ସ୍ଲୋଗାନ ଦେଇ ଦାବି କରିଥିଲେ। ଜିଲ୍ଲାପାଳ ଅଫିସ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାକୁ ପରିଚାଳନା କରିଥିଲେ ଆଞ୍ଚଳିକ କମିଟି ସମ୍ପାଦକ ଉମାକାନ୍ତ ଦାସ। ମୁଖ୍ୟବକ୍ତା ଜିଲ୍ଲା ସମ୍ପାଦକ ନିରାକାର ପାଣ୍ଡବ ବକ୍ତବ୍ୟରେ କହିଥିଲେ ଯେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜନଗଣଙ୍କ ମୌଳିକ ସମସ୍ୟା ସମାଧାନ କରିବାକୁ ଅସମର୍ଥ। ଜନଗଣଙ୍କୁ ବହୁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଡବଲ ଇଂଜିନ ବିଜେପି ସରକାର ଭୂମିହୀନମାନଙ୍କୁ ଘରବାଡି ପଟ୍ଟା ଦେବା ପରିବର୍ତ୍ତେ ପଟ୍ଟା ଥିବା ଲୋକଙ୍କୁ ତାଙ୍କର ଭିଟାମାଟିରୁ ଉଚ୍ଛେଦ କରି ବଡ ବଡ ପୁଞ୍ଜିପତିମାନଙ୍କୁ ଦେଇ ଦେଉଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଜିଲ୍ଲା କମିଟି ସଦ୍ୟ ରବିନ୍ଦ୍ରନାଥ ବେହେରା, କେଶବ ନାୟକ, ସୁଦର୍ଶନ ଦାସ, ତରୁଲତା ବେହେରା, ସବିତା ସିଂ ସରକାରଙ୍କ ଜନମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଆଞ୍ଚଳିକ କମିଟି ସଦସ୍ୟ ପ୍ରଶାନ୍ତ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# ବଢୁଛି ପିଏମ୍ ସୂର୍ଯ୍ୟଘର-ୟୁଏଲଏ ମଡେଲ୍ ଯୋଜନାର ଗ୍ରହଣୀୟତା

ବାଲେଶ୍ୱର, ୧୫।୧୨(ସମିସ)



ସୁଫଳ ଆଣିଲା ପିଏମ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା-ୟୁଏଲଏ ମଡେଲ। ଏହି ଯୋଜନାରେ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନ କରି ଉପଭୋକ୍ତମାନେ ନିଜର ବିଜୁଳି ବିଲ୍‌ରେ ଆଶାତୀତ ହ୍ରାସ କରିବାରେ ସଫଳ ହୋଇଛନ୍ତି। ଖାଲି ସେତିକି ନୁହଁ, ଅନେକ ବିଜୁଳି ଉପଭୋକ୍ତାଙ୍କ ଘରର ବିଦ୍ୟୁତ୍ ବ୍ୟବହାର ପାଇଁ ଶୂନ୍ୟ ୟୁନିଟ ବିଲିଂ ମଧ୍ୟ ହୋଇଥିବା ଦେଖିବାକୁ ମିଳିଛି। ଅକ୍ଷୟ ଶକ୍ତିକୁ ପ୍ରୋତ୍ସାହନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ୍), ପିଏମ୍ ସୂର୍ଯ୍ୟଘର ମୁଫତ ବିଜୁଳି ଯୋଜନା ତଥା ଏହାର ୟୁଟିଲିଟି ଲେଡ ଏଗ୍ରିଗେସନ (ୟୁଏଲ୍ଏ) ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ସ୍ଥାପନକୁ ତ୍ୱରାନ୍ୱିତ କରିଛି। ବିଦ୍ୟୁତ୍ ସଂଯୁକ୍ତ ଘରୋଇ ଉପଭୋକ୍ତାଙ୍କୁ ସ୍ୱଚ୍ଛ, ଭରସାଯୋଗ୍ୟ ଓ କମ୍ ଖର୍ଚ୍ଚରେ ବିଜୁଳି ଯୋଗାଇବା ସହିତ ଉଚ୍ଚ ଗୁଣମାନ ଓ ସୁରକ୍ଷିତ ସୌର ପ୍ୟାନେଲ ସ୍ଥାପନା ସୁନିଶ୍ଚିତ କରିବା ଏହି ପ୍ରୟାସର ମୂଳ ଉଦ୍ଦେଶ୍ୟ। ପିଏମ ସୂର୍ଯ୍ୟଘର ଯୋଜନା ଅଧୀନରେ ଏଯାବତ୍ ୫ହଜାରରୁ ଅଧିକ ଉପଭୋକ୍ତାଙ୍କ ଘରେ ରୁଫଟପ୍ ସୋଲାର ସ୍ଥାପନ କରାଯାଇଥିବାବେଳେ ବିଗତ ବିଜୁଳି ବିଲ୍ ଚକ୍ରରେ ପ୍ରାୟତଃ ୩,୨୮୯ ଜଣ ଉପଭୋକ୍ତାଙ୍କ ଘରେ ଶୂନ ୟୁନିଟ୍ ବିଲିଂ ହୋଇଛି। ଅନ୍ୟ ଉପଭୋକ୍ତାଙ୍କ ବିଦ୍ୟୁତ ବିଲିଂର ଦେୟରେ ମଧ୍ୟ ବେଶ୍ ହ୍ରାସ ଘଟିଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ଏଯାବତ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝରେ ଓ ଯାଜପୁର ଜିଲ୍ଲାର ୮୯୫ଜଣ ଉପଭୋକ୍ତା ନିଜ ଘରେ ୟୁଏଲ୍ଏ ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ସ୍ଥାପନ କରିଥିବା ବେଳେ ବିଗତ ମାସରେ ୨୨୯ ଜଣଙ୍କ ଘରେ ମାସିକ ବିଦ୍ୟୁତ ବିଲ୍ ଆସିଥିଲା ଓ ୨୨୯ ଜଣଙ୍କ ଉପଭୋକ୍ତାଙ୍କ ମଧ୍ୟରୁ ବିଦ୍ୟୁତ୍ ବ୍ୟବହାର ଆଧାରରେ ୧୯୪ଜଣ ଉପଭୋକ୍ତାଙ୍କ ଘରେ ଶୂନ ୟୁନିଟ ବିଦ୍ୟୁତ ବିଲ୍ ଆସିଥିବା ବେଳେ ୨୪ ଜଣ ଉପଭୋକ୍ତାଙ୍କ ବିଦ୍ୟୁତ ବିଲ୍ ରେ ୫୦-୯୦ ପ୍ରତିଶତ ହ୍ରାସ ଥିବାର ପରିଲକ୍ଷିତ ହୋଇଥିଲା ଓ ଅନ୍ୟ ଉପଭୋକ୍ତାଙ୍କ ଘରେ ୪୦ ପ୍ରତିଶତ ପର୍ଯ୍ୟନ୍ତ ବିଜୁଳି ୟୁନିଟ ବିଲିଙ୍ଗରେ ହ୍ରାସ ହୋଇଛି ବୋଲି ଟିପିଏନଓଡିଏଲ୍ ପକ୍ଷରୁ ଦର୍ଶାଯାଇଛି। ଏ ସମ୍ପର୍କରେ ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଗଜାନନ କାଲେ କହିଛନ୍ତି ଯେ ଟିପିଏନଓଡିଏଲ ଉପଭୋକ୍ତାଙ୍କୁ ନିର୍ଭରଯୋଗ୍ୟ ତଥା ଗୁଣାତ୍ମକ ବିଜୁଳି ଯୋଗାଇବା ନେଇ ସର୍ବଦା କାର୍ଯ୍ୟରତ ରହିଛି ଓ ସରକାରଙ୍କ ପିଏମ ସୂର୍ଯ୍ୟଘର ଯୋଜନା ତଥା ୟୁଏଲଏ ମଡେଲରେ ଅଞ୍ଚଳର ବିଦ୍ୟୁତ ଉପଭୋକ୍ତାମାନେ ସ୍ୱଚ୍ଛ, ନିର୍ଭରଯୋଗ୍ୟ ତଥା କମ ଖର୍ଚ୍ଚରେ ଗୁଣାତ୍ମକ ବିଦ୍ୟୁତ ପାଇପାରିବେ ଓ ସେଥିପାଇଁ ସେ ଉପଭୋକ୍ତାଙ୍କୁ ନିକଟସ୍ଥ ଟିପିଏନଓଡିଏଲ କାର୍ଯ୍ୟାଳୟ ଅଥବା ଦେୟମୁକ୍ତ ଗ୍ରାହକ ସେବା ନମ୍ବରରେ ଯୋଗାଯୋଗ କରିବାପାଇଁ ଅନୁରୋଧ କରିଛନ୍ତି। ସେହିପରି ବାଲିଆପାଳ ବ୍ଲକ ଘଣ୍ଟିଆଡି ଅଞ୍ଚଳର ପ୍ରତ୍ୟୁଷ ରଞ୍ଜନ ମହାନ୍ତି କହନ୍ତି ଯେ, ସେ ବିଗତ ଦୁଇ ମାସ ହେବ ୧-କିଲୋୱାଟର ସୋଲାର ପ୍ୟାନେଲ ଘରେ ସ୍ଥାପନ କରିଛନ୍ତି। ଏଥିପାଇଁ ବିଦ୍ୟୁତ ଦେୟ ବାବଦକୁ ବିଲିଂ ବି ଶୂନ୍ୟ ହୋଇଛି। ଏହି ଯୋଜନା ତାଙ୍କ ପାଇଁ ବେଶ୍ ସହାୟକ ହୋଇଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ପିଏମ ସୂର୍ଯ୍ୟଘର ଯୋଜନା ଅନ୍ତର୍ଭୁକ୍ତ ୟୁଏଲଏ ମଡେଲର ଲାଭ ଉଠାଇବା ଖୁବ୍ ସହଜ ଓ ସୁବିଧାଜନକ। ଘର ଛାତରେ ମାତ୍ର ଶହେ ବର୍ଗଫୁଟ ଜାଗା ଓ କୌଣସି ବିଦ୍ୟୁତ୍ ବିଲ୍ ବକେୟା ନ ଥିବା ୧-କିଲୋୱାଟ ସଂଯୁକ୍ତ ଘରୋଇ ଉପଭୋକ୍ତା ମାତ୍ର ୫,୬୨୨ଟଙ୍କାରେ ଏହି ଯୋଜନାର ଲାଭ ଉଠାଇ ପାରିବେ ଓ ନିଜର ବିଦ୍ୟୁତ୍ ବିଲରେ ଆଶାତୀତ ସଞ୍ଚୟ କରି ପାରିବେ। ଏଥିପାଇଁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ତରଫରୁ ୫୫୦୦୦ଟଙ୍କାର ସବ୍‌ସିଡି ସୁବିଧା ମଧ୍ୟ ରହିଛି ଓ ଏ ବିଷୟରେ ଅଧିକ ଜାଣିବା ପାଇଁ ଉପଭୋକ୍ତାଙ୍କୁ ନିକଟସ୍ଥ ଟିପିଏନଓଡିଏଲ କାର୍ଯ୍ୟାଳୟ ଅଥବା ଦେୟମୁକ୍ତ ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ କିମ୍ବା ୧୯୧୨ରେ ଯୋଗାଯୋଗ କରିବାପାଇଁ ଟିପିଏନଓଡିଏଲ ପକ୍ଷରୁ ଦର୍ଶାଯାଇଛି।

- **ଏବେ ୫୬୨୨ ଟଙ୍କାରେ ସ୍ଥାପନ ହେଉଛି ୧ କିଲୋୱାଟ୍ ରୁଫଟପ୍ ସୋଲାର**
- **ଅକ୍ଷୟ ଶକ୍ତିକୁ ପ୍ରୋତ୍ସାହନ ଦିଗରେ ଟିପିଏନ୍ଓଡିଏଲ୍ର ବିଶେଷ ଗୁରୁତ୍ୱ**

## କେବେ ସୁଧୁରିବ ସହରାଞ୍ଚଳର ଦୁର୍ବଳ ଶିକ୍ଷା ବ୍ୟବସ୍ଥା?

# ଶିକ୍ଷକ ଅଭାବ ସାଙ୍ଗକୁ ବାରଣ୍ଡାରେ ପାଠପଢ଼ା






- ଗୋଟିଏ କ୍ୟାମ୍ପସରେ ଶିଶୁବାଟିକାରୁ ଦଶମ ଶ୍ରେଣୀ ପାଠପଢ଼ା
- ସ୍ଥାନାଭାବ ସତ୍ତ୍ୱେ କ୍ୟାମ୍ପସରେ ଚାଲିଛି ୪ ଅଙ୍ଗନବାଡ଼ି କେନ୍ଦ୍ର

ବ୍ରହ୍ମପୁର, ୧୫।୧୨ (ସମିସ): ରାଜ୍ୟରେ ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେବା ପରେ ଶିକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇ ବୈପ୍ଳବିକ ପରିବର୍ତ୍ତନ ଆସିବା କଥା। ତେବେ ପ୍ରକୃତରେ ସରକାରୀସ୍ତରରେ ପ୍ରାଥମିକ ଶିକ୍ଷା ସହିତ ସାମଗ୍ରିକ ଶିକ୍ଷାକୁ କେତେ ପ୍ରାଥମିକତା ଦିଆଯାଉଛି ତାହାର ନଗ୍ନ ଚିତ୍ର ଦେଖିବାକୁ ମିଳିଛି ଖୋଦ ବ୍ରହ୍ମପୁର ସହରରେ। ସହରାଞ୍ଚଳର ବିଦ୍ୟାଳୟରେ ପିଲାମାନେ ବାରଣ୍ଡାରେ ଏପରିକି ଚଟାଣରେ ବସି ପାଠ ପଢ଼ିବା ଭଳି ବିକଳ ଚିତ୍ର ନଜରକୁ ଆସିଛି। କେବଳ ଅଧ୍ୟୟନ ସମୟରେ ନୁହେଁ, ବରଂ ମଧ୍ୟାହ୍ନ ଭୋଜନ ସମୟରେ ମଧ ସ୍ଥାନାଭାବ ଯୋଗୁଁ ପିଲାମାନେ ବାରଣ୍ଡାରେ ଏପରିକି ଖୋଲା ଆକାଶ ତଳେ ବସି ଭୋଜନ କରୁଥିବା ଦେଖିବାକୁ ମିଳିଛି। ସବୁଠାରୁ ବଡ଼କଥା ହେଲା ବିଦ୍ୟାଳୟରେ ସ୍ଥାନାଭାବ ଥିବା ବେଳେ କ୍ୟାମ୍ପସରେ ଗୋଟିଏ କିମ୍ବା ଦୁଇଟି ନୁହେଁ ବରଂ ସେଠାରେ ରହିଛି ୪ଟି ଅଙ୍ଗନବାଡ଼ି କେନ୍ଦ୍ର। ଆଉ ବର୍ତ୍ତମାନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଚିନ୍ତା ହେଉଛି ସେଠାରେ ପୁଣି ଏକ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା କରିବା ନେଇ ଚାଲିଥିବା ଯୋଜନା। ପୂର୍ବରୁ ବିଦ୍ୟାଳୟ ଭିତରେ ମୋଚି ସାହି, ଖରୁଡ଼ାସାହି, ରଙ୍ଗୁଣିବନ୍ଧ ସାହି ଓ ପଞ୍ଚଦେଉଳ ସାହିର ଅଙ୍ଗନବାଡ଼ି କେନ୍ଦ୍ର ରହିଥିବାବେଳେ ବର୍ତ୍ତମାନ ଶଙ୍କରପୁର ସାହିର ଅଙ୍ଗନବାଡ଼ି କେନ୍ଦ୍ରକୁ ବିଦ୍ୟାଳୟ ପରିସରରେ ପ୍ରତିଷ୍ଠା କରିବାକୁ ଯୋଜନା କରାଯାଇଛି। ଏଥିପାଇଁ ବିଇଏମ୍ସି ପକ୍ଷରୁ କ୍ୟାମ୍ପସ୍‌ରେ ସ୍ଥାନ ଚିହ୍ନଟ କରାଯାଇଥିବା ଜଣାପଡ଼ିଛି। ଏଭଳି ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳିଛି ବ୍ରହ୍ମପୁର ମହାନଗର ନିଗମର ୧୩ ନମ୍ବର ୱାର୍ଡ ଅନ୍ତର୍ଗତ ରଙ୍ଗୁଣିବନ୍ଧସାହି ସ୍ଥିତ ସୀମାଦ୍ରି ପଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ। ଗୋଟିଏ କ୍ୟାମ୍ପସରେ ଶିଶୁବାଟିକା ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୮୬ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି।

ଶିଶୁବାଟିକା ଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକସ୍ତରରେ ୬ଟି ଶ୍ରେଣୀରେ ୧୩୩ଜଣ ପିଲାଙ୍କ ପାଇଁ ରହିଛି ୩ଟି ଶ୍ରେଣୀଗୃହ ଏବଂ ୩ଜଣ ଶିକ୍ଷକ। ସେହିଭଳି ୬ଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୫୩ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୩ଟି ପ୍ରକୋଷ୍ଠ ସହିତ ୬ଜଣ ଶିକ୍ଷକ ଅଛନ୍ତି। ଏହିଭଳି ବିଦ୍ୟାଳୟରେ ମୋଟ ୧୧ଟି ଶ୍ରେଣୀ ପାଇଁ ରହିଛି ମାତ୍ର ୬ଟି ଶ୍ରେଣୀଗୃହ ଏବଂ ୬ଜଣ ଶିକ୍ଷକ ମାତ୍ର। ସେଥିମଧ୍ୟରୁ ଜଣେ ଶିକ୍ଷୟିତ୍ରୀ ଆସନ୍ତା ଫେବୃଆରୀରେ ଚାକିରିରୁ ଅବସର ଗ୍ରହଣ କରିବେ। ବିଦ୍ୟାଳୟର ଏଭଳି ସ୍ଥିତି ଯୋଗୁଁ ଗୋଟିଏ ଶ୍ରେଣୀରେ ଦୁଇଟି ଏବଂ ଜରୁରି ପରିସ୍ଥିତିରେ ୩ଟି ଶ୍ରେଣୀର ପିଲାଙ୍କୁ ଜଣେ ଶିକ୍ଷକ ଅଧ୍ୟାପନା ଦେଉଛନ୍ତି।

ବିଦ୍ୟାଳୟର କାର୍ଯ୍ୟାଳୟ ନଥିବାରୁ ଶ୍ରେଣୀ ଗୃହକୁ ଆଲମିରା ଜରିଆରେ ପୃଥକ୍ କରି କାମଚଳା କାର୍ଯ୍ୟାଳୟ କରାଯାଇଛି। ପୂର୍ବ ବିଜେଡି ସରକାର ଅମଳରେ ୧୯୭୨ମସିହାରେ ପ୍ରତିଷ୍ଠା ହୋଇଥିବା ସହରର ଏହି ପୁରାତନ ବିଦ୍ୟାଳୟକୁ ୫ଟି ଅଧୀନରେ ଭିତ୍ତିଭୂମିର ବିକାଶ କରାଯାଇ ପିଲାଙ୍କ ପାଇଁ ଚେୟାର, ଟେବୁଲ ସହିତ ଇ-ଲାଇବ୍ରେରୀ, ଇ-ଲାବୋଟାରୀ ସହିତ ସ୍ମାର୍ଟ କ୍ଲାସ ଆଦିର ବ୍ୟବସ୍ଥା କରାଯାଇଥିଲା। ତେବେ ସରକାର ବଦଳିବା ସହିତ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଥିଲେ ହେଁ କୌଣସି ସମସ୍ୟାର ସମାଧାନ ହୋଇପାରିନାହିଁ। ଯାହାକୁ ନେଇ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ଅଭିଭାବକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ସହରର ଏଭଳି ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଯେ ଶିକ୍ଷାବିଭାଗ ଓ ଜିଲ୍ଲା ପ୍ରଶାସନ ଅବଗତ ନୁହନ୍ତି ଏହା କହିବା ମଧ ଭୁଲ ହେବ। ଏଣୁ ବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ କରିବା ସହିତ ସ୍ଥାନାଭାବକୁ ଦୂର କରିବା ପାଇଁ କ୍ୟାମ୍ପସ୍‌ରେ ନୂତନ ଭାବେ ପ୍ରତିଷ୍ଠା ହେବାକୁ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

## ● ପୁଲିସକୁ ଖୋଲା ଚାଲେଞ୍ଜ

## ରାସ୍ତାରେ ଟଙ୍କା ପକାଇ ଲୁଟିନେଲେ ୫ଲକ୍ଷ

ବ୍ରହ୍ମପୁର,୧୫।୧୨(ସମିସ): ସହରରେ ପୁଣିଥରେ ଆତଙ୍କ ଖେଳାଇଛନ୍ତି ପଲସର ବାଇକ ଚାଳକ। ସୋମବାର ମଧ୍ୟାହ୍ନରେ ରାସ୍ତା ଉପରେ ଟଙ୍କା ପକାଇ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ଗାଡିରେ ଲାଗିଥିବା ଟଙ୍କା ଭର୍ତ୍ତି ବ୍ୟାଗକୁ ଲୁଟି ନେଇଛନ୍ତି ଲୁଟେରା। ଲୁଟର ଶିକାର ହୋଇଥିବା ବରିଷ୍ଠ ନାଗରିକ ସୂର୍ଯ୍ୟ ନାରାୟଣ ସାହୁ ଘଟଣା ସମ୍ପର୍କରେ ଗୋଷାଣିନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣା ସ୍ଥଳରେ ଛାନବିନ ଚଳାଇଛି। ସମ୍ପୃକ୍ତ ଅଞ୍ଚଳ ସମେତ ବ୍ୟାଙ୍କରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି। ପ୍ରାଥମିକ ତଦନ୍ତରୁ ଦୁଇଜଣ ଯୁବକ ପଲସର ବାଇକରେ ଆସି ଏହି କାଣ୍ଡ ଘଟାଇଥିବା ପୋଲିସ ଅନୁମାନ କରୁଛି। ଖୁବଶୀଘ୍ର ଅପରାଧୀଙ୍କୁ କାବୁ କରାଯିବ ବୋଲି ଦୃଢୋକ୍ତି ବାଢିଛି ପୋଲିସ। ଘଟଣାରୁ ପ୍ରକାଶ ଯେ, ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ବଦ୍ରିରାଜନଗର ନିବାସୀ ତଥା ଭାରତୀୟ ବିରଳ ମୃତ୍ତିକାର ଅବସରପ୍ରାପ୍ତ କର୍ମଚାରୀ ହେଉଛନ୍ତି ସୂର୍ଯ୍ୟନାରାୟଣ ସାହୁ। ସୋମବାର କୌଣସି ବ୍ୟକ୍ତିଗତ କାମ ପାଇଁ ସେ ଗୋଷାଣିନୂଆଗାଁ ଏସବିଆଇ ବ୍ୟାଙ୍କକୁ ଯାଇ ୫ଲକ୍ଷ ଟଙ୍କା ଉଠାଇଥିଲେ। ଉକ୍ତ ଟଙ୍କାକୁ ଏକ ବ୍ୟାଗରେ ଭର୍ତ୍ତି କରି ବାଇକର ଦର୍ପଣ ପାଖରେ ଝୁଲାଇ ଘରକୁ ଫେରୁଥିଲେ। ରାସ୍ତାରେ ହରିହରନଗର ଛକରେ ୨ଜଣ ଯୁବକ ତାଙ୍କ ନିକଟକୁ ଆସି 'ମଉସା ତୁମ ଟଙ୍କା ପଡିଗଲା' ବୋଲି କହିଥିଲେ। ସୂର୍ଯ୍ୟନାରାୟଣ ଗାଡିକୁ ରାସ୍ତା କଡରେ ପାର୍କ କରି ପଡିଥିବା ଟଙ୍କା ସଂଗ୍ରହ କରିଥିଲେ। ତେବେ ଉକ୍ତ ଟଙ୍କା ତାଙ୍କର ନଥିଲା। ଟଙ୍କା ଧରି ଗାଡ଼ି ନିକଟକୁ ଆସି ଦେଖିବା ବେଳେ ଟଙ୍କା ଭର୍ତ୍ତି ବ୍ୟାଗଟି ଗାଡ଼ିରୁ ଉଭାନ ହୋଇଯାଇଥିଲା। ସେ ଉକ୍ତ ଦୁଇ ଯୁବକଙ୍କୁ କାବୁ କରିବା ପାଇଁ ସେମାନଙ୍କର ପିଛା କରିଥିଲେ ହେଁ ବିଫଳ ହୋଇଥିଲେ।

## ବ୍ୟବସାୟୀଙ୍କ କବ୍‌ଜାରେ ପାଦଚଲା ରାସ୍ତା

### ● ବିଇଏମ୍‌ସିର କାର୍ଯ୍ୟାନୁଷ୍ଠାନ ଆରମ୍ଭ



ବ୍ରହ୍ମପୁର,୧୫।୧୨(ସମିସ): ବ୍ରହ୍ମପୁର ସହରର ଅନ୍ୟତମ ପ୍ରମୁଖ ସମସ୍ୟା ହେଉଛି ଟ୍ରାଫିକ ନିୟନ୍ତ୍ରଣ। ଦିନକୁ ଦିନ ସହରର ଜନସଂଖ୍ୟା ସହିତ ଯାନବାହାନ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ତେବେ ସହରର ଅଣଓସାରିଆ ରାସ୍ତାଘାଟ ସାଙ୍ଗକୁ ଜବରଦଖଲ ଏହି ସମସ୍ୟାକୁ ଜଟିଳ କରିଦେଉଛି। ରାସ୍ତାର ଉଭୟ ପାଶ୍ୱର୍ରେ ବିଇଏମ୍ସି ପକ୍ଷରୁ ପଥଚାରୀଙ୍କ ସୁବିଧା ପାଇଁ ପାଦଚଲା ରାସ୍ତାର ବ୍ୟବସ୍ଥା କରାଯାଇଥିବା ବେଳେ ତାହାକୁ ନିଜ ଅକ୍ତିଆରରେ ରଖିଛନ୍ତି ଉଭୟ ସ୍ଥାୟୀ ଓ ଠେଲା ଦୋକାନୀ। ଫଳରେ ଯାନବାହାନ ପାର୍କି କରିବା ଏବଂ ଯାତାୟତ କରିବା ଅସମ୍ଭବ ହୋଇପଡୁଛି। ଯଦ୍ୱାରା ସଡ଼କ ଦୁର୍ଘଟଣା ମଧ ବଢିବାରେ ଲାଗିଛି। ଏଭଳି ବାରମ୍ବାର ଅଭିଯୋଗ ପରେ ବିଇଏମସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପୁଲିସ ସହାୟତାରେ ଏନଫୋର୍ସମେଣ୍ଟ ଟିମ ଜରିଆରେ ରାସ୍ତାପାଶ୍ୱର୍ର ପାଦଚଲଣ ରାସ୍ତାକୁ ଜବରଦଖଲ ମୁକ୍ତ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥାନୀୟ ଜନଗହଳିପୂର୍ଣ୍ଣ ତଥା ବ୍ୟସ୍ତବହୁଳ ଅନ୍ନପୂର୍ଣ୍ଣା ବଜାରରୁ ଏହି ଅଭିଯାନ ଆରମ୍ଭ କରାଯାଇଥିବା ଦେଖିବାକୁ ମିଳିଛି। ଏନ୍‌ଫୋର୍ସମେଣ୍ଟ ଟିମ୍ ଜରିଆରେ ବ୍ୟବସାୟୀଙ୍କୁ ତାଗିଦ କରାଯିବା ସହିତ ଆଗାମୀ ଦିନରେ ଖିଲାପ କଲେ ଆର୍ଥିକ ଜରିମାନା ସହିତ ରାସ୍ତାଉପରେ ପ୍ରଦର୍ଶିତ ହେଉଥିବା ସାମଗ୍ରୀକୁ ଜବତ କରାଯିବାକୁ ଚେତାବନୀ ଦିଆଯାଇଛି। ବିଇଏମସିର ଏଭଳି ପଦକ୍ଷେପକୁ ସହରବାସୀ ସ୍ୱାଗତ କରିଛନ୍ତି।

## ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପୁଣ୍ୟତିଥି



ବ୍ରହ୍ମପୁର,୧୫।୧୨(ସମିସ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବହୁମୁଖୀ ସଂଘ ପକ୍ଷରୁ ସୋମବାର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୭୬ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ସ୍ଥାନୀୟ କୋର୍ଟପେଟା ଛକ ସ୍ଥିତ ଶିଶୁ ଉଦ୍ୟାନ ପରିସରରେ ଥିବା ପୋଖରୀରେ ତିଳତର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ସଭାପତି ରାମ କୁମାର ପାତ୍ର, ପ୍ରଭାତ କିରଣ ଷଢଙ୍ଗୀ, ସିମାଞ୍ଚଳ ପଣ୍ଡା, ଡ଼ି. ଡମ୍ବୁରୁ, ବିଷ୍ଣୁ ପଣ୍ଡା, ଉମାକାନ୍ତ ପାଣିଗ୍ରାହୀ, ଜି. ଗୌରୀ ମହାନ୍ତି, ଗଣେଶ ପାଣିଗ୍ରାହୀ, ଟୁନା ପାତ୍ର, ପ୍ରଦୀପ ପ୍ରଧାନ, ଅନିଲ ରଥ, ହିମାଂଶୁ ପାଢ଼ୀ, ଜଗମୋହନ ଆଚାରୀ ଓ ପୂଜାରୀ ସନ୍ତୋଷ ଆଚର୍ଯ୍ୟଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବ୍ରହ୍ମପୁର ସାହିତ୍ୟ ପରିଷଦର ଶୀତକାଳୀନ ସାହିତ୍ୟ ଆସର




ବ୍ରହ୍ମପୁର,୧୫।୧୨(ସମିସ): ସ୍ଥାନୀୟ ଗୋଇଲୁଣ୍ଡି ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ବ୍ରହ୍ମପୁର ସାହିତ୍ୟ ପରିଷଦର ଶୀତ କାଳିନ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। କବି ସୁଶାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆସରରେ ମୁଖ୍ୟଅତିଥି ଭାବେ ସାରସ୍ୱତ ସାଧକ ଡ. ସନ୍ତୋଷ କୁମାର ଦାଶ ଯୋଗଦେଇ ଶୀତ ଋତୁ ସାହିତ୍ୟ ସୃଜନ ନିମନ୍ତେ ଏକ ମାଧ୍ୟମ ହୋଇଥାଏ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ସୁଲେଖକ ମନମୋହନ ରଥ ଯୋଗଦେଇ କବିତା ଓ ସାହିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କବି କେ. ସୀତାରାମ ପାତ୍ର ମଞ୍ଚାସିନ ଥିଲେ। ଆସରରେ ସମ୍ପାଦକ ବି. ସତ୍ୟମ ଅଚାରୀ ସମ୍ପାଦକୀୟ ପାଠ କରିଥିଲେ। କବି ନୀହାରିକା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ସୁଲେଖିକା ଅଞ୍ଜଳି ଦାଶ ଶୀତକୁ ନେଇ ଏକ ଅଣୁଗଳ୍ପ ପାଠ କରିଥିବା ବେଳେ କବି ଧ୍ରୁବ ବେହେରା, କ୍ଷଣପ୍ରଭା ଶତପଥୀ, ଜ୍ୟୋସ୍ନା ପାଣି, ମଧୁସ୍ମିତା ସାହୁ, ବିଦ୍ୟୁତପ୍ରଭା ଶତପଥୀ, ଶଙ୍କର୍ଷଣ ତ୍ରିପାଠୀ, ଗଙ୍ଗାଧର ମହାକୁଡ଼, ପ୍ରମୋଦ ପଣ୍ଡା, ତପନ ପଟ୍ଟନାୟକ, ପ୍ରଦୀପ କୁମାର ଷଡ଼ଙ୍ଗୀ, ଅମିତା ମିଶ୍ର, ଲିପ୍ସା ମହାରଣା, କିଶୋରୀ ମହାରଣା, ପ୍ରଶାନ୍ତ କୁମାର ଅଚାରୀ, ପଦ୍ମିନୀ ମିଶ୍ର, ଶରତ କୁମାର ଦାଶ, ବିଷ୍ଣୁପ୍ରିୟା ମିଶ୍ର, ସ୍ୱର୍ଣ୍ଣମୟୀ ପାଢ଼ୀ, ସୁଦାଞ୍ଜଳି ମିଶ୍ର ଓ କାଳୀ ପ୍ରସାଦ ରାଓ ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କବି ପ୍ରଫୁଲ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲ୍ଲାପାଳ, ବିଇଏମ୍ସି କମିଶନର ଓ ବ୍ରହ୍ମପୁର ଏସ୍‌ପିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମୀକ୍ଷା

## ଜୁନିଅର ନ୍ୟାସ୍‌ନାଲ୍ ଟେନିସ୍ ବଲ୍ ଚାମ୍ପିଅନସିପ୍‌ରେ ଗଞ୍ଜାମର ୬ ଖେଳାଳି



ବ୍ରହ୍ମପୁର,୧୫।୧୨(ସମିସ): ଉତ୍ତରପ୍ରଦେଶର ଆଗ୍ରା ଠାରେ ଚଳିତ ମାସ ୧୮ ରୁ ୨୧ତାରିଖ ପର୍ଯ୍ୟନ୍ତ ୩୩ତମ ଜୁନିଅର ନ୍ୟାସନାଲ ଟେନିସ ବଲ କ୍ରିକେଟ୍ ଚାମ୍ପିଆନସିପ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ୧୪ଜଣିଆ ଦଳ ଅଂଶଗ୍ରହଣ କରିବ। ଘୋଷିତ ରାଜ୍ୟ ଦଳରେ ଗଞ୍ଜାମ ଜିଲ୍ଲାର ଉଭୟ ବାଳକ ଓ ବାଳିକା ବର୍ଗରେ ୬ଜଣ ଖେଳାଳି ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। ବାଳିକା ଦଳରେ ଅର୍ପିତା ବେହେରା, ସୁଦିପା ଷଡଙ୍ଗୀ, ଶୀବାନି ପ୍ରଧାନ ଓ ଶ୍ୟାମପ୍ରିୟା ସ୍ୱାଇଁ ସ୍ଥାନ ପାଇଥିବା ବେଳେ ବାଳକ ଦଳରେ ପି. ଦିବାକର ପାତ୍ର ଓ ଟି. ଅମନ କୁମାର ସ୍ଥାନ ପାଇଛନ୍ତି। ସମସ୍ତ ଖେଳାଳି ଆଗ୍ରା ଅଭିମୁଖେ ସୋମବାର ଯାତ୍ରା ଆରମ୍ଭ କରିଥିବା ବେଳେ ଗଞ୍ଜାମ ଜିଲ୍ଲା ଟେନିସ ବଲ କ୍ରିକେଟ୍ ଆସୋସିଏସନର ସଭାପତି ଦୁଷ୍ମନ୍ତ ପାଢୀ ଓ ସମ୍ପାଦକ ସଞ୍ଜୟ ବିଷୋୟୀ ସେମାନଙ୍କୁ ଭଲ ପ୍ରଦର୍ଶନ ଲାଗି ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାର ସମସ୍ତ ଖେଳାଳୀ ଉତ୍ତମ ପ୍ରସ୍ତୁତି କରିଥିବାରୁ ଓଡ଼ିଶା ଟିମରେ ଭଲ ପ୍ରଦର୍ଶନ କରିବେ ବୋଲି କୋଚ୍ ପ୍ରୀତିରଞ୍ଜନ ଓ ମ୍ୟାନେଜର ପି.ନନ୍ଦିନୀ ଆଶା ରଖିଛନ୍ତି।

## ରାଜୀବ ଆବାସ କଲୋନୀ ପମ୍ପହାଉସ୍

# ବକେୟା ବିଦ୍ୟୁତ୍ ବିଲ୍ ୪ଲକ୍ଷ ୯୭ହଜାର

ବ୍ରହ୍ମପୁର,୧୫।୧୨(ସମିସ): ବ୍ରହ୍ମପୁର ମହାନଗର ନିଗମର ୨୮ନମ୍ବର ୱାର୍ଡ ନେହେରୁନଗର ଆଗୁଲାବନ୍ଧ ନିକଟସ୍ଥ ରାଜୀବ ଆବାସ କଲୋନୀରେ ଦେଖିବାକୁ ମିଳିଛି ଅଭାବନୀୟ ପରିସ୍ଥିତି। ୫ରୁ ୬ବର୍ଷ ପୂର୍ବେ ବସ୍ତିବାସିନ୍ଦାଙ୍କୁ ବିଇଏମ୍ସି ପକ୍ଷରୁ ଗୃହନିର୍ମାଣ କରାଯାଇ ଥଇଥାନ କରାଯାଇଥିଲା। ପ୍ରାୟ ୧୧ଟି ବହୁତଳ ବିଶିଷ୍ଟ କୋଠାରେ ୩୩୨ଟି ଘର ନିର୍ମାଣ କରାଯାଇଥିଲା। ସମସ୍ତ ଘର ଆବଣ୍ଟନ ହୋଇନଥିଲେ ହେଁ ଅଧିକାଂଶ ଘରେ ଲୋକେ ବସବାସ କରୁଥିବା ଜଣାପଡ଼ିଛି। ନିୟମ ପ୍ରକାରେ ହିତାଧିକାରୀଙ୍କ ମଧ୍ୟରେ ଏକ ସୋସାଇଟି ଗଠନ କରି କଲୋନୀର ରକ୍ଷଣାବେକ୍ଷଣ ଦାୟିତ୍ୱ ନିଆଯିବା କଥା। ତେବେ ଦୀର୍ଘ ବର୍ଷ ପରେ ମଧ କଲୋନୀ ବାସିନ୍ଦାଙ୍କ ପକ୍ଷରୁ ସେଠାରେ କୌଣସି ସୋସାଇଟି ଗଠନ କରାଯାଇନାହିଁ। ଏଭଳି ପରିସ୍ଥିତିରେ କଲୋନୀର ସମସ୍ତ ଘରକୁ ମୋଟର ଯୋଗେ ପାଣି ଉଠାଇବା ଓ ଯୋଗାଣ ନିମନ୍ତେ ଥିବା ପମ୍ପ ହାଉସର ବିଦ୍ୟୁତ୍ ବକେୟା ବିଲ ଏରିଅର ସହିତ ମୋଟ ୪ଲକ୍ଷ ୯୭ହଜାର ୪୩୮ଟଙ୍କା ରହିଛି। ବକେୟା ବିଲ ବାବଦରେ ଅର୍ଥ ପୈଠ ନହେବାରୁ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା ଏହି ମାମଲାକୁ ଜାତୀୟ ଲୋକ ଅଦାଲତକୁ ନେଇ ସ୍ଥାନୀୟ କର୍ପୋରେଟର ଓ ସମ୍ପୃକ୍ତ ପମ୍ପ ହାଉସର ଡ୍ରାଇଭରଙ୍କ ନାମରେ ନୋଟିସ ଜାରି କରିଥିବା ଜଣାପଡ଼ିଛି। ଏକକାଳୀନ ଏତେ ପରିମାଣର ବିଦ୍ୟୁତ୍ ବିଲ ଦେଖି କଲୋନୀ ବାସିନ୍ଦା ତାଜୁବ ହୋଇଯାଇଛନ୍ତି। କୌଣସି ପରିସ୍ଥିତିରେ ସେମାନେ ଏତେ ପରିମାଣର ବକେୟା ବିଦ୍ୟୁତ ବିଲ ପୈଠ କରିବା ସମ୍ଭବପର ନଥିବା ବେଳେ ସମସ୍ତେ ସମସ୍ୟାର ସମାଧାନ ପାଇଁ ଏକତ୍ରିତ ହୋଇଛନ୍ତି। କଲୋନୀ ବାସିନ୍ଦା ସ୍ଥାନୀୟ କର୍ପୋରେଟର ପାର୍ବତୀ ପ୍ରଧାନଙ୍କ ନେତୃତ୍ୱରେ ବ୍ରହ୍ମପୁର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, କମିସନର ପ୍ରଥମେଷ ଅରବିନ୍ଦ ରାଜେସିର୍କେ ଓ ବିଧାୟକ କେ. ଅନୀଲ କୁମାରଙ୍କ ଦ୍ୱାରସ୍ଥ ହୋଇଥିଲେ। ସମସ୍ୟା ସମ୍ପର୍କରେ ଅବଗତ ହେବାପରେ ଟାଟାପାୱାର ବା ଟିପିଏସଓଡିଏଲ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି କିସ୍ତି ମାଧ୍ୟମରେ ବକେୟା ବିଦ୍ୟୁତ୍ ବିଲ ପୈଠ କରି ଏହାର ସ୍ଥାୟୀ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।




- ପମ୍ପ୍ ଡ୍ରାଇଭର୍‌ଙ୍କ ନାମରେ ବାରମ୍ବାର ନୋଟିସ୍
- ଏକାଠି ହେଲେ କଲୋନୀବାସୀ, ସ୍ଥାୟୀ ସମାଧାନ ଦାବି

ତେବେ ହିତାଧିକାରୀମାନେ ସରକାରୀ ନିୟମ ପ୍ରକାରେ କଲୋନୀରେ ସୋସାଇଟି ଗଠନ ନକରି ଏଭଳି ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଟାଟାପାୱାର ମଧ ପମ୍ପହାଉସ ବାବଦ ବିଦ୍ୟୁତ୍ ବିଲ ମାସିକ ନଦେଇ ଏକକାଳୀନ ଦୁଇ ୩ବର୍ଷର ଦେବା ଉଚିତ ନୁହେଁ ବୋଲି ସମସ୍ତେ ମତ ଦେଇଛନ୍ତି। ସବୁଠାରୁ ବଡକଥା ହେଲା ଉକ୍ତ କଲୋନୀରେ ବହୁ ଘର ଆବଣ୍ଟନ ହୋଇନଥିବା ବେଳେ ଅନେକଙ୍କ ଅନୁପ୍ରବେଶ ରହିଥିବା ଜଣାପଡିଛି। ଅନୁପ୍ରବେଶକାରୀଙ୍କୁ ତୁରନ୍ତ ସେଠାରୁ ଖାଲି କରିବା ଦିଗରେ ମଧ ବିଇଏମସି କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ବ୍ରହ୍ମପୁର କୋର୍ଟ ସମ୍ମୁଖର ହୃଦୟ ବିଦାରକ ଦୃଶ୍ୟ

# କୁନି ଝିଅର ଗୋଡ଼ ବାନ୍ଧି କର୍ମସଂସ୍ଥାନରେ ମା'

ବ୍ରହ୍ମପୁର, ୧୫।୧୨ (ସମିସ): ବ୍ରହ୍ମପୁର କୋର୍ଟ ସମ୍ମୁଖରେ ଦେଖିବାକୁ ମିଳିଛି ଏକ ହୃଦୟବିଦାରକ ଦୃଶ୍ୟ। ଜଣେ ମା' ନିଜର ଛୋଟ ଛୁଆର ଗୋଡ଼କୁ ବାନ୍ଧି ନିଜ କର୍ମସଂସ୍ଥାନରେ ସମୟ ଦେଉଛନ୍ତି। ବୁଲି ବୁଲି ଚା' ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି ମହିଳା ଜଣଙ୍କ। ୪ମାସ ପୂର୍ବେ ସ୍ୱାମୀଙ୍କ ମୃତ୍ୟୁ ପରେ ଜୀବିକା ନିର୍ବାହର କୌଣସି ରାସ୍ତା ନପାଇ ସ୍ୱାମୀ ପୂର୍ବରୁ କରିଥିବା ଚା' ଦୋକାନର ଦାୟିତ୍ୱ ନିଜେ ସମ୍ଭାଳୁଛନ୍ତି। ହେଲେ ପାଖରେ ଥିବା ଛୋଟ ଛୁଆର ଦାୟିତ୍ୱ ସହ ଦୋକାନର ଦାୟିତ୍ୱ ଏକାସଙ୍ଗେ ସମ୍ଭାଳିବା କାଠିକର ପାଠ। ତେଣୁ ଜୀବିକା ପାଇଁ ନିଜକୁ କଠୋର କରିବାକୁ ପଡୁଛି। ନିଜ ୭/୮ବର୍ଷ ବୟସର ମାନସିକ ଅନଗ୍ରସର ଝିଅର ଗୋଡ଼ ବାନ୍ଧି କର୍ମସଂସ୍ଥାନରେ

- ବୁଲିବୁଲି ଚା' ବିକୁଛନ୍ତି ବିଧବା ସନ୍ତୋଷିନୀ
- 'ଜୀବିକା ପାଇଁ କଠୋର ହେବାକୁ ପଡୁଛି'

ନିୟୋଜିତ ହେବାକୁ ପଡୁଛି। ଜିଅଟି ଜନ୍ମରୁ ମାନସିକ ଅନଗ୍ରସର ସହ ମୂକ। ବଡ଼ ଝିଅ କଙ୍କୋରଡ଼ାସ୍ଥିତ ଅଜା ଘରେ ରହି ମାଟ୍ରିକରେ ପାଠ ପଢୁଛି। ସ୍ୱାମୀ ପ୍ରଦୀପ କୁମାର ଷଡ଼ଙ୍ଗୀ ବ୍ରହ୍ମପୁର କୋର୍ଟ ସମ୍ମୁଖରେ ଏହି ଚା' ଦୋକାନ କରିଥିଲେ। ଗତ ଅଗଷ୍ଟ ମାସରେ ହୃଦ୍‌ଘାତରେ ପ୍ରଦୀପଙ୍କର ଅକାଳ ବିୟୋଗ ଘଟିଥିଲା। ଏଭଳି ସ୍ଥିତିରେ କିଛି ଉପାୟ ନପାଇ କୋର୍ଟ ସମ୍ମୁଖରେ ଥିବା ସ୍ୱାମୀଙ୍କ ଚା' ଦୋକାନକୁ ଚଳାଇବାକୁ ସ୍ଥିର କରିଥିଲେ ସନ୍ତୋଷିନୀ। ପ୍ରତ୍ୟହ କୋର୍ଟ ସମୟରେ ସାନ ଝିଅକୁ ସାଙ୍ଗରେ ନେଇ ଦୋକାନକୁ ଆସନ୍ତି। ପ୍ରଥମେ ଝିଅର ଗୋଡ଼କୁ ଦୋକାନ ସମ୍ମୁଖ ଏକ ଚୌକି ସହିତ ବାନ୍ଧିବା ପରେ ନିଜର ବ୍ୟବସାୟ ଚଳାଇଥାନ୍ତି। ମାନସିକ ଅନଗ୍ରସର ଝିଅଟି କଥା କହିବାରେ ଅକ୍ଷମ ଥିବାବେଳେ ଏଣେତେଣେ ଚାଲିଯାଉଥିବାରୁ ତା'ର ଗୋଡ଼କୁ ବାନ୍ଧିବାକୁ ବାଧ ହେଉଛନ୍ତି ସନ୍ତୋଷିନୀ। ରାମନଗର ଅଞ୍ଚଳରେ ଭଡ଼ାଘର ସାଙ୍ଗକୁ ଠେଲା ଦୋକାନଟି ମଧ ଭଡ଼ା ସୂତ୍ରରେ ରହିଛି। ସେପଟେ ଦୁଇ ଝିଅଙ୍କ ସହିତ ନିଜର ଗୁଜୁରାଣ ମେଣ୍ଟାଇବା କଷ୍ଟକର। ପରିବାରର ମାସିକ ଖର୍ଚ୍ଚ ୧୨ରୁ୧୫ହଜାର ଯୋଗାଡ଼ କରିବା ତାଙ୍କ ପକ୍ଷେ ସମ୍ଭବପର ହେଉନଥିବା କହିଛନ୍ତି ସନ୍ତୋଷିନୀ। ହେଲେ ଜୀବନ ସଂଘର୍ଷରେ ହାର ମାନିନାହାନ୍ତି ସେ। କାହା ଆଗରେ ହାତ ପାତିବା ଅପେକ୍ଷା କଷ୍ଟକରି ଦୁଇ ପଇସା ରୋଜଗାର କରି ସବୁକିଛି ଭଗବାନଙ୍କ ଇଚ୍ଛାରେ ଛାଡ଼ି ଦେଇଥିବା କୁହନ୍ତି ସନ୍ତୋଷିନୀ।

